ସେପ୍ଟେମ୍ବର ୨୦୨୪



Photo by Dr. Ranjit Ku Sahu, USA

# ISSN NO – 2582-208X

**VOLUME-10 : ISSUE NO-08/2024**


[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X



# ସମ୍ପାଦକୀୟ



ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ଭାରତରେ ପ୍ରତ୍ୟେକ ରାଜ୍ୟରେ ସର୍ବନିମ୍ନ ୨ଟି ଭାଷା ବ୍ୟବହାର କରାଯାଉଛି । କିନ୍ତୁ ପ୍ରାୟତଃ ସବୁ ରାଜ୍ୟରେ ବା କେନ୍ଦ୍ରଶାସିତ ଅଞ୍ଚଳରେ ସମସ୍ତ କ୍ଷେତ୍ରରେ ଇଂରେଜୀ ଭାଷାର ପ୍ରଚଳନ ଅଧିକ ମାତ୍ରାରେ ହେଉଛି । ଏଠାରେ ଆମେ ଅନେକ ଦେଶ ଯେଉଁମାନେ ସେମାନଙ୍କ ନିଜ ଭାଷାକୁ ପ୍ରାଧାନ୍ୟ ଦେଉଛନ୍ତି, ସେମାନଙ୍କ ବିଷୟରେ କିଛି ଜାଣିବା । ଜାପାନ, ଚୀନ, ଜର୍ମାନ, ଫ୍ରାନ୍ସ, ସ୍ପେନ୍, ରଷିଆ ଭଳି ଆମେ ନିଜ ଭାଷାର ପ୍ରଚାର କରିପାରୁନେ ଆଉ ଇଂରାଜୀ ଭାଷା ଉପରେ ନିର୍ଭର କରୁଛେ । ଆମ ଦେଶରେ ଯେଉଁମାନେ ଇଂରେଜୀ ଭାଷା ଛାଡି ଅନ୍ୟଭାଷାରେ କଥା କୁହନ୍ତି, ତାଙ୍କୁ ପ୍ରାୟତଃ ପ୍ରାଧାନ୍ୟ ଦିଆଯାଏ ନାହିଁ । ଆମେ ସମସ୍ତେ ଚାହୁଁ ଆମ ପିଲା ଇଂରେଜ ମିଡିୟମ ସ୍କୁଲରେ ପଢୁ । କିନ୍ତୁ ରିସର୍ଚ୍ଚ ରୁ ଜଣାପଡେ ଯଦି ଜଣେ ଛାତ୍ରକୁ ତାର ନିଜ ଭାଷାରେ ପ୍ରାଧାନ୍ୟ ଦେଇ ପଢାଯାଏ ତେବେ ସେ ଇଂରାଜୀ ମିଡିୟମରେ ପଢୁଥିବା ଛାତ୍ରଙ୍କ ଅପେକ୍ଷା ଅଧିକ ବିଚକ୍ଷଣ ହୋଇପାରିବ ଆଉ ସଫଳ ମଧ୍ୟ । ଏହି ରିସର୍ଚ୍ଚ ବିଶ୍ୱର ଅନେକ ଦେଶରେ କରାଯାଇଥିଲା ।

ସଂସ୍କୃତ ଭାଷା ହେଉଛି ପୃଥିବୀର ସବୁଠାରୁ ପୁରୁଣା ଭାଷା । ଆଉ ଏହି ଭାଷାରୁ ଅନେକ ଭାଷାର ଉତ୍ପତି ହୋଇଛି । କିନ୍ତୁ ଆମେ ଏହି ଭାଷାକୁ ଅଧିକ ପ୍ରାଧାନ୍ୟ ଦେଇନଥାଉ । ଏବେ ମଧ୍ୟ ଭାରତ ବାହାରେ ଅନେକ ଦେଶରେ ଏହି ଭାଷା ଉପରେ ଗବେଷଣା ଚାଲିଛି ଏବଂ

ISSN NO.
2582-208X

ଶିକ୍ଷା ଦିଆଯାଉଛି । କିନ୍ତୁ ଭାରତରେ, ଯେଉଁଠାରେ ଏହାର ଉତ୍ପତ୍ତି ହୋଇଥିଲା, ଏବେ ଏହାର ପ୍ରଚାର ଏବଂ ପ୍ରସାର ଉପରେ ଏତେଟା ଜୋର ଦିଆଯାଉନାହିଁ । ଆମେ ଏବେ ବିଦେଶୀ ଭାଷାକୁ ନିଜ ଭାଷା ରୁପରେ ବ୍ୟବହାର କରିବାରେ ଗର୍ବ ଅନୁଭବ କରୁଛେ ।

ଆମର ଦ୍ୱିତୀୟ ପରାଧିନତା ହେଉଛି ଆମ ଶିକ୍ଷା ପ୍ରଣାଳୀ । ଆମକୁ ଯେଉଁ ଇତିହାସ ପଢାଯାଉଛି ତାହା ହେଉଛି ଇଂରେଜମାନଙ୍କର ବର୍ଣିତ ଇତିହାସ । ଆଗରୁ ଇଂରେଜମାନେ ଭାରତୀୟମାନଙ୍କୁ ପଛରେ ରଖିବା ପାଇଁ "ଇତିହାସ" କୁ ଅସ୍ତ୍ର ରୁପେ ବ୍ୟବହାର କରୁଥିଲେ । ୧୮୬୮ ମସିହାରେ Max Muller ଙ୍କ ଭାଷାରେ **"India has been conquered once, but India must be conquered again and the second conquest should be a conquest by Education"|** ଆମ ଇତିହାସ ବହିରେ ଆମେ କେବଳ ପଢିଛୁ ଆମ ଦେଶ ଉପରେ ଆକ୍ରମଣ କରିଥିବା ଆକ୍ରମଣକାରୀ ମାନଙ୍କ ବିଷୟରେ କିମ୍ବା ମୋଗଲ ଆଉ ଇଂରେଜ ଶାସନ ସମୟର ଇତିହାସକୁ । କିନ୍ତୁ ଆମଭିତରୁ ଅନେକଙ୍କୁ ଜଣା ନଥିବ ଆମର ସ୍ୱର୍ଣ୍ଣିମ ଇତିହାସ ବିଷୟରେ । ଭାରତରେ ଅନେକ ଯୋଦ୍ଧା, ରାଜା, ମହାରାଜା ଅଛନ୍ତି ଯେଉଁମାନଙ୍କ ବିଷୟରେ ଆମ ଇତିହାସ ସଂପୂର୍ଣ୍ଣ ନୀରବ । ଆମେ ଆକବରଙ୍କ ବିଷୟରେ ପଢୁଛେ । କିନ୍ତୁ, ରାଜା ମାନସିଂହ ଙ୍କ ବିଷୟରେ ଜାଣିନେ ଯିଏକି ଆକବରଙ୍କ ସେନାପତି ଥିଲେ ଆଉ ଆକବରଙ୍କ ସାମ୍ରାଜ୍ୟ ବିସ୍ତାରରେ ସବୁଠାରୁ ଅଧିକ ସାହାଯ୍ୟ କରିଥିଲେ । ଆମର ଇତିହାସ ନିଉଟନ୍ ଙ୍କ ବିଷୟରେ ଆମକୁ ଜଣାଉଛି, କିନ୍ତୁ ବ୍ରହ୍ମଗୁପ୍ତ ଙ୍କ ବିଷୟରେ ଆମେ କିଛି ଜାଣିନୁ । ଆମେ ଚୋଳ ବଂଶ ଏବଂ ପାଣ୍ଡ୍ୟା ବଂଶ, ସାତବାହାନ ଏବଂ ଅନେକ ପରାକ୍ରମି ରାଜା ମହାରାଜାଙ୍କ ବିଷୟରେ ଜାଣିନେ । ଆମେ ଜାଣିନୁ **"Ahom Dynasty"** ବିଷୟରେ ଯେଉଁମାନେ ଆସାମକୁ ୬୦୦ ବର୍ଷ ଶାସନ କରିଥିଲେ ଏବଂ ଇଂରେଜମାନଙ୍କୁ ପରାଜିତ ମଧ୍ୟ କରିଥିଲେ ।

ଆମ ଇତିହାସ ବହିରେ **"vedic math"** ବିଷୟରେ କିଛି ପଢାଯାଉନାହିଁ । ଏପରି ଅନେକ ବିଷୟ ଯଥା, କିପରି ଭାରତୀୟ ମାନେ ସବୁଠାରୁ ଅଧିକ ବ୍ୟବସାୟ କରୁଥିଲେ (**Most favoured trading nation**), ପ୍ଲାଷ୍ଟିକ ସର୍ଜରୀ ଏବଂ ଶଲ୍ୟ ଚିକିତ୍ସା ଯାହାକି ପୁରାତନ ଭାରତରେ ଆରମ୍ଭ ହୋଇଥିଲା, ଏହା ବିଷୟରେ ବହୁତ କମ ବିଦ୍ୟାର୍ଥୀ ଜାଣିଥିବେ । ଏବେ

ISSN NO.
2582-208X

ମଧ୍ୟ ଆମେ ନ୍ୟାୟାଳୟରେ "My Lord, Lordship", ଏବଂ ଦୈନନ୍ଦିନ ଜୀବନରେ "High Tea, Breakfast, graduation ceremony" ଇତ୍ୟାଦି କହୁବାକୁ ପସନ୍ଦ କରୁଛୁ ।

ଏଥିରୁ ଜଣାପଡୁଛି ଯେ ଆମେ ନଜ ସଭ୍ୟତାକୁ ଭୁଲିଯାଇଛେ, ନଜ ଇତିହାସକୁ ଏବଂ ସଭ୍ୟତାକୁ ଭୁଲିଯାଇ ଆମେ ପରାଧିନତାର ଶିକାର ହୋଇଛୁ ଆମର ଦୈନନ୍ଦିନ ଜୀବନରେ ମଧ୍ୟ । ଏଥିରୁ ଆମକୁ ବାହାରିବାକୁ ପଡିବ ଆଉ ପୁଣି ଆମର ଭାରତୀୟ ସଭ୍ୟତାକୁ ପୃଥିବୀର ସବୁଠାରୁ ଉଚ୍ଚକୋଟୀର ସଭ୍ୟତା ହିସାବରେ ଦେଖାଇବାକୁ ପଡିବ ପୁରା ବିଶ୍ୱ ଦରବାରକୁ । ଏଥିରେ ଆମ ସମସ୍ତଙ୍କ ଅବଦାନ ରହିବା ଅତ୍ୟନ୍ତ ଜରୁରୀ । ଆସନ୍ତୁ ଏଥିପାଇଁ ଆମେ ସଂକଳ୍ପ ନେବା ଆଉ ଏହା କରିଦେଖାଇବା ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୪ |
| ସେ' ଦିନ ମନ୍ତ୍ରୀ ସଭାକୁ ଆସିଥିଲେ ହେଲିକପ୍‌ଟର ଚଢ଼ି | ଶଶଧର ମହାପାତ୍ର | ୨୪ |
| କବିତାର ନାୟିକା | ଡଃ ମାଙ୍ଗଳିକା ମହାପାତ୍ର | ୩୦ |
| ବିବର୍ତ୍ତନ | ଅଳକା ମହାନ୍ତ | ୩୧ |
| ଅନେକ ଦିନ ପରେ | ଡକ୍ଟର ବିଜ୍ଞାନୀ ଦାସ | ୩୩ |
| ଅନିଚ୍ଛାର ତିନୋଟି ଝିଅ | ଶକୁନ୍ତଳା ଗୁପ୍ତା | ୪୪ |
| ଲିପିବଦ୍ଧ.... | ମଧୁମିତା ମିଶ୍ର | ୪୯ |
| ଏଇତ ଜୀବନ | ଡ. ପ୍ରସନ୍ନ କୁମାର ବଳ | ୫୧ |
| ଲଳିତ ନିବନ୍ଧ - ହାରି ଯାଉଥିବା ହରି | ବଦ୍ରୀ ମହାନ୍ତ | ୫୪ |
| ଗୁରୁ ଦିବସ | ଇଂ. ସୁଶାନ୍ତ କିଶୋର ବଳ | ୫୮ |
| ସ୍ୱପ୍ନାସତ | କାର୍ତ୍ତୀକେଶ୍ୱର ନାୟକ | ୬୦ |
| ଏବେବି ଯାଇନି ଅସମାନତାର ଚିନ୍ତାଧାରା | ଭାସ୍କର ଚନ୍ଦ୍ର ଖଣ୍ଡା | ୬୨ |
| ମହମ ବତୀ | ଶାନ୍ତିଲତା ମିଶ୍ର | ୬୪ |
| ମାତୃଭାଷା | ଆଶୁତୋଷ ମେହେର | ୬୬ |
| ସାବଧାନ | ଛବି ରାଣୀ ପତି | ୬୮ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୭୦ |
| ଜୀବନର ଅପରାହ୍ନ | ବିନୟ ମହାପାତ୍ର | ୭୮ |
| ପଚିଶ ବର୍ଷ ର ଚବିଶ କଥା | ଦିଲ୍ଲୀପ ଶତପଥୀ | ୮୦ |

ISSN NO.
2582-208X


| | | |
|---|---|---|
| ୬ଟି ଅଣୁ ଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୯ |
| ପରାଣର ବନ୍ଧୁ | ଜୟଶ୍ରୀ ପଟ୍ଟନାୟକ | ୯୬ |
| ଶ୍ରାବଣୀ | ଦଣ୍ଡାସି ପ୍ରଧାନ | ୯୭ |
| ତିନି ରଥ | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୧୦୧ |
| ଗୁରୁ ବିନା କାହିଁ ଗତି ? | ସୁଜିତ୍ କୁମାର ମିଶ୍ର | ୧୦୩ |
| ଆଧୁନିକ ଓଡ଼ିଆ ଗୀତି କବିତାରେ ଶୋକ ଗୀତିକାର ଦୃଷ୍ଟିଭଙ୍ଗୀ | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୧୦୬ |
| ଶେଷତମ ସତ୍ୟ | ମନ୍ଦାକିନୀ ପାଢ଼ୀ | ୧୧୧ |
| ଏହା ହିଁ ଜୀବନ | ପ୍ରଦୀପ କୁମାର ସିଂହଦେଓ | ୧୧୩ |
| ଶରତର ଆଗମନୀ | ଅମରନାଥ ବାରିକ | ୧୧୫ |
| କର୍ମପଥ ଧାରେ | ନରୁପମା ପଟେଲ | ୧୧୭ |
| କାଳ ଓ କଳାର ଭିନ୍ନାଭିବ୍ୟକ୍ତି 'ସୂର୍ଯ୍ୟ ଉଇଁଲେ ରାତି' : ଏକ ପାଠକୀୟ ଦୃଷ୍ଟି | ମାନସ କୁମାର ସେନାପତି | ୧୧୯ |
| ରଚନା ହେଉ ମୋ ସମାଜ କଲ୍ୟାଣେ | ଅଜିତ କୁମାର ରାଉତ | ୧୩୧ |
| ମିଛ ଜଗତ | ଅଲେଖ ମେହେର | ୧୩୩ |
| ହୃଦୟର ବିଳାପ | କୁଞ୍ଜବିହାରୀ ରାଉତ | ୧୩୫ |
| ଅଭୁଲା ଅତୀତ | ସୁଲତା ସାହୁ | ୧୩୭ |
| କବି ନୀଳକଣ୍ଠ ମିଶ୍ରଙ୍କ କବିତାରେ ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୁପ | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୩୯ |
| ପଣତ | ଝିଲିମିଲି ସାହୁ | ୧୪୫ |
| ଦହନ | ପଲ୍ଲବୀ ଦାସ | ୧୪୭ |
| ବର୍ଷା | ପ୍ରେମଲାଲ ବାଗ | ୧୫୦ |

ISSN NO.
2582-208X


| | | |
|---|---|---|
| ନୀଳାଦ୍ରି ବିଜେ | ରାମଚନ୍ଦ୍ର ବେହେରା | ୧୫୨ |
| ଏଇତ ଜୀବନ | ଦେବଦତ୍ତା ଦେବୀ | ୧୫୪ |
| ମୋ କଳା କାହ୍ନୁ | ଅମ୍ବିକା ସ୍ୱାଇଁ | ୧୫୯ |
| ଆକାଂକ୍ଷା | ପ୍ରସନ୍ନ କୁମାର ମେହେର | ୧୬୧ |
| ସବିନୟ ଗୁଣ ନର ଆଭୂଷଣ | ବିନୋଦିନୀ ଦାଶ | ୧୬୩ |
| ନିଜ ପାଇଁ ବଞ୍ଚେ ନେତା | ରାଜକିଶୋର ସ୍ୱାଇଁ | ୧୬୫ |
| ଚିନ୍ତା | ଭାରତୀ ମୁଦୁଲି | ୧୬୭ |
| ସମୟ | ସାଇସ୍ମିତା ପ୍ରୀୟଦର୍ଶିନୀ ସାହୁ | ୧୭୧ |
| ବରଷା ରାଣୀ | ଅର୍ପିତା ମହାପାତ୍ର (ସେଲ୍‌ଟେନୀ) | ୧୭୩ |
| ଶ୍ୱେତରୁ ସବୁଜ | ଦେବସ୍ମିତା ମହାନ୍ତ | ୧୭୫ |
| ବନ୍ଧୁତା | ଦୀପକ ନାୟକ | ୧୭୭ |
| ଜଗମୋହନ ରାମାୟଣ ଓ ରାମ ଚରିତ ମାନସର ତୁଳନାତ୍ମକ ସମାଲୋଚନା | ଲକ୍ଷ୍ମୀପ୍ରିୟା ଖିଲାର | ୧୭୯ |
| ପଥର | ବଂଶୀଧର ସା | ୧୯୪ |
| ଅନାହୂତ ଅଭିଳାଷ | ବେଣୁଧର ସୂତାର | ୧୯୬ |
| ଚିରନ୍ତନ ଶାଶ୍ୱତ ପ୍ରେମ | ଭାଗ୍ୟଶ୍ରୀ ନନ୍ଦ | ୧୯୮ |
| ଏମିତି ନାରୀକୁ ଦୂରୁ ଜୁହାର | କୁଞ୍ଜ ବିହାରୀ ସାହୁ | ୨୦୦ |
| ପ୍ରେମ | ସୁଜାତା ପାହାନ | ୨୦୩ |
| ମାଦଳାପାଞ୍ଜିରେ ଶ୍ରୀ ଜଗନ୍ନାଥ ସଂସ୍କୃତି | ତେଜସ୍ୱିନୀ ସାମଲ | ୨୦୪ |
| ସାହିତ୍ୟର କୋଣାର୍କ | ଡକ୍ଟର ଦୀପକ କୁମାର ପ୍ରଧାନ | ୨୧୦ |
| ବର୍ଷାସ୍ନାତ ମହାନଗରୀ | ଡକ୍ଟର ଉତ୍ପଳା ଷଡ଼ଙ୍ଗୀ | ୨୧୪ |
| ମୋ କବିତାର ପ୍ରେରଣା | ଶାଶ୍ୱତୀ ବିଶ୍ୱକଲ୍ୟାଣୀ | ୨୧୬ |

ISSN NO.
2582-208X


| | | |
|---|---|---|
| କାଳିଆ ଡୋରି | ସତ୍ୟନାରାୟଣ ପ୍ରସାଦ ନାୟକ | ୨୧୭ |
| ନୂଆଖାଇ ଆସୁଛି ବୋଲି | ଦିନେଶ ମେହେର | ୨୧୯ |
| ମଧୁ ମାଳତୀ | ଡାଃ. ଅନ୍ଦତା ପଣ୍ଡା | ୨୨୧ |
| ଚିଠି ବାସୁଛି ତୁଳସୀ ତୁଳସୀ | ବାସନ୍ତୀ ଲତା ଜେନା | ୨୧୦ |
| ପ୍ରକୃତିର ଅବଦାନ | ଡ. ଅଭିମନ୍ୟୁ କାନୁନଗୋ | ୨୪୨ |
| ଜଳ ହିଁ ଜୀବନ | ଡ. ସଦା ବିହାରୀ ସାହୁ | ୨୪୪ |
| ମୋ ଭାଷା ଭାରି ବଢିଆ | ଗୀତାଞ୍ଜଳ ମିଶ୍ର | ୨୪୫ |
| ଅହମିକାର ନିଆଁ | ଗୀତା ଷଡ଼ଙ୍ଗୀ | ୨୪୭ |
| ଶେଷ ସମ୍ପତ୍ତି | ଅବିନାଶ ସାହୁ | ୨୪୯ |
| ଶ୍ରୀ ପୁରୁଷୋତ୍ତମ | ଆକୁଳାନନ୍ଦ ପୃଷ୍ଟି | ୨୫୬ |
| ଜନ୍ମଭୂମି | ସୁନନ୍ଦା ମହାନ୍ତ | ୨୫୯ |
| ଝୁରେ ପ୍ରାଣ କଳାକାଞ୍ଚନ | ସିନ୍ଧୁ ନନ୍ଦିନୀ | ୩୬୧ |
| ମେଘ ମହ୍ଲାର | ସୁର୍ତ୍ରୀ ପ୍ରଧାନ | ୨୬୩ |
| ଯାନ ଭଙ୍ଗା ହେରାପଞ୍ଚମୀ | ତ୍ରିପତି ପ୍ରଧାନ | ୨୬୪ |
| କେବେ କେରଳ ତ କେବେ ଅରୁଣାଚଳ | ପ୍ରିୟବ୍ରତ ପାତ୍ର | ୨୬୭ |
| ମୋ ପ୍ରିୟା | ଜନ୍ମଜୟ ନାୟକ | ୨୭୩ |
| ତୋ ଖୁସି ଦେଖି | ଚତରଞ୍ଜନ ବେହେରା | ୨୭୫ |
| ଅନ୍ଧକାର ପାଇଁ ପରା | ରଘୁନାଥ ତ୍ରିପାଠୀ | ୨୭୬ |
| ଭିନ୍ନ ଏକ ବର୍ଷା | ସ୍ୱାଗତିକା ନାଏକ | ୨୭୮ |
| ରଥଯାତ୍ରା ଗାଏ | ଜୟନ୍ତ କୁମାର ମଲ୍ଲିକ୍ | ୨୮୦ |
| ୱାୟନାଡ ଭୂସ୍ଖଳନ ମନୁଷ୍ୟକୁ ଏକ ଚେତାବନୀ | ଅସିତ ମହାନ୍ତ | ୨୮୨ |
| ସଂଭାବନା | ଯଜ୍ଞଦତ୍ତ ସାମନ୍ତରାୟ | ୨୮୮ |

ISSN NO.
2582-208X



| | | |
|---|---|---|
| ଅକୁହା କଥା | ବର୍ଷାରାଣୀ ମହାମଲ୍ଲୀକ | ୨୮୯ |
| ଚାକିରୀର ପୂର୍ବ ଓ ପର | ଜୟ କୁମାର ମିଶ୍ର | ୨୯୧ |
| ଗୁରୁ କୃପା | ଅମୃତନାରାୟଣ ଶତପଥୀ | ୨୯୪ |
| ଯାନ ଭଙ୍ଗା ହେରାପଞ୍ଚମୀ | ତ୍ରିପତି ପ୍ରଧାନ | ୨୯୬ |
| ମାଣବସା ଗୁରୁବାର | ସ୍ୱାଗତିକା ସାହୁ | ୨୯୯ |
| ଭ୍ରମ | ପ୍ରତିଭା ଦାସ | ୩୦୪ |
| ଯାହା କଥାଥିଲା | ନିରଞ୍ଜନ ସାହୁ | ୩୦୬ |
| ଗାନ୍ଧି | ଦେବେନ୍ଦ୍ର ମିଶ୍ର | ୩୦୭ |
| ଅମା-ଆଳୁଅ ର ଲୁଚକାଳି | ବିରଞ୍ଚି ନାରାୟଣ ମିଶ୍ର | ୩୦୮ |
| ମାନୁଛି ମହାପ୍ରୁ | ସୁଧାଂଶୁ ଶେଖର ପାତ୍ର | ୩୧୦ |
| ପାପୀ ମଣିଷର ମୁକତି ନାହିଁ | ନରେନ୍ଦ୍ର ପ୍ରସାଦ ବେହେରା | ୩୧୧ |
| ଭିନ୍ନ ଏକ ଆର୍ତ୍ତନାଦ-ଅରୁଣଙ୍କ ପ୍ରିୟାର | ସନ୍ଧ୍ୟାରାଣୀ ମଲ୍ଲିକ | ୩୧୪ |
| ମୃତ୍ୟୁର ସମୀକ୍ଷା | ପୂଜା ସାହୁ | ୩୧୬ |
| ଫୁଲେଇ କଇଁର ପ୍ରେମ | ଗାୟତ୍ରୀ ବେହେରା | ୩୧୮ |
| ସ୍ୱାଧିନତା ଦିବସ | ବିଷ୍ଣୁପ୍ରିୟା ଦାସ | ୩୨୦ |
| ଅବଶୋଷର ତୃଷ୍ଣା | ଶୁଭଲକ୍ଷ୍ମୀ ସାହୁ | ୩୨୧ |
| ଅନ୍ଧ ପ୍ରେମିକ | ସିଦ୍ଧେଶ୍ୱର ତ୍ରିପାଠୀ | ୩୨୨ |
| ଋତୁରାଜ ବସନ୍ତ | ଡ. ଅର୍ଜୁନ ଚରଣ ବାରିକ୍ | ୩୨୪ |
| କାଳିଆ | ବିଜୟଲକ୍ଷ୍ମୀ ସାମଲ | ୩୨୫ |
| ଏଇତ ଶ୍ରାବଣ ଅଧାହେଲା | ବିଶ୍ୱନାଥ କର | ୩୨୭ |
| ହଁ ଝିଅଟିଏ ମୁଁ | ସିମ୍ରନ୍ ସାହୁ | ୩୨୯ |
| ଆମ ଗାଁର ଦେବୀପୀଠ | ଦୀନବନ୍ଧୁ ବେଜ | ୩୩୧ |

ISSN NO.
2582-208X


| | | |
|---|---|---|
| ଶୂନ୍ୟସ୍ଥାନ | ଯଶସ୍ମିତା ପ୍ରଧାନ | ୩୩୪ |
| ପ୍ରକୃତ ବନ୍ଧୁ | ନନ୍ଦିଘୋଷ ଭୋଇ | ୩୩୬ |
| ତୁ ଓ ମୁଁ | ନନ୍ଦିତା ବଢ଼ାଇ | ୩୩୮ |
| ରାଜା ଝିଅ | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୩୩୯ |
| ଭାବ ବିନୋଦିଆ ଠାକୁର | ରେଖାରାଣୀ ବାରିକ୍ | ୩୪୨ |
| ବୃଦ୍ଧାଶ୍ରମରେ ଏକା ଏକା | ଶଙ୍କର୍ଷଣ କର | ୩୪୪ |
| ସମ୍ପର୍କରେ ପ୍ରେମ ଏକ ପ୍ରଦୂଷଣ ଅଧ୍ୟାୟ | ସୁଶିଲ କୁମାର ଭୋଇ | ୩୪୬ |
| ଶେଷ କବିତା | ଚୈତନ୍ୟ ବାଗ | ୩୫୦ |
| ତୋର ଏ ପହିଲି ସ୍ପର୍ଶ | ପ୍ରଶାନ୍ତ କୁମାର ନାଥ | ୩୫୨ |
| ପାହାଡ଼ କୁ ନେଇ କବିତାଟିଏ | ହରିଶ୍ଚନ୍ଦ୍ର ବେହେରା | ୩୫୪ |
| ଆନନ୍ଦ | ଗୁପ୍ତେଶ୍ୱର ଗୁନ୍ଦ୍ | ୩୫୭ |
| ଶ୍ରୀ ରାମେଷ୍ଟ ଚାଳିଶା | ନରଞ୍ଜନ ମହାରଣା | ୩୫୯ |
| ଘରର ମୁଖ୍ୟ ଦ୍ୱାର ସହ ରହିଛି ଆପଣଙ୍କ ଭାଗ୍ୟ ଓ ଭବିଷ୍ୟତର ସମ୍ପର୍କ | ଜୟନ୍ତୀ ଦେବୀ | ୩୬୫ |
| ମୋବାଇଲ ଠାକୁରାଣୀ | ଅନିରୁଦ୍ଧ ରଣା | ୩୬୭ |
| ଓଡିଶୀ...କୃଷ୍ଣ ପ୍ରେମ ରସ | ସୁହଂସ ଭୋଇ | ୩୭୦ |
| ରଜମଉଜ | ଅଭିଳାଷ ବାରିକ୍ | ୩୭୧ |
| ପ୍ରଥମ କବିତା | ଯାଦବ ରଞ୍ଜନ ପାଣିଗ୍ରାହୀ | ୩୭୩ |
| ଯଦି ମନୁଷ୍ୟ "ଜୀବନ ଦେବତା" ରସ୍ୱ ରୂପକୁ ବୁଝିପାରନ୍ତା | ଅଧ୍ୟାପିକା ରୋଜାଲିନ୍ ବାରିକ୍ | ୩୭୫ |
| ଡିବିରୀ ବତୀ | ଅଭୟ କୁଣ୍ଡ | ୩୭୭ |
| ଲୁହ | ସୁଧୀର ମେହେର | ୩୭୯ |

ISSN NO.
2582-208X


| | | |
|---|---|---|
| ଜଳାଶୟ | ମନୋରଞ୍ଜନ ସୁରୁଜାଲ | ୩୮୧ |
| ତୁମ ବିନା ମୋର | ରାମ ଚନ୍ଦ୍ର ପ୍ରଧାନ | ୩୮୪ |
| ସେଇ ସମୟ | ସୀତାକାନ୍ତ ତୁମୁନଆ | ୩୮୬ |
| ଆଜି ଆସନ୍ତୁ ଜାଣିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜ୍ୱର ହେବା କଥା ସମ୍ବନ୍ଧରେ | ସମ୍ପଦା ଦେବୀ | ୩୮୯ |
| କରିବିନି କିଛି ଅଳି | ଜନ୍ମେଜୟ ନାୟକ | ୩୯୩ |
| ଶ୍ରୀଜଗନ୍ନାଥ ଅଷ୍ଟକମ୍ | ଦେବଯାନୀ ବାରିକ୍ | ୩୯୫ |
| ଅଜଣା ପଥ | ଦୁଷ୍ମନ୍ତ ବେହେରା | ୩୯୮ |
| ଅଭିବ୍ୟକ୍ତିର ସ୍ୱାଧୀନତା | ମମତା ନାୟକ | ୪୦୦ |
| ପ୍ରାକୃତିକ ଶୋଭା | ସନ୍ତୋଷ କୁମାର ବେହେରା | ୪୦୪ |
| ସବୁ ମାୟାରେ ବାୟା | ହରେରାମ ପଣ୍ଡା | ୪୦୫ |
| ଶ୍ରୀମହାଲକ୍ଷ୍ମୀ ଅଷ୍ଟକମ୍ | ଅଳକା ବାରିକ୍ | ୪୦୭ |
| ନଖିନାନୀ ପୁଅ ଭଗିଆ | ତାରାପ୍ରସାଦ ଜେନା | ୪୦୯ |
| ଭୋଟ ସଚେତନତା | ଅଧ୍ୟାପକ ଅବିନାଶ ବାରିକ୍ | ୪୧୧ |
| ଆମେ କେତେ ସ୍ୱାଧୀନ? | ବାଲ୍ମୀକ ନାୟକ | ୪୧୩ |
| ସୁନେଲି ସ୍ୱପ୍ନ | ଖଗେଶ୍ୱର ବାଗ | ୪୧୮ |
| ମନ ମୋର ପ୍ରଜାପତି | ବାଙ୍କାବିହାରୀ ମହାକୁର | ୪୨୦ |
| ଫେରୁଛି  ଶ୍ରାବଣୀ | ଅଜିତ କୁମାର ପାଢ଼ୀ | ୪୨୧ |
| ଜୟ ବାବା ଚମ୍ପେଶ୍ୱର | ଦେବାର୍ଚ୍ଚନ ମେହେର | ୪୨୩ |
| କାଳୀୟ ଦଳନ | ନରେନ୍ଦ୍ର ପ୍ରସାଦ ବେହେରା | ୪୨୫ |
| ଭାଦ୍ର ଆଶ୍ୱିନ ଶରତରେ | ଧ୍ରୁବ ଚରଣ ଘିବେଲା | ୪୨୭ |
| ବୋଉ | ଅଜୟ କୁମାର ରାଉତ | ୪୨୯ |

ISSN NO.
2582-208X


| | | |
|---|---|---|
| ମକର ସଂକ୍ରାନ୍ତି | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୩୧ |
| ଆପଦୁଦ୍ଧାରକ ହନୁମସ୍ତୋତ୍ରମ୍ | ପାର୍ବତୀ ଦେବୀ | ୪୩୨ |
| ସ୍ୱାମୀ ବିବେକାନନ୍ଦଙ୍କର ଏହି ୧୦ଟି କଥା ଦୂର କରିଦେବ ଆପଣଙ୍କର ସମସ୍ତ ଚିନ୍ତା | ଦେବଯାନୀ ବାରିକ୍ | ୪୩୫ |
| ମୁଁ ତୁଠ ପଥର କହୁଛି | କମଳ ଲୋଚନ ବାଉଳ | ୪୩୭ |
| ବନ୍ଧୁରୂପୀ ମଧୁମକ୍ଷୀ | ଜୟଦେବ ମାଝୀ | ୪୪୦ |
| ସନିଆ ଭାଇ ମଦ ପିଉଛ କାଇଁ | ଖୁକୁନ ସାହୁ | ୪୪୩ |
| ଖାଇବା ଥାଳିରେ ଭୂମିକମ୍ପ | ଏମ୍.ବିଜୟ କୁମାର | ୪୪୭ |
| ବର୍ଷା | ମାନସ ଦାସ | ୪୪୯ |
| ଓଳିଆରୁ ଉଭା ହେଲେ ଦାରୁବ୍ରହ୍ମ | ମାଳତୀ ଦେବୀ | ୪୫୨ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୫୫ |
| ଶିବମଂଗଳାଷ୍ଟକମ୍ | ସୁହାସିନୀ ବାରିକ୍ | ୪୫୭ |
| ଆମ ଗାଁ | କୁମର ଲାଲ ରଣା | ୪୫୯ |
| ଆତ୍ମହତ୍ୟା ନୁହେଁ ଶେଷ ବାଟ | ଅନନ୍ତ କୁମାର | ୪୬୨ |
| **ସ୍ୱାସ୍ଥ୍ୟ ବିଭାଗ** | | |
| ଖାଇବା ପୂର୍ବରୁ ଦୁଇ ପାଖୁଡା ରସୁଣର ଫାଇଦା | ଡକ୍ଟର ଅଭିମନ୍ୟୁ କାନୁନଗୋ | ୪୬୫ |
| **ଆଞ୍ଚଳିକ** | | |
| ନୂଆ ସଂଜ୍ଞା | ଗଜାନନ ମିଶ୍ର | ୪୬୭ |
| ଉତ୍ସବର ସଭାନେ | ପ୍ରଭାସିନୀ ଘୋଷୀ | ୪୬୮ |

ISSN NO.
2582-208X


| | | |
|---|---|---|
| ଆମର ଭାସି, ଆମର ଲେଖା | ବ୍ରଜମୋହନ ମେହେର | ୪୭୦ |
| ଭାବର୍ ବନ୍ଧନ୍ 'ରାକ୍ଷୀ ପୁନୀ' | ସୁନୀଲ କୁମାର ଅଗସ୍ତି | ୪୭୭ |
| **ଶିଶୁ ବିଭାଗ** | | |
| ମୋ ଗାଆଁ ପାଳୁଛି ସ୍ୱାଧୀନ ଦିବସ | ଦୀନବନ୍ଧୁ ପୋଇ | ୪୮୨ |
| ତୁମେ ସର୍ବମୟ ପିତା | ନଳନୀ ଦାଶ | ୪୮୪ |
| ପ୍ରେମିକାକୁ ଶେଷଚିଠି | ଅରୁଣ କୁମାର ତ୍ରିପାଠୀ | ୪୮୬ |
| ମଣ୍ଡା ପିଠା ଗୋଲ୍ ଗୋଲ୍ | ନୀଳମଣି ଗୁନ୍ଦ | ୪୯୦ |
| ପରୀକ୍ଷା ଫଳ | ଅନାଦି ଚରଣ ବେହେରା | ୪୯୨ |
| ନିଜ ଯାଗାରେ ନିଜେ ଠିକ୍ | କାଳପ୍ରସାଦ ମହାପାତ୍ର | ୪୯୪ |
| ଗୀତରେ ଗଣିତ | ଅମରନାଥ ବାରିକ୍ | ୪୯୭ |
| ଚିତ୍ର | ଆଦବିକା ପଟ୍ଟନାୟକ | ୪୯୯ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୦୦ |
| ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୦୩ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୦୪ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୭ – ଅବିସ୍ମରଣୀୟ ଘଟଣାମାନ

"ବାଲି ପର୍ ଦେହରେ ଲ୍ଗିଥାନ୍ତା । ମଜା ଲ୍ଗିନଥାନ୍ତା । କନ୍ତୁ ଏଠି ପାଣିରେ ଗାଧୋଇବାକୁ ଶାନ୍ତ ଲ୍ଗିଲ୍ ।"

"ଆପଣଙ୍କର ଲଜିକ ମାନବାକୁ ପଡିବ । କନ୍ତୁ ଶାର୍କ କଥା କ'ଣ ଭୁଲିଗଲେ ।"

"ଶାର୍କ ମୋଟେ ଆସିନଥାନ୍ତା । ଏ ଅଞ୍ଚଳରେ ଶାର୍କ ନାହିଁ ।"

"ଏତେ ଗଭୀର ପାଣିରୁ କେମିତି ଜାଣିନେଲେ ଶାର୍କ ନାହିଁ? ଆପଣ କେଉଁ ଥିଓରି ଦେବାକୁ ଯାଉଛନ୍ତୁ?"

"ଡଲଫିନ ଯେଉଁଠି ରହେ, ସେଇଠି ଶାର୍କ ଆସେନ ।"– ପଦ୍ମଶିବ କହିଲେ ବଡ ସୁନଶ୍ଚିତ ହୋଇ ।

ମହାସମୁଦ୍ରର ଏକ ବଡ ନୟମ ବିଷୟରେ ପଦ୍ମଶିବ କ'ଣ ସତରେ କହୁଛନ୍ତୁ ନା କ'ଣ? ଡଲଫିନ ବୁଲୁଥିବା ଅଞ୍ଚଳରେ ଶାର୍କ ରୁହନ୍ତନ । ଏଇଟା କେତେ ସତ କେତେ ଭୁଲ ଅସୀମ

ISSN NO.
2582-208X

ଜାଣିନଥିଲେ । କିନ୍ତୁ ସେଦିନ ପଦ୍ମଶିବଙ୍କର ନିଜ ବିଶ୍ୱାସ ଉପରେ ଏତେ ପ୍ରତ୍ୟୟ ଦେଖି ଅସୀମ ସ୍ତମ୍ଭୀଭୂତ ହୋଇଯାଇଥିଲେ । ପଦ୍ମଶିବଙ୍କର ଆଖି ଡଲଫିନମାନଙ୍କ ଉପରେ ଲମ୍ବା ଲାଗିରହିଥିଲା । ଆଉ ଅସୀମ କେତେବେଳେ ଡଲଫିନମାନଙ୍କୁ ଅନାଉଥିଲେ ତ କେତେବେଳେ ପଦ୍ମଶିବଙ୍କୁ ଅନାଉଥିଲେ । ସେପଟେ ଡଲଫିନମାନଙ୍କ ଖେଳ ବେଶ କିଛି ସମୟ ପାଇଁ ଲାଗିରହିଲା ଆଉ ଏମାନେ ବୋଟରେ ଚୁପଚାପ ବସି ଦୋଳି ଖେଳିଲା ପରି ସମୁଦ୍ରପାଣିରେ ଦୋହଲୁଥିଲେ ।

"ଡଲଫିନ ସେମାନଙ୍କ ଅଞ୍ଚଳରୁ ଶାର୍କମାନଙ୍କୁ ଘଉଡାଇଦିଏ । ସେମାନେ କେଉଁଠି ଲୋକଟିଏ ପାଣିରେ ବିପଦରେ ପଡିଥିଲେ ତା' ଚାରିପାଖେ ପହଁରନ୍ତି ଯେମିତିକି ଶାର୍କ ପାଖକୁ ନଆସେ । ଆଉ ଡଲଫିନର ମଣିଷକୁ ସାହାର୍ଯ୍ୟ କରିବାର ପ୍ରକୃତି କେଉଁ କାଳର।"-ପଦ୍ମଶିବ କହୁଥିଲେ ।

ଅସୀମ ଡଲଫିନଙ୍କ ବିଷୟରେ ଜାଣିଥିବା ବିଷୟ ଭାବୁଥିଲେ । ଗୋଟିଏ ଦଳରେ ୧୦-୧୨ଟା ଡଲଫିନ ଥାଇପାରନ୍ତି । ଡଲଫିନ ତୀବ୍ର ଗତିରେ ସନ୍ତରଣ କରେ । ବେଳେବେଳେ ତା'ର ଗତି ୨୦ ମାଇଲ ଘଣ୍ଟା ପ୍ରତି ପର୍ଯ୍ୟନ୍ତ ଯାଇପାରେ । ଡଲଫିନମାନଙ୍କ ବ୍ୟବହାର ବନ୍ଧୁତାପୂର୍ଣ । ଏମିତି ବିଶ୍ୱାସ କରାଯାଏ ଯେ ଡଲଫିନ ଗାଧୋଉଥିବା ଲୋକଙ୍କୁ କ୍ଷତି ପହଞ୍ଚାଏ ନାହିଁ । ଏମିତିକି ବୁଡୁଥିବା ଲୋକକୁ ନିଜର ଚେପଟା ମୁହଁଦ୍ୱାରା ଧକ୍କାଦେଇ ଉପରକୁ ଠେଲିଦିଏ ବୋଲି କେହି କୁହନ୍ତି । ଡଲଫିନ ବେଳେବେଳେ ପାଣି ଉପରକୁ ସାମାନ୍ୟ ଡେଇଁଯାଏ ଆଉ ଢେଉରେ ପୁଣି ଖସିପଡେ । ସେମାନେ ପାଣିରେ ଭଲ ସର୍କସ ଖେଳାଳୀ ଭଳି କଳାକୌତୁକ କରିପାରନ୍ତି । ସେମାନେ ସି ଉଇଡ ଆଦିକୁ ନେଇ ନିଜ ଭିତରେ ଫୋପଡା ଫୋପଡି ଖେଳଥାନ୍ତି ।

ଏମାନଙ୍କ ମୁହଁ ସବୁବେଳେ ହସିଲା ଭଳିଆ ଦେଖାଯାଏ । ମା' ଡଲଫିନ ଆଉ ଛୁଆ ଭିତରେ ଗଭୀର ସମ୍ବନ୍ଧ ରୁହେ । ସେମାନେ ଅସୁସ୍ଥ ବା ଆହତ ସାଥିକୁ ସାହାର୍ଯ୍ୟ କରିଥାନ୍ତି। ମଣିଷ ପରି କିଛି ନୂଆ କଥା ଜାଣିବାକୁ ଇଚ୍ଛା କରନ୍ତି ଆଉ ସାମାଜିକ

ISSN NO.
2582-208X

ବ୍ୟବହାର ଦେଖାନ୍ତ । ଡଲଫିନମାନେ ସେମାନଙ୍କର ଶିକାରର ଉପସ୍ଥିତି ବହୁ ଦୂରରୁ ଜାଣିନଅନ୍ତୁ । ସେମାନେ ୦.୨ କଲୋ ହର୍ଜରୁ ନେଇ ୮୦-୧୦୦ କଲୋ ହର୍ଜ ଶବ୍ଦ କରିପାରନ୍ତୁ । ଏହା ଶିକାରର ଉପସ୍ଥିତି ଜାଣିବାକୁ ସହାୟକ ହୋଇଥାଏ । ଶିକାର ମଧ୍ଯ ଏତେ ଜୋର ଜୋର ଶବ୍ଦ ଶୁଣି ସ୍ଥାଣୁ ହୋଇଯାଏ । ଡଲଫିନମାନେ ସାଧାରଣତଃ ଗଭୀର ପାଣିରେ ରୁହନ୍ତୁ ଆଉ କୂଳକୁ ଆସନ୍ତୁ ନାହିଁ । ଡଲଫିନ ବେଶ ବୁଦ୍ଧିମାନ ପ୍ରାଣୀ । ଏହାର ବୁଦ୍ଧିମତା କୁକୁରର ବୁଦ୍ଧିମତାଠାରୁ ଅଧିକା । ସେମାନେ କଛି ସାଧାରଣ ଶବ୍ଦ ମନେ ରଖିପାରନ୍ତୁ ।

ଏଣେ ଡଲଫିନ ଦଳ ଏଠାରେ ବୋଟସହ ତାଳଦେଇ ଯାତ୍ରା କରୁଥିଲେ । ସେମାନଙ୍କର ଦେହର ଥିଲା ରବର ଭଳ ଚକଚକ କଳା ନୀଳ ଆଉ ଏକଦମ ପାଲିସକରା ଚମଡା । ଲାଗୁଥିଲା ଏକ ସର୍କସର ଜିମନାଷ୍ଟ ଭଳ ଟାଇଟ ଫିଟିଙ୍ଗ କପଡା ପିନ୍ଧିଛନ୍ତୁ । ସତେ ଯେମିତି ବୋଟ ସହ ଦୌଡ ଲଗାଇଛନ୍ତୁ । ଆଉ ସେମାନଙ୍କର ପହଁରିବା ବା କଳାକୌତୁକ ଏକ ନଦୀର ପ୍ରବାହ ଭଳ ସାବଲୀଳ ଥିଲା ।

"ପଦ୍ମଶିବ, ଡଲଫିନ ଏକ କୌତୁକଆ ମାଛ । ନାଁ, କଣ କହୁଛନ୍ତୁ ।"- ଅସୀମ କହିଲେ।

"ପାଣିର ଶ୍ରେଷ୍ଠ ଜିମନାଷ୍ଟିକ ।"- ପଦ୍ମଦେବ ଉତ୍ତରଦେଲେ । ସମସ୍ତଙ୍କ ଆଖି ଡଲଫିନମାନଙ୍କର କଳାକୌତୁକ ଉପରେ ଲାଗିରହିଥିଲା ।

## ଘ-ଓ୍ୱାଇଲଡ ଲାଇଫ ଅଫିସରେ କୁମ୍ଭୀର ଅତିଥି

ରାମଦାସ ସେତେବେଳକୁ ଓ୍ୱାଇଲଡ ଲାଇଫର ହେଡକ୍ୱାର୍ଟର କ୍ୟାମ୍ପ ଅଫିସର ।

ସବୁବର୍ଷ ଭଳ କ୍ୟାମ୍ପବେଲ ବେରେ ଏଥର ବହୁତ ବର୍ଷା ହେଲା । ଦିନ ଦିନ ଧରି ବର୍ଷା ଲାଗିଥିଲା, ଆଉ ସବୁ ଜାଗା ଧିରେ ଜଳାର୍ଣବ ହୋଇଯାଉଥିଲା । ଏ ସମୟରେ ଲୋକେ ବାହରକୁ ବେଶି ବାହାରି ପାରନ୍ତୁନ । ଗୁରିଆଡେ ପାଣି । ରାସ୍ତା କେଉଁଠି, ଖାଲ ଖମା

ISSN NO.
2582-208X

କେଉଁଠି କଛି ଜଣାପଡେନା । ତେଣୁ ରାସ୍ତା ଭାବି ଉଣ୍ଡାଳ ଉଣ୍ଡାଳ ଯିବା କଥା । ଅନେକ ତ ଗାତ, ନାଳରେ ପଡି ଖଣ୍ଡିଆଖାବରା ହୋଇଛନ୍ତି । ଏ ତ ରହିଲା ମଣିଷମାନଙ୍କର କଥା । ଗାଈଗୋରୁ ଘର ଭିତରେ ବନ୍ଧା ରହିଛନ୍ତି । କନ୍ତୁ ବାହାରର ଜୀବଜନ୍ତୁ । ମାଙ୍କଡମାନେ ଗଛରେ ବସି ଭିଜିଛନ୍ତି ଆଉ ପକ୍ଷୀମାନେ ନଜ ନଜ ନୀଡରେ ବସି ରହିଛନ୍ତି । ବର୍ଷାରେ କୁହାଯାଇପାରେ ଗ୍ଭଲୁଥିବା ବା ଉଡୁଥିବା ପ୍ରାଣୀମାନେ ନଷ୍କ୍ରିୟ ହୋଇଯାଇଛନ୍ତି । କେବଳ ପାଣିରେ ପହଁରୁଥିବା ପ୍ରାଣୀମାନେ ସକ୍ରୟ ରହିଛନ୍ତି । ପାଖ ନାଳମାନଙ୍କରୁ ମାଛମାନେ ପଡିଆକୁ ଆସିଯାଇଛନ୍ତି । ଲୋକମାନଙ୍କର ଭୋଜି ପାଇଁ ପରେ ମାଛ ସହଜରେ ମିଳଯାଉଛି ।

ଏମିତି ବର୍ଷା ଯୋଗୁ ଅସୀମ ବା ଅନ୍ୟ ଷ୍ଟାଫମାନେ ବେଶି କଛି କରିପାରୁନଥିଲେ । ଅଫିସ ସମୟରେ ଯିବେ । ବନ୍ୟପ୍ରାଣୀ ରେଞ୍ଜର ଷ୍ଟାଫମାନେ ମଧ୍ଯ ବାହାରେ ବୁଲାବୁଲି କରିପାରୁନଥିଲେ ଆଉ ସେମାନଙ୍କ ପାଖକୁ କଛି ଖବର ଆସୁନଥିଲା । ରେଞ୍ଜର ଷ୍ଟାଫମାନେ ମଧ୍ଯ ଅଫିସ କାମ ଉପରେ ବେଶି ଧ୍ଯାନ ଦେଉଥିଲେ । ସମସ୍ତେ କେମିତି ଅଳସୁଆ ହୋଇଯାଉଥିଲେ । ବର୍ଷା ଉପରେ ବେଶ ଆଲୋଚନା ହେଉଥିଲା । ମାଛମାରି ହେଉନ ବୋଲି କେତେଜଣ ପାଟି ଟାକୁଳଆ କହୁଥିଲେ । ମୁଢ଼ି, ବିସ୍କୁଟ ଆଦିର ଗ୍ଭହିଦା ବଢିଯାଇଥିଲା ।

"ଓ୍ୟାଇଲଡ ଲାଇଫ ଅଫିସ କରିଡରରେ କୁମ୍ଭୀର ବୁଲୁଛି ।"

ସକାଳୁ ସକାଳୁ ଏ ଖବର ଜୋରରେ ଫରେଷ୍ଟ କଲୋନୀରେ ବଡ ଚକ୍ରବାତ ତୋଫାନ ଭଳ ବୁଲିଗଲା । ଓ୍ୟାଚମ୍ୟାନ ମୁହଁରୁ ଖବର ଶୁଣି ପଦ୍ମଶିବ ଏକଦମ ଘାବରେଇ ଗଲେ । ରାମଦାସ ତଥା ଅନ୍ୟ ଲୋକମାନେ ଆସିଯାଇଥିଲେ । ଖବର ହିସାବରେ ଠିକ ପଦ୍ମଶିବଙ୍କ ରୁମ ଆଗରେ କୁମ୍ଭୀର ବୁଲୁଛି । ମଧ୍ଯମ ଆକାରର କୁମ୍ଭୀରଟିଏ । ଏସିଏଫଙ୍କ ଅଫିସକୁ ଲାଗି ଥିଲା ରେଞ୍ଜର ପଦ୍ମଶିବଙ୍କ କାର୍ଯ୍ୟାଳୟ । ଡୋମିନକ ରେଞ୍ଜର ଅନ୍ୟ ଯାଗାରେ ନଜ ରେଞ୍ଜରେ ବସୁଥିଲେ । ପଦ୍ମଶିବଙ୍କ କୋଠରୀ ପାଖାପାଖି ଥିଲା ଓ୍ୟାଇଲଡ ଲାଇଫ

ISSN NO.
2582-208X

ମ୍ୟୁଜିଅମ । ସେ ଭିତରେ ବହୁତ ଜୀବଜନ୍ତୁଙ୍କ ଦେହାବଶେଷ ଥିଲା ଆଉ ଥିଲା ଶୋମ୍ୟାନମାନଙ୍କ ବ୍ୟବହୃତ ବହୁ ସାମଗ୍ରୀ । ତଳେ ରହିଥିଲା ସେମାନଙ୍କର ସୁରକ୍ଷାର ବହୁ ଉପକରଣ ।

"ଜଙ୍ଗଲୀ ଜନ୍ତୁ । ତେଣୁ ଓ୍ୟାଇଲଡ ଲାଇଫ ଅଫିସକୁ ଟିକେ ବୁଲି ଆସିଛି ।"- କେହି କେହି ତଳୁଆ ଷ୍ଟାଫ କହିହେଲେ ।

ଅନ୍ୟ ସମୟ ହୋଇଥିଲେ ପଦ୍ମଶିବ, ଡୋମିନକ ବା ଅନ୍ୟମାନେ ହସି ହସି ଗଡିଯାଇଥାନ୍ତେ। ବନ୍ୟପ୍ରାଣୀ ଅଫିସକୁ ଜଙ୍ଗଲୀ ଜନ୍ତୁମାନେ ନଜେ ଚଢୁଛନ୍ତୁ ଜାଣି ସେମାନଙ୍କର ଗର୍ବର ସୀମା ରହିନଥାନ୍ତା । ଯାହାହେଉ ସେମାନଙ୍କର ନାଲି ସବୁଜ ରଙ୍ଗର ପଟ୍ଟୀକୁ ଜଙ୍ଗଲୀ ଜୀବମାନେ ଚହ୍ନିଗଲେଣି । କନ୍ତୁ କୁମ୍ଭୀର କଥା ଶୁଣି ପଦ୍ମଶିବଙ୍କ ଗୋରା ମୁହଁ ଉପରେ ଲାଲ ତକତକ ରକ୍ତ ଜୋରରେ ଓହ୍ଲାଇ ଆସିଲା ଆଉ ତାଙ୍କ ମୁହଁ ସାମାନ୍ୟ କଳା ପଡିଗଲା । କୁମ୍ଭୀର ଜଙ୍ଗଲୀ ଜନ୍ତୁ, କନ୍ତୁ ତା'ର ସ୍ୱାଗତ କରିବା ଶୈଳୀ ଅଲଗା ହେବ। ତା'କୁ କେହି ହାତରେ ଛୁଇଁ ପାରିବେନ । କୁମ୍ଭୀର ହିଂସ୍ର ପ୍ରାଣୀ ଆଉ ତା'ର କାମୁଡାରେ ମଣିଷର ହାତ ବା ଗୋଡ ଛିଣ୍ଡିଯାଇପାରେ । ଆଉ ଯଦି କେଉଁ ଅସାବଧାନ ଲୋକକୁ ଧରି କୁମ୍ଭୀର ଡେଥ ରୋଲ କଲା ତ ଲୋକଟିର ପ୍ରାଣ ଆଉ ରହିବନ ।

ସମସ୍ତେ ବ୍ୟସ୍ତ ହୋଇଗଲେ । କନ୍ତୁ ସାବଧାନ ହୋଇ ରହିଲେ କୁମ୍ଭୀରକୁ ବେଶି ଡରିବାର ନାହିଁ । କୁମ୍ଭୀର ମୁହଁ ପାଖକୁ ଯିବାର ନାହିଁ । କୁମ୍ଭୀର କଛି ଡେଇଁ ଶିକାରକୁ ନଜ ଥୋବଣୀରେ ଜୋରରେ କାମୁଡି ଧରେ । ହରିଣ ଭଳ ଅତି ଚଞ୍ଚଳ ଜନ୍ତୁ ତା'ର ଶିକାର ହୋଇଯାଆନ୍ତୁ । କୁମ୍ଭୀର ପାଣିରେ ଲୁଚ ରହି ହଠାତ୍ ଲମ୍ଫ ଦେଇ ହରିଣ ବା ବାରହା ଭଳ ଜନ୍ତୁଙ୍କୁ ସହଜରେ ଧରିନଏ । କନ୍ତୁ ତାହା ସମ୍ଭବ ହୁଏ କୁମ୍ଭୀରର ଲୁଚଛପି ଆକ୍ରମଣ କରିବାର ଗୁଣ ହେତୁ । ଏଠି ଯେହେତୁ କୁମ୍ଭୀର କରିଡରରେ ବୁଲୁଛି, ତେଣୁ ସେ ସମସ୍ତଙ୍କ ନଜର ଆଗରେ ରହିବ ଆଉ ତା'କୁ ଛପି ଆକ୍ରମଣ କରିବାକୁ ସୁଯୋଗ ମିଳବନ । କୁମ୍ଭୀରର କରିଡରରେ କେବଳ ଗ୍ଳୁଲିପାରିବ ।

ISSN NO.
2582-208X

ତାପରେ କାମସବୁ ଜଲଦି ଜଲଦି କରାଗଲା । ବେଶି ଲୋକ ଅଫିସକୁ ଚଢିଗଲେ ନଜକୁ ସମ୍ଭାଳିବାକୁ ବେଳ ଲାଗିବ ଯେମିତି ବେଶି ଲୋକରେ ମୂଷା ମରେନ । କେବଳ ଚାରି ପାଞ୍ଚଜଣ ଲୋକ ଅଫିସ ଉପରକୁ ଗଲେ । ଅନ୍ୟମାନେ ଛତା ଧରି ବାହାରେ ପାଣିରେ ଠିଆ ହୋଇ ରହିଲେ । ବନ୍ଧା ପଡିଥିବା କୁମ୍ଭୀରର ଟିକଏ ଝଲକ ଦେଖିବା ପାଇଁ ସମସ୍ତଙ୍କ ପ୍ରାଣ ଆକୁଳତ ହେଉଥିଲା । ପ୍ରବଳ ବର୍ଷାରେ ଯଦିଓ ପ୍ରାୟ ଓଦା ହୋଇଯାଉଥିଲେ ତଥାପି କେହି ରାସ୍ତା ଛାଡି ଘରକୁ ଗଲେନ । କେତେକେ ତ ପଡିଆ ଭିତରକୁ ପଶିଯାଇ ଆଣ୍ଠିଏ ପାଣିରେ ଠିଆହୋଇ କୁମ୍ଭୀର ଦେଖିବାକୁ ଅନାଇ ରହିଲେ । କୁମ୍ଭୀର ଆସିବାର କାରଣ ଖୋଜିନଆଗଲା । ଚାରିଆଡେ ଜଳାର୍ଣ୍ଣବ । ଏମିତିକି ଅଫିସ ଆଗରେ ଥିବା ପଡିଆରେ ପାଣି ଭରିଯାଇଛି । ରାସ୍ତା ଉପରେ ମଧ୍ୟ ପାଣି । ତେଣୁ କୁମ୍ଭୀର ଘାବରଇଯାଇ, ବାଟ ନପାଇ ଘରେ ପଶିଯାଇଛି । ଆଉ ଓ୍ୟାଇଲଡ ଲାଇଫ ଅଫିସ ଟିକେ ଉଚ୍ଚରେ ଥିବାରୁ ଚଢିଯାଇଛି ।

ରାମଦାସ ଉପରକୁ ଚଢି ଦେଖିଲା ବେଳକୁ କୁମ୍ଭୀର କରିଡରରେ ଘୋଷାରି ଘୋଷାରି ହୋଇ ଚାଲୁଛି । ସେମାନେ ପାଖକୁ ଗଲେ କୁମ୍ଭୀର ଆଁ କରୁଥିଲା ଆଉ ତା' ଥୋବଣୀଟା ପୁରା ଖୋଲିଯାଉଥିଲା । ଏଡେ ବଡ ମୁହଁରେ ଏକ ମଝି ଆକାରର ଗାଈ ପଶିଯିବ । କୁମ୍ଭୀର ଆଁ କରିବା ଅର୍ଥ କୁମ୍ଭୀରଟି ଡରିଯାଇଛି ଆଉ ଅନ୍ୟମାନଙ୍କୁ ପାଖକୁ ନଆସିବା ପାଇଁ ଚେତାବନୀ ଦେଉଛି । କିନ୍ତୁ ବାଟ ପାଉନଥିବାରୁ ଏଣେତେଣେ ବୁଲୁଛି । କୁମ୍ଭୀରକୁ ବାଟ ଛାଡି ପାଣିକୁ ପଠାଇବାର କିଛି ଅର୍ଥ ନାହିଁ । ଥରେ ତଳକୁ ଚାଲିଗଲେ ସେ ପାଣି ଭିତରକୁ ଆସିଯିବ । ପାଣି ତ ସବୁଆଡେ, ପୁଣି କାହା ଘରେ ପଶିବ ଆଉ ସେଇଟା ମହରଗରୁ କାନ୍ତାରରେ ପଡିବା ଭଳ ହୋଇଯିବ । କୁମ୍ଭୀର ଥିବା ନାଳ ପର୍ଯ୍ୟନ୍ତ ସେ ଯାଇ ପାରିବ ନାହିଁ କାରଣ ନାଳ ଉପରେ ତ ପାଣି ବୋହୁଛି । ତେଣୁ କୁମ୍ଭୀରକୁ ଏଇ କରିଡରରେ ଧରାଯିବ ।

କୁମ୍ଭୀରକୁ ଧରିବା ବେଶି କଷ୍ଟକର କଥା ନୁହେଁ । ବାଘ ଭଳ ଜନ୍ତୁଙ୍କୁ ଧରିବା କଷ୍ଟ କାରଣ ସେମାନେ ଅତି ଚଞ୍ଚଳ । କିନ୍ତୁ କୁମ୍ଭୀର ଧୀରେ ବୁଲୁଥିବା ଜନ୍ତୁ ହେବା ହେତୁ ତା'କୁ ହାତରେ ଧରି କାବୁ କରାଯାଇପାରେ । ପ୍ରଥମେ ତା' ଆଖିକୁ ବନ୍ଦ କରିଦେବା ଦରକାର । ଫଳରେ

ISSN NO.
2582-208X

ବାହାରେ କ'ଣ ଘଟୁଛି ତାହା କୁମ୍ଭୀର ଜାଣି ପାରିବନି । ତା' ପରେ ପାଞ୍ଚ ଛଅ ଜଣ ତା' ଥୋବଣୀ, ଲାଞ୍ଜକୁ ଧରିନେଲେ କୁମ୍ଭୀର ନିରୁପାୟ । ତେଣିକି ମୁହଁକୁ ବାନ୍ଧିଦେଲେ କୁମ୍ଭୀର କାବୁରେ ଆସିଗଲା ।

ସେମାନେ ସେମିତି କରିବାକୁ ଠିକ କଲେ । ଇମାନୁଏଲ ଟିକେ ସାହାସୀ ବ୍ୟକ୍ତି । ସେ କୁମ୍ଭୀର ପାଖକୁ ଯାଇ ସୁବିଧାଜନକ ସ୍ଥାନରେ ଠିଆ ହୋଇଗଲା । ଆଗପଟୁ ରାମଦାସ କୁମ୍ଭୀର ଆଡକୁ ବାଡି ଦେଖାଇଲେ, ଫଳରେ କୁମ୍ଭୀରର ଧ୍ୟାନ ହରଦାସଙ୍କ ଆଡକୁ ଗଲିଗଲା। ଏଇ ମଉକାରେ ଇମାନୁଏଲ କୁମ୍ଭୀର ଆଖି ଉପରକୁ ଅଫିସର ଏକ ବଡ ପରଦାକୁ ପରସ୍ତ କରି ଫୋପାଡି ଦେଲା । ଆଉ ଲକ୍ଷ୍ୟ ଠିକ ଥିଲା । କୁମ୍ଭୀରର ଆଖି ଉପରେ କପଡା ପଡିଥିବା ହେତୁ ତା'କୁ କିଛି ଦେଖାଗଲାନି ଆଉ ସେ ଥୋବଣୀକୁ ଏପଟ ସେପଟ କରୁଥିଲା । ସମସ୍ତେ ଏଇ ବେଳକୁ ଅପେକ୍ଷା କରୁଥିଲେ । ଇମାନୁଏଲ ଦୁଇଖୋଜରେ ଆସି ବେକ ପାଖରୁ କୁମ୍ଭୀରର ଥୋବଣୀକୁ ଜୋରରେ ମୁଠାଇ ଧରିଲା । ସେଇ ସମୟରେ ରାମଦାସ ଆଉ ଦୁଇଜଣ ଆସି କୁମ୍ଭୀରର ଲାଞ୍ଜ ଆଉ ଗଣ୍ଡିକୁ ଧରିନେଲେ। କୁମ୍ଭୀର ଆଉ ହଲଚଲ ହୋଇପାରିଲାନି । ମଣିଷର କାବୁରେ ଏକଦମ ଥିଲା।

ରେଞ୍ଜର ପଦ୍ମଶିବ ଶାନ୍ତିରେ ନିଃଶ୍ୱାସ ନେଲେ । କୁମ୍ଭୀରର ଥୋବଣୀକୁ ଦଉଡିରେ ବାନ୍ଧିଦିଆଯାଇଥିଲା । ସେମିତି ତା' ଲାଞ୍ଜ ପାଖରେ ଆଉ ଏକ ଦଉଡି ବନ୍ଧା ଯାଇଥିଲା । ଫଳରେ କୁମ୍ଭୀର ଛାଟିପିଟି ହେବନି । ଆଖିରେ ପଡିଥିବା କନାକୁ ଜାଣି ହଟାଗଲାନି । ପାଖରେ ଏତେ ଲୋକ ଦେଖିଲେ କୁମ୍ଭୀର ଡରରେ ଛାଟିପିଟି ହେବ । ଆଉ ହୁଏତ ତା' ମୁହଁ ଆଉ ଦେହରୁ ଦଉଡି ଖସିଯାଇପାରେ । ବନ୍ୟପ୍ରାଣୀ ବା ଆଉ କେଉଁ ପ୍ରାଣୀ ହେଉ, ତା'କୁ କାବୁ କରିବାକୁ ହେଲେ ପ୍ରଥମେ ତା' ଆଖି ବନ୍ଦ କରିଦେବା ଦରକାର । ଥରେ ଆଖି ବନ୍ଦ ହୋଇଗଲେ ଦୁନିଆ ଅନ୍ଧାର । ତେଣିକି କ'ଣ ହେଉଛି ଜଣା ପଡିବନି । କେବଳ ଅନ୍ଦାଜରେ ମୁହଁ ବା ଗୋଡ ଏକ ପ୍ରାଣୀ ବୁଲାଇପାରେ । ତା' କାମୁଡାକୁ ନଆସିଲେ ସବୁ କିଛି ସୁରୁଖୁରୁରେ ହୋଇଯାଏ ।

ISSN NO.
2582-208X

କାବୁ କରାଯାଥିବା କୁମ୍ଭୀରକୁ ବର୍ଷା ପରେ ତା'ର ପୁରୁଣା ନାଳାରେ ଛାଡି ନଦେବା ପାଇଁ ନିଷ୍ପତ୍ତି କରାଗଲା । ପୁଣି କେବେ ଏମିତି ବର୍ଷା ଆସିବ ଆଉ ଏ କୁମ୍ଭୀର ବାହାରେ ଆସି ଦିନେ ହୁଏତ ବଜାରରେ ବୁଲିବ । ଦୁର୍ଘଟଣା ଘଟିପାରେ । ବଜାର, ଲୋକାଳୟ ପାଖ ନାଳାରେ କୁମ୍ଭୀରର ଉପସ୍ଥିତି ଜନମାନବ ପାଇଁ ବିପଦ ହେବ । ତେଣୁ ଦୂରରେ କେଉଁଠି ଛାଡିଦେବା ଦରକାର । ଆଉ ସବୁଠାରୁ ଭଲ ସ୍ଥାନ ହେଉଛି ଗଲାଥିଆ ନଦୀ । ପ୍ରଶସ୍ତ ନଦୀ । ଏଠାରେ ଅନେକ କୁମ୍ଭୀର ଅଛନ୍ତି ଆଉ ଆଖପାଖରେ କିଛି ଜନବସତି ନାହିଁ । ଛିଙ୍ଗମ ବସ୍ତି ସେଇଠୁ ପାଞ୍ଚ ଛଅ କିଲୋମିଟର ଦୂରରେ, ସମୁଦ୍ରର ପଶ୍ଚିମ କୂଳରେ । ସେପଟେ ଖୋଲା ସମୁଦ୍ରରେ କରେଣ୍ଟ ବେଶି । କୁମ୍ଭୀର ବାହାରକୁ ଯାଇପାରିବନି । ତେଣୁ କାହା ପ୍ରତି ବିପଦ ହେବନି । ସେଇଆ କରାଗଲା । ଅପରାହ୍ଣରେ ଏକ ଗାଡିରେ ନେଇ ସାବଧାନତାର ସହ କୁମ୍ଭୀରକୁ ଗଲାଥିଆ ନଦୀରେ ଛାଡିଦିଆଗଲା ।

ଏକ ବିପଦ ଟଳିଗଲା । ବର୍ଷା କମିବାର କଥା, ବର୍ଷା କିନ୍ତୁ କମିଲାନି । ସେମିତି ତୁହାକୁ ତୁହା ବର୍ଷା ଚାଲିଥିଲା ।

## ଙ-ମଲା ତିମି

"ତିମି ମରି ଭାସି ଆସିଛି । ମଗରନାଳା ଆଉ ୧୬ କମି କ୍ୟାମ୍ପ ମଧ୍ୟରେ ଥିବା ସମୁଦ୍ରକୂଳରେ ଲାଗିଛି ।"

ଏମିତି ଅସ୍ୱାଭାବିକ ଖବରମାନ କ୍ୟାମ୍ପବେଲ ବେରେ ବେଳେବେଳେ ଶୁଣାଯାଏ । ତିମି କେଉଁ ଆଖପାଖ ସମୁଦ୍ରର ଜନ୍ତୁ ନୁହେଁ । ଓ୍ୟାଇଲଡ ଲାଇଫର କର୍ମଚାରୀମାନେ ତିମି ବିଷୟରେ ବେଶି କିଛି ଜାଣି ମଧ୍ୟ ନଥାନ୍ତି । ତିମିକୁ କେମିତି ହ୍ୟାଣ୍ଡେଲ କରାଯିବ ସେ ବିଷୟରେ ସେମାନଙ୍କର ଜ୍ଞାନ ମଧ୍ୟ ନଥାଏ । ସେଇଟା ଅବଶ୍ୟ ଜୀବିତ ତିମି ଉପରେ । କିନ୍ତୁ ମଲା ତିମି? ଏଇଠି କଥା ଅଛି । ତା'କୁ ସମୁଦ୍ରକୂଳରେ ଛାଡିଦେଇ ପାରିବାନି । ଜୀବନ୍ତ ତିମି ଗଭୀର ସମୁଦ୍ର ଭିତରେ ରହୁଥିବା ହେତୁ ଜନମାନବ ପାଇଁ ବିପଦ ନୁହେଁ । ମଲା ତିମି କୂଳରେ ଭାସିଆସି ଲାଗୁଥିବା ହେତୁ ସମସ୍ତଙ୍କ ପାଇଁ ବିପଦ । ଅତି ବିଶାଳ ଜନ୍ତୁ,

ISSN NO.
2582-208X

ପଚ ସଢ଼ିଗଲେ ସ୍ଥାନଟା ଅତି ଗନ୍ଧାଇବ । ତାଛଡା ରୋଗ ବୈରାଗ ଫଳପାରେ । ତିମି ଭଳି ବିରାଟ ଜନ୍ତୁକୁ ଖାଇ ହଜମ କରିଲା ଭଳି ଏତେ ପ୍ରାଣୀ ବୋଧେ ବେଶି ସଂଖ୍ୟାରେ କେଉଁଠି ନାହାନ୍ତି । ତିମି ଶରୀରକୁ ଖଣ୍ଡଖଣ୍ଡ କରି କଟାଯାଇ ସମୁଦ୍ରରେ ଫୋପାଡି ଦିଆଯିବ । ବଡ ହାଡ ଇତ୍ୟାଦିକୁ ପୋତିଦିଆଯିବ । ସମୁଦ୍ରରେ ଶାର୍କ ଭଳି ପ୍ରାଣୀ ବା ଅନ୍ୟ ମାଛମାନଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ କିଛି ଦିନ ପାଇଁ ମିଳଯିବ । ଥରେ ଖଣ୍ଡ ମାଂସ ସମୁଦ୍ର ଭିତରକୁ ଚାଲିଗଲେ ବହୁ କମ କୂଳକୁ ଆସି ଲାଗିବ । ପରେ ଯାହା କିଛି ଲାଗିବ ତାହା ହର୍ମିଟ କ୍ରାବ ଭଳି ପ୍ରାଣୀଙ୍କ ଭୋଜ୍ୟରେ ପରିଣତ ହେବ ।

ଓ୍ୱାଇଲ୍ଡ ଲାଇଫ ଟିମ ଜଲଦି ପ୍ରସ୍ତୁତ ହୋଇଗଲେ । ସେମାନେ ପହଞ୍ଚିଲା ବେଳକୁ କିଛି ସ୍ଥାନୀୟ ଲୋକେ ତିମିକୁ ଦେଖି ଫେରିଯାଇଥିଲେ । ଜାଗାଟା ଦୂରରେ ଥିବାରୁ ବେଶି ଦେଖଣାହାରୀ ନଥିଲେ । ମଧ୍ୟମ ଆକାରର ତିମି । ପ୍ରାୟ କୋଡିଏ ଫୁଟ ଲମ୍ବ । ଉଚ୍ଚ ଆଉ ଗୋଲାଇ ସେଇ ଆକାରର । ହାତ ମାରି ଦେଖିଲାବେଳକୁ ଆଙ୍ଗୁଠି ଟିକିଏ ଦବୁଛି । କିଛି ଦିନ ହେଲା ତିମି ମରିଯିବଣି । ମାଂସ ଅନେକ ପଚ ଆସିଲାଣି । ତମିକୁ ଖଣ୍ଡଖଣ୍ଡ କରି କଟାଯିବ ଆଉ ମାଂସକୁ ଗାତକରି ପୋତାଯିବ । ସେମାନେ  ଦିନ ସାରା କାମ କଲେ। ଭେଟେରିନାରୀ ଅଫିସର ତିମିକୁ ଦେଖିନେଇ ନଜର ରିପୋର୍ଟ ତିଆରି କରିନେଲେ ।

ଗାତଖୋଳ ଏଡେ ବଡ ଜନ୍ତୁକୁ ଏକାଥରେ ପୋତିବାର ସମ୍ଭାବନା ସେମାନେ ଦେଖିପାରିଲେନ । ଏ ଜାଗାକୁ କେଉଁ ମେକାନିକାଲ ଲୋଡର ବା ଜେସିବି ମେସିନ ଆସିପାରିବନି । ଯାହା କରାଯିବ ତାହା କେବଳ ମଣିଷ ଦ୍ୱାରା ହାତରେ କରାଯିବ । ତେଣୁ ନଷ୍ଟପ୍ରାୟ କରାଗଲା ତିମିକୁ ହାଣି ଛୋଟଛୋଟ ଖଣ୍ଡ କରାଯିବ । ତା'ପରେ କୁରାଢିରେ ତିମିକୁ କଟାଯାଉଥିଲା । ଶେଷରେ ତିମି ମାଂସକୁ ସମୁଦ୍ରବାଲିରେ ଗାତ ଖୋଳି ପୋତିଦିଆଗଲା । ଏହା ପୂର୍ବରୁ ଏକ ଡଲଫିନ ନେଭିଡେରା କ୍ୟାମ୍ପ ପାଖରେ ଲାଗିଥିଲା । ବଡ ଡଲଫିନ । ସେମାନେ ମଲା ଡଲଫିନକୁ ଏମିତି କାଟି ମାଂସକୁ ସମୁଦ୍ର କୂଳରେ ପୋତିଥିଲେ । ତେଣୁ ସେମାନଙ୍କର କିଛି ଅଭିଜ୍ଞତା ଥିଲା । ହାଡ ଇତ୍ୟାଦିକୁ ମଧ୍ୟ ସମୁଦ୍ରକୂଳରେ ଗାତ ଖୋଳି ପୋତିଦିଆଗଲା ।

ISSN NO.
2582-208X

ଫେରିଆସିଲା ବେଳକୁ ସମସ୍ତଙ୍କ ଦେହରେ ମାଂସ ଟୁକୁଡାମାନ ଲାଗିଥିଲା । ସେମାନଙ୍କୁ ଲୋକେ କେବଳ ଦୂରରୁ ଦେଖିଲେ, କିନ୍ତୁ ଦେହ ଗନ୍ଧାଉଥିବାରୁ କେହି ପାଖ ପଶିଲେନ । ସେମାନେ ସାବୁନରେ ବେଶ ରଗଡି ମଗଡି ହୋଇ ଘରେ ଗାଧୋଇ ଗରମ ଗରମ ଭାତ ଖାଇ ଶୀଘ୍ର ଶୋଇଗଲେ । ସେମାନଙ୍କ ଘର ଭିତରେ ତଥାପି ପଗ୍ସ ଗନ୍ଧ ଥିଲା, କିନ୍ତୁ ଅନ୍ୟମାନଙ୍କ ପାଇଁ କ୍ୟାମ୍ପବେଲ ବେର ପବନ ଆଗଭଳି ତାଜା ଥିଲା

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ସେ' ଦିନ ମନ୍ତ୍ରୀ ସଭାକୁ ଆସିଥିଲେ ହେଲିକପ୍ଟର ଚଢି



ଶଶଧର ମହାପାତ୍ର

ମନ୍ତ୍ରୀ ଆସିଥିଲେ ପ୍ରଚାର ପାଇଁକି
ହେଲିକପ୍ଟରରେ ଚଢି
ଜନତାଙ୍କ ଭିଡ ଏତେ ବଢିଗଲା
ହେଲେ ଉପରେ ଚଢାଚଢି
ଛାଡୁଥିଲେ ଭୀମ ରଡି
ପାଞ୍ଚଶ ଟଙ୍କା ମିଳିବ ଖଟାଖଟ
ଭାତ, ଡାଲମା ମିଳିବ ଚଟାପଟ
ବସ୍ ରେ ରାଜଧାନୀ ଚାଲ ଫଟାଫଟ
ମାଗଣାରେ ଯିବ ଯଦି ବସିପଡ ଜଲଦି
କହିଲେ ଆମ ଗାଁ' ର ଅଙ୍ଗନବାଡି ଦିଦି
ମନ୍ତ୍ରୀଙ୍କ ପାଇଁକି ହେଲିକପ୍ଟର ପ୍ୟାଡ୍
ରାତାରାତି ହେଲା ଛିଡା
ମଞ୍ଚକୁ ଆସିଲେ ଚାଲିଚାଲି ସେଠୁଁ
ହାତେ ଧରି ଫୁଲ ତୋଡା
କରତାଳି ସଙ୍ଗେ ହରିବୋଲ ଆଉ
ହୁଳହୁଳି ଶୁଭୁଥିଲା
"ଜୟ ଜଗନ୍ନାଥ', "ଜୟ ଶ୍ରୀରାମ' ନାରାରେ
ପୃଥିବୀ କଂପୁଥିଲା

ISSN NO.
2582-208X

ସତେକି ଯେମିତି କଳକି ଅବତାର
ମଞ୍ଚେ ଆବିର୍ଭାବ ହେଲା
ଧର୍ମ ସଂସ୍ଥାପନ କରିବା ସକାଶେ
ଆରମ୍ଭ ହେଇଛି ପାଲା
ମନ୍ତ୍ରୀଙ୍କ ତୋଫାନୀ ଭାଷଣ ଥିଲା
ଚମତ୍କାର ଶୁଣିବାକୁ
ଜଳାଇଲା ନିଆଁ ହୃଦୟର ବନେ
କେହି ନାହିଁ ଲିଭେଇବାକୁ
କହିଲେ ବିରୋଧୀ ଦଳର ନେତାଏଶୁଣ ଶୁଣ ଆରେ ବାବୁ
ଏ' ଶାସକ ଦଳ ସତ୍ୟର ତଣ୍ଟିକୁ
ଚିପି ଦେଇ କଲେ କାବୁ
ରୁଦ୍ଧ କାରାଗାରେ ବନ୍ଦି ହେଇ ଦିଶେ
ସତ୍ୟର ଚେହେରା ଫିକା
ଖୋଲା ବଜାରରେ ନିତି ଚାଲୁଅଛି
ଅସତ୍ୟର କିଣାବିକା
ଆଜିର ଏ' ରାଜନୀତି
ସତ୍ୟ ଝୁଲୁଛି ଫାସି ଖୁଣ୍ଟରେ
ହେଜ ଯେତେ ମନ୍ଦମତି
ଲକ୍ଷାଧିକ ଲୋକ ଉପସ୍ଥିତ ଥିଲେ
ସଭାଟିରେ ସେହି ଦିନ
ବିରୋଧୀ ନେତାଏ ଦୋଷ ଲଦୁଥିଲେ
ଶାସକ ଉପରେ ଜାଣ
ସବୁ କେନ୍ଦ୍ର ମନ୍ତ୍ରୀ ଜଣେ ପରେ ଜଣେ
ଆସିଥିଲେ ଓଡିଶାକୁ
ନମ୍ବର ୱାନ ରାଜ୍ୟ କରିଦେବେ ବୋଲି

ISSN NO.
2582-208X

କହୁଥିଲେ ଜନତାଙ୍କୁ
ବିରୋଧୀ ଦଳ କ୍ଷମତା ପାଇଲେ
ଡବଲ ଇଞ୍ଜିନ ସରକାର ହେଲେ
ଗରିବୀ ହଟିବ, ପଦ୍ମ ଫୁଟିବ
ସେବା ମିଳିବ, ଦୁଃର୍ନୀତି ହଟିବ
ଭରସା ଦେଲେ ରାଜ୍ୟବାସୀଙ୍କୁ
ସଂକଳ୍ପ ପତ୍ରରେ ସ୍ଥାନ ପାଇଥିଲା
ବିକାଶର ମାନଚିତ୍ର
ବିବାଦ ହଟେଇ ସୁଶାସନ ଦେଇ
ଓଡିଶା କରିବେ ଶକ୍ତ
"ଶ୍ରୀମନ୍ଦିର' ଚାରିଦ୍ୱାର ଖୋଲିଦେବେ
କମିବ ଦର୍ଶନ ଭିଡ
ରତ୍ନଭଣ୍ଡାର ଖୋଲିଲେ ଜନତା
ଦେଖିବେ ବିଜେପି ତୋଡ
ଚାବି ହଜିବାର ତଦନ୍ତ ହୋଇବ
ହେବ ନିଷ୍ଟେ ପର୍ଦ୍ଦାଫାଶ
ଓଡିଆ ଜାଣିବେ ଅଦୃଶ୍ୟ ଶକ୍ତିର
କ'ଣ ଥିଲା ସେ' ରହସ୍ୟ ?
"ଆୟୁଷ୍ମାନ' ଯୋଜନାର କାଯ୍ୟର୍କାରୀ
ହେବ ଶହେ ଦିନ ପରେ
"ସୁଭଦ୍ରା' ଯୋଜନା ଲାଗୁ ହେଇଗଲେ
ମହିଳା ହସିବେ ଘରେ
ଧୋକାବାଜି ଆଉ ଲାଞ୍ଚଖୋର ଲୋକେ
ଜେଲ୍ ରେ ରହିବେ ଯାଇ
ଅଫିସରମାନେ ଅଫିସରେ ବସି

ISSN NO.
2582-208X

ଶାସନ କରିବେ ନାହିଁ
ଜନତାଙ୍କ ଦୁଃଖ ବୁଝିବେ ସେମାନେ
ଗାଁ ଗାଁ ବୁଲି ଯାଇ
ଅସହାୟ ଲୋକେ ସୁବିଧା ପାଇବେ
ନିଜ ଘରେ ବସିରହି
ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ
ବିରୋଧୀ ପାର୍ଟିର ନେତା
ନେତାମାନେ ଏବେ ବୁଝିବେ ଗାଁରେ
ସମସ୍ୟାର ଗଭୀରତା
ଧାନ କ୍ରୟ ମୂଲ୍ୟ ଏକତିରିଶି ଶହ
କରିଦେବେ ସରକାର
ଚିଟ୍‌ଫଣ୍ଡ ଟଙ୍କା ଫେରସ୍ତ ପାଇବେ
ଅଠର ମାସରେ ସ୍ଥିର
ସରକାରଙ୍କର ବିଭିନ୍ନ ବିଭାଗେ
ଦେଢ ଲକ୍ଷ ଖାଲି ସ୍ଥାନ
ସେ' ସବୁ ପଦବୀ ପୂରଣ ହୋଇବ
ରହିବ ମନ୍ତ୍ରୀଙ୍କ ମାନ
"ପି.ଏମ୍. ଆବାସ' ଯୋଜନାରେ ଘର
ମିଳିବ ପନ୍ଦର ଲକ୍ଷ
ଛାତ୍ର ସଂସଦ ନିର୍ବାଚନ ହେବ
ଛାତ୍ର ପାଇବେ ସୁଖ
ଭତ୍ତା ପରିମାଣ ବୃଦ୍ଧିପାଇ ହେବ
ତିନି ହଜାରକୁ ଜାଣ
ସ୍କୁଲ, କଲେଜରେ ଡ୍ରପଆଉଟ
ରୋକାଯିବ ବୋଲି ଶୁଣ

ISSN NO.
2582-208X

ମାଗଣା ବିଜୁଳି ପାଇବେ ସମସ୍ତେ
"ସୂର୍ଯ୍ୟଘର' ଯୋଜନାରେ
ସୋଲାର ପାୱାର ଲାଗିବ ଛାତରେ
ସବୁ ଗାଁ, ସହରରେ
ମୁକ୍ତ ଆବାସ, ମୁକ୍ତ ବିଜୁଳି
ମୁକ୍ତ ପାଣି ମିଳିଯିବ
କିଛି ନକରି ଆନନ୍ଦରେ ବସି
ତାସ୍ ଧରି ଖେଳୁଥିବ
ଗ୍ୟାସ୍ ସିଲିଣ୍ଡରପାଇଁ ଚିନ୍ତା ନାହିଁ
ପାଇପରେ ଆସିଯିବ
ସୁଇଚ୍ ଅନ୍ ଅଫ୍ କରିଲେ
ଚୂଲୀ ଦେଖ ଜଳୁଥିବ
ବିଜୁ ସ୍ୱାସ୍ଥ୍ୟକାର୍ଡ ସୁବିଧା ରହିବ
ମୁକ୍ତ ସ୍ୱାସ୍ଥ୍ୟସେବା ପାଇଁ
ଯେଉଁଠି ଚାହିଁବ ସେ' ହସ୍ପିଟାଲ ଯାଇ
ଚିକିତ୍ସା କରିବ ଧାଇଁ
ନୂଆ ସରକାର ଶାସନ କରନ୍ତୁ
ନୂଆ ନୀତି ଲାଗିଯାଉ
କଳା ବଜାରି ଓ ଲାଞ୍ଚ ଦିଆନିଆ
ଘଟିବନି କେବେ ଆଉ
ବିଜେପିର ଏ' ଇସ୍ତାହାର ଦେଖି
ଜନତା ହୋଇଲେ ଖୁସି
ଭୋଟ ଦେଇକି ତାଙ୍କୁ ଜିତାଇଲେ
ସମଗ୍ର ଓଡିଶା ବାସୀ

ISSN NO.
2582-208X

ମୋଦି ଦେଉଥିଲେ ହସି
ସମୟ କହିବ କେମିତି ଶାସନ
ଚାଲୁଛି କମ୍ କି ବେଶୀ ।

(ନିକଟରେ ହୋଇଥିବା ଇଲକ୍ସନକୁ ଆଧାର କରି ଏ' ଲେଖା ।
କାହାରି ମନରେ କଷ୍ଟ ଦେବା ଏ' ଲେଖାର ଉଦ୍ଦେଶ୍ୟ ନୁହେଁ ।

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା
ଫୋନ୍-୩୦୧୮୮୭୭୦୦୨

ISSN NO.
2582-208X

# କବିତାର ନାୟିକା



ଡଃ ମାଙ୍ଗଳକା ମହାପାତ୍ର

ମନେ ଅଛି କି...!!!
ଡାକିଥିଲ ଯେବେ ତୁମେ ମତେ ଜହ୍ନ
ଊଣା କରିଥିଲି ସେବେ ମୁଁ ମନ
ପଚାରିଥିଲ ଯେ ତାର କାରଣ
କହିଥିଲି..
ଅମାବାସ୍ୟାରେ ହଜିଯାଏ
ସୁରୂଜ ଉଇଁଲେ ଲୁଚିଯାଏ
ତା ଭାଗ୍ୟରେ ନାହିଁ ସବୁଦିନିଆ ପ୍ରେମ...

ସରାଗରେ ଯେବେ କହିଥିଲ ତାରା
କଥା ହେଇ ନଥିଲି ବାଟ ସାରା
ପଚାରିଥିଲ ସେବେ ଦୁଃଖରେ ତୁମେ
କହିଥିଲି ମିଟ୍ ମିଟ୍ କରେ ରାତି ସାରା...

କରିବାକୁ ଚାହିଁଥିଲ ତୁମ କବିତାର ନାୟିକା
କେଜାଣି କାହିଁକି ଭାବନାରେ ଆସିଲା ଦେବ ତୁମେ ଧୋକା
ଚାହୁଁଥିଲ ପାରିହେବ ତୁମେ ନେଇ ମୋ ସାହାରା
ଦୁଇ ନାଆରେ ଗୋଡ଼ ଦେଇ ରହିଗଲ ଯେ ହେଇ ଏକା...

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ବିବର୍ତ୍ତନ



ଅଳକା ମହାନ୍ତ

ଲାଗୁଛି ଗାଁ ଟି  ଭାରି ଚିହ୍ନା ଚିହ୍ନା
ଆଉ ପାଖରେ ମିଳିଛି ଜୀବିକା ପନ୍ଥା,
ବରଷା ରାତିରେ ମେଘ ଗରଜିଲେ,
ମନେ ପଡେ ଗାଁ ରେଜେଇ କନ୍ଥା।

ସହରଟି ଅତି ପରିଚିତ ହେଲେ,
ନାହିଁ ମୋର ଆଉ ତା ଠେଇଁ କାବୁ,
ତିରିଶ ବରଷ, ତିରିଶ ବରଷା
ବିଦେଶେ ଦେଖିଲି ବୁଲିକି ସବୁ।

ଭାବିଥିଲି ସାଙ୍ଗ ସାଥୀ ମିଳିଯିବେ
ପୁଣି ଭସାଇବୁ କାଗଜ ଡଙ୍ଗା,
ଛତା କୁ ଲୁଚାଇ ବାହାନା କରିବୁ
ପବନ ଆସିଲା ହୋଇଲା ଭଙ୍ଗା।

ବିଲ ବାଡ଼ି ସବୁ ଭର ପୁର ହେବ
ଝିଙ୍କାରି ଡାକିବ ରାତ୍ରି ପ୍ରହରେ,

ISSN NO.
2582-208X

ନଡ଼ା ଛପର ରୁ ନାଲି ନାଲି ଜଳ
କାଗଜ ର ଡଙ୍ଗା ଭାସେ ତା' ପରେ ।

ସାଧବାଣୀ ଆଉ ପତରେ ପତରେ
ସୁଲୁ ସୁଲୁ ହୋଇ ଚାଲି ପାରୁନି
ଗଛ ପତର ତ ଉଭେଇ ଯାଉଛି
ଇଟା ପଥର ର ରାଜ୍ୟ ହେଲାଣି ।

କିଏ କେତେ ଦୁରେ କୋଠାବାଡ଼ି କରି
ଏକା ଏକା ବସ ବାସ କରନ୍ତି,
ପିଲା ଛୁଆ ସବୁ ବିଦେଶେ ଚାକିରୀ
ଘର ଦେଖା ଶୁଣା ବାପା କରନ୍ତି ।

ସେ ସମୟ ଆଉ ଫେରିବ କିପରି
ଅତୀତ ହୋଇ ସେ ଯାଇଛି ଚାଲି,
କେବଳ ସ୍ମୃତିରେ ରହିଛି ରହିବ
କିପରି ସେସବୁ ଯିବି ମୁଁ ଭୁଲି ??

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# ଅନେକ ଦିନ ପରେ



ଡକ୍ଟର ବିଜ୍ଞାନୀ ଦାସ

ଅନେକ ଦିନ ପରେ ଅପ୍ରତ୍ୟାଶିତ ଭାବେ ନିର୍ମଳା ସହିତ ଦେଖା ହୋଇଗଲା । ଏକା ରାଜ୍ୟରେ ରହିଲେ ବି, ନିଜନିଜର କାର୍ଯ୍ୟବ୍ୟସ୍ତତା ପାଇଁ ପୁରୁଣା ସାଙ୍ଗସାଥୀଙ୍କ ବିଷୟରେ କିଛି ବି ଖବର ରଖିପାରିନଥିଲା ସୁନନ୍ଦା । ବେଳେବେଳେ ସମୟ ଦାଉ ସାଧେ । ଏକା ସମୟରେ ସବୁ ଦୁଃଖ, କଷ୍ଟ, ସମସ୍ୟା ମାଡିଆସେ । ସେମିତି ବି ମାଡି ଆସିଥିଲା ସୁନନ୍ଦାର ଜୀବନରେ । ସେସବୁର ସମାଧାନ କରୁକରୁ, ଜୀବନକୁ ସଜାଡୁସଜାଡୁ କେତେବେଳେ ଯେ ତିନଟି ବର୍ଷ ବିତିଯାଇଥିଲା, ସେସବୁ ଭାବିଲେ ଏବେ ଆଶ୍ଚର୍ଯ୍ୟ ଲାଗେ । ସେ ତିନିବର୍ଷ ପରେ ଟିକେ ନିଜକୁ ସହଜ କରିବାକୁ ଚେଷ୍ଟା କରୁଥିବା ସମୟରେ ଆସିଗଲା କୋଭିଡ୍-୧୯ । ଏମିତିରେ ଛଅଟି ବର୍ଷ ବିତିଯାଇଥିଲା । ସେଇ ଛଅଟି ବର୍ଷ ଭିତରେ ବଦଳି ଯାଇଥିଲା ଅନେକ କିଛି, ଅନେକଙ୍କ ଜୀବନ କାହାଣୀ । ସେମିତି ବି ବଦଳି ଯାଇଥିଲା ନିର୍ମଳାର ଜୀବନ, ଯାହା କି ସୁନନ୍ଦା ନିର୍ମଳା ଠାରୁ ଶୁଣିଲା ।

ଏମିତି ଅପ୍ରତ୍ୟାଶିତ ଭାବେ ନିର୍ମଳା ସହିତ ଭେଟ ହୋଇଥିଲା ଜଣେ ବନ୍ଧୁଙ୍କର ପୁଅର ବିବାହ ଉତ୍ସବରେ । ବିବାହ ହେଉଥିଲା ଚିକାଗୋରେ । ଚିକାଗୋର ୱେଷ୍ଟିନ୍ ହୋଟେଲ୍ ଯେଉଁଠି ଆମେରିକା ଓଡିଆ ସମାଜ ଓସାର ବାର୍ଷିକ ସମ୍ମିଳନୀ ୨୦୨୩ରେ ହୋଇଥିଲା । ସେଇ ଏକା ହୋଟେଲ୍ ସହିତ ଅନେକ ଓଡିଆ ପରିବାର ପରିଚିତ । ତେଣୁ ବର ପିତା, ମୁକୁନ୍ଦ ବାବୁ ସେଇ ହୋଟେଲରେ ବିବାହର ବ୍ୟବସ୍ଥା କରିଥିଲେ ।

ISSN NO.
2582-208X

ନିର୍ମଳାକୁ ଦେଖି ସୁନନ୍ଦା ବିସ୍ମିତ ହେଲା । "ଆରେ, କି ଭାଗ୍ୟ । ତମ ସହିତ ଏଠି ଭେଟ ହେବାର ଥିଲା । ଏକା ରାଜ୍ୟରେ ରହି ବି ଆମର ୭ ବର୍ଷ ପରେ ଭେଟ ହେଉଛି, ପୁଣି ଦୂର ରାଇଜରେ ।'

ନିର୍ମଳା ଖୁସିରେ ଗଦ୍‌ଗଦ ହୋଇ କହିଲା, "ତମେ ତ ସବୁବେଳେ ବ୍ୟସ୍ତ । ତମକୁ ଭେଟିବା ଭାଗ୍ୟର କଥା । ଆଜି ମୋର ସେ ଭାଗ୍ୟ ଖୋଲିଗଲା । ହେଲେ ଏବେ ମୁଁ ଚିକାଗୋରେ ରହୁଛି । ମେରୀଲାଣ୍ଡର ନୁହେଁ ।"

"ସତେନା କଣ ? କେବେଠାରୁ ଚିକାଗୋ ଆସିଲଣି ? ଆମେ କେମିତି ଜାଣିପାରିଲୁନି ।"

"ସିଏ ଗୋଟିଏ କାହାଣୀ । ପରେ କହିବି । ଏବେ କୁହ, କଣ ସବୁ କାମ ଚାଲିଛି ? କିଛି ନୂଆ ବହି ଲେଖା ହେଲାଣି ? ହୋଇଥିବ ତ ନିଶ୍ଚୟ ।'

ସୁନନ୍ଦା କହିଲା, "ହଁ, କରୋନା ସମୟର କାହାଣୀ ଉପରେ ବହିଟିଏ ଲେଖିଥିଲି । ସେ ବହି ପ୍ରକାଶିତ ହେଲା ୨୦୨୩ରେ । କିନ୍ତୁ ବହିଟିକୁ ପ୍ରକାଶକ ପ୍ରକାଶ କରିବାରେ ଏତେ ସମୟ ନେଲେ ଯେ, ସେ ଭିତରେ ଆଉ ଗୋଟିଏ ବହି ସେଇ ଏକା ନାମରେ ପ୍ରକାଶିତ ହୋଇଗଲା । ତେଣୁ ମୋ ବହିଟିର ମୁଁ ଅଲଗା ନାମ ରଖିଦେଲି ।'

"ହଁ, ପ୍ରକାଶକ ମାନେ ଅନେକ ସମୟ ନେବାର କଥା ମୁଁ ଶୁଣିଛି । ତେବେ ମୋର ତମକୁ ଗୋଟିଏ ଅନୁରୋଧ ଅଛି । ତମେ ଏବେ ମୋ ଜୀବନର ଗପଟି ଲେଖିବ ।'

ନିର୍ମଳାର ଏକଥା ଶୁଣି ସୁନନ୍ଦା ଆଶ୍ଚର୍ଯ୍ୟ ହେଲା । "ତମ ଜୀବନର ଗପ ? ଅବଶ୍ୟ ସମସ୍ତଙ୍କ ଜୀବନରେ କିଛି ନା କିଛି ମୋଡ ଆସେ, ଆଉ ସେଇ ମୋଡ ହିଁ ଜୀବନର କାହାଣୀକୁ ଚମତ୍କାର କରେ । ହେଲେ ତମେ ଏମିତି କହିବାର ଅର୍ଥ ?'

"ମୋର ଦ୍ୱିତୀୟ ବିବାହ ହୋଇଛି । ଏଇଟା ଚମତ୍କାର ଲାଗୁଛି ନା ନାହିଁ ?'

ISSN NO.
2582-208X

ସତରେ ସୁନନ୍ଦା ଚମକ ପଡିଲା । ଏ ନିର୍ମଳା ଏମିତି କଣ କହୁଛି ? ଓଡିଆ ଘର ଝିଅ ନିଜେ ଭଲ ପାଇ ହାଇଦ୍ରାବାଦରୁ ଆସିଥିବା ତେଲୁଗୁ ପୁଅଟିଏ ବାହା ହୋଇଥିଲା । ଉଭୟଙ୍କର ପିତାମାତା ଦୃଢ ବିରୋଧ କରିଥିଲେ । ହେଲେ ପରିବାର ବିରୁଦ୍ଧରେ ଯାଇ ବିବାହ କରି ଉଭୟ କେତେ ଖୁସିରେ ଥିଲେ । ପୁଣି କଣ ହେଲା ? ସେମାନଙ୍କ ଘରକୁ ସୁନନ୍ଦା ଓ ଶଶାଙ୍କ ଅନ୍ତତଃ ଚାରିଥର ପ୍ରାୟ ପୋଙ୍ଗଲ ସମୟରେ ଭୋଜି ଖାଇବାକୁ ଯାଇଛନ୍ତି । ଉଭୟ ସ୍ୱାମୀ, ସ୍ତ୍ରୀ ମିଶି କେତେ ରକମର ଦକ୍ଷିଣ ଭାରତୀୟ ଖାଦ୍ୟ ସେମାନଙ୍କୁ ଖୁଆଇଛନ୍ତି । ଇଟିଲି, ସମ୍ବର, ବରା, ଦୋସା କେତେ କଣ ? ପୁଣି ସେମାନଙ୍କ ଭିତରେ କଣ ହେଇଗଲା ଯେ ? ହଁ, ସେମାନଙ୍କର ପିଲାପିଲି କିଛି ନଥିଲେ । ହେଲେ, ପିଲାପିଲି ନହେଲା ତ କଣ ହୋଇଗଲା ? ଉଭୟ, ଉଭୟଙ୍କୁ ଭଲପାଇ ଜୀବନ ବିତେଇଦେବାରେ ଅସୁବିଧା କଣ ?

ସୁନନ୍ଦା କଣ କହିବ ହଠାତ୍ ବୁଝି ପାରିଲାନି । ନିର୍ମଳା ହସିହସି କହିଲା, "ଚମକେଇ ଦେଲି ନା ତମକୁ । ହଁ, ସେମିତି ମୁଁ ବି ନିଜେ ଚମକ ଯାଇଥିଲି । ହେଲେ, ସେମିତି ହିଁ ହେଲା ।”

ସୁନନ୍ଦା ପଚାରିଲା, "ଆଉ ଶ୍ରୀଧର ଭାଇ, ସିଏ ଭଲ ଅଛନ୍ତି ତ ?'

"ହଁ, ସିଏ ଭଲ ଅଛନ୍ତି ।'

ସୁନନ୍ଦା ପଚାରିଲା, "ଏବେ କଣ ତମ ସହିତ ଶ୍ରୀଧର ଭାଇ ଆସିନାହାନ୍ତି ? ତମେ ଏକା ଆସିଛ ?'

"ସିଏ କାହିଁକି ମୋ ସହିତ ଆସିବେ ? ସିଏ ତ ଆଉ ମୋ ସ୍ୱାମୀ ହୋଇ ରହିନାହାନ୍ତି ନା । ହଁ, ମୋ ନୂଆ ସ୍ୱାମୀଙ୍କ ନାମ ଅରବିନ୍ଦ, ଅରବିନ୍ଦ ବିଶ୍ୱାସ, ବଙ୍ଗାଳୀ ବାବୁ । ସିଏ ବି ଆସିନାହାନ୍ତି । ଆଉ ମୁକୁନ୍ଦ ଭାଇ ଶ୍ରୀଧରଙ୍କୁ ଡାକନାହାନ୍ତି ।'

ଏହି ସମୟରେ ବରକୁ ମଙ୍ଗୁଳେଇବା ପାଇଁ ମୁକୁନ୍ଦବାବୁଙ୍କ ପତ୍ନୀ ସମସ୍ତଙ୍କୁ ଡାକଡାକ ଆସୁଥିଲେ । ଉଭୟ ନିର୍ମଳା ଓ ସୁନନ୍ଦାଙ୍କୁ କରିଡରରେ ଗପ କରୁଥିବାର ଦେଖି କହିଲେ,

ISSN NO.
2582-208X

"ଆରେ, ତମମାନଙ୍କୁ ମୁଁ କେତେ ଖୋଜିଲିଣି । ପଣ୍ଡିତ ଆସିଗଲେଣି । ଜଲ୍ଦି ଚାଲ, ମଙ୍ଗୁଳା କାମ ଆରମ୍ଭ କରିବା ।'

ସାଙ୍ଗ ହୋଇ ମଙ୍ଗୁଳା ସ୍ଥାନକୁ ଆସୁଆସୁ ନିର୍ମଳା କହିଲା, "ଏବେ ତ ଆମେ ଆଉ କଥା ହୋଇପାରିବାନି । ତେବେ ଉପରବେଳା ଦୁଇଟାରୁ ଛଅଟା ପର୍ଯ୍ୟନ୍ତ କିଛି କାର୍ଯ୍ୟକ୍ରମ ନାହିଁ। ସମୟ ମିଳଲେ ସବୁ କହିବି ।'

ସୁନନ୍ଦା ସମ୍ମତି ଜଣେଇଲା ।

ମଙ୍ଗୁଳା କାମ ସରୁସରୁ ୧୨ଟା ବାଜିଗଲା । ତାପରେ ଦ୍ୱିପ୍ରହର ଭୋଜନର ବ୍ୟବସ୍ଥା ହୋଇଥିଲା । ଶଶାଙ୍କ ତାଙ୍କ ସାଙ୍ଗମାନଙ୍କ ସହିତ ବସି ଖାଇଲେ । ସୁନନ୍ଦା ଓ ନିର୍ମଳା ଗୋଟିଏ ଟେବୁଲ୍ ରେ ହିଁ ପାଖପାଖ ହୋଇ ବସି ଖାଇଲେ । ହେଲେ, ସେଠି କିଛି କଥାବାର୍ତ୍ତା ହେବା ସମ୍ଭବ ନଥିଲା । ଅନ୍ୟମାନେ ବସିଥିଲେ । ମଝିରେ ମଝିରେ ସାଙ୍ଗସାଥୀ ମାନେ ଦେଖା ହେଉଥିଲେ । ନିର୍ମଳା ପଚାରିଲା, "କିଛି ପରିବାର ଚକାଗୋ ବୁଲିଯିବେ ବୋଲି ବାହାରିଛନ୍ତି । ତମର ସେମିତି କିଛି ଯୋଜନା ନାହିଁ ତ ?'

ସୁନନ୍ଦା ଜଣେଇଲା, "ନା, ମେରୀଲାଣ୍ଡର ଏତେ କାମ ଚାପରେ ମୋ ମୁଣ୍ଡ ବ୍ୟସ୍ତ ରହେ ଯେ, ଏ ସମୟରେ ମୁଁ କେବଳ ଶୋଇଶୋଇ ବିତେଇବାକୁ ଆସିଛି । ବୁଲାବୁଲିରେ ଇଚ୍ଛା ନାହିଁ । ଶଶାଙ୍କ ଯଦି ଯିବେ ତ ଯିବେ ।'

"ତାହେଲେ ଭଲ ହେଲା, ତମେ ମୋ ରୁମ୍‌କୁ ଆସିବ, ଆମେ ଗପ କରିବା ।'

"ନିଶ୍ଚୟ । ମୁଁ ଶଶାଙ୍କକୁ ଜଣେଇଦେବି ।'

ସେଦିନ ନିର୍ମଳା ସହିତ ମନ ଖୋଲି କଥା ହେବାର ସୁଯୋଗ ମିଳିଲା । ସଂପର୍କ ପୁଣି ଏମିତି ବଦଳିଯାଏ, ନିର୍ମଳା ଠାରୁ ନ ଶୁଣିଲେ, ବିଶ୍ୱାସ ହେବନି । ନିର୍ମଳା କହିଲା, "ମୋର ଯେବେ ସ୍ତନ କର୍କଟ ହେବାର ଖବର ଆସିଲା, ସେଦିନ ଆମେ ଉଭୟ ଦୁଇଘଣ୍ଟା

ISSN NO.
2582-208X

ପରସ୍ପରକୁ ଧରି କାନ୍ଦିଲୁ । ତାପରେ ଚାଲିଲା ଗୋଟିଏ ପର୍ବ । କେମୋଥେରାପି, ସର୍ଜରୀ, ସବୁ ସମୟରେ ମୋ ପାଖେପାଖେ ରହିଥିଲେ ଶ୍ରୀଧର । ନିଜ ମା' ଭଳି ଯତ୍ନ ନେଉଥିଲେ। କେବଳ ତାଙ୍କ ମୁହଁକୁ ଦେଖି, ତାଙ୍କ ସ୍ନେହକୁ ଅନୁଭବ କରି, ମୋର ବଞ୍ଚିବାର ଆଗ୍ରହ ଜାଗୁଥିଲା, ମନରେ ଆଶା କରଣ ସଞ୍ଚରୁଥିଲା । ହେଲେ ମୋର ଯତ୍ନ ନେଇନେଇ ସିଏ ନିଜର ଯତ୍ନ ଭୁଲିଗଲେ । ତାଙ୍କର ରକ୍ତଗ୍ରୁପ ବାହାରିଲା । ବାଇପାସ୍ ସର୍ଜରୀ ହେଲା । ଆମେ ଉଭୟ ରୋଗୀ ହୋଇଗଲୁ । ଏତିକ ବେଳେ ଦେବୀ ସାଜି ପହଞ୍ଚିଥିଲେ ତାଙ୍କର ଜଣେ ପୁରୁଣା ସ୍କୁଲ୍ ସାଥୀ ଲଳତା । ସିଏ ଅବିବାହିତା ରହିଥିଲେ । କାଲିଫର୍ଣ୍ଣିଆରେ କାମ କରୁଥିଲେ, କିନ୍ତୁ ବଦଳ ହୋଇ ଆସିଲେ ମେରୀଲାଣ୍ଡ । ଆମ ଘରେ କିଛିଦିନ ରହିଲେ । ଆମ ମାନଙ୍କର ଯତ୍ନ ନେଉଥିଲେ । ସେଇ ସଂପର୍କରୁ ଶ୍ରୀଧରଙ୍କ ସହିତ ତାଙ୍କର ବନ୍ଧୁତା ବଢିଲା । ପରେ ସିଏ ପାଖରେ ଗୋଟିଏ କଣ୍ଡୋମିନିୟମ୍ କିଣି ରହିଲେ । ଆମ ଘରକୁ ପ୍ରାୟତଃ ତାଙ୍କର ଯିବାଆସିବା ଲାଗିଥାଏ । ଶ୍ରୀଧରଙ୍କ ସହିତ ତାଙ୍କର ବନ୍ଧୁତା ବଢିବାରେ ଲାଗିଲା । ପ୍ରଥମେ ସେମାନେ ସ୍କୁଲ୍ ବେଳରୁ ସାଥୀ ଥିଲେ । ଏଣୁ ମୁଁ ସେସବୁ ପ୍ରଥମେ ପ୍ରଥମେ ଅଣଦେଖା କରୁଥିଲି, ହେଲେ କାହିଁକି କେଜାଣି ସହି ପାରିଲିନି । ବେଳେବେଳେ ପାଟିରୁ ଏପଟସେପଟ କଥା ବାହାରିପଡିଲା । ସେ ନେଇ ଶ୍ରୀଧରଙ୍କ ସହିତ ପ୍ରତିଦିନ ଝଗଡା ହେଲା ।'

'ତାପରେ ?' – ସୁନନ୍ଦା ପଚାରିଲା ।

ନିର୍ମଳା କହିବା ଆରମ୍ଭକଲେ – ଶ୍ରୀଧର ମୋ ଉପରେ ବହୁତ ରାଗିଲେ । "ଯିଏ ତମର ଯତ୍ନ ନେଉଛନ୍ତି, ତମେ ତାଙ୍କ ବିଷୟରେ ଏମିତି କହୁଛ ? ତମେ ଏମିତି ସଂକୀର୍ଣ୍ଣ ମନର ନାରୀ ବୋଲି ମୁଁ ଜାଣିନଥିଲି । ନହେଲେ କେବେ ବି ତମକୁ ବିବାହ କରିନଥାନ୍ତି ।'

ମୁଁ ରାଗତମରେ କହିଦେଲି, "ମୁଁ ସଂକୀର୍ଣ୍ଣ ମନର ନାରୀ । ଆଉ ଭଲ ମନର ନାରୀ କିଏ ? ସେ ଲଳତା ? ତାହେଲେ ତାକୁ ବାହା ନ ହୋଇ ମତେ ବାହାହେଲ କାହିଁକି ?'

"ସେଇଟା ତ ମୋର ଭୁଲ୍ ।' – ଶ୍ରୀଧର କହିଲେ ।

ISSN NO.
2582-208X

"ତାହେଲେ ଏବେ ଭୁଲ୍ ସୁଧାରିଦିଅ । ମତେ ଛାଡିଦିଅ ଓ ତାକୁ ବାହା ହୋଇଯାଅ ।'

"ସେଇଆ ମୁଁ ଖୁବ୍ ଶୀଘ୍ର କରିବି ।' - ଶ୍ରୀଧର ବି ରାଗିଗଲେ ।

ଏମିତି ରାଗତମରେ, ଅଭିମାନରେ ଆମେ ଦୁହେଁ ପରସ୍ପର ଠାରୁ ଯେମିତି ଦୂରେଇ ଯାଉଥିଲୁ । ମୋର ଯେତେବେଳେ ଯନ୍ତ୍ରଣା ହୁଏ, ମୋର କଛି ହିତାହିତ ଜ୍ଞାନ ରହେନ । ମୁଁ କଣ ନାହିଁ କଣ କହିଦିଏ । ଥରେ ଏମିତି ରାଗିକ ତାଙ୍କୁ ତ ଖାଲି ଗାଳ ଦେଲିନ, ତାଙ୍କ ବାପା, ମାଆଙ୍କୁ ବି ଗାଳ ଦେଲି । ତାଙ୍କ ସମଗ୍ର ପରିବାରକୁ ଜଣଜଣ କରି ସମସ୍ତଙ୍କ ନାଁରେ ଏମିତିସେମିତି ଲଗେଇଜୁଟେଇ କହିଲି । ସିଏ ଏତେ ରାଗିଗଲେ ଯେ, ତାଙ୍କ ରକ୍ତଗ୍ରୁପ ବଢିଗଲା । ଖାଇବାକୁ ବସିଥିଲେ । ଖାଇବା ଟେବୁଲ୍ ଉପରେ ଯାହା ସବୁଥିଲା, ଫୋପାଡିଲେ । ସେଥିରୁ ଗୋଟିଏ ଥାଳ ଭାଙ୍ଗି ମୋ ମୁଣ୍ଡର ଆଘାତ ଲାଗିଲା । ମୁଁ ପୋଲିସ୍ ଡାକଲି । ପୋଲିସ୍ ତାଙ୍କୁ ବାନ୍ଧିକରି ନେଇଗଲା । ତଥାପି ମୁଁ ରାଗରେ ତମତମ ହେଉଥାଏ। ତାପରେ ତ ସଂପର୍କ ଭାଙ୍ଗିଗଲା । ସେ ଲଳତା ଯାଇ ତାଙ୍କୁ ଜାମିନ୍ ଦେଇ ଆଣିଲା । ସିଏ କଛିଦିନ ଲଳତା ଘରେ ରହିଲେ । ଆମର ଛାଡପତ୍ର ପରେ ସେ ଦୁଇଜଣ ବାହା ହୋଇପଡିଲେ ।

ନର୍ମଳାର କଥା ଶୁଣି ସୁନନ୍ଦା ଆଶ୍ଚର୍ଯ୍ୟ ତ ହେଲା, ହେଲେ ତାଠାରୁ ବଳ ଆଶ୍ଚର୍ଯ୍ୟ ହେଲା ଯେ ଏକଥା ଏପର୍ଯନ୍ତ ସିଏ ମେରୀଲାଣ୍ଡର କାହା ମୁହଁରୁ ଶୁଣିନ କେମିତି ?

ଏମିତି ବି ହୋଇପାରେ ଯେ ଏବେ ସମସ୍ତେ ନଜନଜ ଜୀବନରେ ବ୍ୟସ୍ତ । ଆଉ କାହାର ଜୀବନରେ କଣ ଘଟୁଛି, ସେଥିପ୍ରତି ଧ୍ୟାନ ନାହିଁ କ ଖିଆଲ ବି ଆସିନ । ଏମିତିରେ ସୁନନ୍ଦାର ଅତି ଅନ୍ତରଙ୍ଗ ସାଙ୍ଗ କହିଲେ ଦୁଇ, ତିନ ଜଣ । ଅନ୍ୟ ସମସ୍ତଙ୍କ ସହିତ ସେମିତି ଖାଇବାପିଇବାର ସାଙ୍ଗ; ମେଳା, ମହୋତ୍ସବରେ ମିଶି ନାଚବା, ଗାଇବାର ସାଙ୍ଗ; ବିବାହ, ବ୍ରତ, ଜନ୍ମଦିନ ପାର୍ଟିରେ ଡକାଡକ ହେବାର ସଂପର୍କ; ହେଲେ ଦୁଃଖ ବାଣ୍ଟିବାର ସାଙ୍ଗ ବହୁତ କମ୍ ।

ISSN NO.
2582-208X

ସେଇଥିପାଇଁ ହୁଏତ ନିର୍ମଳା ଜୀବନରେ ଘଟିଥିବା ଏତେ ବଡ ପରିବର୍ତ୍ତନର କାହାଣୀ ଆଉ କାହା ଜୀବନରେ ସେମିତି କଚ ପ୍ରଭାବ ପକେଇନ ।

ସୁନନ୍ଦା ପଚାରିଲା, "ତମେ ଶ୍ରୀଧର ଭାଇଙ୍କୁ ସତରେ ଛାଡିଦେଲ ? ତାଙ୍କୁ ପରା ଭଲ ପାଇ ବାହା ହୋଇଥିଲ ? ଏତିକି କଥାରେ ସତରେ କଣ ସେ ଭଲପାଇବା ସବୁ ବାଷ୍ପ ହୋଇଗଲା ?'

ନିର୍ମଳା - "ସେମିତି ନୁହେଁରେ । ଅନେକ ଦିନ ଧରି ମୁଁ ଅନୁତାପ କଲି । ତାଙ୍କୁ ଝୁରିଝୁରି କାନ୍ଦିଲି । ହେଲେ ସିଏ ଯେ ଲଳିତାକୁ ବାହା ହୋଇଗଲେ, ସେଥିରେ ମୋର ଅଭିମାନ ହେଲା । ମୁଁ ବି ସ୍ଥିରକଲି, ମୁଁ ମୋ ଜୀବନକୁ ନୂଆ ରୂପ ଦେବି । ଏ ରୋଗରେ କେବେ ତ ମରିବି ଜଣା ନାହିଁ । ତଥାପି ଜୀବନ ଥିବା ପର୍ଯ୍ୟନ୍ତ ଖୁସିରେ ରହିବାକୁ ଚେଷ୍ଟା କରିବି । ସେଥିପାଇଁ ସେ ଚାକିରି ଛାଡି ଚକାଗୋ ଚାଲିଆସିଲି । ଏଠି ବି ମତେ ଭଲ ଚାକିରି ମିଳିଗଲା । କେବଳ ଚାକିରି ନୁହେଁ, ପି.ଏଚ୍.ଡି. କରୁଥିବା ସମୟର ଜଣେ ପୁରୁଣା ବନ୍ଧୁମଧ ମିଳିଗଲେ । ପ୍ରକୃତରେ ମୁଁ ଯେଉଁ କଂପାନୀରେ ଯୋଗ ଦେଲି, ସେ କଂପାନୀର ମାଲିକ ହିଁ ସିଏ । ବିବାହିତ ଥିଲେ, ତେବେ ପତ୍ନୀ ୭ ବର୍ଷ ତଳେ ଆକସ୍ମିକ ଦୁର୍ଘଟଣାରେ ପ୍ରାଣତ୍ୟାଗ କରିଥିଲେ । ଆମ ମାନଙ୍କର ମିଳାମିଶା ଓ ପରସ୍ପରର ବନ୍ଧୁତା ଦେଖି, ତାଙ୍କ ପିଲାମାନେ ହିଁ ପ୍ରସ୍ତାବ ଦେଲେ । ସିଏ ରାଜି ହୋଇଗଲେ । ମୋର ଅରାଜି ହେବାର କିଛି କାରଣ ନଥିଲା । କାରଣ ମୋ ଜୀବନରେ କିଛି ଲକ୍ଷ୍ୟ ହିଁ ନଥିଲା । ପିଲାଛୁଆ ତ ନଥିଲେ । ଯାହାକୁ ଜୀବନ ଦେଇ ଭଲ ପାଉଥିଲି, ସିଏ ଦୂରେଇଗଲେ । ତେଣୁ ଯେତିକି ଦିନଏ ଜୀବନ ଅଛି, ତାକୁ ଯନ୍ତ୍ରଣାରେ, ଦୁଃଖରେ କଟେଇବି କାହିଁକି ?'

ସୁନନ୍ଦା - "ଆଜି ଅରବିନ୍ଦ ଭାଇ କାହିଁକି ଆସିନାହାନ୍ତି ?'

ନିର୍ମଳା - "ସିଏ ତାଙ୍କ ଝିଅକୁ ଭେଟିବାକୁ ବୋଷ୍ଟନ ଯାଇଛନ୍ତି । ତାପରେ ଏଠି ତାଙ୍କୁ ଦେଖି ବିଭିନ୍ନ ଚହ୍ନଜଣା ଲୋକ ଏମିତି ସେମିତି କହିଥାନ୍ତେ । ନ ଆସିଛନ୍ତି, ଭଲ ହୋଇଛି ।'

ସୁନନ୍ଦା - "ତମେ ଖୁସି ଅଛ ତ ?'

ISSN NO.
2582-208X

ନିର୍ମଳା – "ଅନେକ ଖୁସି । ମୋ ଶରୀରର ରୋଗକୁ ନେଇ ପ୍ରଥମେ ତ ଅନେକ ଦୁଃଖୀ ଥିଲି । ତେବେ ଏବେ ଆମମାନଙ୍କର ଗୋଟିଏ ସଂଘ ଅଛି । ଆମେମାନେ ସପ୍ତାହରେ ଥରେ ଲେଖାଏଁ ମିଶୁଛୁ । ବେଳେବେଳେ ମିଶି ସିନେମା ଦେଖି ଯାଉଛୁ କି କିଛି ଦର୍ଶନୀୟ ସ୍ଥାନ ଦେଖି ଯାଉଛୁ । ଅରବିନ୍ଦଙ୍କ ସହିତ ମୋ ସଂପର୍କ ସ୍ୱାମୀ ସ୍ତ୍ରୀର ସଂପର୍କରୁ ବଳି ବନ୍ଧୁତାର ସଂପର୍କରେ ଜୋଡା । ତାଙ୍କର ଯାହା ଇଛା ହୁଏ , ସିଏ କରନ୍ତୁ, ମୋର ଯାହା ଇଚ୍ଛା ହୁଏ ମୁଁ କରେ । ସମୟ ସମୟରେ ଆମେ ପରସ୍ପରକୁ ସାହାଯ୍ୟ କରୁ । କେହି କାହା ଉପରେ ନିଜର ଇଚ୍ଛାକୁ ଜାହିର କରୁନା ।'

ସୁନନ୍ଦା ମନେମନେ ଭାବୁଥିଲା, "ଏଇ କଣ ଏ ଯୁଗର ପ୍ରେମ ? ଆଗେ ଏ ପ୍ରେମ ପାଇଁ କେତେ କଣ ଘଟି ଯାଉଥିଲା, କେତେ ବଳିଦାନ ଦେବାକୁ ପଡୁଥିଲା, କେତେ ସଙ୍କଟ ଅତିକ୍ରମ କରିବାକୁ ପଡୁଥିଲା, କେତେ ଲୁହ ଝରୁଥିଲା । ଏବେ କଣ ସତରେ ଏମିତି ସବୁ ସହଜ ? ଶାଢୀ ବଦଳେଇଦେବା ଭଳି ସ୍ୱାମୀ ବଦଳେଇବା, ସ୍ତ୍ରୀ ବଦଳେଇବା, ସତରେ କଣ ଏତେ ସାଧାରଣ ? ଆଉ ମନ ? ମନ କଣ ଏତେ ସହଜରେ ସବୁକିଛି ପୁରୁଣା ସଂପର୍କ ଭୁଲିଯାଇ ନୂଆ ସଂପର୍କରେ ହଜିଯାଇ ପାରେ ?'

ନିର୍ମଳା ଯେମିତି ସୁନନ୍ଦାକୁ ପଢି ଯାଉଥିଲା । ହସିହସି କହିଲା, "ଜାଣିଛି, ତମେ କଣ ଭାବୁଛ । ତମେ ଲେଖିକା ତ, ସେଥିପାଇଁ । ତମେ ମନ ଭିତରର ଭାବନାକୁ ଚିନ୍ତା କର । ହେଲେ ମନ ଭିତରର ଅନେକ ଭାବନା ସତ ଦୁନିଆଁରେ ସମ୍ଭବ ହୋଇପାରେନି । ସେ ଅସମ୍ଭବ ପଛରେ ଦୌଡିଦୌଡି କ୍ଳାନ୍ତ ହେବା ଅପେକ୍ଷା, ଜୀବନକୁ ସହଜରେ ଗ୍ରହଣ କରିନେବା ବୁଦ୍ଧିମତ୍ତାର କାମ ନୁହେଁ କି ?'

ସଙ୍ଗୀତ ଆସର ହେବାର ସମୟ ହୋଇଆସୁଥିଲା । ଶଶାଙ୍କ ଚକାଗୋ ବୁଲି ଫେରି ଆସିଥିଲେ । ସେଦିନର କଥା ସେତିକି ରହିଥିଲା ।

ସଙ୍ଗୀତ ଆସରରେ ନିର୍ମଳା ଖୁବ୍ ଖୁସିରେ ନାଚୁଥିଲା । ସିଏ ଯେ ଏତେ ଭଲ ନାଚପାରେ, ସେ କଥା ସୁନନ୍ଦା କେବେ ଦେଖିନଥିଲା । ଅସଲରେ ନିର୍ମଳା ଆଗରୁ ଟିକେ ମୋଟି ଥିଲା ।

ISSN NO.
2582-208X

ଏବେ ନିଜକୁ ପତଳା କରି ବଡ ସୁନ୍ଦର ଶରୀର ରଖିଛି । ନାଚ ତାକୁ ଖୁବ୍ ମାନୁଥିଲା । ସମସ୍ତେ ତାର ପ୍ରଶଂସାରେ ଶତମୁଖ ହେଉଥିଲେ ।

ସେଦିନ ରାତିରେ ଶଶାଙ୍କ ପଚାରିଲେ, "ନିର୍ମଳା ଭାଉଜ କଣ ଏକା ଆସିଛନ୍ତି ? ଶ୍ରୀଧର ଭାଇଙ୍କୁ ତ ମୁଁ ଦେଖିଲିନ ।'

"ହଁ ସିଏ ଏକା ଆସିଛି ।' - ଏତିକ କହି ସୁନନ୍ଦା କଥାର ମୋଡ ବଦଳେଇଦେଲା । ଶଶାଙ୍କ ସେମିତି । କିଛି କଥା ପେଟରେ ରଖିବେନି । ଏବେ ତାଙ୍କୁ ଯଦି ସିଏ ସବୁକଥା କହିଦେବ ତ, ସିଏ ଯାଇ ଦଶ, ବାର ଜଣଙ୍କ ଆଗରେ କହିବେ । ନିର୍ମଳା ଏକଥା ଜାଣିଲେ ଖରାପ ଭାବିବ ।

ତା ପରଦିନ ବାହାଘର ଓ ରିସେପସନ୍ ରେ ବି ନିର୍ମଳା ବହୁତ ଖୁସିରେ ଖୁସିରେ କଟେଇଲା। ସମସ୍ତଙ୍କ ସହିତ ଗପ କରି, ଫଟୋ ଉଠେଇ, ରିସେପସନ୍ ରେ ନାଚ କରି ସିଏ ଅନେକ ଖୁସି ଦିଶୁଥିଲା । ଏମିତିକି ରିସେପସନ୍ ରେ ନାଚବା ପାଇଁ ସୁନନ୍ଦାକୁ ଟାଣିଟାଣି ନେଇଗଲା ।

ରିସେପସନ୍ ପରେ ଦୁଇ ଜଣ ମିଶି ପୁଣି ଗପ ଜୋଡିଲେ ।

"ତମେ କେବେ ଫେରୁଛ ସୁନନ୍ଦା । କାଲି ଫେରୁଛ ନା କିଛିଦିନ ଚକାଗୋରେ ରହୁଚ ? ଯଦି ରହୁଛ, ତେବେ ଆମ ଘରକୁ ନିଶ୍ଚୟ ଆସିବ ।'

"ନାଇଁ, ଆମେ କାଲି ଫେରିଯାଉଛୁ । ମୋ ନାତିର ଜନ୍ମଦିନ ଅଛି ତ । ସେଥିପାଇଁ ।'

"ହଉ, ଦେଖାହେଲା, ଭଲ ହେଲା । ତେବେ ମୋ ଅନୁରୋଧ ଭୁଲିବନି । ମୋ ଜୀବନର ଗପଟି ନିଶ୍ଚୟ ଲେଖିବ । ଆଉ ଯଦି ଉପନ୍ୟାସ ଲେଖ ତ, ବହୁତ ଭଲ ହେବ । ତେବେ ସେଥିପାଇଁ ତମକୁ ଅନେକ କିଛି ବ୍ୟକ୍ତିଗତ କଥା ଜଣେଇବାକୁ ପଡିବ । ଯାହା ବି ଲେଖ, ମୁଁ ଖୁସି ହେବି ।'

ISSN NO.
2582-208X

"ନିଶ୍ଚୟ ଲେଖିବି । ତମେ ଯାହାବି ଭାବୁଛ, ମତେ କହିପାରିବ । ମୁଁ ଅନେକ କଥା ଗୁପ୍ତ ରଖିପାରେ । ସେ କଥା ତମେ ଜାଣିଛ ।'

"ନା, ସେମିତି କିଛି ନାହିଁ । ମୁଁ ତମକୁ ବିଶ୍ୱାସ କରେ । ସେଥିପାଇଁ ତ ତମ ଆଗରେ ମନ ଖୋଲିଦେଲି । ତେବେ ବହୁତ ସମୟରେ ମୋର ଶ୍ରୀଧରଙ୍କ କଥା ମନେପଡେ । ସିଏ ମୋତେ ଅନେକ ସ୍ନେହ ଦେଇଛନ୍ତି; ମୋ ଦେହ ଖରାପ ସମୟରେ ଅନେକ ଯତ୍ନ ନେଇଛନ୍ତି। ମୁଁ ତାଙ୍କ ଉପରେ କେବଳ ଯେ ରାଗିକରି ପାଟି କରିଛି, ଅସଲରେ ସେଇ କଥା ନୁହେଁ । ମୁଁ ତାଙ୍କର ଭବିଷ୍ୟତର ଭଲ ବିଚାର କରି ସେମିତ ବେଳେବେଳେ ଅଭିନୟ ବି କରିଛି ।'

"ମାନେ ?'

"ମାନେ ହେଲା, ମୁଁ ବଞ୍ଚିରହିବି ବୋଲି ବିଶ୍ୱାସ ନଥିଲା । ମୋ ପରେ ଶ୍ରୀଧର କେମିତି ବଞ୍ଚିବେ, କେମିତି ରହିବେ ସେଇ କଥା ଭାବି ବ୍ୟସ୍ତ ହେଉଥିଲି । ଯେତେବେଳେ ଲଳତାକୁ ଦେଖିଲି, ତାର ସେବା ଯତ୍ନ ଦେଖି ଭାବିଲି, ସେଇ ହିଁ ସତରେ ଦେବୀ । ମୋ ଶ୍ରୀଧରଙ୍କ ଯତ୍ନ ନେଇପାରିବ; ତାଙ୍କୁ ସ୍ନେହ ଦେଇପାରିବ । ସେଥିପାଇଁ ...।'

ତାପରେ ନିର୍ମଳା କାନ୍ଦିଲା । ତା ଆଖିରେ ଶ୍ରୀଧର ଭାଇଙ୍କ ପ୍ରତି ସତ ପ୍ରେମର ଝଲକ ଦେଖିପାରିଲା ସୁନନ୍ଦା । ସିଏ ଯେମିତି କିଛି ବୁଝିପାରୁନଥିଲା । ନିର୍ମଳା ତାକୁ ରହସ୍ୟମୟୀ ମନେ ହେଉଥିଲା ।

କିଛି ସମୟ ପରେ କାନ୍ଦ ବନ୍ଦ କରି ନିର୍ମଳା ଅନୁରୋଧ କଲା, "ତମକୁ ସିଏ ବହୁତ ସମ୍ମାନ କରନ୍ତି । ବିଶେଷ କରି ତମେ ଲେଖାଲେଖି କର ବୋଲି । ତାଙ୍କୁ ଡାକ ଟିକେ କଥା ହବ ତ? ସିଏ କେମିତି ଅଛନ୍ତି, ତାଙ୍କ ସ୍ୱାସ୍ଥ୍ୟ କେମିତି ଅଛି, ଟିକେ ପଚାରି ବୁଝିବ ତ । ତାପରେ ମତେ ଜଣେଇବ । ମୋ ପାଇଁ ଏତିକ କରିପାରିବ ?'

ISSN NO.
2582-208X

"ନିଶ୍ଚୟ କରିବି ନିର୍ମଳା । ଅସଲରେ ମତେ ତ ଦୋଷୀ ଦୋଷୀ ଲାଗୁଛି ଯେ, ତମମାନଙ୍କ ଜୀବନରେ ଏତେ ସବୁ ଘଟିଗଲା, ହେଲେ ଆମେ କେହି ଜାଣିପାରିଲୁନି । ସେଥିପାଇଁ ସତରେ ମୁଁ ଦୁଃଖିତ ।'

ନିର୍ମଳା ଆଶ୍ୱସ୍ତ ହୋଇ "ଧନ୍ୟବାଦ" ଓ "ଶୁଭରାତ୍ରି' କହି ଶୋଇବାକୁ ତା' ରୁମ୍‌କୁ ଗଲା । ଅନେକ ଦିନ ପରେ ପ୍ରେମର ଆଉ ଏକ ନୂଆ କୋଣ ଆବିଷ୍କାର କରି ସୁନନ୍ଦାର ସତେ ଯେମିତି ଦିବ୍ୟ ଜ୍ଞାନ ଉଦୟ ହେଲା ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଅନିଚ୍ଛାର ତିନୋଟି ଝିଅ



ଶକୁନ୍ତଳା ଗୁପ୍ତା

(୧)

ମୋର ଦୋଷ ଥିଲା,
ମୋର ଅଳ୍ପ ବୟସ
ତା' ଆଖିକୁ ଅସହ୍ୟ,
ମୋ କେରାଏ ଘଞ୍ଚ ମଥାର ଚୁଟି
ମୋ ଗାଲ-ବସା ମୁହଁ
ଠିକ୍ ମୋ ମଲା-ମାଆ ପରି

ବାକି ସବୁ ଠିକ୍ ତା' ପରି
ତା' ଶୈଶବ ପରି
ଦୁର୍ବଳ ପଞ୍ଜରାଟେ
ଛାତି କହିଲେ ଚମ ପରଟେ ଖାଲି
ମୋର ହେଲେବି ଦୋଷ ଥିଲା,
ମୋର ଏରୁଣ୍ଡି ଡେଇଁ ନଥିବା କୈଶୋର
ମୋର ଆଖି ହଳଟେ ବି ଥିଲା
ସାବତ ମାଁର ରୂପ ଦେଖିବାକୁ

ISSN NO.
2582-208X

କଂସାଇ ଖାନାର ଛୁରୀଟେ
ବେକରେ ରଖି
ସେ ସଉଦା କରିଥିଲା
ମୋର ଏଥିରେ ବି ଦୋଷ ଥିଲା,
ତା' ଝିଅ ହେବାର
ମୁଁ ନିଜେ ଝିଅଟିଏ ହେବାର

ଅନ୍ଧାରୁଆ କୋଠରୀରେ
ରାତି ଦିନ ଶାଗୁଣା
ଝୁଣି ଖାଉଥିଲେ
ମୋର ଆତ୍ମା ଆଉ ଶରୀର
ଏଥିରେ ବି ମୋର ଦୋଷ ଥିଲା,
ସେ ତାର ମାତୃତ୍ୱକୁ ବିକିଦେବା ପରେ
ତା' ବର୍ବରତା, ନିର୍ଦ୍ଦୟତାର ତୃପ୍ତିରେ
ମୋର ଦୋଷ ଥିଲା

ରକ୍ଷକ ଭକ୍ଷକ ପାଲଟନ୍ତି
ଚାରି ଦୁଆର ବନ୍ଦ ହେଇଯାଏ
ଜୀବନଟେ ଖବରଟେ ପାଲଟିବା ପର୍ଯ୍ୟନ୍ତ
ମୋର ଦୋଷ ଅଛି
ମୁହଁ ଖୋଲିବାର ଦୋଷ,
ଏ ଦେଶରେ
ଜନ୍ମ ହେବାର ଦୋଷ!

ISSN NO.
2582-208X

(୨)

ବାହୁବନ୍ଧନୀରୁ ଖଇ ଝରୁଥିଲା
ବିବାହ ବେଦୀରେ
ମୋ ଆଖିରୁ ଲୁହ ବି
ଅଦେଖା କରିଦେଲ,

ବାହାଘର ହୁଏ
ମାଁ କାନ୍ଦେ
ଭାଇ କାନ୍ଦେ
ହଁ ଏମିତି ଏକା ହୁଏ

ଇଚ୍ଛା, ଅନିଚ୍ଛାର ଆହୂତି
ପାଟ ଶାଢ଼ୀରେ ବନ୍ଧା ହୁଏ
ଗାଡ଼ି ବୋଝ ହୁଏ
ସଂସାର ଯାକର ଘରକରଣା
ସୁନା ଗହଣା
ଆଉ କଣ୍ଢେଇଟିଏ
ହଁ ଏମିତି ହୁଏ

ମୋ ପଡ଼ିଶା ଘରେ ବି
ହଁ ଏମିତି ହେଇଥିଲା

ମୁଁ ବି ଖେଳୁଥିଲି
ଏହିପରି ଖେଳ, ଖେଳଘରେ

ISSN NO.
2582-208X

ବାପଘର ଶାଶୁଘର
କଣ୍ଢେଇଟେ ହେବା ଆଗରୁ

ନିକିତିରେ ବସିବା ଆଗରୁ
ଶଙ୍ଖେ ପାଣି ଦେବା ଆଗରୁ
ପଙ୍ଖାରେ ଝୁଲିବା ଆଗରୁ
ଝୁଲାଇ ଦେବା ଆଗରୁ
ଯୁ' ଯିବା ଆଗରୁ

ଆଜି ବି ଖଇ ଝରୁଛି
ରାସ୍ତା ସାରା
ଅନିଚ୍ଛାର ଖଇ

(୩)

ପେଟପୁରା ମୁଠେ ଖାଇବି ବୋଲି
ମୁଁ ଝାଳ ରକ୍ତ ଏକ କରି
ମଜୁରୀ ଖଟୁଥିଲି
ଚାରିଟି ହେଟା
ସନ୍ଧ୍ୟା ନ ହେଉଣୁ
ମାତାଲ୍ ହେଇ ଯାଆନ୍ତି
ତାଙ୍କ ଭୋକ ଗରାଖ ଖୋଜେ
ଘୋଷାରି ଆଣି
ଗୋଟି ପରେ ଗୋଟି
ମୋ ମୁହଁ, ବେକ, ଛାତି

ISSN NO.
2582-208X

ଦେହର ଖଣ୍ଡେ ଖଣ୍ଡେ ଉଜୁରା ମାଉଁସ...
ବାକି ନାହିଁ
ନୃଶଂସ ଚିହ୍ନରେ ଖିନ୍ ଭିନ୍
ଫୁଙ୍ଗୁଳା ମେଲା କରି
ଫୋପାଡ଼ି ଦିଅନ୍ତି ରାସ୍ତା କଡ଼ରେ
ଅନାବନା ଜାଗା ଦେଖି
ଏଇ ମୂଖା ତଳେ
ନିତି ଦିନ ଦେଖିଥିବା ଚେହେରା !
ତାଙ୍କ ଦୁଷ୍କର୍ମର ବଳ ସରେନି,
ତାପରେ ଚର୍ଚ୍ଚା ଚର୍ଚ୍ଚା ଚର୍ଚ୍ଚା
ପାଶବିକତା ହାଲିଆ ହେବାର ଦେଖିନି
ମୋ ଆଖିର ଶେଷଦୃଶ୍ୟ

----------------

(ଦୁଃଖଦ ସତ୍ୟଘଟଣା ଉପରେ ଆଧାରିତ, ଅନିଚ୍ଛାର ତିନୋଟି ସ୍କେଚ୍ । ଆଜିର ନାରୀ/କନ୍ୟା ସୁରକ୍ଷିତ ହେଉ, ସ୍ନେହମୟୀ ହେଉ, ଶାନ୍ତି ଓ ଆନନ୍ଦରେ ସମାଜ ଉତ୍ସବମୟ ହେଉ, ଏହାହିଁ ପ୍ରାର୍ଥନା! )

ରାଉରକେଲା
shakuntala.naik@gmail.com

ISSN NO.
2582-208X

# ଲିପିବଦ୍ଧ....



ମଧୁମିତା ମିଶ୍ର

ଲେଖନୀ ସ୍ୟାହିକୁ କହିଲା..
କିଛି ଲେଖିବା..
ଆଗେଇ ଆସିଲା..
ଆସ..ଲିପିବଦ୍ଧ କରିବା କିଛି..
ସୁଖ ଦୁଃଖର କାହାଣୀ..
କିଛି ସ୍ୱପ୍ନ ତଥା ..
ବାସ୍ତବତାର ରାଗିଣୀ..

ଲେଖିବା ପୁଣି କିଛି..
ବିତିଯିବା ଗତ ମୁହୂର୍ତ୍ତକୁ..
ଲିପିବଦ୍ଧ କରିଯିବା ପୁଣି...
ଆଗାମୀ ଏକ ଭବିଷ୍ୟତକୁ...

ଆସ ପୁଣି ଲେଖିଦେବା..
ଅକୁହା ଅଶୁଣା କିଛି ବ୍ୟାକରଣ..
ନିର୍ମାଣ କରିବା ଆସ..
ନୂତନ ସୃଜନୀ ..ନୂତନ ସଂସ୍କରଣ...

ISSN NO.
2582-208X

ହସିଲା ସ୍ୟାହି..କହିଲା..
ଏ ନୁହେଁ ଆମ ପରିଧିରେ..
ଲେଖା ଯାଏ ନାହି ଜୀବନ..
କେବେ କେଉଁ ଲେଖନୀ ମୁନରେ..

ଏ ଜୀବନ ତ ମହାକାବ୍ୟ..
ରଚୟିତା ଯାର ପରମେଶ୍ୱର..
ଅନୁଭବ ଅନୁଭୂତି ଭବିତବ୍ୟର..
ଏ ଯେ ଏକ ସ୍ମୃତି ସମ୍ଭାର...

ଭୁବନେଶ୍ୱର

ISSN NO.
2582-208X

# ଏଇତ ଜୀବନ



ଡ. ପ୍ରସନ୍ନ କୁମାର ବଳ

ନିସ୍ତବ୍ଧ ରଜନୀ,
ଶୁନଶାନ୍ ଜାଗା
ଅମାବାସ୍ୟା ରାତ୍ରି,
ଚାରିଆଡେ ଅନ୍ଧାରର କାୟା,
ଶ୍ୱାନ ମାନଙ୍କର ବିକଟାଳ ରଡି
ସୃଷ୍ଟି କରୁଛି ମନରେ ଏକ ଅଜଣା ଆତଙ୍କ ।୧।
+++++

ଅଜଣା ଆତଙ୍କରେ ମନ ଆନ୍ଦୋଳିତ,
କି ବା ଅପେକ୍ଷାରେ ରହିଛି ଏ ମନ,
କି ସନ୍ଦେଶ ଆସି ପୁଣି ପହଞ୍ଚିବ ଏଠି,
ଅଜଣା ଭୟରେ ପୁଣି ମନ ଆତଙ୍କିତ ।୨।
+++++

ISSN NO.
2582-208X

ଶୁଭ ଓ ଅଶୁଭ ସମୟର ଅଛି କିଛି ସଂଜ୍ଞା,
ଏ ଯଦି ଅଶୁଭ ବେଳା ଶୁଭ ବେଳା କଣ ? ।୩ ।
+++++
କୋଳାହଳ ମୟ ପରିବେଶ,
ଜନପୂର୍ଣ୍ଣ ସ୍ଥାନ,
ପୂର୍ଣ୍ଣିମାର ସେହି ଅନୁପମ ରାତ୍ରି,
ଚାରିଆଡେ ଆଲୋକର ବିଚ୍ଛୁରିତ କିରଣ,
ଜ୍ୟୋସ୍ନା ବିଧୌତ ରଜନୀ,
ସୃଷ୍ଟି କରେ ଦିବସର ସେ ଭ୍ରମାତ୍ମକ ଭାବ,
ଅଜଣା ଆନନ୍ଦରେ ମନ ଉଲ୍ଲସିତ,
କି ବା ଅପେକ୍ଷାରେ ରହିଛି ଏ ମନ ?
ଅଜଣା ଖୁସିରେ ପୁଣି ମନ ତ ଉଛନ୍ନ ଓ ପୁଲକିତ
ସୁ ସନ୍ଦେଶ ବହନ କରିଛି ଏ ମୁହୂର୍ତ୍ତ,
ଏ କଣ ଶୁଭ ସମୟ ??୪??
+++++
ଏଇତ ଜୀବନ,
ସୁଖ, ଦୁଃଖର ଏ ଅପୂର୍ବ ସମାହାର,
ଭଲ ଅଛି, ମନ୍ଦ ଅଛି ଏ ଜୀବନ ଧାରେ,
ଶତ୍ରୁ ଓ ମିତ୍ରର ମଧ୍ୟରେ ଏ ଜୀବନ ଧାରା ।୫ ।
ଭାଙ୍ଗିବାନୀ ଶତ୍ରୁର କୃର ପରିହାସରେ
ବା
ପୁଲକିତ ହେବାନୀ ମିତ୍ରର ମିଛ ପ୍ରଶଂସାରେ ।୬ ।

ISSN NO.
2582-208X

ଏ ଜୀବନ ଧାରା ଚୀର ଅମୃତମୟ,
ଆମେ ସବୁ ହେଲେ ଅମୃତର ସନ୍ତାନ,
ହସିବା ଏଇଠି,
କାନ୍ଦିବା ଏଇଠି,
ବଞ୍ଚିବା ଏଇଠି,
ଶେଷରେ ମରିବା ହିଁ ଏଠି,
ଏ ହେଲା ଅନିର୍ବାର୍ଯ୍ୟ ସତ୍ୟ,
ଏଇତ ଜୀବନ
ଏଇତ ଜୀବନ,
ଏଇ ହିଁ ତ ଜୀବନ ।୭।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଲଳିତ ନିବନ୍ଧ –
# ହାରି ଯାଉଥିବା ହରି



ବଦ୍ରୀ ମହାନ୍ତ

ସ୍ୱୀକାର କରିବା, ଆପଣେଇ ନେବା ଅଥବା ଗ୍ରହଣ କରିନେଇ ଆସନ୍ତା କାଲିର ଚଲାପଥ ପାଇଁ ଖସଡ଼ା ପ୍ରସ୍ତୁତ କରିବା ସଭିଙ୍କ ଦ୍ୱାରା ସମ୍ଭବ ହୋଇ ନ ଥାଏ। ପ୍ରତିଟି ଫଳାଫଳକୁ ଉଭୟ ଦିଗରୁ ବିଚାର ନ କରି କୌଣସି ନିଷ୍କର୍ଷରେ ଉପନୀତ ହେବା ଦ୍ୱାରା ମନରେ ଭରିଯାଏ ଆନନ୍ଦ ବା ଅଭିମାନ। ଜୟଯୁକ୍ତ ହେବା,ପରାଜିତ ହେବା କିମ୍ବା ମଝି ଛକରେ ଝୁଲି ପଡ଼ିବା ଜୀବନର ଏକ ଅନିର୍ବାଯ୍ୟ ସତ୍ୟ। ଏହି ସତ୍ୟକୁ ସମ୍ବଳ କରି ମଣିଷ ନାନାଦି କର୍ମରେ ଲିପ୍ତ ରହେ। ସାରା ଜୀବନ ପରୀକ୍ଷା ପରେ ପରୀକ୍ଷାର ସାମ୍ନା କରେ। ନିଜ ଜୀବନକୁ ସଳଖ ସୁନ୍ଦର ସାବଲୀଳ କରିବା ପାଇଁ ସାମ୍ନା କରେ ଅଗଣନ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦିତା। ପ୍ରଭୁତ ପ୍ରସ୍ତୁତି ସତ୍ୱେ ପ୍ରତି ପରୀକ୍ଷାରୁ ଯେ ସଫଳତାର ଜୟମାଲ୍ୟ ତା ବେକରେ ପଡ଼ିବ ଏହା ନିର୍ଦ୍ଦିଷ୍ଟ ଭାବେ କହି ହେବନାହିଁ। ପରାଜୟ ବରଣ କରିବା, ବିଫଳତାର ସ୍ୱାଦ ଚାଖିବା କୌଣସି ସମୟରେ କୌଣସି କ୍ଷେତ୍ରରେ ଯେ କୌଣସି ବ୍ୟକ୍ତି ନିମନ୍ତେ ଘଟିଥାଏ। ହାରିଯିବା ସର୍ବଶେଷ ସତ୍ୟ ନୁହେଁ, ବରଂ ସମ୍ଭାବନାକୁ ଧରାତଳ କରିବାର ଗୋଟାଏ ସ୍ୱାକ୍ଷର, ପ୍ରଶସ୍ତ ରାସ୍ତା ଉନ୍ମୁକ୍ତ ହୋଇ ଯିବାର ଏକ ସୂଚନା।

ବାରମ୍ବାର ବିଫଳ ହେବା ଦ୍ୱାରା ଏମିତି ସମୟଟିଏ ଆସି ପହଞ୍ଚି ଯାଏ, ଯେତେବେଳେ ମନେହୁଏ ବୋଧହୁଏ ଜୀବନ କାଳ ମଧ୍ୟରେ ଆଉ ସଫଳତା ମିଳିବ ନାହିଁ। ସତେ ଯେପରି ବିଧାତା ପରାଜୟ ଜନିତ ଅସହାୟତା ତା କପାଳରେ ଲେଖି ଦେଇଛି! ଯେତେ

ISSN NO.
2582-208X

ଯାହା ଶ୍ରମ ଉଦ୍ୟମ କଲେ ସୁଦ୍ଧା ଜୟଯୁକ୍ତ ହେବା ତା ପାଇଁ ଅପହଞ୍ଚ। ତାଛଡ଼ା ସେ ଭାବିନିଏ ଅନ୍ୟର ସାହାଯ୍ୟ ସହଯୋଗର ଦ୍ୱାର ତା ପାଇଁ ଚିରକାଳ ବନ୍ଦ ପଡ଼ିଛି। ଇଚ୍ଛାକଲେ ମଧ୍ୟ ସେ ରୁଦ୍ଧ ଦ୍ୱାର ଉନ୍ମୁକ୍ତ କରି ସଫଳତାର ସିଡି ଚଢି ପାରିବନାହିଁ। ଦୁର୍ଭାଗ୍ୟ ଦୁର୍ଭାବନା ଦୁଶ୍ଚିନ୍ତା ଏବଂ ଦୁଃସ୍ଥିତି ତାର ଦୟନୀୟତାର କାରଣ ବୋଲି ମନେ କରିନେବା ପରେ ନୂଆ ସୃଜନ ତା ଭିତରେ ଆଉ ସମ୍ଭବ ହେବନାହିଁ। ଏ ମନଃସ୍ଥିତିରୁ ଊର୍ଦ୍ଧ୍ୱକୁ ଯାଇପାରୁଥିବା ବ୍ୟକ୍ତିକୁ ବିଜୟୀ ରୂପେ ଘୋଷଣା କରାଯାଏ। ଏ କ୍ଷେତ୍ରରେ ଉପଲବ୍ଧ ହେଉଥିବା ସାଧନ ଓ ବ୍ୟବସ୍ଥା ମଧ୍ୟରେ ସମୟର ଯଥାଯଥ ଉପଯୋଗ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ।

ସତ୍ୟ ଚିରକାଳ ଉଜ୍ଜ୍ୱଳ ଏବଂ ଦିବ୍ୟ ଭାବନାର ଦ୍ୟୋତକ। ଛଳନା ଅନ୍ଧକାର ମିଥ୍ୟା ଓ ଅପକୀର୍ତ୍ତି କେବେହେଲେ ତା ପାଖ ସ୍ପର୍ଶ କରି ପାରନ୍ତିନାହିଁ। ସତ୍ୟର ଉପଲବ୍ଧି ଅନୁପମ। ଏହା ସାମୟିକ ଯନ୍ତ୍ରଣା ଦେଇପାରେ,ଅସ୍ଥାୟୀ ଦୁଃଖ ଓ ନିରାଶାର ଅନ୍ଧକାରକୁ ସାମ୍ନା କରାଇ ଦେଇପାରେ,ମାତ୍ର ପରାଜିତ ହୁଏନାହିଁ। ସତ୍ୟାଶ୍ରୟୀ ବ୍ୟକ୍ତି ଅନେକ ଉଠାପକା ଦନ୍ତୁରିତ ପଥ, କଣ୍ଟକିତ ମୁହୂର୍ତ୍ତ ଏବଂ ଅସାଧୁ ବ୍ୟକ୍ତିଙ୍କୁ ସାମ୍ନା କଲାବେଳେ ହାରି ଯିବା ପରି ନିଜକୁ ମନେ କରିପାରେ,ଜୀବନ ଦୁର୍ବିସହ ହୋଇ ଉଠୁଥିବାର ଅନୁଭବ ହୁଏ, ମାତ୍ର ଏହା ଅସ୍ଥାୟୀ। ହାରି ଯାଉଥିବା ହରିର ହାତ ଧରି 'ସତ୍ୟ' ଅନ୍ତିମ ମୁହୂର୍ତ୍ତରେ ପିନ୍ଧାଇଦିଏ ଜୟମାଲ୍ୟ। ତେଣୁ ଏକାଗ୍ରତା, ଧୈର୍ଯ୍ୟ ଓ ସାହସର ସହ ସ୍ଥିର କରିଥିବା ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେଲେ ସମସ୍ତ ଆସଂଗତି ଚାଲି ଯାଆନ୍ତି ଦୂରରୁ ଦୂରକୁ।

ପୁରାଣ, ଇତିହାସ ଓ ବର୍ତ୍ତମାନର ଅସୁମାରି କାହାଣୀ ଭିତରେ ଗୁନ୍ଥି ହୋଇ ରହିଛି ଆଗଣନ ପରାଜୟର ଦୁଃଖଦ ବିୟୋଗାନ୍ତ ଚିତ୍ର। ଶକ୍ତି ସାମର୍ଥ୍ୟ ଓ ସତ୍ୟନିଷ୍ଠ ସଂଗ୍ରାମ ସତ୍ତ୍ୱେ ହାରି ଯିବା ପଶ୍ଚାଦରେ ଥିବା କଥା ଉପକଥା ପରବର୍ତ୍ତୀ ସମୟ ନିମନ୍ତେ ସତର୍କ ସୂଚନା ଦେଇ ଆସିଛି। ସବୁ ଜାଣିବା ପରେ ମଧ୍ୟ ବର୍ତ୍ତମାନ ଅଗଣନ ହରି ପ୍ରତି ମୁହୂର୍ତ୍ତରେ ହାରୁଛନ୍ତି, ହାରୁ ହାରୁ ଜିତୁଛନ୍ତି, ହାରିବା ଭିତରେ ଦେଖୁଛନ୍ତି ବିଜୟ। ସମ୍ପ୍ରତି ଏହାହିଁ

ISSN NO.
2582-208X

ସଂଗ୍ରାମରତ ମଣିଷର ଅଭିପ୍ରେତ। ପରାଜୟକୁ ବିଜୟରେ ପରିଣତ କରିବା ଅନେକଙ୍କ ପାଇଁ ଅଲୌକିକ ମନେହେଲେ ସୁଦ୍ଧା ଏହା ସମ୍ଭବ ଏବଂ ଏହାର ପ୍ରଚୁର ଦୃଷ୍ଟାନ୍ତ ରହିଛି। କେବଳ ଭାଗ୍ୟ ବା ଭଗବାନଙ୍କ କୃପା କହି ଏହି ଜାତୀୟ ବିଜୟକୁ ଉଲ୍ଲେଖ କରିବା ଗ୍ରହଣୀୟ ନୁହେଁ। ଅନ୍ତିମ ମୁହୂର୍ତ୍ତର ସାର୍ଥକ ଉପଯୋଗ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଓ ଏକନିଷ୍ଠ ଉଦ୍ୟମ ପରାଜୟ ମୁହଁରୁ ବିଜୟ ଓଟାରି ଆଣି ରାଜ ତିଳକ ପିନ୍ଧାଇ ଦିଏ।

ଜିତିଯିବାର ସମସ୍ତ ଅନୁକୂଳ ପରିବେଶ, ସମ୍ଭାବନା, ଏପରିକି ସୁନିଶ୍ଚିତତା ଥିବା ସତ୍ତ୍ୱେ ଅନେକ ଇଚ୍ଛା ପ୍ରକାଶ କରନ୍ତି ହାରି ଯିବାକୁ। ହାରି ଯିବା ଜନିତ ବୌଦ୍ଧିକ ଆନନ୍ଦ ସହିତ ଦୁନିଆର ଅନ୍ୟ ଅନେକ ସୁବିଧା ସୁଯୋଗ ଅପେକ୍ଷା କରିଛି ବୋଲି ଭ୍ରମ ଭିତରେ ବୁଡ଼ି ଯିବାକୁ ଶ୍ରେୟ ମନେକରନ୍ତି। ଯେପରି କେତେକ କ୍ଷେତ୍ରରେ ଦେଖାଯାଏ ଅନେକ ଚାହୁଁଥାନ୍ତି ଗରିବ ହୋଇ ରହିବା ପାଇଁ ବା ଗରିବୀ ଗୋଷ୍ଠୀଭୁକ୍ତ ହୋଇ ଜୀବନ ଜିଇବା ଦ୍ୱାରା ଅନେକ ସୁବିଧା ସୁଯୋଗ ପ୍ରାପ୍ତ ହେବାର ପଥ ସୁଗମ ସହଜ ହୋଇଯାଏ ବୋଲି ଧାରଣାକୁ ପାଳି ପୋଷି ବଡ କରିଥାନ୍ତି। ଭାବି ନିଅନ୍ତି ଧନୀ ରୂପେ ପରିଚିତ ହେବା ଫଳରେ ସମାଜରେ ସାଧାରଣ ଚଳଣୀ ବାଧା ପାଇଥାଏ। ମାତ୍ର ଏଥିରେ ଲେଶମାତ୍ର ସତ୍ୟତା ରହିଛି ବୋଲି ମନେ ହୁଏନା। ନିଜକୁ ଦୁଃଖୀ ଦୟନୀୟ ଅଭାବୀ ବଞ୍ଚିତ ମଣିଷ ରୂପେ ପ୍ରଦର୍ଶିତ କରିବା ଦ୍ୱାରା ଅନ୍ୟର ସହାନୁଭୂତି ସାହାଯ୍ୟ ସହଯୋଗ ସୁଗମ ହୋଇଯାଏ ବୋଲି ଧାରଣା ମନରେ ଥାଏ। ସେହି ନ୍ୟାୟରେ ହାରି ଯାଉଥିବାର ଚିତ୍ର ପ୍ରଦର୍ଶନ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ସହଜସାଧ୍ୟ ପ୍ରତୀତ ହୁଏ ପରାଜିତ ବ୍ୟକ୍ତି ପାଇଁ।

ଜୟଯୁକ୍ତ ହେବା ନିମନ୍ତେ ଅସଂଖ୍ୟ ଉପାୟ, ରାସ୍ତା ବା ଫର୍ମୁଲା ରହିଛି, ଯାହାକୁ ଅନେକ ଅନୁସରଣ କରି ବିନିଯୋଗ କରିବା ଦ୍ୱାରା ବିଜୟ ଲାଭ କରନ୍ତି। ମାତ୍ର ହାରି ଯିବାର ଉପାୟ ଓ ଇସ୍ତାହାର ଧରି କେହି ହେଲେ ଘୂରି ବୁଲନ୍ତି ନାହିଁ, ଯଦିଓ ନାନାଦି କୌଶଳ ଅବଲମ୍ବନ କରିବା ଫଳରେ ସଂଗୋପିତ ଇଚ୍ଛାଟିଏ ସାକାର ହୁଏ। ସେ ଇଚ୍ଛା ହୋଇପାରେ ବିଜୟ ଲାଭ କରିବା ନିମନ୍ତେ ଅଥବା ହାରିଯିବାର ଗୁଣଗାନ ପାଇଁ। ସେ ମୁହୂର୍ତ୍ତରେ ମୁଣ୍ଡ

ISSN NO.
2582-208X

ଭିତରେ ଲାଭକ୍ଷତିର ବିଚାର ଖେଳୁଥିବାରୁ ହାରିବା ଅଥବା ଜିତିବା ତା ପାଇଁ ମନେହୁଏ ଗୌଣ। ସ୍ୱପ୍ନର ବିସ୍ତୃତ କ୍ୟାନଭାସ ଉପରେ ଦୃଢ଼ ଅଙ୍ଗୀକାର,ପ୍ରତିବଦ୍ଧତା ଓ ସତ୍ୟନିଷ୍ଠ ପ୍ରୟାସ ବାଟ କଢ଼େଇ ନିଏ ବିଜୟର ଦ୍ୱାରା ଦେଶକୁ। ପଛପଟୁ ଛୁରୀ ଭୁଷିବା, ଧୋକା, କୃତଘ୍ନତା ବଳରେ ଜିତିବାକୁ ହାରିବାରେ ଓ ହାରିବାକୁ ଜିତିବାରେ ପରିଣତ କରିଦେବାର ସଂଭାବନା ଥାଏ, ମାତ୍ର ସତ୍ୟାଶ୍ରୟୀ ନିମନ୍ତେ ଏହା ଅପ୍ରାସଙ୍ଗିକ ଅଲୋଡ଼ା ଓ ବିବର୍ଜିତ ବସ୍ତୁ ।

ବିଜୟରେ ଉଲ୍ଲସିତ ହେବା ଏବଂ ହାରି ଯିବାରେ ହତୋତ୍ସାହିତ ହୋଇ ଉଠିବା ସାଧାରଣ ଚିତ୍ରଟିଏ ପରି ମନେହେଲେ ମଧ୍ୟ ଫଳାଫଳରେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁନଥିବା ବ୍ୟକ୍ତି ହିଁ ଯଥାର୍ଥରେ ସମୟକୁ ଜିତି ଯାଇଥାଏ। ପ୍ରତିଟି ରଣକ୍ଷେତ୍ରକୁ ସାମ୍ନା କରି ଯଥାର୍ଥ ଉତ୍ତର ଥୋଇ ଫଳେଚ୍ଛାକୁ ଗୌଣ ମନେକରିବା ଥାଏ ତାର ଅଭିପ୍ରାୟ। ତେଣୁ ବାଇ ମହାନ୍ତି ସମସ୍ତ ହରିମାନଙ୍କୁ କହନ୍ତି, "ଆଖି ସାମ୍ନାରେ ଦିଶୁଥିବା ସମସ୍ତ ଖେଳ ପଡିଆକୁ ନିଜ ଯୋଗ୍ୟତା ଅନୁସାରେ ଓହ୍ଲେଇ ଯାଅ, ମନ ଧ୍ୟାନ ଦେଇ ଖୁବ୍ ଖେଳ, ଜ୍ଞାନ ବୁଦ୍ଧି ବିବେକ ଖଟାଇ ସବୁ ଉତ୍ତର ଖାତାରେ ନିଜ ବିଚାର ରଖ, ନିଜ ଶକ୍ତି ସମାର୍ଥ୍ୟକୁ ବିନିଯୋଗ କରି ତୁମ ଦିଗକୁ ଆସୁଥିବା ପ୍ରତିବନ୍ଧକର ଜବାବ ଦିଅ, ଦେଖିବ ବିଳମ୍ବ ହେଲେ ସୁଦ୍ଧା ବିଜୟ ତୁମ ପଥ ଅନୁସରଣ କରୁଛି। ସେଠାରେ କୌଣସି ହରି ଆଉ ଜିତୁ ଜିତୁ ହାରିଯିବ ନାହିଁ।"

ବି 10/154, କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# ଗୁରୁ ଦିବସ



ଇଂ. ସୁଶାନ୍ତ କିଶୋର ବଳ

ଗୁରୁ ଛାତ୍ରର ଅଟେ ପ୍ରାଣକେଂଦ୍ର
ଶିଖାଇଥାନ୍ତି ସବୁ ଧରି ତାର ହସ୍ତ.
ଦୂର କରି ଅଗ୍ୟାନ ତିମୀର
ଖେଳାଇଥାନ୍ତି ଗ୍ୟାନରଶ୍ମୀର ଦିବାକର.
ଅନଭ୍ୟସ୍ତ ହସ୍ତେ ଧରାଇ ଲେଖନୀ
କରାଇଥାନ୍ତି ତାକୁ ବିଶ୍ୱେ ଗୁଣୀଗ୍ୟାନୀ .
ସେଇ ପ୍ରାରମ୍ଭିକ ଶିଖ୍ୟା ତାର
ଅଟେ ଯେସନ ନଦୀରେ ତରଣୀ.
ଜୀବନର ଉତ୍ତାଳ କଲ୍ଲୋଳେ
ପାରିଥାଏ ସ୍ରୋତସ୍ୱିନୀ ତରଂଗିଣୀ.
ଅଂଗେଅଂଗେ ଲଭି ଗ୍ୟାନର ବାଳେଂଦୁ
ଧିରେ ପଦାର୍ପଣେ ଉତ୍ଥାନର ପୂର୍ଣେଂଦୁ.
ସୁଜଳା, ସଫଳା ହୋଇଥାଏ ଜୀବନେ .
ଭବ୍ୟ ଭବିଷ୍ୟର ମୂଳୁଦୁଆ ସ୍ଥାପନେ .
ଭୂଲି ନିଜ ସପନ , କାମନା, ବାସନା
ଅହୋରହ ଚେଷ୍ଟିତ ଛାତ୍ରରଉ ଉରୋତ୍ତର
ଅଭିବୃଧି; ତା' ଜୀବନର ସଂଯୋଜନା .

ISSN NO.
2582-208X

ଛାତ୍ର ବଢିଯାଏ ସରଣୀରେ ବେଗେ
ଗୁରୁ ରହିଥାନ୍ତି ଯେସନ, ଥିଲେ ପୂରୁବେ.
ଦୈବାତ୍ ଛାତ୍ରଯଦି କେବେ ଆସେ ଚତୁଷ୍ପଦେ
ଅରପେ ଗୁରୁଂକୁ ନମନ ଆଭୁମେ ପଦସ୍ପର୍ଶେ
ତା ବୈଭବେ ନହୋଇ ବିହ୍ୱଳିତ
ପଚାରିଥାନ୍ତି ଗୁରୁ ସ୍ନେହେ ତାର ଭଲମଂଦ.
ଆଗେ ବଢିବାକୁ ମାଥେ ଦିଅନ୍ତି ଆଶୀର୍ବାଦ.
.............
ସେଦିନର ସେହି ଥରଥର ଅଂଗୁଳି
ଅଶକ୍ତ ହସ୍ତ, କାଦୁଆମାଟିର ରାସ୍ତାପିଚ୍ଛିଳ
ପାଣି ବହୁଥିବା ଚ଼ାଟଶାଳି ଚ଼ାଳ,
ବିନା ଛତ୍ରୀର ଜୁଡବୁଡ ଶରୀର,
ବିନା ଚପଲର ପାଦ କଦର୍ମାକ୍ତ ,
ବିଳମ୍ବେ ଉପସ୍ଥାନେ ଅବଧାନଂକ ବେତ,

କିବା ବୈଶାଖର ଝାଂଜି,
ପ୍ରାବ୍ରୁଟର ଘନବର୍ଷଣ,
କିବା ଶୈତ୍ୟର ଦଂଶନ ଅବା ରୁତୁହେମନ୍ତ,
ଅବା ଶାରଦୀୟ ଜହ୍ନ,
ଅବା ଋତୁ ବସନ୍ତ .
ଷଡଋତୁ ବାରମାସେ ଥାଏ ଗୁରୁଂକ ନଜର .
ନହେବେ ଯେପରି ଶିଷ୍ୟ କେଭେ ପଥାନ୍ତର.
ସେହି ନୀଘା, ସେହି ତାଗିଦ, ସେହି ଛାଂଟଣା
କରିଥାଏ ଶିଶ୍ୟକୁ ଏକଲଖ୍ୟ, ଦୃଢମନା .

କଟକ

ISSN NO.
2582-208X

# ସ୍ୱପ୍ନାସତ



କାର୍ତ୍ତୀକେଶ୍ୱର ନାୟକ

ସ୍ୱପ୍ନରେ ଦେଖି, କାହାର ଛବି
ଭାଙ୍ଗିଲା ମୋର ନିଦ
ଆଖି ଖୋଲିଲି, ଉଠି ବସିଲି
ବଢିଲା ମୋର ଦ୍ୱନ୍ଦ ।

ନିଦରେ ଦେଖି, ଯମରାଜାଙ୍କୁ
ଥରିଲା ଦେହମନ
ସତେକି ଯମ, ନେବକି ପ୍ରାଣ
ତା' ସରଗଧାମ ।

ହାତକୁ ଯୋଡ଼ି, ବିନତି କଲି
ଜନ୍ତୁପତିହେ ଶୁଣ
ମୋ ବେଳକାଳ ପୂରିଗଲାକି
ମୁକତି ହେବ ପ୍ରାଣ ?

ହସି କହିଲେ, ଯମରାଜନ
କାହିଁ, ଏତେମୋ ବଳ
ଯେତିକି ଥିଲା, ମୋଠାରେ ଶକ୍ତି
ବିଜ୍ଞାନ ହେଲା କାଳ ।

ISSN NO.
2582-208X

କୋରନା ଭଳି, ବିଷମ ରୋଗ
ମଣିଷ ଦେହେ ଛାଡ଼ି
ଭାବିଲି ଆଉ, ଯିବିନି ଘର
ଧରି ଏ ଯମ ଦଉଡ଼ି ।

ମିଶନ ମୋର ବିଫଳ ହେଲା
ଭାଙ୍ଗିଲା ମୋର ବଳ
ବିଭିନ୍ନ ଟୀକା ତିଆରି ହୋଇ
ଓଲଟା ହେଲା ଫଳ ।

ଜୀବନ ରେଖା, ସୀମିତ ପାଇଁ
ପାଞ୍ଚିଲି ଯେତେ କାଳ
ଆଜିକାଲିକା, ଟୀକା ଔଷଧି
ରୋକିଲା ମୋର ବଳ ।

ଷାଠିଏ ବଢ଼ି, ଜୀବନଆୟୁ
ହେଲାଣି ଏକଶହ
କର୍କଟ ଭଳି ରୋଗ ପାଇଁକି
କାହାର ନାହିଁ ଭୟ ।

ସନ୍ଦେହ କଲେ ଯମଦଉଡ଼ି
ପୁରାଣ ପାଶୁପତ
ଆଟମ ବମ, ବାହାର କରି
ଚକ୍ରକୁ କଲେ ମିଛ ।

ଶ୍ରୀବିହାର, ବୌଦ୍ଧ
ମୋ: 7978128353

ISSN NO.
2582-208X

# ଏବେବି ଯାଇନି ଅସମାନତାର ଚିନ୍ତାଧାରା



ଭାସ୍କର ଚନ୍ଦ୍ର ଖଣ୍ଡା

ପଠାଇଛି ଝିଅକୁ ଘର ପାଖ ଓଡ଼ିଆ ମିଡିୟମ୍ ସ୍କୁଲକୁ
ହେବ ଖର୍ଚ୍ଚ କମ୍ ପଇସା ବୋଲି
ତା ପାଇଁ ଶସ୍ତା ଚପଲ ହଳେ
ଆଉ ପୁଅର ନାମ ଭଲ ଇଂରାଜୀ ମିଡିୟମ ସ୍କୁଲରେ
ଆସିଛି ତା ପାଇଁ ଚକ୍ ଚକ୍ ବୁଟ୍
କି ବିଚିତ୍ର ପ୍ରଭେଦ ଆଉ ଚିନ୍ତାଧାରା ।୧।

ମୃତ୍ୟୁର କରାଳ ସ୍ପର୍ଶ ଆଗରୁ
କହୁଛି ପ୍ରବାହିତ ଚିନ୍ତା ଧାରା
କରିଦେବ ଉଇଲ୍ ସବୁ ସମ୍ପତ୍ତି ପୁଅ ନାମରେ
କାଳେ ଦାବି କରି ନେଇ ନେବ ଝିଅ
ଆସିବ କି କିଛି ପରିବର୍ତ୍ତନ
ଏଇ ଅସମାନତାର ପ୍ରବାହିତ ଚିନ୍ତା ଧାରାରେ ।୨।

କଣ ହେବ ବାନ୍ଧି ଦେଲେ ବନ୍ଧ ?
ପକାଇବାକୁ ହେବ ସୁଦୃଢ଼ ମୂଳଦୁଆ

ISSN NO.
2582-208X

ଭାବନାର ଉତ୍ସରେ
ମହାକାଶର ଯାତ୍ରୀ ପାଖରୁ
ସୀମାନ୍ତର ସୈନିକ
ବିମାନର ପାଇଲଟ୍
ପୈତୃକ ସମ୍ପତ୍ତିରେ ସମାନ ଅଧିକାର
ଦେଇଛୁ ସବୁଥିରେ ଆଇନ୍ ଅନୁଯାୟୀ ସମାନତା
ଶଗଡ ଗାଡିର ଦୁଇ ଚକ ବୋଲି
ଦେଉଛୁ ଆଖ୍ୟା ଖାଲି ନୀତିରେ ।୩।

ହେଲେ ଆଜି ବି ପ୍ରବାହିତ ଚିନ୍ତା ଧାରାରେ
ଆସୁନାହିଁ ପରିବର୍ତ୍ତନ
ରହିଛି ଯାହାର ଘୋର ଅଭାବ
ନଅଙ୍କ ଦୁର୍ଭିକ୍ଷ ଭଳି
ଭାବୁଛି ଅସମାନତା ହେବ ଦୂର
ଭରି ଉଠିବ ସବୁଜ ଶସ୍ୟ
ସମାନତାର ଚାଷ ଜମି ଉପରେ
ଦୂର ଦିଗ୍ ବଳୟ ପର୍ଯ୍ୟନ୍ତ
ଦିଶୁଥିବ ଯେ ପର୍ଯ୍ୟନ୍ତ ଆଖିକୁ
ସେଇ ସମାନତାର କ୍ଷେତ
ବହୁ ଥିବ ସୁଲୁସୁଲିଆ ପବନ
ଫିଙ୍ଗି ଦେଇ ଅସମାନତାର ଚିନ୍ତା ଧାରା ସବୁ ।୪।

ଫ୍ଲାଟ୍ ନଂ ବି /୩୦୧, ଗୌରୀଶଙ୍କର ରେସିଡେନ୍ସ
କେଶୁରା, ଭୁବନେଶ୍ୱର (ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ମହମ ବତୀ



ଶାନ୍ତିଲତା ମିଶ୍ର

ରାତି ହୋଇଗଲେ ସେ ଜଳି ଜଳି ନିଶେଃଷ ହୋଇ ଅନ୍ୟକୁ ଆଲୋକ ପ୍ରଦାନ କରିବ । ଏଇ ତାର ଅଦୃଷ୍ଟ ଭାଗ୍ୟର ଲିଖିତ କାହାଣୀ । ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ । ସକାଳ ହେଲେ ତା କ୍ଲାନ୍ତ ଶରୀରକୁ ଲିଭେଇ ଦିଆଯିବ । ଦିନଯାକ ତାର ବିଶ୍ରାମ ସତ କିନ୍ତୁ ବିଶ୍ରାମ ନେଇ ପାରେନା । ରାତି ପାଇଁ ତାକୁ ପ୍ରସ୍ତୁତି କରିବାକୁ ପଡିବ । ମନକୁ ଶକ୍ତ କରି ସବୁ ଯନ୍ତ୍ରଣାକୁ ନିରବରେ ପୁଣି ଥରେ ସହି ଯିବାକୁ ହେବ ।

ଏମିତି ଏକ ଜୀବନ ସାଥିରେ ବୁଝାମଣା କରି ବଞ୍ଚି ଆସିଛି "ବୀଣା'ଆଜିକୁ ଦୀର୍ଘ ଦଶ ବର୍ଷ ହୋଇ ଗଲାଣି । ପାରାଲିସିସ୍ ହୋଇ ଘରେ ପଡି ରହିଥିବା ସ୍ୱାମୀଙ୍କ ସେବା କରି କରି ସେ କ୍ଲାନ୍ତ ହେଉଥିଲେ ବି ତାକୁ ପୁଅ ବିକାଶ ପାଇଁ ବଞ୍ଚିବାକୁ ହେବ ।

ସବୁ ଦୁଃଖ କଷ୍ଟକୁ ଏମିତି ନିରବରେ ପିଇ ଯିବାକୁ ହେବ । କିନ୍ତୁ ବେଳେ ବେଳେ ଭାଗ୍ୟର ଉପହାସ, ଅଟ୍ଟହାସ୍ୟକୁ ହଜମ କରିନେବା ଏତେ ସହଜ ନୁହେଁ । ସେଥି ପାଇଁ କେହି ପାଗଳ ହୋଇଯାଏ ତ କିଏ ଆତ୍ମହତ୍ୟା କରି ବସେ । କିନ୍ତୁ ଆଜିର ଘଟଣା ପରେ ବି ବୀଣା ବଞ୍ଚି ରହିବ । ଏ ଦୁଇଟି ଯାକରୁ କୋଉ ରାସ୍ତାଟି ବି ଆପଣେଇ ପାରିବନି ସେ ।

ISSN NO.
2582-208X

ଚଉଦ ବର୍ଷ ପୁଅର ଶେଷ କୃତ୍ୟ ଏକା ଏକା ସାରି ଆଜି ସେ ଘରକୁ ଫେରିଛି । କିନ୍ତୁ ବଞ୍ଚିଛି ସେ । ସେ ଇଛା କଲେବି ମରି ପାରିବନି । ତାର ଯଦିଓ ଏ ସଂସାର ସହିତ ଆଉ କୌଣସି ସଂପର୍କ ନାହିଁ । ତଥାପି ତାକୁ ସେ ଜାବୁଡି ଧରିବାକୁ ବାଧ୍ୟ । ଏହାଠୁ ବଡ ବିଡମ୍ବନା ଆଉ କିଛି ନାହିଁ । ଭଗବାନଙ୍କୁ ପଚାରିବା ପାଇଁ ତା ପାଖରେ କିଛି ଆଉ ଆଜି ପ୍ରଶ୍ନ ନାହିଁ । ଜଗନ୍ନାଥଙ୍କ ସହିତ ଆଖିରେ ଆଖି ମିଶାଇ ନିଜର ଅସହାୟତାର ପରିପ୍ରକାଶ କରିବାର ବି କିଛି ଆବଶ୍ୟକତା ନାହିଁ ।

ସେ ଘରକୁ ଫେରିଲା ଅପାରଗ ପାରାଲିସିସରେ ଶଯ୍ୟାଶାୟୀ ସ୍ୱାମୀଙ୍କ ପାଖକୁ କିଛି ସାନ୍ତ୍ୱନା ଆଶାରେ ନୁହେଁ । ବୀଣା ପାଣି ଗିଲାସେ ପିଆଇ ଦେଲେ ସେ ପିଅନ୍ତି । କଡ ଲେଉଟାଇ ଦେଲେ କଡ ଲେଉଟାନ୍ତି । ବୀଣା ବ୍ୟତୀତ ତାଙ୍କର ଆଉ ଏ ସଂସାରରେ କେହି ନାହାଁନ୍ତି ।

ବୀଣାର ବାପା ଦୁଇ ବର୍ଷ ତଳେ ଚାଲିଗଲା ପରେ ବୋଉର ଭାର ବି ତା ଉପରେ । ବାପା ବୋଉ ତାଙ୍କର ଏକ ମାତ୍ର ପୁଅକୁ ଅନେକ ବର୍ଷ ପୂର୍ବରୁ ହରେଇ ଦେଇଥିଲେ । ତେଣୁ ବୀଣା ହିଁ ତାଙ୍କର ଏକ ମାତ୍ର ସନ୍ତାନ । ତାରି ମୁହଁକୁ ଚାହିଁ ସେମାନେ ଦିନ ବିତେଇ ଦେଇଥିଲେ । ଝିଅକୁ ବାହା ଦେଇ ନିଶ୍ଚିନ୍ତରେ ରହିଥିଲେ । ନାତି ବିକାଶକୁ ପାଇ ସେମାନେ ପୁତ୍ର ଶୋକ ବି ଭୁଲି ଯାଇଥିଲେ ।

କିନ୍ତୁ ବାପା ଚାଲିଗଲା ପରେ ବୀଣା ବୋଉକୁ ତା ପାଖକୁ ନେଇ ଆସିଥିଲା । ତାର ଦେଖା ରଖା କରିବାକୁ ସୁବିଧା ହେବ । କିନ୍ତୁ ଆଜି ବିକାଶ ସକାଳୁ ସାଙ୍ଗ ମାନଙ୍କ ସଙ୍ଗେ ବାହାରକୁ ଯାଇଥିଲା । କାର୍ ଦୁର୍ଘଟଣାରେ ଶେଷ ଜୀବନ ଦେଇଛି । ବୀଣା ଶୁଣିକି ସ୍ଥାଣୁ ପାଲଟି ଯାଇଥିଲା ସତ କିନ୍ତୁ ଆଖିରୁ ଲୁହ ଢାଳି ପାରି ନଥିଲା । ସମସ୍ତଙ୍କ ଅଦୃଷ୍ଟରେ ଲହୁ କ୍ଷରଣ ହୋଇଥିଲା ତା କଲିଜାରୁ ।

ISSN NO.
2582-208X

ନିଜକୁ ଗୋଟେଇ ପୋଟେଇ ପୁଅର ମର ଶରୀରକୁ ଦିନ ଯାକ ଛାତିରେ ଆଉଜେଇ ରଖି ତା ପରେ ଶେଷ କୃତ୍ୟ ଶେଷ କରି ଘରକୁ ଫେରି ଥିଲା । ଘର ଅପକ୍ଷା ସେ ମଶାଣୀ ଭୁଇଁ ରେ ରହିବାକୁ ତାକୁ ବେଶୀ ଭଲ ଲାଗୁଥିଲା ଯଦିଓ କିନ୍ତୁ ସେ ଘରକୁ ଫେରିଲା । ଗୋଟେ ପ୍ରକୋଷ୍ଠରେ ଅପାରଗ ସ୍ୱାମୀ ଓ ଅନ୍ୟ ପ୍ରକୋଷ୍ଠରେ ବୃଦ୍ଧା ଅକ୍ଷମ ମାଙ୍କ ସେବା ପାଇଁ । କାରଣ ସେମାନଙ୍କର ବୀଣା ବ୍ୟତୀତ ଆଉ କେହି ନାହାଁନ୍ତି ଏ ସଂସାରରେ ପାଣି ଗ୍ଲାସେ ଦବାକୁ ।

ଭଗବାନଙ୍କର ଏ କଠିନ ପରୀକ୍ଷାରେ ସେ କଣ ଉତ୍ତୀର୍ଣ୍ଣ ହୋଇ ପାରିବ ?? ହଁ ହୋଇ ପାରିବ ସାଧାରଣ ମଣିଷ ପାଇଁ ଏ ସବୁ ସହିବା କଷ୍ଟ । କିନ୍ତୁ ସେ .... ସେ ତ କେବେଠୁ ପଥର ହୋଇ ଯାଇଛି । ପଥରର ଗୋଟେ ଦୁଃଖ କଣ କଷ୍ଟ କଣ ଖରା କଣ ବର୍ଷା କଣ ।

ମହମ ବତୀର ଜୀବନ ଠୁ ଏ ପଥର ଜୀବନ ଭଲ । ମହମବତୀର ଜୀବନରେ ତରଳିବାର କଷ୍ଟ ଥିଲା । ଆଜି ଆଉ ସେ କଷ୍ଟ ବି ନାହିଁ । ଆତ୍ମା ହୀନ ଶରୀରର ଏ ସଂସାରର ଆବଶ୍ୟକତା ବି କେତେ !!

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ମାତୃଭାଷା



ଆଶୁତୋଷ ମେହେର

କବିତା ଓଁକାର ସ୍ୱର୍ଗୀୟ ଭାବନା ମଣିଷ ମନର ଭାବ,
ସକାଳ ସୂରୁଯ ସୁନେଲି କିରଣ ପକ୍ଷୀଙ୍କ କାକଳି ରାବ ।
ଫୁଲର ମହକ ପାଖୁଡାର ରଙ୍ଗ ବ୍ରହ୍ମମୟ ସନାତନ,
ପାହାଡି ଝରଣା ଝରିଝରି ଯାଏ ମାତୃଭାଷା ଗୀତଗାନ ।।

ଶିଶୁର ପହିଲା ଦରୋଟି ଭାଷା ସେ ଭାବନା ସରିତ ଧାର,
ଲେଖା ହୋଇଫୁଟେ ହୃଦୟ କନ୍ଦରେ ପ୍ରେମ ଉପହାର ଭାର।
ଜୀବନକୁ ରାହା ଦେଇଚାଲିଥାଏ କବିତା ପଦରେ ବନ୍ଧା,
ଆନନ୍ଦମୟଙ୍କ ଭକ୍ତି ଭାବେ ଭରା ଆନନ୍ଦ ଅନିତ୍ୟେ ଛନ୍ଦା।।

କୁଳୁକୁଳୁ ନାଦ ଶବଦ କଲ୍ଲୋଳ ମଣିଷ ଜାତିର ଗାଥା,
ବଖାଣି ଚାଲେ ସେ ପରସ୍ତ ପରସ୍ତ ଲେଖା ସୁଖଦୁଃଖ ବ୍ୟଥା।
ଯୋଡାହୋଇ ଠିଆ କାହାଣୀ କେତେ ଯେ ସମୟ ଦରିଆ କୂଳେ,
ଆଗେ ବଢିଚାଲେ ଭାବ ଭାଷା ସାଥେ ଆଶାଭରି ନୀଳାଚଳେ ।।

କବିତା ପଦସେ ସଖା ସହୋଦର ଜନମ ଜନମ ସାଥୀ,
ତାହାରି ପରଶ ମାତୃଭାଷା ସ୍ୱର୍ଶ୍ୱ ଯୁଗଯୁଗ ଯାଏ ବିତି ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# ସାବଧାନ



ଛବି ରାଣୀ ପତି

ସ୍ୱାର୍ଥପ୍ରବଣ ଏ ମିଛ ଦୁନିଆରେ
କିଏ ସତ କିଏ ମିଛ
ଅଢେଇଦିନର ଅଭିନୟ ସାର
ବଢ଼େଇ ସବୁରି ତୁଚ୍ଛ ।

ସମୟ ଚକ୍ରର ମୋହଗ୍ରସ୍ଥ ପ୍ରାଣୀ
ମାୟାରେ ହୁଅଇ ବାୟା
ମୁକତିର ପଥ ଭୁଲି ଘାଣ୍ଟିହୁଏ
ଭୟପାଏ ଦେଖିଛାୟା ।

ପ୍ରାଣଧନ ବୋଲି ଯାହାକୁ କୋଳାଏ
ସିଏ ଆଗ ଦିଏ ଧୋକା
କୃର କପଟୀ ଏ ସଂସାର ହାଟରେ
ଛଳନାରେ ମରେ ଏକା ।

ଦୁଃଖ, ରୋଗ, ଶୋକ ନିର୍ବାପିତ ଲାଗି
ହୋଇଥାଏ ଆସି ଯୋଡ଼ି

ISSN NO.
2582-208X

ସୁବିଧାବାଦୀଟି ଗର୍ବ ଅହଙ୍କାରେ
ଜୀଇଁଥାଉ ଦିଏ ମାରି ।

ଅନିତ୍ୟ କର୍ମର ପାପର ପସରା
ବାଘ ମିରିଗର ନାଟ
ଅନାୟସ କଳବଳ କୌଶଳରେ
ସର୍ବଗିଳା ରଖେ ଥାଟ ।

ଟିଙ୍କ, ଜୋକ ପରି ଶୋଷିନେଇ ରକ୍ତ
ମେଣ୍ଟାଇଥାଏ ତା ଶୋଷ
ନୀଳବର୍ଣ୍ଣ ସେଇ ଶୃଗାଳଟି ପାଇଁ
କେତେଯେ ପିଅନ୍ତି ବିଷ ।

ସାବଧାନ ସେହି ପୁଷି ବିଲେଇକୁ
ଯିଏ ହୁଏ ନେଣି ଘସି
ସୁଯୋଗ ପାଇଲେ ନିଶକୁ ଫୁଲେଇ
ହେଣ୍ଟାଳରେ ଯାଏ ଗ୍ରାସି ।

ମଧ ଶାସନ, ବିରିଡ଼ି, ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୭ )

ରିଙ୍ଗେଇ ରିଙ୍ଗେଇ ଚାଲିଥିଲା ବସ୍ । ଏକରେ ବସ୍ ରେ ବସିବାର ହିଁସକା (ଅଭ୍ୟାସ) ନାଇଁ, ତା ଉପରେ କଦର୍ଯ୍ୟ ରାସ୍ତା ସେ ବେଳର। ଧକଡ଼ ଚକଡ଼ ହେଇ ପ୍ରାଣ ବାହାରିବା ଉପରେ। ବାହାରେ ଝିପିର୍ ଝିପିର୍ ବର୍ଷା , ଭିତରେ ଅସହ୍ୟ ଗୁଳୁଗୁଳି। କାଚ ବନ୍ଦ । ଗଣିଆ ଭାଇ କିନ୍ତୁ ଶୋଇଥିଲେ ନିଶ୍ଚିନ୍ତରେ।

ବାହାରେ ଅମା ଅନ୍ଧାରରେ ବି ମହାନଦୀ କିନ୍ତୁ ଶୋଇ ନଥିଲା । ବିସ୍ତିର୍ଣ୍ଣ ବାଲୁକାରାଶୀରେ ନିଜର ବର୍ଷାକାଳୀନ  ବିରାଟ ବପୁକୁ ମେଲେଇ ବୋହି ମାଉଥିଲା ଘୋଘର ଗର୍ଜନ କରି । ନଦୀ ମାନେ ଶୁଅନ୍ତି ନାହିଁ । ସେମାନେ ଶୋଇ ପଡ଼ିଲେ ପ୍ରଜାଜନଙ୍କୁ ଅମୃତ ପାନ କରାଇ ପାଳିବ କିଏ ? ଆଜନ୍ମ ଚଳତ୍ ମାନ୍, ଦିବସ ମାସ ବର୍ଷ ନିର୍ବିଶେଷରେ ସେମାନେ ବୋହି ଚାଲିଥାନ୍ତି । ଯେପର୍ଯ୍ୟନ୍ତ ନିଜକୁ ସାରି ନ ଦେଇଛନ୍ତି । ନାହିଁ କ୍ଲାନ୍ତି, ନାହିଁ ଶ୍ରାନ୍ତି, କଳକଳ ନିନାଦିନୀ, ଛଳଛଳ ପ୍ରବାହିତା ପଦ୍ମା ବହିର ସେହି ଅପୂର୍ବ ମହାନଦୀକୁ ଦେଖିବା ପାଇଁ ମୁଁ କାଚ ଖୋଲିଦେଲି । ଆଃ କି ବାସ୍ନା, ନିଜତ୍ୱର ଏକ ବାସ୍ନା, ମାଆର ବାସ୍ନା। ମହାନଦୀକୁ ଛୁଇଁ ଆସୁଥିବା ପବନ ମୋ ମୁହଁରେ ବାଜିଲା ବେଳକୁ ମନ ପୁଲକିତ ହେଇ ଯାଉଥାଏ। ସତେ କି ମୋ ମାଆର ସ୍ନେହ ପରଶ । ଏହାହିଁ ତ ରକ୍ତର ଟାଣ। ଓଡ଼ିଆତ୍ୱର ଆକର୍ଷଣ।

ISSN NO.
2582-208X

ବାଦାମ୍ ବାଡ଼ି, ବାଦାମ୍ ବାଡ଼ି । ସକାଳ ହେଲା ବେଳକୁ ଆମେ କଟକର ବାଦାମ୍ ବାଡ଼ି ବସ୍ ଷ୍ଟାଣ୍ଡରେ।

କଟକ -

ଗଙ୍ଗ ବଂଶୀୟ ମହାରାଜ ତୃତୀୟ ଅନଙ୍ଗ ଭୀମ ଦେବ 1211 ମସିହାରେ ଉଭୟ ପାର୍ଶ୍ୱରୁ ଦୁଇ ବୃହତ୍ ନଦୀ, ମହାନଦୀ ଓ କାଠଯୋଡ଼ି ଦ୍ୱାରା ଆବଦ୍ଧ କଟକ ନଗରୀ ସ୍ଥାପନା କରିଥିଲେ। ବାଇମୁଣ୍ଡି ଦ୍ୱାରା ପ୍ରେରିତ ହୋଇ ମହାରାଜ ମର୍କତ କେଶରୀ, କାଠ ଯୋଡି ପଥର ବନ୍ଧ ସ୍ଥାପନ କରିଥିଲେ।

ଆହା, ଏଇ ତେବେ ସେହି କଟକ, ଯାହାର ଚିନ୍ତାରେ ବାଇମୁଣ୍ଡି ବାଇ ହେଇଥିଲା ?

କଟକର ଅର୍ଥ ସଂସ୍କୃତରେ ଦୁର୍ଗ । ବିଡାନାସୀ ମିଲଟାରୀ ବେସ୍ ଅର୍ଥାତ ବାରବାଟୀ ଦୁର୍ଗ। ବିଶ୍ୱ ପ୍ରସିଦ୍ଧ ତାରକସି କାମ ବଣିଆ ସାହି ରେ ହୁଏ ଏଠି । ବାଉନ ବଜାର ତେପନ ଗଳିର ଅଣ ଆୟୋଜିତ ସହର କଟକ । ନୃପ କେଶରୀ ଏଠି ସୈନ୍ୟ ଛାଉଣୀ ସ୍ଥାପନ କରିଥିଲେ। ବାପା କହିଥିଲେ କଟକ ଅର୍ଥ ସୈନ୍ୟ ଛାଉଣୀ।

ମୁକୁନ୍ଦ ଦେବ ଙ୍କ ପରେ କଟକରେ ମୋଗଲିଆ ଶାସନ ଆରମ୍ଭ ହେଲା, ଶାହାଜାହାନଙ୍କ ଅଧିନରେ । ଏହା ପରଠୁ ଆରମ୍ଭ ହେଲା କଳା ପାହାଡ଼ର କଳା କୁକର୍ମ। କଳାପାହାଡ଼ ନାମରେ ବଙ୍ଗଳାର ମୋଗଲ ଶାସକ ସୁଲତାନ ସୁଲେମାନ କିର୍ରାନିଙ୍କର ଜଣେ ସେନାପତିଙ୍କୁ ଡକାଯାଉଥିଲା । କେତେକ ଐତିହାସିକ ତଥ୍ୟରୁ ଜଣାଯାଏ, ସେ କଳିଙ୍ଗ-ଉତ୍କଳର ଶେଷ ସମ୍ରାଟ ମୁକୁନ୍ଦଦେବଙ୍କର ହିନ୍ଦୁ (ଓଡ଼ିଆ) ସେନାପତି ଥିଲେ, ଜାତିରେ କାୟସ୍ଥ ଥିଲେ ଓ ତାଙ୍କର ନାମ ରାଜିବ ଲୋଚନ ରାୟ ଥିଲା । ଯୁଗେ ଯୁଗେ ନିଜ ନିଜ ଭିତରେ ବୈମନସ୍ୟ ସର୍ବନାଶକୁ ନିମନ୍ତ୍ରଣ କରେ । ମୁକୁନ୍ଦ ଦେବ ନିଜର ଶତ୍ରୁ ଗଜପତି

ISSN NO.
2582-208X

ରାମଚନ୍ଦ୍ର ଦେବଙ୍କୁ ପରାଜିତ କରିବା ପାଇଁ ସୁଲେମାନ କିର୍ରାନିର ସାହାଯ୍ୟ ଲୋଡ଼ିଥିଲେ । ରାଜୀବ ଲୋଚନ ରାୟ କିର୍ରାନିର ସୁନ୍ଦରୀ ଶହଜାଦୀଙ୍କୁ ବିବାହ କରିବା ପାଇଁ ଧର୍ମ ପରିବର୍ତ୍ତନ କରି ମୁସଲମାନ ହେଲେ। ସେ ପୁରୀ ଜଗନ୍ନାଥଙ୍କୁ ଦର୍ଶନରୁ ବର୍ଜିତ ହୋଇଥିଲେ ପଣ୍ଡା ମାନଙ୍କ ଦ୍ୱାରା । ଏଥିରେ କୃଦ୍ଧ ହୋଇ ସେ ମନ୍ଦିର ଧ୍ୱସ୍ତ କରିବାକୁ ଲାଗିଲେ । କିନ୍ତୁ କିମ୍ବଦନ୍ତୀ ଅଛି କୋଣାର୍କରେ ସେ ମାଆ ରାମଚଣ୍ଡୀଙ୍କ ପାଇଁ ପରାଭବ ପାଇଥିଲେ ।

ଅବଶ୍ୟ ଶେଖ୍ କବିର ବାତିନିଙ୍କର ମତରେ କଳାପାହାଡ଼ ଆଫଗାନର ଲୋକ ଥିଲେ । ଲୋକମୁଖରେ ସେ କଳାପାହାଡ଼ ନାମରେ ପରିଚିତ ଥିଲେ । ଓଡ଼ିଶାର କେତେକ ସ୍ଥାନ ସେ ବଙ୍ଗଳାର ଆଫଗାନ ଶାସକଙ୍କ ନିମନ୍ତେ ଦଖଲ କରିଥିଲେ । କଳା ପାହାଡ ବହୁତ ନିଷ୍ଠୁର ଥିଲେ ।

ଆଇଲା କଳା ପାହାଡ଼
ଭାଙ୍ଗିଲା ଲୁହାର ବାଡ
ପିଇଲା ମହାନଦୀ ପାଣି
ସୁବର୍ଣ୍ଣ ଥାଳି ରେ ହୀରା (ହେଡା) ପରଷିଲେ
ମୁକୁନ୍ଦ ଦେବ ଙ୍କ ରାଣୀ·

ମାଆ ରାମ ଚଣ୍ଡୀ, କଳାପାହାଡ଼ କୁ କୂଳରେ ବସାଇ, ଖାଇବାକୁ ଦେବି କହି, ପାଣି ଆଣିବା ବାହାନା ରେ ଗରା ନେଇ ମନ୍ଦିରରୁ ମୂର୍ତ୍ତି ସହ ଉଭାନ ହୋଇ ଯାଇଥିଲେ। ଆଉ ଫେରି ନଥିଲେ।

ଭୋଁସଲେ ମରହଟ୍ଟା ମାନେ 1750 ରେ କଟକ ଅଧିକାର କଲେ। ଶେଷରେ 1803 ରେ ଇଂରେଜ ମାନେ କଟକ ଅଧିକାର କଲେ ।

ISSN NO.
2582-208X



ଗଡ଼ ଚଣ୍ଡୀ, ବାରବାଟୀ ରେ। କୁହାଯାଏ ତାଙ୍କ ଝିଅ କଟକ ଚଣ୍ଡୀ, କଟକର ରକ୍ଷା କର୍ତ୍ତ୍ରି ବୋଲି। ରୁପାର ନଗରୀ, ରୌପ୍ୟ ନଗରୀ କଟକ । ବୋଇତ ବନ୍ଦାଣର ସ୍ମୃତିର ସହର କଟକ । ସାଧବ ପୁଅର ବଣିଜ ବେପାରର ସହର କଟକ । ତଅପୋଇର ଖେଳ କୌତୁକର ସହର କଟକ। ତା ସମ୍ବନ୍ଧରେ ଲେଖି ବସିଲେ ଲେଖନୀ କି କାଗଜ କିଛି କୁଳେଇବନି।

କଟକର ବଙ୍ଗାଳି ସାହି ରୁପା ମେଢ଼ ଦୂର୍ଗାପୂଜା ପାଇଁ ପ୍ରସିଦ୍ଧ। ଦହିବରା ଆଳୁଦମ୍ ର ସ୍ୱତନ୍ତ୍ର ସ୍ୱାଦ ମୁଁ ସେଇଠି ପାଇଥିଲି। ଥରେ କଟକୀ ସାଙ୍ଗ ମାନଙ୍କ ସହିତ ଯାଇଥିଲି ବାଲି ଯାତ୍ରା। ଠୁଙ୍କା ପୁରୀ ଓ ଛେନା ତରକାରୀ ଟାଙ୍କେ ଠୁଙ୍କି ଦେଇଥିଲୁ ଆମେ। ବଡ଼ି ଚୁରା ଆଉ ପଖାଳ ଯେ ଏତେ ରୁଚିକର ହେଇପାରେ, ଏଇଠି ଜାଣିଲି।

କଟକର ବକ୍ସି ବଜାର । ବକ୍ସି ଜଗବନ୍ଧୁ ଫାଶୀ ପାଇଥିଲେ ଏଠାରେ। ନିମକ ହାରାମ, ଜାଗିର ଦାର, ଗୁମାସ୍ତା, ଚାଉ ଚରଣ ପଟ୍ଟନାୟକ (ଚରଣ ଚୁଟିଆ, ଓଡ଼ିଆ ଲୋକ ମୁଖରେ) ତାଙ୍କୁ ଧରା ପକାଇ ଦେଇଥିଲା। ତାଙ୍କରି ନାମରେ ଆମର ବି ଜେ ବି କଲେଜ।

ପାପ ଧନ ପ୍ରାୟଶ୍ଚିତରେ ଯାଏ । ପରେ ଚରଣର ପୁତ୍ର, ନାତି ମାନେ ତାଙ୍କ ଜମି ବିକ୍ରି କରିବାକୁ ଚାହିଁବାରୁ, ଓଡ଼ିୟା ଲୋକ କେହି କିଣିଲେ ନାହିଁ ଓ ସେ ଜମି ତହସିଲ ରେ ବିକ୍ରି ହୋଇ ପାରିଲାନି। ପରେ ଲୋକ ମାନେ ଜବର ଦଖଲ କରି ନେଲେ।

୪66 -67 ର ନଅଙ୍କ ଦୁର୍ଭିକ୍ଷ ବିଷୟରେ କିଛି ନ କହିଲେ କଟକ ବର୍ଣ୍ଣନା ସମ୍ପୂର୍ଣ୍ଣ ହେବନାହିଁ। ଲାଗ୍ ଲାଗ୍ ଅନାବୃଷ୍ଟି ଓ ମରୁଡ଼ି ଫଳରେ ଏହି ଦୁର୍ଭିକ୍ଷରେ ଓଡ଼ିଶାର ଏକ ତୃତୀୟାଂଶ ଲୋକ ଅକାଳ ମୃତ୍ୟୁ ପ୍ରାପ୍ତ ହୋଇଥିଲେ। ବାଉଁଶ ଚାଉଳ, ତେନ୍ତୁଳି ପତ୍ର ଚୋବେଇବାକୁ ବାଧ୍ୟ ହୋଇଥିଲେ। ଇଂରେଜ ସରକାର ଅନ୍ନ ଛତ୍ର ଯେଉଁ ସ୍ଥାନରେ ଖୋଲିଥିଲେ ତାହା ଛତରା ବଜାର ନାମରେ ନାମିତ। ଏଇଠୁ ଛତରଖିଆ ଶବ୍ଦର ଉତ୍ପତ୍ତି।

ISSN NO.
2582-208X

କଟକର କାଠଯୋଡି କୂଳରେ ଅଛି ଖାନ୍ ନଗର ମଶାଣି । କଟକିଆଙ୍କ ଶେଷ ଆଶ୍ରୟସ୍ଥଳ।

କଟକ, ମୋର ଯୌବନର ସହର କଟକ। ଅମାୟିକ ସମ୍ଭାବନାର ସହର କଟକ । ଏକାଧାରରେ ଗ୍ରାମ୍ୟ ପରିବେଶ ଓ ସହରୀ ମନୋଭାବକୁ ଦର୍ଶାଉଥିବା କଟକ । ମୋର ସ୍ୱପ୍ନର ସହର କଟକ। ମୁଁ ପହଞ୍ଚି ଯାଇଥଲି ମୋର ଉଦ୍ୟମସ୍ଥଳୀରେ। ଏଇଠୁ ନିର୍ଣ୍ଣୟ ହେବ ମୋର୍ ଆଗାମୀ ଜୀବନର କର୍ମପନ୍ଥା।

ହଁ, ବାଦାମ୍ ବାଡ଼ିରେ ପହଞ୍ଚି ରିକ୍ସା ନେଲୁ ଆମେ। ଟିଣ ଟ୍ରଙ୍କ ଓ ଗଣ୍ଠିଲି ଧରି ପହଞ୍ଚିଗଲୁ ନାଲି ରଙ୍ଗର କୋଠା, ରେଭେନ୍ସା କଲେଜ ପରିସରରେ। ସେଠାକାର ଭାଷା ଶୁଣି ମୋତେ ଟିକେ ଆଶ୍ଚର୍ଯ୍ୟ ଲାଗୁଥାଏ । ଅବିକଳ ବହିର ଲିଖିତ ଭାଷା କେମିତି କହି ପାରୁଛନ୍ତି ସମସ୍ତେ ? ମୁଁ ଏପର୍ଯ୍ୟନ୍ତ ଶୁଦ୍ଧ କଥିତ ଭାଷା ସହିତ ପରିଚିତ ନଥିଲି। ଆମର ଭାଷା ତିନିଟା ଭାଷାର ମିଶ୍ରଣ । କହିବା ଶୈଳୀ ଟିକେ ରାଢୁଆ। ଏତେଟା କୋମଳ ନୁହେଁ। କିନ୍ତୁ କଟକୀ ଭାଷାର ଛଟକ ଅଲଗା। ମୋର କଟକିଆ ସାଙ୍ଗମାନେ ମୋ ଭାଷାକୁ ବଙ୍କା ଭାଷା ବୋଲି କହୁଥିଲେ । ମୁଁ ଯଦିଓ ବୁଝି ଯାଉଥାଏ ସେମାନେ କିନ୍ତୁ ମୋର କଥା ସହଜରେ ବୁଝି ପାରନ୍ତି ନାହିଁ। ସମୟ ସାଥିରେ ଅବଶ୍ୟ ମୁଁ ସମ୍ପୂର୍ଣ୍ଣ ଭାବରେ କହି ପାରିଲି କଟକୀ ଓଡ଼ିଆ । ଆଉ ମୋ ଅନ୍ତରଙ୍ଗ ସାଙ୍ଗମାନେ ଶିଖି ଯାଇଥିଲେ ମୋଠାରୁ ଅନେକ ଅନେକ ବଙ୍କା ଟଙ୍କା ଶବ୍ଦ।

ଏତେ ବିରାଟ ନାଲି ରଙ୍ଗର କୋଠା ଓ ଆଖି ନ ପାଇବା ପରି ପରିସର ଦେଖି ମୁଁ ଭୟଭୀତ ହେଇ ପଡୁଥିଲି । ଛାତି ଧଡ଼ ଧଡ଼ ହେଉଥିଲା । ଗଣିଆ ଭାଇଙ୍କ ହାତକୁ ଯୋରରେ ମୁଠେଇ ଧରିଥିଲି । ଅପରିଚିତ ରାଜ୍ୟ, ଅପରିଚିତ ସ୍ଥାନ, ଅପରିଚିତ ଲୋକ ଓ ସବୁଠୁ ବଳି, ସମ୍ପୂର୍ଣ୍ଣ ଅପରିଚିତ ଭାଷା। ରେଭେନ୍ସା କଲେଜ୍। କେତେବଡ଼ ନାମ, କେଡ଼େ ମହିୟାନ୍ ତାର ଐତିହ୍ୟ।

ISSN NO.
2582-208X

## ରେଭେନ୍ସା କଲେଜ ଆଉ ତାର ଇତିହାସ

୧୮୬୬ର ନଅଙ୍କ ଦୁର୍ଭିକ୍ଷ ପରେ ଭାଗ୍ୟ ବଳରୁ ରୋଗ ଓ ଦୁଃଖରୁ ବର୍ତ୍ତି ଯାଇଥିବା ଓଡ଼ିଆ ମାନେ ବହୁ ଅସୁବିଧାରେ ପଡ଼ିଥିଲେ। ଉଚ୍ଚତର ଶିକ୍ଷା ନିମନ୍ତେ କୌଣସି ପ୍ରତିଷ୍ଠାନ ନଥିଲା । ମେଧାବୀ ଛାତ୍ର ମାନଙ୍କୁ ଓଡ଼ିଶା ବାହାରକୁ ପ୍ରାୟତଃ କଲିକତା ଯିବାକୁ ପଡୁଥିଲା। ଅନେକ ମେଧା ନଷ୍ଟ ହେଇ ଯାଉଥିଲା ଅର୍ଥାଭାବରୁ। ଏହି ସମୟରେ କିଛି ଦୂରଦର୍ଶୀ ଓଡ଼ିଆ ତଥା କିଛି ଇଂରେଜ ଶୁଭାକାଂକ୍ଷୀ ସୁଶାସକମାନେ ଓଡ଼ିଶାରେ ଏକ ମହାବିଦ୍ୟାଳୟ ଖୋଲିବା ପାଇଁ ଇଛା କରିଥିଲେ। ଏହିମାନଙ୍କ ମଧ୍ୟରେ ଥିଲେ ଓଡ଼ିଶାର ତତ୍କାଳୀନ କମିସନର ଥୋମସ୍ ଏଡ୍‌ଓ୍ୱର୍ଡ୍ ରେଭେନ୍ସା ଯେ କି ସେ କାଳର ଓଡ଼ିଆ ଛାତ୍ରମାନଙ୍କ ଏହି ଦୁଃଖ ବୁଝି ବଙ୍ଗ ସରକାରଙ୍କ ଠାରୁ ଏକ ମହାବିଦ୍ୟାଳୟ ଖୋଲିବା ପାଇଁ ଅନୁମତି ଆଣିଥିଲେ। ଏହି ପରି ୧୮୬୮ ମସିହା ଜାନୁଆରୀରେ କଟକ ଜିଲ୍ଲା ସ୍କୁଲରେ ଉଚ୍ଚ ମାଧ୍ୟମିକ ଶ୍ରେଣୀ ସ୍ଥାପନ ହେଇଥିଲା। ପ୍ରଥମ ବର୍ଷ କେବଳ ୬ ଜଣ ଛାତ୍ର ଶିକ୍ଷା ଗ୍ରହଣ କରୁଥିଲେ। କାଳକ୍ରମେ ଏହା ଆଜି ଏକ ସୁପ୍ରତିଷ୍ଠିତ ବିଶ୍ୱ ବିଦ୍ୟାଳୟ ରୂପେ ସଗର୍ବେ ଦଣ୍ଡାୟମାନ।

କମ୍ ଗର୍ବ ବି ଅନୁଭବ ହେଉ ନଥିଲା ମୋତେ, କମ୍ କଥା ନୁହେଁ । ମୋର ପ୍ରିୟ ବ୍ୟକ୍ତିତ୍ୱ ଗୋପବନ୍ଧୁ ଦାସ ଯେଉଁ କଲେଜରେ ଶିକ୍ଷା ଗ୍ରହଣ କରିଥିଲେ ମୁଁ ସେହି ସ୍ୱନାମଧନ୍ୟ କଲେଜର ଅନ୍ତେବାସୀ ହେବାକୁ ଯାଉଛି। ମୋ ପାଦ ତଳୁ ଶିହରଣଟିଏ ଉଠି ଖେଳିଗଲା ମୋର ସର୍ବାଙ୍ଗରେ । ଆଃ, ଏଇ ମାଟି ତେବେ କେଡ଼େ ବଡ଼ ବଡ଼ ମହା ମନିଷୀଙ୍କ ପାଦ ଚିହ୍ନକୁ ଆଙ୍କୁଳେଇ ନ ଧରିଛି ? ମୁଁ ଆଜି ସେହି ମାଟିରେ ପାଦ ଥାପୁଛି । ଗୋଦାବରୀଶ ମହାପାତ୍ର, କାଳିନ୍ଦୀଚରଣ ପାଣିଗ୍ରାହୀ, ବିଭୁତି ପଟ୍ଟନାୟକ, ମୋର ଛାତି କୁଣ୍ଢେ ମୋଟ ହେଇ ଯାଉଥିଲା। "ଜ୍ଞାନମେବ ଶକ୍ତି" (ଜ୍ଞାନରେ ଶକ୍ତି ) ଉକ୍ତିଟି ମୋତେ ଶକ୍ତ କରୁଥିଲା, ମୁଁ ସହଜ ହେଉଥିଲି ଆସ୍ତେ ଆସ୍ତେ, ଧିରେ ଧିରେ ।

ISSN NO.
2582-208X

ଆମେ ଆମର ସ୍ୱଳ୍ପ ସମ୍ବଳ ଅନୁସାରେ ରହିଥିଲୁ ଏକ ଟିଣ ଛପର ଘରେ, ଜଣେ ତେଲେଙ୍ଗା ଲୋକର । ହୋଷ୍ଟେଲ୍ ମିଳିବା ପର୍ଯ୍ୟନ୍ତ ଭାଇ ମୋତେ ଏକୁଟିଆ ଛାଡ଼ି ଯାଇ ପାରୁ ନଥାନ୍ତି । ଘର କଣ ଯେ, ଦରଦରା କାନ୍ଥର ଗୋଟିଏ ମାତ୍ର ବଖରା, ଆଉ ଓଳି ଠାରୁ ଟିକେ ବଡ଼ ଟାଟରା ଘେରା ପିଣ୍ଡାଟିଏ। ସେଇ ପିଣ୍ଡାରେ ଆମେ ଶୋଇଲୁ। ପ୍ରଥମ ରାତିରେ ହିଁ ମୁଁ ଅନୁଭବ କଲି କଟକି ମଶା ମାନଙ୍କ ବିଷୟରେ ଏକ ହସକଥା ।

ରାତିରେ ଯଦି ଘର ଅଗଣାରେ ଶୋଇବ ତା ପରଦିନ ଖଟସହ ତୁମେ ମହାନଦୀ କି କାଠଯୋଡ଼ି ପଠାରେ ନିଜକୁ ପାଇବ । ବୋହି ନେଇ ଯାଇଥିବେ ମଶା ବାହିନୀ ।

କି ଡାହାଳିଆ ଡାହାଳିଆ କଳା ମିଚ୍ ମିଚ୍ ବଡ଼ ବଡ଼ ମଶା। ରାତିସାରା ମଶାଙ୍କ ସଂଗୀତ ଆସର ଚାଲିଥାଏ ଅବିରାମ। ସମବେତ ସ୍ୱରରେ ସତେ ଯେମିତି ମୋର ଆଗମନୀ ସ୍ୱାଗତ ଗୀତ ଗାଉଛନ୍ତି। ଘେରି ଯାଉଥାନ୍ତି ଗୁଡ଼ ଦେହରେ ପିମ୍ପୁଡ଼ି ପରି। ଯାହାହେଉ ଡେଙ୍ଗୁ, ଚିକନ୍ ଗୁନିଆ ନଥିଲା । କିନ୍ତୁ ମେଲେରିଆର ଭୟ ତ ଥିଲା ।

ଟିଣ ତଳୁ ସୁଦ୍ଧୁ ତାର ଓ ହୋଲ୍ଡର୍ ରୁ ଝୁଲୁଥିଲା ଚାଳିଶ ପାୱାରର ଡୁମ୍ (ବଲ୍ବ) ମହଳଣ ଆଲୁଅରେ ଝାଟିମାଟି କାନ୍ଥ ଆଉ ଭୁଇଁର ଅସଂଖ୍ୟ ଗର୍ତ୍ତ ଓ ଦାଗକୁ ଦୃଶ୍ୟମାନ କରି। ଗଣିଆ ଭାଇଙ୍କ ଅଚେତା ନିଦ । ତାଙ୍କ ଗାଲରେ କୋଡ଼ିଏ ଖଣ୍ଡେ ମଶା ବସି ପରମ ତୃପ୍ତିରେ ରକ୍ତ ପାନରେ ବ୍ୟସ୍ତ । ମୋର ହାତ ଉଠି ଯାଇଥିଲା ନି, ଚାପଡେ ବସେଇବା ପାଇଁ, ଓଃ ରକ୍ଷା !! ଅଟକି ଗଲା, ନହେଲେ ମାଙ୍କଡ଼ ଭୃତ୍ୟ, ରାଜା ଓ ମାଛିର ଉପାଖ୍ୟାନ ପାଖାପାଖି କିଛି ଗୋଟାଏ ଅଘଟଣ ଘଟିଥାନ୍ତା।

ISSN NO.
2582-208X

ମାଙ୍କଡ଼ ରାଜହନ୍ତା କୁ ମୁଁ ଗୁରୁ ମାରନ୍ତା । ବାବାରେ !!


ବାଦାମ୍ ବାଡ଼ିରେ କିଣିଥିବା ଖଣ୍ଡେ ଖବରକାଗଜ ଆଣି ମୁଁ ବିଞ୍ଚିବାକୁ ଲାଗିଲି। ମୁଁ ସେମିତି ସକାଳଯାକେ ବସି ରହିଲି । ସକାଳୁ ଭାଇଙ୍କ ଗାଲରେ ଏତେ ବଡ଼ ବଡ଼ ନାଲିଆ ଠବଳ।

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ଜୀବନର ଅପରାହ୍ନ



ବିନୟ ମହାପାତ୍ର

ଲୋଟଣି ପରା ସେ ଧରା ଦିଏନାହିଁ,
ବୟସର ସତେ ଡେଣା ଲାଗିଛି,
ଭାସି ଭାସି ଯାଏ ସମୟ ମେଘରେ
ଘରମୁହାଁ ହୋଇ ଉଡି ଯାଉଛି ।
ମନହୁଏ ଆଜି ଛୁଆଟିଏ ହୋଇ
ଟିକିଏ କଥାରେ ରୁଷି ଯାଆନ୍ତି,
କୋଳେଇ କାଖେଇ, ପାଖରେ ବସେଇ
କିଏ ଜଣେ ଟିକେ ବୁଝେଇ ଦେଲେ
ସୁନାପିଲା ପରି ବୁଝି ଯାଆନ୍ତି ।
ମନ ଡରିଯାଏ,
ବୟସ ଆଜି ମୋ ବାଧା ଦେଉଛି,
ରୁଷି ବସିଗଲେ, ବୁଝେଇବ କିଏ
ଏତେ ବା ସମୟ କା ପାଖେ ଅଛି ?
ସମୟ ସୁଅରେ, କାଗଜ ଡଙ୍ଗାରେ
ବୟସ ଆଜି ମୋ ଭାସି ଯାଉଛି ।


ISSN NO.
2582-208X

ସରି ସରି ଆସେ ଦିପରେ ତଇଳ
ଏବେ ବି ବଳିଛି ଅଳପ ଦିନ,
ଏଇ ଦେହ ଆଜି ଦଦରା ନାଆ ରେ
ଭରସା ଅଯୋଗ୍ୟ ଏଇ ଜୀବନ ।
ଏବେ ବି ସମୟ ଅଛି,
କେବେ ଆସି ଥରେ ପାଖରେ ବସିବ
ସାରା ଜୀବନର ଯେତେ ଅନୁଭବ
ବାଣ୍ଟିଦେବା ପାଇଁ କେତେ ବଳିଛି ।
କାଲି ଯେବେ ମୁହିଁ ସାଥିରେ ନଥିବି
ଦୋଷ ଦେବନାହିଁ
ନକହି ଆଗରୁ ଗଲି ମୁଁ ଚାଲି,
ଝୁରିହେବ ସିନା ବିତିଗଲା ଦିନ
ସହିଥିଲି ତୁମ ଅଝଟିଆ ପଣ
ପୁରା କରିଥିଲି, ଅଳି ଅର୍ଦ୍ଦଳି ।
ଫେରିବନି କେବେ,
ଚାଲିଗଲା ଯିଏ ଅଜଣା ରାଇଜେ,
ମିଳିବନି ଆଉ ଖୋଜିଲେ ସଙ୍ଗ,
କାନ୍ଦି ଝୁରିହେଲେ ବିତିଲା ଦିନକୁ
ମଉଳା ଫୁଲେ କି ଲାଗିବ ରଙ୍ଗ ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ପଚିଶ ବର୍ଷ ର
# ଚବିଶ କଥା...



ଦିଲ୍ଲୀପ ଶତପଥୀ

ଅନେକ ଦିନ ହେଲାଣି
ଗତ ଶତାବ୍ଦୀର ଘଟଣା
ଊଣେଇଶ ଅନେଶତ
ଆମ ବାହାଘର,
ସେତେବେଳେ ମତେ ତିରିଶି
ତମର ବୟସ ବାଇଶି !!
ଈଶତ ଗୋରା ରଙ୍ଗର
ପୁରିଲା ଦେହ ତମର
ଡବ ଡବ ଆଖି
ହସହସ ମୁହଁ
ଗଜ ଗମନୀ ଚାଲି,
ତମକୁ ଆଦୌ ମୁଁ
ଦେଖିନଥିଲି ଆଗରୁ
ହେଲେ ତମ ବିଷୟରେ
କିଛି କିଛି ଶୁଣିଥିଲି
ନିତିଆ ଓ କୃଷ୍ଣିଆଁ ଠାରୁ
"ପିଲା ଭଲ "

ତମଘରେ ପ୍ରସ୍ତାବ ପଡିଲା
ଜାତକ ରାଜଯୋଟକ

ISSN NO.
2582-208X

ବାପା ବୋଉ ଙ୍କର ମନ ମାନିଗଲା
ଥରେ ଦେଖା ଚାହାଁ
ପଦେ ଅଧେ କଥା
ମୁଁ ତୁମ ହସ କୁ ଦେଖୁଥିଲି
ତୁମେ ବି କଣେଇ କଣେଇ
ମତେ ଚାହୁଁଥିଲ
ମୁଁ ଓ ମୋ ସରକାରୀ ଚାକିରୀ
ତୁମ ମନକୁ ପାଇଗଲା
ଛିଡ଼ିଲା "ବାହାଘର"!!

"ଯୌତୁକ"
ମୋ ବାପା ମାଗି ଜାଣିନାହାନ୍ତି
ତମ ବାପା ଦେଇ ଜାଣିନାହାନ୍ତି
ମାମୁଁଙ୍କ ଉପରେ ନ୍ୟସ୍ତ
ବଡ଼ କଷ୍ଟ ରେ
"ଅଶି ହଜାର" କଥା ଛିଡ଼ିଲା
ପନ୍ଦର ଦିନ ଭିତରେ
ଦେଖା ଚାହଁ, ନିର୍ବନ୍ଧ।
ଦୁଇଟି ସୁନାମୁଦି
ଅଦଳ ବଦଳ।

"ନିର୍ବନ୍ଧ" ତମ ଘରେ
ଆମ ଘର ଲୋକ କିଛି ଗଲେ
ବିନା ଆମିଷ
ଭୋଜନ କଲେ
ମୋ ମାମୁଁ ତମ ବାପା କୁଆଡେ
ପିଲାବେଳେ ସାଙ୍ଗ ଥିଲେ

ISSN NO.
2582-208X

ଦୁହେଁ ବିବାହ ଦିନ
ଠିକ କଲେ "ଶ୍ରୀ ଗୁଣ୍ଡିଚା"

ବିବାହ ପୂର୍ବରୁ ଦିନେ
ତୁମ ଘରୁ ଫୋନ ଆସିଥିଲା
ମୁଁ ଫୋନ ଉଠେଇ ଥିଲି
ତମ ବଡ଼ ଭଉଣୀ, ସାଙ୍ଗମାନେ
କଥା ହେଲେ, ଠସିଲି କଲେ
ତୁମକୁ ଫୋନ ଦେବାକୁ ଚାହୁଁଥିଲେ
ମୁଁ ମନା କଲି
ଫୋନ ରଖିଦେଲି
ବାହାରିଗଲା "ଦୀର୍ଘନିଶ୍ୱାସ"

ବର ଯିବା ପାଇଁ
ମୋ ବାପା
ଗାଡି ଠିକକରି ପାରିଲେନି
ଗାଡି ମିଳିଲାନି,
ଶେଷ ଲଗ୍ନ
ତୁମ ବାପାଙ୍କୁ କହିଲେ
ତୁମ ବାପା ଗାଡି ପଠେଇଲେ
ମାରୁତି ଓମିନି ଭ୍ୟାନ
ଏବେ କା "ଆମ୍ବୁଲାନ୍ସ"
ଅବା "ସୋଢା ଗାଡି"
ସାଙ୍ଗରେ ଥିଲେ
କିଛି ବନ୍ଧୁ ବାନ୍ଧବ
ସାଙ୍ଗ ସାଥି, ମାର୍କଣ୍ଡି
ବାଣ, ରୋଷଣୀ, ଡିସ୍କୋ ନାଚ

ISSN NO.
2582-208X

ମନ୍ତ୍ର ପାଠ ,"ହସ୍ତ ଗଣ୍ଠି"
ମୁଁ ତୁମର ହେଇଗଲି
ତୁମେ ମୋର ।

ତମେ ଆଣିଥିଲ
ଗୋଟେ ଖଟ
ଏକୋଇଶି ଇଞ୍ଚ ଏଲ ଜି
କଲର ଟିଭି
କଂସା, ତାଟିଆ, ଥାଳି, ଥାଳିଆ
ଗିନା, ଢାଳ, ଗିଲାସ, ବାଲ୍ଟି
ଗରା, ତସଲା, ଧାନଉଁସା ହାଣ୍ଡି
କରଛୁଲି, ପିତଳଚଟୁ,
ପାନପେଡି , ଖିପିଦାନି
ଗୁଖା, ଦୀପ, ପିଲିସଜ,
"ଠାକୁର ବାସନ"!!

ଆଣିଥିଲ
କଦଳୀ ଗଛ, ନଡ଼ିଆ ଗଛ,
ପେଡି, ପେଟେରା, ଲଣ୍ଠନ, ପିତଳ ଡିବି
କୁଲା, ବାଉଁସିଆ , ଡାଲା,
ଭୋଗେଇ , ପାଚିଆ , ନିଆଛଡା
ଉଖୁଡାଚଟୁ, ପିଢା, ପନିକି , ଶିଳ ଶିଳୁପୁଆ ,
କୋରଣା, ଫୁଙ୍କାନଳ, ଗୋଜଣା
ଲୁହାଖରିକା, ପିଠାଛଣା,
ଗୁଆକାତି, କଜ୍ଜଳପାତି !!

କିଛି ପେଟି ରେ
ବୁନ୍ଦିଆ ମିଠେଇ, ଫେଣି, ନିମିକି

ISSN NO.
2582-208X

ଖଇ, ଉଖୁଡା, ଲବଙ୍ଗଲତା
ଖାସ୍ତା ଗଜା, ଜିଲାପୀ
ଗୋଟେ ପାଚିଲା ଦର ପାଚିଲା
କଦଳୀ କାନ୍ଦି
"ଦହି, ମାଛ, ଶାଗ"।

ଆମ ପରିବାର ପାଇଁ
କିଛି ଚକମକିଆ ଶାଢ଼ୀ
ପେଣ୍ଟ ସାର୍ଟ କପଡା
ବଡ଼ବାପା, ମାମୁଁ ଙ୍କ ପାଇଁ
ଧୋତି ପଂଜାବୀ କପଡା
ପିଉସୀ ନାନୀ ର
"ବିଧବା ଶାଢ଼ୀ"

ତମବାପା ଦେଇଥିଲେ,
ତମକୁ ଗୋଟେ ଆଟାଚି
କିଛି ଲୁଗାପଟା,
ସଜେଇ ହବା ଚିଜ,
ଆଗଡ଼ମ, ବଗଡ଼ମ ।
ମୋ ପାଇଁ ବି ଗୋଟେ ଆଟାଚି
ନୂଆ ଲୁଙ୍ଗୀ, ଗାମୁଛା
ଗେଂଜି, ଚଡି, ଦାନ୍ତ ଘଷା
ବ୍ରସ, କଲଗେଟ, ଜିଭ ଚେଲା
ସାବୁନ, ପାନିଆ,
ସେଣ୍ଟ, ପାଉଡର
ଦାଢ଼ିକଟା ସରଞ୍ଜାମ, ଆଇନା
"ତାସ ମୁଠେ"।

ISSN NO.
2582-208X

ଗୋଟେ ବୋଲି ଭଉଣୀ
ମନ ମାରିଦେଲା
"ନଣନ୍ଦ ପୁଟୁଳି "
ଆସି ନଥିଲା
ବନ୍ଦାପନା, ହୁଳହୁଳି ରେ
ଗୃହପ୍ରବେଶ
"କଉଡ଼ି ଖେଳ"

ମୋ ବାପାଙ୍କୁ ମିଳିଥିବା ଟୁ ଆର
ସରକାରୀ ଘର
ପାଞ୍ଚ ପ୍ରାଣୀ କୁଟୁମ୍ବ
ଭଉଣୀ ବିଭାହୋଇ ଯାଇଥିଲା
ତିନି ମାସ ଆଗରୁ
ତା ଜାଗା ତୁମେ ନେଇଥିଲ
ଘରେ ଜାଗା ନଥିଲା
ତୁମେ ଆଣିଥିବା ଜିନିଷ
ଖଟ ତଳେ ରହିଗଲା ।

ତମେ ବାହା ହୋଇ
ଆମ ଘରକୁ ଆସିଲ
କିଛି ଦରକାରୀ, ଅଦରକାରୀ
ଜିନିଷ ଆଣିଲ
ଆମ ଘର ପୁରିଗଲା
ବହୁତ କିଛି ପଛରେ
"ଛାଡ଼ିଦେଇ ଆସିଲ "

ତମ ବାପାଙ୍କ ହାତ ତିଆରି
ଚକାଚକ ବଙ୍ଗଳା
ତୁମ ଅଲଗା କୋଠରୀ

ISSN NO.
2582-208X

ରଙ୍ଗୀନ ଚାରି କାନ୍ଥରେ
ସଲମାନ ଖାନ, ଅମୀର ଖାନ
ସିନେମା ହିରୋ ଙ୍କ ଛବି
ଅତି ଆଦରର ପଢା ଟେବୁଲ
କିଛି ଅଧା ପଢ଼ା ବହି
ନିଜ ହାତ ଲେଖା
ଅସଜଡ଼ା ଖାତା
ଡ୍ରେସିଂ ଟେବୁଲ
ତମେ ସୁନ୍ଦର ବୋଲି କହୁଥିବା
ମଥାରୁ କଢ଼ା ଟିକିଲି ଲଗା
ତୁମ ପୂର୍ଣ୍ଣ ଅବୟବ ପ୍ରତିଫଳିତ କରୁଥିବା
"ଆଇନା"

ପଛରେ ରହିଗଲେ
ତୁମ ବାପା, ବୋଉ
ବଡ଼ ଭଉଣୀ ଭିଣେଇ, ଭାଇ
ସାଙ୍ଗ ସାଥି, ପଡୋଶୀ
ବାଡ଼ିରେ ଲଗେଇ ଥିବା
ନାନା ଫୁଲ, ଫଳ ଗଛ
ତୁମ ସ୍ନେହ ଆଦରରେ
ବଢିଥିବା
ବିନା ଶିକୁଳି ରେ ଘରେ
ଆତଯାତ କରୁଥିବା "ଟମୀ"

ତୁମ କଲୋନୀ ର କାଳୀ ମନ୍ଦିର
ଗଣେଷ ପୂଜା, ସରସ୍ୱତୀ ପୂଜା
ସମୟ ର ଆନନ୍ଦ
ଛକ ର ଗୁପଚୁପ ଠେଲା

ISSN NO.
2582-208X

ସନ୍ଧ୍ୟା ରେ ବରା, ପିଆଜି ର ବାସ୍ନା
ଚାଉମିନ ରୋଲ ଦୋକାନ
ଗଉରା ପାନ ଦୋକାନ
ତା ଦୋକାନ ରୁ ତେରେଛା ନଜରରେ
ତୁମକୁ ଚାହୁଁଥିବା
କିଛି "ବାଲୁଙ୍ଗା ଟୋକା"

ସମୟର ଚକ ଆଗକୁ ବଢିଛି
ବହୁତ ଆଗକୁ
ପଛ କଥା ସ୍ୱପ୍ନ
ପୁଅ ଝିଅ ବଡ଼ ହେଇଗଲେଣି
ପୁଅ ଡାକ୍ତର ହେଇଗଲାଣି
ବାପା ବୋଉଙ୍କ ବୟସ ବଢ଼ିଗଲାଣି
ଅପେକ୍ଷା ନାତି ବାହାଘର
ଆଶା "ଅସୁମାରୀ"

ମୋ ରଙ୍ଗୀନ ସ୍ୱପ୍ନ ବି
କଳା ଧଳା ଦିଶିଲାଣି
ଦୁହେଁ ଚଷମା ପିନ୍ଧିଲେଣି
ଅଜଣା ଭୟ ଘାରୁଛି
ରକ୍ତ ଚାପ, ଆସ୍ଥମା
ଛାତି ଧଡ଼ ଧଡ଼ ହେଲାଣି
ଦୌଡୁ ଥିବା ମଣିଷଟା
ଚାଲିବା କୁ କଷ୍ଟ ମଣିଲାଣି
"ଥକିଗଲାଣି"
ସମୟ କମ ଲାଗୁଛି
ବହୁତ କିଛି ପଢିବାକୁ ଇଛା ହେଉଛି
ଚୁପ ରହିବାକୁ ଚାହିଁଲେ ବି

ISSN NO.
2582-208X

ରହି ପାରୁନି
ଯାହା ଜାଣୁଛି ଅନ୍ୟମାନଙ୍କୁ
ଜଣେଇବାକୁ ପ୍ରବଳ ଇଛା ହେଉଛି
ମୋ କଥା କେହି ଶୁଣୁନାହାନ୍ତି
ମୋତେ କିଛି ଜଣାଉ ନାହାନ୍ତି
ବେଳେ ବେଳେ ରାଗିଯାଉଛି
ଚିଡି ଚିଡି ହେଉଛି
ମୋ ପାଇଁ ଚିନ୍ତିତ
ବାପା ବୋଉ, ତୁମେ, ପିଲାମାନେ
ଦୁଃଖ ଲାଗୁଛି
"ନିରୁପାୟ"

ଆଉ ଚାକିରୀ କରିବାକୁ
ଭଲ ଲାଗୁନି
ବେଶି ଭଲ ଲାଗୁଛନ୍ତି
ମୋ ବାପା.... ଓ
ମହାପ୍ରଭୁ ଶ୍ରୀ ଜଗନ୍ନାଥ
ବେଳେବେଳେ ତାଙ୍କ ସହ
ଦୁଃଖ ସୁଖ ହୋଉଛି
ଚେତନ ଅବଚେତନ ମନରେ
ତାଙ୍କ ନିର୍ଦ୍ଦେଶ ରେ
ଚାଲୁଛି.......ଚାଲୁଥିବି....
"ଅନ୍ତ ଯାଏଁ ".......

ମାତୃ ପିତୃ କୃପା, 508, ନୂଆସାହି
ନୂଆପଲ୍ଲୀ, ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ୭ଟି ଅଣୁ ଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ସୁନ୍ଦରତା ।।

ଅପରେସନ ଥିଏଟରରେ ଲେଡି ଡକ୍ଟରଙ୍କ କଥା ଦୀପିକା କାନରେ ପଡିବା କ୍ଷଣି ଆଖି ଖୋଲିଲା। ସିଜରିଂ ପରେ ଡକ୍ଟର ଷ୍ଟିଚ୍ ପକାଉ ଥାନ୍ତି। କଷ୍ଟ ସହି ନପାରି ତା ଆଖିରେ ଲୁହ ଛଳ ଛଳ ହେଉଥାଏ। ସେ ଠିକ୍ ବୁଝିପାରୁଥାଏ ନିଜ ଶରୀରର ଯନ୍ତ୍ରଣା ଅଧିକ ହେଉଛି ନା ନିଜ ସୁନ୍ଦରତାର ଯନ୍ତ୍ରଣା ତାଠାରୁ ବଳି ପଡୁଛି। ସାଙ୍ଗ ସାଥୀ ମାନଙ୍କ କଥା ଏବେବି ତା କାନରେ ଗୁଞ୍ଜରିତ ହେଉଛି- ତୋ ପେଟରେ ବର୍ଥ ମାର୍କ ପଡିଯିବ। ମୋଟା ପଣ ତୋ ସୁନ୍ଦରତାକୁ ସର୍ବନାଶ କରିଦେବ। ତୋର ସମସ୍ତ ପ୍ରପୋଜାଲ ପାଣି ଫୋଟକା ପରି ଫାଟିଯିବ। ତୁ ନିଜ ଗୋଡ଼ରେ କୁରାଢ଼ୀ ଚୋଟ ମାରିଛୁ। ଏବେ ତୋତେ କିଏ ନେଇ ମଡେଲିଙ୍ଗ କରିବ! ପିଲା ଦରକାର ଥିଲା ତ ସେରୋଗେସି କରି ନେଇଥାନ୍ତୁ।

ଦୀପିକା ଭାବୁଥାଏ -ଦିନେ ରବି ବି ତାକୁ ଏକାକୀ ଛାଡି ଚାଲିଯିବ। ଯାହା ସହିତ ମିଶି ଘର ସଂସାର ଗଢ଼ିଛି ସୁନ୍ଦରତା ହରିଗଲେ ସେ ବି ଦିନେ ଦୂରେଇଯିବ। ସେଲିବ୍ରିଟି ଲାଇନରେ ଏହା ହିଁ ଏକ ସିଷ୍ଟମ ରୂପେ ଚଳିଆସିଛି।

ଜନ୍ମିତ ଶିଶୁ ରାହା ମେଲେଇ କାନ୍ଦୁଥାଏ। ବେଶୀ କଷ୍ଟ ହେଉଛି କି? ଡକ୍ଟର ପଚାରିଲେ।

ISSN NO.
2582-208X

ଡକ୍ଟର ମୋ ପାଖରେ କଣ ଆଉ ସନ୍ଦରତା ରହିବ ନାହିଁ? ଦୀପିକା ଆଖିରୁ ଲୁହ ଥମୁ ନଥାଏ।

ଡକ୍ଟର ନର୍ସକୁ ଇଶାରା କଲେ। ସେ ନବଜାତ ଶିଶୁକୁ ଚୁପ୍ କରିବାକୁ ପ୍ରୟାସ କରୁଥାଏ। ଡ଼କ୍ଟରଙ୍କ ଇଶାରା ପାଇ ଶିଶୁକୁ ତା' ମା' କୋଳରେ ଶୋଇଦେଲା। ଶିଶୁ ପରିଚିତ ଶରୀରର ଉଷ୍ଣତା ପାଇ ଚୁପ୍ ହେଇଗଲା। ଦୀପିକା ଶିଶୁର କପାଳରେ ବୋକ ଦେଇ ନିଜ ଛାତିରେ ଜଡେଇ ଧରି ଅନୁଭବ କରୁଥାଏ ସେ ହିଁ ଦୁନିଆର ସବୁଠୁ ସୁନ୍ଦରୀ ନାରୀ।

## ।। ହାତୁଡି ।।

ସିଦ୍ଧେଶ୍ୱର ବାବୁ ହାତରେ ଫାଇଲ ଧରି ଅଫିସ୍ ବାହାରକୁ ବାହାରି ଦେଖିଲେ ବାରଣ୍ଡାରେ ଜଣେ ଶ୍ରମିକ ହାତରେ କୁରାଢ଼ୀ ଭଳି ବଡ଼ ହାତୁଡିଟିଏ ଧରି ଛିଡା ହୋଇଛି। ସେ ତାକୁ କିଛି କହିବା ପୂର୍ବରୁ ଅଗତ୍ୟା ଶ୍ରମିକ ମୁହଁ ଖୋଲିଲା-ବାବୁ! ଫର୍ଶ କଣପାଇଁ ଭାଙ୍ଗୁଛନ୍ତି? ସିଦ୍ଧେଶ୍ୱର ବାବୁ ଫର୍ଶକୁ ଗମ୍ଭୀର ମୁଦ୍ରାରେ ଦେଖିଲେ। ତାଙ୍କୁ ବୁଝିବାକୁ ବିଳମ୍ବ ହେଲାନାହିଁ। ଫଣ୍ଡ ଆସିଛି। ଯେମିତି ହେଉ କିଛି କାମ କରି ଗମେଣ୍ଟକୁ ଦେଖାଇବାକୁ ପଡିବ। ପୂରା ବିଲ୍ଡିଂକୁ ନୂଆ ରୂପ ଦିଆଯିବ। ସେପାଇଁ ଟେଣ୍ଡର ବାହାରି ସାରିଛି। ଶ୍ରମିକକୁ ଫର୍ଶ ଭାଙ୍ଗିବାକୁ ପଠା ହୋଇଛି। ସିଦ୍ଧଶ୍ୱର ବାବୁ ଘଡ଼ିଏ ତାକୁ ଚାହିଁରହି କହିଲେ-ତୋତେ ଫର୍ଶ ଭାଙ୍ଗିବା ପାଇଁ ପଠା ହୋଇଛି, ଭାଙ୍ଗିଦେ-।

ହେଲେ ବାବୁ ଏତେ ବଢିଆ ଫର୍ଶକୁ ଭାଙ୍ଗୁଛନ୍ତି କଣପାଇଁ?
ବୋଧହୁଏ ସେ ସିଦ୍ଧେଶ୍ୱର ବାବୁଙ୍କୁ ବଡ଼ ବାବୁ ଭାବିଛି। ଶ୍ରମିକର ଭ୍ରମ ଦୂର କରିବାକୁ ପୁଣି ସେ କହିଲେ-ଆରେ ଏ ପୁରୁଣା ଫର୍ଶ ଭାଙ୍ଗି ତା ବଦଳରେ ଏଠି ନୂଆ ମାର୍ବଲ ଟାଇଲ୍ସ ଲାଗିବ।

ISSN NO.
2582-208X

କିନ୍ତୁ ବାବୁ ଏ ଫର୍ଶ ଏବେ ସୁଦ୍ଧା ଜଳଜଳ ହୋଇ ଝଟକୁଛି।

ତା' ବାକ୍ୟ ଶୁଣି ସିଦ୍ଧେଶ୍ୱର ବାବୁ ଫର୍ଶ ଉପରେ ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କଲେ। ପୁରୁଣା ଦିନର ଫର୍ଶ ତଥାପି ଏପର୍ଯ୍ୟନ୍ତ ଚିକଣିଆ ଦିଶୁଛି। ତୁରନ୍ତ ସେ କହିଲେ-ତୋତେ ଫର୍ଶ ଭାଙ୍ଗିବାକୁ ପାରିଶ୍ରମିକ ମିଳିବ। ତୁ ଏଥିପାଇଁ ଏତେ ଚିନ୍ତା କରୁଛୁ କାହିଁକି ? ଭାଙ୍ଗି ଚାଲ....

ହଠାତ୍ ସେ ବଡ଼ ହାତୁଡିକୁ ତା' ମୁଣ୍ଡ ଉପରକୁ ଉଠେଇ ଖୁବ ଜୋର ଫର୍ଶ ଉପରେ କଚାଡ଼ିଲା। ଧମ୍ ଶବ୍ଦରେ ଖଣ୍ଡେ ଦୂର ଯାଏ ଫର୍ଶ ଦୋହଲି ଗଲା। ସିମେଣ୍ଟରେ ସାମାନ୍ୟ କ୍ରାକ୍ ହେଲା କିନ୍ତୁ ଭାଙ୍ଗିଲା ନାହିଁ।

ବୁଝିଲେ ବାବୁ ଏ ଫର୍ଶ ଏବେବି ଏତେ ଶକ୍ତ ଅଛି ଯେ ହାତୁଡି ପାହାରରେ ଭାଙ୍ଗୁନାହିଁ। ଆଉଟିକେ ଜୋର କଷି ମାର......ଖାଇନାହୁଁ କିରେ.....। ସିଦ୍ଧେଶ୍ୱର ବାବୁ ତାକୁ ପିଞ୍ଚ୍ ମାରିଲେ।

ବାବୁ !ଯଦି ଆମ ପାଖରେ ଏମିତି ଫର୍ଶ ଥାଆନ୍ତା କେବେବି ଭାଙ୍ଗି ନଥାନ୍ତୁ। କହୁ କହୁ ଜୋର ଜୋର ଫର୍ଶ ଉପରେ ହାତୁଡି ପ୍ରହାର କଲା। ପ୍ରତିଟି ହାତୁଡି ପ୍ରହାରରେ ନିଜ ଭିତରେ ଏକ ଅହେତୁକ ଯନ୍ତ୍ରଣାକୁ ଅନୁଭବ କରୁଥାଏ ସେ। ଯେମିତି ହାତୁଡି ପ୍ରହାର ଫର୍ଶ ଉପରେ ପଡୁନାହିଁ ବରଂ ନିଜ ଉପରେ ପଡୁଛି....।

## ।। ଭୟତନ୍ତ୍ର ।।

୪୫ ବର୍ଷୀୟ ମନୋଜ ପତ୍ନୀକୁ ଘରେ ପଶିବା ଦେଖି କହିଲା-ଆରେ ତୁମେ ଏକା ଏକା ଚାଲିଆସିଲ ? ମୋତେ ଫୋନ୍ କରିଥିଲେ ନେଇ ଆସିଥାନ୍ତି....।

ISSN NO.
2582-208X

ତୁମକୁ ଫୋନ୍ ଲଗେଇଥିଲି। ହେଲେ ସାଇଲେଣ୍ଟ୍ ମୋଡ଼ରେ ଥିଲା। ଭାବିଲି-ଯାଉଛି, ଯାହା ହେବ ଦେଖାଯିବ....।

ଆରେ ସେ ରାସ୍ତା କେତେ ଶୂନଶାନ୍ ଜାଣିଛ ? ପୁଣି ରାତିରେ... ତୁମକୁ କଣ ଭୟ ଲାଗିଲା ନାହିଁ?

ଭୟ!!ହଁ....ବହୁତ ଭୟ ଲାଗୁଥାଏ। ମନ ଭିତରେ, ଦେହ ଭିତରେ, ସାରା ସର୍ବାଙ୍ଗରେ। ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଟେକି ତୀବ୍ର ଗତିରେ ଚାଲିଥାଏ। ତଥାପି ମୋ ଭିତରେ ଥାଏ ଅମାପ ଭୟତନ୍ତ୍ର। ଚୋରଙ୍କୁ ଭୟ, ଇଜ୍ଜତ ଚାଲିଯିବାର ଭୟ, ବୁଲା କୁକୁରଙ୍କୁ ଭୟ, ପାଗଳମାନଙ୍କର ଭୟ, ମୋବାଇଲ ଛଡେଇ ନେବାର ଭୟ, ଭେନିଟ୍ ବ୍ୟାଗ ଝିଙ୍କି ନେବାର ଭୟ। ସେତେବେଳେ ମୋ ସମ୍ମୁଖରେ ଥିଲା ଗୋଟେ ପରେ ଗୋଟେ ଭୟତନ୍ତ୍ର। କାରଣ ମୋତେ ଯେମିତି ହେଉ ଘରେ ପହଞ୍ଚିବାର ଥାଏ।

ମନୋଜ ନିଜ ପତ୍ନୀଠାରୁ ଭୟତନ୍ତ୍ରର ଟିପ୍ପଣୀ ଶୁଣି ସ୍ୱୟଂ ଭୟରେ ଶିହରିତ ହେଉଥାଏ।

## ।। ମଣ୍ଡ।।

ହୁସେନ୍! ତୁମେ ଆଦୌ ଭୟ କରନାହିଁ। କୁହ! ଘଟଣା କଣ ନିର୍ଭୟ ରେ କୁହ।

ସାର! ମୋ ମୋବାଇଲକୁ ଅଜଣା ନମ୍ବରରୁ ବାରମ୍ବାର ଧମକ୍ ଆସୁଛି।

କଣ ଧମକ୍ ଆସୁଛି?
ମୋତେ ଜୀବନରୁ ମାରିଦେବେ।

ISSN NO.
2582-208X

କାହିଁକି ? ତୁମେ ଏମିତି କି କାଣ୍ଡ ଘଟେଇଲ କି ମାରିଦେବାକୁ ଧମକ୍ ଆସୁଛି ?

କଥା କଣ କି ସାର! ମୋ ବିବି ପ୍ରତିଦିନ ଭାତର ମଣ୍ଡ ରାସ୍ତା କଡ଼ ନାଳିରେ ଢାଳିବା ବଦଳରେ ବୁଲା ଗାଇ ଗୋରୁଙ୍କୁ ପିଇବାକୁ ଦେଇ ଦେଉଛି।

ଏ କାମ ତ କିଛି ଖରାପ ନୁହେଁ। ବରଂ ତୁମ ସ୍ତ୍ରୀ ମହତ କାମ କରୁ ଛନ୍ତି। ତାଛଡା ଭାତର ମଣ୍ଡ ତ କିଛି ଖରାପ ଖାଦ୍ୟ ନୁହେଁ। ଏଥିରେ କାହାର ଏମିତି ଆପତ୍ତି ହେଉଛି ?

କିଛିକ୍ଷଣ ହୁସେନ୍ ନିରୁତ୍ତର ହୋଇ ଚୁପଚାପ୍ ଛିଡାହେଲା। ତା'ର ଗୁମସୁମ୍ ଅବସ୍ଥାକୁ ଦେଖି ଥାନା ବାବୁ କହିଲେ-କୁହ ହୁସେନ୍ ତୁମ ସ୍ତ୍ରୀ ଭାତର ମଣ୍ଡ ଗାଇ ଗୋରୁଙ୍କୁ ପିଇବାକୁ ଦେଲେ ସେମାନେ ତୁମପ୍ରତି କାହିଁକି ରାଗୁଛନ୍ତି ?

ସାର! ଭାତର ମଣ୍ଡ ପିଇବାକୁ ଦେଇ ଗାଇ ଗୋରୁଙ୍କର ଧର୍ମ ନଷ୍ଟ କରିଦେଉଛି ବୋଲି ସେମାନେ କହୁଛନ୍ତି।

ହୁସେନ୍ ର କଥା ଶୁଣି ଥାନା ବାବୁ ବସିଥିବା ଚେୟାରରେ ଆଉଜି ପଡି ଆଖି ବନ୍ଦ କରିନେଲେ। ହୁଏତ ସେ ମୁଦ୍ରିତ ଆଖି ଭିତରେ ପଶୁ ପକ୍ଷୀଙ୍କର ଧର୍ମ ନଷ୍ଟର ବିଭାଜନକୁ ସମାଧାନ କରି ନ ପାରିବାର ଗ୍ଲାନିରେ ନିଜର ଧର୍ମ କଣ ଭୁଲି ଯାଉଥା'ନ୍ତି।

## ।। ମୋ ଦଲ୍ କୁ ଛଲି କୁହ ।।

ଅଫିସରୁ ଫେରି ଫ୍ରେସନେସ ହୋଇ ସାରିବା ପରେ ମୋହିତ ଚା' ପିଇବାକୁ ସୋଫାରେ ବସି ପିଡ଼ିଲା। ଅନତିଦୂର ଚଟାଣରେ ତିନି ବର୍ଷର ଅନନ୍ୟା ତା' ଖେଳଣା କଣ୍ଢେଇ ସହିତ

ISSN NO.
2582-208X

ବେଶ୍ ଖେଳିବାରେ ମଗ୍ନ-ବିଭୋର। ପ୍ରତିଦିନ ପରି ଆଜି ବି ଟିଭି ରିମୋର୍ଟ ଉପରେ ଦାବି ହାସଲ କରି କାର୍ଟୁନ ଚେନାଲକୁ କେବେ କେବେ ଚାହିଁ ଦେଇ ପୁଣି ଖେଳରେ ମାତି ଯାଉଛି। ମୋହିତ ଚେନାଲ ଚେଞ୍ଜ କରିବାକୁ ଟିଭିର ରିମୋର୍ଟ ମାଗିବାରୁ କୁନି ଝିଅ ଅନନ୍ୟା ମୁହଁ ଫୁଲେଇ କହିଲା-ପାପା! ଫାଷ୍ଟ ତୁମେ ମୋ ଦଲ୍ କୁ ଛଲି କୁହ। କାଲି ତାକୁ ବେଦ୍ ରୁ ପକେଇ ଦେଇଥିଲ।

ମୋହିତ ଝିଅର କୋମଳ ମନୋଭାବ ଏବଂ ନିର୍ଜୀବ କଣ୍ଢେଇ ପ୍ରତି ତା'ର ସମ୍ବେଦନଶୀଳତାକୁ ଦେଖି ଆଶ୍ଚର୍ଯ୍ୟ ହେଉଥାଏ। ସହସା ହୃଦୟଭାରା ହସ ହସି ନାଟକୀୟ ଢ଼ଙ୍ଗରେ କଣ୍ଢେଇକୁ ସାରି କହିଲା। କୁନି ଝିଅ ଅନନ୍ୟା ବିନା ଅଭିଯୋଗରେ ପାପା ହାତକୁ ଟିଭି ରିମୋର୍ଟ ବଢ଼େଇଦେଲା। ଟିଭିରେ କାର୍ଟୁନ ଚାଲିଥାଏ କିନ୍ତୁ ମୋହିତ ମନେ ପକାଉଥାଏ ସେ କେବେ ଅନୁର କଣ୍ଢେଇକୁ ବେଡ୍ ରୁ ଖସେଇଥିଲା!!

## ।। ମାଟି ଘର ।।

ବର୍ଷାର ଟୁପୁର ଟାପୁର ଶବ୍ଦ ଯେବେ ମାଟି ଘରକୁ ଆମନ୍ତ୍ରିତ କରେ ଶମ୍ପା ମା'ର ମଗଜରେ ଉଡାଜାହାଜ ଉଡ଼ିବୁଲେ। ଦୁଇ କୋଠରୀ ଘର ଭିତରେ ଆରମ୍ଭ ହୋଇଯାଏ ଧାଁ ଦଉଡ। ଯେମିତି ମୂଷାକୁ ଧରିବା ପ୍ରୟାସରେ ଦୌଡ଼ିବାକୁ ପଡେ। ଗିନା ସେଠି ରଖ, ଗ୍ଲାସ ଏଠି ରଖ।ଧୀରେ ଧୀରେ ବାଲ୍ଟି, କଢେଇ, ଥାଳିଠାରୁ ଆରମ୍ଭ କରି ଡେକଚି ଗାମଲା ଆଦି ପୂରା ଘରେ ବାସନ ପ୍ରଦର୍ଶନୀ ଲାଗିଯାଏ। ସେତକ ବି ମାଟି ଘରକୁ ନିଅଣ୍ଟ। ବର୍ଷାର ବୁନ୍ଦା ବାସନ ଉପରେ ପଡି ସାରା ଚଟାଣ ଭିଜେଇ ଦିଏ। ରାତିରେ ଶୋଇବା ବେଳେ ମୁଣ୍ଡ କେଉଁ ପଟକୁ ରଖିବାକୁ ହେବ ବୁଝିହୁଏ ନାହିଁ। ଏଭଳି ସ୍ଥିତିରେ ଶମ୍ପା ତା' ମା' କୋଳରେ ମୁଣ୍ଡ ପୂରେଇ ଶୋଇପଡେ। ହେଲେ ମା' ରାତିସାରା ଶୋଇଥାଏ କି ଚାହିଁଥାଏ ଜାଣିପାରେ ନାହିଁ। ଶମ୍ପା ବହୁତ ଖୁସି ହେଉଥାଏ ତା' ବାପା ପ୍ରଦେଶରୁ ଫେରି ଆସିଛନ୍ତି। ନୂଆ ଘର ତିଆରି

ISSN NO.
2582-208X

ହେଉଛି। ଘର ତିଆରି ମାନେ ସେ ବୁଝିଗଲା ବାପା ଆଉ ପ୍ରଦେଶକୁ କାମ କରିବା ପାଇଁ ଯିବେନାହିଁ। ନୂଆ ଘର ଦେଖି ଖୁସିରେ ମନ ତା'ର ଅଣାୟତ ହେଉଥାଏ।

ଦିନେ ସେ ସ୍କୁଲରୁ ଘରକୁ ଫେରି ଦେଖିଲା ଘର ତିଆରି ହେଉନାହିଁ। ପୁଣି କେତେଦିନ ଯାଏ ବନ୍ଦ ରହିଲା। ଘର ତିଆରି କଣପାଇଁ ବନ୍ଦ ପଡିଛି ସେ ତା ମା'କୁ ପଚାରିଲା-ମା' ନୂଆ ଘରେ ଛାତ କେବେ ପଡିବ ?

ମା' ଶୁଖିଲା ଜାଳେଣି ଡାଳିଆକୁ ଭାଙ୍ଗୁ ଭାଙ୍ଗୁ କହିଲା-ଯେବେ ପଇସା ହେଇଯିବ।

ବାପା ଆଣିଥିବା ପଇସା କଣ ସରିଗଲା ?

ହଁ, ଆଉ ବର୍ଷକୁ ପଇସା ଯୋଗାଡ଼ ହେଲେ ଘରେ ଛାତ ପଡିବ।

ତାହେଲେ ବାପା ପୁଣି କାମ କରିବାକୁ ଚାଲିଯିବେ ?

ଯିବେନାହିଁ ତ ଘରେ ଛାତ ପଡିବ କେମିତି ?

ଶମ୍ଭାର ଖୁସି ପାଣି ଫୋଟକା ପରି ମିଳେଇଗଲା। ବର୍ଷା ଦିନର ଆଗମନକୁ ଭାବୁ ଭାବୁ ତା' ଆଖିରେ ଲୁହର ମେଘ କ୍ରମଶଃ ବର୍ଷାର ରୂପ ନେଉଥାଏ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ପରାଣର ବନ୍ଧୁ



ଜୟଶ୍ରୀ ପଟ୍ଟନାୟକ

ଦ୍ୱାପରର କୃଷ୍ଣ ତୁ ରେ ତ୍ରେତୟା ର ରାମ
ଚାରି ଧାମ ଠାରୁ ବଳି ତୋର ପୁରୀ ଧାମ
କାଳିଆ ଠାକୁର ମୋର ପରାଣ ର ବନ୍ଧୁ
ଦୟାର ସାଗର ତୁ ରେ କରୁଣାର ସିନ୍ଧୁ ।

ବଡଦାଣ୍ଡ ଲୋକାରଣ୍ୟ ତୋର ଦେଖା ପାଇଁ
ଭକତ ଙ୍କୁ ସଦକାଳେ ନେଉ ତୁ କୋଳେଇ
ପିତାମ୍ବର ପାଟ ଦେହେ ବଇଁଶୀ ହସ୍ତରେ
ମୋହିଥାଉ ଭକ୍ତ ପ୍ରାଣ ଶରଧା ଚିତ୍ତରେ ।

ନିତ୍ୟ ବୃନ୍ଦାବନେ ତୋର ଲୀଳା ଲାଗିଥାଇ
ବରଷକେ ରଥଯାତ୍ରା ମନ ତ କିଣଇ
ତୋ ପାଇଁ ଶ୍ରୀକ୍ଷେତ୍ର ଲାଗେ ଗହଳ ଚହଳ
ପାପୀ ତପୀ ପାଇଁ ପରା ପୁଣ୍ୟ ନୀଳାଚଳ ।

ତୋ ମହିମା ଭକତ ଙ୍କୁ ଅଟେ ଅଗୋଚର
ଭକତ ଙ୍କ ହୃଦୟର ତୁ ଯେ ଅଧୀଶ୍ୱର ।

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଶ୍ରାବଣୀ



ଦଣ୍ଡାସି ପ୍ରଧାନ

ମୁଁ ମାଟି ଲଗ୍ନା ହୋଇ ବି
ଆଜି ଶୂନ୍ୟର ଶ୍ରାବଣୀ ।
ଏଠି ନାହିଁ ମାଟିର ମୃଦୁ ଗନ୍ଧ,
ନାହିଁ ପାହାଡ଼ର ଆଦର ଆଲିଙ୍ଗନ !
ନାହିଁ ଇନ୍ଦ୍ରଧନୁର ରଂଗ --
ନା ସଦ୍ୟ ରସସିକ୍ତ ଶୋଭା
ମନମୁଗ୍ଧକର ଅପୂର୍ବ ଶୀତଳ ଶିହରଣ,
ମୁଲାୟମ ପବନର ଅଫୁରନ୍ତ ଅନୁଭୂତି !! ୦୧
ହେ ତୁମେ ମୋ ପ୍ରିୟ ମାଟିର ନାୟକ !
ସବୁ କିସମ ଆଦର ଐଶ୍ୱର୍ଯ୍ୟର ଉପଭୋକ୍ତା ।
ମୋ ଶ୍ୟାମଳୀମା
ଘନ ସୌରଭ ଅଙ୍ଗେ ଅଙ୍ଗେ
କାହିଁ ସେହି ଅଦ୍ଭୁତ ସୃଜନ,
ଚପଳାର ଚମକ ଚାଞ୍ଚଲ୍ୟ ?
ମାଟି ଛୁଆଁର ଦୁର୍ଲ୍ଲଭ ପରଶ।
ମୋ ଶରୀରରେ, ସରଜେ ନାହିଁ ଆଜି କିଆଁ;
ବିଚିତ୍ର ଚିତ୍ରମୟତାର ଆବେଗିକ ଆକର୍ଷଣ ?
ଆଙ୍କେ ନାହିଁ ଶକ୍ତି ତରଙ୍ଗ, ବିଜୁଳିର ଝଲକ --
ଅଲୌକିକ ଦିବ୍ୟ ଦର୍ଶନ, କାହିଁକି ??

ISSN NO.
2582-208X

ଖାଲି ଏଠି ଏପଟରୁ ସେପଟକୁ,
ବାଆ ବତାସର ଜଞ୍ଜାଳ,
ଭାସି ଭାସି ଦିବା ନିଶି ଦହଗଞ୍ଜ-- ।
ଏବେ ଶ୍ରାବଣୀ, ନା ତୁମ ମାଟିର, ନା ସ୍ୱର୍ଗର ।୦୨
ମୁଁ ଧରା ଓ ଧାରାର ଶ୍ରାବଣୀ--
ଏବେ କିନ୍ତୁ ଖରା ଓ ତାରାରେ ଲାଞ୍ଛିତା ।।
ଖୁବ୍ କଷ୍ଟ ହୁଏ ମୋତେ !
ଝରିବାର ଆନନ୍ଦକୁ ଝୁରି ଝୁରି;
ସେ ଅପବାଦର ଅନୁଭବକୁ
ତୁମେ ଅବା ଜାଣିବା କେଉଁ ମତେ ?
ତୁମେ ତ ଗୁରୁଗମ୍ଭୀର ମୌନୀ ମାଟି ପ୍ରେମୀ
ବିଭୋରିତ ପାର୍ଥିବ ପୁରୁଷ ଜଣେ।,
ନିଜ ସ୍ୱଭାବରେ ବିତରଣର ଧରିତ୍ରୀ ସୁମନ୍ତ ।
ମୋର ଚରମ ପରିତୃପ୍ତିରେ ଆଶ୍ୱସ୍ତିର ଦୀର୍ଘ ନିଶ୍ୱାସ
ଉଡିଯାଏ ଦକ୍ଷିଣା ପବନରେ।
ବାଏଁବାଏଁର ଫମ୍ପା ଅଶନି ଶବଦ୍ କୁ-
ଆକଳନ କରିପାରି ନାହିଁ ସମୟର ସାନ୍ଦ୍ରତାକୁ ।
କେବଳ ଆନୁମାନିକତା ଆଶ୍ରାରେ ଚାଲିଛି ---
ସ୍ମରି ସ୍ମରି ଫି ବର୍ଷ, ସମ୍ଭାବନାକୁ ଆବୋରି।
ମୋ ଋତୁଚର୍ଯ୍ୟା କର୍ତ୍ତବ୍ୟ ପାଳନର ଦକ୍ଷତା,
ଅତି ଓ ଇତି ରେ ଭାସିଯାଏ;
ଅମୃତ ଅନୁଭବ ଅର୍ପଣର ଶ୍ରାବଣୀ ବୋଲି ।୦୩

ଆଜି ତୁମେ ଭାବୁଛ,
ମୁଁ ତୁମ ମାଟିକୁ ଠେଲି ଦେଇଛି ---
ନିରାଶା ନିର୍ଜଳା ସାହାରା କୁ

ISSN NO.
2582-208X

ଖାଲି ଶୂନ୍ୟତାର ମରୀଚିକା ସାଗରକୁ;
ଠକିନେବା ବାହାନାରେ,
ଏଠିକାର ଚାଟୁକଥାରେ ହଜିଯାଇ ଏବେଏବେ।
ତୁମ ନିରୀହ ନିରୋଳା ଅନନ୍ତମୟ
ସରଳ ଭଲପାଇବାକୁ ଦଳିଦେଇଛି
ଏଠିର ଲାଳସା ଲୋଭରେ
ପ୍ରତାରଣାର ଆନ ମନସ୍କରେ। ୦୪
ତୁମକୁ ନ ପାଇବାର ମୋ ଅନ୍ତର ଯନ୍ତ୍ରଣା,
ଦେହକୁ ତାତିରେ ଜଳାଇ ଜିଇଁଛି, ଅସ୍ତବ୍ୟସ୍ତ ଜୀବନ ।
ତୁମ ମାଟିର ନରମ କଅଁଳ ପରଶକୁ
ଝୁରି ଝୁରି ଅହର୍ନିଶି
ଦେଖୁଦେଖୁ ଗଡିଯାଏ ଆୟୁଷ ।
ମାଟିକୁ ନେଇ ମୋର କେତେ ଯେ ସ୍ୱପ୍ନ,
ଆଶା, ବିଶ୍ୱାସ ଓ ଶ୍ରଦ୍ଧାର ଭରସା ଅଟକିଅଛି,
ଆସିବି ଆସିବାରେ ତୁମେ ବୁଝି ପାରନାହଁ । ୦୫
ମୋର ବା ଦୋଷ କଣ ?
ଶୂନ୍ୟ ଏ ଦୋହଲାପଣରେ ।
ହେ ମାଟି ସମ୍ରାଟ !
ତୁମେ କିଛି କରହେଲେ,
ପ୍ରତିବନ୍ଧକ ଅତିକ୍ରମଣୀୟ ସୂତ୍ର ଭଲେ ।
ମୋ ନିରୂତା ଜୀବନର ଉପଶମ ପାଇଁ,
ତୁମ ପୌ।ରୁଷ ଦ୍ୱାହି ରେ
ହଟାଇ ନିଅ ମାଟି ଓ ମୋ ମଝିରେ ଥିବା
ଶକ୍ତ ଉତପ୍ତ ବାଡକୁ ।
ସ୍ୱାଭାବିକ ସ୍ୱାଚ୍ଛନ୍ଦ୍ୟ ପ୍ରାକୃତିକ ପ୍ରତିଷ୍ଠାପନ/
ପହଞ୍ଚିବାକୁ ତୁମ ସନ୍ନିଧାନ । ୦୬

ISSN NO.
2582-208X

ଏମିତିରେ ଝରିପଡିବି ହେଲେ,
ସହଜେ ଧରା ଦେଇ ଟପ୍ ଟପ୍ ହୋଇ ।
ଅସରା ଅସରା ଢାଳିଦେଇ,
ଆତ୍ମତୃପ୍ତିର ଅମୃତମୟ ଧାରା --
ଚରମ ଚରନ୍ତନୀ ପ୍ରତିବଦ୍ଧତା,
ସବୁଜିମାକୁ ନାଇ ।
ତୁମ ଜଗତକୁ ଭୋଗର ଖୁସି ଅର୍ପି,
ପୂର୍ଣ୍ଣାବରଣରେ ସଜେଇ ଦେବି,
ଗିରି କନ୍ଦରରୁ ଅନ୍ତର୍ଦେଶ ପର୍ଯ୍ୟନ୍ତ--
ପୃଷ୍ଠରୁ ଆଭ୍ୟନ୍ତରଣ ବିବିଧତାରେ,
ନିଜକୁ ଲଟେଇ ଦେଇ,
ସେହି ଆଗ୍ରହ ଅଗଣାରେ--
ତୁମରି ପବିତ୍ର ସେବାରେ;
ଏ ଶ୍ରାବଣୀର ଶେଷ ଇଚ୍ଛା --
ମର୍ଯାଦାର ସମ୍ମାନକୁ ନେଇ।।୦୭

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ, ପାତ୍ରପୁର ଗଞ୍ଜାମ
ଭ୍ରାମ୍ୟଭାଷ୍ୟ 8660194967

ISSN NO.
2582-208X

# ତିନି ରଥ



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଆଗେ ବଳଭଦ୍ର , ତା'ପରେ ସୁଭଦ୍ରା
ସବାଶେଷେ ଜଗନ୍ନାଥ
ଭକତଙ୍କ ଭିଡ ହୋଇ ଅଛି ଦେଖ
କିଏ ନୁଆଁଉଛି ମାଥ ।

ରତ୍ନ ସିଂହାସନୁ ସେ ତିନି ମୁରତି
ସଙ୍ଗେ ଦଣ୍ଡ ସୁଦର୍ଶନ
ତିନିଟି ରଥରେ ଚକା ମାଡିଥାନ୍ତି
ରଥାରୂଢ ଭଗବାନ ।

ନନ୍ଦିଘୋଷ ରଥେ ଡାହୁକ ବାପୁଡ଼ା
ହଲାଇ ନିଜର ବାଡି
ଯାତିରୀ ମାନଙ୍କୁ ଅଟକାଇ ସିଏ
ଗୀତ ବୋଲୁ ଥାଏ ଯୋଡ଼ି ।

ପଣ୍ଡା, ପଢିହାରୀ, ସେବକ ଗଣଙ୍କ
ମଧ୍ୟରେ ତିନିଟି ରଥ
ଦେଖିଲେ ହୁଅଇ ଅତି ପବିତ୍ରତା
କଟଇ ଥିବା ପାତକ ।

ISSN NO.
2582-208X

ପୁରୀ ବଡ଼ଦାଣ୍ଡ ଝଲସି ଉଠଇ
ତିନି ରଥଙ୍କ ସକଳେ
ଲୋକମାନେ ମଣ୍ଡି ରହନ୍ତି ସେଠାରେ
ଦେବ, ଦେବୀଙ୍କର ମେଳେ ।

ତୋ ପତିତ ନେତ ଦୂରରୁ ଦେଖିଲେ
କଟି ଯାଏ ସବୁ ଦୁଃଖ
ତୋ ଟଙ୍କ ତୋରାଣି ମୁନ୍ଦାଏଁ ପିଇଲେ
ପାଇଥାନ୍ତି ସର୍ବେ ସୁଖ ।

ତୋ ମହୋଦଧିରେ ସିନାନ କରିଲେ
ମିଳିଥାଏ କୋଟି ଫଳ
ଛାଡି ଚାଲିଯାଏ କୁଟୀର ଜଞ୍ଜାଳ
ମନ ରହେ ନିରିମଳ ।

ବଞ୍ଚି ଥିଲେ ପୁଣି ଆର ବରଷକୁ
ତୋତେ ଦେଖବାକୁ ଯିବି
ନିଷ୍ଟେ ତୋର ନନ୍ଦିଘୋଷର ରଥରେ
ପୁଣି ଦଉଡ଼ି ଟାଣିବି ।

ନଗମ ନଗର-୩ୟ ଗଳ
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୬୩୭୨୯୯୪୫୪୫

ସେପ୍ଟେମ୍ବର-୨୦୨୪
www.vedantimagazine.com

ISSN NO.
2582-208X

# ଗୁରୁ ବିନା କାହିଁ ଗତି ?



ସୁଜିତ୍ କୁମାର ମିଶ୍ର

ତମସା ରାତିରେ  ଯିଏ ଜ୍ୟୋତିଝର
ତପେ ତୋଫା ଜହ୍ନରାତି ,
ସିଏ ପୂଜ୍ୟ ଗୁରୁ  ଧୈର୍ଯ୍ୟମ ହାତରୁ
ପ୍ରେମମୟ ପୁଣ୍ୟ ଛାତି ।

ଜ୍ଞାନବିଜ୍ଞାନର  ପ୍ରଜ୍ଜ୍ୱଳିତ ଦୃଷ୍ଟି
ପ୍ରତ୍ୟାଶାବିହୀନ ଆଶା,
ସେ ମନ ଆକାଶେ  ମଙ୍ଗଳ ବରଷେ
ଭରଷାର ପ୍ରୀତି ଭାଷା ।

ଗୁରୁ ଯେ ସାକ୍ଷାତ  ଇଶ୍ୱର ସଂସାରେ
ପୂଜା ଆରାଧନା ଥାଳି ,
ତାଙ୍କୁ ତୃଷ୍ଟକଲେ ତୃଷ୍ଟି ହୋଇଥାନ୍ତି
ଆନନ୍ଦରେ ବନମାଳୀ ।

ISSN NO.
2582-208X

ଗୁରୁଶିଷ୍ୟ ଭାବ ଶ୍ରଦ୍ଧା ବଇଭବ
ଏକ ଆନେ ସମାହିତ ,
ତେଣୁ ଦୀପ ଜଳେ ଆତ୍ମ ଅନ୍ୱେଷଣେ
ଅମାରାତି ଅପହୃତ ।

ଚିନ୍ତନେ ତାଙ୍କର ଗଢ଼ା ରାମରାଜ୍ୟ
ସାରା କଷଣକୁ ସହି,
ତ୍ୟାଗର ଆଲୋକେ ଭବ୍ୟ ବିକିରଣେ
ଶମଶାନ ସୁନା ଭୂଇଁ ।

ସମ୍ଭାବନାମୟ ଆଲୋକ ବର୍ତ୍ତିକା
ଗୁରୁ ସପନର ଝର,
ସେଇଠୁଆଁରେ ଶିଷ୍ୟ ଆଶିଷ ନିର୍ଝର
ଆଦର୍ଶର ଗନ୍ତାଘର ।

କାହିଁଗଲେ ସେଇ ଆରୁଣି, ଅର୍ଜୁନ
କାହିଁଗଲେ ଗୁରୁଦ୍ରୋଣ ,
ଯେଉଁ ଭାବନାରେ ପଲକେ ପୁଲକ
ଉଦ୍ଭାସିତ ସମର୍ପଣ ।

ଶିଷ୍ୟ ଦୁଃଖେ ଯିଏ ଲୁହରେ ପ୍ଲାବିତ
କରୁଣାର ମିଠାଝର,
ସିଏ ନୁହଁଇକି ଗୁରୁ ସଂସାରରେ
ଅନ୍ତରଙ୍ଗ ତାର ସ୍ୱର ।

ISSN NO.
2582-208X

ଅନନ୍ତ ସେ ଦୃଷ୍ଟି  ଅନନ୍ତ ସେ ବୃଷ୍ଟି
କାମନାର ହିତ ନଇ,
ସିଏ ଜନାର୍ଦ୍ଦନ  ଜଗତର ମନ
ଅସରନ୍ତି ମିଠା ଛାଇ।

ଗୁରୁ ବ୍ରହ୍ମା ବିଷ୍ଣୁ  ଗୁରୁ ମହେଶ୍ୱର
ଗୁରୁ ବିନା କାହିଁ ଗତି,
ସେ ପୁଣ୍ୟ ଚରଣେ  ଘେନାକଲି ମୋର
ଆଞ୍ଜୁଳାଏ ଭାବଭକ୍ତି ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୬୬୪୨

ISSN NO.
2582-208X

# ଆଧୁନିକ ଓଡ଼ିଆ ଗୀତି କବିତାରେ ଶୋକ ଗୀତିକାର ଦୃଷ୍ଟିଭଙ୍ଗୀ



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

"Elegy a short poem of lamentation or regret, called forth by the decease of a beloved or revered person or by a general sense of pathos of morality" .

ଶୋକାନୁଭୂତି ଏକ ଶାଶ୍ୱତ ଭାବାବେଗ; ଏହା ସାର୍ବଜନୀନ ଓ ସାର୍ବକାଳିକ । ସବୁ ଦେଶର ଲୋକସାହିତ୍ୟ ତଥା ରଚିତ ସହିତ୍ୟରେ ଏହାର ବିଦ୍ୟମାନତା ପ୍ରତ୍ୟକ୍ଷ କରାଯାଏ । ବିଗତ ଶତାବ୍ଦୀର ଶେଷାର୍ଦ୍ଧରେ ପାଶ୍ଚାତ୍ୟ ସାହିତ୍ୟର ପରୋକ୍ଷ ପ୍ରଭାବ ଫଳରେ ଓଡ଼ିଆରେ ଆଖ୍ୟାନ କାବ୍ୟ ରଚନା କ୍ଷେତ୍ରରେ ପରିବର୍ତ୍ତନ ସଂଘଟିତ ହୋଇଥିଲା । ସେହିଭଳି କ୍ଷୁଦ୍ର କବିତା ରଚନା କ୍ଷେତ୍ରରେ ମଧ୍ୟ ବିପୁଳ ପରିମାଣରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥିଲା । ପ୍ରାଚୀନ କାବ୍ୟ କବିତା ପ୍ରଭୃତି ଉପେକ୍ଷିତ ହେବା ଫଳରେ ଆଧୁନିକ କାବ୍ୟ କବିତା ଆଦି କେତେକ ନୂତନ କାବ୍ୟ ରୂପ ପ୍ରବର୍ତ୍ତିତ ହୋଇଥିଲା । ଏହି କାବ୍ୟ ରୂପ ସମୂହ ନୂତନ ପରମ୍ପରା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିପୁଳ ଜନପ୍ରିୟତା ମଧ୍ୟ ଲାଭ କରିଥିଲା । ବହୁ ପରିବର୍ତ୍ତନ ସତ୍ତ୍ୱେ ଏହିସବୁ ଏବେ ମଧ୍ୟ ଓଡ଼ିଆ କବିତା କ୍ଷେତ୍ରରେ କମ୍ ବେଶୀ ପ୍ରଚଳିତ ହୋଇ ଆସୁଅଛି ।

ସଂସ୍କୃତ ଆଳଙ୍କାରିକଙ୍କ ମତରେ 'ଶୋକ ହେଉଛି କରୁଣ ରସର ପରିଣାମ ବା ସ୍ଥାୟୀଭାବ'। କବି ଭବଭୂତି କରୁଣ ରସକୁ ଏକମାତ୍ର ରସ ଏବଂ କରୁଣ ରସ ବିଭିନ୍ନ କାରଣ ସଂଯୋଗରୁ

ISSN NO.
2582-208X

ପରିବର୍ତ୍ତିତ ହୋଇ ବିଭିନ୍ନ ରସରେ ପରିଣତ ହୁଏ ବୋଲି କହିଛନ୍ତି । ଉତ୍ତର ରାମଚରିତ ମାନସ ରେ କୁହାଯାଇଛି –

"ଏକୋରସଃ କରୁଣ ଏବ ନିମିତ୍ତ ଭେଦାତ୍
ଭିନ୍ନ ପୃଥକ୍ ପୃଥଗବା ଶ୍ରୟତେ ବିବର୍ତ୍ତାନ୍
ଆବର୍ତ୍ତ ବୁଦବୁଦ୍ ତରଙ୍ଗ ମୟନ ବିକାରା –
ନମ୍ଭୋ ଯଥା ସଲିଳମେବ ତୁ ତତ୍ ସମଗ୍ରମ୍" ।

ସାହିତ୍ୟ ଦର୍ପଣାକାର ବିଶ୍ୱନାଥ କବିରାଜଙ୍କ ମତରେ – ପ୍ରିୟ ବ୍ୟକ୍ତିଙ୍କ ବିନାଶ ଅନିଷ୍ଟ ସାଧନ ପ୍ରଭୃତି କାରଣରୁ ମନରେ ଜାତ ହେଉଥିବା ବିକଳ ଅବସ୍ଥାରୁ ଶୋକ ଜାତ ହୋଇଥାଏ । ଇଂରାଜୀ ସାହିତ୍ୟର ଆଲୋଚକଗଣଙ୍କ ମତରେ – ଜୀବନର ନଶ୍ୱରତା ଚିନ୍ତନ, ପ୍ରିୟ ଓ ସମ୍ମାନିତ ବ୍ୟକ୍ତିଙ୍କ ବିୟୋଗ ଉପଲକ୍ଷେ ଯେଉଁ କରୁଣ ଭାବାଶ୍ରୟୀ କ୍ଷୁଦ୍ରଗୀତ ରଚିତ ହୋଇଥାଏ, ତାହା ହେଉଛି ଶୋକଗୀତ । ଏହାକୁ ଇଂରାଜୀରେ 'Elegy' କୁହାଯାଏ । ଓଡ଼ିଆ ଲୋକ ସାହିତ୍ୟ ଅନୁସାରେ ନାରୀଗୀତ ଭିତ୍ତିକ ଲୋକଗୀତ ଅର୍ଥାତ୍ କାନ୍ଦଣା ଗୀତକୁ ଶୋକ କବିତାର ପ୍ରାଚୀନତମ ନିଦର୍ଶନ ରୂପେ ଗ୍ରହଣ କରାଯାଏ। ବିବାହ ପରେ କନ୍ୟାକୁ ଆପଣାର ଘର ପରିବାର ଛାଡ଼ି ଏକ ଅପରିଚିତ ନୂତନ ପରିବେଶରେ ଜୀବନ ଅତିବାହିତ କରିବାକୁ ପଡ଼େ। ଫଳରେ ଏହି ଆଶଙ୍କାରୁ ଶୋକ କବିତା ରୂପକ କାନ୍ଦଣା ଗୀତର ସୃଷ୍ଟି ବୋଲି ମନେହୁଏ।

ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ଯେଉଁ ଶୋକ କବିତା ପରିଲକ୍ଷିତ ହୁଏ, ସେଗୁଡିକ ସଧାରଣତଃ ପୁରାଣର ଚରିତ୍ରମାନଙ୍କୁ ଆଧାର କରି ଗଢ଼ି ଉଠିଥିଲା। ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଗୋପାଳକୃଷ୍ଣଙ୍କ 'ଯଶୋଦା କୋଇଲି', କିଶୋର ଦାସଙ୍କ 'ବୈଦେହୀ ଖେଦ ଚଉତିଶା', କୃଷ୍ଣ ଦାସଙ୍କ 'କୌଶଲ୍ୟା ରୋଦନ ଚଉତିଶା', ପରମାନନ୍ଦଙ୍କ 'ସୀତା ବିଚ୍ଛେଦ ଚଉତିଶା' ଆଦି ଉଲ୍ଲେଖଯୋଗ୍ୟ।

ISSN NO.
2582-208X

"ଚାମର, ଛତ୍ର ତରାସ କାହାକୁ ଲାଗିବ
ଖଞ୍ଜଣି, ଗିନି, ମନ୍ଦିରା କା ଆଗେ ବାଜିବ ।
X X X
କାହାକୁ ବନ୍ଦନା କରି ଭଜନ ବାନ୍ଧିବି ।"
(ଶ୍ରୁତି ନିଷେଧ ଗୀତା - ଭୀମ ଭୋଇ)

ଇଂରାଜୀ ଶୋକ କବିତାର ପ୍ରଭାବରେ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଅନେକ ଶୋକ କବିତା ରଚିତ ହୋଇଥିଲା । ପ୍ରିୟତମା ପତ୍ନୀ, ସ୍ନେହାସ୍ପଦ ସନ୍ତାନ, ଭକ୍ତିଭାଜନ ପିତାମାତା, ଅନ୍ତରଙ୍ଗ ବନ୍ଧୁ ପ୍ରଭୃତିଙ୍କ ବିୟୋଗ ଉପଲକ୍ଷେ ଶୋକଗୀତ ରଚନାର ସୂତ୍ରପାତ ହେଲା । ଭକ୍ତକବି ମଧୁସୂଦନ ରାଓ ଆଧୁନିକ ରୀତିରେ ଶୋକ କବିତା ରଚନା କରିବାରେ ଥିଲେ ସର୍ବ ପ୍ରଥମ । ତାଙ୍କର 'ପରଲୋକଗତା ସୁଲକ୍ଷଣା ଦେବୀ', ଶୋକଲହରୀ, ରାଧାନାଥ ବିୟୋଗେ, ଦେବାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟ, ଶୋକ ଶ୍ଲୋକ ପ୍ରଭୃତି ଉଲ୍ଲେଖଯୋଗ୍ୟ। କବିବର ରାଧାନାଥ ରାୟଙ୍କ 'ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ' ଓ 'ଦଶରଥ ବିୟୋଗ' - ଏହି ଦୁଇଟି ପୁରାଣଧର୍ମୀ ଶୋକ କବିତା। ଏହା ବ୍ୟତୀତ ନବଯୁଗର ଅନ୍ୟତମ ସ୍ରଷ୍ଟା ଫକୀରମୋହନ ସେନାପତି ମଧ୍ୟ ଅନେକ ଶୋକଗୀତ ରଚନା କରିଛନ୍ତି। ଯଥା - ମୃତ ଶିଶୁପୁତ୍ର ମନମୋହନ, ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ, କି ଦେଖିବି ସେହି ସହାସ୍ୟ ବଦନ ଓ ମୋ କ୍ଷୁଦ୍ର ତାରା ଇତ୍ୟାଦି।

କବିଶେଖର ଚିନ୍ତାମଣି ମହାନ୍ତି ମଧୁସୂଦନ ଓ ଫକୀରମୋହନଙ୍କ ପଦାଙ୍କ ଅନୁସରଣ କରି ସ୍ୱଦେଶର ବ୍ୟକ୍ତି ଓ ପ୍ରିୟଜନଙ୍କ ବିୟୋଗ ଉପଲକ୍ଷେ ଅନେକ ଶୋକ କବିତା ରଚନା କରିଛନ୍ତି। ସେଗୁଡିକ ମଧ୍ୟରେ - ଅଶ୍ରୁଧାରା, ଶୋକଶତକ, ବିଷାଦ ବଂଶୀ, ଶୋକ ସଂଗୀତ ପ୍ରଭୃତି ପ୍ରଧାନ । ତାଂକ ରଚିତ '( ୧୯୧୯ ) ଶୀର୍ଷକ କବିତାଗୁଚ୍ଛଟି ଏକ ସାର୍ଥକ ଶୋକ ଗୀତ । ପଲ୍ଲୀକବି ନନ୍ଦକିଶୋର ବଳ ଶୋକ କବିତା ରଚନା କରିବାରେ ଅନୁରକ୍ତ ନଥିଲେ ମଧ୍ୟ ସେ 'ବିପତ୍ନୀକର ଅନୁସୋଚନା' ରଚନା କରିଛନ୍ତି। ଏହା ବ୍ୟତୀତ କବିବର

ISSN NO.
2582-208X

ରାଧାନାଥ ରାୟ, ଗଙ୍ଗାଧର ମେହେର, ଫକୀରମୋହନ ସେନାପତି, ନୀଳମଣି ବିଦ୍ୟାରତ୍ନ, ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ଅଭିରାମ ଭଞ୍ଜ ପ୍ରଭୃତିଙ୍କ ବିୟୋଗ ଉପଲକ୍ଷେ କେତେକ ଶୋକ କବିତା ରଚନା କରିଥିଲେ ।

ଶୋକ କବିତା ରଚନା କ୍ଷେତ୍ରରେ ସତ୍ୟବାଦୀ ସାହିତ୍ୟ ସାଧକମାନଙ୍କ ମଧ୍ୟରେ ଗୋପବନ୍ଧୁ ଓ ଗୋଦାବରୀଶ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ। ଗୋପବନ୍ଧୁ ତାଙ୍କ ଦୀକ୍ଷା ଗୁରୁ ଦିବ୍ୟସିଂହ ମିଶ୍ରଙ୍କ ବିୟୋଗ ଉପଲକ୍ଷେ 'କାରାରେ ଜଣେ ବନ୍ଧୁଙ୍କ ବିୟୋଗ ବାର୍ତ୍ତା ଶୁଣିବା ପରେ' ଶୀର୍ଷକ କବିତା ରଚନା କରିଥିଲେ। ସେହିପରି ଗୋଦାବରୀଶ ମିଶ୍ର ଆପଣାର ଭଗ୍ନୀ, ସ୍ନେହାସ୍ପଦ ଛାତ୍ର, ପଡ଼ୋଶୀ ଏକ ଗୋପାଳଙ୍କ ମୃତ୍ୟୁରେ ମର୍ମାହତ ହୋଇ ଶୋକ କବିତା ରଚନା କରିଥିଲେ।

"ରୋଗ ଶେଯ ପାଶେ ବାବୁ ହେ ଚାହିଁଥିଲି ମୁଁ ବସି
କ୍ଷେଣୁ କ୍ଷଣେ ପୁଣି ବଦନ ଆନ ଆସିଲା ଦିଶି ।
x x x
ସେ ସକଳ କଥା ଏବେ ମୁଁ ନୀତି ହେଉଛି ଭାଳି
ଆଉ କ୍ଷଣେ ହେଲେ ତୁମର ସେବା ଥାଆନ୍ତି କରି ।
( କିଶଳୟ - ଗୋଦାବରୀଶ ମିଶ୍ର )

ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ମାୟାଧର ମାନସିଂହ, କୁଞ୍ଜବିହାରୀ ଦାଶ, ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କର ଶୋକ କବିତା ରଚନା ବେଶ୍ ମହତ୍ତ୍ୱ ଅର୍ଜନ କରିଛି । ମାୟାଧର ମାନସିଂହଙ୍କ 'ମୋ ଧନରେ', ଗୋପ ପ୍ରୟାଣ, ପ୍ରାଣର ବାପୁଜୀ ଆଦି ଶୀର୍ଷକ କବିତା ମର୍ମସ୍ପର୍ଶୀ। କୁଞ୍ଜବିହାରୀ ଦାଶଙ୍କ 'ଲୁହ ଓ ଲୋହିତ' ସଙ୍କଳନଟି ଏକ ସାର୍ଥକ ଶୋକ କବିତା। କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରଚିତ - ଯେବେ ଲୁଚିଯାଏ, ଆଉଥରେ, ନିରଞ୍ଜନ ଆଦି ଶୋକ କବିତା ଅତ୍ୟନ୍ତ ଉଲ୍ଲେଯୋଗ୍ୟ।

ISSN NO.
2582-208X

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତର ବିଶିଷ୍ଟ ଜନନାୟକ, ତ୍ୟାଗୀ ଓ କର୍ମୀମାନଙ୍କ ବିୟୋଗ ଉଦ୍ଦେଶ୍ୟରେ ଓଡ଼ିଆ କବିମାନେ ବହୁ ଶୋକ କବିତା ରଚନା କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ସାଂପ୍ରତିକ କବିତାର ରୂପ ରଚନା ରୀତିରେ ବୈପ୍ଳବିକ ପରିବର୍ତ୍ତନ ସଂଗଠିତ ହୋଇଥିଲେ ହେଁ ଶୋକ କବିତା ରଚନା ବ୍ୟାହତ ହୋଇନାହିଁ। ସୌଭାଗ୍ୟ କୁମାର ମିଶ୍ରଙ୍କ 'ଅସ୍ତଜହ୍ନର ଏଲିଜି' ରେ ଜନୈକା କଲେଜ ଛାତ୍ରୀର ଅପମୃତ୍ୟୁ ସମ୍ବନ୍ଧରେ ଏହା ରଚିତ। କେତେକ ଅତ୍ୟାଧୁନିକ କବିଙ୍କ କବିତାରେ ଏହି ମୃତ୍ୟୁ ଚେତନା ହିଁ ମୁଖ୍ୟ ସ୍ୱର ରୂପେ ଦେଖାଦେଇଛି । କବି ସୀତାକାନ୍ତ ମହାପାତ୍ରଙ୍କ 'ତାଙ୍କୁ ଭେଟିବାକୁ' କବିତାରେ କବିଙ୍କର ଭାବନା ସତେ ଯେପରି ମୃତ୍ୟୁ ଆହ୍ୱାନରେ ହିଁ ମନୁଷ୍ୟ ଜଗତକୁ ଆସିଥାଏ।

"ତୁମର ଛବିର ଛାଇ ନାଚିଯାଏ ଏ ଚୂନ କାନ୍ଥରେ
ଆଲୁଅରେ ତୁମେ ନାହଁ ଅନ୍ଧାରର ଗହଳି ଭିତରେ
ତମରି ହଜିଲା ଡାକ ବାରମ୍ବାର ମୁଁ ଯେ ଶୁଣିପାରେ ।"
(ଅସ୍ତଜହ୍ନର ଏଲିଜି - ସୌଭାଗ୍ୟ କୁମାର ମିଶ୍ର )

ଆବେଗ ପରିବର୍ତ୍ତେ ବୌଦ୍ଧିକ ମନନଶୀଳତା ଓ ବିଚାର ପ୍ରବଣତାର ଆଧିକ୍ୟ ହିଁ ଶୋକ କବିତାରେ ଦେଖିବାକୁ ମିଳେ । ମୃତ୍ୟୁର ଆହ୍ୱାନରେ ମଣିଷର ନିସହାୟତା ଉଦବେଳିତ ହୁଏ, ଏହି ଶୋକ କବିତା ମାଧ୍ୟମରେ। ତେଣୁ ଏହି କବିତାରେ ମୃତ୍ୟୁ ଚେତନା ହିଁ ମୁଖ୍ୟ ସ୍ୱର ରୂପେ ଦେଖାଯାଏ ।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,ଭୁବନେଶ୍ୱର

ISSN NO.
2582-208X

# ଶେଷତମ ସତ୍ୟ



ମନ୍ଦାକିନୀ ପାଢୀ

ବୟସ ଖଡେଇ ହେଉଛି
ବୁଢ଼ା ପାତି ମାଙ୍କଡ଼ ପରି
ଟିଙ୍କିକାର ମାରୁଛି ସମୟ
ସତେ ଯେମିତି କହୁଛି
ମୋର ଆଙ୍ଗୁଠି ଅଗରେ
ତୋର ଫୁଲର ଫଗୁଣ
ମୋର ଆଙ୍ଗୁଠି ଅଗରେ
ତୋର ସ୍ୱପ୍ନର ଦୁନିଆଁ ।।

ଲଣ୍ଠନ ଭଳି ମିଞ୍ଜି ମିଞ୍ଜି
କରୁଛି ଜୀବନ
କେତେବେଳେ ଲିଭିଯିବ ଏବଂ
ଛାଇଯିବ
ନିରନ୍ଧ୍ର ଅନ୍ଧକାର
ଜଣା ପଡୁନାହିଁ ।।

ISSN NO.
2582-208X

ଆବେଗ ମାନେ ଫାଟି ଯାଉଛନ୍ତି
କାଚଭଳି
ଫଟା କାଚଭଳି
ସ୍ୱପ୍ନ ମାନେ ଭାଙ୍ଗି ଯାଉଛନ୍ତି ।

ମହାକାଳ ମହିମା ସନ୍ୟାସୀ ଭଳି
ଶୋଷି ନେଉଛି
ବୟସର ଗଞ୍ଜେଇ
ଫିଟୁଛି ଖଞ୍ଜଣି.........
ଶେଷତମ ସତ୍ୟର ।।

ରାଜନୀତି ବିଜ୍ଞାନ ଅଧାପିକା
ପଦ୍ମପୁର, ବରଗଡ଼

ISSN NO.
2582-208X

# ଏହା ହିଁ ଜୀବନ



ପ୍ରଦୀପ କୁମାର ସିଂହଦେଓ

ଅନ୍ଧାର ଆଲୁଅ
ମିଛ ସତ, ହସ କାନ୍ଦ
ପ୍ରାପ୍ତିର ପ୍ରବଳ ଇଚ୍ଛା
ହରାଇବାର ଦାରୁଣ ବେଦନା
ସବୁର ସୁନ୍ଦର ମିଶ୍ରଣ
ଏହା ଏକ ନିଆରା ଜୀବନ ।
ବଞ୍ଚିବାର ଅସୀମ ଆଶଙ୍କା
କଣ୍ଟକିତ ଜୀବନର ବନ୍ଧୁର ପଥ
ତାର ଶେଷ ପରିଣତି କେଉଁଠି ?
ଏକ ବିରାଟ ଯକ୍ଷ ପ୍ରଶ୍ନ ?
ସର୍ବାଙ୍ଗ ଶରୀର ଦୁର୍ବଳ ନିଥର
ଅବଦମିତ ମନର ଆଶା ।
ଗଡି ଚାଲେ ଜୀବନର ଚକ
ବେସୁରା ସଙ୍ଗୀତର ଦୁର୍ବାର ତାଳରେ
ଅର୍ଥବୀନ ନିଃସଙ୍ଗ ଜୀବନର
ପ୍ରତିଟି ମୁହୂର୍ତ୍ତ ଯେପରି
ଶବ୍ଦବୀନ କରୁଣ ସ୍ୱରଲିପି ।
ବଞ୍ଚିବାର ଅହେତୁକ ଆଶା
ଜୀବନର ଝଡ ଝଞ୍ଜା ମଧ୍ୟରେ
ଦୋଳମାନ ନିଜର ଅସ୍ତିତ୍ୱ ।

ISSN NO.
2582-208X

କେଉଁ ହେମ ହରିଣୀ ଆକର୍ଷଣରେ
ଜୀବନରେ ବେଳେ ବେଳେ ସୃଷ୍ଟି ହୁଏ
ଅକାରଣ ଆନନ୍ଦର ଏକ ଝଲକ
ଭାସି ଉଠେ ରଙ୍ଗୀନ ସୁନେଲି ସ୍ୱପ୍ନ
ଇନ୍ଦ୍ରଧନୁର ଚମତ୍କାର ସପ୍ତରଙ୍ଗ ।
ସେ ରଙ୍ଗରେ ରଙ୍ଗାୟିତ ହୋଇ
ନିଜର ଅତୀତ ଓ ସ୍ଥିତାବସ୍ଥାକୁ ଭୁଲିଯାଇ
ମନ ହଜିଯାଏ ଏକ ବର୍ଣ୍ଣାଳୀ ଦୁନିଆରେ ।
ଯାଦୁକରୀ ଅଳିକ ସୁଖ କ୍ରମେ ହୁଏ ଉଭାନ ।
ପୁଣି ମନ ଫେରିଆସେ
ସେହି ଚିରନ୍ତନ ବାସ୍ତବ ଜୀବନ ଅଙ୍ଗନରେ ।
ସୁଖ ଓ କାରୁଣ୍ୟର ଚକା ଭଉଁରୀ ସୁଅରେ
ଉବୁଟୁବୁ ହେଉଥିବା ଖିଆଲି ମଣିଷ
ଖୋଜିଚାଲେ ଅପ୍ରାପ୍ୟ ଅମୃତ ଉଦ୍ଦେଶ୍ୟରେ
ଯାହା ଦୂରେଇ ଯାଏ ହାତ ପାହାନ୍ତାରୁ ।
ଜୀବନର ହିସାବ ନିକାଶର ଅଙ୍କ କଷୁକଷୁ
ବୟସର ଶେଷ ପ୍ରାନ୍ତ ଉପନୀତ ।
ଭାସି ଉଠେ ମାନସ ପଟରେ ଆଗାମୀ
ଆସନ୍ନ ସୂର୍ଯ୍ୟାସ୍ତ ବେଳାର ଲୋହିତ ବର୍ଣ୍ଣ ବିଭା ।
ସେ ମଧ୍ୟ କ୍ଷଣ ସ୍ଥାୟୀ ।
ବିଶ୍ୱ ସ୍ରଷ୍ଟାଙ୍କର ରଚନା କି ସୁନ୍ଦର ଓ ମଧୁମୟ
ସେ ସୁଷମା ପାନ କଲା ବେଳକୁ
ନେପଥ୍ୟରେ କରୁଣ ବିଦାୟ ସଙ୍ଗୀତର ମୂର୍ଚ୍ଛନା
ଜୀବନ ସନ୍ଧ୍ୟା ଘନେଇ ଆସିବାର ଅବାଞ୍ଛିତ ଧ୍ୱନି
ବୋଧହୁଏ ଏହା ହିଁ ଜୀବନ !

ଗ୍ରାମ-ଇଚା, ଷଢେଇକଳା ଖରସୁଆଁ, ଝାଡଖଣ୍ଡ
ମୋ: ୮୦୮୪୪୫୯୨୦୯

ISSN NO.
2582-208X

# ଶରତର ଆଗମନୀ



ଅମରନାଥ ବାରିକ

କାଶତଣ୍ଡୀ ହୁଏ ନୃତ୍ୟରତା ମୃଦୁ
ହିଲ୍ଲୋଳରେ ତାଳେ ତାଳେ
ଦେଖି ମନ ପ୍ରାଣ ହୁଏ ପ୍ରଫୁଲ୍ଲିତ
ଦିଗବଳୟ ଅନ୍ତରାଳେ ।

ପବିତ୍ର ପାର୍ବଣ ଦେବୀ ଆବାହନୀ
ଶରତର ଆଗମନେ
କାଶତଣ୍ଡୀ ପ୍ରାୟ ଧବଳ ଚାମରେ
ନଈପଠା ଉପବନେ ।

ନୀଳ ଆକାଶରେ ମେଘମାଳାମାନ
ଧିରେ ଅପସରି ଯାଇ
ଗାଁଆଠୁ ସହର ଉତ୍ସବ ମୁଖର
ହୋଇଉଠେ ମାଆ ପାଇଁ ।

ISSN NO.
2582-208X

ହସୁଛି ମରତ ମହାମାୟୀ ବିଜେ
ଆଗମନି ବାର୍ତ୍ତା ନେଇ
ନଦ ନଦୀ ହ୍ରଦ କୃଶତନୁ ହୁଏ
ପ୍ରକୃତି ସ୍ୱଚ୍ଛ ହୁଅଇ ।

ପୁଣି ସସାଗରା ଭୂ-ଜ୍ୟୋସ୍ନା ପ୍ଲାବିତ
ମଣ୍ଡପେ ମାଆଙ୍କୁ ପାଇ
ସମଗ୍ର ଜଗତ ପୂଜାର୍ଚ୍ଚନାଭରେ
ମଙ୍ଗଳ ମନାସୁ ଥାଇ ।

ମୁରୁକି ହସନ୍ତି ତରାଟ ମନ୍ଦାର
ମହାଅଷ୍ଟମୀରେ ଅର୍ପିତ
ଜଗତଜନନୀଙ୍କ ମୃଣ୍ମୟୀ ପ୍ରତିମା
କାରିଗର ସମର୍ପିତ ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# କର୍ମପଥ ଧାରେ



ନିରୁପମା ପଟେଲ

କର୍ମପଥ ଧାରେ ନିଜକୁ ଡଉଳେ
ସତେକି ମୁଁ ଏପଥ ଯାତ୍ରୀ
ପଥ ଭାରାକ୍ରାନ୍ତେ ପଦଚିହ୍ନ ଖୋଜେ
ଏକାକୀ ମୁଁ ରାତ୍ରିରାତ୍ରି।

ଶାଗୁଣା ମେଳରେ ଛାତି ଥରିଯାଏ
ସମୁଦ୍ର ବେଳାରେ ଆଖି ହଜିଯାଏ
ଆକାଶପଥରେ ଦୃଷ୍ଟିଶୂନ୍ୟହୁଏ
ଭାବୁଥାଏଁ ଯାହା ଏମନ ମତେ କୁହେ।

ପଶାଖେଳର ସେ ଶକୁନି ଚିନ୍ତନ
ଭୟ ସଂଚାରେ ସେ ସତେ ପୁନଃପୁନଃ
ନିଜଲୋକ ଏଠି ନିଜସାଥେ ମଉନ
ବାରମ୍ବାର ଦିଏ ଧିକ୍କାରର ସ୍ଥାନ।

ମଉନ ରାଇଜର ମୌନାବତି ସାଜେ
ଦିନ ପ୍ରତିଦିନ ନିଜକୁ ମୁଁ ଖୋଜେ

ISSN NO.
2582-208X

ଚିତ୍କାରୀ ଚିତ୍କାରୀ ଶୂନ୍ୟମାର୍ଗେ ହଯେ
ପାଗଳାମି ପଣେ ନିଜକୁ ମୁଁ ଲଙ୍ଘେ।

ବାଃରେ ଜୀବନ, ଶୂନ୍ୟେ ଆଗମନ
ଶୂନ୍ୟରୁ ଗମନ
ତତେ ଖୋଜିଖୋଜି ନଭୁଲେ ମୋମନ
ଆଗନ୍ତୁକ ସାଜିବୁଲେ ତୋ କାନନ।

ଏକତ୍ୱ ଭାବନା ଏକତ୍ୱ ସାନ୍ତ୍ୱନା
ଜାଗ୍ରତ ହେଉ ଏ ମନେ
ଝଡ଼ିଯିବି ପଛେ ମଉଳିବି ନାହିଁ
ସ୍ମରୁଥିବି ପ୍ରତିଦିନେ।

ଉଦାରତା ଭାବ ଧର୍ଯ୍ୟର ସୌନ୍ଦର୍ଯ୍ୟେ
ଝଟକିବ ଏଇ ଜୀବନ
ବେଳ ଅବେଳରେ ଜିତେଇବ ସିଏ
କହୁଥାଏ ହୃଦସ୍ପନ୍ଦନ
ସତେ କହୁଥାଏ ହୃଦ ସ୍ପନ୍ଦନ।।

ବଲାଙ୍ଗୀର

ISSN NO.
2582-208X

# କାଳ ଓ କଳାର ଭିନ୍ନାଭିବ୍ୟକ୍ତି 'ସୂର୍ଯ୍ୟ ଉଇଁଲେ ରାତି' : ଏକ ପାଠକୀୟ ଦୃଷ୍ଟି



ମାନସ କୁମାର ସେନାପତି

କବି ଡ. ସନ୍ତୋଷ କୁମାର ନାୟକ ଓଡିଆ କବିତା କ୍ଷେତ୍ରରେ ନାନା ଅସାମଞ୍ଜସ୍ୟ ମଧ୍ୟରେ ସାମଞ୍ଜସ୍ୟ ଦେଖିପାରୁଥିବା କବିଟିଏ । ଅନ୍ଧାର ମଧ୍ୟରେ ଲୁକ୍କାୟିତ ଆଲୋକର ସତ୍ତା ଓ ଆଲୋକ ମଧ୍ୟରେ ଅନ୍ଧାରକୁ ସମଦୃଷ୍ଟିରେ ଦେଖିପାରୁଥିବା ନିରୋଳା କବି ମଣିଷଟେ କବି ନାୟକ । ସମ୍ପ୍ରତି କବିତା କ୍ଷେତ୍ରରେ ତଥା ସାହିତ୍ୟର ବିଭିନ୍ନ ବିଭାଗରେ ଦୀର୍ଘ ଦୁଇ ଦଶନ୍ଧି ଧରି ନିରଳସ କଲମ ଚାଳନା କରି ଆସୁଛନ୍ତି ସେ । ନାଁ ଅଛି ପ୍ରତିଷ୍ଠାର ମୋହ ନାଁ ଅଛି ପୁରସ୍କାର ପ୍ରତି ଆସକ୍ତି । ଧ୍ୟାନସ୍ଥ ଯୋଗୀ ପରି ସଦା କର୍ମ ତତ୍ପର ସରଳ ମଣିଷଟିଏ । କେବଳ କବିତା ନୁହେଁ ନୂତନ ନୂତନ ଶୈଳୀର ଗଳ୍ପ, ନୂତନତା ଧର୍ମୀ ସମାଲୋଚନାର ଚମକରେ ସେ ମଧ୍ୟ ପାଠକଙ୍କୁ ଚମତ୍କୃତ କରିବାରେ ସଫଳ ହୋଇଛନ୍ତି । ଖୁବ୍ ତରୁଣ ବୟସରୁ ତାଙ୍କ କାବ୍ୟ ମାନସରୁ ଜନ୍ମ ନେଇଥିବା ଅନେକ କବିତା ପୁସ୍ତକ ସମାଲୋଚନାତ୍ମକ ପ୍ରବନ୍ଧ, ଗଳ୍ପ ଆଦିଙ୍କ ପାଇଁ ସେ ଏବର ଅନେକ ଯୁବ ଲେଖକ ଲେଖିକାର ଆଦର୍ଶ ସ୍ଥାନ ଅଧିକାର କରିଛନ୍ତି ।

ମୃତ୍ୟୁର ଅମୂର୍ତ୍ତ ସ୍ୱରୂପକୁ ଓଡିଆ ସାହିତ୍ୟରେ ରମାକାନ୍ତ ରଥ (ସପ୍ତମ ଋତୁ), ସୀତାକାନ୍ତ ମହାପାତ୍ର, ଦୀପକ ମିଶ୍ରଙ୍କ (ଅରଣା ମଇଁଷି ) ଭଳି ଯେଉଁ କେତେଜଣ ସ୍ରଷ୍ଟା କଥାରେ, କବିତାର ଭାଷାରେ ରୂପ ଦେବାକୁ ଚେଷ୍ଟା କରିଛନ୍ତି କବି ସନ୍ତୋଷ କୁମାର ନାୟକ ମଧ୍ୟ ଆଲୋଚ୍ୟ "ସୂର୍ଯ୍ୟ ଉଇଁଲେ ରାତି" କବିତା ପୁସ୍ତକ ମାଧ୍ୟମରେ ନିଜକୁ ଏକ ସୁରକ୍ଷିତ

ISSN NO.
2582-208X

ସ୍ଥାନରେ ଅବସ୍ଥାପିତ କରନ୍ତି । ବୃତ୍ତିଗତ ଜୀବନରେ ଜଣେ ଛାତ୍ର ବତ୍ସଳ ସଫଳ ଅଧ୍ୟାପକ ଭାବରେ ସମ୍ପ୍ରତି ସୁପ୍ରତିଷ୍ଠ ଶିକ୍ଷାନୁଷ୍ଠାନ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପନାରତ ଅଛନ୍ତି । ଜଣେ ସଫଳ ମଣିଷ ଭାବରେ ଅନେକଙ୍କର ସେ ମଧ୍ୟ ଆଦର୍ଶ। ନିଜର ବୟସ ତୁଳନାରେ ଚାଳିଶି ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶନ ଓ ସମ୍ପାଦନ କରି ଓଡିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିବାରେ ତତ୍ପରତା ପ୍ରକାଶ କରିଥିବା ସଫଳସୃଜନୀ ସ୍ରଷ୍ଟା କବି ଡ. ନାୟକ ।

ସୂର୍ଯ୍ୟ ଯେ କି ସକଳ ଶକ୍ତିର ଆଧାର ଏକଥା ସମଗ୍ର ବିଶ୍ୱ ଗ୍ରହଣ କରିନେଇଛି । ସୂର୍ଯ୍ୟ ଚିରାଚରିତ ରୀତିରେ ନବ ସମ୍ଭାବନା, ନବ ଉନ୍ମେଷ ଓ ଆଶାବାଦର ପ୍ରତୀକ ଭାବରେ ଅର୍ଥ ପ୍ରକାଶ କରିଆସିଛି । ସୂର୍ଯ୍ୟକୁ ନେଇ କେତେ କେତେ ସାହିତ୍ୟକୃତି ମଧ୍ୟ ଉତ୍ତର ଆଧୁନିକ କାଳରେ ଲିଖିତ ହୋଇଛି । ଯେମିତିକି କବି ରାଧାମୋହନ ଗଡନାୟକଙ୍କ 'ସୂର୍ଯ୍ୟ ଓ ଅନ୍ଧକାର', କବି ବେଣୁଧର ରାଉତଙ୍କ 'ପିଙ୍ଗଳାର ସୂର୍ଯ୍ୟ' ଓ ଗାଳ୍ପିକ ମହାପାତ୍ର ନୀଳମଣି ସାହୁଙ୍କ 'ଅନ୍ଧ ରାତିର ସୂର୍ଯ୍ୟ' ଆଦି । ପ୍ରତି ରଚନାରେ ସୂର୍ଯ୍ୟ ଏକ ଏକ ଚେତନାର ପ୍ରତୀକ । ତେବେ ଏହି ପରିପ୍ରେକ୍ଷୀରେ ଉତ୍ତର ଆଧୁନିକ କବି ଡ. ସନ୍ତୋଷ କୁମାର ନାୟକଙ୍କ 'ସୂର୍ଯ୍ୟ ଉଇଁଲେ ରାତି' କବିତା ପୁସ୍ତକର ଉପଲକ୍ଷ୍ୟ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ମନେ ହୁଏ । ପୁସ୍ତକର ଶୀର୍ଷକ "ସୂର୍ଯ୍ୟ ଉଇଁଲେ ରାତି" ରୁ ସଚେତନ ପାଠକ ମାତ୍ରକେ ଠିକ୍ ବୁଝି ପାରିବେ କବିଙ୍କର ବ୍ୟଞ୍ଜନାର ଗଭୀରତା ଓ ପରିସର ଖୁବ୍ ବ୍ୟାପକ ବୋଲି । ଆଦ୍ୟରୁ ଆଧୁନିକ, ଆଧୁନିକରୁ ସାମ୍ପ୍ରତିକ ପର୍ଯ୍ୟନ୍ତ ପ୍ରଲମ୍ବିତ ଅପରିବର୍ତ୍ତନୀୟ ଆଧ୍ୟାତ୍ମିକ ସତ୍ୟ ହେଉଛି ମୃତ୍ୟୁ । ଆଉ ଏହି ମୃତ୍ୟୁ ହିଁ ପ୍ରାୟ କବିଙ୍କର ଅଧିକାଂଶ ସ୍ଥାନରେ କବିତାର ଥିମ(theme)ସାଜିଛି ।

କେବଳ ମୃତ୍ୟୁ ନୁହେଁ ଆଦ୍ୟ କାଳରୁ ଏବର ସମୟ ଯାଏଁ ଗଡି ଆସିଥିବା ମଣିଷର ଆଧ୍ୟାତ୍ମିକ ଉତ୍ତରଣକୁ କବିତାରେ ଅନୁଭବି ପାଠକ ମାତ୍ରେ ଅନୁଭବି ପାରିବେ । ଯେମିତିକି ଋଷିପ୍ରାଣ ମଧୁସୂଦନ ରାଓ, ଉପନିଷେଦିୟ ଚିନ୍ତା କୈନ୍ଦ୍ରିକ କବି ମଣିଷ ମଣି ଗୋପବନ୍ଧୁ

ISSN NO.
2582-208X

(ଇକ୍ଷା ବିକ୍ଷା), ଅମୃତର କବି ଗଙ୍ଗାଧରଙ୍କ କାବ୍ୟ ମାନସରେ ଆଧ୍ୟାତ୍ମିକତାର ପ୍ରତିଫଳନ ଘଟିଛି । ସେହି ପ୍ରତିଫଳନକୁ ସାମ୍ପ୍ରତିକତାର ସ୍ପର୍ଶରେ ନବ ଆଙ୍ଗିକ ରୂପରେ ଆତ୍ମିକ ଅମୃତମୟତାକୁ ଅନୁଭବିବେ ।

କବି ନାୟକ ପାଠକ ଅଦାଲତରେ ମୃତ୍ୟୁକୁ ନେଇ ଏକ ଭିନ୍ନ ପ୍ରକାର କାବ୍ୟିକ ଯୁକ୍ତି ପ୍ରକାଶ କରିବାର ଅନୁମିତ ହୁଏ । ଯେପରିକି ଯୁକ୍ତି - ସୂର୍ଯ୍ୟ/ଜନ୍ମ : ସତ୍ୟ :: ରାତି/ମୃତ୍ୟୁ : ସତ୍ୟ . . . ସୂର୍ଯ୍ୟ : ରାତି ।

କବି 'Binary opposition' କୁ ବିନିର୍ମାଣ କରିଛନ୍ତି ବା ଭାଙ୍ଗି ଦେଇଛନ୍ତି । ସୂର୍ଯ୍ୟ ରାତିର ବିରୋଧି ନୁହେଁ ବରଂ ସହଚର । ୧ସୂର୍ଯ୍ୟ ଏକ ଆକର୍ଷଣ ଏକ ପରମ ଅବସ୍ଥା । ଏକ ସତ୍ୟ ମାତ୍ର । ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସୂର୍ଯ୍ୟ ଯେପରି ରାତିର ମୁକ୍ତିର ବାଟ, ରାତି ସେହିପରି ସୂର୍ଯ୍ୟାଲୋକରୁ ମୁକ୍ତିର ଆଶ୍ରୟ । ଦୁହେଁ ଜରୁରୀ । ଦୁହେଁ ସତ୍ୟ । ଦୁହେଁ ଶିବ ଓ ସୁନ୍ଦର(ନାୟକ:୨୦୧୪) । ମୃତ୍ୟୁ ଅବସମ୍ଭାବୀ ସତ୍ୟ । ଶ୍ରୀମଦ୍ ଭଗବତ ଗୀତାର ଦ୍ୱିତୀୟ ଅଧ୍ୟାୟର ସାଂଖ୍ୟଯୋଗରେ ଭଗବାନଙ୍କ ବାଣୀ – ୨ "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ ର୍ଧ୍ରୁବଂ ଜନ୍ମ ମୃତସ୍ୟଚ । ତସ୍ମାଦ ପରିହାର୍ଯ୍ୟେର୍ଥେ ନତ୍ୱଂ ଶୋଚି ତୁର୍ହସି" । ଅର୍ଥାତ ଜନ୍ମ ହୋଇଥିବା ଲୋକର ମୃତ୍ୟୁ ନିଶ୍ଚିତ ଏବଂ ମରିଥିବା ଲୋକର ଜନ୍ମ ନିଶ୍ଚିତ । ଏହି ଅନିବାର୍ଯ୍ୟ ସତ୍ୟ ବିଷୟରେ ଶୋକ କରିବା ଅନୁଚିତ କବି ଚରମ ପରମ ସତ୍ୟକୁ କବିତାରେ ଦୋହରାଇଛନ୍ତି । ଶ୍ରୀମଦ ଭାଗବତ ଗୀତାର ସେହି ଉକ୍ତି ସହ କବିଙ୍କର(ଭୀମା ଧୀବର) କବିତାର ପଂକ୍ତିଟିର ସ୍ୱରକୁ ଦେଖାଯାଇପାରେ –

"କେଜାଣି କିମନ୍ତ୍ର ଫୁଙ୍କେ
କିଛି ନା କିଛି ତ ଉଠେ, ଜାଲେ ତାର
ଥରେ ଅଧେ ନୁହେଁ, ପ୍ରତିଥର ।

ISSN NO.
2582-208X

କେଜାଣି କେମିତି କାହିଁ
ଯେତେ ସେ ନିଷ୍ଠୁର ଅବା ଦିଶୁ ଭୟଙ୍କର
ଭିତରୁ ଶବଦଟେ ଆସେ ସବୁବେଳେ
ଶିବ-ଶିବ-ଶିବ ଓ ସୁନ୍ଦର ।"
(ଭୀମା ଧୀବର, ଡ. ସନ୍ତୋଷ କୁମାର ନାୟକ)

ବହୁବିଧ ଉପମା, ବ୍ୟଞ୍ଜନାର ସୃଷ୍ଟି କରି ସେହି ଉଜ୍ଜ୍ୱଳ ସତ୍ୟକୁ ଉଜ୍ଜ୍ୱଳତାର ଆଭାରେ ପ୍ରକାଶିତ କରିଛନ୍ତି । ସୂର୍ଯ୍ୟ ଓ ରାତି ଶବ୍ଦ ଦ୍ୱୟକୁ ଘେନି କବି ବୁଣିଛନ୍ତି କବିତାର ସୂକ୍ଷ୍ମ ଫାଶ । କେତେବେଳେ ସୂର୍ଯ୍ୟକୁ ଏକ ଡାକରା ବୋଲି କହିଛନ୍ତି ତ ରାତିକୁ ଏକ ଆକର୍ଷଣ ବୋଲି କହିଛନ୍ତି । ସୂର୍ଯ୍ୟ ଓ ରାତି ଏକ ଓ ଅଭିନ୍ନ ବୋଲି ସେ ପ୍ରକାଶ କରିଛନ୍ତି । ପୁସ୍ତକଟିର ଅନେକ କବିତାରେ ମୃତ୍ୟୁ ଯେ ଶେଷ ପୁଣି ଶେଷହୀନ ସତ୍ୟ ବର୍ଣ୍ଣିତ ହୋଇଛି। ମୃତ୍ୟୁ ଏକ ସମ୍ଭାବନାର ତାରା । ମୃତ୍ୟୁ ଧ୍ରୁବ ତାରା । ମୃତ୍ୟୁ ଏକ ଜାହାଜ । ମୃତ୍ୟୁ ଏକ ବିରତି । ଏହା ଏକ ସାହାସ । ମୃତ୍ୟୁ ଏକ ବତୀଘର । ଋତୁସ୍ରାବ ପରେ ପରେ ଯେପରି ନୂତନ ଜୀବନର ସମ୍ଭାବନା ଉଜ୍ଜ୍ୱଳି ଆସେ, ମୃତ୍ୟୁ ସେହିପରି ଗୋଟେ ଡିମ୍ବାଣୁର ଜୀର୍ଣ୍ଣ ଦେହରୁ ତ୍ୟାଗ କଲାପରେ ହିଁ ନୂତନ ସମ୍ଭାବନା ସୃଷ୍ଟି ହୁଏ (ନାୟକ: ୨୦୧୭) । କବି ନାୟକ 'ଋତୁସ୍ରାବ' କ୍ରିୟାକୁ ଏକ ବୈଜ୍ଞାନିକ ଆନୁସଙ୍ଗ ଭାବରେ ଗ୍ରହଣ କରି ନିଜର କବିତାର ଯୁକ୍ତିକୁ ପ୍ରାମାଣିକତା ପ୍ରଦାନ କରିଛନ୍ତି । ସତ୍ୟଯେ ପ୍ରାମାଣିକତା ଲୋଡ଼େନାହିଁ । 'ଋତୁସ୍ରାବ' ସହ ମୃତ୍ୟୁକୁ ସମାନ୍ତରାଳ ଭାବରେ (parallely) ଚିତ୍ରିତ କରିବାରେ ସେ ସଫଳ ହୋଇଛନ୍ତି । ଜୀବନରେ ଆନନ୍ଦ ଲାଭ ପାଇଁ ମୃତ୍ୟୁ ଅନିବାର୍ଯ୍ୟ । ମୃତ୍ୟୁ ନଥିଲେ ମଣିଷକୁ ଭୀଷ୍ମ ହେବାକୁ ପଡେ (ନାୟକ:୨୦୧୭) ଜୀବନର ଯାତ୍ରାପଥ ରୋକିଯାଏ ।

"କିନ୍ତୁ ଏ ଋତୁର ସ୍ରାବ ନିହାତି ବୈତମ
ଯେତିକି ନିଶ୍ଚିତ, ପୁଣି ସେତିକି ଶାଶ୍ୱତ
ଅରୁନ୍ଧତୀ ତାରା ପରି ଧ୍ରୁବ ତାରା ପରି ।
(ଋତୁସ୍ରାବ, ସୂର୍ଯ୍ୟ ଉଇଁଲେ ରାତି )

ISSN NO.
2582-208X

ଆଧୁନିକ ସତତ କବିର ସମଗ୍ର ଲକ୍ଷଣମାନ ପୁସ୍ତକସ୍ଥ ସମସ୍ତ କବିତାରେ ରହିଛି । ରହିଛି ଜୀବନ ଯନ୍ତ୍ରଣାର ଆବେଗମୟ ପ୍ରକାଶ । ଅଛି ନୂତନ ଶୈଳୀ(form)ର ପ୍ରୟୋଗ । ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ (Literary theory)ର ପରୀକ୍ଷା କବିତାର ଆଲେକ୍ଷ୍ୟକୁ ସୁସ୍ପଷ୍ଟ କରିଛି । ନୈତିକତା, ମୂଲ୍ୟବୋଧ ଓ ଦାର୍ଶନିକ ଚିନ୍ତା ଚେତନାର କବିତା ବହିଟିଏ "ସୂର୍ଯ୍ୟ ଉଇଁଲେ ରାତି" । ମାନବର ସ୍ଥୂଳ ସ୍ଥିତିର ଊର୍ଦ୍ଧ୍ୱକୁ ଯାଇ ରୂପ ନେଇଛି କବିତାର ଭାଷା । ମୃତ୍ୟୁ ଏକ ଅନନ୍ୟ ରୋମାଞ୍ଚଧର୍ମୀ ଆବେଗ । କବି ଧ୍ୟାନସ୍ଥ ମୁନି ଋଷି ପରି ଖୋଜିଛନ୍ତି ନିଜ ଭିତରେ ନିଜ ଜୀବନୋକ୍ତିର ଦ୍ୱାର ଜୀବନବାଦୀ ବାସ୍ତବତା ଓ ଆଧ୍ୟାତ୍ମିକ ବ୍ରହ୍ମ ତତ୍ତ୍ୱ ମଧ୍ୟରେ କାବ୍ୟ ନାୟକ ଖେଳିଛନ୍ତି । ଦାର୍ଶନିକ କବି ମୃତ୍ୟୁର ଜଟିଳ ତତ୍ତ୍ୱ କହୁ କହୁ କେବେ କେବେ ଯୋଗୀ ପରି ମନେ ହୋଇଛନ୍ତି । ତ ପୁଣି କେତେବେଳେ ଯନ୍ତ୍ରଣା ଜର୍ଜରିତ ସାଂସାରିକ ମଣିଷ ପରି ମନେ ହୋଇଛନ୍ତି । ମୃତ୍ୟୁକୁ ବାହ୍ୟ ଦୃଷ୍ଟିରେ ଏକ ଭୟଙ୍କର ଉପାଦାନ(element) ଭାବରେ ଦେଖୁଥିବା ସାଧାରଣ ମଣିଷ ଆଖିରେ କବି ବୋଳିବାକୁ ଚାହିଁଛନ୍ତି ଶୀତଳତାପୂର୍ଣ୍ଣ ଜ୍ଞାନାଞ୍ଜନ । ଏହି ପୃଷ୍ଠଭୂମିରେ କବି ବଦ୍.ଲେୟାର, ରିଲ୍.କେ, ଇୟେଟିସ୍(yeats), ଇଲିଅଟ୍, ରମାକାନ୍ତ ରଥ, ଗୁରୁପ୍ରସାଦଙ୍କ କାବ୍ୟିକ ସତ୍ତାର ଉତ୍ତରାଧିକାରୀ ପରି ମନେହୁଅନ୍ତି । ପ୍ରାୟ ଅନେକାଂଶ କବିତାରେ ପାଠକେ ଭେଟିବେ ବ୍ୟର୍ଥ ଜୀବନର କ୍ଳାନ୍ତିବୋଧ, ବିତୃଷ୍ଣା ଓ ନୈରାଶ୍ୟକୁ ପୁଣି ଅନ୍ଧାର ପରେ ଆଲୋକ ପରି ନୂତନ ସମ୍ଭାବନାକୁ ଅର୍ଥାତ ନୂଆ ମୃତ୍ୟୁକୁ । କବି ନାୟକ "ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି" ଭଳି କେବଳ ମୃତ୍ୟୁ ଯେ ଚରମ ଓ ପରମ ସତ୍ୟ ତାକୁ ହିଁ କବିତାର ସ୍ୱତ୍ତ୍ୱ ନିସୃତ ପଂକ୍ତିରେ ବାରମ୍ବାର ପ୍ରମାଣ ଦେଇଛନ୍ତି । ମୃତ୍ୟୁର ଅବସମ୍ଭାବ୍ୟତାକୁ ଦର୍ଶାଇ କବି ନାନା ଚିତ୍ରକଳ୍ପ ବା ଶବ୍ଦଚିତ୍ର ଗଢ଼ିଛନ୍ତି । କେତେବେଳେ ମୃତ୍ୟୁ 'ଭୀମା ଧୀବର' ତ ପୁଣି କେତେବେଳେ 'ବତୀଘର', 'ଷ୍ଟେସନ', 'ସଂଗ୍ରହାଗାର' ତ ପୁଣି କେତେବେଳେ ସବୁ ଆବର୍ଜନା ଧୋଇ ଦେଉଥିବା 'ଋତୁସ୍ରାବ' । ମୃତ୍ୟୁ ମଧ୍ୟରେ ବ୍ରହ୍ମ ଉପଲବ୍ଧି କବିତାରେ ଅନୁରଣିତ ହୋଇଛି । ସର୍ବମୋଟ କବିତା ସଂକଳନ "ସୂର୍ଯ୍ୟ ଉଇଁଲେ ରାତି" ରେ ୨୧ ଗୋଟି କବିତା ସ୍ଥାନିତ ହୋଇଛି । ଭାଷା ବା ବକ୍ତବ୍ୟର ସ୍ୱଷ୍ଟତା କବିଙ୍କର ହୃଦୟରେ ଜାତ ମୃତ୍ୟୁକୁ ନେଇ ଯେଉଁ

ISSN NO.
2582-208X

ଅମୃତ ଭାବନା ତାହା ପ୍ରତି ପଂକ୍ତିରେ ସଞ୍ଚରିତ ହୋଇ ପାଠକ ହୃଦୟକୁ ଛୁଇଁ ଯିବା ପାଇଁ ଯଥେଷ୍ଟ ସମର୍ଥ । ବିଶିଷ୍ଟ ତତ୍ତ୍ୱଦ୍ରଷ୍ଟା ସ୍ୱାମୀ ଶିବାନନ୍ଦଙ୍କର ମୃତ୍ୟୁ ନେଇ ଯେଉଁ ବକ୍ତବ୍ୟ ରଖନ୍ତି – "Birth and death are just a matter of course, nobody can stop them. ଏହି ସ୍ୱାଭାବିକତାକୁ ନେଇ ସଙ୍କଳନସ୍ଥ ଅନେକ କବିତା ଭାବଗର୍ଭକ ହୋଇ ଉଠିଛି ।

ପୁସ୍ତକଟିରେ ସମସ୍ତ କବିତାର ଶୀର୍ଷକ ମଧ୍ୟ ପାଠକଙ୍କର ଆକାଂକ୍ଷାକୁ ଦ୍ୱିଗୁଣିତ କରୁଛି । 'ଶେଷଚିଠି', 'ଅଲୋଡା ଏଲିଜି', 'ଋତୁସ୍ରାବ', 'ଷ୍ଟେସନ', 'ଭୀମା ଧୀବର', 'ସଂଗ୍ରହାଗାର', 'ବିଶ୍ୱରୂପ' ପରି ୨୧ ଟି ଭିନ୍ନ ସ୍ୱାଦ ଓ ଭିନ୍ନ ଶୈଳୀର ଅନନ୍ୟ କବିତା ମାନଙ୍କର ସମାହାର "ସୂର୍ଯ୍ୟ ଉଇଁଲେ ରାତି" କବି ଚେତନାର ଉର୍ଦ୍ଧ୍ୱତମ ସ୍ତରକୁ ଯାଇ ଆଧ୍ୟାତ୍ମିକତାର ଯେଉଁ ସ୍ଥିତିକୁ ଅନୁଭବ କରିଛନ୍ତି ତାହାର ପ୍ରତିଧ୍ୱନି ମଧ୍ୟ ସେହି କବିତା ମାନଙ୍କରେ କମ୍ପିତ ହୋଇପାରିଛି । ପ୍ରଥମ କବିତା 'ଶେଷ ଚିଠି' ନାମ ରଖି କବି ଖୁବ ଆକର୍ଷଣୀୟ ଚିଠି ଟିଏ ଲେଖିବାର ଶୈଳୀରେ ନିରାକାର ବ୍ରହ୍ମକୁ ପ୍ରିୟତମା ସମ୍ବୋଧନ କରି ନିଜର ନିସ୍ୱତା, ଦୈନ୍ୟତାକୁ ଢାଳି ଦେଇଛନ୍ତି ପରମ ସତ୍ତାଙ୍କ ପାଦତଳେ । ପ୍ରାଚୀନ କାବ୍ୟ ରଚନା ଶୈଳୀରେ ମଙ୍ଗଳା ଚରଣ ପରି କବି ପୁସ୍ତକଟିର ଆରମ୍ଭ କବିତାରୁ ନିଜକୁ ସମର୍ପିତ କରିଛନ୍ତି ପରମ ଅନନ୍ତ ସତ୍ତା ନିକଟରେ –

"ପ୍ରିୟତମା, ତୁମପାଇଁ, ମୋ ପାଇଁ
ଆମ ଦୁଇଜଣଙ୍କର ଏକ ଆତ୍ମା ପାଇଁ
ପ୍ରେମିକ ପଣର ମୋ'ର କର୍ତ୍ତବ୍ୟ ଓ ପ୍ରତିଦାନ ପାଇଁ
ମୋ' ପାଖରେ କିଛି ନାହିଁ
କିଛି ହେଲେ ନାହିଁ ।

(ଶେଷ ଚିଠି, ସନ୍ତୋଷ କୁମାର ନାୟକ)

ISSN NO.
2582-208X

ଜୀବନର ନାନା ବ୍ୟର୍ଥତାର ଯନ୍ତ୍ରଣାର କଥା କବି ପ୍ରିୟତମା ଠାରେ ବଖାଣି ସାରିଲା ପରେ ଅଗ୍ରଜ କବି ରମାକାନ୍ତ ରଥଙ୍କର ସପ୍ତମ ଋତୁ ପରି ଋତୁଟିକୁ ଅପେକ୍ଷା କରିଛନ୍ତି । ଉତ୍ତର ସପ୍ତମ ଋତୁ ତଥାପି ତଥାପି/ ଛାତିରେ ସ୍ମୃତିକୁ ଯାପି ଅତୀତର ଶେଷ ପଂକ୍ତିରେ ଯେଉଁ "ଇତି, ତୁମ ଅପରାଧୀ ବେରସିକ ପ୍ରିୟ" ଏକ ଶାଶ୍ୱତ ଅନ୍ୱୟ ବା ମିଳନର ଆକାଂକ୍ଷାରେ କବି ଚାହିଁ ରହିଛନ୍ତି ଏକ ବ୍ୟାକୁଳ ପୂର୍ଣ୍ୟାତ୍ମାର ପରମାତ୍ମାଙ୍କ ସହ ମିଶିବାର ଯେଉଁ ଦିବ୍ୟ ଅନୁଭବ ତାହା କବିଙ୍କୁ ଅଭିଭୂତ କରିଛି । ତତ୍ତ୍ୱଦ୍ରଷ୍ଟା ସ୍ୱାମୀ ବ୍ରହ୍ମାନନ୍ଦ ମୃତ୍ୟୁର ଡାକରାକୁ 'Great call' କହିଲା ପରି କବି ସେହି ଶାନ୍ତିର ମୂହୁର୍ତ୍ତକୁ ଅପେକ୍ଷାରତ ପ୍ରିୟତମା ସମ୍ବୋଧନରୁ ବହି ଆସିଛି ଉନ୍ମୁକ୍ତ ଚେତନାର ଧାରା । କବି ମୃତ୍ୟୁ ଓ ବ୍ରହ୍ମସତ୍ତା ଉପଲବ୍ଧିକୁ ସ୍ଥାନେ ସ୍ଥାନେ ଅଭିନ୍ନ କରି ଦେଖିଛନ୍ତି । ଭକ୍ତ କବି ମଧୁସୂଦନ 'ଆକାଶ ପ୍ରତି' ରେ ପିଙ୍ଗଳାର ସୂର୍ଯ୍ୟ ର କବି ଭାନୁଜୀ ରାଓ 'ଆକାଶର ପକ୍ଷୀ' କବିତାରେ ବ୍ରହ୍ମର ବିଶାଳତାକୁ ଆକାଶ ସହ ତୁଳନା କରିବା ପରି କବି ନାୟକ 'ସମୁଦ୍ର' କବିତାରେ ସେହି ସ୍ୱର ବାଢିବାର ମନେହୁଏ । ଆତ୍ମାକୁ ନଦୀ କରି ପରମ ପୁରୁଷଙ୍କୁ ସମୁଦ୍ର ସ୍ଥାନରେ କବି ରଖିଛନ୍ତି । ସବୁ ମାୟା ଓ କ୍ଳାନ୍ତିବୋଧର ଉର୍ଦ୍ଧ୍ୱକୁ ଯାଇ ଯେଉଁ ପରମ ତୃପ୍ତି ଅନୁଭବ କରିହୁଏ ତାହା ଫୁଟିଉଠିଛି ସମୁଦ୍ର କବିତାରେ ।

"ନଦୀ ସବୁ ଧାଇଁ ଧାଇଁ ଏଠି ସେଠି
କଚାଡି କଚାଡି ନିଜ
ଦେହ, ମନ, ଆତ୍ମାର ମୁର୍ଦ୍ଧାର
ବୁଲି ବୁଲି ଲଗାମର ଇଚ୍ଛା ଓ ଆଦେଶେ
ପାଦ କ୍ଳାନ୍ତ, ମନ କ୍ଳାନ୍ତ, ଆତ୍ମାକ୍ଳାନ୍ତ
ନିସ୍ତେଜ, ବିଷର୍ଣ୍ଣ ଆଉ ଅବସନ୍ନ ମୁହଁ ସାରା ।"

(ସମୁଦ୍ର, ସନ୍ତୋଷ କୁମାର ନାୟକ)

ISSN NO.
2582-208X

କବିଙ୍କର ଦୃଷ୍ଟି ଅସାଧାରଣ ଓ ତୀକ୍ଷ୍ଣ । କବିଙ୍କର ଅନୁଭବ ଏକ ଦିବ୍ୟ ସତ୍ତାର ସ୍ପର୍ଶ ପାଇବାରେ ବ୍ୟାକୁଳିତ । ଜୀବନର ସମସ୍ତ କ୍ଳାନ୍ତ, ବିଷାଦ ଅନୁଭୂତିକୁ ସେହି ଦିବ୍ୟ ସ୍ପର୍ଶରେ ପୋଛିଦେବାକୁ ଆଗ୍ରହୀ ।

"ଉଦାସୀନ ସ୍ପର୍ଶରେ ତା' ହରିବାକୁ
ଜୀବନ ତମାମ ଥିବା
ନଦୀଙ୍କର କ୍ଳାନ୍ତି ଓ ବିଷାଦ ।"
(ସମୁଦ୍ର, ସନ୍ତୋଷ କୁମାର ନାୟକ)

କବି ହୁଏତ ପୁନର୍ଜନ୍ମରେ ବିଶ୍ୱାସୀ ହୋଇଛନ୍ତି । ବିରାଟ ସ୍ୱରୂପ ଠାରେ (ସମୁଦ୍ର) ନିଜକୁ ସମର୍ପିତ କରିସାରିବାପରେ ଆମେ ପୁଣି ଏହି ଧରାପୃଷ୍ଠକୁ ଫେରିବା । ଯେମିତି ବିଶାଳ ସମୁଦ୍ର ଗର୍ଭରେ କିଛି ରହେ ନାହିଁ ବା ସମୁଦ୍ର କିଛି ରଖେନାହିଁ । ସବୁକିଛି ପୁଣି କୂଳକୁ ଠେଲିଦିଏ । ସମୁଦ୍ରର ଉଦର ଆକାଶପରି ବିରାଟ ନଦୀ ସମୁଦ୍ରର ପ୍ରହେଳିକା ମଧ୍ୟରେ କବି ଯେଉଁ ଚମତ୍କାର ଭାଷାରେ ଜନ୍ମ ମୃତ୍ୟୁର ସଂଗୁପ୍ତ ଜଟିଳ ରହସ୍ୟକୁ ଉପସ୍ଥାପନ କରିଛନ୍ତି ତାହା ତାଙ୍କ ସମୁଦ୍ର କବିତାର ଶେଷ ପଂକ୍ତିରୁ ଜାଣି ହେବ ।

"ସମୁଦ୍ର ବି ରଖେ ନାହିଁ କିଛି
ଯେଣୁ ତା' ଉଦର ଦେଶ ବିରାଟ ଆକାଶ
ଏଣୁ ପରା ନଦୀଙ୍କର ହୁଏ ପୁନର୍ଜନ୍ମ !
ପୁଣି ନଦୀ ପୁଣି ଏକ ବିଶାଳ ସମୁଦ୍ର
ଆଉ ଯେତେ ନାଟକର ଦ୍ୱନ୍ଦ, ଶ୍ଳେଷ, ଯବନିକାପାତ ।"

ଓଡିଆ ଆଧୁନିକ କବିତାରୁ ଦୁର୍ବୋଧ୍ୟତାକୁ ପରିହାର କରି ଯେଉଁ ନୂତନ ଧାରାର ଓଡ଼ିଆ କବିତା ରଚନା କରିବାର ପରମ୍ପରା କବି ବିପିନ କୁମାର ନାୟକ ଆଦି ଆରମ୍ଭ କରିଛନ୍ତି

ISSN NO.
2582-208X

କବି ଡ.ସନ୍ତୋଷ କୁମାର ନାୟକ ମଧ୍ୟ ସେହି ଧାରାର ଜଣେ ମଙ୍ଗୁଆଳ କହିଲେ ଅତିକଥନ ହେବ ନାହିଁ । ଗଭୀର ଜୀବନ ଜିଜ୍ଞାସା, ରହସ୍ୟ ଉନ୍ମୋଚନ ପ୍ରୟାସ, ସୂକ୍ଷ୍ମ ସତ୍ୟର ଉପଲବ୍ଧି, ଇଶ୍ୱର ବିଶ୍ୱାସ ଆଦି କବିତା ଗୁଡିକର ମର୍ମ ସାଜିଛି । ପୁସ୍ତକର କବିତା କ୍ରମ ସଜ୍ଜାକୁ ଦୃଷ୍ଟି ଦେଲେ ଜାଣିହୁଏ କାବ୍ୟ ନାୟକ ସ୍ଥୂଳ ଜୀବନର ମାୟା ବନ୍ଧନକୁ କାଟି କିପରି ସୂକ୍ଷ୍ମ ଜୀବନ ସତ୍ତାରେ ଉତ୍ତୀର୍ଣ୍ଣ ହେବା ପାଇଁ ପାହାଚ ଗଢିଛନ୍ତି ଓ ସେହି ଶିଢିର ଗୋଟିଏ ପାହାଚ ଗୋଟିଏ ଗୋଟିଏ କବିତା ସାଜିଛି ।

ଏଲିଜି (elegy) ବା ଶୋକ ଗୀତି ଏକ ପାଶ୍ଚାତ୍ୟ କବିତା ରଚନା ଶୈଳୀ ଯେଉଁଥିରେ କି ଶୋକ ପ୍ରକାଶିତ ହୋଇଥାଏ । କବି ଅଲୋଡା ଏଲିଜି ଶୀର୍ଷକରେ ଯେଉଁ କବିତା ଲେଖିଛନ୍ତି ସେଥିରେ ମୃତ୍ୟୁକୁ ଏକ ଅସ୍ୱାଭାବିକ ଘଟଣା ଭାବରେ ଗ୍ରହଣ କରି କବି ମୃତ୍ୟୁ ପାଇଁ ଶୋକ ପ୍ରକାଶକୁ ବାରଣ କରିଛନ୍ତି। ଆତ୍ମବିଶ୍ଳେଷଣର ବ୍ୟଞ୍ଜନା ଏଥିରେ ବ୍ୟଞ୍ଜିତ ହୋଇଛି । ଏହି ସ୍ଥୂଳ ଶରୀରର ମୃତ୍ୟୁ ପରେ କଣ ସବୁ ଘଟିବ କବି ନିଜେ ପ୍ରଶ୍ନ ଉତ୍ଥାପିତ କରି ନିଜେ ଉତ୍ତର ରଖିଛନ୍ତି –

"କିଛି ତ ନଥିଲା ମୋର
ହଜିବାର ନାହିଁ ଥିଲା କିଛି
ଏଲିଜି କେମିତି ହେବ ପରିଣତି ?"

ଆତ୍ମାର ଅଜର ଅମର ଅବସ୍ଥିତି । ଅଗ୍ନି, ଜଳ, ମରୁତ, ଅସ୍ତ୍ର ଯାହାର କ୍ଷତି କରିପାରେ ନାହିଁ କବି ତାହାହିଁ କହିଛନ୍ତି । ଜୀବନର ଜ୍ୟାମିତି ଓ ଜୀବନର ବ୍ୟାକରଣକୁ କବି ତାଙ୍କର 'ଭଟ୍ଟା ଓ ଜୁଆର' କବିତାରେ ବିଶ୍ଳେଷଣ କରି ଅସାଦୃଶ୍ୟ ମଧ୍ୟରେ ସାଦୃଶ୍ୟ ଆନୟନ କରିଛନ୍ତି । ଜୀବନ ଯାତ୍ରାକୁ ଏକ ରେଳ ଯାତ୍ରା କହି ଏହି ଯାତ୍ରାର ସାମୂହିକ କ୍ଷଣିକ ବିରତିର ସ୍ଥାନ ଷ୍ଟେସନ କୁ ନେଇ କବି 'ଷ୍ଟେସନ' କବିତା ରଚନା କରିଛନ୍ତି ମୃତ୍ୟୁରେ

ISSN NO.
2582-208X

ଜୀବନର ଯାତ୍ରା ଶେଷନୁହେଁ ସେହିଠାରୁ ନୂଆ ଏକ ଯାତ୍ରା ଆରମ୍ଭ । କବି "ରାମ୍, ରୋନି ଅବା ରହେମାନ, ଆନି ବା ଆଣ୍ଟୋନି"ଙ୍କ କଥାକହି ସମସ୍ତେ ଯେ ଦିନେ ଫେରିବା ତାହା ନିଶ୍ଚିତ କରାଇଛନ୍ତି । ପୁଣି "ଶେଷରାତି ନୂତନ ନାଟକ" କବିତାରେ କହିଛନ୍ତି ନାଟକର ଶେଷରେ ପୁଣି ନାଟକଟିଏ ଆରମ୍ଭ ହେବ । କବି ଅବକ୍ଷୟ ଆତ୍ମାର ମୃତ୍ୟୁହିନତା ଓ ପୁନର୍ଜନ୍ମରେ ବିଶ୍ୱାସୀ ପରି ମନେ ହୁଅନ୍ତି । 'ସଂଗ୍ରାହାଗାର' କବିତାଟି ବେଶ ଚମତ୍କାର । ମୃତ୍ୟୁଲୋକକୁ କବି ଏକ ସଂଗ୍ରାହାଗାର ବୋଲି କଳ୍ପନା କରି ବହୁ ସମ୍ଭାବନା ର ତର୍କଣା କରିଛନ୍ତି ।

'ବିଶ୍ୱରୂପ' କବିତାରେ କବି ଅନ୍ଧାରକୁ ବ୍ରହ୍ମର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଯେମିତିକି ସ୍ୱଭାବ କବି ଗଙ୍ଗାଧର ମେହେର ଅର୍ଘ୍ୟଥାଳି ପୁସ୍ତକସ୍ଥ 'ମହାନ୍ଧକାର' କବିତାରେ କହିଛନ୍ତି – "କି ସୂର୍ଯ୍ୟ କି ତାରା ସର୍ବେ କ୍ଷୟର ଅଧୀନ, କାଳେ ମହା ଅନ୍ଧକାର ଗର୍ଭେ ହେବେ ଲୀନ" (ଅର୍ଘ୍ୟଥାଳି, ଗଙ୍ଗାଧର ମେହେର) ସେହି ଅନ୍ଧାରକୁ ପରଂବ୍ରହ୍ମ ସ୍ୱରୂପ ଭାବରେ ଗ୍ରହଣ କରିଛନ୍ତି । ଅନ୍ଧାର ହିଁ ବିଶ୍ୱରୂପ ପୁଣି ସେଇ ଅନ୍ଧାର ହିଁ ଆଲୋକର ଚରମ ଉଦ୍ଭାସ । କର୍ଣ୍ଣ, ପିତାମହ, ଦ୍ରୋଣ, ଅର୍ଜୁନ ଅବା ସ୍ୱୟଂ କୃଷ୍ଣ ସମସ୍ତେ ଦିନେ ଏହି ଅନ୍ଧାରରୁ ଆସି ଅନ୍ଧାରରେ ଲୀନ ହେବେ । ଏହାହିଁ ଚରମ ଶେଷ ସତ୍ୟ ।

"ଏ ଆଲୋକ ଗଢା ଏଇ ଅନ୍ଧାରରେ
ଏ ପୃଥିବୀ ପ୍ରାସାଦ ତାହାର
ଏ ଆକାଶ ପରିପୃଷ୍ଟ ଏ ଅନ୍ଧାରେ ଏହାରି ଗର୍ଭରେ ।"(ବିଶ୍ୱରୂପ)

ବିଶ୍ୱରୂପ ଦର୍ଶନରେ ସଖା ଅର୍ଜୁନଙ୍କର ମୋହଭଙ୍ଗ ହେବାପରି ପ୍ରତ୍ୟକ ପାଠକ ଏଥିରେ ଯେ ସତ୍ୟ ସହ ସହଚର ହେବେ ତାହା ମୋର ଅକାଟ୍ୟ ବିଶ୍ୱାସ । କବି ପୁଣି କହିଛନ୍ତି –

ISSN NO.
2582-208X

"ଏଇ ରାତି ନୁହେଁ ସଖା ଶେଷରାତି ଟିଏ
ଏଇ ରାତି ହେବ ଏକ ମୁକ୍ତିର ଦ୍ୱାର
x x x
ଏ ରାତି ହଜିବ ଆଜି ସକାଳରେ
ଆଉ ଏକ ନୂଆ ରାତି ପାଇଁ ।" (ବିଶ୍ୱରୂପ)

ବାସ୍ତବିକ କବିତା ଯେ କବି ହୃଦୟର ମୁଠାଏ ମୁକ୍ତ ଚେତନା କେତେବେଳେ ତାହା ମୃତ୍ୟୁର ଆଲୋକରେ ଆଲୋକିତ ହୋଇଛି ତ ପୁଣି କେତେବେଳେ କବି ଆତ୍ମାରେ ଦ୍ରବିଭୂତ ହୋଇଛି। ଶେଷରେ ପୁଣି କବି ପରମ ସତ୍ତା ବ୍ରହ୍ମ ଦେସ୍ୱୂପକୁ କସ୍ତୁରୀ ମୃଗ ପରି ନିଜ ଭିତରେ ହିଁ ଖୋଜି ପାଇଛନ୍ତି । ମୃତ୍ୟୁର ଅବସାମ୍ଭାବ୍ୟତାକୁ ନାନା ମିଥ୍, ଉପମା, ପ୍ରତୀକ ପ୍ରୟୋଗରେ, ପୁଣି ଜନ୍ମ ମୃତ୍ୟୁ ମଧ୍ୟରେ ସମ୍ଭାବନାର ଅନ୍ୱେଷଣରେ କବି ଡ. ସନ୍ତୋଷ କୁମାର ନାୟକ ସଫଳ କାମ ହେଲା ପରି ଅନୁଭବ କରିହୁଏ । ଦାର୍ଶନିକ ଆଧ୍ୟାତ୍ମିକ ଦୂରଦୃଷ୍ଟି, ବ୍ରହ୍ମଚେତନା, ବୈଜ୍ଞାନିକ ଆନୁସଙ୍ଗ ଶବ୍ଦ ପ୍ରୟୋଗ, ନୂତନ ଶୈଳୀର ପରୀକ୍ଷା ଆଦିକୁ ନେଇ 'ସୂର୍ଯ୍ୟ ଉଇଁଲେ ରାତି' କବିତା ପୁସ୍ତକ ଯେ ଯଥେଷ୍ଟ ସଫଳତା ଲାଭ କରିପାରିଛି ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ।

ସହାୟକ ପୁସ୍ତକସୂଚୀ :

୧. ନାୟକ, ସନ୍ତୋଷ କୁମାର, ସୂର୍ଯ୍ୟ ଉଇଁଲେ ରାତି, ବ୍ରହ୍ମୋସ୍ମି, ବାଲେଶ୍ୱର, ତୃତୀୟ ସଂସ୍କରଣ- ୨୦୨୪

୨. ଶ୍ରୀମଦ୍ ଭଗବତ୍ ଗୀତା, ଗୀତାପ୍ରେସ୍, ଗୋରଖପୁର - ୨୭୩୦୦୫, ୩୭ ତମ ସଂସ୍କରଣ - ୨୦୧୬

ISSN NO.
2582-208X

୩. ଦାସ, ଦାଶରଥି, ମୃତ୍ୟୁଲୋକରେ ଋତୁ ସପ୍ତମ, ଅଗ୍ରଦୂତ କଟକ – ୨, ତୃତୀୟ ସଂସ୍କରଣ ୨୦୧୯

୪. ମେହେର, ଡ. ମଣୀନ୍ଦ୍ର କୁମାର, ସ୍ୱଭାବକବି ଗଙ୍ଗାଧର ଗ୍ରନ୍ଥାବଳୀ, ଗଙ୍ଗାଧର ସାହିତ୍ୟ ପରିଷଦ, ବରପାଲି, ଦ୍ୱିତୀୟ ସଂସ୍କରଣ : ୨୦୧୯-୨୦୨୦

୫. ଶତପଥୀ, ଡକ୍ଟର ନିତ୍ୟାନନ୍ଦ, ସବୁଜରୁ ସାମ୍ପ୍ରତିକ, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ –୨, ତୃତୀୟ ସଂସ୍କରଣ : ୨୦୨୧

୬. ଶତପଥୀ, ଡକ୍ଟର ନିତ୍ୟାନନ୍ଦ, ସତୁରୀରୁ ସହସ୍ରାବୀ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ-୨, ତୃତୀୟ ସଂସ୍କରଣ,: ୨୦୨୧

୭. ରଥ, ରମାକାନ୍ତ, ସପ୍ତମ ଋତୁ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ – ୨, ଚତୁର୍ଥ ମୁଦ୍ରଣ – ୨୦୧୭

୮. Franklin, Benjamin, death is a fisherman, all poetry.com

୯. Malpas, jeff and Solomon c. Robert, Death and philosophy, Routledge, London and Newyork – 1998

୧୦.Tiwary N.P., contemporary western philosophy, motilala books, patna, first edition -2022.

ଗବେଷକ
ଫକୀରମୋହନ ବିଶ୍ୱବିଦ୍ୟାଳୟ
ନୂଆପାଢ଼ି, ବାଲେଶ୍ୱର

ISSN NO.
2582-208X

# ରଚନା ହେଉ ମୋ ସମାଜ କଲ୍ୟାଣେ



ଅଜିତ କୁମାର ରାଉତ

ଜନମ ଦେଉଛୁ ହେ ଚକାନୟନ,
ଦେଇ ଅଛୁ ଜ୍ଞାନ ତୁ ମଧୁସୂଦନ !!
ରଚନା କରିବି ସମାଜ କଲ୍ୟାଣେ
କୁ ସଂସ୍କାର ଦୂର କବିତା ମାର୍ଗଣେ !!
ନୁହେଁ ଏଜୀବନ ଯହିଁ ଚିର ଦିନ,
ଅଛି ଆଜି କାଲି ହୋଇଯିବ ଶୁନ୍ୟ !!
କାହିଁ ପାଇଁ କରୁ ତୁହି ଅଭିମାନ
ମୋର ମୋର କହି ବ୍ୟତୀତ ଜୀବନ!!
ଲଙ୍ଗଳା ଆସିଛୁ ଯିବ ତୁ ଲଙ୍ଗଳା,
ନ ଯିବେ ସଂଗରେ ଯିବୁ ତୁ ଏକଲା !!
କର୍ମ ଥିଲେ ଭଲ ସ୍ମୃତି ରହି ଯିବ,
ପଡୁ ଥିବ ମନେ ନାମ ଗୁଞ୍ଜୁ ଥିବ !!
ସତ୍ୟ କର୍ମ କରି ସତ୍ୟ ମାର୍ଗେ ଥିବୁ
ହିଂସା ଅହଂକାର ଅନ୍ୟେ ନ କରିବୁ !!
କହିବୁନି କେବେ ମିଥ୍ୟା ତୁ ବଚନ,
ନିତ୍ୟେ ଧର୍ମ କର୍ମେ ରଖି ଥିବୁ ମନ !!

ISSN NO.
2582-208X

କଥା ବଡ଼ ବଡ଼ କହିବୁନି କେବେ
ରଖିବୁ ବଚନ କହି ଥିବୁ ଯେବେ!!
ଆଗୁଆ ରହିବୁ କର୍ତ୍ତବ୍ୟର ପଥେ
କର୍ମ କରୁ ଥିବୁ ନିଜର ସାମର୍ଥ୍ୟେ !!
କହି ଥିବା କଥା କରିବୁ ପୂରଣ,
ମିଛୁଆ ବଲିଣ କହିବେନି ଜନ !!
ଉପଦେଶ ନେବୁ ବୃଦ୍ଧ ଜନ ଠାରୁ
କରିବୁ ପାଳନ ନିଜ ବିବେକରୁ !!
କାହିଁରେ ବିପଦ ବିଜୟ ତୁ ହେବୁ
ଗୁରୁ ଜନ କଥା ନିଷ୍ଚୟ ଶୁଣିବୁ !!
ହୀନ ଦୃଷ୍ଟିରେ ତୁ ଦେଖିବୁନି କାରେ
ସଭିଙ୍କୁ ଦେଖିବୁ ସମାନ ନଜରେ !!
ମାୟା ଏ ସଂସାର ମୂଲ୍ୟ ନାହିଁ କିଛି
ଆଜି ଅଛି କାଲି ନ ରହିବ କିଛି !!
କରୁଛି ସବୁତ ଜଗା ସେ ଠାକୁର
ରଖି ଥିବୁ ଧ୍ୟାନ ତାଙ୍କୁ ନିରନ୍ତର !!
ଭକ୍ତି କରୁ ଥିବୁ ଚରଣେ ତାଙ୍କର,
ଅନାଦି ଅନନ୍ତ ବ୍ରହ୍ମାଣ୍ଡ ଠାକୁର !!

ସଭାପତି, ଉତ୍କଳ ସମ୍ମିଳନୀ ଷଢ଼େଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ମିଛ ଜଗତ



ଅଲେଖ ମେହେର

ଶରୀର ଭିତରେ  ଜୀବନର ସରୀ
   ସଦା ରହେ  ଧାବମାନ,
କିଏ ମିଶିପାରେ  ଗଭୀର ସାଗରେ
   କିଏ ଭୃମି ହୁଏ ମ୍ଳାନ ।
ପରଦାର ମିଠା  ଅଭିନୟ ସିନା
   ମନ ବନେ  ଯାଏ  ଲାଖି,
ଯାହା ଦେହେ ଖେଳେ  ଚଳଚ୍ଚିତ୍ର କେବେ
   ଦେଖିପାରେ ନାହିଁ  ଆଖି ।
ଅଦୃଷ୍ଟ ପ୍ରିୟର  ପ୍ରଣୟ  ଜାହ୍ନବୀ
   ବହୁଅଛି  ତ୍ରିଭୁବନ,
ପ୍ରେମମୟ ଭାବ ହୃଦୟେ ସାଇତି
   କରତୁ  ଅବଗାହନ ।
ଅପ୍ରାକୃତ ପ୍ରେମ  ସୌଦାଗର ସିଏ
   ନାହଁଯହିଁ  ଭେଦଭାବ,
ସାଜିଗଲେ ପ୍ରେମୀ  ରାଧାମୀରା ହୋଇ
   ପାଦତଳେ ମିଳେ ଠାବ ।

ISSN NO.
2582-208X

ହୃଦୟ ମନ୍ଦିରେ ବସିଛି ମଉନେ
କାୟାକୁ ମାଧ୍ୟମ କରି,
ଅବିନାଶୀ ତତ୍ୱ ବିଶ୍ୱ ବ୍ରହ୍ମାଣ୍ଡର
ପ୍ରୀତି ସୁଧାନିଧି ଭରି ।
ବିଶ୍ୱ ଯାଦୁଗର ଇନ୍ଦ୍ରଜାଲେ ନର
ମାୟାରେ ଭ୍ରମଇ ସିନା,
ହାଟକ ଅଭିନ୍ନ ଅଳଙ୍କାର ନବ
ଗଢା କିବା ମୂଳ ବିନା ?
ତିମିରେ ମାନବ ରଜ୍ଜୁକୁ ବିଲୋକି
ଶଙ୍କାରେ କୁହଇ ଅହି,
ଜ୍ୟୋତି ପ୍ରକାଶରେ କାକୋଦର ମିଛ
ତେସନେଭୂ-ମିଥ୍ୟା କହି ।
ଯାଦୁଗରୀ ମାୟା ମାଡେ ନାହିଁ ଛାୟା
ଶିଷ୍ୟର ବିହରିତରେ,
ତେସନେ ଇଶ୍ୱର ଶରଣାଗତକୁ
ସତବୋଧ ମହୀପରେ ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୬୩୭୦୨୨୦୫୫୯

ISSN NO.
2582-208X

# ହୃଦୟର ବିଳାପ



କୁଞ୍ଜବିହାରୀ ରାଉତ

ଡରନାହିଁ ମୋହର ବଦନାମ କୁ
ଡରନାହିଁ ନିନ୍ଦା କି ଅପଯଶ କୁ
ତୁମେ ରହିଥିଲେ ମୋ ନିକଟରେ ସାଥି
ଚନ୍ଦ୍ର କୁ ଦେଖି କଇଁ ଡରିଯାଏ କି ?....
ଯେତେଯାହା କଲେ ହୋଇ ପାରିଲିନି
ତୁମ ଜୀବନର ବାଞ୍ଛିତ ପୁରୁଷ
କେମିତି ପାରିବି, ସତରେ ନାଚାର
ତୁମର ଯେ ଅଛି, ସୀମାହୀନ ଶୋଷ....
ହୃଦୟକୁ ମୋର ଦେଇଥିଲ ତୁମେ
ମିଠାଖଟା ସୀମା ହୀନ ପ୍ରତାରଣା
ସେ ପ୍ରତାରଣା କୁ ନିଜର କରିଛି
ହୃଦ ଭାଙ୍ଗି କରିଛି ମୁଁ ଚୁନାଚୁନା.....
ମୋ ହୃଦ ମନ୍ଦିରେ ଦୀପ ଜାଳିଅଛି
ସେ ହୃଦୟେ ତୁମେ କରିଅଛ ଘର
ଛାତିର ସ୍ପନ୍ଦନ ବଢ଼ି ଯାଇଥିଲା

ISSN NO.
2582-208X

ସଖୀ, ତୁମ କଥା ଭାବି ବାରମ୍ବାର ....
ତୁମ ନିକଟରେ ନିଜକୁ ବାଢିଛି
ଦେଇଥିଲି ଯେତେ ସବୁ ଅଧିକାର
ଆଜି ସବୁ ସିଏ ପ୍ରତାରଣା ହେଲା
ସାଥୀ, ହୃଦୟ ବିଳପି ଉଠେ ମୋର

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ଅଭୁଲା ଅତୀତ



ସୁଲତା ସାହୁ

ଅତୀତକୁ କିଏ ଭୁଲିପାରେ କୁହ
ସ୍ମୃତିସେତ ଅପାସୋରା
ବର୍ତ୍ତମାନ ଆଉ ଭବିଷ୍ୟତ ଯେତେ
ଅତୀତ ଲିପିରେ ଗଢ଼ା
ଅତୀତଟା କେବେ ବାସ୍ନା ହେନାର
ସୁଗନ୍ଧିତ ସମିରଣ
ମୃଦୁ ମଳୟର ଚୋରା ଚଇତାଳି
ପୁଲକିତ କରେ ପ୍ରାଣ
ଅତୀତଟା କେବେ ସୁନେଲି ସନ୍ଧ୍ୟାର
ଗୋଧୂଳି ବେଳର ସାକ୍ଷୀ
ପୁନେଇଁ ଜହ୍ନର ଶୀତଳ ରଜନୀ
ଶ୍ରାବଣର ଭିଜାମାଟି
ଅତୀତଟା କେବେ ନୀଳସାଗରର
ତରଙ୍ଗୟିତ ଢେଉମାଳା
ଶାନ୍ତସୁନ୍ଦର ସ୍ନିଗ୍ଧଶୀତଳ
ନୀଳ ବିଚି ମୁକ୍ତାମାଳା
ମନମଧ୍ୟେ ଯେବେ ଉଠଇ ଜୁଆର
ପ୍ରଚଣ୍ଡ ବେଗରେ ମାଡି
ବୁଡାଇ ସେ କୂଳ ଲଂଘି ଗିରିମାଳ
ଉତ୍ତାଳ ତରଙ୍ଗ ଭଳି

ISSN NO.
2582-208X

ଅତୀତଟା କେବେ ଉତ୍ତପ୍ତ ମାର୍ତଣ୍ଡ
ଟାଇଁଟାଇଁ ଖରାବେଳ
ଜାଳି ପୋଡ଼ିଯାଏ ଦେହ ଆଉ ମନ
ଭାରାକ୍ରାନ୍ତ କରି ପ୍ରାଣ
ଜଳାଏ ସେ ଖାଲି ଯନ୍ତ୍ରଣା ମଧ୍ୟରେ
ବିଦାରଣ କରି ଛାତି
ବିନ୍ଦୁବିନ୍ଦୁ ହୋଇ ଝରାଏ ରୁଧିର
ଲୁହରେ ଭିଯାଏ ଆଖି
କାଗଜର ପୃଷ୍ଠା ଓଦା କରିଯାଏ
ଏଭଳି ସ୍ୱରୂପ ତାର
ଥରାଏ ସେ ବୁକୁ କମ୍ପାଏ ହୃଦୟ
ନଥାଇ ଶୀତ କାକର
କେତେ ଚିହ୍ନା ମୁହଁ ଆପଣାର ଲୋକ
ଭାସିଆସେ ସ୍ମୃତିପଟେ
ବସି ନିରୋଳାରେ ଝରକା ଫାଙ୍କରେ
ଯେବେମୁଁ ତାକୁ ଭାବି ବସେ
ଉଙ୍କିମାରେ ସେଇ ଅତୀତର ଚିତ୍ର
ହୃଦୟର କାନଭାସରେ
ହୃଦୟର କାନଭାସରେ....!!
ଅତୀତକୁ କିଏ ଭୁଲିପାରେ କୁହ
ଅତୀତ କାହାର ନାହିଁ...?
ହସଲୁହଭରା କରୁଣ କାହାଣୀ
ଲୋତକେ ଲେଖା ତା ଇତି ॥

ଅତିଥି ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# କବି ନୀଳକଣ୍ଠ ମିଶ୍ରଙ୍କ କବିତାରେ ହାସ୍ୟ, ବ୍ୟଙ୍ଗ ଓ ବିଦ୍ରୁପ



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

କବି ଡକ୍ଟର ନୀଳକଣ୍ଠ ମିଶ୍ର ଙ୍କ କବିତାରେ ଶୁଦ୍ଧ ହାସ୍ୟରସର ଯଥେଷ୍ଟ ଦୃଷ୍ଟାନ୍ତ ମିଳେ । ଶୁଦ୍ଧ ହାସ୍ୟ ମୂଳରେ କେବଳ ନିଜେ ହସିବା ସହିତ ମନୁଷ୍ୟଠାରେ ଯେଉଁ ପ୍ରବୃତ୍ତି ରହିଛି ତାହାହିଁ ଏହି ରସ ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ।

ସ୍ୱାଧୀନତା ପରବର୍ତ୍ତୀ ଓଡିଆ କବିତାରେ ବ୍ୟଙ୍ଗାତ୍ମକ ଅନ୍ତସ୍ୱର ତଥା ଶ୍ଳେଷଶାଣିତ କାବ୍ୟସ୍ୱର ମୁଖ୍ୟତଃ ଯୁଗୀୟ ପରିଧି ମଧ୍ୟରୁ ଉଦଭୁତ ହୋଇଛି । ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ମୂଲ୍ୟବୋଧ ର ଅବକ୍ଷୟ ଏହାର ମୁଖ୍ୟ ପୃଷ୍ଠଭୂମି ଅଟେ। ରିଚାର୍ଡ ଗ୍ୟାରେନଟଙ୍କ ଭାଷାରେ "without humor satire is invective without literary from satire more crowrish zeering"ଅର୍ଥାତ୍ ଆମୋଦ ବିହୀନ ବ୍ୟଙ୍ଗ କେବଳ ହିଂସ୍ର ଆଘାତ ଓ ବ୍ୟଙ୍ଗ ବିହୀନ ହାସ୍ୟ ନିଛକ ବିଦୂଷକ ସୁଲଭ ଶୈଳୀ ମାତ୍ର। ଏଣୁ ବ୍ୟଙ୍ଗ ସହ ଆମୋଦଦାୟକ କଳାଚାତୁର୍ଯ୍ୟର ସମ୍ବନ୍ଧ ନିବିଡ଼ ଶ୍ଳେଷାତ୍ମକ କାବ୍ୟ ଶୈଳୀରେ ଆମୋଦପୂର୍ଣ୍ଣ କଟାକ୍ଷ ସମୟେ ସମୟେ ବିଷାଦବୋଧ ସହ ସଂଜଡିତ ହୋଇଥାଏ ।ପ୍ରୟୋଗବାଦୀ କାବ୍ୟ ପରମ୍ପରାରେ ପ୍ରାୟତଃ ବ୍ୟଙ୍ଗ ପରିବର୍ତ୍ତେ ଶ୍ଳେଷାତ୍ମକ ଶୈଳୀର ଦୃଷ୍ଟାନ୍ତ ଅଧିକ ।

ଓଡିଆ ସାହିତ୍ୟରେ ଜଗତରେ ଏ ଧାରାରେ ପ୍ରବାହମାନ କବିମାନେ ହେଲେ ଯଦୁମଣି ମହାପାତ୍ର, କବିସୂର୍ଯ୍ୟ, ବ୍ରଜନାଥ ବଡ଼ଜେନା, ରାଧାନାଥ, ଫକୀର ମୋହନ, ଗଙ୍ଗାଧର,

ISSN NO.
2582-208X

ଗୋପାଳ ଚନ୍ଦ୍ର ପ୍ରହରାଜ, ଗୋଦାବରୀଶ ମହାପାତ୍ର, ଫତୁରାନନ୍ଦ, ମହାପାତ୍ର ନୀଳମଣି ସାହୁ, କୁଳମଣି ମହାପାତ୍ର ଓ ଚୌଧୁରୀ ହେମକାନ୍ତ ଙ୍କ ସମେତ ବହୁ କବି ଓଡିଆ ବ୍ୟଙ୍ଗ କବିତାକୁ ସମୃଦ୍ଧ କରିଛନ୍ତି।

ଅନେକ ସମୟରେ ଆଲୋଚକମାନେ ବ୍ୟଙ୍ଗ ଓ ହାସ୍ୟ କବିତାକୁ ଲଘୁ କବିତା ଶ୍ରେଣୀଭୁକ୍ତ କରିଥାଆନ୍ତି। କନ୍ତୁ ଏହି ଚେତନା ଏକ ବ୍ୟାପକ ପରିସରରେ ଗଭୀର ଆଲୋଡନ ସୃଷ୍ଟି କରୁଥିବାରୁ ଏହା ସାହିତ୍ୟର ଏକ ବଳଷ୍ଠ ବିଭାଗ ରୂପେ ପରିଗଣିତ। ବ୍ୟକ୍ତି ବା ଗୋଷ୍ଠୀର ଦୋଷ ଦୁର୍ବଳତା ପ୍ରବୃତ୍ତି ଗତ ସଂକୀର୍ଣ୍ଣତା ଓ ସ୍ଖଳନକୁ ବ୍ୟଙ୍ଗର ଶାଣିତ ଭ୍ରୁଭଙ୍ଗୀରେ ସ୍ରଷ୍ଟା ଦିଗଦର୍ଶନ ଦେଇଥାଏ ।

ଡକ୍ଟର ନୀଳକଣ୍ଠ ମିଶ୍ର ତାଙ୍କ କବିତା ସଂକଳନ "ଏଣୁ ଗଧିଆ ଗୁରୁ ମୋର" ମୁଖବନ୍ଧରେ ଲେଖିଛନ୍ତି -"ବ୍ୟଙ୍ଗ ବିଦ୍ରୂପର ଅନୁଦ ହେଲେହେଁ ସମଧର୍ମୀ ନୁହେଁ। ବ୍ୟଙ୍ଗ ବିଦ୍ରୂପ ପରି ଆକ୍ଷେପ କରି କଟୁକ୍ତିରେ କ୍ଷତାକ୍ତ କରେ ନାହିଁ। ସମ୍ବେଦନଶୀଳତାର ମଧୁର ସ୍ପର୍ଶରେ ପରିମାର୍ଜନାର ଲକ୍ଷ୍ୟ ନେଇ ସ୍ରଷ୍ଟାର ସାମାଜିକ ଅଙ୍ଗୀକାରବଦ୍ଧତାକୁ ପ୍ରଦର୍ଶିତ କରାଏ, ପୁଣି ସାହିତ୍ୟିକ ପଟୁଦିଆ ଭାଷାରେ।ଏ ହାର ଅଭାବରେ ବ୍ୟଙ୍ଗ ମୂର୍ଖ ବିଦୂଷକର ତୁଚ୍ଛ ହାସ୍ୟ( Clownish jeering )ରେ ପରିଣତ ହେବାର ଭୟ ଅଛି ।"

ହାସ୍ୟ ଓ ବ୍ୟଙ୍ଗର ସଂପର୍କ ନବିଡ଼ । ହାସ୍ୟ ବିନା ବ୍ୟଙ୍ଗ ଦୁର୍ବଳ ହୋଇପଡେ । ହାସ୍ୟର ଭୂମିକା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ତାତ୍ପର୍ଯ୍ୟପୂର୍ଣ୍ଣ । ହାସ୍ୟର ଝର ମସ୍ତିଷ୍କରୁ ନ ଝରି ହୃଦୟରୁ ଝରିଥାଏ ।ଏଇ ଦୃଷ୍ଟିରୁ କବିତା ଗୁଡ଼ିକରେ ଗଙ୍ଗା ଯମୁନାର ମିଳତ ଧାରା ଭଳି ହାସ୍ୟ ବ୍ୟଙ୍ଗର ଏକ ମିଶ୍ର ସ୍ରୋତ ଝରାଇବାକୁ କବି ଡକ୍ଟର ମିଶ୍ର ଯତ୍ନରେନାସ୍ତି ଚେଷ୍ଟା କରିଛନ୍ତି।

ISSN NO.
2582-208X

କବି ମିଶ୍ରଙ୍କ କବିତା ସଂକଳନ "ଏଣୁ ଗଧିଆ ଗୁରୁ ମୋର" ପୁସ୍ତକରେ ସ୍ଥାନିତ ତେତିଶ ଗୋଟି କବିତା ହାସ୍ୟ ବ୍ୟଙ୍ଗ ବିଦ୍ରୂପର ଏକକ ରୂପଚନ୍ଦ କହିଲେ ଅତ୍ୟୁକ୍ତ ହେବ ନାହିଁ। ତେଣୁ କବି ଡଃ ମିଶ୍ର ତାଙ୍କର "ଋଣ କୃତ୍ୱା ଘୃତ ପିବେତ୍ " କବିତାରେ କହିଛନ୍ତି –

"ଶହ ଶହ ବ୍ୟାଙ୍କ ରଡ଼ି ଛାଡୁଛନ୍ତି
ପାଖକୁ ଆମର ଆସ,
ଋଣ ନେଇ କର ଖୁଷ,
ଋଣ ନେଇ କଣ ମୋଟର ଗାଡିଟେ
ଯିବା ଆଗୁ ସ୍ୱର୍ଗପୁର ।
ମତ୍ସ୍ୟ, କୁକୁଡ଼ା, ଘୁଷୁରି ପାଳନେ
ବଳାଉଛ ଯଦି ମନ
ଫରମାସ କଲେ ପ୍ରସ୍ତୁତ ଆମେ
କରିବାକୁ ଋଣ ଦାନ ।"

ଆଜିର ଆଧୁନକ ସମାଜରେ ଋଣ ଯେପରି ପୈତୃକ ସଂପତ୍ତି ସାରିଲାଣି କହିଲେ ଅତ୍ୟୁକ୍ତ ହେବ ନାହିଁ। ଶହ ଶହ ବ୍ୟାଙ୍କ ଡାକ ପକାଉଛନ୍ତି, ହେ ଜନସାଧାରଣ ଆମ ନକଟକୁ ଆସ, ଆମେ ଋଣ ଦେଇ ତୁମ ଅଭାବ ଅନଟନରେ ପୂର୍ଣ୍ଣଚ୍ଛେଦ ପକାଇଦେବୁ । ଆଜିର ସାଂପ୍ରତିକ ସମାଜରେ ଋଣ ଦେବା ବା ନେବା ଯେପରି ଏକ ଫେସନରେ ପରିଣତ ହୋଇଯାଇଛି ।

ଡକ୍ଟର ମିଶ୍ର ନର୍ବାଚନ ପରମୁହୂର୍ତ୍ତର ଘଟଣାକୁ ଦୃଷ୍ଟିରେ ରଖି ତାଙ୍କ "ଓଡିଶା "କବିତାରେ କହିଛନ୍ତି –"ମୁହଁରେ ସ୍ଲୋଗାନ –

ISSN NO.
2582-208X

ଭୋଟ ସଙ୍ଗେ ନୋଟ୍ କାରବାର
ତୁମ ହାତ ପାଣ୍ଠିରେ ଏବେ
ଅଛି ଆମ ପୂର୍ଣ୍ଣ ଅଧିକାର ।
ନଗାଡି ପିଇବୁ ଆମେ
ତୁମ ରକ୍ତ
ତୁମେ ଆମ ଜନପ୍ରତିନିଧି
ଆମ କୃଚ୍ଛ୍ର ସାଧନାରେ
ତୁମେ ଏବେ
ଲଭି ଅଛ ସିଦ୍ଧି ।"

ସାଧାରଣ ଜନତା ଭୋଟ ସମୟରେ ଯେଉଁ ପ୍ରାର୍ଥୀଙ୍କୁ ପୂର୍ଣ୍ଣରୂପେ ସମର୍ଥନ କରିଥାନ୍ତି । ସେହି ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହେବା ପରେ, ସାଧାରଣ ଜନତାଙ୍କ ମୁଖରେ ଗୋଟିଏ ସ୍ଲୋଗାନ ବା ଉକ୍ତି ଥାଏ । ଭୋଟ ନେବା ପରେ ନୋଟ୍ ଦେବାର କାରବାର କରିବା ନିତ୍ୟାନ୍ତ ଜରୁରୀ। ହେ ନେତା ତୁମ ହାତ ପାଣ୍ଠିରେ ଏବେ ଆମ ପୂର୍ଣ୍ଣମାତ୍ରାରେ ଆମମାନଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ନିତ୍ୟାନ୍ତ ଆବଶ୍ୟକ।ଏହା ଆମର ହକ୍ ବା ଅଧିକାର କହିଲେ ଅତ୍ୟୁକ୍ତି ହେବ ନାହିଁ।

"ଶ୍ରୀମତୀ ଆମର କନ୍ତି
କରିଦେଲେ ମନା
ପଚଲ୍ ଚୁଟିକି ଦାନ୍ତ
ସୁନ୍ଦର ଦିଶେନା,
ଦାନ୍ତ କସ ହେବ ?
ଏ ବୟସେ ପାଟିରେ କି
ଗୁଞ୍ଜଳ ପେଷିବ ?

ISSN NO.
2582-208X

ଏପରି ଶୁଭାକାଙ୍କ୍ଷିଣୀ
ଶ୍ରୀମତୀ ମୋ
କାହିଁକି ଜାଣିଛ ?
ମୋ ପାଇଁ କଥାଟା ସତ
ତୁମ ପାଇଁ ମିଛ
ଶ୍ରୀମତୀ ଆମର
ସାତବର୍ଷ ବଡ଼ ଥିଲେ
ମୋ, ଠାରୁ ନିଜେ,
ହେଲା ଯେବେ ଆମ ବିଭାଘର।"

ସ୍ତ୍ରୀମାନେ ପ୍ରତ୍ୟେକ ଗୃହର ହେଡମାଷ୍ଟର ଓ ସ୍ୱାମୀମାନେ ଆଜ୍ଞାଧୀନ ଛାତ୍ରୀ। ସ୍ତ୍ରୀ ସ୍ୱାମୀ ଠାରୁ ସାତବର୍ଷ ବଡ ଥିଲେ ବିବାହ ସମୟରେ। ମାତ୍ର ସ୍ୱାମୀ ପାଚଲ୍ ଚୁଟିରେ କଳା ବୋଳବାକୁ ସେ ବାରଣ କରନ୍ତୁ।

କବି ଡକ୍ଟର ମିଶ୍ର "ଯୌତୁକ କଛି ଦେବନ ସମୁଧୀ"କବିତାରେ କହିଛନ୍ତୁ –
"ଯୌତୁକ କଛି ଦେବନ ସମୁଧୀ
ଯଉତୁକ କଛି ଦେବନ
ନାକଫୋଡି ଆମ ପ୍ରମୋଶନ ପାଇ
ହୋଇଅଛି ହେଡ କର୍ଣୀ।
କେତେ ଝିଅ ଘର ଦୁଆରେ ମୋହର
ଲଗେଇ ଦେଲେଣି ଧାଡ଼ି
ଯାଚୁଛନ୍ତୁ କେତେ ଫ୍ରିଜ ସ୍କୁଟର
ରଙ୍ଗୀନ ଟିଭି ଗାଡ଼ି
ସେଗୁଡ଼ାକ ଏବେ ସମୁଧୀ ଯୌତୁକେ

ISSN NO.
2582-208X

ଲୋକେ ନ କରନ୍ତୁ ଗଣା ।
ଘରଟିଏ ଦିଅ, ଜାଗାଟିଏ ଦିଅ
ସହରରେ ଯଦି ଅଛି
ଯଉତୁକେ କଅାଁ କରିବ ଖରଚ
ଲୋକେ କରୁଥିବେ ଛି ଛି
ବରଂ ମଟର ଗାଡି ଟିଏ ଦେଲେ
ସଭିଏଁ ପାରିବେ ବସି
ସହର ବୁଲିବେ ମନ କରିବାକୁ ଖୁସି।"


ସାଂପ୍ରତିକ ସମାଜରେ ଯୌତୁକକୁ ଏକ ଘୃଣ୍ୟ ପ୍ରଥା ବା କଳଙ୍କ ଭାବରେ ଗ୍ରହଣ କରାଯାଏ। କିନ୍ତୁ ଆଜିର ସରକାରୀ ଚାକିରିଆ ମାନଙ୍କର ପିତା କିପରି ନିଜର ବଡିମା ଦେଖାଇ କନ୍ୟା ପିତାଠାରୁ ଯୌତୁକ ଆଣିବାର ପ୍ରୟାସ କରୁଛନ୍ତି କବି ତାହା ବ୍ୟଙ୍ଗାତ୍ମକ ଭାବରେ ବର୍ଣ୍ଣନା କରିଛନ୍ତି।

ଆଧୁନିକ ଓଡିଆ କାବ୍ୟ ଜଗତରେ ଡକ୍ଟର ନୀଳକଣ୍ଠ ମିଶ୍ର ଜଣେ ସଫଳ ସ୍ରଷ୍ଟା। ଜୀବନବ୍ୟାପୀ ସାଧନାରେ ସେ ଓଡିଆ ସାହିତ୍ୟକୁ ଭେଟି ଦେଇଛନ୍ତି, ଗୋଟିଏ ପରେ ଗୋଟିଏ କାବ୍ୟ ଓ କବିତା । ଯାହା ପାଠକ ମହଲରେ କବିଙ୍କୁ ପରିଚିତ କରାଇ ପାରିଛି। କବି ଡକ୍ଟର ମିଶ୍ରଙ୍କ କାବ୍ୟ କବିତାରେ ହାସ୍ୟ ବ୍ୟଙ୍ଗ ଓ ବିଦ୍ରୁପର କଟାକ୍ଷ ପାଠକେ ଉପଲବ୍ଧି କରିବେ । ଯାହା ପାଠକ ପ୍ରାଣରେ ଏକ ଉନ୍ନତମାନର ଶିହରଣ ଖେଳାଇ ପାରିବ। ଶୁଦ୍ଧ ହାସ୍ୟ ମୂଳରେ କେବଳ ନିଜେ ହସିବା ଓ ଅନ୍ୟକୁ ହସାଇବାର ଇଛା ବିଦ୍ୟମାନ। ଏଥିରେ କାହାକୁ ଘୃଣା କରିବା କିମ୍ବା ଆଘାତ ଦେବାର ପ୍ରଶ୍ନ ଉଠୁନାହିଁ।

ମୁକୁନ୍ଦ ପାତ୍ର ମହାବିଦ୍ୟାଳୟ,
ବଳରାମପୁର, ଯାଜପୁର
ଦୂରଭାଷ-୬୩୭୧୯୩୭୮୮୪

ISSN NO.
2582-208X

# ପଣତ.....



ଝିଲିମିଲି ସାହୁ

ତୁଛା କନା ଖଣ୍ଡେ ନୁହେଁ
ମାୟାବଦ୍ଧ କାମ୍ୟ କାୟା
ସବୁ ଋତୁକୁ ବଖାଣୁଥିବା
ଅନେକ କାହାଣୀର ମୁଚୁଳା।

ପଣତ.....
ଲୋଗ୍ଧକୋଗ୍ଧ କାନଭ୍ସରେ ଅଙ୍କିତ
ସ୍ନେହ କୋମଳତା ଆବୋରିତ
ରେଶମୀ/ କପା ସୂତା ବୁଣା ସ୍ୱପ୍ନର୍ଜି
କଛି ଅସଲି ତ କଛି ମଖମଲି।

ପଣତ.....
ଅଛି ନାହିଁ କୁ ନେଇ ତା' ଜନ୍ମ
ହାତବୁଣା ହେଉ ଅବା ମେସିନ ତିଆରି
ଭଳ କ ଭଳ ଡିଜିଟାଲ ଡିଜାଇନ୍
ଏକ ଅପଶୋର୍ ସ୍ମୃତି ଗଣ୍ଠିଲି।

ପଣତ.....
ଜୀବନ ଜୀଇଁବାର ଅଦ୍ଭୁତ କଳା

ISSN NO.
2582-208X

ଗ୍ରଗରକ୍ଷା, ଅଭିମାନ ଭର୍ତ୍ତି
ଠିକ୍ ପ୍ରକୃତି ସମ ଯତ୍ନଶୀଳା
ପୃଷ୍ଠ ଅନୁଭବେ ଗୁନ୍ଥା କାହାଣୀ ମାଳା।

ପଣତ.....
ଅନନ୍ତ ଗଗନେ
ହାତରେ ହାତ ରଖି
ଗୁପ୍ତ ମନ୍ତ୍ରଣା ମଣ୍ଡିତ
ଅଗଣିତ ତାର୍।

ପଣତ.....
ଶବ୍ଦ ଶୂନ୍ୟ ନଥିପତ୍ର
ଅସଜଡା ପ୍ରହେଳିକା
ଅନେକ ହୃଦୟ ଆବୁରିଥିବା
ଧୈର୍ଯ୍ୟର ଗଭୀରତା।

ପଣତ.....
ନତ୍ୟ ଆଲୋକ ଆମୋଦିତ
ଆବେଗ ଆବୃତ
ଭାବନାର ମୋହେ ଛନ୍ଦା
ଦିବ୍ୟ ଆଭାସିତ ଆତ୍ମା।

ସହ. ଶିକ୍ଷୟିତ୍ରୀ
ନୟାଗଡ଼

ISSN NO.
2582-208X

# ଦହନ



ପଲ୍ଲବୀ ଦାସ

ସେ ଜ୍ୱାଳା ସଂଚରି ଯାଇଛି
ପ୍ରାପ୍ତିରୁ ଅପ୍ରାପ୍ତି ପର୍ଯ୍ୟନ୍ତ
ତୁ ଦେହ ମୁଁ ଦେହାତୀତ ।

ଶୂନ୍ୟତା କହିଲେ କଣ କି ?
ସେଦିନର ଅଳସ ମଧ୍ୟାହ୍ନ
ଯିଏ ଆଜି ବି ଛାତିରେ
କରିଦେଇଚି ଛୋଟ ଗୋଟେ ଚିହ୍ନ ।

ଅପ୍ରାପ୍ତି ବୋଲି କିଛି ନାହିଁ ରେ
ତୋର ବୋଲି ଯେତେ ଯାହା
ସେସବୁ ମୋର ପାପ ଆଉ ପୂଣ୍ୟ ।

ଦୀପ ହେଇ ଯୋଉ ନିଆଁ ଜଳିଥିଲା
ଆଉ ଲିଭିବାର ନାଁ ନଉନି

ISSN NO.
2582-208X

ତୋ ରାଣରେ, ହାତୀ ନଦୀର ଶୀତଳ ଜଳରେ
ନିର୍ବାପିତ ହୁଏ ଜୁଇ ସିନା, ଦୀପ ଲିଭେଇ ପାରୁନି ।

ଦେହରୁ ଉଦଗୀରଣ ଉତ୍ତପ୍ତ ଲାଭା
ଜ୍ୱଳନରୁ ଏବେ ଜ୍ୱାଳାମୁଖୀ
ବନପୋଡୁନି ଯେ,
ଚମ ଆଖି ସହଜରେ ପାରିବନି ଦେଖି ।

ମେଘ ଥିଲେ ମାଘ ଅଛି
ଦେହ ଥିଲେ ଦାହ
ମନ ଥିଲେ ଦହନ
ଆଉ ହୃଦୟ ଥିବା ଯାଏଁ ଥାଏ ମୋହ
ସେଇଦିନୁ ତ ଛାତିରେ ମୋର ଅମାପ କୋହ
ଆୟୁଷକୁ ଥା' ବୋଲି
କହିଦେଇପାରୁଥିବା ତୋ ଆଖିଯୋଡ଼ିକ
ଏବେ ବି ମୋ ଭିତରେ, ବାହାରେ
ସାରା ଦିନ ଆଉ ରାତିଯାକ ।

ଓଃ! ଏବେ ମୋତେ ଖୁଉବ୍ ଭୋକ
ତୋତେ କେତେବାର କହିଛି
ଥରେ ମାତ୍ର ଥରକ ହିଁ
ଭେଟ ହେଉ, ନଈ ପାଣି ନଈ କି ଯାଉ,
ମୋ ସିଲଟ ଶୁଖି ଯାଉ ।

ISSN NO.
2582-208X

କୋଉ ଲୋଭଥିଲା ଯେ, ଦେହ ଭୋଗିବାର
ଲୋଭ ନଥିଲା ବୋଲି ତ ଆଜି ବି ତୁ ମୋର
ସର୍ବାଙ୍ଗରେ, ସଚରାଚରେ,ଅଜର-ଅମର
ଊର୍ଦ୍ଧ୍ବରୁ ଊର୍ଦ୍ଧ୍ବମୁଖୀ ଏବେ ହୃଦୟ ଜ୍ୱାଳା
ଚିରକାଳ ଜଳୁଥା ତୁ ଛାତି ଆଉ କପାଳରେ ମୋର ।

ତୁ ହିଁ ସୁଖ ଗନ୍ତାଘର
ଏ ଦହନ ନିମିତ୍ତ ମାତର ।

ଜୁନାଗଡ଼, କଳାହାଣ୍ଡି
୮୭୫୮୭୪୦୨୯୧

ISSN NO.
2582-208X

# ବର୍ଷା ।।



ପ୍ରେମଲାଲ ବାଗ

ବର୍ଷା !
ତମେ କ'ଣ କଲ
ମୋ ସ୍ୱାଗତ/ସମ୍ବର୍ଧନାକୁ
ମାଟିରେ ମିଶେଇ ଦେଲ ।

ତୁମରି ଆସିବା ବାଟକୁ
ଗୁହିଁ ରହିଥିଲା ମାଟି,
ଆଶା ଭରସା ରଖିଥିଲା ମଣିଷ
ଫଳେଇବାକୁ ସୁନାର ଫସଲ
ଛମ୍ ଛମ୍ ପାଉଁଜି ବାନ୍ଧି
ନାଚବାକୁ ଗୁହୁଁଥିଲା ଡଙ୍ଗରି ଝରଣା,
କଚରି ମିଚରି ଶବ୍ଦରେ
କୁରୁଳ ଉଠିଥାନ୍ତା ପ୍ରକୃତି ର କୋଳ
ଆଉ ଚକୁରି  ର କଥା ତ ନକହିବା ଭଲ.....।।

ତୁମରି ସ୍ପର୍ଶ ରେ
ଡେଣା ମେଲେଇଥାନ୍ତା ଥୁଣ୍ଟା ବୃକ୍ଷ
ଅଜାଡ଼ି ଦେଇଥାନ୍ତା ଫୁଲ ଫଳର  ସମ୍ଭାର
ଧରଣୀ ବି ସଜେଇ ହୋଇଥାନ୍ତା ନବବଧୂ ପରି

ISSN NO.
2582-208X

ହେଲେ  କେଜାଣି କାହିଁକ
ତମେ ହେଲେ ଏତେ ନିଷ୍ଠୁର.....।।
ସତକୁ ସତ ଆସିଲ,
ଆଶାର ଆଲୋକ ବି ବୁଣିଲ
ନରେ ବା ଗୁଞ୍ଜରେ ଅଶ୍ୱତ୍ଥମା ହତ
ଏହି ଉକ୍ତି କୁ ଯୋଡିଲ,
ବିଶ୍ୱାସ ରେ ବିଷଦେଇ ସମ୍ପର୍କକୁ ଭୁଲି ଗଲ......।।

ତମ  ପାଇଁ ମାଟି
ଧ୍ୱଂସ ବିଧ୍ୱସ ହେଲା,
ଝରଣା ନାଚବା ଛାଡ଼ି
ପ୍ରଳୟଙ୍କରୀ ହେଲା,
ପକ୍ଷୀ ନୀଡ଼ ହରାଇଲା,
ନୀରିହ ମଣିଷ ର ଜୀବିକା ବୁଡିଲା,
ଭୟଙ୍କର ହୋଇ
ରାଜ୍ୟ କୁ ଆତଙ୍କିତ କଲ........।।
ନା' ବର୍ଷା ନା'
ତମେ ଫେରିଯାଅ
ଆକାଶରେ ମିଶିଯାଅ
ସାତତାଳ ପାଣିତଳେଥିବା
ବୁଢ଼ୀ ଅସୁରୁଣୀ ପେଢିରେ ଲୁଚଯାଅ
ଆଉ ଦରକାର ନାହିଁ
ତୁମରି ଏ ଝିମିଟି ଖେଳ
ଆମେ ଯେତିକ ରେ ଥିଲୁ
ସେତିକ ରେ ଭଲ......... ॥

ଜୁନାଗଡ଼ କଳାହାଣ୍ଡି,
ଦୂରଭାଷ ୯୭୭୭୯୫୯୭୩୪

ISSN NO.
2582-208X

# ନୀଳାଦ୍ରି ବିଜେ



ରାମଚନ୍ଦ୍ର ବେହେରା

ନଅଦିନ ରହି ଜନମ ବେଦୀରେ
ଭାଇଭଉଣୀଂକୁ ଧରି
ଶୁକ୍ଳ ଆଷାଢର ଦଶମୀ ତିଥିରେ
ଆସିଲେ ସାଆନ୍ତ ଫେରି
ରଥେହୋଇ ସୁନାବେଶ
ପୂଣ୍ୟ ବଡଦାଣ୍ଡେ ଭକତ ଜନଂକୁ
ଢାଳଲେ ଶୁଭ ଆଶିଷ ।
ଦ୍ୱାଦଶୀ ତିଥିରେ ଅଧର ପଣାର
ନୀତି ପାଳଲେ ସାଆନ୍ତ
ଶିରୀମନ୍ଦିରକୁ ପ୍ରବେଶପଥରେ
କବାଟ କଲଲେ ମାତ
ରଚଲେ ଠାକୁର ନାଟ
ରସଗୋଲା ସାଥେ ଭେଟିଦେଲେ ପ୍ରଭୁ
ଦିବ୍ୟଚନ୍ଦ୍ର ଲେଖା ପାଟ ।
ମନଲାଖି ଭେଟି ପାଇ ଅନ୍ନପୂର୍ଣ୍ଣା

ISSN NO.
2582-208X

କବାଟ ଖୋଲିଲେ ଧୀରେ
ବେଢା ପରିକ୍ରମା କଲେ ମହାପ୍ରଭୁ
ପ୍ରବେଶି ଶିରୀମନ୍ଦିରେ
ସାରା ବିଧି ହେଲା ଅନ୍ତ
ନୀଳାଦ୍ରିରେ ବିଜେକଲେ ଦାରୁବ୍ରହ୍ମ
ବିଭୋର ହୋଇଲେ ଭକ୍ତ ।
ଆନନ୍ଦ ବଜାରେ ଅବଢା ହସିଲା
ପୂର୍ଣ୍ଣରତ୍ନ ସିଂହାସନ
ପତିତପାବନ ସରାଗେ ଉଡିଲା
ମିଳିଲା ଜଗା ଦର୍ଶନ
ଚାଲୁହେଲା ନୀତିକାନ୍ତି
ପ୍ରଭୁଙ୍କ ସହିତ ଲକ୍ଷ୍ମୀଂକ ଦର୍ଶନ
ପ୍ରାଣେଦେଲା ଆତ୍ମଶାନ୍ତି ।
କଳାସାଆନ୍ତଂକ ମାନବୀୟ ଲୀଳା
ସାରା ଜଗତେ ବିଖ୍ୟାତ
ଭାବବିନୋଦିଆ ଭାବର ବଣିକ
ଧନ୍ୟତା' ଗୁଣ୍ଡିଚା ଯାତ
ଭକତ ବତ୍ସଳ ହରି
ନୀଳାଦ୍ରି ବିଜୟ ପରେ ଚକାଆଖି
ଫେରେ ଶ୍ରୀମନ୍ଦିର ଶିରୀ ।

ତେନ୍ତୁଳପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

ISSN NO.
2582-208X

# ଏଇତ ଜୀବନ



ଦେବଦତ୍ତା ଦେବୀ

ଆଜି ସତରେ ଘରୁ ବାହାରିଲା ବେଳେ ନାତୁଣୀ ର କାନ୍ଦ ଦେଖି ମନ ଟା ଭାରି ଭାରି ଲାଗିଲା । ଆପେ ଆପେ ଆଖି ଓଦା ଓଦା ହୋଇ ହେଇଗଲା। ଅବୁଝା ମନ ଟା ଖାଲି ଆଉଟୁ ପାଉଟୁ ହେବାକୁ ଲାଗିଲା। ଅନ୍ତର ଆତ୍ମା ସତେ ଯେପରି କହୁଥିଲା ମୁଁ ବୋଧେ ଆଉ ଫେରିବିନି କି ପିଲାମାନଙ୍କୁ ଆଉ ଦେଖିପାରିବିନି। ଯାହାବି ହେଉ ମନ କୁ ବୁଝେଇଦେଲି ଭାବିଲି ହେ ଏମିତି ଇଆଡୁ ସିଆଡୁ ଅବାନ୍ତର କଥା ଗୁଡାକ କାହିଁକି ଭାବୁଛି ଯେ। ଏ ଭିତରେ କେତେବେଳେ ଏଆରପୋର୍ଟ ରେ ପହଂଚିଗଲେଣି । ଗତାନୁଗତିକ ଭାବରେ ଲଗେଜ ଡ୍ରପ, ସିକୁରିଟି ଚେକ, ବୋର୍ଡିଂ ସରି ପ୍ଲେନ ରେ ବସି ସାରିଲା ପରେ ଫୋନ ଲଗେଇ ନାତୁଣୀ କୁ ଟିକିଏ ଆଶ୍ୱାସନା ଦେଲେ ଶୀଘ୍ର ଫେରିବେ ବୋଲି। ଏ ଭିତରେ କେତେବେଳେ ଉଡ଼ାଜାହାଜ ଟି ଉଡିବାବାକୁ ଲାଗିଲା ଲକ୍ଷ୍ୟ ରଖିନାହିଁ ନର୍ମଦା। ବାଦଲ ଭିତରେ ବାଟ କାଟି କାଟି ଆଗେଇ ଚାଲିଛି ଉଡ଼ାଜାହାଜ ଟି. ବେଳେ ବେଳେ ଲାଗୁଛି ସତେ କି କୈଳାଶପତି ଙ୍କ ଆସ୍ଥାନ କୈଳାଶ ଆଡକୁ ବିମାନ ଟି ମୁହାଁଉଛି । ସ୍ୱାମୀ ଙ୍କରଅଚାନକ ମୃର୍ତ୍ୟୁ ପରେ ଏତେ ଏକୁଟିଆ ହେଇଯିବେ ବୋଲି କେବେ ବି ଭାବି ନ ଥିଲେ ନର୍ମଦା। ସ୍ୱାମୀ ଙ୍କ ସାଙ୍ଗରେ ତିଆରି କରିଥିବା ଘରଟି ବି ତାଙ୍କୁ ଖାଇ ଗୋଡ଼େଇଲା। ଘର ର ପ୍ରତି କୋଣ ଅନୁକୋଣ ରେ ସ୍ୱାମୀ ଙ୍କର ହାତ ପରଶ ର ସ୍ମୃତି ଅଛି। ତାକୁ ଚେଷ୍ଟା କଲେ ବି ଲିଭେଇ ହବ ନାହିଁ। ଏକୁଟିଆ ସେ ଘରେ ନିଶ୍ୱାସ ନେବା କୁ କଷ୍ଟ ଲାଗୁଥିଲା ବୋଲି ଝିଅ ତାଙ୍କୁ ନେଇଯାଇଥିଲା। ପୁଅ ବୋହୂ ଯେତେ କହିଲେ ବି ମନ ଡାକିଲାନାହିଁ ତାଙ୍କ ସାଙ୍ଗରେ

ISSN NO.
2582-208X

ଯିବାକୁ । ଝିଅ ଟା ଯେତେ ଆପଣାର ଆପଣାର ମନେ ହୁଏ ପୁଅ କାହିଁକି ହୁଏ ନାହିଁ କେଜାଣି । ସେଇ ଜିନିଷ ଝିଅ ମନା କଲେ ବାଧେ ନାହିଁ କିନ୍ତୁ ପୁଅ ମନାକଲେ ମନ ଆପେ ଆପେ ଧରିନିଏ ବୋହୁ କଥାରେ ପଡି ମନା କରୁଛି ।

ଆଜି ବି ମନେ ପଡୁଛି ସେଇ ଖରା ଦିନ ଛୁଟି ରେ ସ୍ୱାମୀ ସ୍ତ୍ରୀ ଦୁଇ ଜଣ ପୁଅ ପାଖ କୁ ଆସିଥାନ୍ତି । ପୁଅ କର୍ତବ୍ୟ ଦୃଷ୍ଟିରୁ ହେଉ କି ବାପା ମା ଙ୍କ ର ସ୍ୱାସ୍ଥ୍ୟ ଗତ ଚିନ୍ତା ଯୋଗୁ ହେଉ ହୋଲ ବଡ଼ି ଚେକ ଅପ କରେଇଲାରୁ ବାପାଙ୍କର ପ୍ରି ଡ଼ାଇବିଟିକ ବୋଲି ଜଣା ପଡିବାରୁ ପୁଅ ବୋହୁ ଦୁଇ ଜଣ ଯାକ ବାପାଙ୍କର ମିଠା ଖାଇବାରେ ପୁରା ରୋକ ଲଗେଇ ଦେଲେ । ବାପା ଙ୍କୁ ମିଠା ଟିକିଏ ନହେଲେ ରୁଟି ମୋଟେ ରୁଚେନାହିଁ ବୋଲି ଜାଣିବି ପୁଅ ମିଠା ଖାଇବାରେ କେମିତି ଗୋଟେ ରୁକ୍ଷ ବ୍ୟବହାର କରିବାକୁ ଲାଗିଲା । ନର୍ମଦା ର ଆଜି ବି ମନେ ଅଛି ଯେତେବେଳେ ସେ କହିଲେ ହଉ ଚିନି ନହେଲେ ନାହିଁ ସୁଗାରଫ୍ରି ଟେ ନେଇଆସ । ବୋହୁ ପାଟିରୁ କିଛି ବାହାରିବା ପୂର୍ବରୁ ପୁଅ ବଡ଼ ପାଟି ରେ ପ୍ରତିବାଦ କରି ଉଠିଲା ମୋଟେ ନୁହେଁ କ୍ୟାନ୍ସର ର କାରଣ ସେଗୁଡାକ । କିଛି ବି ମିଠା ଖାଇବା ଦରକାର ନାହିଁ । ସେଦିନ ନୂଆବର୍ଷ କେତେ ଖୁସି ମଜା ରେ ସାହି ରେ ଭୋଜି ଚାଲିଥାଏ । ସେଇ ଭିତରେ ସାହୁ ବାବୁଙ୍କ ପୁଅ ବୁବୁନ ଦୁଇଟି ଗୋଲାପ ଜାମୁନ ଆଣି ସ୍ୱାମୀ ଙ୍କୁ ଦେଲା, ନର୍ମଦା ଯେତେ ମନା କଲେ ବି ପାଟିରେ ଜବରଦସ୍ତି ଗୋଟିଏ ଠୁସି ଦେଲା ଦ୍ୱିତୀୟ ଟି ଉଠେଇଚି କିନାହିଁ ପୁଅ କୋଉଠି ଥିଲା ଦୌଡ଼ି ଆସି ବାପାଙ୍କ ପାଟିରୁ ସେଇଟି ଛଡେଇ ନେଇ ବଡ଼ ପାଟିରେ କହିଉଠିଲା ଯେତେ ମନାକଲେ ବି ତୁମେ ବାପା ଲୋଭ ସମ୍ଭାଳି ପାରୁନ । ମିଠା ଖାଇଦେଉଛ ଦେହ ଖରାପ ହେଲେ କିଏ ପିଠିରେ ପଡିବ । ପୁଅ ର ପାଟିରେ ସାହୁ ବାବୁ , ମିଶ୍ର ବାବୁ , କର ବାବୁ ସବୁ ଜମା ହେଇଗଲେ ବୁଝେଇବାକୁ ଲାଗିଲେ ବାବାରେ ଗୋଟେ ମିଠା ଖାଇଲେ କିଛି ବି ହେବେନି, କିନ୍ତୁ ପୁଅ ଯେ ବୁଝିବାକୁ ନାରାଜ ଖାଲି ବିଡି ବିଡି ହେଉଥାଏ । ନର୍ମଦା ଲକ୍ଷ୍ୟ କରୁଥାନ୍ତି ପୁଅ ଆଖିରେ ଲୁହ ଆସିଯାଉଥାଏ ସେଥିରୁ ବୁଝି ପରୁଥାନ୍ତି, ଯଦିଓ ପୁଅ ର କହିବା ପ୍ରଣାଳୀ ଟା ଅତୀବ ରୁକ୍ଷ , କିନ୍ତୁ ସେଇଟା

ISSN NO.
2582-208X

ବାପା ଙ୍କ ପ୍ରତି ଅତିଶୟ ଭଲପାଇବା ଯୋଗୁ ମନଭିତରେ ବାପାଙ୍କୁ ହରେଇବାର ଉଦବେଗତା ।

ନୂଆ ବର୍ଷ ଶେଷରେ ପୁଆବୋହୂ ତାଙ୍କ ଜାଗା କୁ ଫେରିଗଲେ, କେତେ ସୁନ୍ଦର ଦିନ ଗୁଡିକ ନର୍ମଦା ର ସ୍ୱାମୀ ଙ୍କ ସାଙ୍ଗରେ କଟିଯାଉଥିଲା ସକାଳେ ସାଙ୍ଗ ହେଇ ମର୍ନିଙ୍ଗ ୱାକ ରେ ଦିନ ଟି ଆରମ୍ଭ ହେଇ ଶେଷରେ ଟିଭି ଦେଖି ଡ଼ିନର ସାରି ଶୋଇବାରେ ସରୁଥିଲା । ନର୍ମଦା କିନ୍ତୁ ଲକ୍ଷ୍ୟ କରିଛନ୍ତି ପୁଅ ର କଥା ସ୍ୱାମୀଙ୍କୁ ଏତେ ବାଧିଛି ଯେ ସେ ଭୁଲରେ ଚିନି ପକା ଚା କି ମିଠା କୁ ହାତ ଲାଗନ୍ତି ନାହିଁ । କେବେ କେବେ ବାଧ୍ୟ କଲେ କହନ୍ତି ଏଇଟିକିଏ ମିଠା ପାଇଁ ମୋ ପୁଅ କିଛି ବି କଷ୍ଟ ନପାଉ ।

ସେଦିନ ସକାଳ ଟି ବି ସବୁଦିନ ଭଳି ସୁନ୍ଦର ଭାବେ କଟିଗଲା, ଦିନ ବାରଟା ବେଳକୁ ଖରାରେ ବାହାରିଲା ବେଳକୁ ତାଗିଦ କଲା ସ୍ୱାମୀ ଙ୍କୁ ନର୍ମଦା, ଏ ଖରାରେ ଜନହିତକର କାମ କରିବାକୁ ନଗଲେ ହଅନ୍ତାନାହିଁ । ସାଙ୍ଗେ ସାଙ୍ଗେ ସ୍ୱାମୀ ଙ୍କ ପାଟିରୁ ଉତ୍ତର ବାହାରି ଆସିଲା କାହିଁକି ମୁଁ ଖରାରେ ମରିଯିବିକି । ପୁଣି ପଚାରି ଉଠିଲେ ନମୁ କହିଲୁ କହିଲୁ ମୁଁ କେବେ ମରିବି । ନମୁ ସାଙ୍ଗେ ସାଙ୍ଗେ ସ୍ୱାମୀ ଙ୍କ ମୁହଁ ରେ ହାତ ଦେଇ କହିଲା ଛି ଏ ଅଶୁଭ କଥା ପାଟିରେ ଆଉ ଧରିବନି । ସ୍ୱାମୀ ହସି ହସି ଉତ୍ତର ଦେଲେ ନାଇଁ ଆମେ କୋଳି ଖାଇ ମଞ୍ଜି ପୋତିଛେ ମରିବାନି । ନର୍ମଦା ସୂଁସୁ ହେଇ ଆଖିରୁ ବୋହି ଆସୁଥିବା ଲୁହ କୁ ପୋଛି ଦେଇ କହିଲେ ଯେ ଯେତେବେଳେ ବେଳ ଆସିବ ଯିବା, ଆଗରୁ କାହିଁକି ନିମନ୍ତ୍ରଣ କରିବା । ସାଙ୍ଗେ ସାଙ୍ଗେ ସ୍ୱାମୀ ଙ୍କ ପଟୁ ପ୍ରତିଉତ୍ତର ଆସିଲା ଆଛା କହିଲୁ ମୋ ସମୟ କେବେ ଆସିବ, ନର୍ମଦା କଣ ଉତ୍ତର ଦେବେ ଭାବି ପାରିଲେନି କାନ୍ଦି କାନ୍ଦି ଆଉ କଥା ନ ବଢ଼େଇ ଉଠିଗଲେ । ସେ କଣ ଜାଣିଥିଲେ ସ୍ୱାମୀଙ୍କ ସାଙ୍ଗରେ ସେଇ ଟା ଶେଷ ଯୁକ୍ତି ତର୍କ । ଦିନ ବାରଟା ବେଳ କୁ ଘରକୁ ଫେରିବେ କଣ ହସ୍ପିଟାଲ ରେ ସ୍ୱାମୀ । ଯେମିତି ବସିଥିଲେ ସେମିତି ଉଠିଗଲେ ନର୍ମଦା ହସ୍ପିଟାଲ ବେଡ଼ ରେ ଏମିତି ଭାବେ ସ୍ୱାମୀ ଙ୍କୁ ଦେଖି ଧର୍ଯ୍ୟ ହରା ନର୍ମଦା । ଏହି ସମୟରେ ପୁଅ ଖବର ପାଇ ଫୋନ ରେ ପ୍ରଥମ ପ୍ରଶ୍ନ ବୋଉ ବାପା

ISSN NO.
2582-208X

ଙ୍କୁ ମିଠା ଦେଲୁକି, ଭେଁ ଭେଁ କାନ୍ଦି ଉଠି ଫୋନ ଟା ମାନସ ବାବୁ ଯିଏକି ଅତି ଅନ୍ତରଙ୍ଗ ପାରିବାରିକ ବନ୍ଧୁ ତାଙ୍କୁ ବଢ଼େଇଦେଲା । ସେ ସବୁ ପୁଅକୁ କହିଲେ ଅବଶ୍ୟ ସବୁ ଶୁଣିସାରି ପୁଅ ସାଙ୍ଗେ ସାଙ୍ଗେ ଭୁବନେଶ୍ୱର ପଳେଇ ଆସିଲା ବାପାଙ୍କ ପାଖକୁ ଝିଅ ତ ଆସିସାରିଥିଲା । ହୁଏତ ପୁଅ ଝିଅ ଙ୍କୁ ପାଖରେ ଦେଖି ନର୍ମଦା ପାଇଁ ନିଶ୍ଚିନ୍ତ ହେଇଗଲେ, ସେଇଦିନ ରାତିରେ ସମସ୍ତେ ଶୋଇପଡ଼ିଲା ବେଳେ ଏ ସଂସାର ଛାଡି ନର୍ମଦା କୁ ଏକୁଟିଆ କରି ଚାଲିଗଲେ ।

ନର୍ମଦା ପୁରା ଏକୁଟିଆ ହେଇଗଲେ । ନିଜର ମନର ଭାବ ବ୍ୟକ୍ତ କରିବାକୁ କେହି ରହିଲେନି । ପୁଅ ଝିଅ ତାଙ୍କ କର୍ତ୍ତବ୍ୟ ରେ ଅବହେଳା କରିନାହାନ୍ତି । ଦୁଇ ଜଣଯାକ ପ୍ରାୟ ବାଡିଆ ବାଡ଼ି ବୋଉ କୁ ରଖିବାକୁ । ତଥାପି ଝିଅଟା କାହିଁକି କେଜାଣି ବେଶୀ ଆପଣାର ଲାଗେ ବୋଲି ଶୁଦ୍ଧିକର୍କମ ସାରିଲା ପରେ ଝିଅ ସାଙ୍ଗରେ ପଳେଇଲେ ନର୍ମଦା । ଝିଅ ଜୋଇଁ ମା ଙ୍କର ମନଖରାପ ନହଉ ବୋଲି ଗୋଡ଼େ ଗୋଡ଼େ ଜଗି ରହିଥାନ୍ତି । ମାତ୍ର ନର୍ମଦା ଆସ୍ତେ ଆସ୍ତେ ଅନୁଭବ କଲେ ତାଙ୍କ ଯୋଗୁ ଝିଅ ର ସଂସାରରେ ସେ ଯେମିତି ଗୋଟିଏ ଜୋର ଜବରଦସ୍ତି ଜାଗା ଟିଏ ମାଡ଼ିବସିଛନ୍ତି । ତାଙ୍କ ଯୋଗୁ ଯେମିତି ସବୁ ଓଲଟପାଲଟ ହେଇଯାଉଛି । ନର୍ମଦା ପୁରା ଅନୁଭବ କରିବାକୁ ଲାଗିଲେ ତାଙ୍କର ଉପସ୍ଥିତି ଝିଅ ଯୁଆଇଁଙ୍କ ନୂତନ ବିବାହିତ ଜୀବନ ରେ ପ୍ରବାହିତ ପ୍ରେମ ର ଧାରା କୁ ସତେ ଯେପରି ବାଧା ସୃଷ୍ଟି କରୁଛି । ଅନେକ ଭାବିଲେ ଏତେ ଦିନର ସାଂସାରିକ ଅଭିଜ୍ଞତା ରୁ ବୁଝି ପାରିଲେ ଝିଅ ର ଜୀବନ କୁ ସରଳ ସାବଲୀଳ ପ୍ରେମ ରେ ପ୍ରତିବନ୍ଧକ ନସାଜି କେମିତି ତାଙ୍କ ଜୀବନ ରୁ ଅପସରିଯିବେ । ସେ ଯାହାବି ହେଉ ହୁଏତ ଭଗବାନ ସାହାଯ୍ୟ କଲେ ହଠାତ ପୁଅ ବୋହୁ ଦୁଇଜଣଯାକ ଫୋନ କଲେ ଅନୁନୟ କଲେ ବୋଉ ମାସେ ହେଇ ଗଲାଣି ଏଥର ମୋ ପାଖକୁ ଆସ । ନାତୁଣୀ ଶ୍ରଦ୍ଧା ମା କୁ ବହୁତ ମନେ ପକାଉଛି ।ତୁ ଆ ମା କିଛି ଦିନ ରହିବୁ ଭଲ ନ ଲାଗିଲେ ପଳେଇବୁ । ଭାଇ ଭଉଣୀ କଥା ହେଇ ମୋର ଯିବା ଟା ବମ୍ବେ ସ୍ଥିର ହେଇଗଲା । ନାତୁଣୀ ସାଙ୍ଗରେ ଦିନ ପରେ ଦିନ କଟିଯାଉଥାଏ । ଆଜି ସତରେ ଲାଗିଲା ଭଗବାନ ସ୍ୱାମୀ ଙ୍କୁ ଛଡାଇ ନେଇ ବେସାହାରା କରିଥିଲେ, ମାତ୍ର ଶ୍ରଦ୍ଧା ଜରିଆ ରେ ପୁଣି

ISSN NO.
2582-208X

ଜୀବନରେ ବଂଚିବାର ରାହା ଫେରେଇଦେଲେ । ଶ୍ରଦ୍ଧା ପଛରେ ସମୟ ଦେଉ ଦେଉ ଦିନ ଟା କେମିତି ସରିଯାଏ ଜାଣି ହୁଏନାହିଁ । ନିଶ୍ଚିତ ଭାବରେ ଭଗବାନ ବଡ଼ଲୋକ, କୋଉଠି ନା କୋଉଠି ଡୋରି ଲଗେଇ ଦିଅନ୍ତି କାହାକୁ ବେସାହାରା ଛାଡ଼ନ୍ତି ନାହିଁ । ହଠାତ ସୋମନାଥ ବାବୁ ଫୋନ କଲେ ସ୍ୱାମୀ ଙ୍କ ର ଫାମିଲି ପେନସନ ଓ ଅନ୍ୟାନ୍ୟ ପ୍ରାପ୍ୟ ପାଇବାର ଅଛି ବୋଲି ତାକୁ ଭୁବନେଶ୍ୱର ଘରକୁ ଫେରିବାକୁ ପଡୁଛି ।ବୋହୁ ଆସିବାକୁ ମନାକଲେ ମଧ୍ୟ ପୁଅ କହିଲା ନା ବୋଉ ର ପ୍ରାପ୍ୟ ବୋଉ ହାତରେ ଧରିଲେ ନିଜ ଉପରେ ବଞ୍ଚି ରହିବା ପାଇଁ ବିଶ୍ୱାସ ବଢିବ । ହଠାତ ପୁଅ ର କଥା ଗୁଡିକ ଭାରି ଭଲ ଲାଗିଲା, ଯାହେଉ ପୁଅ ମା ର ଆତ୍ମସମାନ କଥା ବୁଝୁଚି ତ । ସ୍ୱାମୀ ଙ୍କ ଉପସ୍ଥିତି ରେ ପିଲା ଟିକିଏ କଣ କହିଦେଲେ ଅଭିମାନ ଲାଗୁଥିଲା । ଏବେ କିନ୍ତୁ ନର୍ମଦା ଜାଣୁଛନ୍ତି ପିଲାଙ୍କୁ ନେଇ ତାଙ୍କୁ ଚାଲିବାକୁ ପଡିବ, ତେଣୁ ସେ ବି ବୁଝି ଗଲେଣି ପିଲାମାନେ ତାଙ୍କୁ ଠିକ ବୁଝି ପାରିଲେନି । ଗୋଟେ ଲମ୍ବା ନିଶ୍ୱାସ ନେଇ ମନକୁ ମନକୁ ପ୍ରସ୍ତୁତ ହେଲେ ପେନସନ କାମସାରି ଶ୍ରଦ୍ଧା ପାଖକୁ ଫେରିଆସିବେ । ପିଲାଙ୍କ ଗହଣରେ ବାକି ଜୀବନ କାଟି ଦେବେ ସୁରୁଖୁରୁରେ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ମୋ କଳା କାହ୍ନୁ



ଅମ୍ବିକା ସ୍ୱାଇଁ

ମୋ କଳାକାହ୍ନୁ ହୃଦୟ ଠାକୁର
ହୃଦୟେ ବସିଛ ମୋର
ଦିନ ସରେନାହିଁ, ଭାବି ଭାବି ମୁହିଁ
କର୍ଣ୍ଣେ ବାଜେ ବଂଶୀସ୍ୱର ।୧ ।
ଭାରି ମଧୁର ତୁମ ବଂଶୀର ସ୍ୱର
ଝରୁଥାଏ ଭାବଝର
ପୁଲକିତ ମନେ ବ୍ୟାକୁଳ ପ୍ରାଣରେ
ବିହ୍ୱଳିତ ମନମୋର ।୨ ।
ଆନନ୍ଦର ଅଶ୍ରୁ ବହିଯାଏ ଧାରେ
ଯେବେ ଭାବେ ତୁମକଥା
ରୂପ ଦରଶନେ ଆତ୍ମହରା ହୁଏ
ନଇଁଯାଏ ମୋର ମଥା ।୩ ।
ଆହେ କଳାକାହ୍ନୁ କାଳିଆ ସାଆନ୍ତ
କେତେ ରୂପେ ପୂଜାପାଅ

ISSN NO.
2582-208X

ଯେପରି ନାମରେ ଯିଏ ଡାକେ ଯେବେ
ତା ପାଖକୁ ଆସିଯାଅ ।୪ ।
ସ୍ୱଦେହରେ ସିନା ଦେଖାଦିଅ ନାହିଁ
ଅନୁଭବେ ଦେଖାଦିଅ
ଭକ୍ତ ବନ୍ଧା ତୁମ ସେନେହ ଡୋରିରେ
ଭକ୍ତକୁ ଭାବରେ ପାଅ ।୫ ।
ଶୟନେ, ସପନେ ଜାଗରିତ ବେଳେ
ମନ ଅନ୍ଦରରେ ଅଛ
ମୋ କଳାକାହ୍ନୁ ହୃଦୟ ଠାକୁର
ଏ କଥା କି ହେବ ମିଛ ! ।୬ ।
ତୁମରି ନାମକୁ ଭଜୁଅଛି ନିତି
ହୃଦୟ କନ୍ଦରେ ରଖି
କରୁଣା ବାରିରେ ଭିଜିବା ପାଇଁ କି
ସ୍ୱପ୍ନକୁ କରିଛି ସାକ୍ଷୀ ।୭ ।

ଭୁବନେଶ୍ୱର

ISSN NO.
2582-208X

# ଆକାଂକ୍ଷା



ପ୍ରସନ୍ନ କୁମାର ମେହେର

ଆଶା ଆଶାତୀତ କଳ୍ପନା ବହୁତ
ଯା' ପରାଣେ ନିମଜ୍ଜିତ
ଆଶା ଅସୁମାରୀ ହୁଏ ମନ ଘାରି
ଦୁଃଖ ଯନ୍ତ୍ରଣା ନିହିତ ।।

ଭାବନା ରାଇଜେ କରି ବିଚରଣ
କବି ହୃଦେ କଳପନା
କବିର ଲେଖନୀ ଚାଲେ ଅବିରତ
କାଳ୍ପନିକ ସମ୍ଭାବନା ।।

ମାନବ ଜୀବନ ଦୁଃଖ ସୁଖ ପୂର୍ଣ୍ଣ
ଭବ ରଙ୍ଗ ଭୂମିତଳେ
ଆବଶ୍ୟକଠାରୁ ଅତ୍ୟଧିକ ଆଶା
ଦୁଃଖ ଯନ୍ତ୍ରଣା ସକଳେ ।।

କାମନା ଅଟଇ ଦୁଃଖର କାରଣ
ହେତୁ କର ବାୟାମନ

ISSN NO.
2582-208X

କାମନା ବିନାଶେ ଦୁଃଖର ବିନାଶ
ବୁଦ୍ଧଦେବ ନୀତି ଜ୍ଞାନ ।।

ମନ ଚାହେଁ ଯାହା ଯେତେବେଳେ ତାହା
ପାଏ ନାହିଁ ପ୍ରତିକ୍ଷଣେ
ଆକାଂକ୍ଷିତ ଆଶା କରଇ ନିରାଶା
ଜୀବନ ସୁଖ ସନ୍ଧାନେ ।।

ମନୋବାଞ୍ଛା ଯେବେ ହୁଅଇ ପୂରଣ
ଲଭେ ସେ ସୁଖାନୁଭୂତି
ଅହୋଭାଗ୍ୟ ମଣେ ତା' ଜୀବନେ ସଦା
ମନସ୍କାମ ପୂର୍ଣ୍ଣାହୁତି ।।

ଆପଣା କରମ ହୁଅଇ ସାଧନ
ପୂର୍ଣ୍ଣ ମନୋରଥ ଦ୍ୱାହି
ଆକାଂକ୍ଷା ସଙ୍ଗତେ ଆତ୍ମମନୋବଳେ
କାର୍ଯ୍ୟ ସିଦ୍ଧିଲାଭ ବହି ।।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ସବିନୟ ଗୁଣ ନର ଆଭୂଷଣ



ବିନୋଦିନୀ ଦାଶ

ସବିନୟ ଗୁଣ ନର ଆଭୂଷଣ
ଜିଣି ପାରେ କୋଟି ମନ
ଥାଏ ସେ ଗୁଣରେ ଯିଏ ଅଧିକାରୀ
ଭାବି ତା'କୁ ବଡ଼ ଧନ
ନଇଁ ଚଳେ ସଦା ମଥା
ତା'ର ଆଚରଣ ଦିଏ ନାହିଁ କେବେ
ଆନ ହୃଦେ ଟିକେ ବ୍ୟଥା ।

ଶୋଭାକୁ ବଢ଼ାଏ ଏଇ ଶ୍ରେଷ୍ଠ ସାଜ
ଦିଶେ ସଦା ଝଲମଲ
ସେନେହ ଆଦରଶୁଭ ଆଶୀର୍ବାଦ
ତାହାରି ପାଖରେ ଠୁଳ
ଜୀବନେ ନଥାଏ ଦୁଃଖ
ସତେ ସଜଫୁଟା ଫୁଲ ତା' ମନଟି
ଲଭଇ ଅପାର ସୁଖ ।

ISSN NO.
2582-208X

ଗର୍ବ ଅହଙ୍କାର ବଡ଼ିମାପଣଠୁ
ରଖଇ ନିଜକୁ ଦୂରେ
ଅଜ୍ଞାନ-ତମସା ଭିତରୁ ନିଜକୁ
ଗୁଣେ କାଢ଼ି ଆଣି ପାରେ
କର୍ମେ ଜୟଯୁକ୍ତ ହୋଇ
ବିଭୁ କୃପାବଳେ ସ୍ରୋତ ଅନୁକୂଳେ
ଯାଏ ଭବନାବ ବହି ।

ସତେ ସିଏ ଶାନ୍ତ ସୁଶୀତଳ ବାୟୁ
ହୃଦୟୁ ହୃଦୟ ଛୁଇଁ
ଯେଉଁ ଦିଗେ ବହେ ଭରି ଶୀତଳତା
ଯାଏ ସେ ଆଗକୁ ଧାଇଁ
ସରବେ ହୁଅନ୍ତି ତୋଷ
ସେଥିପାଇଁ କିଆଁ ନ ଧରିବା ଆମେ
ଏହି ଶୋଭନୀୟ ବେଶ ?

କୁରୁଆଁ, ମୁଗପାଳ, ଯାଜପୁର

ISSN NO.
2582-208X

# ନିଜ ପାଇଁ ବଞ୍ଚେ ନେତା



ରାଜକିଶୋର ସ୍ୱାଇଁ

ରାଜନୀତି ଏବେ ଜନସେବା ନୁହେଁ
ପାଲଟିଛି ବ୍ୟବସାୟ,
ସେବା ଏଠି କମ୍ ନେବାଟା ଅଧିକ
ଜନଗଣ ଅସହାୟ ।୧ ।
କାଲି ଯେ ନିନ୍ଦୁକ ଆଜି ପ୍ରଶଂସକ
ନାହିଁ ନୀତି ନୈତିକତା,
ଆତ୍ମୀୟ ସ୍ୱଜନ ପରିବାର ଆଉ
ନିଜ ପାଇଁ ବଞ୍ଚେ ନେତା ।୨ ।
ବ୍ୟକ୍ତିଗତ ସ୍ୱାର୍ଥ ହାନି ହେଲା ମାତ୍ରେ
କରେ ସେ ଦଳବଦଳ
କେଉଁ ନେତା କେଉଁ ଦଳର ଚିହ୍ନିବା
ହେଲାଣି ଏବେ ମୁସ୍କିଲ ।୩ ।
ଦଳ କଥା ସିଏ ଜମାରୁ ଭାବେନା
ଦେଲା ଯେ ତାକୁ ପ୍ରତିଷ୍ଠା
ଦଳ ପଛେ ମରୁ ନିଜେ ବଞ୍ଚି ରହି
ବାକୁ ଭିଡେ ତାର ଅଣ୍ଟା ।୪ ।
ଯିଏ ଥିଲା ଦିନେ ସେବାର ସଦନ
ସମାଜର ସୁଧାରକ,
ରାଜନୀତି ପାଣିପାଗକୁ ଗୋଳିଆ

ISSN NO.
2582-208X

କରେ ଦଳଡିଆଁ ଅଙ୍କ ।୫ ।
ଫାଇଦା ହାସଲ ପାଇଁକି କରଇ
କେତେ ଯେ ଫନ୍ଦି ଫିକର,
ଓଡଶ ପରାଏ ରକ୍ତ ଶୋଷିନେଇ
ହୁଅଇ ସେ ମାଲେମାଲ୍ ।୬ ।
ଅର୍ଥ ବାହୁବଳ ସବୁଠୁ ଆଗରେ
ଏବେ ନେତା ହେବାପାଇଁ,
ସାଧାରଣ ପରିବାରର ଯୁବକ
ପ୍ରାର୍ଥୀ ହୋଇପାରେ ନାହିଁ ।୭ ।
ପିତା ବଦଳରେ ପୁତ୍ରକୁ ଟିକେଟ
ସ୍ୱାମୀଙ୍କ ସ୍ଥାନରେ ପତ୍ନୀ,
ଉତ୍ତରାଧିକାରୀ ବଂଶବାଦ ପ୍ରଥା
ବାଟ ଅନ୍ୟକୁ ଛାଡେନି ।୮ ।
ଏବେକାର ରାଜନୀତିରେ ଭୋଟର
ପ୍ରକୃତ ଭାଗ୍ୟ ନିୟନ୍ତା
ଠିକ୍ ସମୟରେ ଠିକ୍ ମତ ଦେଇ
ବାଛିବେ ଅଭିଜ୍ଞ ନେତା ।୯ ।
ଲୋକଙ୍କ ପାଇଁ ଯେ କରିଥିବ କାମ
ପିନ୍ଧିବ ବିଜୟ ଟିକା
ନିଜ ସ୍ୱାର୍ଥ ପାଇଁ ଦଳଡିଆଁଙ୍କର
ଖୋଲିବ ଅସଲ ମୁଖା ।୧୦ ।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଚିନ୍ତା



ଭାରତୀ ମୁଦୁଲି

କୁଶଭଦ୍ରା ତଟେ ଛୋଟ ଗାଁ ଟିଏ । ଯୋଉଠି ଅଧାଦିନ ନଈରେ ପାଣି ଦେଖିବାକୁ ମିଳେନା। ତୁଠରେ ଗୋଟିଏ ପଥର ଆଉ ତା' ପାଇଁ ବି ବାଡିଆପିଟା । ପାଖରେ କଲକତି କଇଁଆ ଗଛ ଯେ ଝଡ଼ି ପଡିଲେ ତା'ର ଆଉ ପତା ନଥାଏ । ନଈ ପଠାରେ ଚିନା ବାଦାମ, ବାଇଗଣ, ଭେଣ୍ଡି, କାକୁଡି, ଜହ୍ନି ଆଦି ଚାଷ ହୁଏ । ଚାଖୁଣ୍ଡା ଗଛରେ ନଈ ବନ୍ଧତଳ ଭରିଛି । ସେଇଠିକି ଶର୍ଯ୍ୟାତ୍ୟାଗ ପାଇଁ ଧାଆନ୍ତି ଆଖ ପାଖ ଦୁଇ ତିନି ଗାଁର ଲୋକେ । ଆଉ ଗାଁର ସ୍ତ୍ରୀ ଲୋକ ତ ଯୋଉଠି ଏକାଠି ହେଲେ ସେଇଠି ଚର୍ଚ୍ଚା ଚାଲିଲା ଗଳ୍ପ, କବିତା ଆଉ ଉପନ୍ୟାସର ଯେମିତି ପୁରସ୍କାର ନ ପାଇବା ଯାଏଁ ଚେର ଲାଗିଥିବ ଆଉ ଛାଡିବନି ।

ଅନେଶତ ମସିହା ପରେ ଧୀରେ ଧୀରେ ସେଇ ଗାଁରେ ଘରଦ୍ୱାର ତୋଳା ହେଇଛି । ସମୟ ଅନୁସାରେ ଆଧୁନିକତା ତ ପଶିଯାଇଛି ମାତ୍ର ଏ ଗାଁର ଲୋକଙ୍କ ଚିନ୍ତାଧାରା ବଦଳିନି । ହେଲେ ଏବେ ଶିକ୍ଷିତ ହେଇ ପିଲାମାନଙ୍କ ମୁଣ୍ଡରେ ଢେର ବୁଦ୍ଧି ଆସିବା କଥା, ସେଇଟା ବି ଆଶା କରିବା ବୃଥା । ଏଇ ଅଳ୍ପ ଜଣ କିଛିଟା ବୁଦ୍ଧି ବିବେକ କଥା କହି ଜାଣନ୍ତି । ତଥାପି ସେଇମାନଙ୍କ ଭିତରୁ ଯଦି ଜଣେ ଝିଅ ହେଇଥିବ, ତାହେଲେ କହିବେ ଡିହାଳିଆ, ଉପରମୁହିଁ, ଜବାବ ଦଉଛି ଆଉ ଜମା ଭଲ ଝିଅଟା ନୁହଁ ଇତ୍ୟାଦି । ସେଇ ଝିଅଟିର କାହାଣୀ ଅତି ଦୁଃଖ ଦାୟକ। ହେଲେ ଲୋକମାନେ ତା' ବିଷୟରେ ଆଡୁସାଡୁ କଥା ହୁଅନ୍ତି

ISSN NO.
2582-208X

କାହିଁକି ନା ସେ ଉଚ୍ଚ ଶିକ୍ଷିତା ଆଉ ବାହାରକୁ ଯାଏ ପଢିବା ପାଇଁ । ଶୁଣିଛି କେତେ ଜଣଙ୍କ ଠାରୁ କେତେ କଥା, ହେଲେ ତା' ର କଣ ଯାଉଚି । କିଏ କ'ଣ ସାମ୍ନାରେ କହିଲେ ତାକୁ ଉଚିତ ଜବାବ ଦେଇଜାଣେ । ସେଥିପାଇଁ ସାମ୍ନାରେ କେହି କିଛି କୁହନ୍ତିନି ତାକୁ, ନିଜ ବାଟରେ ଯାଏ ପାଠ ପଢି ଘରକୁ ଆସେ । ଅନ୍ୟକୁ ସାହାଯ୍ୟ କରିବା, ଉଚିତ କର୍ମ କରିବା, ଅନ୍ୟର ସେବା କରିବା, ଅନ୍ୟ ପ୍ରତି ସ୍ନେହ ତଥା ପ୍ରେମ ଭାବ ପୋଷଣ କରିବା, ସତ ପଥରେ ଯିବା, ଅନ୍ୟାୟକୁ ବିରୋଧ କରିବା, ଛୁଆଁ ଛୁତି ଓ ଭେଦଭାବ ନ କରିବା, ଅନ୍ୟକୁ ହୀନ ଦୃଷ୍ଟିରେ ଦେଖିବା ଇତ୍ୟାଦିକୁ ସେ ଧର୍ମ ବୋଲି ଭାବେ । ଏପରିକି ତାଙ୍କ ନିଜ ଘରେ ଯଦି କେହି କିଛି ଭୁଲ ମତାମତ ଦେଉଥିବାର ଶୁଣେ ସଙ୍ଗେ ସଙ୍ଗେ ସେଇଠି ସେ ଠିକ କଥା ବୁଝେଇବାକୁ ଚେଷ୍ଟା କରେ ।

ଆଉ ମନ୍ଦିର ଗଲେ କେବେ ନିଜ ପାଇଁ କିଛି ମାଗେନା । ମାଗେ ପୁରା ସଂସାର ପାଇଁ ଆଉ ବାପା ମା' ପାଇଁ । ଟେଲିଭିଜନରେ ଶ୍ରୀକୃଷ୍ଣଙ୍କ ବାଣୀ ଶୁଣି ତାର ମନେ ପଡ଼େ ସାହାଯ୍ୟ ମୋତେ ମାଗ, ମୁଁ କରିବି । ପୁଣି କହନ୍ତି କେବେ କୋଉ ଜିନିଷ ପାଇଁ ଆଶା କର ନାହିଁ, କର୍ମ କରିଚାଲ, ଫଳକୁ ଅପେକ୍ଷା କର ନାହିଁ । ତାହେଲେ ମୁଁ କଣ କରିବି ପ୍ରଭୁ କଣ ମାଗିବି ଏହା ଭାବିକି ମନ୍ଦିରକୁ ଯାଏ, ହେଲେ ମନ୍ଦିରରେ ପହଁଚିଲେ କିଛି ମାଗେନା, ପ୍ରଭୁ ସମସ୍ତଙ୍କୁ ଭଲରେ ରଖ ବୋଲି କହି ମୁଣ୍ଡିଆ ମାରେ, ନଇଁ ପଡିଥିଲା ବେଳେ କୁହେ – ଭଗବାନ ତମେ କଣ ଚାହୁଁନ ମୁଁ କିଛି ଗୋଟେ କରେ ଆଉ ଆମ ଘରଲୋକଙ୍କୁ ଟିକେ ଭଲରେ ରଖେ ? ଯଦି ଚାହୁଁଚ ତାହେଲେ ମୋତେ ଟିକେ ସାହାଯ୍ୟ କର । ମୁଁ ତ ଆଉ କାହାକୁ ସାହାଯ୍ୟ ମାଗୁନି, ମୁଁ ତ ତମକୁ ମାଗୁଛି, ଏତିକି କରିଦିଅ । ଫେରି ଆସିଲା ବେଳେ ଭାବେ କିଏ କେତେ କୁଆଡେ ବୁଲୁଛନ୍ତି, ଦୁନିଆ ଦେଖୁଛନ୍ତି, ହେଲେ ମୋ ବାପା ମା' ମୋ ଘର ଲୋକ କିଛି ଦେଖି ପାରୁନାହାନ୍ତି, କାହିଁକି ନା ପଇସା ନାହିଁ । ଏତିକି ... ପିଲାଦିନୁ ଦୁଃଖ କ'ଣ ଅଙ୍ଗେ ନିଭେଇଛି, ହେଲେ ଦୁଃଖକୁ ସେ ଭୁଲିଯାଏ ଅତି ସହଜରେ ନିଜକୁ କୋଉଥିରେ ବ୍ୟସ୍ତ ରଖି ।

ISSN NO.
2582-208X

କୋଉ ପଦାର୍ଥରେ ତିଆରି କେଜାଣି ତା'ର ମନ । ବାସ୍ତବ ଜୀବନକୁ ସେ ବଞ୍ଚେ, ସାହାଯ୍ୟ କରିବା ପାଇଁ ତା'ର ମନ ଭରି ବିକଳ । ଯେତେବେଳେ ଛୋଟ ଥିଲା, ଭାରି ଅଭାବରେ ଦିନ କଟିଛି, ଭାତ ଥିଲେ ତିଅଣ ନଥିବ, ଲଙ୍କା ଥିଲେ ଲୁଣ ନଥିବ । ପରିବା ନଥିଲେ ପିଆଜ ଭାଜି ଭାତ ଖାଇ ପେଟର ଭୋକକୁ ନିୟନ୍ତ୍ରଣ କରିଛି ସେ । ଯେମିତି ସେମିତି ଘରର ପରିସ୍ଥିତି ଅନୁଯାୟୀ ପାଠ ପଢିଲା । ସବୁବେଳେ ମନରେ ଗୋଟେ ପ୍ରଶ୍ନ ନେଇ ତା' ଜୀବନର ଦିନଗୁଡାକ କଟି ଚାଲେ- କ'ଣ ନେଇକି ଆସିଛି ? କଣ ରଖିବି ? ଆଉ କଣ ଛାଡିକି ଯିବି ?

ଘର ଚିନ୍ତା ତାକୁ ଘାରିଛି । କେମିତି ରୋଜଗାର କରି ପରିବାରର କଥା ବୁଝିବ । କାଇଁକି ନା ବାପା ମା' ପିଲାଦିନୁ କେତେ କଷ୍ଟ କରି ଆସିଛନ୍ତି ସେ ଦେଖିଛି, ଆଉ ତାର ଇଚ୍ଛା ନାହିଁ ସେମାନେ କିଛି କାମ ଧନ୍ଦା କରିବାକୁ । ପିଲାଟାର ଭରି ବଡ ମନ। ଭାରି ଇଚ୍ଛା କରେ ଚାକିରି କରିବା ପରେ ଚାରିଚକିଆ ଗାଡିଟିଏ କିଣି ତା' ବାପା ମା'ଙ୍କୁ କେତେ ଜାଗା ବୁଲେଇବ; ଯାହା ସେମାନେ ଅର୍ଥର ଅଭାବ ଅଛି ବୋଲି ମନକୁ ମାରି ରହୁଥିଲେ, କେବେ ବୁଲାବୁଲି କରି ନଥିଲେ କି କହିଲେ ମଧ୍ୟ ବାହାରୁ ନଥିଲେ । କଲେଜ ଯିବା ବାଟରେ ବହୁତ ଲୋକ ବୁଲାବୁଲି କରନ୍ତି ଦେଖି ନିଜ ବାପା ମା'ଙ୍କୁ ମୁଁ ଦିନେ ସବୁଆଡେ ବୁଲେଇବି ବୋଲି ମନରେ ଚିନ୍ତା କରିଥାଏ । କେତେ କଷ୍ଟରେ ଭୁବନେଶ୍ୱର ପଢିବାକୁ ଯାଏ, ଖାଏ କି ନା ସେ କଥା ଭଗବାନ ଜାଣନ୍ତି ।

ଯେମିତି ଯାହା କରି ପାଠ ପଢା ସରିଲା । ସେ ପୁଣି ପଢିଲା, ସରକାରୀ ଚାକିରିଟିଏ ମିଳିବା ତ କଷ୍ଟ ହେଇଗଲାଣି କେବଳ କେତେ ଜଣ ଦଲାଲଙ୍କ ପାଇଁ । କିନ୍ତୁ ସେ ପଢିଚାଲିଥିଲା ସେଇ ଆଶାରେ । ଦିନେ ସେ ରାଜଧାନୀ ଯାଉଥିବା ବେଳେ ଦେଖିଲା କୋଡିଏ ଏକୋଇଶି ବର୍ଷର ଦୁଇ ଜଣ ପୁଅ ତା'ର ବୟସ୍କ ବାପାଙ୍କ ହାତକୁ ନିଜ କାନ୍ଧରେ ରଖି ଚଲେଇକି ନେଇ ଯାଉଛନ୍ତି, ସେଠି ଭାବୁଛି କି ଶ୍ରବଣ କୁମାର ନିଜ ବାପା ମା' ଙ୍କୁ ଦୁଇ କାନ୍ଧରେ ନେଇ ଯାଉଥିବାର ଶୁଣିଛି ହେଲେ ଏ କଣ ଲବ ଓ କୁଶ ରାମଚନ୍ଦ୍ରଙ୍କୁ ନେଇ

ISSN NO.
2582-208X

ଯାଉଛନ୍ତି ନା କଣ ? ଆଉ ଭାବିବାକୁ ଲାଗିଲା ତାଙ୍କର ଦୁଇ ପୁଅ ପାଖେ ଅଛନ୍ତି ବୋଲି ଆଜି ତାଙ୍କୁ ନେଇ ଗଲେ, ଯଦି ସେମାନେ ପାଖେ ନଥାନ୍ତେ ତାହେଲେ କିଏ କରିଥାନ୍ତା ଏସବୁ ? ସେମାନେ ଆସି ଘରେ ପହଞ୍ଚିଲା ବେଳକୁ ହୁଏତ ଆଉ କିଛି ପରିସ୍ଥିତି ହେଇଯାଇଥିବା, ସେକଥା କିଏ ଜାଣେ ! ଏବେ ତାକୁ ତା'ର ବାପା ମା' କଥା ମନେ ପଡିଲା। ଆଉ ଭାବିଲା ସଂସାରେ ଜଣେ ଯେତେ ବଡ ଧନୀ ହେଇଥାଉ କି କିଛି ବି ଅସାଧାରଣ କାର୍ଯ୍ୟ ଜାଣିଥାଉ କି କିଛି ନଥାଉ ତା' ପାଖେ, ହେଲେ ବୟସର ବୃଦ୍ଧିକୁ କେହି ରୋକି ପାରିବ ନାହିଁ । ଆଉ ଏଇଟା ହିଁ ଜଣେ ମଣିଷର ସବୁଠୁ ବଡ ଦୁଃଖ । ଯାରି ପାଇଁ ସେ ଧାଏଁ ଆଉ ଧାଏଁ, ଧାଁ ଧପଡ କରି କରି ଜୀବନ ଦୌଡ଼ରେ ଯେତେବେଳେ ଥକି ଯାଏ, ସେତେବେଳେ ବସିପଡ଼େ ।

ମଣିଷର ସବୁଠାରୁ ବଡ଼ ଗୁଣ ହେଲା ବଡ଼ପଣ,ଏ ଥିରେ ମହାନତା ଥାଏ, ହୀନତ୍ୱ ନ ଥାଏ। ଏହାକୁ ସାଧାରଣ ଲୋକ ସ୍ଥୁଳ ଚକ୍ଷୁରେ ଦେଖି ପାରେନାହିଁ ହେଲେ ଅସାଧାରଣ ଲୋକ ସୂକ୍ଷ୍ମ ଚକ୍ଷୁରେ ଦେଖି, ହୃଦୟରେ ଅନୁଭବ କରିପାରେ। ଚାକିରି ଚିନ୍ତାରେ ସେଇ କୋମଳମତି ଝିଅଟି ଝାଉଁଳି ପଡୁଥାଏ । ହତାଶ ହେଇ ମାଟି କାନ୍ଥକୁ ଆଉଜି ପଡ଼ିଲା ଆଉ ଭାବିଲା ମୋର ଚିନ୍ତାକୁ ନେଇ ଭଗବାନ୍ ଚଳ ଚଞ୍ଚଳ ନୁହନ୍ତି, ଯାହା ତାଙ୍କ ଇଛା । ମୁଁ ବାଢ଼େଇଛାଟି ହେଲେ କଣ ହବ ।

ଏହା ଚିନ୍ତା କରି କରି ଢଳି ପଡ଼ିଲା ସେଇଠି... ଆଉ ତା ପରେ......

ବନମାଳୀପୁର, ଖୋର୍ଦ୍ଧା

ISSN NO.
2582-208X

# ସମୟ



ସାଇସ୍ମିତା ପ୍ରୀୟଦର୍ଶନୀ ସାହୁ

ଟିକ୍ ଟିକ୍ କରି ଘଣ୍ଟା ଗୁଲେ
ସମୟକୁ ଦିଏ ବଦଳାଇ
ନରୁତର ଏ ସମୟର ବେଗ
ପଛକୁ କେବେ ଲେଉଟି ଗୁହେଁ ନାହିଁ ।

ସରିଯିବା ସବୁ ଘଟଣା ହୁଏ ଯେ ଇତିହାସ
ଏହି ସମୟର ଆକାଶରେ,
ଦାଗ ପରି ଏଠି ସ୍ମୃତି ରହିଯାଏ
କଏ ଭୁଲି ବି ନ ପାରେ ।

ଜୀବନ କାଳେ ଆଣେ କେତେ ସୁଖଦୁଃଖ
ଏଇ ସମୟର ଭୂଇଁରେ,
କେତେ ଆଶା କେତେ ଆକାଂକ୍ଷା ହଯିଯାଏସବୁ
ସମୟର କୋଳରେ ।

ISSN NO.
2582-208X

ସମୟର ତାଳରେ ଗ୍ଭଲି ଯେ ପାରଇ
ସେ ଗଢ଼େ ଭବିଷ୍ୟତ,
ସମୟକୁ କଲେ ଉପଯୋଗ
ଏଠି ସ୍ୱପ୍ନ ବି ହୁଏ ସତ ।

ଶିକ୍ଷାରେ ସ୍ନାତକୋତ୍ତର
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ବରଷା ରାଣୀ



ଅର୍ପିତା ମହାପାତ୍ର (ସେଲ୍‌ନୀ)

ଧରଣୀ ବୁକୁରେ କରିଅଛି ଏବେ
ବରଷା ରାଣୀ ପ୍ରବେଶ ।
ମନେ ଜାଗି ଉଠେ ଅପାର ଉନ୍ମାଦ
ପାଇ ତା ମିଠା ପରଶ ॥
ସୂର୍ଯ୍ୟ ଲୁଚଯାନ୍ତି ଦିଶେ ଅନ୍ଧକାର
ଘୋଟିଯାଏ ମେଘମାଳା ।
ବେଙ୍ଗ କହୁଅଛି ବେଙ୍ଗୁଲି ନାନୀକୁ
ବର୍ଷା ଆଗମନ ହେଲ୍ ॥
ବିଜୁଳ ଚମକେ ଘଡଘଡି ସାଥେ
ମନେ ଆଣେ ମହାଭୟ ।
ବରଷାକୁ ଦେଖି ମୟୁର ନାଚଇ
ପାଦ ତା ନରହେ ଥୟ ॥
କୃଷକ ଭାଇଟି ଆନନ୍ଦେ ବିଭୋର
ପୂରଣ ହେଲ୍ ତା ଆଶା ।
ଧରଣୀ ବକ୍ଷରେ ଛୁଟେ ବାରିଧର୍
ମେଣ୍ଟିଗଲ୍ ସବୁ ତୃଷା ॥

ISSN NO.
2582-208X

ସବୁଜିମା ଖେଳେ ସାର୍‌ ପୃଥିବୀରେ
ଦିଶଇ ଶସ୍ୟ ଶ୍ୟାମଳା ।
ଜଳବର୍ଷା ନୁହେଁ ସୁନା ବର୍ଷା ସତେ
ମହୀ ଉଲ୍ଲସିତ ହେଲା ॥
ବରଷା ଋତୁରେ ଶୀତଳ ପବନେ
ଦେହେ ଖେଳେ ଶିହରଣ ।
ତା କୋମଳ ସ୍ପର୍ଶେ ନିର୍ଜୀବ ଧରାରେ
ସଞ୍ଚରି ଉଠିଲା ପ୍ରାଣ ॥

ଶ୍ରୀରାମପୁର
ପୋ· ରାମଗଡ
ବୌଦ୍ଧ

ISSN NO.
2582-208X

# ଶ୍ୱେତରୁ ସବୁଜ



ଦେବସ୍ମିତା ମହାନ୍ତ

ତୁମେ ଆଭିଜାତ୍ୟର ସାଧକ
ମୁଁ ସବୁଜ କାନନ ବାସିନୀ
ତୁମେ ମୋତେ ଶ୍ୱେତ କରିଦିଅ
ଆଉ ମୁଁ ତୁମକୁ ସବୁଜ
ତୁମର ଶ୍ୱେତ ରଙ୍ଗରେ ମୁଁ ଅଙ୍କେ ଇନ୍ଦ୍ରଧନୁ
ନା ମ ! ସପ୍ତ ରଙ୍ଗ ନଥାଏ ସେଥିରେ
ଥାଏ ଖାଲି ତୁମ ଆଭିଜାତ୍ୟର ପଦଚିହ୍ନ
ସେଥିପାଇଁ ବୋଧେ ତୁମେ ଖୋଜିବୁଲ ଚିର ସବୁଜ
ଆଉ ମୁଁ ଖୋଜି ବୁଲେ ସ୍ୱଚ୍ଛତାର ଶ୍ୱେତ ରଙ୍ଗ
ତୁମେ ଓଜାଡି ପକାଅ ଅନିଚ୍ଛାର ଅସରନ୍ତି ସବୁ
ହେଲେ ମୁଁ ଗୋଟାଇ ଚାଲେ ଆସକ୍ତିର ଅସୁମାରୀ ସ୍ୱପ୍ନ
ମୁଁ ସାଧିକା ସରଳ ମନୋରମ ପ୍ରକୃତିର
ତୁମେ ସାଧକ ନବ ନିର୍ମିତ ସୌଧର
ପାରିବ ? ଘଞ୍ଜ ଅରଣ୍ୟର ଯୋଗୀ ହୋଇ
ଶ୍ୱେତ ରଙ୍ଗରେ ଗାଢ ସବୁଜ ରଙ୍ଗ ମିଶାଇ?
ଆଉ ଶ୍ୱେତରୁ ସଂପୂର୍ଣ୍ଣ ସବୁଜ ବୋଇ?

ISSN NO.
2582-208X

ନା ଜାବୁଡି ରଖିବ ସେ ଅଦୃଶ୍ୟ ରଙ୍ଗକୁ
ଆଉ ତୁମ ଆଭିଜାତ୍ୟର ଆରାମ ସବୁକୁ
ବହି ପାରିବ କାନନର ଶୀତଳ ପବନ ହୋଇ?
ପ୍ରତିଥର ଦେହକୁ ମୋର ଶିହରି ଦେଇ
ଆଉ ସବୁଜରୁ ମୋତେ ସଂପୂର୍ଣ୍ଣ ଶ୍ୱେତ କରିଦେଇ....

ଭୁବନେଶ୍ୱର, ଖୋର୍ଦ୍ଧା
ଭ୍ରାମ୍ୟଭାଷ -୮୯୧୭୬୮୧୬୪୭

ISSN NO.
2582-208X

# ବନ୍ଧୁତା



ଦୀପକ ନାୟକ

ତିନୋଟି ଅକ୍ଷର ଗଢା
ସମ୍ପର୍କ ଡୋର ଭିନ୍ନ ଏ ଦୁନିଆରେ ।
ବିଶ୍ୱାସ ଭରଷା ସେନେହ ଆଦର
ମାନ ଅଭିମାନ ପ୍ରେମ ଭରା ।
ସାତସ୍ୱର ବିନା ସଙ୍ଗୀତ ବେସୁରା
ବନ୍ଧୁବିନା ଏ ଜୀବନ ବେସାହରା ।
ସମୟ ସାଥିରେ ଅତୀତ ହଜିଯାଏ
ଏ ସମ୍ପର୍କ କେବେ ହଜେନାହିଁ ।
ନାଥାଏ ସ୍ୱାର୍ଥ ନା ଥାଏ ଲୋଭ
ବନ୍ଧୁତାରେ ଥାଏ ସେନେହ।
ଲାଗେ ଅତୀତ ଆଜି ବିଭୀଷିକା
ବାଲ୍ୟ ସାଥି ଆଜି କେତେଦୂରେ ।
ଏ ବନ୍ଧନ ଚିର ଶାଶ୍ୱତ
ସବୁଜ ସୁନ୍ଦର କୋଣାର୍କ ।
ସ୍ୱପ୍ନ ପରି ଲାଗେ ପିଲାଦିନ
ସାଙ୍ଗ ସାଥି ଖେଳକୁଦ ।

ISSN NO.
2582-208X

ସବୁ ଆଜି ଆଧୁନିକ ଆଧୁନିକ ଲାଗେ
ଖୋଜିଲେ ମିଳେନି ସେ ସମୟ ।
ଆଜିର ଏ ପବିତ୍ର ଦିନରେ
ନେବା ସଂକଳ୍ପ ବନ୍ଧୁତା କରିବା ସ୍ୱର୍ଗ ।
ଜୀବନ ଚଲାପଥ ଅନେକ ଲମ୍ବା
ସାଙ୍ଗ ଥିଲେ ପାଖେ ଲାଗେନାହିଁ ଏକା ।

ଧର୍ମଶାଳା, ଯାଜପୁର

ISSN NO.
2582-208X

# ଜଗମୋହନ ରାମାୟଣ ଓ ରାମ ଚରିତ ମାନସର ତୁଳନାତ୍ମକ ସମାଲୋଚନା

ଲକ୍ଷ୍ମୀପ୍ରିୟା ଖିଲାର

ସାରଳା ଦାସଙ୍କ ମହଭାରତ ପରି ବଳରାମ ଦାସଙ୍କ ଜଗମୋହନ ରାମାୟଣ ଓଡ଼ିଶାର ଏକ ଲୋକପ୍ରିୟ ଗ୍ରନ୍ଥ । ଏହାକୁ ଓଡ଼ଆ ଭାଷାର ପ୍ରଥମ ରାମାୟଣ ତଥା ଦ୍ୱିତୀୟ ମହାପୁରାଣ ଗ୍ରନ୍ଥ ରୂପେ ଗ୍ରହଣ କରାଯାଏ । ବଳରାମ ଦାସ ଶ୍ରୀ ମନ୍ଦିରର ଜଗମୋହନ ଉପରେ ବସି ଏହି ରାମାୟଣ ରଚନା କରିଥିବାରୁ ଏହାକୁ ଜଗମୋହନ ରାମାୟଣ ଏବଂ ଏହା ଦାଣ୍ଡି ବୃତ୍ତରେ ରଚିତ ହୋଇଥିବାରୁ ଏହାକୁ ଦାଣ୍ଡି ରାମାୟଣ କୁହାଯାଏ ବୋଲି ଦେବେନ୍ଦ୍ର ମହାନ୍ତିଙ୍କର ଓଡ଼ିଆ ସାହିତ୍ୟର ଉନ୍ମେଷ ଓ ଉତ୍ତରଣର ତୃତୀୟ ଭାଗରେ ଏବଂ ପଞ୍ଚସାଖା ଓଡ଼ିଆ ସାହିତ୍ୟରେ ବର୍ଣ୍ଣନା ରହିଛି । କିନ୍ତୁ ବଳରାମ ଦାସ ଜଗମୋହନ ରାମାୟଣରେ ଏହି ନାମ କରଣକୁ ସ୍ପଷ୍ଟ କରିଛନ୍ତି ଯେ, ସେ ଜଗନ୍ନାଥଙ୍କୁ ହିଁ ଜଗମୋହନ କହିଛନ୍ତି -

> ତଇଲୋକ ବଶ ହୁଅଇ ଯାହକୁ ଗୁହିଁ ।
> ଯେ ସେ ଜଗନ୍ନାଥ ଯେ ଜଗମୋହନ ଗୋସାଇଁ । ।(୧)

ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନ ପୁରର ଲୋକ ଯାହାକୁ ଦେଖିଲେ ମାନେ ବିଶିଭୂତ ହୋଇ ଯାଆନ୍ତି, ସେ ହେଉଛନ୍ତି ସ୍ୱୟଂ ଜଗନାଥ ବା ଜଗମୋହନ ଗୋସାଇଁ । ଏଠାରେ ସେ ଜଗନ୍ନାଥଙ୍କୁ ଜଗମୋହନ କହିଛନ୍ତି ।

ସେ ପୁଣି କହିଛନ୍ତି-

> ଯାହାକୁ ସକଳ ଜନ ମୋହି ହୋନ୍ତି ।
> ଜଗମୋହନ ସେ ତାହାକୁ ବୋଲନ୍ତି । ।

ISSN NO.
2582-208X

ଯେ ଜଗତମୋହନ ତାହାକୁ ଦେଖିଲେ ସେ ବଶ୍ୟହୋଇ
ଯାହାକୁ ନେଇ ବଶ୍ୟହୋଇ ତାହାକୁ ଭଲକହି ।। (୨)

ଏଠାରେ ପ୍ରଥମେ ସେ ଜଗନ୍ନାଥଙ୍କୁ ଜଗମୋହନ କହିଲା ବେଳେ ଦ୍ୱିତୀୟରେ ସେ ଶ୍ରୀରାମଙ୍କୁ ଜଗମୋହନ କହିଛନ୍ତି । କାରଣ ଏଠାରେ ସୀତାଙ୍କର ସଖି ମନମାୟା ସୀତାଙ୍କ ସ୍ୱୟମ୍ବରରେ ରାମଙ୍କ ଉଦ୍ଦେଶ୍ୟରେ ଏହି ଜଗମୋହନ ଶବ୍ଦର ପ୍ରୟୋଗ କରିଛନ୍ତି । ଶ୍ରୀରାମ ଯେତେବେଳେ ଶିବଧନୁ ଭାଙ୍ଗିବା ପାଇଁ ବିଶ୍ୱାମିତ୍ରଙ୍କ ନିକଟରେ ବସିଛନ୍ତି ମନମାୟା ତାଙ୍କର ରୂପଗୁଣ ସବୁ ବର୍ଣ୍ଣନା କରି ସୀତାଙ୍କୁ ଜଣାଇଛନ୍ତି । ସେହିଭଳି ଉତ୍ତରାକାଣ୍ଡରେ କବି ଲେଖିଛନ୍ତି-

ଶ୍ରୀ ଜଗମୋହନ ରାମାୟଣ ଗ୍ରନ୍ଥ ।   ଏଥିରେ କବି ସେ ନୀଳଗିରୀ ନାଥ ।।
ସେହି ମୋର ହୃଦେ ବିଜେ କରଥାନ୍ତି । ଆପଣାର ସହିତ ଆପଣେ ବଖାଣନ୍ତି ।।
(୩)

ଏଠାରେ ପୁରୁଷୋତ୍ତମ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ କବିଙ୍କ ରାମାୟଣର ପ୍ରକୃତ ରଚୟିତା ଓ କବି ନିଜେ ନିମିତ୍ତ ମାତ୍ର ବୋଲି ଉଲ୍ଲେଖ କରିଛନ୍ତି । ବଳରାମଙ୍କ ବର୍ଣ୍ଣନା ଅନୁସାରେ 'ଜଗମୋହନ' ଶ୍ରୀ ଜଗନ୍ନାଥଙ୍କର ଅନ୍ୟ ଏକ ନାମ ଥିବାରୁ ଏବଂ ନିଜେ ଜଗନ୍ନାଥ ବା ଜଗମୋହନ ଏହି ଗ୍ରନ୍ଥର କବି ହୋଇ ଥିବାରୁ ରଚୟିତାଙ୍କ ନାମାନୁସାରେ 'ଜଗମୋହନ ରାମାୟଣ' ହୋଇଅଛି । ଏହାକୁ ଦାଣ୍ଡି ରାମାୟଣ ମଧ୍ୟ କୁହାଯାଏ ।

ଗୋବିନ୍ଦ ରଥଙ୍କ ମତରେ ବଳରାମ ଦାସ ଦଣ୍ଡେମାତ୍ର ବିଳମ୍ବ ନକରି ଅଭିରାମ ପରିଶ୍ରମ ଦ୍ୱାରା ଏକ ଦାଣ୍ଡିରେ ଗାଇ ଥିବାରୁ ଏହା ଦାଣ୍ଡି ରାମାୟଣ ବୋଲି ନାମକରଣ କରିଛନ୍ତି ।

ISSN NO.
2582-208X

(ଏକ ଦାଣ୍ଡିରେ ଯିବା ଓଡ଼ିଆ ଭାଷାରେ ଏକ ପ୍ରବଚନ ଏହାର ଅର୍ଥ ଅବିଶ୍ରାନ୍ତ ଭାବରେ ଯେଉଁଠାରେ କାର୍ଯ୍ୟ ଚାଲେ) ।

ଅନେକଙ୍କ ମତରେ ଏହା ସଂସ୍କୃତ ଦଣ୍ଡକ ବୃତ୍ତର ଅନୁସରଣରେ ରଚତ ହୋଇଥିବାରୁ ଏହାର ନାମ ଦାଣ୍ଡି ରାମାୟଣ । ଆଉ କେତେକଙ୍କ ମତରେ ସଂସ୍କୃତ ସାହିତ୍ୟର ଧାରା ଛାଡି ଦାଣ୍ଡରେ ଲୋକ ବୋଲୁଥିବା ଗାଉଁଲି ଗୀତର ସୁର ଧରି ଏଇ ରାମାୟଣ ରଚନା କରାଯାଇଥିବାରୁ ଏହାର ନାମ ଦାଣ୍ଡି ରାମାୟଣ ।

ବଳରାମ ଦାସ ଦାଣ୍ଡରୁ ବା ରାସ୍ତାରୁ ଅର୍ଥାତ୍ ଜନଜୀବନରୁ ଏହି ଶୈଳୀ ଗ୍ରହଣ କରି ତାଙ୍କର ଅମୂଲ୍ୟ ଗ୍ରନ୍ଥକୁ ଲୋକପ୍ରିୟ କରିବାରେ ସମର୍ଥ ହୋଇଛନ୍ତୁ । ଏଥିପାଇଁ ବଳରାମ ଦାସ ନଜ ରାମାୟଣକୁ ଜଗମୋହନ ରାମାୟଣ ବୋଲି କହିଥିଲେ ମଧ ତାହା ଦାଣ୍ଡି ରାମାୟଣ ବୋଲି ଅଧିକ ପରିଚତ । ବୋଧ ହୁଏ ଦାଣ୍ଡି ରାମାୟଣର ଏହି ନାମ ଲେଖକଙ୍କ ଉପସ୍ଥିତି ସମୟରୁ ସୃଷ୍ଟି ହୋଇଛି । ତାହା ନହୋଇଥିଲେ ଏକା ବୃତ୍ତରେ ରାମାୟଣ ଓ ମହାଭାରତ ରଚନା ହୋଇଥିଲେ ମଧ ସାରଳା ଦାସଙ୍କ ମହାଭାରତକୁ କେହି ଦାଣ୍ଡି ମହାଭାରତ କୁହନ୍ତୁ ନାହିଁ ।

ଡକ୍ଟର କୃଷ୍ଣ ଚରଣ ସାହୁଙ୍କ ମତରେ ରାମନବମୀ ଯାତ୍ରା ଦିନ ଦାଣ୍ଡରେ ଏହି ରାମାୟଣକୁ ଗାନ କରାଯାଉଥିବାରୁ ଏହାକୁ ଦାଣ୍ଡି  ରାମାୟଣ କୁହାଯାଇପାରିଥାଏ । (୪)

### ରାମ ଚରିତ ମାନସ

ରାମ ଚରିତ ମାନସ ହିନ୍ଦୀ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ହେଁ ଅନ୍ୟାନ୍ୟ ଭାଷାରେ ଅନୁବାଦ  ହୋଇ ବିଶ୍ୱରେ ଖ୍ୟାତି ଅର୍ଜନ କରିଛି । ତୁଳସୀ ଦାସ ରାମ ଚରିତ ମାନସରେ ଏହାର ନାମକରଣକୁର ନେଇ ଲେଖିଛନ୍ତୁ ।

ISSN NO.
2582-208X

ରଚ ମହେସ ମାନସ ରଖା । ପାଇ ସୁସମଭ ସିଓ୍ୱା ସନଭଷା । ।
ତାତେଁ ରାମଚରିତ ମାନସ ବର । ଧରେଉ ନାମ ହିଅଁ ହେରି ହରଷିର ହର । । (୫)

ଅର୍ଥାତ ଶ୍ରୀ ମହାଦେବ ଏହା ରଚନା କରି ନିଜ ମନରେ ରଖିଥିଲେ ଓ ସୁଅବସର ପାଇ ପାର୍ବତୀଙ୍କୁ ଶୁଣାଇ ଥିଲେ । ତେଣୁ ଶିବ ନିଜ ମନରେ ଏହାର ମହିମା ଦର୍ଶନ କରି ଓ ପ୍ରସନ୍ନ ହୋଇ ଏହାର ନାମ 'ରାମ ଚରିତ ମାନସ' ରଖିଥିଲେ । ଜଗମୋହନ ରାମାୟଣ ଓ ରାମଚରିତ ମାନସ ଉଭୟ ଗ୍ରନ୍ଥରେ ସାତଟି ଲେଖାଏଁ କାଣ୍ଡରେ ବିଭକ୍ତ ହୋଇଥିଲେ ମଧ୍ୟ ଦ୍ୱିତୀୟ କାଣ୍ଡ ଠାରୁ ସପ୍ତମ କାଣ୍ଡ ପର୍ଯ୍ୟନ୍ତ ନାମକରଣ ସମାନ । କିନ୍ତୁ ଜଗମୋହନ ରାମାୟଣର ପ୍ରଥମ କାଣ୍ଡ ଆଦି କାଣ୍ଡ ନାମରେ ନାମିତ ହୋଇଥିବାବେଳେ ରାମଚରିତ ମାନସର ପ୍ରଥମ କାଣ୍ଡ ବାଳକାଣ୍ଡ ନାମରେ ନାମିତ ହୋଇଛି ।

ଜଗମୋହନ ରାମାୟଣ ରାମଚରିତ ମାନସର ବିଷୟ ସଂଖ୍ୟା ମଧ୍ୟ ଭିନ୍ନ । ଜଗମୋହନ ରାମାୟଣର ଆଦିକାଣ୍ଡରେ ୪୬ଟି ବିଷୟ ଅଯୋଧ୍ୟା କାଣ୍ଡରେ ୧୦ ଟି ବିଷୟ, ଆରଣ୍ୟକ କାଣ୍ଡରେ ୩୬ଟି ବିଷୟ, କିଷ୍କିନ୍ଧ୍ୟା କାଣ୍ଡରେ ୧୯ଟି ବିଷୟ, ସୁନ୍ଦରାକାଣ୍ଡରେ ୫୦ଟି ବିଷୟ, ଲଙ୍କା କାଣ୍ଡରେ ୨୦ଟି ବିଷୟ ଓ ଉତ୍ତରା କାଣ୍ଡରେ ୧୬ଟି ବିଷୟ ରହିଛି, କିନ୍ତୁ ରାମଚରିତମାନସର ବାଳକାଣ୍ଡରେ ୫୯ଟି ବିଷୟ, ଅଯୋଧ୍ୟା କାଣ୍ଡରେ ୪୯ଟି ବିଷୟ, ଆରଣ୍ୟକ କାଣ୍ଡରେ ୧୮ଟି ବିଷୟ, କିଷ୍କିନ୍ଧ୍ୟା କାଣ୍ଡରେ ୧୪ଟି ବିଷୟ, ସୁନ୍ଦରା କାଣ୍ଡରେ ୨୦ଟି ବିଷୟ, ଲଙ୍କା କାଣ୍ଡରେ ୩୭ ଟି ବିଷୟ ଓ ଉତ୍ତରାକାଣ୍ଡରେ ୨୨ଟି ବିଷୟ ବର୍ଣ୍ଣନା ରହିଛି ।

ଉଭୟ ଗ୍ରନ୍ଥର ସାତଟି ଯାକ କାଣ୍ଡର ଆରମ୍ଭରେ ମଙ୍ଗଳା ଚରଣ ହୋଇଛି । ଜଗମୋହନ ରାମାୟଣର ଆଦିକାଣ୍ଡରେ ଜଗନ୍ନାଥଙ୍କର ଅଯୋଧ୍ୟା କାଣ୍ଡରେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କର, ଆରଣ୍ୟକ କାଣ୍ଡରେ ବଳଭଦ୍ରଙ୍କର, କିଷ୍କିନ୍ଧା କାଣ୍ଡରେ ହୁତାସନଙ୍କର, ସୁନ୍ଦରା କାଣ୍ଡରେ ଶିବ

ISSN NO.
2582-208X

ଓ ବାଲ୍ମୀକଙ୍କର, ଲଙ୍କା କାଣ୍ଡରେ ଜଗନ୍ନାଥଙ୍କର, ଉତ୍ତରାକାଣ୍ଡରେ ମଧ ଜଗନ୍ନାଥଙ୍କର ବନ୍ଦନା ରହିଛି । ରାମଚରିତ ମାନସର ବାଳକାଣ୍ଡରେ ସରସ୍ୱତୀ, ଗଣେଶ, ଭବାନୀ ଶଙ୍କର, ଶଙ୍କର ରୂପୀ ଗୁରୁ ଓ ସୀତା ରାମଙ୍କର, ଅଯୋଧା କାଣ୍ଡରେ ଶିବ ଓ ରାମଙ୍କର, ଆରଣ୍ୟକ କାଣ୍ଡରେ ଶିବ ଓ ରାମଙ୍କର, କଷ୍କିନ୍ଧା କାଣ୍ଡରେ ରାମ ଓ ଲକ୍ଷ୍ମୀଣଙ୍କର ସୁନ୍ଦରା କାଣ୍ଡରେ ରାମ ଓ ହନୁମାନଙ୍କର, ଲଙ୍କା କାଣ୍ଡରେ ଶ୍ରୀରାମ ଓ ଶଙ୍କରଙ୍କର ଉତ୍ତରାକାଣ୍ଡରେ ଶ୍ରୀରାମ ଓ ଶଙ୍କରଙ୍କର ବନ୍ଦନା ରହିଛି । ଜଗମୋହନ ରାମାୟଣର ଅଧିକାଂଶ କାଣ୍ଡରେ ଜଗନ୍ନାଥଙ୍କୁ ବନ୍ଦନା କରାଯାଇଥିବା ବେଳେ ରାମଚରିତ ମାନସର ଅଧିକାଂଶ କାଣ୍ଡରେ ଶ୍ରୀରାମଙ୍କୁ ବନ୍ଦନା କରାଯାଇଛି ।

ଜଗମୋହନ ରାମାୟଣ ଓ ରାମଚରିତ ମାନସର ଆଦିକାଣ୍ଡରେ ବର୍ଣ୍ଣିତ ଅଛି ଯେ ତାରକାସୁର ଦେବତାମାନଙ୍କୁ ବହୁ ହଇରାଣ କରୁଥିବାରୁ ବ୍ରହ୍ମା କହିଲେ ଶିବଙ୍କର ପୁତ୍ର ହିଁ ତାରକାସୁରକୁ ବଦ୍ଧ କରିପାରିବ । ତେଣୁ ଶିବ ଓ ପାର୍ବତୀଙ୍କ ବିବାହ ହୋଇଥିଲା ଏବଂ କାର୍ତ୍ତିକ ଜନ୍ମ ହୋଇ ତାରକାସୁରଙ୍କୁ ବଦ୍ଧ କରିଥିଲେ । କନ୍ତୁ ଜଗମୋହନ ରାମାୟଣରେ କାର୍ତ୍ତିକ, ଶିବ ଏବଂ କୃତ୍ତିକାଏଙ୍କ ପୁତ୍ର ବୋଲି ବର୍ଣ୍ଣନା ଥିବାବେଳେ ରାମଚରିତ ମାନସରେ କାର୍ତ୍ତିକ, ଶିବ ଏବଂ ପାର୍ବତୀଙ୍କ ପୁତ୍ର ବୋଲି ବର୍ଣ୍ଣନା ରହିଛି । ଜଗମୋହନ ରାମାୟଣରେ ଶିବ ପାର୍ବତୀଙ୍କ ବିବାହ ପରେ ଅଧିକ ଶୃଙ୍ଗାରିକତା ବର୍ଣ୍ଣନା ହୋଇଥିବା ସ୍ଥଳେ ରାମଚରିତ ମାନସରେ ସେହିଭଳ ବର୍ଣ୍ଣ ନାହିଁ । ତୁଳସୀ ଦାସ ଲେଖିଛନ୍ତି-

କରହିଁ ବିବିଧ ବିଧି ଭୋଗ ବିଲାସା । ଗନହ୍ନ ସମେତ ବସ ହିଁ କୈଲାସା । ।
ହର ଗିରିଜା ବିହାର ନତ ନୟଉ । ଏହି ବିଧି ବିପୁଲ କାଲ ଚଲି ଗୟଉ । । (୬)

ଅର୍ଥାତ୍ ଶିବ ପାର୍ବତୀ ବିବାହ ପରେ ବିଭିନ୍ନ ଭୋଗ ବିଳାସ କରି ନଜ ଗଣମାନଙ୍କ ସହିତ କୈଳାସରେ ରହିଲେ । ସେମାନେ ନତ୍ୟନୂତନ ବିହାର କରୁଥାନ୍ତୁ । ଏହିପରି ଭାବରେ ବହୁକାଳ ବିତିଗଲା ତୁଳସୀ ଦାସ ଗୋଟିଏ ମାତ୍ର ଧାଡ଼ିରେ ଭୋଗବିଳାସ କରୁଥିଲେ ବୋଲି

ISSN NO.
2582-208X

ବର୍ଣ୍ଣନା କରିଛନ୍ତି । ଜଗମୋହନ ରାମାୟଣ ଓ ରାମଚରି ମାନସର ଆଦିକାଣ୍ଡରେ ଶ୍ରୀରାମଙ୍କ ଜନ୍ମ ଠାରୁ ଆରମ୍ଭ କରି ଶିକ୍ଷା, ବିବାହ ଆଦିର ବର୍ଣ୍ଣନା ରହିଛି ।

ଜଗମୋହନ ରାମାୟଣରେ ସୀତା ବିବାହ ପୂର୍ବରୁ ଗୌରୀ ପୂଜା କରିବା କଥା ବର୍ଣ୍ଣନା ନାହିଁ। କିନ୍ତୁ ରାମଚରିତ ମାନସରେ ସୀତା ଭଲବର ପ୍ରାପ୍ତି ପାଇଁ ଗୌରୀ ପୂଜା କରିବାର ବର୍ଣ୍ଣନା ରହିଛି । ରାମଚନ୍ଦ୍ର ବିବାହ ସାରି ଅଯୋଧ୍ୟା ଫେରିବା ସମୟରେ ପର୍ଶୁରାମଙ୍କ ସହ ଭେଟହେବା କଥା ଜଗମୋହ ରାମାୟଣରେ ବର୍ଣ୍ଣିତ ଅଛି । କିନ୍ତୁ ରାମଚରିତ ମାନସରେ ବର୍ଣ୍ଣନା ଅଛି ଯେ ରାମ ବିବାହ ପୂର୍ବରୁ ଶିବଧନୁ ଭାଙ୍ଗିଥିଲେ । ସେହି ଧନୁ ଭଗ୍ନ ଶବ୍ଦ ଶୁଣି ପର୍ଶୁରାମ ଧାଇଁ ଆସିଥିଲେ ।

ରାମଙ୍କ ବିବାହ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନରେ ଜଗମୋହନ ରାମାୟଣର ଆଦିକାଣ୍ଡ ପରିସମାପ୍ତ ହୋଇଥିବାବେଳେ ରାମଚରିତ ମାନସରେ ରାମଙ୍କ ବିବାହ ପରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର ବର୍ଣ୍ଣନା ସହ ଶ୍ରୀରାମଚରିତର ମହିମା ବର୍ଣ୍ଣନା ହୋଇଛି ।

ଜଗମୋହନ ରାମାୟଣ ଓ ରାମଚରିତମାନସର ଅଯୋଧ୍ୟା କାଣ୍ଡରେ ଶ୍ରୀରାମଙ୍କ ରାଜ୍ୟାଭିଷେକ ପାଇଁ ପ୍ରସ୍ତୁତି, ଦଶରଥଙ୍କର କୈକେୟୀଙ୍କୁ ବର ପ୍ରଦାନ, ରାମଙ୍କର ବନ ଗମନ, ଦଶରଥଙ୍କର ଦେହତ୍ୟାଗ, ରାମଙ୍କୁ ଅଯୋଧ୍ୟା ଆଣିବା ପାଇଁ ଭରତଙ୍କର ଚିତ୍ରକୁଟ ଯାତ୍ରା ଇତ୍ୟାଦି ସମାନ ବର୍ଣ୍ଣନା ରହିଛି । କିନ୍ତୁ ଜଗମୋହନ ରାମାୟଣରେ ରାମ ବନବାସ ପାଇଁ କୈକେୟୀ ଦଶରଥଙ୍କ ବୁଦ୍ଧି ଭ୍ରଷ୍ଟ କରିବା ପାଇଁ ଦେବତାମାନେ ସୁରଭି ଗାଇକୁ ମନ୍ଥରା ରୂପରେ ଏବଂ  ଖଳ , ଦୁର୍ବଳଙ୍କୁ ପଠାଇଥିବା ବେଳେ ରାମଚରିତମାନସରେ ଦେବତାମାନେ ସରସ୍ୱତୀଙ୍କୁ ମନ୍ଥରାର ବୁଦ୍ଧି ଭ୍ରଷ୍ଟ କରିବା ପାଇଁ  ପଠାଇଥିଲେ । ଜଗମୋହନ ରାମାୟଣରେ ବଳରାମ ଦାସ କହିଛନ୍ତି- ରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ଖବର ଜାଣି ଦେବତାମାନଙ୍କ ମଧ୍ୟରେ ଏକ ସଭା ହୋଇଥିଲା । ବ୍ରହ୍ମା କହିଲେ ଯେଉଁ ଦେବତାମାନଙ୍କର ରକ୍ଷା ପାଇଁ ଶ୍ରୀରାମ ଅବତାର ଗ୍ରହଣ କରିଛନ୍ତି, ସେ ଯଦି ରାଜା ହୋଇଯିବେ ତାହାହେଲ ରାବଣ ବଧ

ISSN NO.
2582-208X

ହୋଇପାରିବ ନାହିଁ । ଏହା ଶୁଣି ଇନ୍ଦ୍ର କହିଲେ କୈକେଇଙ୍କ ବୁଦ୍ଧିଭ୍ରଷ୍ଟ କରିବା ପାଇଁ ଗୋମାତା (ସୁରଭି ନାମକ ଗାଇ )କୁ ବ୍ରହ୍ମା ମନ୍ଥେରୀ ରୂପରେ ପଠାଇଛନ୍ତି । ସେ ରାମ ରାଜା ହେବା କଥା ଶୁଣି ଦିନରାତି ବୁଦ୍ଧିଭ୍ରଷ୍ଟ କରିବା ପାଇଁ ଚେଷ୍ଟା କରୁଛି । ଦେବତାମାନେ ପୁଣି ବ୍ରହ୍ମାଙ୍କ ଆଗରେ କହିଲେ ଏପରି ଏକ ଉପାୟ କରି ଦୂତ ପେଷ କାଲି ଯେଭଳ ରାମ ବନବାସ ଯିବା ସମ୍ଭବ ହେବ । ବ୍ରହ୍ମା ଦୁଇଦୂତଙ୍କୁ ପଠାଇ କହିଥିଲେ-

ବିଚାରିଣ ଖଳ ଦୁର୍ବଳ ଦୁଇଭାଇ । ବୋଇଲେ ଅଯୋଧ୍ୟାକୁ ଯାଅ ବେଗହୋଇ ।।
କୈକେୟୀ ହୃଦରେ ପଶିବୁ ଯାଇଖଳ । ଦଶରଥ ଅଙ୍ଗେ ସମ୍ଭାଳବୁ ଦୁର୍ବଳ ।।
ସୁରଭି ଅଛି ଯେ ମନ୍ଥେରୀ ରୂପଘେନ । ଏମନ୍ତେଣ ତୁମ୍ଭେ ହୋଇବ ଜଣ ତିନ ।।
ଦେବେ କାର୍ଯ୍ୟ ଅର୍ଥେ ପାପକୁ ନ ଡରିବ । ସହୋଦର ଭେଦ ଆଜ ନଷ୍ଟୟେ କରିବ ।। (୭)

କୈକେୟୀ ଓ ମନ୍ଥରା କଥାହେବା ସମୟରେ ଖଳ ରାଣୀଙ୍କ ସ୍ୱରରେ ପ୍ରବେଶ କରିଥିବାରୁ ସେ ଚେତନା ହରାଇଥିଲେ, ଏବଂ ଦଶରଥଙ୍କ ମଧ୍ୟରେ ଦୁର୍ବଳ ପ୍ରବେଶ କରିଥିବାରୁ ଦଶରଥ କ୍ଷଣକ ମଧ୍ୟରେ ଦୁର୍ବଳ ହୋଇଯାଇ ଅଥିର ବଚନ କହିବାକୁ ଲାଗିଲେ, ଯାହା ଫଳରେ ରାମ ବନବାସ ଯିବା ସମ୍ଭବ ହୋଇଥିଲା । କନ୍ତୁ ରାମଚରିତ ମାନସରେ ରାମଚନ୍ଦ୍ର ରାଜ୍ୟାଭିଷେକ ଖବର ଶୁଣି ଦେବତାମାନେ ସରସ୍ୱତୀଙ୍କୁ ବାରମ୍ବାର ପାଦଧରି ଅନୁରୋଧ କରିବା ପରେ ଭବିଷ୍ୟତ ଫଳାଫଳ ବିଚାରକରି ସରସ୍ୱତୀ ଦେଖିଲେ ଯେ ଶ୍ରୀରାମ ବନଗମନ କଲେ ରାକ୍ଷସମାନଙ୍କର ବଦ୍ଧହେବ ଏବଂ ସମଗ୍ର ଜଗତର ମଙ୍ଗଳ ହେବ । ତୁଳସୀଦାସ କହିଛନ୍ତି-

ନାମୁ ମନ୍ଥରା ମନ୍ଦମତି ଚେରୀ କୈକେଇ କେରି ।
ଅଜସ ପେଟାରୀ ତାହିକରି ଗଇ ଗିରା ମତିଫେରି ।। (୮)

ISSN NO.
2582-208X

ଦେବତାମାନଙ୍କର ଅନୁରୋଧ ରକ୍ଷାକରି ସରସ୍ୱତୀ ଅଯୋଧା ଆସି କୈକେୟୀଙ୍କର ମନ୍ଥରା ନାମକ ମନ୍ଦବୁଦ୍ଧି ଦାସୀର ବୁଦ୍ଧି ଭ୍ରଂଶ କରିଦେଇ କଭଳ ଅପଯଶ ଲାଭ କରିବ ସେଇ କୁବୁଦ୍ଧି ଦେଇ ଚାଲିଗଲେ ।

ଜଗମୋହନ ରାମାୟଣ ଓ ରାମଚରିତ ମାନସର ଆରଣ୍ୟକ କାଣ୍ଡରେ ସୀତା ଅନୁସୟାମିଳନ, ବିରାଧବଧ, କବନ୍ଧବଧ ସୂତୀକ୍ଷ୍ଣ ମୁନଙ୍କ ସହ ମିଳନ, ଅଗସ୍ତି ମୁନଙ୍କ ସହ ମିଳନ, ସୂପନଖାର ଲକ୍ଷ୍ମଣଙ୍କ ଦ୍ୱାରା ନାସାକର୍ଣ୍ଣ ଛେଦନ, ମାରିଚ ପ୍ରସଙ୍ଗ, ଜଟାୟୁ ରାବଣ ଯୁଦ୍ଧ ଆଦି ପ୍ରସଙ୍ଗର ସାଦୃଶ୍ୟ ବର୍ଣ୍ଣନା ରହିଛି । କନ୍ତୁ ଜଗମୋହନ ରାମାୟଣରେ ଶ୍ରୀରାମ ଶବରୀକୁ  କହିଛନ୍ତୁ ।

ସୁପକ୍ୱ ଆମ୍ବରେ ଦନ୍ତଚହ୍ନ ଅଛି । ଦେଖି  ରଘୁନାଥ ଶବରୀକ ପୁଚ୍ଛ  ।
ଦନ୍ତ ମୁଦ୍ରାମାନନ୍ତ ଅଛଇ ତହିଁ ଲାଗି । ଭଲ ସଞ୍ଚି ଅଛି ଆସିବା ଆମ୍ଭ ଜାଣି ।।
ଆଣ ଆଣ ଶବରୀ ଆମ୍ବ ମୋତେ ଦେସି । ତୋହରେ ହେଉ ମୋର ଉଦର ଯେ ପୋଷି ।
ଶୁଣିଣ ଶବରୀ ପରଷଇ ଆଣି । ଆନନ୍ଦେ ମୋଣେହି କରନ୍ତୁ ରଘୁମଣି ।। (୯)

ଶବରୀ ଆଶ୍ରମରେ ଶବରୀ ଶ୍ରୀରାମଙ୍କୁ ଯେଉଁ ଆମ୍ବ ଖାଇବା ପାଇଁ ଦେଇଥିଲେ ସେଥିରେ ଦନ୍ତଚହ୍ନ ଥିଲା । ଏହା ଜାଣିବା ପରେ ବି ଶ୍ରୀରାମ କହିଲେ ଆମ୍ଭେ ଆସିବା ଜାଣି ତୁମେ ଭଲ ଫଳ ସଞ୍ଚି କରି ରଖିଛ ଅର୍ଥାତ୍ ଖଟା କମ୍ବ ମିଠା ଚାଖି କରି ରଖିଛ । ତେଣୁ ଶୀଘ୍ର ସେହି ଫଳା ଗୁଡିକ ଆଣ ଯାହାଦ୍ୱାରା ଆମର ଉଦର ପୂର୍ଣ୍ଣହେବ । ଶବରୀ ଏହା ଶୁଣି ଆମ୍ବ ପରଷି ଥିଲେ ଏବଂ ରଘୁନାଥ  ତାହାକୁ  ଆନନ୍ଦରେ ଗ୍ରହଣ କରିଥିଲେ । ରାମଚରିତ ମାନସରେ ମଧ୍ୟ ଶବରୀ ପ୍ରସଙ୍ଗ ବର୍ଣ୍ଣନା  ରହିଛି । ତୁଳସୀଦାସ କହିଛନ୍ତୁ-

ISSN NO.
2582-208X

ଦୋ- କଂଦ ମୂଲ ଫଲ ସରସ ଅତି ଦିଏ ରାମ କହୁଁ ଆନ ।
ପ୍ରେମର ସହିତ ପ୍ରଭୁ ଖାଏ ବାରଂବାର ବଖାନ ।। (୧୦)

ଅର୍ଥାତ ଶବରୀ, ଶ୍ରୀରାମଙ୍କୁ ରସାଳ ଓ ସ୍ୱାଦିଷ୍ଟ କନ୍ଦ, ମୂଳ ଓ ଫଳ ଆଣି ଖାଇବା ପାଇଁ ଦେଇଥିଲେ ପ୍ରଭୁ ପ୍ରଶଂସା କରି ସେ ସବୁ ପ୍ରେମର ସହିତ, ଭୋଜନ କରିଥିଲେ ।

ଏଥିରୁ ଜଣାଯାଏ ଜଗମୋହନ ରାମାୟଣରେ ଶବରୀ, ଶ୍ରୀରାମଙ୍କୁ ଆମ୍ବ ଖାଇବାକୁ ଦେଇଥିବା କଥା ବଳରାମଦାସ ବର୍ଣ୍ଣନା କରିଥିବା ବେଳେ ରାମଚରିତ ମାନସରେ ଶବରୀ, ଶ୍ରୀରାମଙ୍କୁ କନ୍ଦ, ଫଳ, ମୂଳ ଦେବାକଥା ବର୍ଣ୍ଣନା କରିଛନ୍ତୁ । ଜଗମୋହନ ରାମାୟଣରେ ଶବରୀ ଅଇଁଠା ଫଳ ଦେଇଥିବା କଥା କୁହାଯାଇଛି କନ୍ତୁ ରାମଚରିତ ମାନସରେ ଫଳ ଚାଖି କର ଦେବା କଥା ବର୍ଣ୍ଣନା ନାହିଁ ।

ଜଗମୋହନ ରାମାୟଣ ଓ ରାମଚରିତ ମାନସରେ କାକ ସୀତାଙ୍କୁ ହଇରାଣ କରୁଥିବାରୁ ଶ୍ରୀରାମ ଶରମାରୀ ଗୋଟିଏ ଆଖି କଣା କରି ଦେଇଥିବା କମ୍ବା ଟେର କରି ଦେଇଥିବା କଥା ବର୍ଣ୍ଣନା ରହିଛି । କନ୍ତୁ ଜଗମୋହନ ରାମାୟଣରେ ଏହା ଅଯୋଧ୍ୟା କାଣ୍ଡରେ ବର୍ଣ୍ଣିତ ହୋଇଥିବା ବେଳେ ରାମଚରିତ ମାନସରେ ଏହା ଅରଣ୍ୟ କାଣ୍ଡରେ ବର୍ଣ୍ଣିତ ହୋଇଛି । ଜଗମୋହନ ରାମାୟଣରେ ରାମ, ଲକ୍ଷ୍ମଣ, ସୀତା, ବନବାସ ସମୟରେ ମୃଗମାରୀ ମାଂସ ଭକ୍ଷଣ କରୁଥିବା କଥା ବର୍ଣ୍ଣନା ରହିଛି ।

ବୋଲଇ ସଉମିତ୍ରୀ ଆଣିଲି ମୃଗମାରୀ । ରନ୍ଧନ କଲଇଂ ତା ଅତି ଯତ୍ନ କରି ।।
ଠାବ ପତ୍ର ପାଣି ଅଛି ସର୍ବ ସଞ୍ଜି । ତୁମ୍ଭର ଆସିବାକୁ ବାଟ ଚାହିଁ ଅଛି ।। (୧୧)

ISSN NO.
2582-208X

ଲକ୍ଷ୍ମଣ ମୃଗ ମାରୀ ଆଣି ଗ୍ରେଷେଇ କରି ପତ୍ର, ପାଣି ଆଦି ସାଇତି ରଖି ଶ୍ରୀରାମଙ୍କ ଫେରିବା ବାଟକୁ ଗ୍ଚହିଁ ବସିଥିଲେ ବୋଲି ଶ୍ରୀରାମଙ୍କୁ କହିଛନ୍ତି ।

ରାମଚରିତ ମାନସର କୌଣସି କାଣ୍ଡରେ ବି ରାମ, ଲକ୍ଷ୍ମଣ, ସୀତା ମାଂସ ଭକ୍ଷଣ କରିବା କଥା  ବର୍ଣ୍ଣନା ନାହିଁ । କିନ୍ତୁ ବାଳକାଣ୍ଡରେ ଶ୍ରୀରାମ ଭାଇମାନଙ୍କ ସାଙ୍ଗରେ ଯାଇ ମୃଗୟା କରୁଥିବା  କଥା ବର୍ଣ୍ଣନା ରହିଛି ।

ପାଓ୍ବନ ମୃଗ ମାରହିଁ ଜିୟଁ ଜାନୀ । ଦିନ ପ୍ରତି ନୃପହି ଦେଖାଓ୍ବହି  ଆନୀ ।
ଜେ ମୃଗ ରାମ ବାନ କେ ମାରେ । ତେ ତନୁ ତଜି ସୁରଲୋକ ସିଧାରେ ।। (୧୨)

ଅର୍ଥାତ୍- ଶ୍ରୀରାମ ପବିତ୍ର ମୃଗମାନଙ୍କୁ ଚହ୍ନି ମାରୁଥାନ୍ତି ଏବଂ ପ୍ରତିଦିନ ଆଣି ଦଶରଥଙ୍କୁ ଦେଖାଉଥାନ୍ତି । ଯେଉଁ ମୃଗମାନେ ଶ୍ରୀରାମଙ୍କ ଶରାଘାତରେ ମରୁଥିଲେ ସେମାନେ ଦେହତ୍ୟାଗ କରି ଦେବ ଲୋକକୁ ଚାଲି ଯାଉଥିଲେ । ଏଠାରେ ତୁଳସୀ ଦାସ ଶ୍ରୀରାମଙ୍କୁ ଭଗବାନଙ୍କ ରୂପରେ ଅବତାରଣା କରାଇଛନ୍ତି ।

ଜଗମୋହନ ରାମାୟଣର ଅଯୋଧା କାଣ୍ଡରେ ବର୍ଣ୍ଣିତ ଅଛି ଯେ ରାମ, ଲକ୍ଷ୍ମଣ, ସୀତା ମାଂସ ଭକ୍ଷଣ ପରେ ଯାହା ବଳ ଯାଉଥିଲା ସୀତା ତାକୁ ଶୁଖାଇ  ଆର ଦିନକୁ ରଖୁଥିଲେ । ଥରେ ଗୋଟିଏ ଦୁଷ୍ଟ କୁଆ ଆସି ସେହି ମାଂସ ଖାଇବାକୁ ଚେଷ୍ଟା କଲା ବାରମ୍ବାର ସୀତା ଘଉଡ଼ାଇବା ସତ୍ତ୍ୱେ ବି ସେ ନମାନି ରାଗରେ ସୀତାଙ୍କ ଓଷ୍ଠକୁ କାମୁଡ଼ି ଦେଇ ଥିବାରୁ ଶ୍ରୀରାମ ଏହା ଦେଖି କଉଶିକ ମନ୍ତ୍ର ଧନୁରେ ସମସ୍ତ କୁଆଙ୍କର ଚକ୍ଷୁ କାଟି ପକାଇଲେ । ଗୋଟିଏ କୁଆର ଦୋଷ ପାଇଁ ଶ୍ରୀରାମ ସବୁ କୁଆଁଙ୍କ ଚକ୍ଷୁ ନାସ କରିଦେବା ଅନୁଚିତ୍ ବୋଲି ସୀତା ଶ୍ରୀରାମଙ୍କୁ  ବୁଝାଇଥିଲେ ଏବଂ ସେମାନଙ୍କ ଆଖି ଫେରାଇ ଦେବା ପାଇଁ  ସୀତା ଶ୍ରୀରାମଙ୍କୁ ଅନୁରୋଧ କରିଥିଲେ । ଶ୍ରୀରାମ କହିଲେ ଏମାନଙ୍କର ମାଂସ ଦେଖି ଯେହେତୁ ଲୋଭ

ISSN NO.
2582-208X

ବଳଥିଲ୍ । ସେମାନଙ୍କ ଆଖି ଟେରା ହେଉଯାଉ  ଏବଂ ସେମାନଙ୍କ ବଂଶରେ ଯେଉଁମାନେ ଜନ୍ମ ଗ୍ରହଣ କରିବେ ସେମାନଙ୍କ ଆଖି ମଧ୍ୟ ଟେରା ହୋଇଯାଉ ।

ରାମଚରିତ ମାନସର ଆରଣ୍ୟକାଣ୍ଡରେ ଯେଉଁ କାକର ଆଖିକୁ ଶ୍ରୀରାମ କଣା କରିଥିବା କଥା ବର୍ଣ୍ଣନା ରହିଛି ସେ କାକ ଥିଲେ ଇନ୍ଦ୍ରଙ୍କର ପୁତ୍ର ଜୟନ୍ତ । ସେ କୁଆ ରୂପ ଧରି ରଘୁନାଥଙ୍କର ବଳ ପରୀକ୍ଷା କରିବା ପାଇଁ ଆସି ସୀତାଙ୍କ ପାଦକୁ ଥଣ୍ଟରେ ଖୁମ୍ପି ଦେଇଥିଲେ । ସୀତାଙ୍କ ପାଦରୁ ରକ୍ତ ଝରିବା ଦେଖି ଶ୍ରୀ ରଘୁନାଥ ଧନୁରେ ଶରଘାସର ନାଡ଼ଟିଏ ବାଣ ରୂପରେ ଖଞ୍ଜି ସେହି କୁଆ ଉପରକୁ ଛାଡ଼ିଦେଲେ । ଜୟନ୍ତ ତାଙ୍କ ପିତା ଇନ୍ଦ୍ର ପାଖକୁ ଗଲେ । ଇନ୍ଦ୍ର ରାମଦ୍ରୋହୀ ବୋଲି ତାଙ୍କୁ କ୍ଷମା କଲେ ନାହିଁ । ଜୟନ୍ତ ବ୍ୟାକୁଳ ହେବା କଥା ଦେଖି ନାରଦ ତାଙ୍କୁ ଶ୍ରୀରାମଙ୍କ ପାଖକୁ ପଠାଇଲେ । ସେ ଶ୍ରୀରାମଙ୍କ ପାଦ ଧରି କ୍ଷମା ପ୍ରାର୍ଥନା କଲେ । ଜୟନ୍ତ ମୋହ ବଶ ହୋଇ ଶତ୍ରୁତା ଆଚରଣ କରିଥିଲେ । ତେଣୁ ତାଙ୍କୁ ବଧ କରିବା ଉଚତ ଥିଲ୍ କନ୍ତୁ ଶ୍ରୀରାମ  ବହୁତ ଦୟାଳୁ ହେତୁ ସେ ଜୟନ୍ତକୁ ବଦ୍ଧ ନକରି  ତାର ଗୋଟିଏ ଆଖି କଣା କରି ଛାଡ଼ି ଦେଇଥିଲେ ବୋଲି ଶିବ ପାର୍ବତୀଙ୍କୁ କହିଛନ୍ତି ।

ଜଗମୋହନ ରାମାୟଣ ଓ ରାମଚରିତମାନସର କିଷ୍କିନ୍ଧାକାଣ୍ଡରେ ଶ୍ରୀରାମଙ୍କ ସହ ହନୁମାନଙ୍କ ସାକ୍ଷାତ୍, ସୁଗ୍ରୀବଙ୍କ ସହ  ମିତ୍ରତା, ବାଳି ସୁଗ୍ରୀବ ଯୁଦ୍ଧ, ବାଳିର ନିଧନ, ଶ୍ରୀରାମଙ୍କର ସୁଗ୍ରୀବଙ୍କ ଉପରେ ବିରକ୍ତ । ସୀତାଙ୍କୁ ଖୋଜିବା ପାଇଁ ବାନରମାନଙ୍କ ପ୍ରସ୍ଥାନ, ଜାମ୍ବମାନଙ୍କ ଦ୍ୱାରା ହନୁମାନଙ୍କ ବଳ ସ୍ମରଣ ଆଦି ସମାନ ବର୍ଣ୍ଣନା ରହିଛି ।

ଜଗମୋହନ ରାମାୟଣରେ ବାନରମାନେ ସୀତାଙ୍କୁ ଖୋଜିବାକୁ ଗଲାବେଳେ ଗିରିଜା କନ୍ୟା ସହ ଭେଟ ହୋଇଥିବାବେଳେ । କନ୍ତୁ  ରାମଚରିତ ମାନସରେ ବାନରମାନେ ସୀତାଙ୍କୁ ଖୋଜିବାକୁ ଗଲାବେଳେ ସ୍ୱୟଂପ୍ରଭାଙ୍କ ସହ ଭେଟ ହୋଇଛନ୍ତି । ଜଗମୋହନ ରାମାୟଣରେ

ISSN NO.
2582-208X

ସୁଗ୍ରୀବକୁ ରାଜା କରାଇବା ପରେ ରାମଚନ୍ଦ୍ର ମାଲ୍ୟବନ୍ତ ପର୍ବତରେ ଚତୁର୍ମାସ୍ୟା ଯାପନ କରିଥିବା କଥା ବର୍ଣ୍ଣନା ରହିଥିବାବେଳେ ରାମଚରିତ ମାନସରେ ସୁଗ୍ରୀବକୁ ରାଜା କରାଇ ରାମଚନ୍ଦ୍ର ପ୍ରବର୍ଷଣ ପର୍ବତରେ ବାସ କରିବା କଥା ବର୍ଣ୍ଣନା ରହିଛି ।

ଜଗମୋହନ ରାମାୟଣ ଓ ରାମଚରିତ ମାନସର ସୁନ୍ଦରାକାଣ୍ଡରେ ହନୁମାନଙ୍କର ସୀତାଙ୍କୁ ଠାବ କରିବା ପାଇଁ ଲଙ୍କାଯାତ୍ରା, ଅଶୋକବନରେ ସୀତାଙ୍କୁ ଦର୍ଶନ, ସୀତା ଓ ତ୍ରିଜଟା ସମ୍ବାଦ, ହନୁମାନଙ୍କର ବିଭୀଷଣ ସହ ଭେଟ, ହନୁମାନଙ୍କ ଦ୍ୱାରା ଅଶୋକବନ, ବିଧ୍ୱଂସନ, ଅକ୍ଷୟ କୁମାର ବଧ, ଲଙ୍କା ଦହନ । ବିଭୀଷଣଙ୍କ ରାବଣକୁ ଉପଦେଶ, ହନୁମାନଙ୍କୁ ସୀତାଙ୍କ ମଥାମଣୀ ପ୍ରଦାନ ଆଦି କେତେକ ବିଷୟ ସମାନ ରହିଛି ।

ଜଗମୋହନ ରାମାୟଣରେ ବର୍ଣ୍ଣିତ ଯେ ହନୁମାନ ଲଙ୍କାରେ ପ୍ରବେଶ କରି ରାବଣଙ୍କ କୋଳରେ ମନ୍ଦୋଦରୀକୁ ଦେଖି ସୀତା ବୋଲି ସନ୍ଦେହ କରି ବହୁ ଗାଳ ଦେଇଥିଲେ ।

ମାରିବି ରାବଣ  ସୀତ୍ୟା ବେନଜନ । ୟେତେ ବୋଲି ଭ୍ରମର ହୋଇଲା ହନୁମାନ ।।
ମନ୍ଦୋଦରୀ ନକଟକୁ ଗଲାବୀର ଯହୁଂ । ମଦିରା ବାସଗନ୍ଧ  ଗନ୍ଧାଇଲା ତହୁଁ ।।
ୟେହୁଁ ସୀତ୍ୟା ନୋହାଇ ବୋଲିଣ ବାହୁଡ଼ିଲା । ହୃଦରେ ବିଗ୍ଚାରିଣ ଭ୍ରାନ୍ତ ସେ ଛାଡ଼ିଲା ।।
(୧୩)

ହନୁମାନ କ୍ରୋଧଭର ହୋଇ ରାବଣ ଓ ସୀତାଙ୍କୁ ମାରିବ ବୋଲି ମନେ ମନେ ସ୍ଥିର କରି ଭ୍ରମର ରୂପ ଧରି ମନ୍ଦୋଦରୀ ନକଟକୁ ଗଲେ । ସେଠାରେ ମଦିରା ଗନ୍ଧ ହେବାରୁ ସେ ସୀତା ନୁହଁ ବୋଲି ମନରୁ ସନ୍ଦେହ ଦୂର କଲେ ।  ରାମଚରିତ ମାନସରେ ହନୁମାନ ଏଭଳ ସୀତାଙ୍କ ବିଷୟ ରେ ସନ୍ଦେହ କରିଥିବାର ବର୍ଣ୍ଣନା ନାହିଁ ।

ISSN NO.
2582-208X

ଜଗମୋହନ ରାମାୟଣରେ ହନୁମାନ ଲଙ୍କାରେ ପ୍ରବେଶ କରିବା ପରେ ରାବଣର ଶୟନ କକ୍ଷରେ ଭ୍ରମର ରୂପରେ ପ୍ରବେଶ କରିଛନ୍ତି । କିନ୍ତୁ ରାମଚରିତ ମାନସରେ ହନୁମାନ ଲଙ୍କାରେ ପ୍ରବେଶ କରିବାବେଳେ ମଶାଭଳି ଛୋଟ ରୂପ ଧାରଣ କରିଥିଲେ ।

ମସକ ସମାନ ରୂପ କପି ଧାରୀ । ଲଂକହି ଚଲେଉ ସୁମରି ନରହରି ।।
ନାମ ଲଂକନୀ ଏକ ନିସିଚରୀ । ସୋ କହ ଚଲେସି ମୋହି ନିଂଦରୀ ।। (୧୪)

ହନୁମାନ ଲଙ୍କାରେ ପ୍ରବେଶ କରିବା ବେଳେ ନଗରରେ ବହୁ ସଂଖ୍ୟକ ପ୍ରହରୀଙ୍କୁ ଦେଖି ମଶାଭଳି କ୍ଷୁଦ୍ର ରୂପ ଧାରଣ କଲେ ଏବଂ ଶ୍ରୀରାମଙ୍କୁ ସ୍ମରଣ କରି ଲଙ୍କା ଗଡ଼ରେ ପ୍ରବେଶ କଲେ । ନଗର ଦ୍ୱାରରେ ଲଙ୍କିନୀ ନାମକ ଏକ ରାକ୍ଷସୀଙ୍କୁ ନପଚାରି ଲଙ୍କାରେ ପ୍ରବେଶ କରିବାରୁ ସେ ପାଟି କରିଥିଲେ ।

ଜଗମୋହନ ରାମାୟଣର ସୁନ୍ଦରକାଣ୍ଡରେ ହନୁମାନ ଲଙ୍କା ଯିବା ବାଟରେ ମଣିନାଗର ଅଭିନନ୍ଦନ, ନାଗମାତାର ପଥରୋଧ, ରାହୁମାତାର ବିରୋଧ ଆଦି ବର୍ଣ୍ଣନ ଥିବାବେଳେ ରାମଚରିତ ମାନସରେ ହନୁମାନ ଲଙ୍କା ଯିବା ବାଟରେ ତାଙ୍କ ବଳ ପରୀକ୍ଷା ପାଇଁ ଦେବତାମାନେ ସର୍ପମାନଙ୍କର ମାତା ସୁରସାଙ୍କୁ ପଥରୋଧ ପାଇଁ ପଠାଇଥିବାର ବର୍ଣ୍ଣନା ରହିଛି । ଜଗମୋହନ ରାମାୟଣ ଓ ରାମଚରିତ ମାନସର ସୁନ୍ଦରକାଣ୍ଡରେ ହନୁମାନଙ୍କ ଲଙ୍କା ଦହନ କଥା ବର୍ଣ୍ଣିତ ହୋଇଛି, କିନ୍ତୁ ଜଗମୋହନ ରାମାୟଣ ହନୁମାନଙ୍କ ଲଙ୍କା ଦହନ ପରେ ରାବଣ ବିଶ୍ୱକର୍ମାଙ୍କୁ ଡ଼ାକି ପୁନଃ ଲଙ୍କା ନିର୍ମାଣ କଥା ବର୍ଣ୍ଣନା କରିଛନ୍ତି । କିନ୍ତୁ ରାମଚରିତ ମାନସରେ ଲଙ୍କା ଦହନ ପରେ ପୁନଃ ଲଙ୍କା ନିର୍ମାଣ କଥା ବର୍ଣ୍ଣନା ନାହିଁ ।

ISSN NO.
2582-208X

ବଳରାମ ଦାସଙ୍କ ଜଗମୋହନ ରାମାୟଣ ଓ ତୁଳସୀଦାସଙ୍କ ରାମଚରିତ ମାନସରେ ଦୁଇ କବି ରାମଙ୍କ ଚରିତ୍ରକୁ ମୁଖ୍ୟ ମୁଖ୍ୟ ରୂପେ ଗ୍ରହଣ କରିଛନ୍ତି । ବଳରାମଦାସ ରାମଚନ୍ଦ୍ରଙ୍କୁ ସାଧାରଣ ମାନବ ରୂପେ ଦର୍ଶାଇଛନ୍ତି, ଯେପରି ଶିବ ପାର୍ବତୀଙ୍କ ବିବାହରେ ଶୃଙ୍ଗାରିକତାର ବର୍ଣ୍ଣନା, ଶବରୀ, ଶ୍ରୀରାମଙ୍କୁ ଅଇଁଠା ଫଳ ଦେବା, ଶ୍ରୀରାମଙ୍କ ମାଂସ ଭକ୍ଷଣ, ହନୁମାନଙ୍କର ସୀତାଙ୍କୁ ସଂନ୍ଦେହ ଇତ୍ୟାଦି । ସାଧାରଣ ମାନବର ସୁଖ ଦୁଃଖ, ପ୍ରେମ ପ୍ରତାରଣା ସବୁକୁ ବଳରାମ ଦାସ ରାମଙ୍କ ଚରିତ୍ରମାଧ୍ୟମରେ ଦର୍ଶାଇଛନ୍ତି । ତୁଳସୀଦାସ କନ୍ତୁ ରାମଚନ୍ଦ୍ରଙ୍କୁ ଭଗବାନ ରୂପରେ ଅବତାରଣା କରାଇଛନ୍ତି । ସେ ଶ୍ରୀରାମଙ୍କୁ କାମ, କ୍ରୋଧ, ଲୋଭ, ମୋହ ଆଦି ବିଷୟରୁ ଦୂରିଭୂତ କରାଇ ଏକ ଆଦର୍ଶ ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଛନ୍ତି ।

ପ୍ରାନ୍ତଟୀକା

୧. ସଂ- ସାହୁ, କୃଷ୍ଣଚରଣ, ବଳରାମ ଦାସ ରଚନା ସମ୍ଭାର, ଜଗମୋହନ (ଦାଣ୍ଡିରାମାୟଣ) ସମ୍ପୂର୍ଣ୍ଣ ଓ ଅନ୍ୟାନ୍ୟ ରଚନା, ପ୍ରକାଶକ, ବିଜୟ ସେନାପତି, ଆଇ.ଆର୍.ସି. ଭିଲେଜ୍, ନୂଆପଲ୍ଲୀ, ଭୁବନେଶ୍ୱର, ୨୦୧୨ ଆଦିକାଣ୍ଡ, ପୃଷ୍ଠା-୧

୨. ତତ୍ରୈବ, ପୃଷ୍ଠା-୯୮

୩. ତତ୍ରୈବ, ପୃଷ୍ଠା-୯୮

୪. ରାଉତ, ଭୋଳାନାଥ, ଦାଣ୍ଡିରାମାୟଣରେ ଲୋକ ସଂସ୍କୃତି, ପ୍ରକାଶକ ଶ୍ରୀ ବିଜୟ ଶଙ୍କର ପାତ୍ର, ଓଡ଼ିଶା ବୁକ୍‌ଷ୍ଟୋର୍, ବିନୋଦ ବିହାରୀ, କଟକ, ପ୍ରଥମ ପ୍ରକାଶ, ୧୯୯୮, ପୃଷ୍ଠା-୫୬

୫. ଦାସ, ତୁଳସୀ, ରାମଚରିତମାନସ, ଟୀକାକାର୍, ପୋଦ୍ଦାର, ହନୁମାନ ପ୍ରସାଦ, ଗୀତା ପ୍ରେସ୍, ଗୋରଖପୁର, ୨୨ ପ୍ରକାଶନ, ୨୦୨୦, ବାଳକାଣ୍ଡ ପୃଷ୍ଠା-୫୬

ISSN NO.
2582-208X

୬. ତତ୍ରୈବ ପୃଷ୍ଠା-୧୧୧

୭. ବଳରାମ ଦାସ ରଚନା ସମ୍ଭାର, ଅଯୋଧ୍ୟାକାଣ୍ଡ, ପୃଷ୍ଠା-୧୬୮

୮. ରାମଚରିତ ମାନସ, ଅଯୋଧ୍ୟାକାଣ୍ଡ, ପୃଷ୍ଠା-୩୩୧

୯. ବଳରାମ ଦାସ ରଚନା ସମ୍ଭାର, ଆରଣ୍ୟକକାଣ୍ଡ, ପୃଷ୍ଠା-୨୫୪

୧୦. ରାମଚରିତ ମାନସ ଅରଣ୍ୟକାଣ୍ଡ, ପୃଷ୍ଠା-୬୨୫

୧୧. ବଳରାମ ଦାସ ରଚନା ସମ୍ଭାର, ଅଯୋଧ୍ୟାକାଣ୍ଡ, ପୃଷ୍ଠା-୨୦୮

୧୨. ରାମଚରିତମାନସ, ବାଳକାଣ୍ଡ, ପୃଷ୍ଠା -୧୯୧

୧୩. ବଳରାମ ଦାସ ରଚନା ସମ୍ଭାର, ସୁନ୍ଦରାକାଣ୍ଡ, ପୃଷ୍ଠା-୩୫୪

୧୪. ରାମଚରିତମାନସ, ସୁନ୍ଦରାକାଣ୍ଡ, ପୃଷ୍ଠା-୬୭୬

ଗବେଷିକା
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN NO.
2582-208X

# ପଥର



ବଂଶୀଧର ସା

କିଏ କହେ ତାର ଜୀବନ ନାହିଁ ?
କିଏ କହେ ତାର ସ୍ପନ୍ଦନ ନାହିଁ ?
କିଏ କହେ ତାର କାମନା ନାହିଁ ?
କିଏ କହେ ତାର ବାସନା ନାହିଁ ?
ଯିଏ ନିଜକୁ, ନିଜର ସ୍ୱପ୍ନକୁ ଚୁରମାର କରି
ଖଣ୍ଡ ବିଖଣ୍ଡିତ କରି, ଧୂଳିସା ତକରି
ଏ ମଣିଷକୁ ଜିଇଁବାର ରାହା ଦେଖାଏ
ସୁଖ ସ୍ୱାଚ୍ଛନ୍ଦ୍ୟର ବାସଟିଏ ଦିଏ
କାମନା ବାସନାର ପୂର୍ତ୍ତିପାଇଁ ଯିଏ
ନିଜର ସମସ୍ତ ଇଚ୍ଛାକୁ ଆହୁତି ଦିଏ
ତାଠାରେ ବା ଏଇ ଜୀବନର ମାନେ କଣଯେ !
ଯେଉଁଦିନୁ ସେ ବୁଝିପାରେ ଦାୟିତ୍ୱ ନିଜର
ପିଇଯାଏ ନିନ୍ଦା ଅପବାଦ ସବୁ ସମାଜର
ଆଉ ନୀଳକଣ୍ଠ ସାଜି ତୃଷାକୁ ମେଣ୍ଟାଏ
ଯାହା ସତେଅବା ଅବହେଳିତ ଅନେକ ଜନ୍ମର

ISSN NO.
2582-208X

ସମସ୍ତ ପ୍ରତିକୂଳ ପରିସ୍ଥିତିର କଷଟିରେ
ବହୁବାର ଘସିହୋଇ ନଜକୁ ସ୍ୱଚ୍ଛ ପ୍ରମାଣିତ କରେ
ଆଉ ସମାଜର ଲୋଲୁପ ଦୃଷ୍ଟିରୁ ନଜ ସୃଷ୍ଟିକୁ ସୁରକ୍ଷିତ ରଖେ
ତେବେତ ସୃଷ୍ଟି ଆଗକୁ ଆଗକୁ ଯାଇ ସମ୍ମାନିତ, ସମ୍ବର୍ଦ୍ଧିତ ହୁଏ।
କିନ୍ତୁ ସୃଷ୍ଟିର ପାରିବାରପଣିଆରେ ସ୍ରଷ୍ଟା ଯେତେବେଳେ
ଆନନ୍ଦିତ, ଉତଫୁଲ୍ଲିତ ହୁଏ, ପଛକୁ ଫେରି ଚାହେଁ
ଅନେକଦିନରୁ ସମୟର ନାଲି ଫରୁଆରେ ସଞ୍ଚିତ ଥିବା
ଉତ୍ସାହ, ଉଦ୍ଦୀପନାକୁ ଉପଭୋଗ କରିବାକୁ ଚାହେଁ
ସେତେବେଳେ ନା ସୃଷ୍ଟିଥାଏ, ନା ଜୀବନ ସଙ୍ଗିନୀର ସହଯୋଗ ଥାଏ
କର୍ତ୍ତବ୍ୟର ଡାକରାରେ ସୃଷ୍ଟି ଅନେକ ଦୂରକୁ ଚାଲିଯାଏ
କେତେବେଳେ ଜୀବନସଙ୍ଗିନୀ ତାର ନିସ୍ତେଜ କ୍ଳାନ୍ତ ଅବୟବକୁ
ସ୍ରଷ୍ଟା ଦେହରେ ଲଟେଇଦିଏ ତାହା ଆଦୌ ଜଣା ପଡେନି।
କିନ୍ତୁ ପ୍ରକୃତିର ନିୟମ ବିଚିତ୍ର, ଶେଷରେ ସୃଷ୍ଟିକୁ ଆସିବାକୁ ହୁଏ
ଆଉ କୃତଜ୍ଞତାର ନିଦର୍ଶନ ସହ ଏକ ପ୍ରତିମୂର୍ତ୍ତିର ଉନ୍ମୋଚନ କରି
ସ୍ରଷ୍ଟାକୁ କରିଯାଏ "ପଥର, ପଥର, ଆଉ ପଥର" ।

ଅବସରପ୍ରାପ୍ତ ଶିକ୍ଷକ
ବରପାଲିପଡା, ବଲାଙ୍ଗୀର, ଓଡ଼ିଶା

ISSN NO.
2582-208X

# ଅନାହୂତ ଅଭିଳାଷ



ବେଣୁଧର ସୂତାର

ବର୍ଷା ଭିଜା ଏଇ ଗୋଧୂଳି ଲଗନେ
ଖୋଜୁଛି ତୁମକୁ ବନ୍ଧୁ
ମୋ ତନୁ ତୀର୍ଥରେ ଲହଡ଼ି ମାରୁଛି
ଅସ୍ତରାଗ ଝରା ବିନ୍ଦୁ ।।

ପ୍ରୀତି ଛନ୍ଦମୟୀ କୁମୁଦବତୀ ମୁଁ
ତୁମେ ମୋ ସପନ ଇନ୍ଦୁ
ମୁଁ ନଶ୍ୱର ଦେହୀ ତୁମେ ଚରନ୍ତନ
ନୀଳାମ୍ବର ବିମଳେନ୍ଦୁ ।।

ତୁମେମୋ ମନର ସ୍ୱପ୍ନକୁମାର ମୁଁ
ଅନୁରାଗୀ ପ୍ରଣୟିନୀ
ପ୍ରୀତି ଜୋଛନାର ଆଶାଅଭିସାରେ
ସାଜି ଅଛି ଗୃତକନୀ ।।

ପ୍ରୀତି ସୁଧା ଝରା ଜୋଛନା ମଦିରା
ନୀଳ ଆକାଶର ତଳେ
ତନୁତୀରେ ମୋର
ପ୍ରୀତି ରୋମାଞ୍ଚରେ
ଉଦ୍ଦାମ ଲହରି ତୋଳେ ।।

ISSN NO.
2582-208X

ତୁମେ କି ବୁଝନା ପିଆସୀ ପ୍ରାଣର
ଗହନ ଗୋପନ ଭାଷା
ମୁଁ ଯେ ନବନୀତା ପ୍ରୀତି ପ୍ରତୀକ୍ଷିତା
ତନୁରେ ଆଦିମ ତୃଷା ।।

ବଢ଼ି ବଢ଼ି ଯାଏ ଛାତିରେ ଉଷ୍ମତା
ଅଙ୍ଗେ ମୋ ଅନଙ୍ଗ ଭାର
ତନୁଶ୍ରୀ ଅଙ୍ଗରେ ରଚିଯାଅ ଥରେ
ରମ୍ୟ ରାସେ ଅଭିସାର ।।

ତୁମେ ନୀଳନଭ ସୌମ୍ୟମୟସତ୍ତା
ମୁଁ ମାଟିର ମଦାଳସା
ଶୃଙ୍ଗାର ରଚିଛି ତୁମ ପାଇଁ ପ୍ରିୟ
ପ୍ରୀତି ଅଭିଳାଷି ଯୋଷା ।।

ରୂପସୀ ରମଣୀ ନିଶି ନାୟିକା ମୁଁ
ପ୍ରଣୟର ମଧୁଶାଳେ
ପ୍ରେମରପୂରବୀ ତୋଳେ ତୁମପାଇଁ
ଭିଜା ଭିଜା ସଞ୍ଜ ବେଳେ ।।

ପ୍ରୀତି ଆକାଶର ଚନ୍ଦ୍ରମା ତୁମେଗୋ
ଜୋଛନା ଝରାଇ ଆସ
ପ୍ରେମ ପ୍ରଣୟର ମଗ୍ନ ଅଭିସାରେ
ବିରହିଣୀ ମନ ତୋଷ ।।

କେଶଦୁର୍ବାପାଳ କେନ୍ଦୁଝର
ମୋ -୯୧୭୮୫୬୮୨୪୬

ISSN NO.
2582-208X

# ଚିରନ୍ତନ ଶାଶ୍ୱତ ପ୍ରେମ



ଭାଗ୍ୟଶ୍ରୀ ନନ୍ଦ

ସେ ସମୟ ଟା ବୋଧହୁଏ ସେମିତି ଥିଲା
ଯିଏ ତୁମକୁ ମୋ ସହ ମିଶେଇଥିଲା ।
ଝାଉଁଳ ପଡ଼ିଥିବା ବଗିଚ୍ଛଟି
ପୁଣି ସତେଜ ହୋଇ ଉଠିଥିଲା
ତୁମ ହାତର ସେ ଯାଦୁକରୀ ସ୍ପର୍ଶରେ ।
ନୂତନ ଉନ୍ମାଦନା ସଞ୍ଚରି ଯାଇଥିଲା
ମୋ ମନ ଓ ପ୍ରାଣରେ ।
ହଠାତ ନଦାଘ ବୈଶାଖୀ ଝାଞ୍ଜିସବୁ
ନଜ ଦିଗର ମୋଡ଼ ବଦଳେଇ ଦେଇଥିଲେ ।
ଗ୍ଭରିଆଡେ ମଳୟ ଯେପରି
କେବଳ ଶରୀର ନୁହେଁ
ଆତ୍ମାକୁ ମଧ୍ୟ ପୁଲକତ କରିଦେଉଥିଲା ।।
ଲିଭି ଆସୁଥିବା ଆବେଗ ସଳତାର ଶିଖାଟି
ପୁଣିଥରେ ନୂତନ ଆଲୋକରେ
ଆପେ ଆପେ ତେଜି ହୋଇଯାଉଥିଲା ।
ମୋ ଭିତରେ କ୍ଷୀଣ ହୋଇଆସୁଥିବା
ଆଶା ଓ ଉଲ୍ଲାସ ଯେତେ
ପୁଣିଥରେ ଚେଇଁ ଉଠୁଥିଲା ।।

ISSN NO.
2582-208X

ମୋ ଶରୀର ଭିତରେ ବି
ହୃଦୟଟିଏ ଅଛି ବୋଲି
ମୁଁ ପ୍ରଥମଥର ପାଇଁ ଅନୁଭବ କରିପାରୁଥିଲି ।
ଭଙ୍ଗା ଦଦରା ହୃଦୟଟିକୁ ମଧ୍ୟ
ନୂତନତାର ରୂପ ଦେଇହୁଏ ବୋଲି
ନିଜ ଦୃଷ୍ଟିପଟରେ ଦେଖି ପାରୁଥିଲି ।
ପବିତ୍ର ଆତ୍ମାର ବନ୍ଧନ
ଶରୀରଠୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଅଟେବୋଲି
ତୁମେ ହିଁ ପ୍ରମାଣିତ କରିଛ ।
ତୁମ ପାଇଁ ମୁଁ ନିଜକୁ ପାଇଛି
ନୂତନତାର କରଣ ମୋ ଭିତରେ ବି
ସଞ୍ଚରି ଯାଇଛି ।
ପ୍ରେମ ଚିରନ୍ତନ ଓ ଶାଶ୍ୱତ
ଏ ଉକ୍ତିର ଯଥାର୍ଥତା
ଆମ ପାଇଁ ସତ ସାଜିଛି ।

ଭି.ଏସ୍.ଏସ ନଗର
ଭୁବନେଶ୍ୱର

ISSN NO.
2582-208X

# ଏମିତି ନାରୀକୁ ଦୂରୁ ଜୁହାର



କୁଞ୍ଜ ବିହାରୀ ସାହୁ

(କ)
ବିଧବା ନାରୀ ଫୁଟାଣି ଦେଖ
ନ ପିନ୍ଧି ଧଳା ଶାଢ଼ି,
ଭ୍ୟାନିଟି ବ୍ୟାଗ ଝୁଲାଇ ବେକେ
ଚାଲଇ ମାଡ଼ି ମାଡ଼ି ।

ରାଗ ଗରବ ଦେଖଉଥାଏ
ସାଇପଡ଼ିଶା ସାଥେ,
ଲୁଚିଲୁଚିକା ଚେର କାଟଇ
ଜାଣିନି କିଛି ସତେ ।

ଜ୍ୱାଇଁକୁ କେବେ ପଚାରେ ନାହିଁ
ଝିଅକୁ ରଖେ ପାଖେ,
ନାତୁଣୀଟିକୁ କରଇ ଗେଲ
ଧରଇ ନିତି କାଖେ ।

ସକାଳ ସଞ୍ଜେ ଝିଅକୁ ଧରି
ବୁଲଇ ଗଳିକନ୍ଦି,
କାହାଠୁ କେବେ ମିଳିବ ଲାଭ
ଖୋଜଇ ବାଟ ଫନ୍ଦି ।

ISSN NO.
2582-208X

ଶାନ୍ତସୁଧାର ବୋହୁକୁ କହେ
କରିବାପାଇଁ କାମ,
ଟି.ଭି ପାଖରେ ବସିକି ଭାଳେ
କାହାକୁ ଦେବ ନାମ !

ପୁଅ କାନରେ ବୋହୂ ଦୁର୍ଗଣ
ଶୁଣାଇ କରେ ଗାଳି,
ବିଚରା ବୋହୂ ହାଣ୍ଡିଶାଳରେ
କାନ୍ଦଇ ଲୁହ ଢାଳି ।

(ଖ)
ଶାଶୁ, ଶ୍ୱଶୁର, ସ୍ୱାମୀକୁ ଛାଡ଼ି
ଯେଉଁ ଝିଅଟି ରହେ,
ସେ ଝିଅର ରାଗିଲା ପଣ
କିଏ ବା ଭଲା ସହେ !

ସେ ଝିଅଟି ବିଧବା ଠାରୁ
ଆହୁରି ଭୟ ଲାଗେ,
କଣ୍ଟାବାଡ଼ରେ ଲୁଗା ଶୁଖେଇ
କଳି କରଇ ଆଗେ ।

ଭାବଇ ଏକା ଚତୁର ବୋଲି
ଶାଗୁଣା ପକ୍ଷୀ ପରି,
ବନ୍ଧୁବାନ୍ଧବେ ଲଗାଏ ନିଆଁ
ବାରୁଦ ମୁହେଁ ଧରି ।

ISSN NO.
2582-208X

ମାଆର କାନିପଣତ ଧରି
ମାଆର ବୋଲ ଶୁଣେ,
ସ୍ୱାମୀର ମନେ ବିଷ ବିହନ
ବେଳକୁ ଚାହିଁ ବୁଣେ ।

ମାଆ କଥାରେ ଶାଶୁ ଶ୍ୱଶୁରେ
ଚାକର ପରି ଭାବେ,
ଶାଶୁଘରର ପରିଜନଙ୍କୁ
ଗର୍ଜନ କରି ରାବେ ।

ବାହା ହେଇକି ସ୍ତ୍ରୀ ଗୁଣଟି
ଭୁଲିଯାଉଛି ଛାଏଁ,
ନିଜେ ବଞ୍ଚିଲେ ବାପର ନାଆଁ
ସଭିଙ୍କୁ କରେ ବାୟ !

ଏବଂ ଶେଷରେ -

ଏମିତି ନାରୀ ଦୂରୁ ଜୁହାର
ବେଳହୁଁ ସାବଧାନ,
ନୋହିଲେ କାନ୍ଦି କାନ୍ଦି ମରିବ
ହଜିବ ସୁଖ,ମାନ ।

ପାତ୍ରପଡା, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ପ୍ରେମ

ସୁଜାତା ପାହାନ

ବେଳେ ବେଳେ ଲାଗେ ସବୁ ନସ୍ୱ ଏ ଜୀବନେ
ଲାଗେ ଫିକା ସ୍ନେହ, ଶ୍ରଦ୍ଧା, ପ୍ରେମ ଆଉ ଭଲ ପାଇବା ॥
ପ୍ରେମ ବି ଲାଗେ ଆଜି ପ୍ରତାରଣା ପରି
କାହିଁକି ଆଜି ସେ ନିଃସ୍ୱାର୍ଥ ପ୍ରେମର ଅନୁଭବ ?
ସଂପର୍କ ବି ଭାଙ୍ଗିପାରେ ଦଲକାଏ ପବନରେ
ପ୍ରାଚୀନ ଦୁର୍ଗ ବି ଭାଙ୍ଗିପାରେ ନୀରବରେ ।

ଏ ତ ନୁହଇ ରାଧା ଆଉ କୃଷ୍ଣଙ୍କ ପ୍ରେମ ପରି ନିବିଡ ଏବଂ ଶକ୍ତ
ଯାହା ପ୍ରମାଣିତ କରେ ଯୁଗେ ଯୁଗେ ଚିର ଶାଶ୍ୱତ ପ୍ରେମର ।

ପାଇ କିଏ ଦୁଃଖୀ ଏଠି ହରାଇ କେ ସୁଖୀ
ସ୍ୱାର୍ଥ ଲାଗି ପ୍ରେମ ବି ପ୍ରତାରଣା ମୁଖୀ ।
ପବିତ୍ର ପ୍ରେମରେ ଥାଏ କି ସ୍ୱାର୍ଥ ଅବା ଅନୁଶୋଚନା
ସେ ତ ତ୍ୟାଗ ଆଉ ନିଃସ୍ୱାର୍ଥ ଭାବ ରୂପକ ବ୍ୟଞ୍ଜନା ।
ଯାହାର ନା ଅଛି ପରିକଳ୍ପନା
ନା ଅଛି କିଛି ବିକଳ୍ପର ସମ୍ଭାବନା ।

ଅଧ୍ୟାପିକା
ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ
ପୋଖରୀପୁଟ, ଭୁବନେଶ୍ୱର

ISSN NO.
2582-208X

# ମାଦଳାପାଞ୍ଜିରେ ଶ୍ରୀ ଜଗନ୍ନାଥ ସଂସ୍କୃତି



ତେଜସ୍ୱିନୀ ସାମଲ

ଲୀଳାମୟ ଶ୍ରୀ ଜଗନ୍ନାଥ ସେ ସଗୁଣ - ନିର୍ଗୁଣ, ପରଂବ୍ରହ୍ମ, ସନାତନ । ସେ ଦାରୁବ୍ରହ୍ମ, ଅନିର୍ବାଚନୀୟ ସଚ୍ଚିଦାନନ୍ଦ । ସେ ଅବ୍ୟକ୍ତ - ଗୁଣାକାର - ଇନ୍ଦ୍ରିୟାତିତ ।

ପବିତ୍ର ନିଳାଦ୍ରୀ ନୀଳଶୈଳ ଶ୍ରୀକ୍ଷେତ୍ର ଭୂମି ପୁରୀରେ ନୀଳମାଧବ ଶ୍ରୀଜଗନ୍ନାଥ ରୂପେ ଶୋଭାପାଉଛନ୍ତି । ମଧୁରମୟ ଠାକୁର, ମଙ୍ଗଳମୟ ନାମ । ଜନଗଣ ଦ୍ୱାରା ପୂଜିତ ସେହି ପତିତପାବନ ପାପ ଦ୍ୱାରା ମନୁଷ୍ୟର ଅଧପତନ ଘଟୁଥିବା ବେଳେ ସେ ହିଁ ଭକ୍ତକୁ ପବିତ୍ର କରି ସେଥିରୁ ଉଦ୍ଧାର କରନ୍ତି। ମହାପ୍ରଭୁ ହେଉଛନ୍ତି ମହାମୂର୍ତ୍ତୀ । ବିଶାଳରୂପ ତାଙ୍କର ! ସେ ମହାଶକ୍ତି । ଏହି ସଂସାରକୁ ଧାରଣ କରିଥିବା ମହୀଧର ପ୍ରଭୁ ହେଉଛନ୍ତି ସ୍ୱୟଂ ତପମୂର୍ତ୍ତୀ । ସାରା ସଂସାରର ଅଧିପତି ଭାବେ ସଂସାରକୁ ଚଳାଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁଙ୍କ ତପ ବଳରେ ହିଁ ନନ୍ଦିଘୋଷ ରୂପକ ସଂସାର ଚଳଚଂଚଳ ହୋଇଉଠିଛି ।

ସୃଷ୍ଟି ଆରମ୍ଭକୁ ସାରା ମାନବ ସମାଜକୁ ସେ ହିଁ ଆନନ୍ଦର ସ୍ୱରୂପ ଶିକ୍ଷା ଦେଇଛନ୍ତି । ପ୍ରଭୁଙ୍କର ଶଂଖ, ଚକ୍ର, ଗଦା, ପଦ୍ମ ମନରେ ବିଶ୍ୱଶାନ୍ତିର ଅନୁଭବ ଆଣେ । ଶଂଖରେ ଶାନ୍ତି ଧ୍ୱନି, ଚକ୍ରରେ ଜଗତର ସୁରକ୍ଷା, ଗଦାରେ ଅଧର୍ମର ବିଲୋପ ଏବଂ ପଦ୍ମରେ ଭକ୍ତିର ପ୍ରକାଶ ହେଉଛି । ବଡ ଠାକୁର ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ଭକ୍ତପ୍ରାଣ ବଲ୍ଲଭ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅବସ୍ଥାନ କରି ସାରା ସଂସାରକୁ କୃପା କରୁଛନ୍ତି ।

ISSN NO.
2582-208X

ଶ୍ରୀଜଗନ୍ନାଥ ଅନନ୍ତ କାଳରୁ ପୁରାଣ, ଧର୍ମ, ସଂସ୍କୃତି, ଇତିହାସ ଓ ଆଧ୍ୟାତ୍ମିକ ଜଗତର ପ୍ରାଣ କେନ୍ଦ୍ର । ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ନୀଳାଦ୍ରୀମହୋଦୟ, ନାରଦ ପୁରାଣ, କପିଳ ସଂହିତା ଓ ବାମଦେବ ସଂହିତା ପ୍ରଭୃତି ଶାସ୍ତ୍ର ଝଙ୍କୃତ ହୋଇ ଉଠିଛି, ତାଙ୍କରି ଗୁଣଗାନ ଗାଥାରେ। ଧର୍ମଜଗତରେ ଆଲୋଡନ ସୃଷ୍ଟି କରିଛି, ତାଙ୍କର ଧର୍ମାଦର୍ଶ, ଦର୍ଶନ ଓ ଚିନ୍ତାଧାରା । ଗୋଟିଏ ସ୍ୱତନ୍ତ୍ର ସଂସ୍କୃତି - ଜଗନ୍ନାଥ ସଂସ୍କୃତି ପରିପ୍ରକାଶ ଲାଭ କରିଛି, ତାଙ୍କୁ ହିଁ କେନ୍ଦ୍ର କରି, ଇତିହାସ ଗଢ଼ି ଉଠିଛି ତାଙ୍କୁ ଆଧାର କରି ଏବଂ ସେ ହିଁ ଇତିହାସର ସୃଷ୍ଟିକର୍ତ୍ତା ହୋଇଛନ୍ତି ଏବଂ ସର୍ବୋପରି ଆଧ୍ୟାତ୍ମିକ ଆକାଶର ସେ ହେଉଛନ୍ତି, ଉଜ୍ଜ୍ୱଳତମ ନକ୍ଷତ୍ର ।

ବେଦ, ଉପନିଷଦ, ରାମାୟଣ, ମହାଭାରତ ତଥା ପୁରାଣ ସାହିତ୍ୟର ସ୍ରଷ୍ଟା, କର୍ତ୍ତା ତଥା ନାୟକ ହେଉଛନ୍ତି ଶ୍ରୀଜଗନ୍ନାଥ । ମହାଭାରତରେ ଜଗନ୍ନାଥ ଧର୍ମ ସମ୍ବନ୍ଧରେ କୁହାଯାଇଛି-

"ଏଷଧର୍ମ ଜଗନ୍ନାଥାତ୍ ସାକ୍ଷାତ୍ ନାରାୟଣାତ୍ ନୃପଃ।
ଏବମେଷ ମହାଧର୍ମଃ ସତେ ପୂର୍ବେ ନୃପୋତ୍ତମଃ ।"

ଅର୍ଥାତ ମହାଭାରତ ଯୁଗରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ନାରାୟଣ ସ୍ୱରୂପରେ ଏବଂ ଜଗନ୍ନାଥ ଧର୍ମକୁ ମହା ଧର୍ମ ଭାବରେ ଗ୍ରହଣ କରାଯାଇଛି । କିମ୍ବଦନ୍ତୀ, ଜନଶ୍ରୁତି ଓ ପୁରାଣ ପୃଷ୍ଠାରେ ଅବା ମାଦଳାପାଞ୍ଜି ଓ ଅଭିଲେଖରେ ସବୁଠି ସ୍ୱୟଂ ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ସେବାକାର୍ଯ୍ୟ ପାଇଁ ଅନେକ ସେବାୟତ ଓ ଗୁଣ ଗାନ ମୁଖରିତ ହୋଇଉଠିଛି।

ଶ୍ରୀମନ୍ଦିରର ବିଭିନ୍ନ ସେବାର ନାମ ଉଲ୍ଲେଖ ଅଛି । ବାହାର ଦେଉଳ ସେବା ବ୍ୟତୀତ କେବଳ ମୁଖ୍ୟ ମନ୍ଦିରରେ ସେତେବେଳେ ୨୫୦ ଶ୍ରେଣୀର ସେବା ପ୍ରଚଳିତ ଥିବା ଜଣାଯାଏ। ମିଷ୍ଟର ଗ୍ରାମ୍ ଲେଖିଛନ୍ତି-

ISSN NO.
2582-208X

ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଅନେକ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ବା ବାହାର ଦେଉଳ ମନ୍ଦିରମାନଙ୍କରେ ସେବା କରୁଥିବା ସେବକମାନଙ୍କର ସଂଖ୍ୟା ଏହି ୨୫୦ ସଂଖ୍ୟା ମଧ୍ୟରେ ବୋଧହୁଏ ଅନ୍ତର୍ଭୁକ୍ତ ନାହିଁ ।

ଅଭିଲେଖ ଅନୁସାରେ ଶ୍ରୀଜଗନ୍ନାଥଙ୍କ ସେବାପାଇଁ ମନ୍ଦିରରେ ୧୧୯ ପ୍ରକାର ବା ବର୍ଗର ସେବା ବ୍ୟବସ୍ଥା ରହିଛି । ଅଧିକାଂଶ ସେବା ବଂଶାନୁକ୍ରମିକ । ସେବକ ମାନଙ୍କ ମଧ୍ୟରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଶ୍ରେଣୀର ସେବକ ଅଛନ୍ତି । ଯେପରି-

## ଗଜପତି ମହାରାଜା ସେବା:-

ପୁରୀର ରାଜା ଶ୍ରୀଜଗନ୍ନାଥ ମନ୍ଦିରର ଆଦ୍ୟ ସେବକ । ତାଙ୍କ ସେବାର ନାମ 'ଗଜପତି ମହାରାଜା ସେବା । ତାଙ୍କର ପ୍ରଧାନ ଓ ଆକର୍ଷଣୀୟ ସେବା ହେଉଛି ଶ୍ରୀଗୁଣ୍ଡିଚା ଯାତ୍ରା ଓ ବାହୁଡ଼ାଯାତ୍ରା ଦିନ ତିନି ରଥରେ ଛେରାପହଁରା । ଏହା ବ୍ୟତୀତ ଦେବସ୍ନାନ ଯାତ୍ରାରେ ସ୍ନାନବେଦୀ ଉପରେ ଓ ଦୋଳଯାତ୍ରାରେ ଦୋଳବେଦୀ ଉପରେ ସେ ଛେରାପହଁରା କରନ୍ତି ।

## ପରିଛା । ରାଜଗୁରୁ ସେବା :-

ଓଡ଼ିଶା ରାଜାମାନଙ୍କ କାଳରେ ଏହି ପରିଛା ହିଁ ଶ୍ରୀମନ୍ଦିରର ପରିଚାଳକ ଥିଲେ, ସବୁ ନୀତି ଓ ସେବକମାନଙ୍କ କାର୍ଯ୍ୟ ତଦାରଖ କରୁଥିଲେ । କୌଣସି ସେବକ କାର୍ଯ୍ୟରେ ତ୍ରୁଟି କଲେ ରାଜାଙ୍କୁ ରିପୋର୍ଟ କରୁଥିଲେ । ଖ୍ରୀଷ୍ଟାବ୍ଦ ୧୮୦୩ରେ ଇଂରେଜମାନଙ୍କ ଶ୍ରୀଜଗନ୍ନାଥ ପୁରୀ ଅଧିକାର ଓ ଖୋର୍ଦ୍ଧା ରାଜା ରାଜ୍ୟ ଓ ଶ୍ରୀମନ୍ଦିର ହରାଇବା ପରଠାରୁ ଏମାନଙ୍କ କାର୍ଯ୍ୟ ସୀମିତ ହୋଇଗଲା ।

## ଭିତରଛ ମହାପାତ୍ର ସେବା:-

ପ୍ରତ୍ୟହ ଭୋରରୁ ସିଂହଦ୍ୱାରରେ ଉପସ୍ଥିତ ହୋଇ ସିଂହଦ୍ୱାର କବାଟ ଫିଟାଇବାକୁ ଆଦେଶ ଦିଅନ୍ତି ଓ ପତିତପାବନ ଠାକୁରଙ୍କ ଦ୍ୱାର ଫିଟାନ୍ତି । ପରେ ଜୟବିଜୟ ଦ୍ୱାରକୁ ଯାଇ

ISSN NO.
2582-208X

ସେଠାରେ ପ୍ରତିହାରୀ, ମୁଦୁଲି, ମେଳାପ ଓ ଅଖଣ୍ଡ ମେଳାପଙ୍କ ଉପସ୍ଥିତିରେ ପୂର୍ବରାତ୍ର ପହୁଡ଼ ବେଳେ ତଳିଛ ମହାପାତ୍ର ଦେଇଥିବା ମୁଦ ତଦାରଖ କରିବା ପରେ ମୁଦୁଲିଙ୍କୁ ଦକ୍ଷିଣ ଦ୍ୱାର ମୁଦ ଭାଙ୍ଗି କବାଟ ଖୋଲିବାକୁ କୁହନ୍ତି । ସେହିପରି ବିଧି ମୁତାବକ ଜୟ ବିଜୟ ହାରର ମୁଦ, କଳାହାଟ ଦ୍ୱାରର ମୁଦ ଖୋଲାନ୍ତି । ସକାଳେ ମଙ୍ଗଳ ଆଳତିରେ ଏହି ସେବକ ମହାପ୍ରଭୁଙ୍କ ଜଗନ୍ନାଥଙ୍କର ଆଳତି କରନ୍ତି ।

## ତଳିଛ:-

ପ୍ରତ୍ୟହ ସଂଧ୍ୟା ଆଳତି ସମୟରେ ମହାପ୍ରଭୁଙ୍କ ବାଡ଼ରେ ଆଳତି କରନ୍ତି । ରାତ୍ର ପହୁଡ଼ ପରେ କଳାହାଟ ଦ୍ୱାର, ଜୟବିଜୟ ଦ୍ୱାର ବନ୍ଦ ହୋଇ ମୁଦ୍ରାସେବକ ମାଟି ଲଗାଇଲେ ତଳିଛ ମାଟି ଉପରେ ଛାପା ଦିଅନ୍ତି ଓ ଭିତର ଠିକ ଭାବରେ ଶୋଧ ହୋଇଛି କି ନାହିଁ ଦେଖନ୍ତି ।

## ମୁଦ୍ରହସ୍ତ (ମୁଦିରଥ):-

ଏହି ସେବକ ଗଜପତି ମହାରାଜାଙ୍କ ପ୍ରତିନିଧି ସ୍ୱରୂପ ସେବା କରନ୍ତି । ମହାରାଜା ବିଜେ ହୋଇ ନ ପାରିଲେ ତାଙ୍କର ଯାହା ଯାହା ସେବା ଅଛି ମୁଦ୍ରହୟ ସେ ସବୁ ସିଂହାସନ ତଳେ ଠିଆ ହୋଇ କରନ୍ତି । ସର୍ବାଙ୍ଗ ବନ୍ଦାପନା ଓ ମଙ୍ଗଳାର୍ପଣରେ ବଡ଼ ଠାକୁରଙ୍କ ବାଡ଼ରେ ନୀତିକରନ୍ତି ।

ଏତତ୍ ବ୍ୟତିତ ଦେଉଳ ପୁରୋହିତ, ପୂଜାପଣ୍ଡା, ବଡ଼ପଣ୍ଡା,ମଙ୍ଗଳ ଆଳତିପାଇଁ ପୃଷ୍ଟାଳକ, ମହାଜନ, ମୁଦ୍ରା ସେବକ, ଖୁଣ୍ଟିଆ, ଶ୍ରୀଜୀଉ ମାନଙ୍କର ଦୈନିକ ଲାଗି ସୁନା ଜିନିଷ ଜିମା ପାଇଁ ଭଣ୍ଡାର ମେକାପ, ପ୍ରତ୍ୟହ ଦ୍ୱାରଫିଟା ସମୟରେ ଉପସ୍ଥିତ ହେବା, ରାତିରେ ଜୟବିଜୟ ଦ୍ୱାର ଜଗି ରହିବା ପାଇଁ ପାଳିଆ ମେକାପ, ଅଖଣ୍ଡ ମେକାପ, ଦଇତା, ପତି ମହାପାତ୍ର, ପତ୍ରିବଡୁ, ଗରାବଡୁ, ସୁଆର ବଡୁ, ଜ୍ୟୋତିଷ ଖୁରି ନାହାକ, ମୁଖ ପଖାଳ ସେବା, ଘଟୁଆରି, ଗୋଛିକାର, ସୁନା ଗୋସ୍ୱାମୀ, ମୁଦୁଲି, ଆଳତି ବଳିତା ସେବା, ପୁରାଣ

ISSN NO.
2582-208X

ପଣ୍ଡା, ଦତ୍ତ ମହାପାତ୍ର, ଲୁଗାଧୁଆ, ପାଣିକୁଣ୍ଡ ସେବା, ବଲ୍ଲଭ ଯୋଗାଣିଆ ସେବା, ବିମାନ ବଡୁ, ଖଟୁଳି ସେବକ, କୋଠଭୋଗ ଯୋଗାଣିଆ, ପାଇକ, ପ୍ରଧାନୀ, ଲେଙ୍କା, ମହାସୁଆର, ଜଗିଆ ମହାସୁଆର ବା ରୋଷ ଅମିନ,. ରୋଷ ପାଇକ ଆଦି ର ବର୍ଣ୍ଣନା ରହିଛି।

ମାଦଳାପାଞ୍ଜିରେ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତି ଉଲ୍ଲେଖ କରିଛନ୍ତି ଯେ ଯେ ରାଜା ଅନଙ୍ଗଭୀମଦେବ ଛତିଶା ନିଯୋଗ ଅର୍ଥାତ୍ ୩୬ ବର୍ଗର ସେବା ପ୍ରଚଳନ କରାଇଥିଲେ । 'ନିଯୋଗ' କହିଲେ ବୁଝାଯାଏ ଯେ ଏକ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟ ସଂପାଦନା କରୁଥିବା ସେବକ ମାନଙ୍କର ଏକ ଗୋଷ୍ଠୀ ବା ସଂଘ।

ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ଅନ୍ୟ ଏକ ମାଦଳାପାଞ୍ଜି ଉପରେ ନିର୍ଭର କରି ଲେଖିଛନ୍ତି ଯେ, ଶ୍ରୀଶଙ୍କରାଚାର୍ଯ୍ୟଙ୍କ ଆଗମନ ପୂର୍ବରୁ କେବଳ ଦଇତା ଓ ପତିମାନେ ଶ୍ରୀଜଗନ୍ନାଥଙ୍କର ସେବକ ଥିଲେ । ଶଙ୍କରାଚାର୍ଯ୍ୟଙ୍କ ସମୟରେ ଛଅ ଗୋଟି ନିଯୋଗକୁ ବୃଦ୍ଧି ପାଇଲା ।

### କୋଠ କରଣ:-

ପର୍ବପର୍ବାଣି ଭୋଗ ତାଲିକା ଦେଉଳ କରଣଙ୍କଠାରୁ ନେଇ ରୋଷ ଆଡ଼େ ଦିଅନ୍ତି । ସେବା ପୂଜାରେ ଖିଲାପ ହେଲେ ରିପୋର୍ଟ କରନ୍ତି । ରାଜା ବିଜେ କଲେ ଅନ୍ୟ କରଣଙ୍କ ସହ ଉପସ୍ଥିତ ରହନ୍ତି । ଏ ପ୍ରକାର ସେବା ବଂଶାନୁକ୍ରମିକ ।

### ବଇଠି କରଣ:-

ଏପ୍ରକାର ସେବାରେ ଉପସ୍ଥିତ ରହି ଧ୍ୱଜା, ପିଣ୍ଡିକା ଇତ୍ୟାଦି ଆମଦାନୀ ଯେତେ ଚାଲାଣ ହେବା ତାର ସିରିୟା ରଖି ସିହା କରିବେ । ରୋଷ ଆଡ଼େ ଭୋଗ ତଦାରଖ କରିବେ ।

ISSN NO.
2582-208X

## ବଂଶାନୁକ୍ରମିକ କରଣ ସେବକ

### ଦେଉଳକରଣ:-

ସକାଳ ଦ୍ୱାରଫିଟାଠାରୁ ପହୁଡ଼ ପର୍ଯ୍ୟନ୍ତ ନୀତି ସବୁ ଠିକ୍ ସମୟରେ ହେଉଛି କି ନାହିଁ, ତଦନ୍ତ କରନ୍ତି । ନିୟମିତ ରୂପେ ପ୍ରସ୍ତୁତ ହୋଇ ଭୋଗ ହେଉଛି କି ନାହିଁ ତଦନ୍ତ କରିବା।

### ତଡ଼ଉ କରଣ:-

ପ୍ରତିଦିନ ଦ୍ୱାରଫିଟା ପୂର୍ବରୁ ରହି ନୀତି ସଂପର୍କରେ ଦେଉଳକରଣ ଓ ଚର୍ଚ୍ଚା କର୍ମଚାରୀଙ୍କୁ ଜଣାଇବା, ଯେଉଁଦିନ ନୀତି ପାଇଁ ଯେଉଁ ବୟ୍ର ଆବଶ୍ୟକ ଚାଙ୍ଗଡ଼ା ମେକାପଙ୍କୁ କହିବା, ବିଜେ ଦିନ ଆଜ୍ଞାମାଳ ଲାଗିପାଇଁ ଖୁଣ୍ଟିଆଙ୍କୁ କହିବା, ପଠାଇବା, ନୀତି, ସେବା ଓ ସେବକଙ୍କ ଦୋଷ ଗୁଣ, ଶାଢ଼ିବନ୍ଧା ସମ୍ବନ୍ଧରେ ତଲବ ହେଲେ ରିପୋର୍ଟ ଦେବା ଇତ୍ୟାଦି କାମ କରନ୍ତି ।

### ଚର୍ଚ୍ଚାଇତ କରଣ:-

ସେବକମାନଙ୍କୁ ଡାକହାକ କରାଇ ନିୟମିତ ରୂପେ ନୀତି ଚାଲୁ କରାନ୍ତି । ସେବକମାନେ ଶାଢ଼ି ବିନ୍ଧାଇବାବେଳେ ଚାଙ୍ଗଡ଼ା ମେକାପଠାରୁ ଶାଢ଼ି ନେଇ ପାଟଯୋଷୀ, ଭିତରଚ୍ଛ ମହାପାତ୍ରଙ୍କୁ ଦିଅନ୍ତି । ପହିଲିଭୋଗ ମାସରେ ସେବକଙ୍କୁ ବଡ଼ି କଣ୍ଡେଇ ବାଣ୍ଟନ୍ତି । ପାଇକ, ପ୍ରଧାନୀ ଏହାଙ୍କ ନିର୍ଦ୍ଦେଶରେ କାମ କରନ୍ତି ।

ଜଗନ୍ନାଥ ମନ୍ଦିରରେ ଦୈନନ୍ଦିନ ନୀତି ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ବର୍ତ୍ତମାନ ସେବା କରୁଥିବା ବିଭିନ୍ନ ଶ୍ରେଣୀର ସେବାୟତଙ୍କ ମୋଟ ସଂଖ୍ୟା ୨୦୪୦ । ସଂପୃକ୍ତ ସେବାୟତମାନଙ୍କର ପ୍ରତିଦିନ ସେବାପାଳି ନଥାଏ । ସେମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ପାଳି ଦିବସରେ ତଥା ବେଢ଼ପତ୍ର ଅନୁସାରେ ସେବା କରିଥାନ୍ତି ।

ଅଧ୍ୟାପିକା
ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡା

ISSN NO.
2582-208X

# ସାହିତ୍ୟର କୋଣାର୍କ



ଡକ୍ଟର ଦୀପକ କୁମାର ପ୍ରଧାନ

ଗଢିବି ମୁଁ ଏକ  ସାହିତ୍ୟାକାଶେ
ସାହିତ୍ୟ ର କୋଣାରକ ।
ସଜାଇବି ତାକୁ  ରୂପ ରଙ୍ଗ ଦେଇ
ପଦ ଶବ୍ଦ ନୟାମକ ।।

ସାହିତ୍ୟ ରେ ସେତ   ପଦ୍ୟ ଗଦ୍ୟ ଆଉ
କାହାଣୀ ବି ରହିଥିବ ।
ଛନ୍ଦ ଅଳଙ୍କାର      ଉପମା ର  ଛିଟା
କବିତାରେ  ଝଲସିବ ।।

ନାଟକ ପ୍ରବନ୍ଧ      ସେ ରମ୍ୟରଚନା
ତା ମଧ୍ୟରେ ପୁରିଥିବ ।
ସେ ଆତ୍ମ ଜୀବନୀ   ଭ୍ରମଣକାହାଣୀ
ସମାଲୋଚନା ବି ଥିବ ।।

ଗଢିବି ମୁଁ ଏକ       ଉନ୍ନତ ବୈଭବ
ସାହିତ୍ୟ ର କୋଣାରକ ।
କବିତା ରେ ଥିବ   ସେ  ଆଖ୍ୟାନଧର୍ମୀ
ଥିବ  ବି  ବର୍ଣନାତ୍ମକ ।।

ISSN NO.
2582-208X

ଶିଳ୍ପୀ ରୂପେ ମୁହିଁ ଧରିବି ହାତୁଡି
କଲମ ରୂପରେ ତାହା ।
ଗଢିବି ତ ମୁହିଁ କଳା କୋଣାରକ
ସାହିତ୍ୟ ରୂପରେ ଆହା ।।

ସୁନ୍ଦର ଶବଦ ଖଞ୍ଜି ବି ତହିଁରେ
ସେ ପଥର ଖଣ୍ଡ ପରି ।
ଆଙ୍କି ଦେବି କେତେ ସୁନ୍ଦର ସୃଜନୀ
ଗଦ୍ୟ ପଦ୍ୟ ରୂପ ଧରି ।।

ଖଞ୍ଜି ବି ତହିଁରେ କୋଣାର୍କର ବେଢା
ପଦ୍ୟ ନାଟକ କାହାଣୀ ।
ପଦ୍ୟ ରୂପେ ମୁଁ ତ କବିତା ଲେଖିବି
ଛନ୍ଦ ଅଳଙ୍କାର ରାଗିଣୀ ।।

ମାଧୁର୍ଯ୍ୟ ରହିବ ସାହିତ୍ୟ କୋଣାର୍କେ
ସ୍ମୃତି ମଧୁର ଯେ ହୋଇ ।
ଅମିତ୍ରାକ୍ଷର ବା ମିତ୍ରାକ୍ଷରୀ ହେଉ
ଯିବ ସେ ସୁନ୍ଦର ହୋଇ ।।

ଆକ୍ଷାନଧର୍ମୀ ବା ସେ ବର୍ଣନାତ୍ମକ
ପଦେ ପଦେ ଫୁଟି ଯିବ ।
ପୌରାଣିକ କଥା ଅବା ଓଷା ବ୍ରତ
କବିତାରେ ସ୍ଥାନ ପାଇବ ।।

ପାଲା ହେଉ ଅବା ସେ ଦାସ କାଠିଆ
ଶ୍ରୋତାଙ୍କ ମନ ମୋହିବ ।

ISSN NO.
2582-208X

ଲୌକିକ ର କଥା ଅବା ସେ ମହାତ୍ମ୍ୟ
ବ୍ୟଙ୍ଗ ହାସ୍ୟ ରସ ଥିବ ।।

ଗଦ୍ୟ ବିଭାଗରେ ନାଟକ ପ୍ରବନ୍ଧ
ହେଉ ବା ରମ୍ୟ ରଚନା ।
ସେ ଆତ୍ମଜୀବନୀ ଭ୍ରମଣକାହାଣୀ
ରହିବ ସମାଲୋଚନା।।

କବିତା ରେ ଥିବ ଶବଦ ର ଯାଦୁ
ଉପମା ଦେବି ଯେ ଭରି ।
ତାହା ସାଥେ ଥିବ ସୃଜନଶୀଳତା
କବିତା ଅମୃତ ସରି ।।

କବିତା ରେ ଥିବ ଧାର୍ମିକ ଭାବନା
କର୍ମ ଅବା ଧର୍ମ ବାଦ ।
ସେ ରାଜତନ୍ତ୍ର ର ପରିଚୟ ସାଥେ
ଥିବ ଜନ୍ମାନ୍ତର ବାଦ ।।

କବିତା ରେ ଥିବ ରସ ପରିଚର୍ଯ୍ୟା
ବୀରରସ ହାସ୍ୟରସ ।
ଶୃଙ୍ଗାର ସାଥିରେ କରୁଣ ର ରସ
ଥିବ ବର୍ଣ୍ଣନା ବିଳାସ ।।

ବାତ୍ସଲ୍ୟ ର ରସ ତା ମଧ୍ୟରେ ଥିବ
ଥିବ ଛନ୍ଦ ର ବୈଚିତ୍ର୍ୟ ।
ଉପମା ରୂପକ ପ୍ରତୀକ ତା ସାଥେ
ଥିବ ନାରୀ ମନସ୍ତତ୍ତ୍ୱ ।।

ISSN NO.
2582-208X

ଲୋକଗୀତେ ଥିବ   କୃଷକ ର ଗୀତ
ଥିବ ଶଗଡ଼ିଆ ଗୀତ ।
ଚକୁଳଆ ପଣ୍ଡା    ସାଥେ ଡାଲଖାଇ
ଏହା ସାଥେ ଶିଶୁଗୀତ ।।

ଏମନ୍ତେ ଗଢିବି  ସାହିତ୍ୟରେ ମୁଁ ତ
ସୁନ୍ଦର  ସେଇ  କୋଣାର୍କ ।
ଯହିଁ ରେ ରହିବ   କବି ପାଠକ ରେ
ସଦା  ଉତ୍ତମ ସମ୍ପର୍କ।।

ବିଭାଗ ମୁଖ୍ୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ସାଉଥ ବଲଣ୍ଡା, ତାଳଚେର

ISSN NO.
2582-208X

# ବର୍ଷାସ୍ନାତ ମହାନଗରୀ



ଡକ୍ଟର ଉତ୍ପଳା ଷଡ଼ଙ୍ଗୀ

ଆଜିକାଲି ଉନ୍ମୁଖ , ଅବିନ୍ୟସ୍ତ ହୋଇ
ଉଜୁଡ଼ି ପଡୁଛି ସ୍ୱପ୍ନର ସହର ---
ମାଟିଲଗ୍ନା, ମାୟାନଗରୀ------
ବର୍ଷାରେ ଭିଜି ଯାଇ!!!!!!!!!!
ମୁଁ ଦେଖୁଛି ତାକୁ
ଚପଳ କୈ ଶୋର ଭାବ ନେଇ
ଯେଉଁ ବୟସରେ କାଗଜ ଡଙ୍ଗା
ଧିରେ ଛାଡ଼ିଦେଇ/
ବର୍ଷା ସ୍ରୋତରେ ,
ଦୂରକୁ ଯାଇ ମାରୁଥିଲି ତାଳ;
ଆଉ କହୁଥିଲି__
ଯାରେ ଯାଆ ମୋ  ସଖି ପାଶେ
କହିବୁ ତାକୁ ମୁଁ ଖୋଜୁଛି କେତେ
ଆ ମୋ ସେଥିରେ ଆ ??
ଛିଟି ପଡୁଛି ବର୍ଷା ଠୋପ।__
ରିମଝିମ୍ ସୁରେ ତାଳ ଦେଇ_--
ମୋ ଝରକା ର ରେଲିଂ ଦେଇ
ମୁହଁରେ ଛିଟା ମାରି,
ଠୋ ଠା ହସିଦେଇ

ISSN NO.
2582-208X

ଯୁଆଡ଼େ ଆଖି ପହଁରୁଛି
ସେଠି ଖାଲି ଧୁଆଁଳିଆ ମେଘସ୍ନାତ ମୂର୍ଚ୍ଛନା
ଆକାଶର ଅଗଣାରେ
ଗ୍ଭଲିଛି ସଜବାଜ_
ଛାଇ ଭଳ ମାଡ଼ି ବସି ଛି
ସନ୍ଧ୍ୟାର  ବାଦଲ
ଶୁଣିବାକୁ ବର୍ଷାର ଗଜଲ!!!!!!
ସ୍ୱପ୍ନିଳ ଆକାଶରୁ ଖସିଆସେ  ମୁଁ
ମୂର୍ଚ୍ଛନା ଶୁଣି+++++
କଏ ସେ??
କାହାର ମୂର୍ଚ୍ଛନା??
ନୁହେଁ ତ ମୋର ଅନ୍ତସ୍ୱର!!
ପଡୋଶୀ ଘରୁ ଭ୍ସି ଆସୁଥାଏ
ସଙ୍ଗୀତର କଲ୍ଲୋଳ,
କେହି ଜଣେ ଗାଉଥାଏ......
ରିମଝିମ୍ ଗିରେ ସ୍ୱାନ୍..........
ସୁଲଗ ସୁ ଲଗ ଯା ୟେ ମନ୍.....
ଇ ଏ ସେଇ ମ। ୟା ନଗରୀ!
ଅଛି ଏଠି ପ୍ରେମ.....
ଅଛି ଏଠି ବିରହ....
ଅଛି  ଏଠି ସମ୍ମୋହନ.....
ସବୁ ଏଠି ଚହ୍ନିତ
ପ୍ରଜାପତି ର ଖେଳ

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ମୋ କବିତାର ପ୍ରେରଣା



ଶାଶ୍ୱତୀ ବିଶ୍ୱକଲ୍ୟାଣୀ

ସାଜିଲ ତୁମେ ମୋର କବିତାର ପ୍ରେରଣା
ପୁଣି ତୁମ ପାଇଁ ସହିଛି ମୁଁ କେତେ ଯେ ଲାଞ୍ଛନା
ବିନା ଅନୁମତିରେ ତୁମର ସାଜିଛି ମୁଁ ପ୍ରେୟସୀ ପ୍ରବର
ସଭିଏଁ ପଚାରନ୍ତି ସେ ଏମିତି କିଏ କି ତୋର
ମୁଁ କୁହେ, ଖରାଦିନଆ ଦେହଜଳା ଝାଞ୍ଜିରେ ମନଜୁଡ଼ା ଶୀତୁଆ ସମୀର ସେ ମୋର
ରଙ୍ଗହୀନ ଜୀବନରେ ସପ୍ତରଙ୍ଗୀ ଇନ୍ଦ୍ରଧନୁ ସେ ମୋର
ବ୍ୟର୍ଥ ବେରସିକ ଜୀବନ ଗୀତର ମଧୁର ଝଙ୍କାର ସେ ମୋର
ପୁଣି ମୋ ସାରସ୍ୱତ ଉଦ୍ୟାନର ପହିଲି କଳିକା ସେ
ଦେଇଛି ସେ ମୋତେ ଗୋଟେ ନୂଆ ପରିଚୟ
ଯଦିଓ କରିଛି ମୋର ମୂଲ୍ୟବାନ ସମୟର ଅପଚୟ
କେତେ କେତେ ଯେ ରାତି ମୋର ଅନିଦ୍ରାରେ ବିତିଛି
ଆଖିତଳେ ଗାଢ଼ କଳଦାଗ ଯେ ଆସିଛି
ତଥାପି ତା ପାଖେ ମୁଁ ଚିରଋଣି
କାରଣ ତାରି ଯୋଗୁଁ ପାଇଛି ମୁଁ ଜୀବନର ନୂଆ ଠିକଣା
ସେ ହିଁ ତ ମୋ କବିତାର ପ୍ରେରଣା।।

ମୋରଡପଡ଼ା, ଚନ୍ଦନପୁର, ପୁରୀ
ଭ୍ରାମ୍ୟଭାଷ -୭୭୩୫୭୫୯୧୪୪

ISSN NO.
2582-208X

# କାଳିଆ ଡୋରି



ସତ୍ୟନାରାୟଣ ପ୍ରସାଦ ନାୟକ

କେଡେ ମନଲୋଭା ଆମ ଶ୍ରୀମନ୍ଦିର
ମୁଖ୍ୟ ଦ୍ୱାର ସିଂହଦ୍ୱାର
ଅରୁଣସ୍ତମ୍ଭରୁ ପତିତପାବନ
ଦିଶନ୍ତି ଭାରି ସୁନ୍ଦର ।

ସୂରୁଜ ଉଇଁଲେ କିରଣ ବିଞ୍ଚନ୍ତି
ଛୁଁଏ ପଡ଼ିଲି କିରଣ
ଜଗତନାଥଙ୍କୁ ଅତିଶରଧାରେ
କରନ୍ତି ଅବା ବରଣ ।

ମଙ୍ଗଳ ଆଳତୀ ଆଉ ମଇଲମ
ବିଧି ଅନୁସାରେ ହୁଏ
ସୂର୍ଯ୍ୟପୂଜା ଆଉ ଦ୍ୱାରପାଳ ପୂଜା
ତା' ପରେ ଯୋଡି ହୁଏ ।

ISSN NO.
2582-208X

ନୀଳ କନ୍ଦରରେ ରତନ ବେଦିରେ
ବସିଛନ୍ତି ମହାବାହୁ
ଦର୍ଶନ ନିମନ୍ତେ ଗହଳି ଲାଗିଛି
କାଉ ରାବ ଦେଉ ଦେଉ ।

କେଡ଼େ ପବିତ୍ରସେ ବାଇଶି ପାହାଚ
ଶିଖାଏ ଜୀବନ ଗୀତ
ତଳୁ ଉପରକୁ ଉଠିବାକୁ ହେଲେ
କଷ୍ଟ କରିବା ବହୁତ ।

ଗରୁଡ଼ ପଛରୁ ତୁମକୁ ଦେଖିଲେ
ହେଇଯାଏ ଆତ୍ମହରା
ଦୁଇ ହାତଟେକି ଶରଣ ନେଉଛି
କାଳିଆ ଦୁଃଖ ପାଶୋରା ।

କୋଟି ଭକତଙ୍କ ଭାବର ଠାକୁର
ଭାବ ବିନୋଦିଆ ହରି
ଭାବର ଡୋରିରେ ବାନ୍ଧି ରଖିଥିବି
ଦୟାମୟ ଗିରିଧାରୀ ।

ଜୟ ଶ୍ରୀଜଗନ୍ନାଥ

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ନୂଆଖାଇ ଆସୁଛି ବୋଲି



ଦିନେଶ ମେହେର

ଆଗକୁ,
ନୂଆଖାଇ ଆସୁଛି ବୋଲି
ସବୁଆଡ଼େ ସାଜ ସଜା ଆରମ୍ଭ ହେଲାଣି,
ପୁଣି ଉତ୍ତର ଦିଗରେ ମାଲୁ ଧାନ
ମହକ ଗଲାଣି!
ସତରେ,
କେଡ଼େ ଭାଗ୍ୟବାନ ଆମେ,
ଆମ ସଂସ୍କୃତି, ପରମ୍ପରା ଆଉ
ଆମ ବ୍ୟବସ୍ଥପାନା!
ଭାରି ଇଛା ହୁଏ
ଥରେ ବୁଲି ଆସନ୍ତୁ କ ସେଇ ସମଲେଇ ମାଁ ଗୁଡ଼ି ରୁ
ଯିଏ ଦିନେ ନୂଆଖାଇ ପାଳବାର ଆଦେଶ ଦେଇ
ଆମକୁ ଦେଖେଇ ଦେଇଛି
ଆଶାର ଆଲୋକ!
ମାଁ, ତୋ ପାଦପଦ୍ମ ରେ କୋଟି ଶରଣ,
ଜାଣିଛୁ ମାଁ
ଆଗକୁ ନୂଆଖାଇ ବୋଲି କେଡ଼େ ଉଲ୍ଲାସ ମନରେ
କେତେ ଆବେଗ ଏବେ ଅପେକ୍ଷା କରିଛି

ISSN NO.
2582-208X

ତଥାପି ମାଁ କେଉଁଠି ନା କେଉଁଠି
କମି ରହି ଯାଇଛି ଏଇ ଆନନ୍ଦ ର ମାହୋଲ୍ ଭିତରେ....
ଜାଣେ ,
ଦୁନିଆ ଟା ସାର୍ଥପର
କିଏ କାହାର ଦରଦ ରେ ସ୍ଥଗିତ ରହେନା,
ଅବା କାହା ଭାଗ୍ୟ ରେ ମିଳେନା
ସରଗର ପାରିଜାତ ,
ତଥାପି
କିଏ ପାରିଜାତ କୁ ନିଜ ଗଭିରେ ଧରେ
ପୁଣି କିଏ ଭଙ୍ଗା ଘରେ ଦେଖୁଥାଏ ଚକା ଜହ୍ନ
ଯଦିଓ ନୂଆଖାଇ ଆସୁଛି
ତେବେ ଯେମିତି ହେଲେ ବି ତ
ପାଳିବାକୁ ହେବ ଭାଇଗ୍ଭିଗ୍ ର ପର୍ବ
ହାତରେ ଥାଉ ନଥାଉ ଗଣ୍ଡେ କଉଡ଼ି
ତଥାପି ବି ଦୁଃଖ ଭୁଲି ହସିବାକୁ ହେବ
ଏଇ ନୂଆଖାଇ ରେ.....

ଜୁନାଗଡ଼ କଳାହାଣ୍ଡି

ISSN NO.
2582-208X

# ମଧୁ ମାଳତୀ



ଡାଃ. ଅନିତା ପଣ୍ଡା

## କଷଟୀ ପଥର

(୩)

ଗାଡ଼ି ଭଦ୍ରକ ରାସ୍ତା ଧରିଥିଲା । ଏଇଟା ମାଳତୀର ଅତି ପରିଚିତ ରାସ୍ତା । ମଧୁସୂଦନଙ୍କଠାରୁ ଦୂରେଇ ହେଇ ରହିବା ଠାରୁ କେତେ ଥର ସେ ଏଇ ରାସ୍ତାରେ ଯିବା ଆସିବା କରିଛି । କେତେବେଳେ ଏକା । ଆଉ ବେଳେବେଳେ ଶାଶୁଙ୍କୁ ନେଇ । ହେଲେ ଆଜି ଯେମିତି ସବୁ କିଛି ଉଦାସିଆ ଲାଗୁଥିଲା ମାଳତୀକୁ । ମା'ଙ୍କର ହଠାତ୍ କ'ଣ ହେଲା! ବାପା ଥିବା ସମୟରେ କେବେ କେମିତି ସେ ୟାଙ୍କ ନାଁ ନେଉଥିଲେ । ହେଲେ ନେଞ୍ଜା ଆଉ ତା' ପୁଅକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହେବା ପରେ ଆଉ ସେ ଥରୁଟେ ବି ୟାଙ୍କ ନାଁ ନେଇ ନାହାନ୍ତି । ପ୍ରଶ୍ନର ପାହାଡ଼ ଜମି ଯାଇଥିଲା ତା ମନରେ । ମାତ୍ର ଦଶଦିନ ଆଗରୁ ସେ ୟାଙ୍କ ସଙ୍ଗେ ଦେଖା କରିଥିଲା । ହେଲେ ସେଦିନ ଆଉ ଆଜି ଭିତରେ ବହୁତ ତଫାତ୍ । ସେଦିନ ଚିରଦିନ ପାଇଁ ସ୍ୱାମୀ ସ୍ତ୍ରୀଙ୍କ ସଂପର୍କକୁ ଦୂରେଇ ଦେବା ପାଇଁ ଯାଇଥିଲା । ଆଉ ଆଜି... ପୁଅକୁ ତା'ର ମା' କୋଳକୁ ଫେରାଇ ଆଣିବା ପାଇଁ ଯାଉଛି । କ'ଣ କହି ତାଙ୍କ ସଂଗେ କଥା ଆରମ୍ଭ କରିବ ? ତା' ପ୍ରସ୍ତାବରେ ସେ ରାଜି ହେବେ ତ ! ମା'ଙ୍କୁ କଥା ଦେଇ ଆସିଛି, ତାଙ୍କ ପୁଅକୁ ଆଣି ତାଙ୍କ କୋଳରେ ଛାଡ଼ିବ । ଅଦ୍ଭୁତ ଲାଗୁଥିଲା ମାଳତୀକୁ । ମନ ଭିତରେ କେମିତି ଆଶଙ୍କା ଖେଳି ବୁଲୁଥିଲା । ତା' ପ୍ରସ୍ତାବକୁ ଇଏ କେମିତି ଗ୍ରହଣ କରିବେ । ମାଳତୀକୁ ଆପଣେଇ ରଖିବାର ହେଇଥିଲେ 'ଡିଭୋର୍ସ' ପେପରରେ କେମିତି ସାଇନ୍ କରି ପଠାଇଲେ । ଅଢ଼େଇ ଘଣ୍ଟାର ରାସ୍ତା ।

ISSN NO.
2582-208X

ଏଇମିତି ଚିନ୍ତା କରୁ କରୁ କେମିତି ଚାଲିଗଲା ଜାଣି ହେଲାନି । ସାଢ଼େ ଚାରିଟା ବାଜିଲାଣି । ପାଞ୍ଚଟା ବେଳକୁ ତ ଇଏ ନିଶ୍ଚୟ ଆସି ଘରେ ପହଞ୍ଚିବେ । ଅଧଘଣ୍ଟାଏ ସମୟ ସେ କେମିତି କାଟିବ ! କ୍ୱାଟର୍ସରେ ପହଞ୍ଚି ମାଳତୀ ବେଲ ଟିପିଲା । ରାମୁ କକା ଦୁଆର ଖୋଲି ବିଶେଷ ଆଶ୍ଚର୍ଯ୍ୟ ହେଲେନି । ଏଇ ହାଲ୍‌ରେ ତ ତାଙ୍କ ସଂଗେ ଦେଖା ହେଇଥିଲା ।

ସାଆବ୍ ବାହାରକୁ ଯାଇଚନ୍ତି ମାଡ଼ାମ୍ ।

ବାହାରକୁ ?

ହଁ କଟକ ମେଡ଼ିକାଲରେ କ'ଣ କାମ ଅଛି ବୋଲି କହି ଯାଇଚନ୍ତି ।

ମେଡ଼ିକାଲ୍‌ରେ କାମ । ଏଠି ତ ଭଲ ଡାକ୍ତରଖାନା ଅଛି । ତେବେ କଟକ ମେଡ଼ିକାଲ କାହିଁକି ? କିଛି ଗୁରୁତର ରୋଗ ନୁହେଁ ତ ! ପାଟିରୁ ବାହାରି ଆସିଲା "ଦେହ ଭଲ ଅଛି ତ !"

ସାଆବ ଏକେବାର ଠିକ୍ ଠାକ୍ ଅଛନ୍ତି । ଅମର ବାବାର ଦୁର୍ଘଟଣା ପରେ ସେ ବହୁତ ଦିନ ଛୁଟି କଟେଇ ଦେଇଥିଲା ତ । ତେଣୁ ତାଙ୍କ କଲେଜରେ କ'ଣ ଟିକିଏ ଅସୁବିଧା ହେଇଯାଇଚି, ସେଇଥି ନାଗି ଯାଇଚନ୍ତି । ଆସିଯିବା କଥା ।

ପାଞ୍ଚଟା ବାଜିବ । ମତେ ଆଜି ଭଜା ମଣ୍ଡା ତିଆରି କରିବା ପାଇଁ ବରାଦ୍ କରି ଯାଇଚନ୍ତି । ତା' ସଂଗରେ ଖାଇବେ । ନିଶ୍ଚେ ପାଞ୍ଚଟାରେ ଆସିଯିବେ । ଭଜା ମଣ୍ଡା !!! ସେଇଟା ତ ତା'ର ଏବଂ ମା'ଙ୍କର ପ୍ରିୟ ଖାଦ୍ୟ । ସିଏ ତ ଏତେ ଭଲ ପାଆନ୍ତିନି ଆଜି କ'ଣ ପାଇଁ ସେ ବରାଦ୍ ! ଉତ୍କଣ୍ଠା ବଢ଼ିଲା, ପୁଣି ପ୍ରଶ୍ନ କଲା ମାଳତୀ, "ଭଜା ମଣ୍ଡା ତାଙ୍କର ବହୁତ ପସନ୍ଦ।"

ISSN NO.
2582-208X

ନାଁ ମାଡ଼ାମ୍ - ତାଙ୍କ ମା'ଙ୍କର ବହୁତ ପସନ୍ଦ । କା' ହାତରେ ଆଜି ଗାଁକୁ ତାଙ୍କ ମା'ଙ୍କ ପାଖୁକୁ ପଠାଇବେ । ଏଇ ଦେଖୁନାହାନ୍ତି ମୁଁ ବନ୍ଧା ବନ୍ଧି କରି ବେଗ୍‌ରେ ଭର୍ତ୍ତି କରି ରଖିଛି । ଗୋଟେ କଥା କଇବି ମାଡ଼ାମ୍ । ଏବେକା ପିଲା ଭେତେରେ ଆମ ସାଆବ ନୁଅନ୍ତି । ଆଜିକାଲି କୋଉ ପୁଅଟା ବାପ ମା'ଙ୍କୁ ପଚାରୁଚି ! ଆମ ସାଇବ ଦିନ ରାତି ସେମାନଙ୍କ କଥା ଭଜି ହୁଅନ୍ତି । କୁଅନ୍ତି ସାଇବାଣୀଙ୍କ ଚାକିରୀ ସେଇ ଗାଁରେ । ଛୁଆପିଲା ନାଆନ୍ତି । ଏକା ଏକା ମା' କିମିତି ରଇବେ । ତେଣୁ ଶାଶୁ ବୋହୂ ଧିଏଁ ଏକାଠି ଅଛନ୍ତି । ସାଆବଙ୍କ ଛାତି ଭିତୁରୁଟା ଖାଲି ଦୟା ମମତାରେ ଭରା ମାଡାମ୍ । ନିଜେ ପଛେକେ ଦହଗଞ୍ଜ ହୁଅନ୍ତୁ। ଆଉ କା'କୁ ଅସୁବିଧାରେ ପକେଇବେନି । ସାଇବଙ୍କୁ ଭୋରୁ ଭୋରୁ ଗରମ ଚା' କପେ ଭାରି ପସନ୍ଦ । କେତେଥର କଇଲି ମୁଁ ସଅଳ ଆଇଯିମି ସାଆବ । କଇଲେ ନାଁ ରାମ କକା, ତମ ବଅସ ଦେଖୁଛ ତ । ମିଛରେ ବଡ଼ି ସକାଳୁ ଖରା ଶୀତରେ ଦଉଡ଼ି ଦଉଡ଼ି ଆସିବ ! ସେଇ ସାତଟା ଠିକ୍ ଅଛି । ମୋ ମନ ମାନିଲାନି । ମନୁକୁ ମନ ଛଅଟା ବାନ୍ଧି ଦେଇଚି । ଆଉ ଗୋଟେ କଥା କଇବି ମାଡ଼ାମ୍ । ଆର ଗାଁରେ ଗୁଟେ ଗରିବିଆଣୀ ରୋଉଚି। ତା'ର ଗୋଟେ ପୁଅ । ସତର ଅଠର ବରଷ ଆଗୁରୁ ଯୋଉ ବଡ଼ ରେଳଗାଡ଼ି ଦୁର୍ଯୋଗ ହେଇଥେଲା ସେଥେରେ ତାର ବର ଆଉ ଦି'ଟା ଯାକ ବଡ଼ ପୁଅ ମରି ଯାଇଥିଲେ। ବିଚାରୀ ଘର ଘର ବୁଲି କାମ କରି ଜୀବିକା ମେଣ୍ଟୋଉ ଥେଲା । ସରକାର ତରଫରୁ ତା ପେଇଁ ଗୋଟେ କେତେ ବଡ଼ କାମ କରି ଦେଇଚନ୍ତି । ଯାହା ତ ଯାହା ଇସ୍କୁଲ ପାଠ ବାଦ୍ ସରକାର ତ ଆଉ କିଛି କରେନା । ନିଜ ପଇସାରେ ତା' ପୁଅକୁ ଡାକତରୀ ପଢ଼ୋଉଚନ୍ତି। ସେଇ ପୁଅଟା କା'ର ମୋଟର ସାଇକେଲ ପଛରେ ବସି ଗାଁକୁ ଆଉଥେଲା । ଗୋଟେ ବଡ଼ ଗାତ ଭିତରେ ଧିଏଁ ଖସି ପଡ଼ିଲେ । ଚଳୋଉଥିଲା ପିଲାଟାକୁ ଭଗବାନ ପାଖୁକୁ ନେଇଗଲେ। ୟାର ରୁମ ବଙ୍କା ହେଇ ନ ଥିଲା ସିନା, କୋଉଠୁ ଗୋଟେ କ'ଣ ଶିରା କଟି ଭୋଉତୁ ରକତ ବୋହିଗଲା । ତାକୁ ନିଜେ ରକତ ଦେଲେ ଆଉ ତମକୁ ବି ସେଦିନ ଡାକ୍ତରଖାନା ନେଇ ପିଲାଟାକୁ ଦ୍ୱିତୀୟ ଜନମ ଦେଇଦେଲେ । ସେଇଥିରୁ ବୁଝୁ ନାହାନ୍ତି ମାଡ଼ାମ ଅଜଣା, ଅଶୁଣା କାହା ପାଇଁ କିଏ ଇମିତି କାମୁଟେ କରି ପାରିଥାନ୍ତା । ଦେଖୁ ଦେଖୁ ତୁମୁକୁ କମିତି ମନେଇ ଦେଲେ ।

ରାମ କକାର କଥା ଗୁଡ଼ା ମାଳତୀକୁ ଛୁଇଁ ପାରୁ ନ ଥିଲା ବୋଧେ । ବାରମ୍ବାର ହାତ ଘଡ଼ି ଉପରେ ନଜର ପକୋଉଥିଲା ।

ISSN NO.
2582-208X

"ହେଇ ତ, ସାଇବ ଆଇଲେଣିନା କ'ଣ । ଅମର ଗେଟ୍ ଖୋଲୁଚି ।" କହି ରାମ କକା ଦୁଆର ବାହାରୁକୁ ଗଲା ।

ବାହାରକୁ ଯାଇ ମଧୁସୂଦନଙ୍କୁ ପାଛୋଟି ଆଣିବା ପାଇଁ ଉଠୁ ଉଠୁ ଅମର ନାଁଟା ଶୁଣି ବସି ପଡ଼ିଲା ମାଳତୀ । ସେଇ ଅମର । ଯାହା ପାଇଁ ତା'ର ଦାମ୍ପତ୍ୟ ଜୀବନ ଭୂଷୁଡ଼ି ପଡ଼ିଛି ।

ଦୁଆର ବାହାରୁ ଶୁଣାଗଲା, "ଶୀଘ୍ର ମତେ ପ୍ୟାକେଟଟା ଦିଅ ରାମ କକା । କାକା ବାବୁଙ୍କର ଆସିବାରେ ଡେରି ହେବ । ତେଣୁ ମତେ ସନ୍ଧ୍ୟା ପୂର୍ବରୁ ବଡ଼ମାଙ୍କ ପାଖରେ ପହଞ୍ଚିବାକୁ ହେବ ।

ସାଆବଙ୍କର କେତେ ଡେରି ହେବ ବାବୁ । ତାଙ୍କ ପାଇଁ ଜଣେ ମାଡ଼ାମ ଅପେକ୍ଷା କରି ବଇଚନ୍ତି । ସେଇ ମାଡ଼ାମ ବା । ଯିଏ ତୁମୁକୁ ରକତ ଦେଇଥିଲେ । ଉତ୍ସୁକତା ସହ ହେଉ କିମ୍ବା ବିନୟତା, ଅମର ଭିତରକୁ ପଶି ଆସି ପାଦ ଛୁଇଁ ଉଠି ଆଶ୍ଚର୍ଯ୍ୟ ହୋଇ ଛିଡ଼ା ହୋଇଗଲା । "କାକୀମା', ତୁମେ । କାକାବାବୁ ସାତଟା ସୁଦ୍ଧା ଆସିଯିବେ । ମୁଁ ଏବେ ଯାଉଛି, କାକାବାବୁ ମତେ ଗୋଟେ ବହୁତ ଜରୁରୀ କାମ ଦେଇଛନ୍ତି", କହି ଅମର ପୁଡ଼ିଆଟାକୁ ପେଟରେ ଜାକି ମଟର ସାଇକେଲ ପଛରେ ବସିଲା । ଅଜାଣତରେ ମାଳତୀ ପାଟିରୁ ବାହାରି ପଡ଼ିଲା, "ପୁଣି ସେଇ ମଟର ସାଇକେଲ୍‌ରେ ବସିଲୁ ଅମର ?" ହେଲେ ତା' କଥା ଶୁଣିବାକୁ ଅମର ସେଠାରେ ନଥିଲା ।

ସେଇଆ ପା, ଆଜିକାଲିକା ଟୋକା ରକତ । କିଛି କୁ ଖାତିରି ନାହିଁ । ବାବୁଙ୍କ ପାଇଁ କିଛି ରାନ୍ଧି ରଖ ରାମ କକା । ଶୀଘ୍ର ତାଙ୍କୁ ଆଉ ଥରେ ଯିବାକୁ ହେବ । ଭିତରକୁ ଯାଇ ପୁଣି ଥରେ ବୈଠକ ଘରୁକୁ ଫେରି ଆସିଲା ରାମ କକା ସାଆବ ତ ସିଧା ଆସି ରାତି ଖିଆ ଖାଇବେ । ତମୁକୁ ଦିଟା ମଣ୍ଡା ଦେଉଚି ମାଡାମ୍ ।

ନାଁ ଥାଉ, ତୁମ ବାବୁ ଆସିଲେ ତାଙ୍କ ସାଙ୍ଗରେ ଖାଇନେବି ।

ISSN NO.
2582-208X

ବାରଂବାର ଘଡ଼ି ଦେଖି ଚାଲିଥିଲା ମାଳତୀ । ମା'ଙ୍କୁ କଥା ଦେଇ ଆସିଥିଲା ରାତି ହେବା ଆଗରୁ ସେ ପହଞ୍ଚିଯିବ । ମା' ନିଷ୍ଚୟ ବ୍ୟସ୍ତ ହେଉଥିବେ । କେଜାଣି ମା'ଙ୍କର କ'ଣ ହେଲା। ହଠାତ୍ ଆଜି କାହିଁକି ଏତେଟା ଉଦ୍ବ୍ୟକ୍ତ ହୋଇ ଉଠିଲେ । କେବେ ତ ଏମିତି ବ୍ୟବହାର କରନ୍ତି ନି ।

ଶାଶୁଘର ଅସିବା ପୂର୍ବରୁ ବୋଉ କେତେ କଥା ବୁଝେଇ ଥିଲା । ଶାଶୁର ମନ ଲାଖି କାମ କରିବୁ । ଜଗି ରଖି କଥାବାର୍ତ୍ତା କରିବୁ । ମୋ କଥା ଅଲଗା । ସିଏ ଶାଶୁ । ହେଲେ ସେ ଘରେ ପାଦ ଦେବା ଦିନଠୁ ତାକୁ ବୋଉ ଆଉ ଶାଶୁରେ ଫରକ ଜଣା ପଡ଼ି ନଥିଲା । ବରଂ ବୋଉଠୁ କେବେ କେବେ ପଦେ ଦି ପଦ ଶୁଣିବାକୁ ପଡୁଥିଲା । ମାତ୍ର ଶାଶୁଙ୍କଠାରୁ ଭୁଲ୍ ଭଟ୍ଟକରେ ବି ନୁହେଁ । କ'ଣ ସେ ଏତେ ବଡ଼ ଦୋଷଟାଏ ପୂର୍ବ ଜନ୍ମରେ କରିଥିଲା କେଜାଣି, ଶାଶୁଘରେ ଗୋଟାଏ ମାସ ହେଉ ନ ହେଉଣୁ ଇଏ ତାକୁ ତାଙ୍କଠାରୁ ଦୂରେଇ ନେଲେ । ଯାହା ହେଉ, ଜଜମ୍ ତା ମନକଥା ଠିକ୍ ବୁଝି ପାରିଥିଲେ । ନିଜ ନାତିକୁ "ନାଲାୟକ' ଆଖ୍ୟା ଦେଇ ମାଳତୀକୁ ତା' ଶାଶୁ ମା' ପାଖକୁ ନେଇ ଯାଇଥିଲେ । ମାତ୍ର ୧୪ ବର୍ଷର ଝିଅଟା । କ'ଣ ବା ଜାଣିଥାନ୍ତା ! ହେଲେ ସେଇ ଶାଶୁ ତାକୁ ଦୁନିଆଦାରୀ ଶିଖାଇଲେ । ଯେତେବେଳେ ବୋହୁ ପାଠ ପଢ଼ିବା କଥା ଉଠିଲା, ଅନ୍ୟ କେହି ଶାଶୁ ହେଇଥିଲେ ଅଡ଼ି ବସିଥାନ୍ତେ । ହେଲେ ସେ ! ବହୁ ଆନନ୍ଦରେ ତାହା ଗ୍ରହଣ କରିଥିଲେ । ଯାହା ତା ଜୀବନରେ ସତରେ ପଟ୍ଟ ପରିବର୍ତ୍ତନ ଆଣି ଦେଇଥିଲା । ୟାଙ୍କ ବ୍ୟବହାର ପାଇଁ ସେ ମର୍ମାହତ ହେଉଥିଲେ । ପରସ୍ତ୍ରୀ ପ୍ରତି ୟାଙ୍କର ଆସକ୍ତି ମାଳତୀକୁ ତାଙ୍କ ଠାରୁ ଦୂର କରାଇ ଥିଲା । ଶାଶୁ ପୁଅର ପକ୍ଷ ନେଉ ନଥିଲେ । ବାଲୁ ଭାଇନା ଓକିଲ । ତା' ପାଇଁ ସେ କାନୁନ୍ ନେଇ ଯୋଉ ନିର୍ଣ୍ଣୟଟି ନେଇଥିଲା ତାହା ମଧ୍ୟ ଶାଶୁ ଗ୍ରହଣ କରି ନେଇଥିଲେ ।

"ସାଆବ ଆଇଲେଣି ମାଡ଼ାମ୍" କହି ରାମ କକା ଗେଟ୍ ଯାକେ ଯାଇ ହାତୁରୁ ବ୍ୟାଗ୍‌ଟା ନେଇ ଆସିଲା । ବସିବା ସ୍ଥାନରୁ ଧଡ଼ କରି ଉଠି ପଡ଼ିଲା ମାଳତୀ, କେମିତି ଆରମ୍ଭ କରିବ ।

ଆରେ ଏ ଅବେଳରେ, କ'ଣ ହେଲା ?

ISSN NO.
2582-208X

ଆଜି ମା'ଙ୍କୁ ଖାଇସାରିବା ବାଦ୍ ପାନ ଭାଙ୍ଗି ଦେବାକୁ ଭୁଲି ଯାଇଥିଲି । କ'ଣ ହେଲା କେଜାଣି ଭାରି ଉତ୍ତ୍ୟକ୍ତ ହୋଇଗଲେ । କେତେ ବୁଝେଇଲି । ଶହେ ଥର କ୍ଷମା ମାଗିଲି । ମାତ୍ର ତାଙ୍କର ସେଇ ଏକା ଜିଦ୍ । ତୁ ଏଇକ୍ଷିଣି ମଧୁକୁ ଡକା ।

ବିରକ୍ତିର ଚରମ ସୀମାରେ ପହଞ୍ଚିଗଲା ମଧୁସୂଦନ । "କେଉଁ ମାଟିରେ ତୁ ଗଢ଼ା ! ପତିକୁ ବୁଝିଲୁନି । ପୁଣି ଦେବୀ ତୁଲ୍ୟା ମା'କୁ ବି ହତାଦାର କଲୁ । ଚାଲ୍ ବସ ଗାଡ଼ିରେ । ରାମ କକା ତୁମେ ଆଜି ଏଇଠି ରହିଯିବ । ମୁଁ ଆସୁଛି," କହି ଦୁଆର ବାହାରକୁ ବାହାରି ଆସିଲା ମଧୁସୂଦନ ।

ରନ୍ଧା ସରିଯାଇଚି ସା'ବ । ମୁହଁରେ ଦିଟା ଦାନା ପକେଇ ଦେଇଯାଆନ୍ତୁ ।

ଆରେ ହଁ, ମା' ପାଇଁ ସେ ପୁଡ଼ିଆଟା ଆଣି ଦିଅ ତ ।

ସେଇଟାକୁ ତ ଅମର ବାବା କୋଉ ବେଳଠୁ ନେଇ ଗଲାଣି ।

ଆଚ୍ଛା ଠିକ୍ ଅଛି । ଦୁଆର ବନ୍ଦ କର । ମୁଁ ସକାଳ ଆଠଟା ସୁଦ୍ଧା ଆସି ପହଞ୍ଚିଯିବି ।

ଗାଡ଼ି ବାହାରକୁ ବାହାରି ଯାଇଥିଲା । ଏକ ଲୟରେ ସେ ଆଡ଼କୁ ଚାହିଁ ରହିଥିଲା ରାମ କକା ।

ଆରେ ଆରେ ଦେଖିକି ଦେଖିକି । ସାମନାରୁ କେଡ଼େ ବଡ଼ ଟ୍ରକଟାଏ ଆସୁଛି । ଧଡ଼୍ କରି ବ୍ରେକ୍ ମାରିଲା ମଧୁସୂଦନ । ଡ୍ୟାସ ବୋର୍ଡ ଉପରେ କଚାଡ଼ି ହୋଇ ପଡ଼ିଲା ମାଳତୀ । କେତେ ଥର କହିବି ଗାଡ଼ିରେ ବସିଲେ ସିଟ୍ ବେଲ୍ଟ ଲଗେଇବାକୁ । ହେଲେ ମୋ କଥା କିଏ ଶୁଣିଲେ ତ ! ନିଜ ସୁରକ୍ଷା ନିଜକୁ କରିବା ପାଇଁ ହୁଏ, ଅନ୍ୟ କେହି ନିଜ ପାଇଁ କରିବେନି । ମୁଣ୍ଡ ଫୁଲିନି ତ ?

ISSN NO.
2582-208X

ନାଁ, ଡ୍ୟାସ୍ ବୋର୍ଡ଼ ଉପରେ ତଉଲିଆଟା ରଖି ଭୁଲି ଯାଇଥିଲି । ତା'ରି ଉପରେ ମୁଣ୍ଡ କଚି ହେଲା ।

"ଅର୍ଥାତ୍ ନିଜର ଭୁଲ୍ ମଧ୍ୟ କେବେ କେବେ ମଣିଷକୁ ସିଧା ରାସ୍ତା ଦେଖାଇଥାଏ । ଯେମିତିକି ପାପୀ ।" ଏତକ କହି ଖୁବ୍ ଜୋରରେ ଗମ୍ଭୀର ହୋଇଗଲା ମଧୁସୂଦନ । ମାଳତୀ ମଧ୍ୟ ଗୋଟେ ବଡ଼ ଝଟ୍କା ଖାଇଲା ଭଳି ହୋଇ ଚୁପ । ହେଲେ ମନକୁ ମନ ଚିନ୍ତା କରି ଯାଉଥିଲା । ବାରମ୍ବାର 'ପାପୀ' ନାଁଟା ତାକୁ ମର୍ମାହତ କରୁଥିଲା । ତେବେ କ'ଣ 'ପାପୀ' ସେଇ ସନ୍ଧ୍ୟାର କଥାଟିକୁ ମଧୁସଦୂନଙ୍କର ଗୋଚରକୁ ଆଣି ଦେଇଥିଲା । ତାହା ମଧ୍ୟ ଅସମ୍ଭବ । ସେଇ 'ପାପୀ'ର ମର ଶରୀର ତ ନଦୀ ଧାରରୁ ଉଦ୍ଧାର କରାଯାଇଥିଲା । ବାରମ୍ବାର ମଧୁସୂଦନଙ୍କ ଠାରୁ 'ପାପୀ' ନାମଟି ଶୁଣି ଥରେ ଅଧେ ତାଙ୍କୁ ପ୍ରଶ୍ନ କରିଥିଲା ମଧ୍ୟ । ତା' କଥାର ଉତ୍ତର ସିଧାସଳଖ ନଦେଇ କହିଥିଲେ 'ପାପୀ' ଅର୍ଥାତ୍ ଯିଏ ପାପ କରେ, ତୋ ଜୀବନରେ କ'ଣ କେହି 'ପାପୀ' ଆସିନାହାନ୍ତି । ତୁ ମଧ୍ୟ କ'ଣ କିଛି ପାପ କରିନୁ । ମୁଁ କେବେ କିଛି ପାପ କରିଥିବି ସେ ବିଷୟରେ ନାଁ ତୁ ଜାଣିଛୁ, ନାଁ ଜାଣିବା ପାଇଁ ଉତ୍ସାହ ପ୍ରକାଶ କରିଛୁ । ମାଳତୀର ପାଟିରେ ଯେମିତି କିଏ ତାଲା ଲଗାଇ ଦେଇଥାଏ । କ'ଣ ବା ଉତ୍ତର ଦିଅନ୍ତା । ସେଦିନ ସନ୍ଧ୍ୟାର 'ପାପୀ' ସହ ତା'ର ସଂପର୍କକୁ ପ୍ରକାଶ କରିବା ପାଇଁ ତା'ର ସାହସ କୁଲାଉ ନଥିଲା । ମଧୁସୂଦନ କହୁଥିଲେ ଯିଏ ପାପ କାର୍ଯ୍ୟ କରେ ସେ 'ପାପୀ' । ତେବେ ମାଳତୀ ମଧ୍ୟ ପାପୀ, ନିଜେ ପାପୀ ହୋଇ ଅନ୍ୟର ପାପ ବିଷୟରେ ଜାଣିବାର ସ୍ପୃହା ତା'ର ଆପେ ଆପେ ମରିଯାଇଥାଏ । ମନକୁ ଆସିଥାଏ କିଶୋର ବୟସର ତା'ର ଅତି ଏକ ପ୍ରିୟ ସଂଗୀତ । "ପ୍ରଥମ ଯିଏ ଜୀବନରେ ଯାଉ, ଭୁଲେ କି ସିଏ ପରିଚୟ ତା'ର...." ମଧୁ ତା' ପାଇଁ ପ୍ରଥମ । ମଧୁ ତା' ଜୀବନରେ ମଧୁ ଭରି ଦେଇଥିଲେ । ବାରମ୍ବାର ମଧୁ ଖାମଖେୟାଲୀ ଭାବେ ଯେଉଁ 'ପାପୀ' ନାମଟି ମୁହଁରେ ଉଚ୍ଚାରଣ କରନ୍ତି ତାହା ଶତ ପ୍ରତିଶତ ସଠିକ୍ ହେଲେ ମଧ୍ୟ ତାହା ଥିଲା
ଏକ ଦୁର୍ଘଟଣା । ଯାହାକୁ ଭୁଲି ପତି ସହ ସୁଖୀ ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପାଇଁ ନିଜେ 'ପାପୀ' ତାକୁ ଏକ ପ୍ରକାର ଅନୁରୋଧ କରିଥିଲା । ପୁଣି ଦିନକର କଥା । ବାରମ୍ବାର 'ପାପୀ' ନାମ ନେଇ ମଧୁସୂଦନ ହୁଏ ତ ତାକୁ ଲାଞ୍ଛନା ଦେବାର ପ୍ରୟାସ କରୁଥିଲେ । ଅତିଷ୍ଠ ହୋଇ ଉଠିଥିଲା ମାଳତୀ । ବିରକ୍ତି ସହ ଟିକିଏ ଚଢ଼ା ଗଳାରେ

ISSN NO.
2582-208X

କହିଥିଲା, "ତୁମେ ହେଉଛ ପାପୀ" ଆହୁରି ବହୁତ କିଛି କହିବା ପାଇଁ ପ୍ରୟାସ କରୁଥିଲେ ମଧ୍ୟ ମଧୁସୂଦନ ତା'ର କଥା କାଟି ଥିଲେ ।

ଯାହା ହେଉ ଶେଷରେ ଜାଣିଲୁ ତ ପ୍ରକୃତ 'ପାପୀ' କିଏ । ସତ କଥା କେବେ ଲୁଚି ରହେନା ମାଲୁ । ଦିନେ ନା ଦିନେ କୋହ କିମ୍ବା କ୍ରୋଧ ମାଧ୍ୟମରେ ଫୁଟି ପଡ଼ିଥାଏ । ଚିନ୍ତାଧାରା ଅନ୍ୟ ମୋଡ଼ ନେଲା । ସତରେ ଯଦି ସେ ଦିନ ସନ୍ଧ୍ୟାର 'ପାପୀ' ମଧୁସୂଦନ ହୋଇଥାଆନ୍ତେ ତେବେ ମାଳତୀ ପାଇଁ ଦୁଇ ଦୁଇଟା ରାସ୍ତା ଦେଖା ଦେଇଥାଆନ୍ତା । ପ୍ରଥମତଃ ସେ ନିଜକୁ ଦୋଷୀ ମନେ କରି ନିରବୁ ନଥାନ୍ତା, ଦ୍ୱିତୀୟତଃ ସେଇ ଇସୁ ନେଇ ମଧୁସୂଦନ ଯେ ନାରୀ ଆସକ୍ତ ତାହା ପ୍ରମାଣ କରାଇ ପାରିଥାନ୍ତା ।

ଗାଡ଼ିଟା ଚାଲିଥିଲା ଖୁବ୍ ବେଗରେ । ଭଦ୍ରକରୁ ଚରମ୍ପା । ଯେତେ ଶୀଘ୍ର ପହଞ୍ଚିବାକୁ ହେବ। ସହରର ଗହଳିରୁ ବାହାରି ଗାଡ଼ି ନିରୋଳା ରାସ୍ତାକୁ ଆସନ୍ତେ ମଧୁସୂଦନ ଆକ୍ସେଲେଟର ଉପରେ ପାଦ ରଖି ଗାଡ଼ିର ସ୍ପିଡ଼ ଆହୁରି ଅଧିକ କଲା । ମାଳତୀର ଚିନ୍ତା ଧାରାର ବେଗ ଯେମିତି ଆହୁରି ତା' ଠାରୁ ବେଗଗାମୀ ଥିଲା, ବାରମ୍ବାର ମନକୁ ଆସୁଥିଲା ଅନ୍ୟକୁ ଫେଡୁ ଫେଡୁ ଆଜି ମୁଁ ନିଜେ ଫେଡ଼ି ହୋଇଯାଇଛି । ତାହା ହୁଏ ତ ମୋର ଅବଚେତନ ମନର ଇର୍ଷା ଯୋଗୁ । ନେଞ୍ଜା ଦିଦି ପ୍ରତି ମୋର ଇର୍ଷା, ନାଁ, ସେଇ ନେଞ୍ଜାଦିଦିକୁ ତ ମୁଁ ତା' ଜନ୍ମିତ ପିଲାଟି ସହ ମୋର ଅତ୍ୟନ୍ତ ନିଜର କରି ନେଇଥିଲି । ସ୍ୱାମୀ, ଶାଶୁ, ଶ୍ୱଶୁର, ଜେଜେ ଶ୍ୱଶୁରଙ୍କ ନିକଟରେ ଦୁହିଁଙ୍କର ବଡ଼ାଇ କରୁଥିଲି । ପିଲାଟି କାନ୍ଦିଲେ ମୋ ଶରୀରରୁ ରକ୍ତ ଝରୁଥିଲା । ନେଞ୍ଜା ଦିଦିକୁ ତାଗିଦ୍ କରୁଥିଲି । ପିଲାର ଯତ୍ନ ଠିକ୍‌ରେ ନେଇପାରୁନି ବୋଲି ନିଜର ଅସନ୍ତୋଷ ପ୍ରକାଶ କରୁଥିଲି । ଜଜମ୍‌ଙ୍କର ହୀରକ ଜୟନ୍ତୀ ଉତ୍ସବରେ ଯୋଗଦାନ ଦେବା ପାଇଁ ମଧୁ ଆସିଥିଲେ । ଦୀର୍ଘ ପାଞ୍ଚମାସ ଧରି ନେଞ୍ଜାଦିଦି ତା' ପୁଅକୁ ନେଇ ମୋ ଶୋଇବା ଘର ଖଟରେ ମୋ ସଂଗେ ଶୋଉଥିଲା । ତେଣୁ ସେ ଯେତେବେଳେ ଘର ଗୋଟାକର ସଞ୍ଜୁଡ଼ି କରୁଥାଏ ଛୁଆଟି ମୋ ପାଖରେ । ହେଲେ ସେଦିନ ସେଇ ପାଞ୍ଚମାସର କୋମଳ ଶିଶୁଟିକୁ ଶାଢ଼ୀ ପଣତ ଦୋଳିରେ ଶୁଆଇ ନେଞ୍ଜାଦିଦି ତାର ସବୁଦିନିଆ କାର୍ଯ୍ୟ କଳାପ ଆରମ୍ଭ କରିଦେଇଥିଲା ଯାହା ମତେ ଅସହ୍ୟ ମନେ ହୋଇଥିଲା । "ସବୁଦିନେ ତ ତୁମେ ଅମୁକୁ ଖଟରେ ଶୁଆଇ କାମ କର । ଆଜି କାହିଁକି ଏ ତାରତମ୍ୟ ନେଞ୍ଜାଦିଦି ।" ଉତ୍ତର ପାଇଥିଲି, "ସବୁଦିନକଥା ନିଆରା

ISSN NO.
2582-208X

ବୋହୁମା। ଆଜି ପରା ଦାଦା ବାବୁ ଆସିଛନ୍ତି ।" ଦାଦାବାବୁ ଆସିଛନ୍ତି ଉତ୍ତରଟି ମୋ ମନର ସନ୍ତୁଳନକୁ ଲାଘବ ନ କରିବାରୁ ପୁଣି ଥରେ କହିଥିଲି ଶିଶୁଟି କ'ଣ ଗୋଟିଏ ଲୁଗା ବୋକଚା ? କାନ୍ଧରେ ପକାଇ କାମ କରି ଚାଲିବ ? ସେମାନଙ୍କର ସ୍ଥାନ ତୂଳୀ ତଳପରେ ।

ସେ ସବୁ କଥା ଧନୀଘର ଛୁଆଙ୍କୁ ରାଜେ ବୋହୁ ମା । କହିଥିଲି, "ଛୁଆ ତ ଛୁଆ । ଏ ଧନୀ ଘର ଗରିବ ଘର ସେମାନେ କ'ଣ ବୁଝନ୍ତି । ତା ଛଡ଼ା ଛୁଆଟା ପାଇଁ କେତେ କଥା କୋହୁଛ ନେଞ୍ଜା ଦିଦି । ମୁଁ ସେ ସବୁ କିଛି ବୁଝୁନି । ଛୁଆ ତ ଛୁଆ, ସେଥିରେ ତମ ଛୁଆ ମୋ ଛୁଆରେ ବାଛ ବିଚାର କାହିଁକି । ତୁମେ ଅମୁକୁ ତା' ବିଛଣାରେ ଶୁଆଇ ଦେଇ ଦାଦା ବାବୁଙ୍କୁ କୁହ ଏଇଟା ଅମୁର ଶେଯ ।" କୁଆଡ଼େ ଗଲା ସେ ଆନ୍ତରିକତା! ଏ ଫେଡ଼ା ଫେଡ଼ି ପାଇଁ ଦାୟୀ କିଏ ? ଯେଉଁ ଅଦୃଶ୍ୟ ମଣିଷଟି ମୋ ଜୀବନର ଅମାୟିକ ସ୍ନେହ ଶ୍ରଦ୍ଧାକୁ ଉଡ଼ାଇ ନେଇଛି । ଅଦୃଷ୍ଟ! ବୟସ!! ଶିକ୍ଷା!!! ହଁ ସେତେବେଳେ ମୁଁ ଅପା ଠୋଇ ଥିଲି । ହେଲେ ମୋର ପରିବାର ଥିଲେ । ମାତ୍ର ଆଜି! ହୁଏ ତ ଲୋକ ଦେଖାଣିଆ ପାଇଁ ପରିବାର। ତାହା ପୁଣି ବାଲୁ ଭାଇନାର ପ୍ରୟାସରେ ଚିରଦିନ ପାଇଁ ଲୁପ୍ତ ହେବାକୁ ଯାଉଛି ।

ଗାଡ଼ି ପହଞ୍ଚିଲା ଘର ପାଖରେ । ହାତ ଘଡ଼ିକୁ ଚାହିଁଲା ମାଳତୀ । ଦଶଟା ବାଜି କୋଡ଼ିଏ ମିନିଟ୍ । ଜଲ୍‌ଦି ଜଲ୍‌ଦି ଗାଡ଼ିରୁ ବାହାରି ଦହେଁ ମା' ପାଖକୁ ଧାଇଁଲେ । ଅମର କୋଳରେ ମୁଣ୍ଡ ରଖି ମା' ଆଖି ମିଟିମିଟି କରୁଥିଲେ । ମା'ଙ୍କ ବିଛଣା ଚାରିପାଖରେ ବଗିଚାର ମଧୁମାଳତୀ ଫୁଲର ଢ଼େର ଲାଗିଛି । କ'ଣ ଏ ସବୁ ! ପାଖରେ ଗଙ୍ଗାଜଳ ବୋତଲଟାଏ । ପଡ଼ିଶା ଘର ଦଦେଇ କହି ଉଠିଲେ ଚାମୁଚାଏ ଗଙ୍ଗାଜଳ ମା' ପାଟିରେ ଦେଇ ଦେ ମଧୁ । ହାତ ବଢ଼ାଇ ଅମର ମଧୁସୂଦନ ହାତକୁ ବୋତଲଟା ବଢ଼ାଇଲା । ହେଲେ ମା'ର ପାଟି ଜମା ଖୋଲୁନି । ଜାବ ପଡ଼ି ଯାଇଥିଲା ଯେମିତି । ମାଳତୀ ଗୋଟିଏ ହାତରେ ମା' ହାତ ଧରି ଭୋ ଭୋ ରଡ଼ି ଛାଡୁଥିଲା । ପାଟି ଖୋଲ ମା । ମୁଁ ଆଜି ଦୁଇଟା ଦୋଷ କରିଛି । ତୁମକୁ ତୁମର ସବୁଦିନିଆ ପାନ ଖଣ୍ଡକ ଭାଙ୍ଗି ଦେଇନି । ଆଉ ସୂର୍ଯ୍ୟ ଢ଼ଳିବା ଆଗରୁ ମୁଁ ତୁମ ପୁଅକୁ ତମ କୋଳରେ ଦେଇ ପାରିନି । ଶଶିକଳା ଦେବୀ ଇଙ୍ଗିତରେ କିଛି ଅମରକୁ କହିଲେ, ମଧୁସୂଦନକୁ ମଧ୍ୟ । ଅମର ବୁଝିପାରି ପାଖରେ ରଖା ଯାଇଥିବା କେଇ ଫର୍ଦ୍ଦ କାଗଜକୁ ବଡ଼ ମା ହାତରେ ଦେଲା । ହେଲେ ମଧୁସୂଦନ ଇଙ୍ଗିତରୁ କିଛି ବୁଝି ପାରିଲାନି ।

ISSN NO.
2582-208X

ଶଶିକଳା ଥର ଥର ହାତରେ କାଗଜଗୁଡ଼ାକୁ ମଧୁସୂଦନ ହାତରେ ଗେଞ୍ଜିବାର ଚେଷ୍ଟା କଲେ। ଦଦେଇ ପୁଣି କହିଲେ ଧରି ନେରେ ମଧୁ । ହୁଏତ ସିଏ କିଛି ତାଙ୍କ ମନକଥା ତୋ ପାଇଁ ଲେଖିଯାଇଚନ୍ତି । ମଧୁସୂଦନର ହାତ ଶଶିକଳା ଦେବୀଙ୍କ ହାତଠାରୁ ଦଶଗୁଣା ଅଧିକା ଥରୁଥିଲା । ବହୁ କଷ୍ଟରେ କାଗଜ ତକ ମୁଠାଇ ଧରି ମା' ଉପରେ ଗଛ କାଟିଲା ପରି ଉଜାଡ଼ି ପଡ଼ିଲା । ସେଇମିତି କାନ୍ଦୁ କାନ୍ଦୁ କହିଲା, "ମତେ କ୍ଷମା କରି ଦେ ମା', ଆସିବାରେ ବିଳମ୍ବ କରିଦେଲି, ତୋ ପାଦ ଛୁଇଁ ଶପଥ କରୁଛି ଆଉ କେବେ ଏମିତି ଭୂଲ କରିବନି । ଏବେ ତୁ ପାଟି ଖୋଲିଦେ । କିଛି ତ ଖୁଆଇ ପାରିଲିନି, ପାଣି ଟୋପାଏ ତ ମୋ ଠାରୁ ନେ" । ଶଶିକଳା ଦେବୀଙ୍କ ପାଟି ତ ଖୋଲିଲାନି ଆଖି ମଧ୍ୟ ବନ୍ଦ ହୋଇ ଗୋଟାଏ ପଟକୁ ବାଙ୍କିଗଲା ।

କେବଳ କନ୍ଦା କଟାର ଶବ୍ଦରେ ଘର ଗୋଟାକ କମ୍ପି ଉଠିଲା । ଦଦେଇ କହିଲେ, "ବାରୁଟା ବି ବାଜିନି, ସୂର୍ଯ୍ୟ ଉଦୟ ପୂର୍ବରୁ ତ କିଛି ହୋଇ ପାରିବନି । ମୁଁ ଯାଏ ଅଇଁଠୁକୁ କୁହେ ସିଏ ମଡ଼ା ଉଠେଇବାର ସବୁ ବ୍ୟବସ୍ଥା କରିବ । ତୁ ତାଙ୍କ ପାଖରେ ଜଗି ବସିଥା ।"

ରାତି ଦୁଇଟା ବାଜି ପଚାଶ ମିନିଟ୍ । ଶଶିକଳାଙ୍କ ପାଦ ଉପରେ ସେତିକି ବେଳଠୁ ମୁଣ୍ଡ ରଖି କାନ୍ଦି କାନ୍ଦି ଅମର ଶୋଇ ପଡ଼ିଛି ବୋଧେ । ମୁହଁ ଖୋଲିଲା ମଧୁସୂଦନ । "ତୁ କେତେବେଳେ ମା' ପାଖରେ ପହଞ୍ଚିଲୁ ଅମର । ମା' କ'ଣ କରୁଥିଲା । ତା'କୁ ପିଠା ଖୁଆଇଲୁ ।"

ମୁଁ ବେଳ ରତରତ ବେଳକୁ ପହଞ୍ଚିଗଲି । ବଡ଼ମା କହିଲେ ତୁ ଏକା ଆଇଲୁ । ବାପା ଆଇଲାନି । ତତେ ପଠେଇ ଦେଲା । ହୋଉ, ମୂଳଠୁ ସୁଧ ଅଧିକା । ମୁଁ କିଛି ନବୁଝି ପାରି କହିଲି, କାହା କଥା ପଚାରୁଛ ବଡ଼ମା । କହିଲେ ମଧୁ କଥା ଆଉ କାହା କଥା! ଆଉ କିଛି ସେଇ ବିଷୟରେ ନକହି କହିଲି, "କାକାବାବୁ ତୁମ ପାଇଁ ତୁମ ପସନ୍ଦର ଭଜା ମଣ୍ଡା ପଠାଇଛନ୍ତି ବଡ଼ ମା' । ଖାଇ ଦେଖ ।"

"ଦେ ତ ଗୋଟେ । କଳଟାଏ ନେଇ କହିଲେ ତୁ ଆଁ କର ତ' କହି ମୋ ପାଟିରେ ସବୁ ଗୁଂଜିଲେ । ଭଲରେ କଥାବାର୍ତ୍ତା କରୁଥିଲେ ।

ISSN NO.
2582-208X

ହଁ, କାକାବାବୁ, ସରବୋଉ ମାଉସୀଙ୍କୁ କହି ମୋ ପାଇଁ ଗୋଟେ ବଡ଼ ମଗ୍‌ରେ ହର୍ଲିକ୍ସ ତିଆରି କରେଇଲେ, ପୁଣି କହିଲେ, "ଏଇଟା ପିଇଦେଇ ତୁ ମୋ ପାଇଁ ଗୋଟେ କାମ କରିଦବୁ ବାବା ?"

ଏବେ କୋହୁନ ବଡ଼ ମା ।

ବାଡ଼ି ମଧୁମାଳତୀ ଗଛରୁ ସବୁତକ ଫୁଲ ତୋଳି ଆଣି ମୋ ପାଖରେ ଜୁଢେଇ ଦେ । ଗୋଟେ ବି କଢ଼ ଫୁଲ ଛାଡ଼ିବୁନି । ଗଛଟା ନଣ୍ଡା ଦିଶିବ ବଡ଼ ମା' ।

ଦୁଶୁ...ତୁ ପୁଣି ନୂଆ କଢ଼ ଫୁଲ ଭର୍ତ୍ତି କରେଇ ଦବୁନି । ଇଏ ଫୁଲ ତକ ସବୁ ମୋର ।

ବଡ଼ ମାଙ୍କ ଆଦେଶ ପାଳନ କଲି । ପୁଣି କହିଲେ, ଟେବୁଲ ଓପରେ କେଇଟା ହାତ ନେଖା କାଗଜ ପଡ଼ିଛି । ମୁଁ ପଢ଼ିଦେଲି ସିନା ଗୋଟେଇ ରଖି ପାରିଲିନି । ଭାଙ୍ଗିଭୁଙ୍ଗି ଖାମ୍ ଭିତରେ ପୂରେଇ ଦେଇ ମୋ ହାତରେ ଦେ ।

ସେଇଆ କଲି । ହେଲେ ତାଙ୍କର କହିବା ବନ୍ଦ ହୋଇ ନ ଥିଲା । ମୁଣ୍ଡଟା କେମିତି ଲାଗୁଛିରେ, ତକିଆଟା ସିଲେଇ କରୁ କରୁ ସରବୋଉ ଛୁଞ୍ଚିଟା ଭିତରେ ଛାଡ଼ି ଦେଇଚି ବୋଧେ । ତକିଆଟା ବାହାର କରି ତୋ କୋଡ଼ରେ ମୋ ମୁଣ୍ଡଟାକୁ ରଖିଲୁ । ମୋ କୋଳରେ ମୁଣ୍ଡ ରଖି କହିଲେ, ତୁ କେଡ଼େ ବାଲୁଙ୍ଗା ଟାଏରେ ନାତି ଟୋକା, ନାଁ ବାପା, ମା'ଙ୍କୁ ପଚାରିଲୁ । ନାଁ ଏ ବୁଢ଼ୀ ମା'ଟାକୁ, ଜାଣିଛୁ । ମୁଁ ତୋ ବାପକୁ ଜନମ ଦେଇଚି, ତୁ ଆଜି ବହପ ମାରି ବାହାରେ ବାହାରେ ରୋଉଛୁ । ରହ ରହ ତୋ ବାପା, ମା'କୁ କହି ତୋ ଗୋଡ଼ରେ ଜଞ୍ଜିର ବନ୍ଧେଇ ଦେବି ।

ନଅଟା ବାଜିଥିଲା । ସରବୋଉ ମାଉସୀ କହେିଲ, "ନଟା ବାଜିଲାଣି ମା' । ବୋହୂ ମା'ଙ୍କର ଡ଼େରି ହୋଉଚି । ତୁମ ପାଇଁ ବାଢ଼ି ଦେଉଛି ।"

ISSN NO.
2582-208X

"ତତେ ଧର୍ମ ଛାଡ଼ିଲାଣି କିଲୋ । ମାଳ ଏକା ଏକା ବସି ଖାଇବ ! ତା' ବାପା ମତେ ଜୀବନରେ ମାରି ଦେବେନି । ତୁ ଗୋଟେ କାମ କର । ଅମର ପାଇଁ ଥାଳିରେ ବାଢ଼ି ଏଇଠିକି ନେଇ ଆ ।"

ସରବୋଉ ମାଉସୀ ଗୋଟେ ଥାଳି ଭର୍ତ୍ତି କରି ଆଣି ମୋ ପାଖରେ ରଖିଲେ । ପୁଣି ସର ବୋଉ ମାଉସୀଙ୍କୁ ବଡ଼ମା କହିଲେ "ତୁ ଦିଟା କଂସାରେ ପାଣି ଆଉ ଗୋଟେ ଗାମୁଛା ଆଣି ଏଇଠି ରଖ । ଏ ଟୋକା ଥରେ ଏଠୁ ଉଠିଗଲେ କୁଆଡ଼େ ଉଭେଇ ଯିବ ଏ ବୁଢ଼ୀଟା କ'ଣ ତାକୁ ଖୋଜି ପାଇବ ।"

କଂସାରେ ହାତ ବୁଡ଼େଇ ଗାମୁଛାରେ ପୋଛି ଥାଳିରେ ଭାତ ଡାଲି ତରକାରୀ ଚକଟି ମୋ ମୁହଁରେ ଗୁଣ୍ଡା ଦେଲେ, କହିଲି, "ମୁଁ ଏଇଠି ବସି ନିଜେ ନିଜେ ଖାଇବି" ।

କାଇଁକିରେ ଟୋକା, ମୋ ହାତୁଟା ତତେ ପିତା ଲାଗୁଛି ଆଉ ତୋ ବାପା, ମା ହାତରୁ ଅମୃତ ବରଷୁଛି । ସେମାନଙ୍କ ହାତୁରୁ ତ ଗେଫି ଦୋଉ । ତାଙ୍କ ହାତରେ ସେ ଅମୃତ କିଏ ଦେଲା ରେ ଟୋକା ?

ବଡ଼ମା କ'ଣ କହିବାକୁ ଚାହୁଁଥିଲେ ମୁଁ ତାର ଅଗମୂଳ ବୁଝିଲି ନି ସିନା, ହେଲେ ମୋ ମୁଣ୍ଡରୁ ଗୋଟେ ବୁଦ୍ଧି ପାଞ୍ଚି ହେଇଗଲା । ଥାଳିରୁ ଗୋଟେ ବଡ଼ ଗୁଣ୍ଡା ଉଠାଇ ବଡ଼ମା'ଙ୍କ ପାଟିରେ ଗୁଂଜି କହିଲି ଆଉ ମୋ ହାତରେ କ'ଣ ବିଷ ଅଛି ।

ଆଉ କିଛି ନ କହି ମୋ ହାତରୁ ତିନି ଚାରି ଗୁଣ୍ଡା ଖାଇ ନେଇ କହିଲେ, "ପାଣି ମୁନ୍ଦାଏ ଦେ ତ ।" ପାଣି ଗିଲାସଟା ହାତକୁ ବଢ଼ାଇବାରୁ କହିଲେ, "ମତେ ଇମିତି ସିମିତି ଅସନା ପାଣି ଗୁରାକ ପିଆଇବୁ । ଏ ସବୁ ତୋ ବାପା ମା ପାଇଁ ରଖ । ତୁ ଖାଇ ସାର, ପବିତ୍ର ପାଣି ମୁନ୍ଦେ ମୋ ପାଟିରେ ଦେବୁ । ମୁଁ ଖାଉଥିବା ସମୟରେ ସତେ ଯେମିତି ବଡ଼ମା କଟମଟ କରି ଥାଳି ଆଡ଼କୁ ଚାହିଁ ରହିଥିଲେ ।

ISSN NO.
2582-208X

ହେଇଟି ସେ ପାଖକୁ ରହିଗଲା । ଶୁଖିଲା ଭାତ ଗୁରା କାଇଁକି ଖାଉଛୁ । ଡ଼ାଲି ଟିକିଏ ଗୋଳେଇ ଦେ । ଆଉ ଟିକିଏ ତିଅଣ ଆଣି ଦେଲୁ ଲୋ ସରବୋଉ । ଛୁଆଟା ଶୁଖିଲା ଶୁଖିଲା ଖାଉଚି । ମତେ ସବୁ ତକ ତିଅଣ ଗିଳେଇ ଦେଲା ।

ଖାଇ ସାରିବା ଉତ୍ତାରୁ ମୁଁ ହାତ ଧୋଇବା ପାଇଁ ଉଠୁଥିଲି, କହିଲେ, ଫେରେ ସେ ଛୁଞ୍ଚି ଓପରେ ମୋ ମୁଣ୍ଡ ଥୋଇବୁ । ସେଇ କଂସା ପାଣିରେ ହାତ ବୁଡ଼େଇ ଧୋଇ ଗାମୁଛାରେ ପୋଛି ଦେ । ମୁଁ ସେଇଆ କଲି । ସରବୋଉ ମାଉସୀଙ୍କୁ ଡାକି ପଚାରିଲେ, କ'ଣ ମିଠା ରଖିଛୁ ଲୋ, ଆଣି ଦେଲୁ ।

ନାଁ ନାଁ ବଡ଼ ମା ପେଟ ଏକଦମ ଭର୍ତ୍ତି । ଆଉ କିଛି ଖାଇପାରିବିନି ।

ହଇରେ ଟୋକା, ମୋଠୁ ନ ହେଲେ ନାଇଁ, ବାପଠୁ କିଛି ଶିଖିଲୁନି ମୋ ଅଭ୍ୟାସଟା ଗୋଟେ ବଦ୍ ଅଭ୍ୟାସ । ଖାଇ ସାରିବା ପରେ ପାନ ଖଣ୍ଡେ କଳରେ ଜାକେ । ହେଲେ ମଧୁ ଖାଇ ସାରିବା ପରେ ପାଟିରେ ମିଠା ଟିକିଏ ନ ଜାକିଲେ ତା'ର ପେଟ ପୂରେନା । କିଛି ନ ମିଳିଲେ ଗୁଡ଼ ମୁଣ୍ଡାଟେ । ପୁଣି ଟିକିଏ ରହିଯାଇ କହିଲେ, ଦେଖିଲୁ ସଂଜ ହେଲାଣି କି ? ତୋ ମା' ମତେ କଥା ଦେଇ ଯାଇଛି ସୂରୁଜ ବୁଡ଼ିବା ଆଗୁରୁ ଆସି ପହଞ୍ଚିବ ।

ସୂର୍ଯ୍ୟ ଅସ୍ତ ହୋଇ ଚାରି ଘଣ୍ଟା ହେଲାଣି ବଡ଼ମା ।

ଚାରି ଘଣ୍ଟା । ହଉ ଆଣିଲୁ ପାଣି ଟୋପାଏ । ପାଖରେ ଥିବା ପାଣି ଗ୍ଲାସଟି ଉଠାଇ ଧରିଲି। ମୋ ସାଂଗେରେ ଟାପରା ଖେଳୁଚୁ ଟୋକା । ରହ ତୋ ବାପ ଆସୁ । କାନ ମୋଡ଼ି ଦିଟା କୁଟି ଦେବ । ଅକଲ ଆଇଯିବ । ହଇଲୋ ସରବୋଉ, ଠାକୁର ଘର ପାଖରେ ଦେଖିଲୁ ମାଳ ସେ ଗଙ୍ଗାଜଳ ଶିଶିଟା ରଖିଥେବ, ଏଇଠିକି ନେଇଆ । ହଇରେ ଟୋକା, ମୋ ତଣ୍ଟିଟା ଶୁଖି ଯାଉଛି । ଦେ ତ ଟୋପାଏ ସେ ପାଣିରୁ ମୋ ପାଟିରେ । ତା'ପରେ ସବୁ ଚୁପ୍ କାକାବାବୁ । ସରବୋଉ ମାଉସୀଙ୍କର ହାଉଳି ଶୁଣି ପଡ଼ିଶା ଘର କକେଇ, ଦଦେଇ, ପିଇସାମାନେ ଗୋଠ ହୋଇଗଲେ । କେତେ ଡାକିଲି । ବଡ଼ ମା' ମୁଁ ତୁମ ଅମାନିଆ ହେବିନି । ଏଇ ଦେଖ ମୁଁ ମିଠା ଖାଉଛି । ତୁମେ ପାଟି ଖୋଲି କଥା କୁହ । ଦଦେଇ

ISSN NO.
2582-208X

କହିଲେ, ଦେ ରେ ବାବୁ ବଡ଼ମା ପାଟିରେ ଗଙ୍ଗାଜଳ ଚାମୁଚେ ଦେଇଦେ । ମୋ ହାତର ଚାମଚଟାକୁ ଦେଖି ବଡ଼ ମା ପାଟି ଖୋଲିଦେଲେ ।

ପାହାନ୍ତିଆ କୁମ୍ଭାଟୁଆ ଡାକ ଶୁଣି ସମସ୍ତେ ଧଡ଼ ଧାଡ଼୍ ଉଠି ପଡ଼ିଲେ । ଅଳ୍ପକେ ସକାଳ ହେଇଯିବ । ଶଶିକଳାଙ୍କର କୋକେଇର ବନ୍ଦୋବସ୍ତ ହୋଇ ଯାଇଥିଲା । ଖବର ପାଇ ସାବୀ, ଖୁବୀ ଦୁହେଁ ନିଜ ନିଜର ବରମାନଙ୍କ ସହ ଆସି ପହଞ୍ଚିଲେ । ସାବୀ ନାନୀ ଖୁବୀ ନାନୀଙ୍କ ସାହାଯ୍ୟ ନେଇ ମା'ଙ୍କର ଶବକୁ ଗାଧୋଇ ପାଧୋଇ ଦେଲା ମାଳତୀ । କପାଳରେ ଚନ୍ଦନ ମାଖି ଧଳା ଲୁଗା ଖଣ୍ଡକୁ ଭଲକରି ପିନ୍ଧାଇ ଦେଲା । ମା'ଙ୍କର ମର ଶରୀରଟିକୁ କୋକେଇରେ ଶୁଆଇ ଦେବା ପରେ ଚାରି କାନ୍ଧର ଆବଶ୍ୟକ । ଅମରକୁ ହାତ ଠାରି ଡାକିଲା ମଧୁସୂଦନ । ଚିହିଙ୍କି ଉଠିଲା ମାଳତୀ ।

ଅମର ଅନ୍ୟ ଜାତିର । ସେ କେମିତି ମା'ଙ୍କ ଶବ ଛୁଇଁବ ? ମୁହଁ ଶୁଖାଇ ଫେରି ଆସିଲା ଅମର । ଠିକ୍ ଅଛି ତୁ ଏଇ ନେ ପାଣି କଳସୀଟା ହାତରେ ଧରି ଆଗରେ ଆଗରେ ପାଣି ସିଞ୍ଚି ସିଞ୍ଚି ଖଇ କଉଡ଼ି ବିଞ୍ଚି ବିଞ୍ଚି ଚାଲ । ତୁ ତ ମା' ପାଟିରେ ଶେଷ ପାଣି ବୁନ୍ଦାକ ଦେଇଛୁ। ତେଣୁ ଏ କାମ ପାଇଁ କେବଳ ତୋ'ର ଅଧିକାର ଅଛି । ଶବ ସଂସ୍କାର ପରେ ଫେରି ଆସି ସମସ୍ତେ ଗାଧୁଆ ପାଧୁଆ କଲେ । ଆଠ ଘଣ୍ଟା ପରେ ଅମର ସଙ୍ଗେ ଯାଇ ମା'ର ଅସ୍ଥି ଆଣି ଗୋଟିଏ ଘଟରେ ବାନ୍ଧି ପୂଜା ପାଇଁ ରଖିଲେ । ସେଇ ଘଟର କିଛି ଦୂରକୁ ମଧୁସୂଦନ ବସିଥାଏ । ସିଏ କ୍ରିୟା ଧରିଛି । ବାହାରକୁ ଉଠିଯିବା ପାଇଁ ଅନୁମତି ନାହିଁ । ଘର ଭିତରେ ବହୁ ଜଣଙ୍କର ଉପସ୍ଥିତି ଥିଲେ ମଧ୍ୟ ନିସ୍ତବ୍ଧତା ଛାଇ ଯାଇଛି । ଜଣେ ମଣିଷ ଚାଲିଗଲେ କ'ଣ ସଂସାରଟା ଏମିତି ଓଲଟ ପାଲଟ ହୋଇଯାଏ ? ମା' ଘଟ ପାଖରେ ସବୁଦିନ ଦୀପଟିଏ ରଖି କେତେ ପ୍ରକାର ଖାଇବା ସଜାଡ଼ି ଥାଏ ମଧୁସୂଦନ । ପତର ଖଣ୍ଡକ ଉପରେ ଭଙ୍ଗା ପାନ ଖଣ୍ଡେ ବଢ଼େଇ ଦେଇ ମଧୁସୂଦନଙ୍କୁ କହିଥାଏ ମାଳତୀ, "ଏଇଟା ବି ମା'ଙ୍କ ପତର ଉପରେ ରଖିଦିଅ । ନଇଲେ ତାଙ୍କର ପେଟ ପୁରିବନି।"

ତିନି ଚାରିଦିନ ଏଇ ସବୁ ଦେଖିବା ପରେ ଦିନେ ଅମର ମୁହଁ ଖୋଲିଲା । କାଲି ବଡ଼ମା ମତେ ସପନରେ ଆସିଥିଲେ । କହିଲେ, "କେମିତିଆ ଟୋକାଟାଏରେ ତୁ ? ମୋ ପୁଅ

ISSN NO.
2582-208X

ପାଖେରେ ମୋ ଚିଠି ଖଣ୍ଡୁଟା ପହଞ୍ଚେଇଲୁନି ।" ମଧୁସୂଦନ ମନରେ ଚେତା ପଶିଲା । ଏ ଯାବତ ସେ ଅମର ଦେଇଥିବା ଲଫାପାଟି ଖୋଲିନି । କୁହାଯାଏ ମୃତ୍ୟୁ ପରେ ଏଗାର ବାରଦିନ ଆତ୍ମା ଚାରି ପାଖରେ ଘୁରି ବୁଲୁଥାଏ । ମା' ଦେଖିପାରିଛି । ମଧୁ ତାକୁ ଅବମାନନା କରିଛି । ଲଫାପା ଭିତରୁ ଚିଠିଖଣ୍ଡକ ବାହାର କରି ମୁହଁ ଶୁଖାଇ ପୁଣି ଭିତରେ ରଖିଦେଲା ମଧୁସୂଦନ ।

କ'ଣ ହେଲା କାକା ବାବୁ !

ଚଷମାଟା ଛାଡ଼ି ଆସିଛିରେ ବାବୁ ।

ମୁଁ ପଢ଼ି ଶୁଣାଇ ଦେବି ?

ନାଁ, ନାଁ ... କାହା ଚିଠି କାହାର ପଢ଼ିବା ଉଚିତ ନୁହେଁ । ସେ ବାପା, ମା' ହୁଅନ୍ତୁ । ପୁଅ ଝିଅ ବା ପତ୍ନୀ । ତୁ ଗୋଟେ କାମ କର, ରଘୁ ଦାଦା ଦୋକାନରୁ ଖଣ୍ଡେ ଦେଢ଼ ନମ୍ବର ଚଷମା ନେଇଆ ।

ସେଇଥିରେ ତୁମର କାମ ଚଳିଯିବ କାକାବାବୁ ?

ହଁ ।

ଗତବର୍ଷ ପଢ଼ିଲା ବେଳେ ମୋ ମୁଣ୍ଡ ବହୁ ଜୋର୍‌ରେ ବଥେଉ ଥିଲା ବୋଲି ଆମ କଲେଜର ଡାକ୍ତର ବାବୁ ମତେ ପ୍ଲସ ୧.୨୫ ନମ୍ବରର ଚଷମା ଖଣ୍ଡେ ଦିନରାତି ଲଗେଇବାକୁ କହିଥିଲେ। ଥରେ, ଦି ଥର ଲଗେଇଲା ପରେ ମତେ ଅଡୁଆ ଲାଗିଲା । ତେଣୁ ସେଟା ସେମିତି ମୋ ବ୍ୟାଗ ଭିତରେ ପଡ଼ି ରହିଛି । ଦେଖିଲ, ଯଦି କାମରେ ଆସିଯାଏ । ଅମର ହାତରୁ ଚଷମା ଖଣ୍ଡକ ନେଇ ଲଗାଇଲା ପରେ ମଧୁସୂଦନକୁ ପରିଷ୍କାର ଦେଖାଗଲା । ଏକ ନିଶ୍ୱସରେ ଚିଠି ଖଣ୍ଡକ ପଢ଼ି ନେଲା । ଇଏ ତ ମା ଲେଖିନି । ଭଦ୍ରକ ଡାକ୍ତରଖାନାର ମୁଖ୍ୟ ଡାକ୍ତର ବାବୁ ଲେଖିଛନ୍ତି । ହେଲେ ଏଇଟା ମା' ପାଖକୁ କେମିତି ଆସିଲା ? ହଁ, ଠିକ୍

ISSN NO.
2582-208X

ମନେ ପଡ଼ିଲା, ଡାକ୍ତର ବାବୁ ମାଳତୀର ରିପୋର୍ଟ ମଧୁସୂଦନକୁ ଦେଇଥିଲେ ଆଉ ସିଏ ନିଜେ ତାକୁ ଅନ୍ୟ ଏକ ଲଫାପା ଭିତରେ ଭର୍ତ୍ତି କରି ମାଳତୀ ପାଖକୁ ପଠାଇ ଦେଇଥିଲା । କାରଣ ଦୁଇଟିଯାକ ସତ୍ୟ ମାଳତୀ ସାମ୍ନାରେ ଉପସ୍ଥାପନା କରିବା ତା'ର ସାମର୍ଥ୍ୟ ବାହାରେ ଥିଲା ।

କିଛି ନ କହି ଅମର ଚୁପ୍ ଚାପ ଖଣ୍ଡେ ଆସନ ପକାଇ କିଛି ଦୂରରେ ବସିଥିଲା । ମଧୁସୂଦନର ସ୍ୱର ଶୁଣି ପଚାରି ବସିଲା, ମତେ କ'ଣ କହିଲ କାକା ବାବୁ ?

ହଁ, ତୁ ଏ ଚିଠି ପଢ଼ିନୁ ତ !

ନାଁ କାକା ବାବୁ, ବଡ଼ମା ତୁମ ହାତରେ ଦବାକୁ କହିଥିଲେ ।

ମା'ର ଦୁରାବସ୍ଥା ନିଶ୍ଚୟ ଏଇ ଚିଠିଟାକୁ ପଢ଼ି ହିଁ ହେଇଛି । ନିରାଟ ସତ୍ୟଟିକୁ ଗ୍ରହଣ କରି ନେଇ ନିଜକୁ ଦୋଷୀ ସାବ୍ୟସ୍ତ କରିଛି । ମାଳତୀକୁ ସେଇ ବାଟ ଦେଇ ଯାଉଥିବାର ଦେଖି ହାତ ଠାରି ଡାକିଲା ମଧୁସୂଦନ । ଏଇଟା ତୋ ଚିଠି । ତୁ ନ ଥିବାରୁ ହୁଏ ତ ପୋଷ୍ଟମ୍ୟାନ ଏଇଟିକୁ ମା'କୁ ଦେଇ ଯାଇଥିଲା ।

ନାଁ, ଏଇଟା ତ ମୁଁ ପୋଷ୍ଟମ୍ୟାନ ବାବୁଙ୍କ ଠାରୁ ରଖିଥିଲି, ତମ ହସ୍ତାକ୍ଷର ଦେଖି ମୁଁ ମନେ କଲି ଛାଡ଼ପତ୍ରରେ ଦସ୍ତଖତ କରି ପଠେଇଛ । ସତ କହିବାକୁ ଗଲେ ମୋର ସାହସ ନ ଥିଲା ପଢ଼ିବାକୁ । ତେଣୁ ଖୋଲିଥିଲେ ମଧ୍ୟ ପଢ଼ି ନ ଥିଲି ।

ଚିତ୍କାର କରି ଉଠିଲା ମଧୁସୂଦନ । କୋଉ ଜନ୍ମରେ ମୁଁ ତୋର କ'ଣ ଅପରାଧ କରିଥିଲି । ଏ ଜନ୍ମରେ ତୁ ପ୍ରତିଶୋଧ ନେଉଛୁ । ଏତେ ସବୁ କାଣ୍ଡ କରି ତୋ ମନ ଭରିଲାନି । ଶେଷରେ ମୋ ମା'କୁ ଜୀବନରେ ମାରି ଖାଇଲୁ । ଭୟରେ ଗୋଟାପଣେ ଥରିବାକୁ ଲାଗିଲା ମାଳତୀ । ତା' ଦୋଷରୁ ମା'ଜୀବ ହାରିଲେ !

ନେ, ପଢ଼ ଏ ଚିଠି ।

ISSN NO.
2582-208X


ଚିଠିଟିକୁ ମଧୁସୂଦନ ହାତରୁ ନେଇ ନିଜ ଶୋଇବା ଘର ଭିତରକୁ ପଶିଲା ମାଳତୀ । ସଂପୂର୍ଣ୍ଣ ଚିଠିଟାକୁ ପଢ଼ି ସାରିବା ପରେ ମାଳତୀର ମୁଣ୍ଡ ଚକର ଖାଇଗଲା । କୈଶୋରର ଗୋଟିଏ ଉନ୍ମାଦନା ତା' ସାରା ସଂସାରକୁ ଜଳାଇ ପୋଡ଼ି ଦେଲା । ଇଏ ସବୁ କଥା ଜାଣିଥିଲେ । ନ ହେଲେ ସେଦିନ "ପାପୀ' ନାମଟା କାହିଁକି ତାଙ୍କ ମୁହଁରୁ ବାହାରିଥାନ୍ତା ! ନିଜ ଅଜ୍ଞତା ହେତୁ ଯଦି କିଛି ପାପ କରି ବସିଲା ତେବେ ତାହା ପ୍ରକାଶ କରି ଦେଇଥିଲେ ହୁଏ ତ ତା'ର ପ୍ରାୟଶ୍ଚିତ ହୋଇ ଯାଇଥାନ୍ତା । ପିଲାଦିନର ଅଜ୍ଞତା ହେତୁ ହୁଏତ ସେ ପତିଙ୍କ ନିକଟରେ ସବୁ କିଛି ବଖାଣି ଦେଇଥାନ୍ତା । ହେଲେ ତା ଆଗରେ ସୁଦୃଢ଼ ମାଇଲ୍ ଖୁଣ୍ଟ ଭଳି ଛିଡ଼ା ହୋଇଯାଇଥିଲେ ଦୁଇଟି ଚେତାବନୀ । ଏ କଥା କାହାକୁ କହିବୁନି । ଏମିତିକି ସ୍ୱାମୀକୁ ବି ନୁହେଁ । ନିଜେ ପାପୀ, ଆଉ ନିଜର ଜନ୍ମକଲା ବୋଉ । କେତେ କ'ଣ ସବୁ ଉତ୍‌ଥାନ ପତନ ହୋଇଗଲା । ସ୍ୱାମୀଙ୍କ ଆଡ଼କୁ ମୁହଁ ଟେକି ଚାହିଁବା ପାଇଁ ବି ଭରଷି ପାରୁନି । ତା ସ୍ୱାମୀଙ୍କ ସ୍ଥାନ କେଡ଼େ ଉଚ୍ଚରେ ଯେତେ ଯାହା କହି କ୍ଷମା ମାଗିଲେ ମଧ୍ୟ ଯଥେଷ୍ଟ ହେବନି ।

ବାରପତ୍ର ପଡ଼ିଲା ପରେ ଯେତେ ବନ୍ଧୁବାନ୍ଧବ ଚାଲିଗଲେ । କଲେଜରେ ତା' ପରକୁ ତା'ପର ବହୁଦିନ ଛୁଟି କଲାଣି ଅମର । ଲେକ୍‌ଚର ସଟ ନ ହେଇଯାଉ । ଜବରଦସ୍ତି ତାକୁ କଟକ ପଠାଇଦେଲା ମଧୁସୂଦନ । ରହିଗଲେ ମାତ୍ର ଦୁଇ ପ୍ରାଣୀ ମଧୁସୂଦନ ଆଉ ମାଳତୀ । କିଛି ଗୋଟାଏ କରିବାକୁ ହେବ । ଗାଁରେ ତ ଏକା ଏକା ରହି ପାରିବନି ମାଳତୀ । ମାତ୍ର କାହିଁକି ରହିବ ଯେ ! ଯେଉଁଠି ତା'ର ସ୍ୱାମୀ ପିଲା ଅଛନ୍ତି ସେଇ ତା'ର ଘର । ତଥାପି ମଧୁସୂଦନ ପ୍ରଶ୍ନ କରିଥିଲା, "କ'ଣ ସ୍ଥିର କଲୁ ? ବାଲୁ ଭାଇନା ସହ ଆଲୋଚନା ହେଲା କି ?

ଉତ୍ତମ ବାବୁ ଷ୍ଟେଟରୁ ଫେରିଲେଣି ?

କ'ଣ ପାଇଁ ଏତେ ଲଜ୍ଜ୍ୟା ଦେଉଛ କହିଲ ?

ଭୁଲ୍ କାହାର ନ ହୁଏ ମାଲୁ ! ଅଳ୍ପ ବହୁତେ ତ ମୁଁ ପାପୀ । ସାରା ଦୁନିଆ ଭୁଲ୍ କରି ବସିଥାନ୍ତି । ହେଲେ କେତେ ଜଣ ତାକୁ ଠିକ୍ ବୁଝି କରି ନିଜକୁ ସଜାଡ଼ିବାର ପ୍ରୟାସ କରନ୍ତି। ଯାହା ମୁଁ କରିବା ପାଇଁ ପ୍ରୟାସ କରିଥିଲି । ଭୁଲ୍ କରିବା ମଣିଷଟି ଦୋଷୀ ନୁହେଁ

ISSN NO.
2582-208X

ମାଲୁ । ଭୁଲ୍ ଲୁଚାଇବା ମଣିଷଟି ପ୍ରକୃତ ଦୋଷୀ । ସେ ବୁଝି ନ ଥାଏ ଏଇ ଲୁଚାଇବା ଦ୍ୱାରା ତା'ର ଶୁଭାକାଂକ୍ଷୀମାନଙ୍କୁ କେତେ କେତେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଅପକ୍ୱ ବୟସର ଅଜ୍ଞାତ ଭୁଲ୍‌ଟିଏ କରି ବସିଥିଲି । ଅନ୍ୟ କାହାର କଥାକୁ ହୁଏତ ମନକୁ ଆଣି ନ ଥାନ୍ତି । ବୋଉର ବାରଂବାର ତାଗିଦା ମତେ ମୂକ କରି ଦେଇଥିଲା। ହେଲେ କଥାରେ ଅଛି "ଚମ ଚୋରି, ଯମ ଚୋରି' ଲୁଚି ରହେନା । ସେଥିପାଇଁ ତମକୁ ଯୋଉ ସବୁ ଅସୁବିଧା ଉଠାଇବାକୁ ପଡ଼ିଛି ସେଥିପାଇଁ ହଜାର ଥର କ୍ଷମା ମାଗିଲେ ବି ନଅଣ୍ଟ ହେବ । ଉପରକୁ ବାଲୁ ଭାଇନା କଥାରେ ଆସିଆଉ ଗୋଟିଏ ମସ୍ତବଡ଼ ଭୁଲ୍ କରି ବସୁଥିଲି ।

ଅନ୍ୟ ଉପରେ ଦୋଷ ଲଦିଦେବା ଖୁବ୍ ସହଜ ମାଲୁ । ନେଞ୍ଜା ଉପରେ ତୋର ଅଯଥା ଈର୍ଷା ତତେ ନୀଚ ଦେଖାଇଲା । ବାଲୁଭାଇନାଙ୍କ ସହ ତୋର ରକ୍ତ ସଂପର୍କ । ତୋ ଖୁସି ପାଇଁ ତ ସେ ନିଶ୍ଚୟ କିଛି କରିବା ତାଙ୍କର କର୍ତ୍ତବ୍ୟ । ତୁ ଯେଉଁ ମିଥ୍ୟା ଇସୁ ବୋଲି କହୁଛୁ ଓକିଲ ମାନଙ୍କର ତ ସେଇଟା ପେଷା । ସେଇ "ମିଛ' କଥାଟିକୁ ନେଇ ଆର୍ଗୁମେଣ୍ଟ କରି ତ ସେ ପ୍ରକୃତ ସତ୍ୟଟିକୁ ଖୋଳି ଆଖି ସାମ୍ନାକୁ ଆଣି ପାରନ୍ତି । ତୋ ପାଇଁ ମଧ୍ୟ ସେଇଆ ହେଲା ମାଲୁ । ସୁନା କରାଟରେ ବନ୍ଦ କରି ସାତ ସିନ୍ଦୁକ ଭିତରେ ଲୁଚାଇଥିବା ମିଛଟି ତ ସମାଜ ସାମ୍ନାକୁ ଆସିଗଲା ।

ମଧୁସୂଦନଙ୍କ ହାତକୁ ଖୁବ୍ ଜୋର୍‌ରେ ମୁଠାଇ ଧରିଲା ମାଳତୀ । ହାତ ଘଡ଼ିକୁ ଚାହିଁଲା ମଧୁସୂଦନ । ସାତଟା ବାଜିବ । ଅନ୍ଧାର ମାଡ଼ି ଆସୁଛି । ଯିବା ପାଇଁ ଉଠି ଠିଆ ହେଲା । ମାଳତୀକୁ ଚାହିଁ କହିଲା । କ'ଣ ପାପୀ ପାଇଁ ଅପେକ୍ଷା କରିଚୁ ? ଏତେ ବର୍ଷ ପରେ ଦେଖି ତା'କୁ ଚିହ୍ନି ପାରିବୁ ତ !

ନିଜ ଅଜାଣତରେ ମାଳତୀ ତୁଣ୍ଡରୁ ବାହାରି ଆସିଲା । ପାପୀ ଧରାଛାଡ଼ି ଯିବାର ବହୁ ବର୍ଷ ହୋଇଗଲାଣି, ହୁଏ ତ ତା ପାପ କାର୍ଯ୍ୟଟି ଈଶ୍ୱରଙ୍କୁ ମଞ୍ଜୁର ନଥିଲା ।

ରାମ୍....ରାମ୍.... ରାମ୍... କେଡ଼େ ବଡ଼ କଥାଟାଏ କହିଦେଲୁ । ଗୋଟିଏ ଅହ୍ୟ ସୁଲକ୍ଷଣୀ ସୁନ୍ଥାରୁ ସିନ୍ଦୁର ଗାର ପୋଛି ଦେଲୁ । ଆଉ ଏକ ନାଦାନ ବାଳକ ମୁଣ୍ଡରୁ ଛତା ଖଣ୍ଡକ

ISSN NO.
2582-208X

ଉଡ଼ାଇ ଦେଲୁ । ମର ଆଲିଡ଼ିଲା ଥିଲା ପ୍ରକୃତ ପାପୀର ନାବିକ । କିଛି ଚିନ୍ତା ନାହିଁ ଗୋଟାଏ ବଡ଼ ରିଷ୍ଟ କଟିଗଲା । ଥାଉ ସେତିକି ତମ ଭାଷଣ । ଚାଲ, ଘରକୁ ଗଲେ କାଲି ପାଇଁ ପ୍ୟାକିଙ୍ଗ କରିବାକୁ ହେବ । ମୁଁ ବୋଉକୁ ବହୁ କଷ୍ଟରେ ବୁଝେଇ ଦେଇଛି । ଏବେ ସେ ଆମ ସଂଗେ ରହିବା ପାଇଁ ପ୍ରସ୍ତୁତ ହୋଇଛି । ରାସ୍ତା ନିଅନ ଲାଇଟ୍ ଗୁଡ଼ା ଏକାଥରକେ ଜଳି ଉଠିଲା । ପ୍ରକୃତିର ସୌନ୍ଦର୍ଯ୍ୟ ସ୍ପଷ୍ଟ ହେଉଥିଲା ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ଚଠି ବାସୁଛି ତୁଳସୀ ତୁଳସୀ



ବାସନ୍ତୀ ଲତା ଜେନା

ଜଗତରନାଥ ଆହେ ଭାବଗ୍ରାହୀ
ଦିନବନ୍ଧୁ ଦଇତାରି
ମା' ଠାକୁର ଘରେ ନିତିମୁଁ ଦେଖୁଛି
ଶଙ୍ଖଚକ୍ର ଗଦାଧରୀ (ଘୋଷା)

ତୋ ଚକାନୟନ ମୋ ଆଖିରେ ବସେ
ଗୁନ୍ଥେ ତୋପାଇଁ ତୁଳସୀ
ସଞ୍ଜସକାଳରେ ତୋ ସେବା କରୁଛି
ଦୀପଟେ ଦିଏ ପରଶି
ସଂସାର ଜଞ୍ଜାଳେ ତିଳତିଳ ଜଳେ
ତୋ ନାମକୁ ନିତିଧରି
ମା' ଠାକୁର ଘରେ....... ।୧।

ନୁହେଁ ମୁଁ ବିଦୁର ଦାସି ଆବାଉରୀ
ନୁହେଁ ଶ୍ରୀବତ୍ସ ବ୍ରାହ୍ମଣ

ISSN NO.
2582-208X

ନୁହେଁ ବଳରାମ ନୁହେଁ ସାଲବେଗ
ଭକ୍ତିରେ ନୁହେଁ ନିପୁଣ
ସ୍ନେହ ଶ୍ରଦ୍ଧା ଭକ୍ତି ମୋ ହୃଦେ ସାଇତା
ଲଗାଇଦେ ତୋର ଡୋରି
ମା' ଠାକୁର ଘରେ........ ।୨।

ହେ କଳାକାଞ୍ଚନ ନୀଳାଚଳ ବାସୀ
ନିତି ସପନେ ଦେଖୁଛି
ବହୁଦିନ ତଳେ ଚିଠି ଦେଇଥିଲି
ଆଜି ତୋ ଚିଠି ପାଇଛି
ତୁଳସୀ ତୁଳସୀ ତୋ ଚିଠି ବାସୁଛି
ଦୁଃଖ ମୋ ଯାଇଛି ସରି
ମା' ଠାକୁର ଘରେ...... ।୩।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ପ୍ରକୃତିର ଅବଦାନ



ଡ. ଅଭିମନ୍ୟୁ କାନୁନଗୋ

ମନ୍ଦମନ୍ଦ ବହେ ଦେଖ ମଳୟ ପବନ।
ହାନୀଲାଭ ଜଗତର ଜାଣେ ଜନାର୍ଦ୍ଦନ।
ବିଲୋକ ନକର ତାର ପଙ୍କଜ ଚରଣ।
ନାହିଁ ତାହାର ସମାନ ଦେବ ତ୍ରିଭୁବନ।
ଯମୁନା କୂଳିଆ ସେହି କଦମ୍ବ ମାଳୀନ ।
କର ମନ ଧ୍ୟାନ ଶ୍ରୀହରି କଞ୍ଜ ଚରଣ।
ପ୍ରଭୁସେ କୋଟି ବିଶ୍ୱର କୃଷ୍ଣ ନନ୍ଦନାନ।
କୃପଣ ନୋହି କରଇ ଚୌବର୍ଗ ପ୍ରଦାନ।
ତୀର୍ଥ ସକଳ ଯାହାର ଥାଇ ଶ୍ରୀଚରଣ।
ପାବନ ନାମ ସ୍ମରଣେ ଦୂରିତ ଦହନ।
ରୀଦ୍ଧିସିଦ୍ଧି ଦାତା ହରି ସେ କଳାବାମନ ।
ଜାମୁଡ଼ାଲିଆ ସେ ଜଗାକାଳିଆ ଶ୍ରୀକୃଷ୍ଣ ।
ତରକକୁ ଦୂର ସେହି କମଳ ନୟନ ।
ସାଶ୍ୱତ ଶାନ୍ତିଦାୟକ ମଦନ ମୋହନ।

ISSN NO.
2582-208X

ହିରଣ୍ୟଗର୍ଭ ସମ୍ଭୂତ ଯଶୋଦା ନନ୍ଦନ ।
ତ୍ୟନୁସର ସଦାସୁଧି ତା ରଙ୍ଗା ଚରଣ ।
ସର୍ବଜୀବ ଆତ୍ମା ହରି କାଳୀୟ ଦଳନ ।
ମିତ ଭଜ ଜଗନ୍ନାଥ ଜଗତ କାରଣ ।
ଲୟକର ବାଇମନ ଗରୁଡ଼ ଆସନ ।।
ନୀପତରୁ ମୂଳିଆ କୃଷ୍ଣବଂଶୀ ବଦନ ।।

ଆକାଶବାଣୀ ପୁରୀ
ମୋବାଇଲ ୮୮୯୫୪୫୦୧୧୭

ISSN NO.
2582-208X

# ଜଳ ହିଁ ଜୀବନ



ଡ. ସଦା ବିହାରୀ ସାହୁ

ଜଳ ହିଁ ଜୀବନ
ତା ବିନା ଏଠି ନାହିଁ କଛି ସ୍ଥାନ
ଜୀବ, ଜନ୍ତୁ, ଗଛ, ଲତା ଓ ମଣିଷ ପାଇଁ ସେ ପର୍ ପ୍ରାଣ
ଜଳ ହିଁ ସମ୍ପତି
ଜଳ ହିଁ ମୁକୁତି
ଅକାରଣେ କର ନାହିଁ ଜଳ ନଷ୍ଟ ଏଠି
ଦୂଷିତ ଜଳ ଆମ ପାଇଁ ବିଷ ସମାନ
ପ୍ରଦୁଷିତ  କରିବାନ ଦେଇ ତାକୁ ସମ୍ମାନ
ଯଦିଓ ଏ ଧର୍ ତିନ ଭାଗ ଜଳ ପରିପୁର୍ଣ
ନୁହଇ ସେ ସବୁ କରିବାକୁ ଗ୍ରହଣ
ର୍ରୋଗ, ଶୋକ ସବୁ ଦୂଷିତ ଜଳ ଓ ବାୟୁର କାରଣ
ମନେ ରଖ ପିଲେ ଦେଇ ମନ ଧ୍ୟାନ
ଅପଚୟ କରିବାନ ତାକୁ ଏ ଜୀବନେ
ମାନବର ଅସ୍ତିତ୍ୱ ସୁସ୍ଥ ଜଳ ସଂଗେ
ଜଳ ଆମ ସଂଗେ
ଆମେ ଜଳ ସଂଗେ
ତାର ସଂରକ୍ଷଣ ରହିଛି ଆମ ହାତେ
ଆମେ ବଂଚ ରହି, ଧର୍କୁ ବଂଚାଇବା ଆମ ସାଥେ

ମୁମ୍ବାଇ

ISSN NO.
2582-208X

# ମୋ ଭାଷା ଭାରି ବଢ଼ିଆ



ଗୀତାଞ୍ଜଳି ମିଶ୍ର

ଭ୍ଷାଟି ମୋହର ଓଡ଼ିଆ
କହିବାକୁ ଲଗେ ଯେତିକ ମଧୁର
ଶୁଣିବାକୁ ଭରି ବଢିଆ
ମୁଁ ପର୍ ଝିଅ ଓଡ଼ିଆ

ବିଦେଶୀ ନୁହଇ ଆମରି ଭ୍ଷା
ପାଠରେ ସିନା ପଢୁ
ନଜ ଭ୍ଷାକୁ ଦେଇ ସ ମ୍ମନ
ସୁନା ସଂସାର ଗଢୁ

ଭ୍ଷାଟି ମୋହର ଓଡ଼ିଆ
କହିବାକୁ ଲ୍ଗେ ଯେତିକ ମଧୁର
ଶୁଣିବାକୁ ଭ୍ରି ବଢିଆ

ଭ୍ଷାରେ ଆମ ଝରେ ମୁକୁତା
ଭ୍ଷାଟି ପରିଚୟ

ISSN NO.
2582-208X

ଭାଷାକୁ ନେଇ କରିବା ଗର୍ବ
କରିବା ଜାୟଜୟ

ଭାଷାଟି ମୋହର ଓଡ଼ିଆ
କହିବାକୁ ଲଗେ ଯେତିକ ମଧୁର
ଶୁଣିବାକୁ ଭରି ବଢିଆ

ନଜ ଭାଷାକୁ ଭୁଲିବା ନାହିଁ
କରୁଥିବାରେ ସ୍ନେହ
ଜନମ ଠାରୁ ମରଣ ଯାଏ
ରଖିବା ଆମେ ମୋହ

ଭାଷାଟି ମୋହର ଓଡ଼ିଆ
କହିବାକୁ ଲାଗେ ଯେତିକ ମଧୁର
ଶୁଣିବାକୁ ଭରି ବଢିଆ
ମୁଁ ପର୍ ଝିଅ ଓଡ଼ିଆ

ବିନକା, ସୋନପୁର

ISSN NO.
2582-208X

# ଅହମିକାର ନିଆଁ



ଗୀତା ଷଡ଼ଙ୍ଗୀ

ଅହମିକାର ଆବରଣ ତଳେ
ଜୀବନ ଭ୍ର୍କ୍ରାନ୍ତ
ମନର ମାନଚତ୍ର ଦିଶେ
ଧୂସର ଧୂସର
ସବୁଜିମା ସବୁ ଉଭେଇ ଯାଏ
କାହିଁ କେଉଁଆଡେ
ଅନ୍ଧାରର ରାଜତ୍ୱ ଭିତରେ
ଆଲୁଅ ହଜିଯାଏ ।
ମରିଯାଏ ମାନବିକତା
ଉକ୍ଟ ଅହଂକାର
ଅନ୍ଧ କରିଦିଏ ଜୀବନକୁ
ଆଖିରେ ଅନ୍ଧପୁଟୁଳ ବାନ୍ଧି
ଚାଲିବାଟା ସାର ହୁଏ
ଅନ୍ୟକୁ ନୁହେଁ
କଥାର ଗ୍ଲେଟରେ
ନଜକୁ ହିଁ ନଜେ

ISSN NO.
2582-208X

ହାଣି ଗୁଲିଥାଏ ।

ଇଚ୍ଛାର ଇଶ୍ୱର

ବୋଲାଉଥାଏ ସିନା

ହେଲେ ଅନଚ୍ଛା ଆଉ ଅତୃପ୍ତିରେ

ଜୀବନ ଜିଉଁ ଥାଏ

କାହାରିକୁ ଭଲପାଇ ପାରେନ

ଭଲ ପାଇବାଟା

ତା ଦେଇ ହୁଏନ ।

ଇର୍ଷା ଅସୂୟା ରେ କୁହୁଳୁଥାଏ

ଭିତରେ ଭିତରେ

ଆଗ୍ନେୟ ଉଦ୍ଗିରଣ ହୁଏ

ବେଳେବେଳେ

ଲାଭା ପରି ମାଡ଼ିଯାଏ

କଛି ଇର୍ଷା ଆଉ ଘୃଣା

ଗୁରିଆଡ଼େ ନଆଁ ଲାଗିଯାଏ ।

ଜେଡ୍-ୱାନ୍,ପଟିଆ
ଭୁବନେଶ୍ୱର -୨୪
ମୋ-୯୫୯୪୭୦୫୭୩୫

ISSN NO.
2582-208X

# ଶେଷ ସମ୍ପତ୍ତି



ଅବିନାଶ ସାହୁ

ବୋଉ ! ଏ ବୋଉ ଶୀଘ୍ର ଆସେ କୁଆଡ଼େ ଗଲୁକଲେ ? ଦେଖିଲୁ ବାପାଙ୍କର କ'ଣ ରକ୍ତ ବାନ୍ତ ହେଉଛି ! ହେ ଭଗବାନ ଇଏ କ'ଣ ହେଲା । ହେଇଟି ଶୁଣୁଛ ବାପା, କୁନ ବାପାଙ୍କର କ'ଣ ରକ୍ତ ବାନ୍ତ ହେଲାଣି ! କ'ଣ କହିଲୁ ଏ ମା ତୁ ବ୍ୟସ୍ତ ହଅନା । ମୁଁ ରବିକୁ କହି ୧୦୮ ଡାକୁଛି ତାକୁ ଶୀଘ୍ର ଡାକ୍ତରଖାନା ନେଇଯିବା ତୁ ପ୍ରସ୍ତୁତ ରହ । ରବି.... ଏ ରବି, ହଁ ଦାଦା ମୋତେ ଡାକଲେ କ'ଣ ହେଇଛି ଦାଦା ତୁମେ ଅସ୍ଥିର ଜଣାପଡୁଛ । ଓହୋ ! ସେ କଥା ଛାଡ଼ । ତୁ ଆଗ ୧୦୮କୁ ଫୋନ ଲଗେଇକ ଡାକଲୁ, କନ୍ତୁ କାହିଁକ ଦାଦା ? ଆରେ ତୋ ଭଉର ରକ୍ତବାନ୍ତ ହେଉଛି, ଜମା ବନ୍ଦ ହେଉନ । ଏ ମା.. ଏମିତି କେମିତି ହେଲା, ହଉ ମୁଁ ୧୦୮ ଡାକୁଛି । ହାଲୋ ରୋଗୀସେବା ଆଜ୍ଞା ମୁଁ ରବି ପାହାନ, ଘର ମୂଷାପଦର । କୁହନ୍ତୁ ଆପଣଙ୍କର କଣ ଅସୁବିଧା ହୋଇଛି ? ମୋର ନୁହେଁ ଆଜ୍ଞା, ମୋ ଦାଦା ପୁଅ ଭଉର ରକ୍ତବାନ୍ତ ହେଉଛି । ଆପଣଙ୍କ ନକଟସ୍ଥ ଡାକ୍ତରଖାନା କେଉଁଠାରେ ଅଛି କୁହନ୍ତୁ । ଆଜ୍ଞା ଯାଦବପାଲି । ଅଳ୍ପସମୟ ମଧ୍ୟରେ ଆମ ଗାଡ଼ି ଆପଣଙ୍କ ନକଟରେ ପହଞ୍ଚିଯିବ, ପ୍ରସ୍ତୁତ ରୁହନ୍ତୁ । କୁନବୋଉ... ହେଇଟି ଗାଡ଼ି ଆସିଲାଣି, ଶୀଘ୍ର ବିମଳକୁ ନେଇକ ଆସେ । ହଁ ବାପା ଯାଉଛି, ଆରେ ମା ତୁଳସୀ ସରକାର ଦେଇଥିବା କାର୍ଡଟି ଆଣିଛୁ ତ ! ହଁ ବାପା ଆଣିଛି । ଏ ରବି ଶୁଣ... କୁନ ତୋ ପାଖରେ ଥାଉ, ଆମେ ଡାକ୍ତରଖାନା ଯାଉଛୁ । ହଉ ଦାଦା ତୁମେ ଯାଇ ଭଉକୁ ଶୀଘ୍ର ଦେଖାଅ, କୁନ ଆମ ଘରେ ଥାଉ କ'ଣ ହେଲା ନ ହେଲା ଖବର ଦେବ ।

ISSN NO.
2582-208X

ଡାକ୍ତର ବାବୁ ଦେଖିଲେ କୁନବାପାର ରକ୍ତ ବାନ୍ତି ହେଉଛି । ଦେଖନ୍ତୁ ରକ୍ତବାନ୍ତିକୁ ଠିକ୍ କରିବା ବ୍ୟବସ୍ଥା ଆମର ଏ ସ୍ୱାସ୍ଥ୍ୟ କେନ୍ଦ୍ରରେ ନାହିଁ, ତେଣୁ ଆପଣ ବିଳମ୍ବ ନ କରି ଶୀଘ୍ର ସୂର୍ଯ୍ୟବିମ୍ବ ଡାକ୍ତରଖାନା, ଭୁବନେଶ୍ୱର ନେଇଯାଆନ୍ତୁ । ଆଜ୍ଞା ଏତେଦୂର ଭୁବନେଶ୍ୱର ୨୨୫ କ.ମି. କେମିତି ନେବୁ ଡାକ୍ତର ବାବୁ ? ତୁମେ ଧର୍ଯ୍ୟଧର ମୁଁ ଲେଖିଦେଉଛି, ସେହି ଗାଡ଼ି ହିଁ ତୁମକୁ ନେଇ ସେଠାରେ ପହଞ୍ଚାଇ ଦେବ । ଚ୍ଚାଳକ ଭାଇ ଗାଡ଼ି ଟିକେ ଶୀଘ୍ର ଚଲାଅ । ତୁମେ ବ୍ୟସ୍ତ ହୁଅନ କୁନ ବାପା ତୁମର କଛି ହେବନ, ଦେଖିବ ତୁମ ଦେହ ଭଲ ହୋଇଯିବ । ଏ ଭାଇ ଗାଡ଼ି ଆଉ ଟିକେ ଶୀଘ୍ର ଚଳାଅ । ଆମେ କ'ଣ କରିବୁ ମଉସା ! ଯେତିକ ପାରୁଛୁ ସେତିକ ଶୀଘ୍ର ନେଉଛୁ ଆଗରେ ତ ବହୁତ ଗୁଡ଼ାଏ ଗାଡ଼ି ତଥାପି ଆମେ ଚେଷ୍ଟା କରୁଛୁ, ମଉସା ଥୟ ଧର ଡାକ୍ତରଖାନା ଆଉ ମାତ୍ର ଅଳ୍ପ ବାଟ ।

ଆଜ୍ଞା ଡାକ୍ତରବାବୁ ମୋ ସ୍ୱାମୀଙ୍କ ଦେହ ଟିକେ ଦେଖନ୍ତୁ । କ'ଣ ହେଉଛି ମା' ? ୟାଙ୍କର ରକ୍ତବାନ୍ତି ହେଉଛି । ହଉ ଆପଣ ବ୍ୟସ୍ତ ହୁଅନ୍ତୁନ ! ୟାଙ୍କୁ ନେଇକ ଶୀଘ୍ର I.C.U. ରେ ରଖନ୍ତୁ ଆଉ ରୋଗୀର ମଧୁମେହ, ରକ୍ତଗ୍ରୁପ ପରୀକ୍ଷା କରି ଆଣନ୍ତୁ । ଆଜ୍ଞା ନଅନ୍ତୁ ପରୀକ୍ଷା କରି କାଗଜଟି ଆଣିଲି । ହଁ ଶୁଣ, ଆଉ ତିନଟା ପରୀକ୍ଷା କରିବାକୁ ପଡ଼ିବ ମଳମୂତ୍ର ସହ ସର୍କର୍ ପରିମାଣ କେତେ ଅଛି ଜାଣିବାକୁ ହେବ ଆଉ ରକ୍ତ ପରୀକ୍ଷା ମଧ କର୍ଇଦେବ ? ହଉ ଆଜ୍ଞା ମୁଁ କରିକ ଆଣୁଛି, ହଁ ଶୁଣ ରୋଗୀଙ୍କୁ ରକ୍ତ ଦେବାର ବ୍ୟବସ୍ଥା କରନ୍ତୁ । ଆଜ୍ଞା ରକ୍ତ କୋଉଠି ମିଳବ ? ଏ ସହରରେ ମୋର ଚହ୍ନା ଲୋକ କେହି ନାହାନ୍ତି, ଆମ ଗାଁ ଏଠୁ ବହୁଦୂର । ହେଉ ବ୍ୟସ୍ତ ହୁଅନା ସେଇ ଯେଉଁ କଦମ୍ବ ଗଛ ଦେଖୁଛ, ସେ ପାଖକୁ ଯାଅ ସେଠାରେ ରକ୍ତ ଭଣ୍ଡାର ଅଛି ସେଠୁ ରକ୍ତ ଆଣିକ ଆସିବ । ହଁ ମନେ କରିକ B-ve ରକ୍ତ ଆଣିବ । ଆଲୋ ମା' ତୁଳସୀ ସବୁ ରକ୍ତ ତ ନାଲି ରଙ୍ଗର ସମାନ । ଡାକ୍ତରବାବୁ କଣ B-ve ରକ୍ତ ଆଣିବାକୁ କହିଲେ । କେଜାଣି ବାପା ଚ୍ଚଲ ସେଠାକୁ ଯିବା ।

ଆଜ୍ଞା ନମସ୍କାର, ମୋ ପୁଅର B-ve ରକ୍ତ ଦରକାର ଅଛି । ଯେମିତି ବି ହେଲେ ଟିକେ ଶୀଘ୍ର ଦିଅନ୍ତୁ । ଦେଖନ୍ତୁ ରକ୍ତ ନେବାକୁ ହେଲେ ଏଠି ଜଣେ କେହି ରକ୍ତ ଦେଲେ, ସେ ରକ୍ତକୁ ରଖି ଆମେ ଅନ୍ୟ ରକ୍ତ ଦେଇପାରିବୁ । ମୋର ତ ଏଠି କେହି ନାହିଁ । ହଉ ଆଜ୍ଞା ଆପଣ ମୋ

ISSN NO.
2582-208X

ଠାରୁ ରକ୍ତ ରଖି ଆଉ ରକ୍ତ ଦିଅନ୍ତୁ। ମଉସା ଆପଣ ଏ ବୟସରେ ରକ୍ତଦେବା ଉଚିତ୍ ହେବ ନାହିଁ ? ରୁହ ବାପା ମୁଁ ରକ୍ତ ଦେବି। ଆସନ୍ତୁ ମୋ ସହ। ଆପଣଙ୍କ ରକ୍ତ ତ ଦରକାର ହେଉଥିବା ରକ୍ତ ସହ ମେଳ ହେଉନ। ତେବେ ଗୋଟେ କାମ କର ଆମେ ଆଜି ତୁମ ରକ୍ତ ରଖି ଆର ରକ୍ତଟି ଦେଇଦେଉଛୁ, ପୁଣି ତୁମେ ପରେ ସେହି ସମାନ ରକ୍ତ ଥିବା ଲୋକଙ୍କୁ ନେଇକ ଆସିଲେ ରକ୍ତ ଦିଆଯିବ।

ଆଜ୍ଞା ନଅନ୍ତୁ, ରକ୍ତ ନେଇକ ଆସିଲୁ। ହଁ ସେ ଦିଦିଙ୍କୁ କୁହ ରକ୍ତ ଦେଇଦେବେ, ଆଉ ଆପଣ ରକ୍ତ ଦିଆସରିଲେ ମୋତେ ଡାକବେ। ୟାଙ୍କର ପୂରା ଶରୀର ଯନ୍ତ୍ର ସାହାଯ୍ୟରେ ନରୀକ୍ଷଣ କରାଯିବ। ଆଜ୍ଞା ଡାକ୍ତର ବାବୁ, ରକ୍ତ ଦିଆ ସରିଲା। ଆପଣ କହୁଥିଲେ କ'ଣ ଗୋଟାଏ ନରୀକ୍ଷଣ କରିବାକୁ। ହଁ କରିବି କନ୍ତୁ ତା ପୂର୍ବରୁ ଆପଣଙ୍କ ସ୍ୱାମୀର 'ଅଲଟ୍ରା ସାଉଣ୍ଡ' କରିଦିଅନ୍ତୁ। ଆଜ୍ଞା ଡାକ୍ତର ବାବୁ 'ଅଲଟ୍ରା ସାଉଣ୍ଡ' କଲେ ମୋ ସ୍ୱାମୀ ଠିକ୍ ହୋଇଯିବେ ତ ? ଓହୋ ଆପଣ କାହିଁକ ବ୍ୟସ୍ତ ହେଉଛନ୍ତୁ ପ୍ରଥମେ 'ଅଲଟ୍ରା ସାଉଣ୍ଡ' କରାନ୍ତୁ ତା'ପରେ ଦେଖିବା କ'ଣ ହେଉଛି। ତେବେ 'ଅଲଟ୍ରା ସାଉଣ୍ଡ' କେଉଁଠି ହେଉଛି ବାବୁ ? ସେହି ଯେଉଁ ହଳଦିଆ କୋଠା ଦେଖୁଛନ୍ତୁ, ସେଠାରେ ହେଉଛି କନ୍ତୁ ରୋଗୀଙ୍କୁ ସେଠାକୁ ନେବାକୁ ପଡ଼ିବ। ହଉ ଆଜ୍ଞା ମୁଁ ସ୍ୱାମୀଙ୍କୁ ନେଇ 'ଅଲଟ୍ରା ସାଉଣ୍ଡ' କରିକ ଆଣୁଛି। ଆଜ୍ଞା ମୋ ସ୍ୱାମୀଙ୍କର 'ଅଲଟ୍ରା ସାଉଣ୍ଡ' ଟିକେ କରାଇଦିଅନ୍ତୁ। ବ୍ୟସ୍ତ ହୁଅନ୍ତୁନ ମାଆ ଆଜିତ ବୁଧବାର, ବେଳ ଆସି ସନ୍ଧ୍ୟା ୬ ଟା ବାଜିଲାଣି ଆଜି ଆଉ ଅଲଟ୍ରା ସାଉଣ୍ଡ ହୋଇପାରିବ ନାହିଁ, ଆପଣ ଶୁକ୍ରବାର ଆସନ୍ତୁ। ଆମେ ଆପଣଙ୍କ ସ୍ୱାମୀର 'ଅଲଟ୍ରା ସାଉଣ୍ଡ' କରାଇଦେବୁ। ଆଜ୍ଞା, ଆଜି ଶୁକ୍ରବାର ମୋ ସ୍ୱାମୀର ଟିକେ ଜଲଦି ଅଲଟ୍ରା ସାଉଣ୍ଡ କରାଇ ଦିଅନ୍ତୁ। ଦେଖୁଛନ୍ତୁ ତ କେତେ ଲୋକ ଧାଡ଼ିରେ ଠିଆ ହୋଇଛନ୍ତୁ, ଆପଣ ଧାଡ଼ିରେ ଆସନ୍ତୁ।

ଦିଦି ସେ ୩୪ ନମ୍ବର ରୋଗୀର ଲୋକଙ୍କୁ ଡାକଦେବେ ଟିକେ। ଅପେକ୍ଷା କର ମୁଁ କହିଦେଉଛି। ଆପଣଙ୍କ ସାଙ୍ଗରେ କଏ ଅଛନ୍ତୁ ? କ'ଣ ହେଲା ଦିଦି ମୁଁ ଅଛି ୟାଙ୍କ ସହ। ହେଉ ଆପଣ ସେ ପଞ୍ଜିକରଣ କେନ୍ଦ୍ର ପାଖରେ ଥିବା ୨ ନମ୍ବର ପ୍ରକୋଷ୍ଠକୁ ଯାଆନ୍ତୁ। ବାପା

ISSN NO.
2582-208X

ଆପଣ ଏଠି ଥାଆନ୍ତୁ, ମୁଁ ଯାଇକ ବୁଝିକ ଆସୁଛି। ଆଜ୍ଞା ମୋତେ ଡକାଇ ପଠାଇଥିଲେ ? ହଁ, ଆସନ୍ତୁ ଆପଣ ସେ ୩୪ ନମ୍ବର ରୋଗୀ ବିମଳଙ୍କର କ'ଣ ହେବେ ? ମୁଁ ତାଙ୍କର ସ୍ତ୍ରୀ ହେବି। ଦେଖନ୍ତୁ ଆପଣ ଯେଉଁ ସରକାରଙ୍କ ସ୍ୱାସ୍ଥ୍ୟ କାର୍ଡ଼ ଆଣିଥିଲେ ସେ କାର୍ଡ଼ରେ ଥିବା ସମସ୍ତ ଟଙ୍କା ଆଜି ଶେଷ ହେଇଯାଉଛି ତେଣୁ ଆପଣ ଟଙ୍କାର ବନ୍ଦୋବସ୍ତ କରନ୍ତୁ ଆପଣଙ୍କ ସ୍ୱାମୀର ଅସ୍ତ୍ରୋପଚାର କରାଯିବ। ଏଁ ମାଆ ଟଙ୍କା ! କୋଉଠୁ ଆଣିବି ଆଉ କେତେ ଟଙ୍କା। ଦେଖନ୍ତୁ ଆମ ଡାକ୍ତରଖାନାର ନିୟମ ଜଣେ ରୋଗୀ ପିଛା ଦିନକୁ ୧୦-୧୨ ହଜାର ଟଙ୍କା ନେଉଛୁ ଆଉ ଆପଣଙ୍କ ସ୍ୱାମୀର ଅସ୍ତ୍ରୋପଚାର ପାଇଁ ପଚାଶ ହଜାର ଟଙ୍କା ଲାଗିପାରେ। ଯଦି ପାରୁଛନ୍ତୁ ଟଙ୍କା ଯୋଗାଡ଼ କରନ୍ତୁ ନହେଲେ ଆପଣଙ୍କ ରୋଗୀକୁ ଅନ୍ୟ କେଉଁଠିକୁ ନେଇଯାଆନ୍ତୁ। ନାହିଁ ଦିଦି ଆପଣ ସେମିତି କୁହନ୍ତୁନ, ଆମେ ଟଙ୍କାର ବନ୍ଦୋବସ୍ତ କରୁଛୁ।

କ'ଣ ହେଲା ମାଆ, ସେ ଦିଦି କଣ କହିଲେ ? ବାପା ସେ କହିଲେ ଆଉ ଟଙ୍କା ଯୋଗାଡ଼ କଲେ କୁନ ବାପାଙ୍କର ଅସ୍ତ୍ରୋପଚାର କରିବେ। ଟଙ୍କା ! କନ୍ତୁ କାହିଁକି ? ଆମେ ତ ସେ କାର୍ଡ଼ଟି ଦେଇଛେ। ହଁ ଯେ ବାପା ସେ କାର୍ଡ଼ର ଟଙ୍କା ଆଜି ସରିଯାଉଛି। କେତେ ଟଙ୍କା କହିଲେ କହତ ଯୋଗାଡ଼ କରିବା। ଦିନକୁ ୧୦-୧୨ ହଜାର ଟଙ୍କା ଆଉ ଅସ୍ତ୍ରୋପଚାର ପାଇଁ ୫୦ହଜାର। ଏତେ ଟଙ୍କା ! ହେଉ ତୁ ଚନ୍ତା କରନା, ତୁ ଏଠି ପୁଅ ପାଖରେ ଥାଆ ମୁଁ ଗାଁକୁ ଯାଇ ଟଙ୍କା ଯୋଗାଡ଼ କରୁଛି। ହେଲେ ବାପା ଘରେ ତ ଟଙ୍କା ନାହିଁ, ଗାଁକୁ ଯାଇ ଟଙ୍କା କୋଉଠୁ ଆଣିବେ ? ଓହୋ... ମୁଁ କିଛି ବ୍ୟବସ୍ଥା କରିବି ତୁ କାହିଁ ଅଧର୍ଯ୍ୟ ହେଉଛୁ। ହଉ ବାପା ତୁମେ ଗାଁକୁ ଯିବ ଯଦି ଏଇ ନିଅ ମୋର ମଙ୍ଗଳସୂତ୍ରଟି ଆଉ ଘରେ ଆଲମିରାରେ ମୋର ସୋରିଷିଆ ମାଳଟା ଅଛି। ଦୁଇଟାଯାକ ବିକିଦେଇ ଟଙ୍କା ନେଇକ ଆସିବ। ଏ ତୁ କ'ଣ କହୁଛୁ ମାଆ ! ବାପା ଇଏ ଭଲ ହୋଇଗଲେ ପରେ ଆହୁରି କେତେ ଗହଣା କିଣି ହେବ ଆପଣ ୟାକୁ ବିକିଦେଇ ଶୀଘ୍ର ଟଙ୍କା ଆଣନ୍ତୁ।

ବୁଢ଼ାର ସମ୍ପତ୍ତି ବୋଲି ଘର ଡିହ ସହ ବିଲ ତିନମାଣ ଦି ପାଆ। ବୁଢ଼ା ପୁଅକୁ ଭଲ କରିବା ପାଇଁ ନିଜର ଘରଡିହ ଆଉ ବିଲକୁ ବନ୍ଧା ରଖି ଟଙ୍କା ଆଣିବାକୁ ନିଷ୍ପତ୍ତି ନେଇସାରିଥାଏ। ବୁଢ଼ା ଯାଇ ହାଜର ଗାଁରେ, ବୁଢ଼ାକୁ ଦେଖି କୁନ ପଚାରିଲା ଜେଜେ ତୁମେ ଆସିଲ ବାବା

ISSN NO.
2582-208X

ଆଉ ବୋଉ କୁଆଡ଼େ ଗଲେ ? ବୁଢ଼ା କହିଲା, ମୁଁ ଆଉ ଥରେ ଗଲେ ତୋ ବାବା ବୋଉକୁ ସାଙ୍ଗରେ ଆଣି ଆସିବି। ଏତିକବେଳେ ରବି ଆସି ପଗ୍ଭରିଲା- ଦାଦା ବିମଳ ଭାଇର ଦେହ ଠିକ୍ ହେଲା ନା ନାହିଁ ? ବୁଢା କହିଲା ଡାକ୍ତର ବାବୁ କହିଛନ୍ତ ଆଉ ଟଙ୍କା କଛି ନେଇକ ଗଲେ ସେ ଶୀଘ୍ର ଭଲ ହୋଇ ଘରକୁ ଫେରିବ। ହେଲେ ଦାଦା ତୁମେ ଟଙ୍କା କୋଉଠୁ ଆଣିବ ? ତୁ ରହ ମୁଁ କଛି ବ୍ୟବସ୍ଥା କରୁଛି କହିଦେଇ ବୁଢ଼ା ସିଧା ଗ୍ଭଲିଗଲା ବଣିଆ ପାଖକୁ। ମଙ୍ଗଳସୂତ୍ର ଆଉ ସୋରିଷିଆ ମାଳଟି ବଣିଆକୁ ଦେବାରୁ ଶାଗମାଛ ଦରରେ ମୋଟେ ୧୩ ହଜାର ଟଙ୍କା ହେଲା। ପରେ ବୁଢ଼ା ଚନ୍ଦ୍ର ସାହୁକାର ଠାରେ ଘରଡିହ ଆଉ ବିଲ ବନ୍ଧାଦେଇ ସର୍ବମୋଟ ୯୦, ୦୦୦ ଟଙ୍କା ଯୋଗାଡ଼ କଲା। ପରଦିନ ସକାଳୁ ବୁଢ଼ା ଟଙ୍କା ଧରି ଡାକ୍ତରଖାନାରେ ହାଜର। ଜେଜେବାପା କୁନକୁ ନ ଜଣାଇ ଭୋରରୁ ଡାକ୍ତରଖାନା ଗ୍ଭଲି ଆସିଥିବାରୁ ରବି ପାଖରେ ଅଝଟ କଲା। ତା'ର ଏକା ହକସ, ସେ ଡାକ୍ତରଖାନା ଆସି ତା ବାପାଙ୍କୁ ଦେଖିବ। ହେଲେ ଦାଦା କହୁଥିଲେ ଭାଇର ଦେହ ଭଲ ହେବାପାଇଁ ଆଉ କଛି ଟଙ୍କା ଦରକାର ତେଣୁ ସେ ଖାଲି କାହିଁକ ଯିବ ବରଂ କଛି ଟଙ୍କା ସାଙ୍ଗରେ ନେଇଯିବ। ତା ପାଖରେ ଥିବା ସମସ୍ତ ଟଙ୍କା ସାଙ୍ଗରେ ଧରିଲା ହେଲେ ଏତକ ଟଙ୍କାତ ଗାଡ଼ି ଖର୍ଚ୍ଚକୁ ନଅଣ୍ଟ ଆଉ ଟଙ୍କା ଆସିବ କୁଆଡୁ। ଏତିକବେଳେ ତା ମୁଣ୍ଡକୁ ଗୋଟାଏ ଉପାୟ ଆସିଲା। ସେ କୁନକୁ ସାଙ୍ଗରେ ଧରି ବିମଳର ଦେହ ଠିକ୍ କରିବା ପାଇଁ ଗାଁ ସାରା ଘର ଘର ବୁଲି ସାହାଯ୍ୟ ଭିକ୍ଷା କଲା। ଯାହା ପାଖରେ ଯେତିକ ଅର୍ଥ ସମ୍ଭବ ସମସ୍ତେ ରବିକୁ ଦେଲେ। ରବି ଏବଂ କୁନ ଉଭୟେ ପରଦିନ ସକାଳୁ ଡାକ୍ତରଖାନା ବାହାରିଲେ ।

ଏଣେ ବୁଢ଼ା ଡାକ୍ତରଖାନାରେ ପହଞ୍ଚି ବୋହୂକୁ ଟଙ୍କା ଥଳ ଦେଇ ଟଙ୍କା ସବୁ ଦାଖଲ କରିବାକୁ କହିଲା। ଆରେ ମା' ତୁଳସୀ ଆମ ପୁଅ ବିମଳ ଭଲହୋଇଯିବ ବୋଲି ଦିଦି କହିଲେ ତ ? ହଁ ବାପା ସେମାନେ କୁନ ବାପାଙ୍କର ଅସ୍ତ୍ରୋପଗ୍ଭର କରିବେ କହିଲେ। ହେଲେ ମା' ଅସ୍ତ୍ରୋପଗ୍ଭର କେବେ କରିବେ ? ଡାକ୍ତର କହୁଥିଲେ ଯେତେ ଶୀଘ୍ର ଟଙ୍କା ଦେବା ସେତେ ଶୀଘ୍ର କରିବେ ବୋଲି, ହୁଏତ କାଲିକ କରିବେ ବୋଧେ। ଏହି ସମୟରେ ଜଣେ ଦିଦି ଆସି କହିଲେ ଆପଣ ବିମଳ ବାବୁଙ୍କୁ ପ୍ରସ୍ତୁତ କରନ୍ତୁ। ତାଙ୍କୁ ବର୍ତ୍ତମାନ

ISSN NO.
2582-208X

ଅସ୍ତ୍ରୋପଚାର ପ୍ରକୋଷ୍ଠକୁ ନଆଯିବ। ହଉ ଦିଦି ମୁଁ ୟାଙ୍କୁ ପ୍ରସ୍ତୁତ କରିଦେଉଛି। ଅଧଘଣ୍ଟା ପରେ ଦୁଇଜଣ ଦିଦି ଆସି ୩୪ନମ୍ବର ଖଟିଆରୁ ବିମଳକୁ ଅସ୍ତ୍ରୋପଚାର ପାଇଁ ନେଇଗଲେ। ବାହାରେ ତୁଳସୀ ଆଉ ତାଙ୍କ ଶ୍ୱଶୁର ଅପେକ୍ଷା କଲେ। ପ୍ରାୟ ଦୁଇଘଣ୍ଟା ପରେ ଜଣେ ଡାକ୍ତର ବାହାରକୁ ଆସି କହିଲେ ଅସ୍ତ୍ରୋପଚାର ସଫଳ ହେଇଛି, ଆମେ ଯେତିକ ପାରିଲୁ ପ୍ରୟାସ କରିଛୁ ତେଣିକ ଈଶ୍ୱରଙ୍କ ଇଚ୍ଛା, ଆପଣ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ। ଆଉ ଘଣ୍ଟାଏ ପରେ ବିମଳ ନସ୍ତେଜ ହୋଇଯିବାରୁ ଜଣେ ଦିଦି ବାହାରକୁ ଦୌଡ଼ିଯାଇ ଡାକ୍ତରଙ୍କୁ ଡାକ ଆଣିଲେ। ଡାକ୍ତର ପରୀକ୍ଷା କରି ବିମଳର ମସ୍ତିଷ୍କ ମୃତ ହୋଇଛି ବୋଲି ବାହାରେ ଅପେକ୍ଷା କରିଥିବା ତୁଳସୀ ଏବଂ ବିମଳର ବୁଢ଼ା ବାପାଙ୍କୁ ଜଣାଇଲେ। ଏହା ଶୁଣି ଉଭୟେ ଭାଙ୍ଗିପଡ଼ିଲେ। ଠିକ୍ ଏତିକବେଳେ ଅନ୍ୟ ଜଣେ ଡାକ୍ତର ଆସି ବୁଝାଇଲେ ଯେ ବିମଳ ଏବେ ମଧ୍ୟ ଜୀବିତ ଅଛନ୍ତୁ କନ୍ତୁ ତାଙ୍କ ମସ୍ତିଷ୍କଟି ମୃତ୍ୟୁ ଲାଭ କରିଛି। ଆପଣ ଚାହିଁଲେ ତାଙ୍କର ଅନ୍ୟ ଅଙ୍ଗସବୁକୁ ଏକାଧିକ ଲୋକଙ୍କ ଶରୀରରେ ବଞ୍ଚାଇ ପାରିବେ। ଯଦି ଆପଣମାନେ ତାଙ୍କର ଅନ୍ୟ ଅଙ୍ଗ ଯଥା ଆଖି, ହୃତ୍ ପିଣ୍ଡ, ଫୁସ୍ ଫୁସ୍, ଯକୃତ, କଡନୀ ଆଦି ଅଙ୍ଗ ଦାନ କଲେ ବହୁ ଜଣ ଉପକୃତ ହୋଇ ନୂଆ ଜୀବନ ଲାଭ କରିବେ। ବହୁ ବୁଝାଇବା ପରେ ବିମଳର ବାପା ଆଉ ସ୍ତ୍ରୀ ଡାକ୍ତରଙ୍କ କଥାରେ ରାଜି ହେଲେ। ପରେ ବିମଳ ଶରୀରରୁ ଆବଶ୍ୟକ ଥିବା ଅଙ୍ଗକୁ ବାହାର କରି ସାରିବା ପରେ ଡାକ୍ତର ବିମଳକୁ ମୃତ ଘୋଷଣା କଲେ। କନ୍ତୁ ବିମଳ ଅନ୍ୟ ମାନଙ୍କ ପାଇଁ ଦେବଦୂତ ସାଜି ଅମର ହୋଇଗଲା।

ବର୍ତ୍ତମାନ ଡାକ୍ତରଖାନାରୁ ବିମଳର ଶବ ଗାଁକୁ ନେବା ପାଇଁ 'ସ୍ୱର୍ଗରଥ' ବୁଝିବାରୁ ପ୍ରାୟ ତିନ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଜାଣିବାରୁ ବୁଢ଼ାର ମୁଣ୍ଡରେ ଚଡ଼କ ପଡ଼ିଲା। ବୁଢ଼ା ମୁଣ୍ଡରେ ହାତ ଦେଇ ତଳେ ଲଥ୍ କରି ବସିପଡ଼ିଲା। ଠିକ୍ ଏହି ସମୟରେ ରବି ପଚାରି ପଚାରି ଆସି ଡାକ୍ତରଖାନାରେ ହାଜର। କୁନ ତା' ଜେଜେକୁ ଦେଖି ରବିର ହାତ ଛାଡ଼ି ଦୌଡ଼ି ଜେଜେ ପାଖକୁ ଚାଲିଗଲା। କୁନକୁ ଦେଖି ବୁଢ଼ା ବିସ୍ମିତ।ବୁଢ଼ା ପଚାରିଲା ଆଲୋ ମା' କୁନ ତୁ ଏଇଠି କେମିତି ? ମୁଁ ଏକା ନୁହେଁ ମ ଜେଜେ, ମୋ ସହ ରବିଦା ମଧ୍ୟ ଆସିଛନ୍ତୁ। ରବି କୁନ ପଛେ ପଛେ ଆସି ବୁଢ଼ା ପାଖେ ହାଜର। ରବିକୁ ଦେଖି ବୁଢ଼ା କୋହ ସମ୍ଭାଳି ନ ପାରି ଭୋ

ISSN NO.
2582-208X

ଭୋ କାନ୍ଦି ପକାଇଲା। ରବି କାହିଁକି କାନ୍ଦୁଛ ବୋଲି ପଚାରିବାରୁ ବୁଢ଼ା ତୁଳସୀ ଆଡ଼କୁ ଆଙ୍ଗୁଠି ଦେଖାଇଲା। ରବି ତା' ଭାଉଜଙ୍କୁ ମୁଣ୍ଡବାଡ଼େଇ କାନ୍ଦୁଥିବାର ଦେଖି ତତକ୍ଷଣାତ୍ ଭାଉଜ ପାଖକୁ ଦୌଡ଼ିଗଲା। ତା' ପଛେ ପଛେ କୁନି ମଧ୍ୟ ଧାଇଁଯାଇ ବୋଉକୁ କୁଣ୍ଢେଇପକେଇଲା ଆଉ ବାପା କାହାନ୍ତି ପଚାରିବାରୁ ପାଖରେ ଥିବା ଶବ ଉପରୁ ଧଳା ଲୁଗାଟାକୁ କାଢ଼ିଦେଲା। ମାଆ ଝିଅଙ୍କର କାନ୍ଦ ବୋବାଳିରେ ପରିବେଶଟି ମଧ୍ୟ ଫାଟି ପଡ଼ିଲା। କ୍ଷଣକ ପରେ ରବି ବିମଳର ଶବ ଗାଁ କୁ ନେଇକ ଯିବା କଥା ତା' ଦାଦାଙ୍କୁ ପଚ୍ଚାରିଲା। ମୋ ପାଖରେ କାଣି କଉଡ଼ିଟିଏ ନାହିଁ ଗାଡ଼ି ବୁଝିବାକୁ ଆସିଥିଲି ସେମାନେ କହୁଛନ୍ତ ଟଙ୍କା ଦେଲେ ପୁଅର ମୁର୍ଦ୍ଦାର ନେଇକ ଯିବେ ବୋଲି ବୁଢ଼ା କହିଲା। ସଙ୍ଗେ ସଙ୍ଗେ ରବି ଟଙ୍କା କାଢ଼ି ବୁଢ଼ା ହାତକୁ ଧରାଇ ଦେଲା। କହିଲା ଗାଁ ଲୋକେ ଏ ଟଙ୍କା ଦେଇଥିଲେ ଭାଇର ଦେହ ଭଲ ହେବା ପାଇଁ କନ୍ତୁ ସେ ତ ଆଉ ନାହିଁ ବରଂ ଏ ଟଙ୍କାତକ ତା'ରି କାମରେ ଲାଗୁ। ଏତିକ କହି ଉଭୟେ ଗାଡ଼ି ବୁଝିବାକୁ ଚାଲିଗଲେ।

'ସ୍ୱର୍ଗରଥ' ଗାଡ଼ିଟି ଗାଁରେ ଆସି ପହଞ୍ଚିଲା ବେଳକୁ ପ୍ରାୟ ଉପରବେଳା। ଗାଁ ଦାଣ୍ଡ ପିଲାଙ୍କ ଖେଳଗୋଳରେ ପରିପୂର୍ଣ୍ଣ। ଗାଡ଼ିଟିକୁ ଦେଖି ଲୋକଙ୍କ ସହ ପିଲାମାନେ ମଧ ଖେଳ ଛାଡ଼ି ଗାଡ଼ି ପଛେ ଧାଇଁ ଆସିଲେ। ଗାଡ଼ିଟି ଅଟକବା ବେଳକୁ ଗାଁ ଦାଣ୍ଡ ସ୍ତବ୍ଧ। ଶୋକାକୁଳ ପରିବେଶ ମଧରେ ସହିଭାଇମାନେ କୋକେଇ ତିଆରି କରି ଶବ ସତ୍କାର ପାଇଁ ଗାଁ ମୁଣ୍ଡ ମଶାଣିକୁ ନେଇଗଲେ। ବେଳ ରତ ରତ ସମୟରେ କୁନ ମୁଖାଗ୍ନି ଦେଇ ଶେଷନଦ୍ରା ଯାଇଥିବା ବାପାଙ୍କୁ ନମସ୍କାର କଲା। ଜୁଇରେ ବିମଳ ବିଲୀନ ହେବା ପୂର୍ବରୁ କୁନର ଜେଜେ କୁନକୁ ସାଙ୍ଗରେ ଧରି ଘରକୁ ଲେଉଟି ଆସିଲେ ଅତି ନଃସହାୟ ଭାବରେ। ବିମଳ ଅଙ୍ଗ ଦାନକରି ସମାଜ ପାଇଁ ଏକ ନୂତନ ଦିଶା ଦେଇ ଚାଲିଗଲା ସିନା କନ୍ତୁ ତାର ଝିଅ କୁନ, ସ୍ତ୍ରୀ ତୁଳସୀ ଆଉ ପରିଣତ ବୟସରେ ଉପନୀତ ହୋଇଥିବା ବାପାର ଅବସ୍ଥା.....

ବାହାଡ଼ାଝୋଲା
ଜିଲ୍ଲା - ନୟାଗଡ଼
ଯୋଗାଯୋଗ - ୯୩୪୮୪୦୫୮୪୦

ISSN NO.
2582-208X

# ଶ୍ରୀ ପୁରୁଷୋତ୍ତମ



ଆକୁଳାନନ୍ଦ ପୃଷ୍ଟି

ଶ୍ରୀକ୍ଷେତ୍ର  ମଣ୍ଡମଣି
ପ୍ରଭୁ ପରଂବ୍ରହ୍ମ
ମାନବୀୟ ଲୀଳା କର
ଶ୍ରୀ ପୁରୁଷୋତ୍ତମ ।

ସୃଷ୍ଟି କର୍ତ୍ତା ବ୍ରହ୍ମା ହେଲେ
ଭଉଣୀ ସୁଭଦ୍ରା
ଆଶୁତୋଷ ମହେଶ୍ୱର
ଭାଇ ବଳଭଦ୍ର ।

ପତ୍ନୀ ତୁମ୍ଭ  ମହାଲକ୍ଷ୍ମୀ
ସ୍ୱଭାବେ ଚଞ୍ଚଳା
ଆଖି ଅଛି ପତା ନାହିଁ
ପ୍ରଭୁ ଚକାଡୋଳା ।

କର ନାହିଁ  ଚକ୍ରଧର
ଶଙ୍ଖ ଗଦା ପଦ୍ମ

ISSN NO.
2582-208X

ବାଇଶି ପାହାଚ ଚଢ
 ନାହିଁ ତୁମ ପାଦ ।

ସ୍ୱତିରେ ପହୁଡ଼ ପଡେ
ନଦ୍ରା ଯାଅ ରତ୍ନ ପଲଙ୍କରେ
ଦାନ୍ତ ଘଷ ମୁଖ ଧୁଅ
 ବେଶ ହୁଅ
ସ୍ନାନ ଶୌଚ ପରେ ।

ତୁମକୁ ବି ଶୀତ ହୁଏ
ଅଙ୍ଗ ଲାଗି ହୁଅ ଶୀତ ବସ୍ତ୍ର
ଗ୍ରୀଷ୍ମ କଷ୍ଟ ଦୂର କର
ଅଙ୍ଗେ ଦେଇ ଚନ୍ଦନ ପ୍ରଲେପ ।

ଆମ ପରି ଦୁଃଖ କଷ୍ଟ
 ଭୋଗୁଛ ଠାକୁର
ଅଧିକ ଗାଧୋଇବାରୁ
 ହେଲା ଥଣ୍ଡା ଜ୍ୱର ।

ଷାଠିଏ ପଉଟି ଖାଇ
 ଖାଅ ଖିଲି ପାନ
ସ୍ୱାସ୍ଥ୍ୟ ରକ୍ଷା ପାଇଁ କର
 ଔଷଧ ସେବନ ।

ବାରମାସେ ତେର ପର୍ବ
 ତୁମ ଶ୍ରୀ ମନ୍ଦିରେ

ISSN NO.
2582-208X

ବେଶ ହୁଅ  ଦିନ ମାସ
 ପର୍ବ ପର୍ବାଣୀରେ  ।

ତୁମେ ବି  ସଙ୍ଗୀତ ଶୁଣ
 ନୃତ୍ୟ ଦେଖ
ଦେବଦାସୀଙ୍କର
ନାଚ ନଗ୍ଣଅ ସୃଷ୍ଟିକୁ
ହଟିଆ ଠାକୁର  ।

ଆମ ପରି ତୁମର ବି
 ଅଛି ମାମୁଁ ଘର
ମାଉସୀ ଘର ତୁମର
 ଗୁଣ୍ଡିଗ୍ଣ ମନ୍ଦିର  ।

ବରୁଣ ଦେବତା ହେଲେ
 ଶ୍ୱଶୁର ତୁମ୍ଭର
ନଜେ ନଜକୁ ସୃଜିଲ
ପୁତ୍ର ହେଲ ଦୁଇ ମାତାଙ୍କର  ।

ଦେବକୀ ନନ୍ଦନ ପ୍ରଭୁ
 ଯଶୋଦା ନନ୍ଦନ
ଶ୍ରୀକ୍ଷେତ୍ର ମଣ୍ଡମଣି
 ଶ୍ରୀ ପୁରୁଷୋତ୍ତମ  ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

ISSN NO.
2582-208X

# ଜନ୍ମଭୂମି



ସୁନନ୍ଦା ମହାନ୍ତ

ଜନ୍ମଭୂମି ମୋ ସବୁଠୁ ପ୍ରିୟ
ମାତୃଭାଷା ତାର ଛୁଏଁ ହୃଦୟ
ତା ମାଟିର ଫଳ ତା ନଈର ଜଳ
ସୁଜଳା ସୁଫଳା ଶଶ୍ୟ ଶ୍ୟାମଳା ମାଳ
ରକ୍ତ ଦେଇଛି ଶକତି ଭରି
ତା ଚରଣ ବନ୍ଦି ହସେ କିଆରି
ମାଆ ମାତୃଭୂମି ପରି କେ କାହିଁ
ଜନମ ଭୂଇଁ ତା ଚରଣ ଛୁଇଁ
ତା ପଦ ଯୁଗଳେ ମଥା ନୁଆଁଇଁ
ବକ୍ଷରେ ମାଟି ଚାଷୀ ଲୋଟି ସାଉଁଟି
ଫଳାଏ ଫଳ ସୁନ୍ଦର ତା ନଈ ନାଳ
ସୁନ୍ଦର ବଣ ଶଶ୍ୟ ଶ୍ୟାମଳ
ତା ବକ୍ଷେ ବୃକ୍ଷ ନହୋଇ ରୁକ୍ଷ
ଫଳ ଡ଼ାଳ ମୂଳ ବର୍ଷ ବାରମାସ ଯାକ
ଜୀବନ ସାରଣୀ କହେ ଯେତେ କାହାଣୀ

ISSN NO.
2582-208X

ଶ୍ରେଷ୍ଠ ମୋ ଜନ୍ମଭୂଇଁ ରାଜରାଣୀ
ତା ମାତୃଭାଷା ଶିଖି ଶୁଣି ପଢି ଓ ଲେଖି
ସାହିତ୍ୟ ସାଧନେ ହୋଇଛି ବତ୍ରୀ ଦେଖି
ପିତାମହ ଯେତେ ଜନମି ଥିଲେ
ଦେଶ ଓ ଜାତିର ଟେକ ରଖିଲେ
ପଦାଙ୍କ ତାଙ୍କର ଅନୁସରଣ କରି
ମିଶୁ ମୋର ଦେହ ଏ ଦେଶ ମାଟି ପୁରି
ସ୍ୱାଧୀନତା ଅର୍ଥ ନକରି କଦର୍ଥ
ସୁନ୍ଦର ସବୁ ବସ୍ତୁ ଓ ପଦାର୍ଥ
ଭଲ ଭଲ କାମ ଯିବାକୁ କରି
ଶପଥ ନେବା ନବାଜୁ ଭେରୀ ବା ତୁରୀ
ଆମରି ଦେଶର ଆମେ ନାଉରୀ
କେତେ ବୀର ସୁର ନର ଗଲେଣି ଫେରି
ବାର୍ତ୍ତା ଦେଇ ପଥ ଦେଖାଇ ପାଠକ ହୋଇ
ରଖିବା ଟେକ ଏକାଠି ହୋଇ ଆମ ମା ପାଇଁ ॥

ସାକ୍ଷୀଗୋପାଳ, ପୁରୀ
9040977327

ISSN NO.
2582-208X

# ଝୁରେ ପ୍ରାଣ କଳାକାଞ୍ଚନ



ସିନ୍ଧୁ ନନ୍ଦିନୀ

ଝୁରେ ମୀରା ପ୍ରାଣ ହେ କଳାକାଞ୍ଚନ
ହେ ପ୍ରଭୁ ନାରାୟଣ
ଭକ୍ତିଭାବମୟି ସେ ମୀରାବାଇ
ଜପାମାଳି ତୁମ ନାମ

ଦିବାନିଶି ଖାଲି ଜପୁଥାନ୍ତି
ମୀରା କୃଷ୍ଣ ନାମ
ଅପୂର୍ବସେ ଭକ୍ତିମୟ ରସ
ମୀରାଙ୍କ ଭାବ ଧନ୍ୟ

ଭାବରେ ଭାବଗ୍ରାହୀ ଅପରିବର୍ତ୍ତିତ
ଭାବ ଅଜ୍ଞାନରୁ ମୁକ୍ତ
ଭାବ ବିନୋଦିଆ ଭାବର ସାଗର
ଭାବସହ ଭକ୍ତିରତ

ମୀରାଙ୍କ ଭକ୍ତି ଅତି ଅମଳିନ
ଶାଶ୍ୱତ ତଥା ଚିରନ୍ତନ

ISSN NO.
2582-208X

ଛନ୍ଦା ହୃଦୟ ବନ୍ଧା ପ୍ରୀତି ଶିକୁଳିରେ
ସ୍ନିଗ୍ଧଶାନ୍ତ ତନମନ

ମୀରାଙ୍କ ହୃଦୟ ମନପ୍ରାଣ
ତ୍ୟାଗ ଆଉ ବଳିଦାନ
ଚାନ୍ଦସମ ଅଟଇ ଶୀତଳ କିରଣ
ନିଆରା ସ୍ୱର୍ଗୀୟ ସମର୍ପଣ

ମୀରାଙ୍କ ଭକ୍ତିରେ ଅସରନ୍ତିଭାବ
ଶ୍ରଦ୍ଧାର ନାହିଁ ପଟାନ୍ତର
ଭାବରେ ଭାବରେ ବନ୍ଧା ଶ୍ରୀଜନାର୍ଦ୍ଦନ
ଭାବନାରେ ନାରାୟଣ

ଭୁବନେଶ୍ୱର

ISSN NO.
2582-208X

# ମେଘ ମହ୍ଲାର



ସୁବର୍ଣ୍ଣୀ ପ୍ରଧାନ

ଶ୍ରାବଣୀ ବସିଛି ମେଘ ସବାରିରେ
ଆଖିରେ ଆଖିଏ ଲୁହକୁ ନେଇ
ଗଙ୍ଗା, ଯମୁନାର ଦୁଇଧାର ପରି
ବୋହିଯାଉଅଛି ଚିବୁକ ଛୁଇଁ।


ମାଟି ଆକାଶର ଅପୂର୍ବ ମିଳନ
ଦେଖି ଆନମନା ହେଉଲ ତୁହି
ପ୍ରଫୁଲ୍ଲିତ ତୋର ମନ ଉପବନ
ଆନନ୍ଦର ଝର ଯାଉଛି ବୋହି।।

ଶୀତଳ ସମୀର ତୋ ଦେହେ ଲାଗିଛି
ମେଘ ମହ୍ଲାରରେ ଖେଳୁଛୁ ଦୋଳି
ଅପୂର୍ବ ସଂଯୋଗ ଏ ଧରାପୃଷ୍ଠରେ
ସବୁଜ ପତରେ ହସୁଛି କଳି।

କୁସୁପୁର, ଗୋପ,ପୁରୀ-752110
ସମ୍ପର୍କ7008260516

ISSN NO.
2582-208X

# ଯାନ ଭଙ୍ଗା
# ହେରାପଞ୍ଚମୀ



ତ୍ରିପତି ପ୍ରଧାନ

ବଡ଼ କପଟିଆ କାଳଆ
କପଟକୁ ଆଚରି
ନେଲ ନାହିଁ ମାତା କମଳା
କାଳେ ଯିବଟି ହାରି (1)
ପଦ୍ମାଳୟା ସାଥେ ରହିଲେ
ମାଉଁସୀ ମା ବ୍ୟଞ୍ଜନ
ପାଇବନ କାଳେ ଭାବିଲ
ଦଗା ଦିଆ ମୋହନ (2)
ଶଙ୍କା ରହିଥିଲା ତୋ ମନେ
ହାତ ରାନ୍ଧଣା ଲକ୍ଷ୍ମୀ
ଭୁଞ୍ଜିଣ ଗୁଣ୍ଡିଚା କହିବେ
କଛି ଦିନ ରହୁଟି (3)
ତୋ ଠାରୁ ସେନେହ ଅଧିକ
ପଦ୍ମା ପାଇବେ ବୋଲି
ଛାଡି ଚାଲିଗଲ ମାତାଙ୍କୁ
କପଟିଆ ମୁରଲୀ (4)
ହେତୟାରେ ରାମ ରୂପରେ
ବନେ ସାଥେ ନେଇଛ

ISSN NO.
2582-208X

ଦୈତ୍ୟଙ୍କୁ ବିନାଶି ମହୀରେ
ପାପ ଭାରା ନାଶିଛ (5)
ସୀତାଙ୍କ ହରଣ ରାବଣ
-ମରଣଟି ହୋଇଲା
ନାମ ନେବେ କାଳେ ଇନ୍ଦିରା
ମନେ ଦକ ରହିଲା (6)
ଦ୍ୱାପରେ ରାଧିକା ତୁମରି
ପ୍ରେମେ ହୋଇଣ ବାଇ
ତୁମ ନାମ ଆଗୁ ଭକତ
ରାଧେକୃଷ୍ଣ ଭଜଇ (7)
ନୀଳ କନ୍ଦେ ବିଶ୍ୱ ଭକତ
ତବ ଦର୍ଶନ ସାରି
ଚାହିଁ ରହିଥାନ୍ତି ଅଭଡ଼ା
ସିନ୍ଧୁସୁତା ତିଆରି (୫)
ଆନନ୍ଦ ବାଜରେ ବସିଣ
ଜାତି ଭେଦକୁ ଭୁଲି
ପ୍ରସାଦ ସାଉଁଟି ଖାଆନ୍ତି
ହେଜ ସଖା ପାଞ୍ଚାଳୀ (9)
ତ୍ରେତୟା ଅସତୀ ଦ୍ୱାପରେ
ପ୍ରେମ ବାୟାଣୀ କରି
ତଡି, ଛାଡି ଚାଲି ଯାଇଛ
ମାନ ଯାଇନି ପୂରି (10)
ତବ ଇଛା ବିନା ଘଟଣା
ଘଟିବ କି? ବିଶ୍ୱରେ
ନାଟକୁ ଲଗାଇ ନାଟୁଆ
ନାଚୁ ଥେଇ ଥେଇରେ (11)

ISSN NO.
2582-208X

ଲୋକମାତା ଖ୍ୟାତ ପୂଜିତା
ସହି ପାରିଲ ନାହିଁ
ଯାନ ଭଙ୍ଗା ହେରା ପଞ୍ଚମୀ
ରଚି ଅଛ ଗୋସାଇଁ ( 12 )
ତୁମ ମନ ବାଞ୍ଛା ପୂରଣ
କରିବାରେ ମା ରମା
ଯାନ ଭାଙ୍ଗି କଳି ହୁଡ଼ିକୁ
ବୋହି ଭାବି ସୁଷମା ( 13 )
ମୁଁ ଅଧମ କାହୁଁ ଜାଣିବି
ତବ କୃତ ମହିମା
କର ଯୋଡି କରେ ଗୁହାରି
ପାପ କର ହେ କ୍ଷମା ( 14 )

ସଂସ୍କୃତ ଶିକ୍ଷକ, ଚକଟି, ଗଞ୍ଜାମ
ଫୋନ - 6370537091

ISSN NO.
2582-208X

# କେବେ କେରଳ ତ
# କେବେ ଅରୁଣାଚଳ



ପ୍ରିୟବ୍ରତ ପାତ୍ର

## ଲବଙ୍ଗ ଦ୍ୱୀପର କଥା

ଏର୍ଣ୍ଣାକୁଲମ୍ ରୁ ଫୋର୍ଟ କୋଚି ଦିଗେ ଫେରି ଚାଲିଥାଏ । ଫେରୀ ହେଉଛି ଯାତ୍ରୀମାନଙ୍କୁ ନେବା-ଆଣିବା କରୁଥିବା ଜଳ ଯାହାଜ, ଯାହାକି ଭିତରେ ଜଳପଥରେ ହିଁ ସୀମିତ ଥାଏ । ଫେରୀ ଭିତରେ ସବୁ ରକମର ଯାତ୍ରୀ । ଅତଏବ ଯାତ୍ରା ଥିଲା ଶିକ୍ଷଣୀୟ ଓ ଆନନ୍ଦଦାୟକ । ପ୍ରତ୍ୟେକ ଯାତ୍ରୀ ଚିନ୍ତା ଚେତନା ଦୃଷ୍ଟିରୁ ଥିଲେ ଅଲଗା ଅଲଗା ପୃଥିବୀର ।

ପାରମ୍ପରିକ ଶାଢୀ ପିନ୍ଧି, ଓଦା ଚୁଟିକୁ ଖୋଲା ଛାଡି ପାଖରେ ବସିଥିଲେ ତିନି କନ୍ୟା ଆଗାମୀ ମାସକ ଭିତରେ ବିବାହ ଦିନ ସ୍ଥିରୀକୃତ । ନିଜ ନିଜ ବାକଦତ୍ତାଙ୍କୁ ନେଇ ତିନିହେଁ ଥିଲେ ପ୍ରଗଳଭ । ତେଣୁ ବୋଧେ ସେମାନେ ନିଜ ନିଜକୁ ବିଶ୍ୱର ସବୁଠୁ ସୁଖୀ ଓ ଚିନ୍ତାଶୂନ୍ୟ ମଣିଷ ବୋଲି ଉପସ୍ଥାପନରେ ବ୍ୟସ୍ତ । ତାଙ୍କ ପାଖରେ ହାଡୁଆ, ଅଧାଲଙ୍ଗଳା ବାବାଜୀ ଜଣେ ନିଜ ଧ୍ୟାନମୁଦ୍ରାରୁ ମଝିରେ ମଝିରେ ଅବ୍ୟାହତି ନେଇ ଆଖି ଖୋଲି ଦେଖୁଥିଲେ – ମାୟାବୀ ସଂସାରରେ କଣ ସବୁ ଚାଲିଛି । ମୁଣ୍ଡରେ ସ୍କାର୍ଫ ଭିଡି ସିମେଣ୍ଟ ରଙ୍ଗର ଗାଉନ୍ ଉପରେ ସୁନେଲୀ ରଙ୍ଗର କ୍ରସ୍ ଲଟକେଇ କିଛି ଖ୍ରୀଷ୍ଟିଆନ୍ ନନ୍ ଆରମ୍ଭରୁ ହିଁ କିଛି ଗମ୍ଭୀର ଆଲୋଚନାରେ ବ୍ୟସ୍ତ । ସୁନେଲୀ ରଙ୍ଗର ଚକଚକିଆ ଧଡିଥିବା ଧଳା ଧୋତି ପିନ୍ଧି କିଛି ଖୋଲା ଛାତିବାଲା ଲୋକ ପାରମ୍ପରିକ ବାଜା ଧରି ଠିଆ । ସାରା ଦେହ ଈଷତ୍ ଗୋଲାପୀ ରଙ୍ଗର ବୁର୍ଖାରେ ଆବୃତ କରି, ନିଜ ନିଜର ଦୁଧ-ଅଳତା ରଙ୍ଗର ମୁହଁଟିମାନ ପଦାକୁ କାଢି କିଛି ଆରବୀ ବଂଶଧାରୀ ସ୍ତ୍ରୀ ଲୋକ ନିଜ ପିଲାଙ୍କୁ ଆକଟ

ISSN NO.
2582-208X

କରିବାରେ ବ୍ୟସ୍ତ । ଏମିତି ଏମିତି କେତେ ରକରମ ଦୃଶ୍ୟ, କେତେ ରକମର ଲୋକ । ଫେରୀ ଏକ ବାସ୍ତବ ପ୍ରହେଳିକା ।

ପିଲାଙ୍କୁ ନେଇ ଶିକ୍ଷଣୀୟ-ଭ୍ରମଣରେ ବାହାରିଥିବେ । ସାର୍ ଜଣକ ପିଲାଙ୍କୁ କହିଲେ – ଆଜି ସନ୍ଧ୍ୟାରେ ଦେଖିବା କଥାକଳି ନୃତ୍ୟ । ତୁମେ ଦେଖିବ, କେବଳ ଆଖି ଆଉ ଆଙ୍ଗୁଳିର ଚାଳନାରେ କିଭଳି ବିଭିନ୍ନ ଭାବନାକୁ ରୂପ ଦିଆଯାଇପାରେ ।

ଶିକ୍ଷକ ଜଣକ ନିଜ ଆଖି ଡୋଳାକୁ ବିଭିନ୍ନ ଦିଗରେ ନଚେଇବାକୁ ଚେଷ୍ଟା କଲେ । କେବେ ତାହା କୋଟର ଭିତରେ ଲୁପ୍ତ ତ କେବେ ଆଶ୍ଚର୍ଯ୍ୟ ମୁଦ୍ରାରେ ପ୍ରସାରିତ । ଓଠରେ ସୃଷ୍ଟି କଲେ ମୃଦୁ କମ୍ପନ । ତାଙ୍କର ନାବାଳକ ଶିଶୁପୁତ୍ର ହଠାତ୍ ତାଙ୍କର ପିନ୍ଧା କୋଟ୍ ଟିକୁ ଟଣା ଓଟରା କରି ହନୁକରଣ ଆରମ୍ଭ କରିଦେଲା । ପିଲାଏ ଏତାଦୃଶ କାର୍ଯ୍ୟରେ ଏକାଥରେ ହସିବାକୁ ଲାଗିଲେ ।

ଶିକ୍ଷକ ଏଥର ଇତିହାସ ପଢେଇବା କାମ ଆରମ୍ଭ କଲେ – ଅତୀତରେ ବହୁ ବର୍ଷ ଧରି କୋଚିନ୍ ଥିଲା ଏକ ସ୍ୱାଧୀନ ରାଜ୍ୟ । ତା ପରେ ଇଂରେଜଙ୍କ ଶାସନ କାଳରେ, ତାଙ୍କରି ସୁରକ୍ଷା ବଳୟ ଭିତରେ କୋଚିନ୍ ମାନ୍ୟତା ପାଇଲା ଏକ ସ୍ୱତନ୍ତ୍ର ରାଜ୍ୟ ଭାବେ ।

ପରେ ଜାଣିଲୁ ସେଇ ପିଲା ଓ ଶିକ୍ଷକ ମାନେ ଆସିଥିଲେ ପଡୋଶୀ ରାଜ୍ୟ ତାମିଲନାଡୁରୁ । ଭାରତର ଅନ୍ୟ ବଡ ବଡ ସହରରେ ଗମନାଗମନ ପାଇଁ ଯେଉଁ ଭୟଙ୍କର ଭିଡ, ଧସ୍ତାଧସ୍ତି, ଖାଲଢିପ ରାସ୍ତାରେ ଅଜସ୍ର ହମ୍ପସ୍, ହର୍ଣ୍ଣ ତଥା ଶବ୍ଦ ପ୍ରଦୂଷଣର ଦରିଆ ପାର କରିବାକୁ ପଡିଥାଏ, ଫେରୀ ଯାତ୍ରା କାଳରେ ମଣିଷ ସେସବୁରୁ ମୁକ୍ତ । ଦକ୍ଷିଣ ଭାରତର ସବୁଠୁ ଗହଳିଆ ବନ୍ଦର ସହର ହେଲା କୋଚିନ୍ । ଦକ୍ଷିଣ ନାଭାଲ୍ କମାଣ୍ଡର୍ ମୁଖ୍ୟ ଦପ୍ତର ମଧ୍ୟ କୋଚିନ୍ । ଏସବୁ ସତ୍ତ୍ୱେ କୋଚିନ୍ ଜଣେ ଭାବୁକ ପରି ନିମଗ୍ନ ରହିଥାଏ, ନିଜର ଭୂମଧ୍ୟସାଗରୀୟ ଜଳବାୟୁ ସହିତ ନିର୍ବିକାର ଉତ୍ତେଜନାହୀନ ଜୀବନକୁ ନେଇ । ଦ୍ୱୀପ ଓ

ISSN NO.
2582-208X

ସମୁଦ୍ର ଭିତରକୁ ପଶିଯାଇଥିବା ଅନ୍ତରୀପ, ବ୍ୟାକ୍ ୱାଟର୍ ତଥା ଦନ୍ତୁରିତ ପ୍ରାକୃତିକ ଅବବାହିକାକୁ ନେଇ ଗଢି ଉଠିଛି ଦ୍ୱୈତ ନଗରୀ ଏର୍ଣ୍ଣାକୁଲମ୍ ଓ କୋଚିନ୍। ତେବେ ଐତିହ୍ୟପୂର୍ଣ୍ଣ କୋଚିନ୍ ହିଁ ସମଗ୍ର ପ୍ରତିନିଧିତ୍ୱ କରିଥାଏ। ଫୋର୍ଟକୋଚିନ୍, ମଟାଞ୍ଚେରୀ ଏର୍ଣ୍ଣାକୁଲମ୍ ର ଭୂଭାଗ, ୱିଲିଗଡନ୍, ବେଲଘାଟ, ଗୁଣ୍ଡୁ, ଭାଇପର୍ ଆଦି କିଛି ଦ୍ୱୀପକୁ ଏଇ କୋଚିନ୍ ର ସାମଗ୍ରିକ ପରିଚୟ।

ମଟାଞ୍ଚେରୀ ବା ମଟନଚେରୀ ନାମଟି ଶୁଣିବା ମାତ୍ରେ ଆଖି ଆଗରେ ଭାସିଉଠେ ବିଭିନ୍ନ ସୁଗନ୍ଧିଯୁକ୍ତ ମସଲା ଦେଇ ତିଆରି ହୋଇଥିବା ମାଂସ ତରକାରୀ ଉପରେ ନାଲି ଟୁକୁଟୁକୁ ଚେରୀ କୋଳିର ସହାବସ୍ଥାନ। ସେମିତି ଫୋର୍ଟକୋଚି କହିଲେ କଳ୍ପନାରେ ସ୍ୱତଃ ଆସିଯାଏ କେଉଁ ଏକ ବିଡମ୍ବିତ ଫୋର୍ଟର କଥା। ଅସଲ କଥା ହେଲା ସେଇଠି କୌଣସି ଫୋର୍ଟ ହିଁ ନାହିଁ । କୌଣସି ଏକ ଗୋରା ସାହେବର ନାମାନୁସାରେ ଜାଗାଟିର ନାମ ଫୋର୍ଟକୋଚି। ଲୋକେ ବ୍ୟସ୍ତବହୁଳ ସଡକ ରାସ୍ତା ଅପେକ୍ଷା ଫେରୀ ଯୋଗେ ମଟାଞ୍ଚେରୀ ବା ଫୋର୍ଟ କୋଚିକୁ ଆସିଥାନ୍ତି।

ଜେଟିରୁ ଓହ୍ଲେଇ ଫୋର୍ଟ କୋଚି ଦିଗେ ଗଲାବେଳେ, ଦୁଇକଡରେ ପ୍ରାଚୀନ ଘରମାନଙ୍କୁ ଦେଖି ମୋର ଭାବାନ୍ତର ହେଉଥିଲା। ସାରା ବିଶ୍ୱ ସହ ସମ୍ପର୍କ ରଖିଥିବା ଏହି ବଣିକ ସହରଟି ଗଲା ଦୁଇ ହଜାର ବର୍ଷ ଧରି ଏଇଡି ହିଁ ଚଳଚଞ୍ଚଳ ହୋଇ ରହିଆସିଛି, ଠିକ୍ ଆଜି ଯେମିତି। ବହୁ ପ୍ରାଚୀନ ମନ୍ଦିରମାଙ୍କ ସାଥିରେ ପ୍ରାଚୀନ ଗୀର୍ଜା, ମସଜିଦ୍ ଓ ସିନାଗଗ୍ ମାନଙ୍କ ବିଚିତ୍ର ସହାବସ୍ଥାନ। ଶତାବ୍ଦୀ ଶତାବ୍ଦୀ ଧରି ମରକକୋ, ସୁଦାନ, ଆଫ୍ରିକା, ଆରବ, ଜେରୁଜେଲମ୍, ଜୋର୍ଡାନ୍, ଇଜିପଟ୍ ଆଦିରୁ ଲୋକ ଆସି ଏଠାରେ ସ୍ଥାୟୀ ବାସିନ୍ଦା। ଆଜି ବି ସେମାନଙ୍କ ମୂଳ ପରମ୍ପରାର ଝଲକ ତାଙ୍କ ବେଶଭୂଷା ଓ ନୀତିକାନ୍ତିରେ ଦେଖିବାକୁ ମିଳେ। କିଏ ଚନ୍ଦନଟିପା ଲଗେଇ ବୁଲିଲାଣି ତ କିଏ ଖୋଲା ଛାତିରେ ବୁଲିଲାଣି। କିଏ ପୁଣି ଗୋଡରୁ ଉଣ୍ଡ ପର୍ଯ୍ୟନ୍ତ ବସ୍ତ୍ରାବୃତ। କୋଉଠି ହିଜାବ୍ ତ କୋଉଠି ସ୍କାର୍ଫ, କୋଉଠି ପୁଣି ଖୋଲା ଚୁଟି। ସମସ୍ତେ ଏଠାରେ ସମ୍ମାନନୀୟ ନାଗରିକ।

ISSN NO.
2582-208X

ତେବେ ପ୍ରଶ୍ନ ଆସେ, ଏତେ ରକମର ବିଦେଶୀ ଏ ଅଞ୍ଚଳକୁ କାହିଁକି ଆସୁଥିଲେ? ଭାରତରେ ଏତେ ଏଏ ଜାଗା ଥାଉ ଥାଉ ଏଠାକାର ସ୍ୱାତନ୍ତ୍ର୍ୟ କଣ ଥିଲା? ତାର କାରଣ ହେଲା ସମୁଦ୍ର ଓ ନଦୀପଥ ଯୋଗେ ପହଞ୍ଚିବା ସହଜ। ପୁଣି ପ୍ରାକୃତିକ ଭାବ ଉପଲବ୍ଧ ଦନ୍ତୁରୀତ ନଦୀ ମୁହାଣ ସବୁ ବଡ ବଡ ଜାହାଜ ବା ପୋତମାନଙ୍କୁ ନିରାପଦରେ ପହଞ୍ଚିବା ପାଇଁ ପୋତାଶ୍ରୟ ଦେଇଥିଲା।

କେତେ ଶତାବ୍ଦୀ ଧରି କୋଚିନ୍ ର ପୋତାଶ୍ରୟମାନଙ୍କୁ ଆରବ ସାଗରର ମଣି ବୋଲି ନାବିକମାନେ ନାମିତ କରିଥିଲେ। ସହସ୍ର ସହସ୍ର ବର୍ଷ ଧରି ପୂରା ବିଶ୍ୱ ସହ ସମ୍ପର୍କ ରକ୍ଷା ଦୃଷ୍ଟିରୁ ଭାରତ ପାଇଁ ଏକ ଝରକା ପରି ହିଁ କାମ କରିଛି। ଏଠାକାର ହାତୀଦାନ୍ତ, ମସଲା, ସୁନା ଅଳଙ୍କାରର ଚାହିଦା ପୂରା ବିଶ୍ୱରେ ଆଜି ବି ରହିଛି। ଜଳପଥ ଆବିଷ୍କାର କରି କୋଚିନ୍ ରେ ପହଞ୍ଚିବାକୁ କଲମ୍ବସ୍ ଚାହୁଁଥିଲେ। କିନ୍ତୁ ପହଞ୍ଚିଲେ ଆମେରିକାରେ। ତାକୁ ହିଁ ଶେଷ ପର୍ଯ୍ୟନ୍ତ ଭାରତ ବୋଲି ଧରି ନେଇଥିଲେ। ୧୫୦୭ ରେ ଭାସ୍କୋଡାଗାମାଙ୍କ ଆଗମନ ଓ ଆବିଷ୍କାର ଦ୍ୱାରା ପୂରା ଇଉରୋପ ସହ କୋଚିନ୍ ସଂଯୋଗ ହୋଇଗଲା। ୧୭୦୨ ରେ ଡଚ୍ ମାନେ କୋଚିନ୍ ରେ ପ୍ରବେଶ କଲେ। ୧୬୬୩ ବେଳକୁ ଅନ୍ୟମାନଙ୍କୁ ବାଟ ଛାଡିଦେଇ ପର୍ତ୍ତୁଗୀଜ୍ ମାନେ କୋଚିନ୍ ଛାଡି ଚାଲିଗଲେ। ତା ପରେ ଆସିଥିଲେ ବ୍ରିଟିଶ୍ ମାନେ। ଏହି ଇଉରୋପୀୟମାନଙ୍କ ସହିତ ବହୁ ଆରବ ଓ ଚାଇନା ଆଦି ଶକ୍ତିମାନଙ୍କୁ କୋଚିନ୍ ପାଛୋଟି ନେଇଛି, ତାଙ୍କ ଦ୍ୱାରା ଆକ୍ରାନ୍ତ ହୋଇଛି, ବିକଶିତ ବି ହେଇଛି।

କୋଚିନ୍ ଆଜି ବି ଲାଗେ ଏକ ମଧ୍ୟଯୁଗୀୟ ବନ୍ଦର ସହର। ସେକାଳକୁ ମନେପକେଇ ଦେଲାଭଳି ଘରଦ୍ୱାର, କ୍ୟାଥଲିକ୍ ଗୀର୍ଜା, ଆରବୀମାନଙ୍କ ମସଜିଦ୍। ୟହୁଦୀମାନଙ୍କ ସିନାଗଗ୍, ପର୍ତ୍ତୁଗୀଜ୍ ମାନଙ୍କର ଘର ଓ ଅସ୍ତ୍ରାଗାର, ଡଚ୍ ମାନଙ୍କ ଉଆସ, ଗୋଦାମ ଘର, କବରଖାନା-ସବୁକିଛି ରହିଛି। ବ୍ରିଟିଶ୍ ନିର୍ମିତ ପ୍ରଥମ ସବୁଜ ଘାସର ବିସ୍ତୀର୍ଣ୍ଣ କ୍ରିକେଟ୍ ପଡିଆ ପରି ବିରଳ କୃତି ଓ କୀର୍ତ୍ତିରାଜିର ଶର ହେଲା କୋଚିନ୍। ଫୋର୍ଟ୍ କୋଚି ଓ ମଟାଞ୍ଚେରୀ ଅଞ୍ଚଳର ପାଞ୍ଚ କି.ମି. ବ୍ୟାପି ଜାଗାରେ ଏପରି ଚିଜ ସବୁ ଖୁନ୍ଦାଖୁନ୍ଦି ହୋଇ

ISSN NO.
2582-208X

ରହିଛନ୍ତି । ଫୋର୍ଟ କୋଚିର ଅଧ କି.ମି. ବ୍ୟାପି ସମୁଦ୍ରକୂଳିଆ ଅଞ୍ଚଳକୁ "ଐତିହ୍ୟ ସ୍ଥଳ" ର ମାନ୍ୟତା ମିଳିଯିବା ପରେ ସେଠାରେ ମନଇଚ୍ଛା ଘର କରିବା, ରଙ୍ଗ କରିବା ଉପରେ ପ୍ରତିବନ୍ଧକ ଲାଗିଯାଇଛି ।

ଭାରତର ଅନ୍ୟାନ୍ୟ ସହର ଭଳି କୋଚିନ୍ ଗଦାଗଦା ମଇଳା, ନାକଫଟା ଦୁର୍ଗନ୍ଧ, ଫାଟି ଯାଇଥିବା ଡ୍ରେନ୍, ରାସ୍ତା ଉପରେ ଶୋଇ ରହି ହାଇ ମାରୁଥିବା ମାଳମାଳ ଗାଇଗୋରୁ, କାନଫଟା ଶବ୍ଦ କରି ଧୂଆଁ ଛାଡି ଚାଲିଥିବା ମାଳମାଳ ପୁରୁଣା ଗାଡିକୁ ନେଇ ଭାରାକ୍ରାନ୍ତ ନୁହେଁ । ମନଇଚ୍ଛା ପରିସ୍ରା କରିବା, ଛେପ ପକେଇବା, ରାସ୍ତା ମାଡି ବସିବା ଭଳି କଦର୍ଯ୍ୟ ମାନସିକତା କୋଚିନ୍ ରେ ନାହିଁ । କହିବାକୁ ଗଲେ କୋଚିନ୍ ର ଦୁଇଟି ରୂପ । ଗୋଟିଏ ବ୍ୟବସାୟ ଦୃଷ୍ଟିରୁ ବ୍ୟସ୍ତ ସହର ଏର୍ଣ୍ଣାକୁଲମ୍ ଯେଉଁଠି ରହିଛି ଗାଡିଘୋଡା, ରେଳ ଷ୍ଟେସନ, ବସ୍ ଷ୍ଟାଣ୍ଡ୍, ହୋଟେଲ୍, କାଫେ, ମଦ୍ୟଶାଳା, ଗୋଦାମଘର, ଶୋରୁମ୍ ଆଦି ଆଧୁନିକ ବ୍ୟବସ୍ଥା । ଅନ୍ୟଟି ହେଲା ଶାନ୍ତ, ସୁନ୍ଦର, ଐତିହ୍ୟପୂର୍ଣ୍ଣ, ରୁଚି ଓ ସଂସ୍କୃତିସମ୍ପନ୍ନ ଏକ ପ୍ରାଚୀନ ସହର – ଯାହାକୁ ଆମେ କୋଚିନ୍ ହିଁ କହିଥାଉ ।

କୋଚିନ୍ କୁ ଭିନ୍ନ ରୂପରେ ଦେଖିବା ପାଇଁ ଆଉ ଏକ ମାଧ୍ୟମ ହେଉଛି ଲଞ୍ଚ୍ ରେ ବସି ବ୍ୟାକ୍ ୱାଟର୍ ରେ ଘୂରି ବୁଲିବା । ଦୁଇକଡେ ଦିଶିଯାଏ କାହିଁ କେତେ ଶତାବ୍ଦୀ ତଳର ରଙ୍ଗହୀନ ଗୋଦାମ ଘର, ଚିମିନି, ହାତୀଶାଳ, ପୀତରଙ୍ଗ ପାଲଟି ଯାଇଥିବା ସୌଖିନ ବିପଣିମାଳା ଇତ୍ୟାଦି । ଦୂରରୁ ବେଲଗେଟି ଦ୍ୱୀପରୁ ଡଚ୍ ପ୍ୟାଲେସ୍ ଦେଖାଯାଏ, ଗୁଣ୍ଡୁ ଦ୍ୱୀପରେ ଥିବା ନଡିଆ କତାର କାରଖାନା ବି ଦିଶେ । ପୁରୁଣା ଉଆସପ୍ରାୟ ଘରଗୁଡିକର ନକ୍ସା ପୁଣି କେତେ ପ୍ରକାରର । ଇଉରୋପର ପ୍ରତି ଦେଶରୁ ଲୋକେ ଆସି ଏଇଠି ଘର କରିଥିଲେ । ତଦନୁସାରେ ସେମାନଙ୍କ ଜୀବନଶୈଳୀ, ପ୍ରାଥମିକତା ଓ ଘରର ନକ୍ସା । ଇତିହାସକୁ ତୁହାକୁତୁହା ମନେ ପକେଇ ଦିଏ ଘୁଣଖିଆ କାଠବରଗା, ମସିଆ ରଙ୍ଗର କାନ୍ଥ, ପଲସ୍ତରା ଖସି ଆଁ କରିଥିବା ତୋରଣ ।

ISSN NO.
2582-208X

ଲଞ୍ଜ୍ ରୁ ଓହ୍ଲେଇ ଗଳିମାନଙ୍କରେ ଘୂରି ବୁଲିଲେ ସିଏ ବି ଏକ ନିଆରା ଅନୁଭୂତି । ଆଜି ଯାହା ଡଚ୍ ମାନଙ୍କର କବରଖାନା ବୋଲି ସଂରକ୍ଷିତ ହୋଇ ରହିଛି, ତାକୁ ଘେରି ରହିଥିବା ଉନ୍ନତ ପ୍ରାଚୀର ସବୁ ଏକଦା ଦୁର୍ଗର ଅଲଂଘ୍ୟ ପ୍ରାଚୀର ଭାବେ କାମ ଦେଉଥିଲା । ନିଜ ସୈନ୍ୟ, ଅସ୍ତ୍ରଶସ୍ତ୍ର ତଥା ମହଜୁଦ ସାମଗ୍ରୀକୁ ନେଇ ପ୍ରତ୍ୟେକେ ସୁରକ୍ଷିତ ଭାବେ ଲୁଚି ରହୁଥିଲେ । ଇଉରୋପରୁ ଆସିଥିବା ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ବ୍ୟବସାୟୀଙ୍କ ବ୍ୟତୀତ ସ୍ଥାନୀୟ ରାଜା ବା ନାଗରିକ ମାନଙ୍କଠାରୁ ଆକ୍ରମଣର କୌଣସି ଆଶଙ୍କା ନଥିଲା । ଦୁର୍ଗ ଚାରିପାଖେ ଜଳ ଭର୍ତ୍ତି ଖାତରେ କୁମ୍ଭୀର ଥିଲେ । ଗଡଖାଇ ପୋତି ହେଇ ସାମାନ୍ୟ ସଙ୍କେତ ରୂପେ ଯାହା ବଞ୍ଚି ରହିଛି । ସେଇ ବନ୍ଦରତଳି ଅଞ୍ଚଳରେ ପାଖାପାଖି ଲାଗିକରି ସବୁ ଦେଶର ଘର ଥିଲା । କେବେ ସେମାନଙ୍କ ଭିତରେ ଶାନ୍ତି କାଏମ୍ ରହୁଥିଲା ତ କେବେ ସେମାନଙ୍କ ଭିତରେ ସଂଘର୍ଷ ଲାଗି ଯାଉଥିଲା । ସେଭଳି ପରିସ୍ଥିତିରେ ଧୀରେ ଧୀରେ ସମସ୍ତଙ୍କୁ ତଡି ଇଂରେଜମାନେ ଏକଚାଟିଆ ବ୍ୟବସାୟୀ ହୋଇଗଲେ । ସାରା ଭାରତ ତାଙ୍କର ପଦାନତ ହୋଇ ରହିଲା । ରସ୍ ଷ୍ଟ୍ରିଟ୍, ପ୍ରିନ୍ସ ଷ୍ଟ୍ରିଟ୍, ମୁସଲିମ୍ ମୁଲ୍ଲା ଷ୍ଟ୍ରିଟ୍, ଅଂଜି ରୋଡ୍ ଏମିତି ନାମ ବହନ କରୁଥିବା ସଡକ ସବୁର ପଛରେ ରହିଛି ଏକ ଏକ ଇତିହାସ ଓ କାହାଣୀ ।

କ୍ରମଶଃ......

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ମୋ ପ୍ରିୟା



ଜନ୍ମଜୟ ନାୟକ

ପ୍ରିୟା ଗୋ ତୁମେ କି ପରୀ ରାଇଜର
କଥାକୁହା ପରୀଟିଏ,
ତୁମ ରୂପଲାବଣ୍ୟ ମନ କିଣଇ
କିଏ ସେ ଗଢିଲା ହାଏ !
ତୁମ ଟଣାଟଣା ଆଖି ମନଜିଣେ,
ଲୁଚେଇବାକୁ ମନ ହୃଦୟ କୋଣେ ।
ଚାନ୍ଦକୁ କି ସତେ ପାଇବ ଚକୋର,
ହୋଇବ କି କେବେ ମିଳନ ଆମର ?

ପ୍ରିୟା ଗୋ ତୁମେ କି ସତେ ସମ୍ମୋହିନୀ
କରିପାର ସମ୍ମୋହନ,
ତୁମ ଲମ୍ବାବେଣୀର ସେ କାଳିମାରେ
ହଜିଯାଏ ମୋର ମନ ।
ଆହତ କରେ ତୁମ ଚାହାଣି ତୀର,
ମିଶେଇ ପାରେନି ମୁଁ କେବେ ନଜର ।

ISSN NO.
2582-208X

ନୟନଧାରେ ସେହି କଜଳଗାର,
କି ଉପମା ଦେବି ଗୋ ତୁମ ରୂପର ?

ପ୍ରିୟା ଗୋ ତୁମେ କି ସରଗପୁରୀର
ମନଲୋଭା ପାରିଜାତ,
ମନ ଉପବନେ ପ୍ରସ୍ଫୁଟିତ ହୁଅ
ହେଉ ମୋ ସପନ ସତ।
ତୁମ ସୁଗନ୍ଧେ ମହକୁ ତନୁମନ,
ଶାନ୍ତହେଇ ଯାଉଥରେ ମୋ ପରାଣ ।
ଦୂରେଇ ଯାଉ ଗୋ ବିରହଫଗୁଣ,
ହେଇଯାଉ ଦୁଇମନର ମିଳନ।

ପ୍ରିୟା ଗୋ ତୁମେ ଘନବନାନୀ ଭରା
ଦେଶେ ପାହାଡୀ ଝରଣା,
କୁଳୁକୁଳୁ ନାଦେ ପ୍ରକମ୍ପିତ କର
କରିଦିଅ ଆନମନା।
ସେ ଝରଣା ଜଳେ ଭିଜିବାକୁ ମନା,
ହେଲେ ବି ଏ ଅବୁଝା ମନ ବୁଝେନା ।
ଏବେ ବି ରହିଛି ଗୋ ମୁଁ ପ୍ରତୀକ୍ଷାରେ,
ଚାତକ ଯେମନ୍ତେ ବରଷାକୁ ଝୁରେ ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ତୋ ଖୁସି ଦେଖି....



ଚିତରଞ୍ଜନ ବେହେରା

ସକାଳରୁ ସଞ୍ଜ ଅପେକ୍ଷା କରିକି
ପାହିଗଲା ସାରାରାତି.....
ପ୍ରିୟାର ମେସେଜ ଆସିଲାନି ବୋଲି
ଲୁହରେ ଭିଜିଲା ଛାତି.....!!

ହସୁଛିସେ ଆଜି ସାଙ୍ଗସାଥୀ ମେଳେ
ନୂଆ ଉପହାର ପାଇ.....
ଭରସା ତାକୁ ମୁଁ କରିଥିଲି ବୋଲି
ଆଜି ଯାଇଛି ଏକୁଟିଆ ହେଇ......!!

ତୋ ଖୁସିଦେଖି ଖୁସି ମୁଁ ହଉଛି
ମନ ମୋର ଦୁଃଖ ନାହିଁ......
ସବୁଦିନ ଏମିତି ହସୁଥାଉ ବୋଲି
କାମନା କରୁଛି ମୁହିଁ......!!

ବୌଦ୍ଧ
ମୋ - 9438710387

ISSN NO.
2582-208X

# ଅନ୍ଧକାର ପାଇଁ ପରା



ରଘୁନାଥ ତ୍ରିପାଠୀ

ଜଗତେ ଆଲୋକ ମନୋରମ ହୁଏ
ଅନ୍ଧକାର ପାଇଁ ପରା
ଅନ୍ଧକାରେ ସିନା ମନ ମୋହିଥାନ୍ତି
ନୀଳାକାଶେ ଶଶୀ ତାରା ।
ମାନବ ସମାଜ ତିଷ୍ଠିବା ପାଇଁକି
ସବୁଜିମା ପ୍ରୟୋଜନ
ବୃକ୍ଷଲତା ନିଜ ସୁରକ୍ଷା ନିମନ୍ତେ
ଖୋଜେ ରାତ୍ରେ ଅମ୍ଳଜାନ ।
ଆଲୋକ ଜନମ ଲଭିଅଛି ପରା
ନିଶି ଅନ୍ଧକାର ପାଇଁ
ଯିଏ ଶାନ୍ତି ଭରେ ଜୀବଜଗତରେ
ଚକ୍ଷୁରେ ସୁନିଦ୍ରା ଦେଇ ।
ବାଦୁଡ଼ି ପେଚକ ସମେତ ବିହଙ୍ଗ
ହୋଇଥାନ୍ତି ନିଶାଚର
ନିଜ ପେଟ ପାଇଁ ଖୋଜିବାକୁ ଭୋଜ୍ୟ
ଲୋଡିଥାନ୍ତି ଅନ୍ଧକାର ।
ଶେଫାଳି ମଲ୍ଲିକା ସୁମନ କଳିକା
ହେବାପାଇଁ ରୂପାନ୍ତର

ISSN NO.
2582-208X

ପୁଷ୍ପ ରୂପ ନେଇ ବାସ ଛୁଟିବାକୁ
ସହାୟ ହୁଏ ତିମିର ।
ନୂତନ ଆଶାର ସଞ୍ଚାର ନିମନ୍ତେ
ଅନ୍ଧାର ଯୋଗାଏ ବଳ
ମନ ହୃଦୟର ଶାନ୍ତି ପ୍ରଦାୟକ
ଘନ ଘୋର ଅନ୍ଧକାର ।
ଦିବା ଆଲୋକର ଘନ ଘଟା ଠାରୁ
ବିରାମ ଦିଏ ତିମିର
ଜୀବଜଗତକୁ ନିରାମୟ କରେ
ବିଶ୍ରାମ ବଳେ ଅନ୍ଧାର ।
ମନର ମନ୍ଥନ ମନରେ ଚିନ୍ତନ
ସଂଗ୍ରାମ ସରଜେ ସେହି
ଆମ ପରିବେଶ ସନ୍ତୁଳନ ଆସେ
ସେହି ତମସାର ପାଇଁ ।
ରଜନୀ ଅନ୍ଧାରେ ସମର ବିରାମ
ଦୁନିଆରେ ଶାନ୍ତି ଭରେ
ମାଆର ଗରଭେ ଭୃଣ ସଂଚାରଣ
ବୃଦ୍ଧି ହୁଏ ଅନ୍ଧକାରେ ।
ଦିବାକର ପାଇଁ ଆଲୁଅ ଅନ୍ଧାର
ମୁଦ୍ରା ଦୁଇପାର୍ଶ୍ୱ ହୋଇ
ଆଲୋକ ସମାନ ଜଗତେ ଅନ୍ଧାର
ଖୋଜା ବଞ୍ଚିବାର ପାଇଁ ।

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ଭିନ୍ନ ଏକ ବର୍ଷା

ସ୍ୱାଗତିକା ନାଏକ

ବର୍ଷା ହେଲା ବର୍ଷା ହେଲା
ବୋଲି ସଭିଏଁ ଜାଣନ୍ତି
ଆକାଶ ବକ୍ଷରୁ ଝରେ ଯେବେ
ଅସଂଖ୍ୟ ଧାରା ଜଳବିନ୍ଦୁର
କିଏ ଜାଣେ ଯେବେ
ଝରିପଡେ ସେହି ଜଳବିନ୍ଦୁ
ଦୁଇ ନୟନର
କେତେ ବାଷ୍ପୀଭବନ, ଘନିଭବନ
ଋତୁ ଚକ୍ରରେ ଚକ୍ରିତ ହୋଇ
ସୃଷ୍ଟି ହୁଏ ବର୍ଷା
କିନ୍ତୁ କେତେ ଯେ କୋହରେ
କମ୍ପିତ ହୋଇ ମନ ଓ ହୃଦୟ
ଝରିପଡେ ଲୁହର ବର୍ଷା
ବର୍ଷାରଏ ଆହ୍ଲାଦିତ
ସମସ୍ତ ପୃଥିବୀ, ପ୍ରାଣୀ
ଗଛଲତା ଓ ତରୁବଣ

ISSN NO.
2582-208X

ଲୁହରେ ମ୍ଳାନିତ ସମଗ୍ର
ହୃଦୟ ଓ ମନ
କାରଣ ଏ ଯେ ଏକ
ଭିନ୍ନ ବାରିଧାରା ଏକ
ଭିନ୍ନ ବର୍ଷା ଆସେ ବିନା
ଆଗମନେ ଋତୁ, ମାସ
ଆଷାଢ଼ ଓ ଶ୍ରାବଣ

ଟୁଟୁସିଙ୍ଗା, ବୌଦ୍ଧ

ISSN NO.
2582-208X

# ରଥଯାତ୍ରା ଗାଏ



ଜୟନ୍ତ କୁମାର ମଲ୍ଲିକ୍

ଖୁସିର ପସରା ମେଲାଇ
ରଥ ଯାତରା ଆସେ -
ମହ ମହ ହୋଇ ମନରେ
ଭକ୍ତି ଭାବନା ବାସେ,
କେଉଁ କାଳୁ ଏହି ଯାତରା
ହୁଏ ମରତ ଧାମେ -
ଜଗତରେ ହୁରୀ ପଡ଼ଇ
ଜଗନ୍ନାଥଙ୍କ ନାମେ,
ପତିତ ଜନଙ୍କୁ ତାରନ୍ତି
ପ୍ରଭୁ ରଥରେ ବସି -
ଭକତ ଜନଙ୍କୁ ଦେଖିଣ
ସେ ଯେ ଦିଅନ୍ତି ହସି,
ଭକ୍ତଭଗବାନ ମିଳନ
ବଡ଼ଦାଣ୍ଡରେ ହୁଏ -
ମନର ସକଳ କଳୁଷ
ଆଖି ଲୁହରେ ଧୁଏ,
ଭାଇ ଭଉଣୀଙ୍କ ସଙ୍ଗତେ

ISSN NO.
2582-208X

ପ୍ରଭୁ ଜଗତସାଇଁ -
ମାଉସୀ ମାଆଙ୍କ ପାଖକୁ
ରଥେ ଯାଆନ୍ତି ଧାଇଁ,
ନଅ ଦିନ ଯାଏଁ ଚାଲଇ
ଏହି ରଥ ଯାତରା -
ସରଗ ସୁଷମା ଧରିକି
ହସି ଉଠେ ଯେ ଧରା,
ମାନବ ମନରେ ଭରିଣ
ଦିବ୍ୟ ସଂହତି ପ୍ରୀତି -
ରଥଯାତ୍ରା ଗାଏ ହରଷେ
ମହାଭାବର ଗୀତି।

ଶୂରଡିହ,ନନ୍ଦିପୁର, ଦଶରଥପୁର, ଯାଜପୁର
ମୋ:-୯୪୩୭୮୬୫୭୨୭

ISSN NO.
2582-208X

# ୱାୟନାଡ ଭୂସ୍ଖଳନ ମନୁଷ୍ୟକୁ ଏକ ଚେତାବନୀ



ଅସିତ ମହାନ୍ତ

ଯଦି ଆପଣ ତଥାପି ଜଳବାୟୁ ପରିବର୍ତ୍ତନର ପ୍ରମାଣ ଚାହୁଁଛନ୍ତି, ତେବେ ୱାୟନାଡକୁ ଯାଆନ୍ତୁ । ଆଜି ପର୍ଯ୍ୟନ୍ତ ୱାୟନାଡର ତିନୋଟି ଗ୍ରାମ ଧ୍ୱଂସ ହୋଇଯାଇଛି। ୨୦୦ ଲୋକ ପ୍ରାଣ ହରାଇଛନ୍ତି, ସେଠାରେ ୨୦୦ ରୁ ଅଧିକ ନିଖୋଜ ଅଛନ୍ତି । ତେଣୁ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ। ୩୦ ଜୁଲାଇ ସକାଳ ୨ ଟା ସମୟରେ ପ୍ରବଳ ବର୍ଷା ହେଉଥିଲା । ଲୋକମାନେ ନିଜ ଘରେ ଶୋଇଥିଲେ ଏବଂ ବାଲି, ବଡ ପଥର ଏବଂ ଗଛର ବନ୍ୟା ପରି ଦୁଇ ମହଲା ଉଚ୍ଚତାର ବଢି ପାଣି ତଳକୁ ଓହ୍ଲାଇଲା ଏବଂ ସମଗ୍ର ଗାଁ ଧୋଇଗଲା ଏବଂ ଲୋକଙ୍କୁ ଜୀବନ୍ତ ପୋତି ଦିଆଗଲା । ଏହା ପରେ, ସକାଳ ୪ ଟାରେ, ଦ୍ୱିତୀୟ ଭୂସ୍ଖଳନ ଆସେ । ବନ୍ୟା ସେଠାକୁ ଯାଏ, ନଦୀରେ ଅଟକିଯାଏ । ନଦୀର ଜଳ ଅନ୍ୟ ସ୍ଥାନକୁ ଚାଲିଯାଏ ଏବଂ ବିନାଶ ବ୍ୟାପକ। ଏହି ଭୂସ୍ଖଳନ ଏବଂ ନଦୀର ପ୍ରବାହ ଆପଣ ଅନୁମାନ କରିପାରିବେ ଯେ ଏହାର କେତେ ଶକ୍ତି ଥିଲା, କାରଣ ମୃତଦେହ ମିଳିଲା ... ଯଦି ଆପଣ ରାସ୍ତା ବିଷୟରେ କଥା ହୁଅନ୍ତି, ୫୦-୬୦ କିଲୋମିଟର ଦୂରରେ ଏବଂ ଯଦି ଆପଣ ନଦୀ ବିଷୟରେ କଥା ହୁଅନ୍ତି, ୧୨ କିଲୋମିଟର ତଳମୁଣ୍ଡ ପର୍ଯ୍ୟନ୍ତ ବ୍ୟାପିଯାଇଥିଲା । କେରଳ ଇତିହାସରେ, ୨୦୧୮ ରେ ସବୁଠାରୁ ଭୟଙ୍କର ବନ୍ୟା ଆସିଥିଲା ଏବଂ ସେତେବେଳେ ପ୍ରାୟ ୫୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା । ଉପରେ ହଜାର ହଜାର କୋଟି ସମ୍ପତ୍ତି କ୍ଷତି ହୋଇଥିଲା । ଅଗଷ୍ଟ ମାସର ତିନି ଦିନରେ, ବର୍ଷର

ISSN NO.
2582-208X

ଏକ ତୃତୀୟାଂଶ ବର୍ଷା ହୋଇଥିଲା ଏବଂ ବର୍ତ୍ତମାନ, ୨୦୨୪ ରେ ପ୍ରବଳ ବର୍ଷା ପରେ, ଆମେ କେରଳ ଇତିହାସରେ ସବୁଠାରୁ ଭୟଙ୍କର ଭୂସ୍ଖଳନକୁ ଦେଖୁଛୁ ।

ଆମ ଦେଶର ୬୦% ଭୂସ୍ଖଳନ କେରଳରେ ହୋଇଥାଏ ଏବଂ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେତୁ ପରିସ୍ଥିତି ବିଗିଡି ଯାଉଛି। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ଯଦିଓ ବର୍ଷା ବର୍ଷ ତୁଳନାରେ ସମାନ, ଜଳବାୟୁ ପରିବର୍ତ୍ତନ ହେତୁ କିଛି ଦିନ ମଧ୍ୟରେ ବର୍ଷା ଏକାଗ୍ର ହୋଇଯାଏ। ଯେତେବେଳେ ଅଳ୍ପ ସମୟ ମଧ୍ୟରେ ଏତେ ବର୍ଷା ହୁଏ, ବନ୍ୟା ଓ ଭୂସ୍ଖଳନ ହେବାର ସମ୍ଭାବନା ବଢିଯାଏ ।ଦକ୍ଷିଣ ଏସୀୟ ଆରବ ସମୁଦ୍ର ଗରମ ହେବାରେ ଲାଗିଛି। ଫଳସ୍ୱରୂପ ପାଗ ଅସ୍ଥିର ହୋଇପଡିଛି, ସେଥିପାଇଁ ଆମେ କେରଳରେ ଅଧିକ ବନ୍ୟା, ବର୍ଷା ଏବଂ ଭୂସ୍ଖଳନ ଦେଖୁଛୁ। ଏହି ବର୍ଷା ଉତ୍ତର କୋଙ୍କଣ ବେଲ୍ଟରେ ପଡୁଥିଲା । କିନ୍ତୁ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେତୁ ଏହା ଦକ୍ଷିଣ ଆଡକୁ ଗତି କରୁଛି, ସେହି କାରଣରୁ ଅଧିକ କ୍ଷତି ହେବାର ଆଶଙ୍କା ଅଛି । ଆମେ ଜଳବାୟୁ ପରିବର୍ତ୍ତନକୁ ଚିହ୍ନିବା ଉଚିତ୍ ନଚେତ୍ ଅଧିକ ଜୀବନ ହାନି ହୋଇପାରେ । ୨୦୧୧ ରେ, WGEEP, ପାଶ୍ଚାତ୍ୟ ଘାଟ ଇକୋଲୋଜି ବିଶେଷଜ୍ଞଙ୍କ ପ୍ୟାନେଲ, ଇକୋଲୋଜିଷ୍ଟ ମାଧବ ଗାଡଗିଲଙ୍କ ଅଧ୍ୟକ୍ଷତାରେ ଏହି ପ୍ୟାନେଲ କହିଥିଲା, ଇଡୁକି ଏବଂ ୱାୟାନାଡ ଜିଲ୍ଲାଗୁଡ଼ିକୁ ଶ୍ରେଣୀ ୧ ଶ୍ରେଣୀଭୁକ୍ତ କରାଯିବା ଉଚିତ୍ । ସରଳ ଭାଷାରେ, ଏଗୁଡ଼ିକ ଏପରି ସ୍ଥାନ ଯେଉଁଠାରେ ଜଙ୍ଗଲ ଜମି ଅଣ-ଜଙ୍ଗଲ କାର୍ଯ୍ୟକଳାପ ପାଇଁ ବ୍ୟବହାର କରାଯାଇପାରିବ ନାହିଁ, କୃଷି ପାଇଁ ମଧ୍ୟ ନୁହେଁ । କିନ୍ତୁ ଦୁଇ ବର୍ଷ ପରେ, କସ୍ତୁରୀରାଙ୍ଗନ୍ ଏହି ସୁପାରିଶଗୁଡିକୁ ଧିମା କରିଦେଲେ । ଏହି ପରିପ୍ରେକ୍ଷୀରେ, ଭୂସ୍ଖଳନର ମୂଳ ସ୍ଥାନ ଜଙ୍ଗଲରେ ଥିଲା, ଯେଉଁଠାରେ ମାନବ ବସତି ଏବଂ ଜମି ଶୋଷଣ ଘଟୁ ନଥିଲା। ତେଣୁ ବର୍ଷାର ପ୍ରଭାବ କଳ୍ପନା କର ଯେ ଜଙ୍ଗଲରେ ଏତେ ବଡ଼ ଭୂସ୍ଖଳନ ସୃଷ୍ଟି ହୋଇଥିଲା।ଏବଂ ଆମେ କାହିଁକି କେବଳ ୱାୟାନାଡ୍ କଥା ହେବା? କିଛି ସପ୍ତାହ ପୂର୍ବରୁ ଆସାମରେ ବନ୍ୟା ହେତୁ ୨,୯୫,୬୫୧ ଲୋକ ବିସ୍ଥାପିତ ହୋଇଥିଲେ। ଆସାମର କରିମଗଞ୍ଜରେ ଏକ ଉଦାହରଣ ନିଅ, ୧୯ ଜୁନ୍ ରାତିରେ, ସମାନ ବିପର୍ଯ୍ୟୟ, ପ୍ରବଳ ବର୍ଷା ଏବଂ ଭୂସ୍ଖଳନ ହେତୁ ଘର ଭୁଶୁଡି ପଡିଲା ।

ISSN NO.
2582-208X

ଘର ଭିତରେ ୫ ଜଣ ଶୋଇଥିଲେ। ୩ ଜଣ ପିଲା ମଧ୍ୟ ଭିତରେ ଥିଲେ । ପରଦିନ ପୋଲିସ ୫ ଟି ମୃତଦେହ ଜବତ କରିଥିଲା। ଅର୍ଥ, ଦେଶ ବିପଦରେ ରହିଛି । ସବୁଠାରୁ ବଡ ସମସ୍ୟା ହେଉଛି ଜଳବାୟୁ ପରିବର୍ତ୍ତନ । ଏହା ଉପରେ ରାଜନୀତି ଖେଳିବା କଷ୍ଟକର । ଜଳବାୟୁ ବିପର୍ଯ୍ୟୟ ଧର୍ମ, ଜାତି ଏବଂ ଶ୍ରେଣୀ ବିଷୟରେ ଚିନ୍ତା କରେ ନାହିଁ। ଏହା ସମସ୍ତଙ୍କୁ ପ୍ରଭାବିତ କରିଥାଏ । ଆମେ ଜଳବାୟୁ ସଙ୍କଟରେ ଅଛୁ। ତାପମାତ୍ରା ବଢୁଛି । କିନ୍ତୁ ଆମେ ଭାବୁଛୁ ଯେ ସବୁକିଛି ଠିକ ଅଛି । ଆମେ ଉତ୍ତାପ, ବର୍ଷା, ପ୍ରଦୂଷଣ, ଭୂସ୍ଖଳନ ବିଷୟରେ ଅଭିଯୋଗ କରୁ କିନ୍ତୁ ଜଳବାୟୁ ସଙ୍କଟକୁ ଏକ ବିରକ୍ତିକର ବିଷୟ ଭାବରେ ବିବେଚନା କରୁ .. କିନ୍ତୁ ଯେତେବେଳେ ଏହି ସମସ୍ୟାଟି ତୁମ ଏବଂ ମୋ ପକ୍ଷକୁ ବ୍ୟକ୍ତିଗତ ଭାବରେ ଆସେ ସେତେବେଳେ ଏହି ବୁଝାମଣା ଶୀଘ୍ର ସଫା ହୋଇଯାଏ । ଏବଂ ଭାରତରେ ଜଳବାୟୁ ସଙ୍କଟ ଆହୁରି ଖରାପ ହେବାକୁ ଯାଉଛି। ଏହା କେବଳ ଏକ ପ୍ରାରମ୍ଭିକ ସ୍ତରର ସଙ୍କଟ । ତୁମର ଏସି ଏବଂ ଏୟାର ପ୍ୟୁରିଫାୟର୍ସ ଏହି ସମସ୍ୟାର ସମାଧାନ କରିବାକୁ ସମର୍ଥ ହେବେ ନାହିଁ । ଆମକୁ ବୁଝିବାକୁ ହେବ ଯେ ଏହି ଜଳବାୟୁ ସଙ୍କଟ ଆମ ଉପରେ ଏବଂ ତୁମକୁ କିପରି ପ୍ରଭାବିତ କରୁଛି ଏବଂ ଏହାକୁ ହ୍ରାସ କରିବା ପାଇଁ ଆମେ କିପରି ଛୋଟ ପଦକ୍ଷେପ ନେଇପାରିବା । ଗତ ନିର୍ବାଚନରେ, ୩୩ ମତଦାନ ଅଧିକାରୀ ହିଟ୍ ଷ୍ଟ୍ରୋକରେ ପ୍ରାଣ ହରାଇଥିଲେ। ସରକାରୀ ଆକଳନ ହେଉଛି ଯେ ଦେଶରେ ୨୦ ଜଣ ଲୋକ ହିଟ୍ ଷ୍ଟ୍ରୋକରେ ମୃତ୍ୟୁବରଣ କରିଥିଲେ ଏବଂ ୪୦,୦୦୦ ହିଟ୍ ଷ୍ଟ୍ରୋକ୍ ମାମଲା ରେକର୍ଡ କରାଯାଇଥିଲା। ମୌସୁମୀ ସମୟରେ ଆସାମରେ ବନ୍ୟା ଯୋଗୁଁ ୧୨.୩୩ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୨୫୦୦ ଗାଁ ପାଣି ଘେରରେ ଅଛି । ୧୦୦ ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୟୁପିରେ ୧୫୦୦ ଟି ଗାଁ ପ୍ରଭାବିତ ହୋଇଛି । ବିହାରରେ ଅଧିକ । ପ୍ରତିବର୍ଷ ଜିନିଷଗୁଡ଼ିକ ଖରାପ ହେବାରେ ଲାଗିଛି। ଏହା ଉପରେ କୌଣସି ବିତର୍କ ନାହିଁ । ଗତ ବର୍ଷ ସିକିମ୍ ବନ୍ୟା ପରିସ୍ଥିତି ମନେ ପଡିପାରେ ଯେତେବେଳେ ଟିସ୍ତା ଡ୍ୟାମ୍ ନଷ୍ଟ ହୋଇଯାଇଥିଲା, ୧୫ ଟି ସେତୁ ନଷ୍ଟ ହୋଇଯାଇଥିଲା । ୯୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଜୋସିମଠ ବୁଡ଼ି ଯାଉଛି । ବେଙ୍ଗାଲୁରୁରେ ଜଳ ଅଭାବ ଗୁରୁତର ହୋଇଛି। ବର୍ଷ ଆରମ୍ଭରେ କର୍ଣ୍ଣାଟକ ଶୁଖିଗଲାଣି। ଆପଣ ନିଶ୍ଚିତ

ISSN NO.
2582-208X

ଭାବରେ ଲଦାଖ ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ୍ ବିଷୟରେ ଶୁଣିଥିବେ । ଲଦାଖର ସୁରକ୍ଷା ପାଇଁ ସେ ୨୧ ଦିନ ଜଳବାୟୁକୁ ସ୍ୱାସ୍ଥ୍ୟକର ରଖିବା ପାଇଁ ଉପବାସ ରଖିଥିଲେ। କିନ୍ତୁ, ନା ସେମାନେ ଷଷ୍ଠ କାର୍ଯ୍ୟସୂଚୀ ପାଇଲେ ନା ଲୋକମାନେ ବୁଝିପାରିଲେ ନାହିଁ ଯେ ବର୍ତ୍ତମାନ ଜଳବାୟୁ ଅନୁକୂଳ ଜୀବନ ଶୈଳୀକୁ ଗ୍ରହଣ କରିବା ଆବଶ୍ୟକ .. ତେଣୁ ଲଦାଖ, ବାଙ୍ଗଲୋର, ଜୋଶିମଠ, ଦିଲ୍ଲୀ, ସିକ୍କିମ, ଆସାମ, କେରଳ, ସବୁକିଛି ଏହି ଜଳବାୟୁ ସଙ୍କଟର ଫଳାଫଳ ପାଲଟିଛି। ଏସବୁ ବର୍ତ୍ତମାନ କେବଳ ଜଳକଣା ସଦୃଶ, ଆପଣ ଅନୁମାନ କରିପାରିବେ ଯେ ପରିସ୍ଥିତି ଆହୁରି ଖରାପ ହେବାକୁ ଯାଉଛି। ଏହି ଜଳବାୟୁ ସଙ୍କଟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ବିଶ୍ୱ ତାପମାତ୍ରା । ମୌଳିକ ବିନ୍ଦୁ ଗୁଡିକ ବୁଝିବା ଜରୁରୀ । ଉତ୍ତାପ ଶକ୍ତି ସୂର୍ଯ୍ୟଠାରୁ ପୃଥିବୀକୁ ଆସିଥାଏ । ଏହି ଉତ୍ତାପ ଶକ୍ତିର ଏକ ବଡ଼ ଅଂଶ ପୃଥିବୀକୁ ପ୍ରତିଫଳିତ ହୁଏ । କାର୍ବନ ଡାଇଅକ୍ସାଇଡ୍, ମିଥେନ, ଜଳୀୟ ବାଷ୍ପ, ପୃଥିବୀର ପ୍ରତିଫଳିତ ଉତ୍ତାପ ଶକ୍ତିକୁ ଅବଶୋଷଣ କରେ ଏବଂ ସଂରକ୍ଷଣ କରେ । ଗ୍ରୀନ୍ ହାଉସ୍ ଗ୍ୟାସ୍ ଇନସୁଲେଟର ଅଟେ ଯାହା ପୃଥିବୀକୁ ଗରମ କରିଥାଏ ଏବଂ ଏହି କମ୍ବଳ ଆବଶ୍ୟକ ଅଟେ ଯାହା ଦ୍ୱାରା ଆମେ ବରଫ ଯୁଗକୁ ଫେରିବା ନାହିଁ । କିନ୍ତୁ ମାନବ ହସ୍ତକ୍ଷେପ ହେତୁ ଅନେକ ଗ୍ରୀନ୍ ହାଉସ୍ ଗ୍ୟାସ୍ ଆମ ବାୟୁମଣ୍ଡଳରେ ପହଞ୍ଚୁଛି । ଏହି କମ୍ବଳ ମାଇକ୍ରୋୱେଭ୍ ଚୁଲିରେ ପରିଣତ ହେଉଛି । ୨୦୦ ବର୍ଷ ପୂର୍ବେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା । ନୂତନ ପ୍ରଯୁକ୍ତିବିଦ୍ୟା ପ୍ରଚଳନ କରାଯାଇଥିଲା । କାରଖାନା ନିର୍ମାଣ କରାଯାଇଥିଲା । ବିଦ୍ୟୁତ୍ ବ୍ୟବହାର କରାଯାଇଥିଲା । ଯାନବାହାନ ଉଦ୍ଭାବନ କରାଯାଇଥିଲା ଏବଂ ଏକ ବୃହତ ସ୍ତରର ଶକ୍ତି ଆବଶ୍ୟକ ଥିଲା । ଏହି ଶକ୍ତି କୋଇଲା, ତେଲ, ପ୍ରାକୃତିକ ଗ୍ୟାସ ଏବଂ ଜୈବ ଇନ୍ଧନରୁ ମିଳିଥିଲା । ଜୀବାଶ୍ମ ଇନ୍ଧନ ଜାଳିବା ଦ୍ୱାରା ଅଙ୍ଗାରକାମ୍ଳ ଏକ ଉପ-ଦ୍ରବ୍ୟ ହେବାକୁ ଲାଗିଲା । ବିଗତ ୨୦୦ ବର୍ଷରେ, ବିଶେଷକରି ଗତ ୬୦-୭୦ ବର୍ଷରେ, ମନୁଷ୍ୟ ଜୈବ ଇନ୍ଧନ ମନ ଇଛା ବ୍ୟବହାର କରିଛନ୍ତି, ଯାହା କାର୍ବନ ଡାଇଅକ୍ସାଇଡର ପରିମାଣକୁ ବୃଦ୍ଧି କରିଛି, ୧୦,୦୦୦ ବର୍ଷରେ ଏହା ପ୍ରତି ମିଲିୟନ୍ ରେ ୨୮୦ ଭାଗ ଥିଲା । କିନ୍ତୁ ଗତ ୨୦୦ ବର୍ଷ ମଧ୍ୟରେ ଏହା ପ୍ରତି ମିଲିୟନରେ ୪୨୦ ଭାଗକୁ ବୃଦ୍ଧି ପାଇଛି । ତାହା ହେଉଛି ୫୦% ବୃଦ୍ଧି । ଯାହା

ISSN NO.
2582-208X

୧୦,୦୦୦ ବର୍ଷରେ ସମ୍ଭବ ନୁହେଁ, କିନ୍ତୁ ଆମେ ୨୦୦ ବର୍ଷରେ ଏହା କରିଛୁ । ଏହି ଅତିରିକ୍ତ ଗ୍ରୀନ୍ ହାଉସ୍ ଗ୍ୟାସ୍ ଯୋଗୁଁ ତାପମାତ୍ରା ବଢୁଛି । ପୂର୍ବ ଶିଳ୍ପ ସ୍ତର ଅପେକ୍ଷା ଆମେ ଆଜି ୧.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସୃଷ୍ଟି କରିଛୁ । ତାପମାତ୍ରା ପୂର୍ବରୁ ବୃଦ୍ଧି ପାଇଛି ଏବଂ ବିଶେଷଜ୍ଞ ମାନେ କହୁଛନ୍ତି ଯେ ଖୁବ ଶୀଘ୍ର ଏହି ସଂଖ୍ୟା ୨ ଡିଗ୍ରୀ ଉତ୍ତାପରେ ପହଞ୍ଚିବ । ଯେଉଁଥିପାଇଁ ଜଗତ ବିନାଶର ପଥରେ ରହିବ। ୨-୩ ଡିଗ୍ରୀ ପାର୍ଥକ୍ୟ କରେ ନାହିଁ ବୋଲି ଭାବନ୍ତୁ ନାହିଁ । ଜାତିସଂଘର ଆକଳନ ଅନୁଯାୟୀ, ୨୦୫୦ ସୁଦ୍ଧା ୨୦୦ ନିୟୁତ ଜଳବାୟୁ ଶରଣାର୍ଥୀ ସମଗ୍ର ବିଶ୍ୱରେ ରହିବାକୁ ଯାଉଛନ୍ତି। ୨-୩ ଡିଗ୍ରୀ ହେତୁ କିଛି ବର୍ଷ ମଧ୍ୟରେ ସମୁଦ୍ର ପତ୍ତନ ଏତେ ବୃଦ୍ଧି ପାଇପାରେ ଯେ କୋଲକାତା ଏବଂ ବମ୍ବେ ଭଳି ସହର ସମ୍ପୂର୍ଣ୍ଣ ବୁଡ଼ି ଯାଇପାରେ। ବର୍ତ୍ତମାନ, ଏହି ୧.୨ ଡିଗ୍ରୀ ୱାର୍ମିଂ ଏକ ଉଚ୍ଚ ସ୍ତରରେ ଏକ ନକାରାତ୍ମକ ମତାମତ ଲୁପ୍ ଆରମ୍ଭ କରେ । ବର୍ତ୍ତମାନ, ଏହି ନକାରାତ୍ମକ ମତାମତ ଲୁପ୍ କଣ ବୁଝିବାକୁ ହେବ । ଆର୍କଟିକ୍ ଏବଂ ଆଣ୍ଟାର୍କଟିକ୍ ସମୁଦ୍ର ବରଫ ତରଳି ଯାଉଛି, ସମୁଦ୍ର ବରଫ ଯେତେ କମ, ସୂର୍ଯ୍ୟ କିରଣ ପ୍ରତିଫଳିତ କରିବାର ପୃଥିବୀର କ୍ଷମତା କମ୍ । ଅର୍ଥାତ୍ ପୃଥିବୀ ଅଧିକ ଉତ୍ତାପ ବଜାୟ ରଖିବ । ବରଫ ଅଧିକ ଉତ୍ତାପକୁ ପ୍ରତିଫଳିତ କରେ .. ବର୍ତ୍ତମାନ, ସମୁଦ୍ର ଯେତେ ଅଧିକ ଉତ୍ତାପ ବଜାୟ ରଖିବ, ସେତେ ଅଧିକ ବିଶ୍ୱ ତାପମାତ୍ରା ବୃଦ୍ଧି ପାଇବ । ଏହା ଉପରେ, ଅନେକ ବରଫ ଡାଇଅକ୍ସାଇଡ୍ ସମୁଦ୍ର ବରଫରେ ଫସି ରହିଛନ୍ତି । ଯେତେବେଳେ ଏହା ତରଳିଯାଏ, ଏହା ଅଧିକ କାର୍ବନ ଡାଇଅକ୍ସାଇଡ୍ ମୁକ୍ତ କରିଥାଏ । ଗ୍ଲୋବାଲ ୱାର୍ମିଂ ବୃଦ୍ଧି ପାଇବ । ଯେତେବେଳେ ତାପମାତ୍ରା ୧ କିମ୍ବା ୨ ଡିଗ୍ରୀ ବଢେ ସେତେବେଳେ ନକାରାତ୍ମକ ମତାମତ ଲୁପ୍ ଆରମ୍ଭ ହେବ । co2 ସ୍ତର ସମୁଦ୍ରରେ ବୃଦ୍ଧି ପାଇବ । co2 ସ୍ତର ବଢିବା ମାତ୍ରେ ମହାସାଗରରେ ଏସିଡିଫିକେସନ୍ ଆରମ୍ଭ ହେବ ଏବଂ ଫଳାଫଳ ହେବ, କୋରାଲ ଇକୋସିଷ୍ଟମ୍ ମରିଯିବ । ଏବଂ ଉଷ୍ମ ସମୁଦ୍ର ହେତୁ ଅତ୍ୟଧିକ ପାଣିପାଗ ଘଟଣା ମଧ୍ୟ ଦେଖାଯିବ । ଯେପରି ପ୍ରତିବର୍ଷ କେରଳରେ ଦେଖାଯାଏ । ଗ୍ଲୋବାଲ ୱାର୍ମିଂ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଛି। ଏହା ଉପରେ, ଆମେ କୀଟନାଶକ ବ୍ୟବହାର କରି ଜଙ୍ଗଲ ନଷ୍ଟ କରୁଛୁ। କୃଷି ଢାଞ୍ଚା ହେତୁ ଆମେ ବିଶ୍ୱ ସ୍ତରରେ ମୃତ୍ତିକାର ସ୍ୱାସ୍ଥ୍ୟକୁ ମଧ୍ୟ ନଷ୍ଟ

ISSN NO.
2582-208X

କରୁଛୁ । ନାଇଟ୍ରୋଜେନ୍ ଏବଂ ଫସଫରସ୍ ଚକ୍ର ମଧ୍ୟ ପ୍ରଭାବିତ ହୋଇଛି ।ଅନେକ ବୈଜ୍ଞାନିକ ଚେତାବନୀ ଦେଇଛନ୍ତି ଯେ ଜଙ୍ଗଲରେ ଡାଏବ୍ୟାକ୍ ମଧ୍ୟ ହୋଇପାରେ। ତାହା ହେଉଛି, ଜଙ୍ଗଲ ଇକୋସିଷ୍ଟମର ଜଳବାୟୁ ଚାପ ବିଲୁପ୍ତ ହେବାର କାରଣ ହୋଇପାରେ । ଯଦି ଏହା ଆରମ୍ଭ ହୁଏ, ବନ୍ଦ ହୋଇପାରିବ ନାହିଁ ବୈଜ୍ଞାନିକମାନଙ୍କ ଦ୍ୱାରା ଏହିପରି ପ୍ରକ୍ରିୟାଗୁଡ଼ିକୁ ଟିପିଂ ପଏଣ୍ଟ କୁହାଯାଏ । ଅନେକ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ଆମେ ଟିପିଂ ପଏଣ୍ଟ ଅତିକ୍ରମ କରିଛୁ ଯଦି ଆମେ ଆଜି ଆମର ଭୁଲ୍ ବୁଝିବା ଏବଂ ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବା ତେବେ ଆମେ ମଧ୍ୟ ଅନେକ ଜିନିଷ ବନ୍ଦ କରିବାରେ ସମର୍ଥ ହେବୁ ନାହିଁ । ବରଫ ସିଟ୍ ତରଳି ଯାଉଛି, ବର୍ତ୍ତମାନ କୋରାଲ ରିଫ୍ ସଂରକ୍ଷଣ କରିବା ଅତ୍ୟନ୍ତ କଷ୍ଟକର । ତେଣୁ ଏହା ବହୁତ ବିଳମ୍ବ ହୋଇସାରିଛି । ତେଣୁ, ଆମେ ଅଭିବୃଦ୍ଧିକୁ ପୁନଃ ବ୍ୟାଖ୍ୟା କରିବା ଆବଶ୍ୟକ । ଜଳବାୟୁ ବୈ ଜ୍ଞାନିକ ଏବଂ କାର୍ଯ୍ୟକର୍ତ୍ତାମାନେ ଡି-ଗ୍ରୋଥ ବିଷୟରେ କହୁଛନ୍ତି। ଜିଡିପି ସଂଖ୍ୟାକୁ ଅନ୍ଧ ଭାବରେ ଅନୁସରଣ କରନ୍ତୁ ନାହିଁ । ଆମକୁ ଏକ ସାମଗ୍ରିକ ଉପାୟ ଆବଶ୍ୟକ ଯେଉଁଠାରେ ପରିବେଶ, ବାୟୁ, ସୁଖ, ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ହେବ । ଏହା ମୌଳିକ ଏବଂ ଅସମ୍ଭବ ମନେହୁଏ କିନ୍ତୁ ସୋନମ ୱାଙ୍ଗଚୁକ୍ ତାଙ୍କ ସରଳ ବାର୍ତ୍ତା ସହିତ ଏହାକୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ସବୁକିଛି ଛାଡିବା ଜରୁରୀ ନୁହେଁ, କିନ୍ତୁ ଆମେ ଅନ୍ଧ ଉପଭୋକ୍ତାବାଦ ଆଡକୁ ଯେପରି ଦୌଡୁଛନ୍ତି । ଯେତେ ଆମେ ଅଧିକ ଜିନିଷ ଚାହୁଁ, ଆମେ କୌଣସି ଜିନିଷକୁ ପୁନଃ ବ୍ୟବହାର କରିବୁ ନାହିଁ, ତାହା ଉପରେ ପୁନର୍ବିଚାର କରିବା ଆବଶ୍ୟକ । କିନ୍ତୁ ବର୍ତ୍ତମାନର ସାମାଜିକ ବ୍ୟବସ୍ଥାରେ ଏହା ସମ୍ଭବ ନୁହେଁ, ପୁଞ୍ଜିବାଦ ଯାହାର ଲକ୍ଷ୍ୟ ହେଉଛି ଲାଭ ପାଇବା ଏବଂ ସେଥିପାଇଁ ଯଦି ପୃଥିବୀ ଧ୍ୱଂସ ହୁଏ, ତାହେଲେ ହେଉ, କିନ୍ତୁ ଲାଭ ଦରକାର । କେବଳ ଜଳବାୟୁ ପରିବର୍ତ୍ତନ ନୁହେଁ, ଜୀବନର ସମସ୍ତ କ୍ଷେତ୍ରରେ ଯଦି ସୁଧାର ଆଣିବାକୁ ହୁଏ ତାହେଲେ ଏକ ନୂତନ ସାମାଜିକ ବ୍ୟବସ୍ଥା ଆବଶ୍ୟକ ଏବଂ ସେହି ବ୍ୟବସ୍ଥା ହେଉଛି ସମାଜବାଦ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୬୮୮୧୨

ISSN NO.
2582-208X

# ସଂଭାବନା



ଯଜ୍ଞଦତ୍ତ ସାମନ୍ତରାୟ

ତୁମେ କ'ଣ ଝରିବନି
ଆଷାଢ଼ର ବାରି ହୋଇ
ମୋ ମନ ଉତ୍ତପ୍ତ ମରୁରେ,
ତୁମେ କ'ଣହେବ ନାହିଁ ନବପତ୍ର
ମୋ ମନ ବିଷର୍ଣ୍ଣ ତରୁରେ ।
ତୁମେ କ'ଣ ଜ୍ୟୋସ୍ନା ହୋଇ
ଦେବ ନାହିଁ ଶୀତଳ ପରଶ,
ତୁମେ କ'ଣ ବାରି ହୋଇ
ଫୁଟାଇବନି ଫୁଲ
ଛୁଟାଇବନି ମୋ ମନ କାନନେ
ନୂଆ ନୂଆ ବାସ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ଅକୁହା କଥା



ବର୍ଷାରାଣୀ ମହାମଲ୍ଲୀକ

କେତେକଣ ଉଙ୍କିମାରେ ମୋ ଭିତରୁ
ଯେତେ ଟାଣି ଓଟାରି ହେଲେବି
ଊର୍ଣ୍ଣନାଭ ଜାଲରେ ଆହୁରି ଆହୁରି ବାନ୍ଧିହୁଏ ସିନା
ମୁକ୍ତ ହୋଇପାରେନା କେବେ ।

ଏକଲା ମୁହୂର୍ତ୍ତରେ ଆଖି ବୁଜିହୁଏ
ଦପ୍ ଦପ୍ ହୋଇ କେଉଁଠି କଣଜଳେ
ଅନୁଭବେ ମୋ ଭିତରେ ଜଳୁଚି ନିଜେ ଜଳିଜାଉଛି
ଆଖି ଖୋଲେ, ନିଶ୍ୱାସ ପ୍ରଶ୍ୱାସର ବେଗ ଜାଣିପାରେ
ତଣ୍ଟି ଚିପି ହେଲାଭଳି ଲାଗେ
ପାଟିରୁ ବାହାରୁଥିବା କଥା କେଉପରି ଘୁଞ୍ଚିଯାଏ
କହିବି କହିବି ହେଉଥାଏ କହିପାରେନି ।

ନୂଆ ସମ୍ପର୍କ ଆସିଲେ ଅଧିକାଂଶ ପୁରୁଣା ସମ୍ପର୍କକୁ ଆଘାତ ମିଳେ
ଅବଶ୍ୟ ଅଜାଣତେ ମିଳେ,
ରଫ୍ ଖାତାର ଲିଖିତ ପୃଷ୍ଠାରେ ଗାରେଇଲା ଭଳି ।

ISSN NO.
2582-208X

ସେଇଠି ଆଉ କହି ହୁଏନି
ଆପଣା ମରମ କଥା
କେବଳ ଦେହ ଭିତରେ ଶିରାକୁ ଶିରା ରକ୍ତକୁ ରକ୍ତ ସଞ୍ଚରିଯାଏ ଯାହା ।
ବାହାରିପାରେନା ନିଜ ପରିଧି ଡେଇଁ

ସେମିତିହିଁ ନିଆଁଲାଗେ, ନିଆଁଲିଭେ,
ଗନ୍ଧ ମତେ ବାଦ୍ ଦେଇ କେହି ଜାଣିପାରନ୍ତିନି ।
ନିଜଭିତରେ ମୁଁ ଜଣକହିଁ ସେ ଗନ୍ଧରେ ନିଇତି ବୁଡ଼େ
ନହେଲେ  ସେ ଭାଷା ପଢ଼ିଲେ କି ଶୁଣିଲେ ବି
କେହି ବୁଝନ୍ତିନି,
ସେଇଥିପାଇଁ ଦର୍ପଣରେ ଦେଖେ ତାକୁ
ମୋ ଭଳି ସିଏ ବି, ତା ଭିତରେତ ମୁଁ ।
ତାକୁ କହିବାକୁ ଚେଷ୍ଟାକରେ....
ହେଲେ ବୁଝିପାରେନି ମୁଁ ମୂକ ନା ସେ ବଧିର
ଆଖିତଳ ଓଦାଓଦା ଲାଗେ, ଦେଖେ ଦୁଇଧାର ଲୁହ
ତାଙ୍କ ଧର୍ମ ପାଳି ନିମ୍ନମୁଖୀ ହେଉଛନ୍ତି  ।

ଜିଲ୍ଲା :ବରଗଡ଼
୮୨୬୦୬୫୯୩୩୨

ISSN NO.
2582-208X

# ଚାକିରୀର ପୂର୍ବ ଓ ପର



ଜୟ କୁମାର ମିଶ୍ର

ଥିଲି ବେକାରିଆ, ହୋଇ  ହତାଶିଆ
ପାଠ, ପଢ଼ି ବିଷାଦରେ,
ଖୋଜିଲି ଚାକିରୀ, ବହୁସ୍ଥାନ ଘୁରି
ଏଠି, ସେଠି ନିରନ୍ତରେ ॥
କଲି କେତେ ପୂଜା, ବାରବ୍ରତ ସାଥେ
କଲି କେତେ ଉପବାସ,
କଲି ମାନସିକ, ଏକ,  ଏକାଧିକ
ଚାକିରୀ ଲଭିବା ଆଶ ॥
ବୟସ ଗଡ଼ୁଛି, ମୋ ମନ ଷଢ଼ୁଛି
ହତ, ହତାଶିଆ ନୀରେ ,
କେତେ ହାତ ଗୁଞ୍ଜା, ମଧ୍ୟସ୍ଥିତି ଖଞ୍ଜା
ସୁପାରିସ ନିରନ୍ତରେ ॥
ପରିଣତ କାଳେ, ସଉଭାଗ୍ୟ ବଳେ
ପାଇଲି ଛୋଟିଆ କାମ,
ଆତୁର ଆକୁଳ, ବିକଳର ବଳ
ସବୁତ ନେଲା ବିଶ୍ରାମ ॥
ପାଇଲି ଦରମା, ଅସନ୍ତୋଷ ସୀମା
ଆଶାଠାରୁ ଗଲା ବଳି,
ଅବଶୋଷ ମୋର, ବଳି ବଳିଆର

ISSN NO.
2582-208X

ସଦା ମୁଁ ଅନ୍ୟକୁ  କଳି ॥
ଘର ପାଖେ କାମ, ଉଭେଇଲା ପ୍ରେମ
ଆନ୍ତରିକ ଗଲା ଉଡି,
ଲାଭଲୋଭ ବସା, ମନରେ ପିପାସା
ଅତିଶୀଘ୍ର ଯିବି  ଉଡି ॥
ସରକାରୀ କାମ, ମନେ  ସଦା ଭ୍ରମ
ବିଳମ୍ବରେ ପଦପାତ,
କିଏ ସେ ପଚାରେ, ଟାଣପଣ ଟିରେ
ବଚନେ କଲି ଆଘାତ ॥
ହାକିମଙ୍କ ନାମେ, ବୁଦ୍ଧିବଳ ଶ୍ରମେ
କରିଲି ଆଦାୟ ବେଶି,
ସପନ ସାଗରେ, ଉବୁଟୁବୁ ବାରେ
ନିର୍ଲଜର  ହସ ହସି ॥
କରିଲି ମୁଁ, ଗାଡି, କୋଠାଘର ବାଡ଼ି
ଆଳି ଅଳଙ୍କାର କେତେ,
ବିଜୁଳି ପରାଏ, ଝଲସି ଉଠିଲି
ପାପର ପଙ୍କିଳ ପଥେ ॥
ହିତାହୀତ ମୋର, ହୋଇଗଲା ଦୂର
ଅବିବେକୀ ଭାବନାରେ,
ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନ
ସଭିଙ୍କୁ ପାଶଠୁ  ଦୂରେ ॥
ଆତ୍ମ ବଡ଼ିମାରେ, ଅହଂ ବିଭୋରରେ
ହୋଇଗଲି ଅନ୍ଧ ମୁହିଁ,
ଧନ ବିନା କିଛି, କରିଲି ମୁଁ ଛି ଛି
ଅଜ୍ଞାନରେ ହୋଇ  ବାଇ ॥
ପାପର କଳସୀ, ପାପେ ହେଲା ବେଶି
ଭରିଗଲା ଯେଉଁ ଦିନ,

ISSN NO.
2582-208X

ସହିଲେନି, ବିଭୁ, କେତେ ଭାବୁଭାବୁ
ହେଲାଟି ଶାସ୍ତି ବିଧାନ ॥
ଗଲି ଜେଲ ଘର, ଗୁଇନ୍ଦା ହାତର
ହୋଇ ଖେଳନା କଣ୍ଢେଇ,
ଗଣ ମାଧ୍ୟମରେ, ରୂପଛବି ଭାରେ
ବଦନାମ ଗୀତ ଗାଇ ॥
ସମ୍ପ୍ରତି ବ୍ୟଯପ୍ତ,ଯାହାଥିଲା ପ୍ରାପ୍ତ
କଚେରି ଦୁଆରେ ଠିଆ,
ଉଚ୍ଚ ରକ୍ତଚାପ, ମନେ ଅନୁତାପ
ସ୍ୱାସ୍ଥ୍ୟରେ ଲାଗିଲା ନିଆଁ ॥
ପୁଅଝିଅ ମୋର, କୁକରମେ ବୀର
ଅବାଟ ବାଟରେ ଗତି,
ପାପରେ ସଞ୍ଚିତ, ନେଲା ମୋ ମହତ
କରିଦେଇ ଦାଗୀ ସ୍ଥିତି ॥
କିଏ ସେ ମଦ୍ୟପ, ଚରିତ୍ରରେ ଶାପ
ହୋଇଲାଟି ଅଧୋଗତି,
ବାଲୁଙ୍ଗା, ହୋଇଲେ, ମଦମତ୍ତ ହେଲେ
କରି, କେତେ ଅପକୀର୍ତ୍ତି ॥
ରୋଗ ବଇରାଗ, ହୋଇଲାଟି ସାଙ୍ଗ
ପାଣିପରି ଗଲା ଧନ,
ଡାକ୍ତର ଓକିଲ, ମଧ୍ୟସ୍ତିର ମୂଲ୍ୟ
ଦେଇ ଦେଇ ହେଲି ହୀନ ॥

ବୁଦୁର୍, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ଗୁରୁ କୃପା



ଅମୃତନାରାୟଣ ଶତପଥୀ

ଅଜ୍ଞାନ ରୂପକ ଅନ୍ଧକାରକୁ ତ ଦିଅନ୍ତି ଯିଏ ଦୂରେଇ,
ଈଶ୍ୱରଙ୍କ ଠାରୁ ମହାନ ଅଟନ୍ତି ଗୁରୁ ଯେ ଅଟନ୍ତି ସେହି ।(୧)
ଗୁରୁଙ୍କ ମହିମା ସଂସାରେ ମହାନ ଅଟନ୍ତି ସ୍ୱର୍ଗଠୁଁ ସିଏ ଗରୀୟାନ,
ତାଙ୍କର ଆଶିଷେ ଶିଷ୍ୟ ପାଇଥାଏ ପୁଣି ଆହେ ଦିବ୍ୟଜ୍ଞାନ ।(୨)
ପ୍ରଥମରେ ମାତା ଦ୍ୱିତୀୟ ରେ ପିତା ତୃତୀୟ ଗୁରୁ ଶିକ୍ଷକ,
ଏହି ସଂସାରରେ ଗୁରୁଙ୍କର ପୁଣି କିଏ ହେବ ସମକକ୍ଷ ?(୩)
ଗୁରୁଙ୍କର ଆହା ଶୁଭାଶିଷ ପାଇ ମୂର୍ଖ ହୋଇପାରେ ଜ୍ଞାନୀ,
ରାଜା ପୁଣି ରଙ୍କ ହୋଇପାରେ ଗୁରୁ କୃପା ହେଲେ ହାନୀ ।(୪)
ଗୁରୁଙ୍କ ଗରିମା ବର୍ଣ୍ଣନା ପାଇଁକି ନାହିଁ ଆହେ ପୁଣି ବାଣୀ,
ଗୁରୁଙ୍କ ପଦେ ସବୁ ସମର୍ପିତ ହୁଅ ମାରନି କେବେ ଫୁଟାଣି ।(୫)
ଗୁରୁ କୃପା ପୁଣି ଲଭିଲେ ସଂସାରେ ବଞ୍ଚିବାଟା ହେବ ସାର,
ଗୁରୁ କୃପା ବିନୁ ଅନ୍ୟସବୁ କଥା ଏହି ସଂସାରେ ଅସାର ।(୬)
ଗୁରୁଙ୍କୁ କେବେହେଁ ସ୍ୱପ୍ନରେ ସୁଦ୍ଧା କର ନାହିଁ ହତାଦର,
ସର୍ବଦା ତାଙ୍କର କୃପା ଭିକ୍ଷାକର ଭିକ୍ଷୁ ସମ ହୋଇ ନର ।(୭)


ISSN NO.
2582-208X

ଜୟ ପରାଜୟ ସବୁ ଏ ସଂସାରେ ଗୁରୁ କୃପାର ଯେ ଫଳ,
ଗୁରୁ କୃପା ଅଟେ ମହୌଷଧି ସମ ଜ୍ଞାନ ବୁଦ୍ଧି ବିଦ୍ୟା ବଳ।(୮)
ଗୁରୁ କୃପା ପାଇଁ ଯେଉଁ ଜନ ପୁଣି ଥାଏ ସର୍ବଦା ବ୍ୟାକୁଳ,
ଜୀବନରେ ଯେଉଁ କର୍ମ କରେ ସିଏ ହୁଏ ସେଥିରେ ସଫଳ।(୯)
ଏଥିପାଇଁ ସର୍ବେ ଗୁରୁଙ୍କ ପଦରେ ନୁଆଁଇ ନିଜର ମଥା,
ସମର୍ପିତ ମନେ ପାଇଯାଅ ସର୍ବେ ପୁଣି ଆହେ ଗୁରୁ କୃପା।(୧୦)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଯାନ ଭଙ୍ଗା
# ହେରାପଞ୍ଚମୀ



ତ୍ରିପତି ପ୍ରଧାନ

ବଡ଼ କପଟିଆ କାଳିଆ
କପଟକୁ ଆଚରି
ନେଲ ନାହିଁ ମାତା କମଳା
କାଳେ ଯିବଟି ହାରି (1)
ପଦ୍ମାଳୟା ସାଥେ ରହିଲେ
ମାଉଁସୀ ମା ବ୍ୟଞ୍ଜନ
ପାଇବନ କାଳେ ଭାବିଲ
ଦଗା ଦିଆ ମୋହନ (2)
ଶଙ୍କା ରହିଥିଲା ତୋ ମନେ
ହାତ ରାନ୍ଧଣା ଲକ୍ଷ୍ମୀ
ଭୁଞ୍ଜିଣ ଗୁଣ୍ଡିଚା କହିବେ
କଛି ଦିନ ରହୁଟି (3)
ତୋ ଠାରୁ ସେନେହ ଅଧିକ
ପଦ୍ମା ପାଇବେ ବୋଲି
ଛାଡି ଚାଲିଗଲ ମାତାଙ୍କୁ
କପଟିଆ ମୁରଲୀ (4)
ତ୍ରେତୟାରେ ରାମ ରୂପରେ
ବନେ ସାଥେ ନେଇଛ

ISSN NO.
2582-208X

ଦୈତ୍ୟଙ୍କୁ ବିନାଶି ମହୀରେ
ପାପ ଭାରା ନାଶିଛ (5)
ସୀତାଙ୍କ ହରଣ ରାବଣ
-ମରଣଟି ହୋଇଲା
ନାମ ନେବେ କାଳେ ଇନ୍ଦିରା
ମନେ ଦକ ରହିଲା (6)
ଦ୍ୱାପରେ ରାଧିକା ତୁମରି
ପ୍ରେମେ ହୋଇଣ ବାଇ
ତୁମ ନାମ ଆଗୁ ଭକତ
ରାଧେକୃଷ୍ଣ ଭଜଇ (7)
ନୀଳ କନ୍ଦେ ବିଶ୍ୱ ଭକତ
ତବ ଦର୍ଶନ ସାରି
ଚାହିଁ ରହିଥାନ୍ତି ଅଭଡ଼ା
ସିନ୍ଧୁସୁତା ତିଆରି (8)
ଆନନ୍ଦ ବାଜରେ ବସିଣ
ଜାତି ଭେଦକୁ ଭୁଲି
ପ୍ରସାଦ ସାଉଁଟି ଖାଆନ୍ତି
ହେଜ ସଖା ପାଞ୍ଚାଳୀ (9)
ତ୍ରେତୟା ଅସତୀ ଦ୍ୱାପରେ
ପ୍ରେମ ବାୟାଣୀ କରି
ତଡି, ଛାଡି ଚାଲି ଯାଇଛ
ମାନ ଯାଇନି ପୂରି (10)
ତବ ଇଛା ବିନା ଘଟଣା
ଘଟିବ କି? ବିଶ୍ୱରେ
ନାଟକୁ ଲଗାଇ ନାଟୁଆ
ନାଟୁ ଥେଇ ଥେଇରେ (11)

ISSN NO.
2582-208X

ଲୋକମାତା ଖ୍ୟାତ ପୂଜିତା
ସହି ପାରିଲ ନାହିଁ
ଯାନ ଭଙ୍ଗା ହେରା ପଞ୍ଚମୀ
ରଚି ଅଛ ଗୋସାଇଁ ( 12 )
ତୁମ ମନ ବାଞ୍ଛା ପୂରଣ
କରିବାରେ ମା ରମା
ଯାନ ଭାଙ୍ଗି କଳି ହୁଡ଼ିକୁ
ବୋହି ଭାବି ସୁଷମା ( 13 )
ମୁଁ ଅଧମ କାହୁଁ ଜାଣିବି
ତବ କୃତ ମହିମା
କର ଯୋଡି କରେ ଗୁହାରି
ପାପ କର ହେ କ୍ଷମା ( 14 )

ସଂସ୍କୃତ ଶିକ୍ଷକ, ଚକଟି, ଗଞ୍ଜାମ
ଫୋନ - 6370537091

ISSN NO.
2582-208X

# ମାଣବସା ଗୁରୁବାର



ସ୍ୱାଗତିକା ସାହୁ

ମାଣବସା ଗୁରୁବାର ଓଷା ମାଣବସା ଓ ମାଣ ଓଷା ନାମରେ ମଧ୍ୟ ଜଣାଶୁଣା, ଓଡ଼ିଶାରେ ପାଳିତ ଏକ କୃଷିଭିତ୍ତିକ ପର୍ବ । ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ମଧ୍ୟ ପୂଜା କରାଯାଏ । ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି । ଏହି ପୂଜା ଅନ୍ୟ ଦେଶ ଓ ରାଜ୍ୟମାନଙ୍କରେ ପ୍ରଚଳନ ନାହିଁ । ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ । ଏହି ଓଷାକୁ ଓଡ଼ିଶାର ସମସ୍ତ ଜାତିର ଲୋକେ ପାଳନ କରିଥାନ୍ତି । ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆଯାଇଥାଏ ।

ମାର୍ଗଶିର ମାସରେ ପୂଜା ଘରେ ଧାନ ମେଣ୍ଟା ବା "ଧାନବେଣୀ"ରେ ସଜାଯାଇଥାଏ । ଧାନକେଣ୍ଡାକୁ ଗୁନ୍ଥି ଏହି ମେଣ୍ଟା ବା ବେଣୀ ତିଆରି କରାଯାଏ । ମାଣ ବସାଇବାରୁ "ମାଣବସା" ନାମ ଆଧାରିତ । ଚାଉଳ ଆଦି ଶସ୍ୟ ମାପିବା ପାଇଁ ମାଣ ବ୍ୟବହାର ହୋଇଥାଏ । ଏହି ଓଷାରେ ଧାନମାଣ ବସାଇ ତାହାକୁ ପୂଜା କରାଯାଉଥିବାରୁ ଓଷାଟି ମାଣବସା ନାମରେ ଜଣା । ଏହି ପର୍ବ ସମାନ ବିଧିରେ ଓଡ଼ିଶାର ବିଭିନ୍ନ ଆଦିବାସୀ ସମାଜରେ ମଧ୍ୟ ପାଳିତ ହୋଇଥାଏ । ସାନ୍ତାଳମାନେ "ଇରୁ ମାମଣେ", ଭୂୟାଁମାନେ

ISSN NO.
2582-208X

"ମଗୁଶୀର ଗୁରୁବାର ହଲବା", ହୋ ଓ ଓମାନାତ୍ୟାମାନେ ଲକ୍ଷ୍ମୀ ପୂଜା କରିଥାନ୍ତି । ଏହି ସମୟରେ ସନ୍ତାନସନ୍ତତି ନଥିବା ନାରୀମାନେ ସନ୍ତାନ ଆଶାରେ କାଞ୍ଜି ଅଁଳା ବା"ଶୁଖୁଆ ବୋହୁ" ବା "ଷଠି ଓଷା" କରିଥାନ୍ତି ।

ମାଣବସା ଗୁରୁବାରର କିମ୍ବଦନ୍ତୀ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ । ଏହା ମତେ ଦାସଦାସୀ ପରିବେଷ୍ଟିତ ଲକ୍ଷ୍ମୀ ଦିନେ ସ୍ୱାମୀଙ୍କୁ ମାଣବସା ଗୁରୁବାର ବାବଦରେ ଜଣାଇ ଦେଶ ଭ୍ରମଣରେ ବଡ଼ ଦେଉଳରୁ ବିଜେ କଲେ । କିଏ ତାଙ୍କୁ ପୂଜୁଛି ତାହା ଜାଣିବା ନିମନ୍ତେ ସେ ଘର ଘର ବୁଲିଲେ । ଅନେକ ଧନୀ, ବଡ଼ ଲୋକ ସେଦିନ ଗୁରୁବାର ବୋଲି ଭୁଲି ଯାଇଥିବା ଦେଖିବା ପରେ ସେ ଶ୍ରୀୟା ନାମକ ଜଣେ ଦଳିତ ନାରୀ ଘରେ ପହଞ୍ଚିଥିଲେ। ଘରଦ୍ୱାର ପରିଷ୍କାର କରି ଲିପାପୋଛା କରି ଶ୍ରୀୟା ତାଙ୍କ ପୂଜା ପାଇଁ ସଜ, ଭୋଗ-ନୈବେଦ୍ୟ ଆଦି ସଜାଡ଼ି ରଖିବା ଦେଖି ଲକ୍ଷ୍ମୀ ତାହାଙ୍କ ଭକ୍ତିରେ ମୁଗ୍ଧ ହୋଇ ପଦ୍ମ ଫୁଲରେ ପାଦ ରଖି ସେଠାରେ ହିଁ ରହିଗଲେ । ଏହା ଶୁଣି ବଳରାମ କୋପକଲେ । ସେତେବେଳର ସମାଜରେ ଦଳିତମାନଙ୍କୁ ଅଛୁଆଁ ଭାବେ ଗଣା ଯାଉଥିବାରୁ ଜଣେ ଦଳିତ ଲୋକର ଘରେ ପାଦ ଦେଇଥିବାକୁ ଅପରାଧ ବିବେଚନା କରି ବଡ଼ଦେଉଳ ଦ୍ୱାର ଲକ୍ଷ୍ମୀଙ୍କ ପାଇଁ ବନ୍ଦ ହୋଇଥିଲା । ଅପମାନିତ ହୋଇ ସେ ଘରୁ ବାହାରି ଗଲେ । ଯିବା ବେଳେ ପଣ କଲେ କାଳିଆ-ବଳିଆ (ଜଗନ୍ନାଥ-ବଳଭଦ୍ର) ଦୁଇ ଭାଇଙ୍କୁ ଉଚିତ ଶିକ୍ଷା ଦେବେ । ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ସମୁଦ୍ର କୂଳରେ ତାଳବେତାଳ ନାମକ ଆଉ ଏକ ପ୍ରାସାଦ ଗଢ଼ାହେଲା। ଲକ୍ଷ୍ମୀ ବଡ଼ଦେଉଳରୁ ସବୁ ଜିନିଷ ଲୁଟିନେଇ ତାହାକୁ ଶ୍ରୀହୀନ କରିଦେଲେ । ଖାଇବାକୁ ନପାଇ ଦୁଇଭାଇ ଭୋକରେ ଆଉଟୁ ପାଉଟୁ ହୋଇ ଶେଷରେ ସେହି ପ୍ରାସାଦ ସମ୍ମୁଖରେ ପହଞ୍ଚିଲେ । ପ୍ରାସାଦ ମାଲିକାଣୀଙ୍କ ଅତିଥେୟତାରେ ବିମୁଗ୍ଧ ହୋଇ ସେମାନେ ପ୍ରାସାଦ ମାଲିକ/ମାଲିକାଣୀଙ୍କୁ ଲୋଡ଼ିଲେ । ଆଉ ପରିଚୟ ପାଇବା ପରେ ନିଜକୁ ଲଜ୍ଜିତ ମନେ କଲେ ଦୁଇ ଭାଇ । ସେଇ ଲକ୍ଷ୍ମୀ ଠାକୁରାଣୀଙ୍କ ହସ୍ତରୁ ହିଁ ପେଟ ଶାନ୍ତି ହୋଇଥିଲା ଦୁଇଭାଇଙ୍କର । ଛୁଆଁ ଅଛୁଆଁ ଭେଦଭାବ ରହିବ ନାହିଁ ବୋଲି ପ୍ରତିଶ୍ରୁତି ପାଇବା ପରେ

ISSN NO.
2582-208X

ଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ । ତେଣୁ ମାତା ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଜନ ସୁଖ ସମ୍ପଦ ସହିତ ଐଶ୍ୱର୍ଯ୍ୟ ଭୋଗର ଆନନ୍ଦ ପ୍ରାପ୍ତି ହୋଇଥାଏ । ଘରେ ଘରେ ପୁରେ ପୁରେ ମାଆ ଲକ୍ଷ୍ମୀଙ୍କ ପୂଜା ଆରାଧନା ମହା ଆଡମ୍ବରରେ କରାଯାଇଥାଏ ।

ଲକ୍ଷ୍ମୀ ସାଆନ୍ତାଣୀଙ୍କ ପୂଜାର୍ଚ୍ଚନା ନିମନ୍ତେ ଚାଉଳ ବଟାରେ ଝୋଟି ଚିତା କଟାଯାଇଥାଏ । ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ଆରମ୍ଭ ହୁଏ । ଚାଷୀ ତା'ର ଖଳାକୁ ଧାନହଳା ଆଣିଥାଏ । ଧାନ ଅମଳ କରି ଘରକୁ ଆଣିବା ଆଗରୁ ତା'ର ଘରଣୀ ଏଥିରୁ ଧଳାଧାନର ଶିଶା ବାଛି ବାହାର କରିଥାଏ। ଏହି ଧାନର ଶିଶାରେ ବେଣୀ ବାନ୍ଧି ମେଣ୍ଟିବା ମେଣ୍ଟା ପ୍ରସ୍ତୁତ କରି ଏହାକୁ ଶୁଖାଇ ଅତି ଯତ୍ନ ଓ ଆଦରରେ ରଖିଥାଏ । ଗୁରୁବାର ଓଷାର ପୂର୍ବଦିନରୁ ଘର ଦ୍ୱାର ଅଗଣା ଓ ଘର ଚାରିପାଖ ଗୋବର ମାଟିରେ ଲିପା ପୋଛା କରି ପରିଷ୍କାର କରିଥାଏ । ଅମଳ ପରେ ଖଳାରେ ସେହି ସ୍ତୁପୀକୃତ ଧାନକୁ ଅନ୍ନ ଓ ଧନର ଦେବୀ ଲକ୍ଷ୍ମୀଙ୍କର ଆଶିଷ ବୋଲି ମାନି ଏହି ଓଷା ପାଳନ କରାଯାଇଥାଏ । ଗୁରୁବାରରେ କରାଯାଇଥିବା ଝୋଟିଚିତାକୁ 'ତ୍ରିଶାଖା ଗୁଚ୍ଛ' କୁହାଯାଏ ।ମାଣବସା ଗୁରୁବାର ଓଷା ପୂର୍ବଦିନ ରାତିରେ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଇଥାନ୍ତି । ଗୁରୁବାର ଦିନ ବଡ଼ିଭୋରରୁ ଉଠି ନାରୀମାନେ ସ୍ନାନାଦି କାର୍ଯ୍ୟ ସାରି ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥାନ୍ତି । ଗାଁମାନଙ୍କରେ ମହିଳାମାନେ ମାଟିଘରକୁ ଗୋବରରେ ଲିପାପୋଛା କରି ନୂତନ ଚାଉଳର ପିଠଉରେ ଝୋଟି ଏବଂ ଲକ୍ଷ୍ମୀପାଦରେ ଆଙ୍କନ୍ତି । ଘରର ପ୍ରତ୍ୟକ ଦୁଆର ଅଗଣା କାନ୍ଥ ଓ ଚାରିପାଖ ଝୋଟି ଚିତାଦ୍ୱାରା ସଜାଯାଇଥାଏ । ମାଣ ଖଟୁଲି ଉପରେ ଏକ ନୂଆ ମାଣରେ ଧଳାଧାନ ଭରି ରଖାଯାଏ ।ହଳଦୀ ଓ ଗୁଗୁଳ ବାଟି ମାଣର ଉପରପାର୍ଶ୍ୱରେ ଲେପ ଦିଆଯାଏ ଯାହା ଏକ ମୁହଁର ରୂପ ନେଇଥାଏ । ସେଥିରେ କଉଡିକୁ ଆଖିଭାବେ ବ୍ୟବାରକରି ନିଜର ସୃଜନ ଶୈଳିଦ୍ୱାରା ମାଣକୁ ଏକ ସୁନ୍ଦର ମୁହଁର ରୂପ ଦେଇ ଖଟୁଲିରେ ରଖି ତା ଉପରେ ଧାନର ମେଣ୍ଟାକୁ ରଖାଯାଏ । ନାଲିଛିଟ ଓ ସୁନ୍ଦର ପାଟକନାରେ ଓଢଣୀ ଦେଇ ଏହାକୁ ଏକ ନବ ବଧୂର ରୂପ ସଦୃଶ କରାଯାଏ । କେହି କେହି ମାଣକୁ କାରିଗରଦ୍ୱାରା ଗଢାଇ ସୋଲ ଓ ଅନ୍ୟାନ୍ୟ ଦ୍ରବ୍ୟରେ ସେଥିରେ ଆଖି, ନାକ, କାନ ସୁନ୍ଦର

ISSN NO.
2582-208X

ଭାବେ ଗଢାଇ ପୂଜା କରିଥାନ୍ତି । ମା'ଲକ୍ଷ୍ମୀଙ୍କର ଖଟୁଲି ବା ଆସ୍ଥାନ ଚାରିପଟେ ଷୋଳ ପାଖୁଡା ବିଶିଷ୍ଟ ଦିବ୍ୟ, ପଦ୍ମ ଅଙ୍କନ କରାଯାଇଥାଏ । ଘରର ଚତୁଃପାର୍ଶ୍ୱରୁ ମା'ଙ୍କର ପଦ୍ମ ପାଦର ଚିତା ଆସ୍ଥାନ ପର୍ଯ୍ୟନ୍ତ ଅଙ୍କାଯାଏ । କେହି କେହି ଗବପତ୍ର, ଗୟାତୁଳସୀ, କଳାପାତି, ସିନ୍ଦର ଫରୁଆ, ପିତ୍ତଳମୂର୍ତ୍ତି ଇତ୍ୟାଦି ମଧ୍ୟ ରଖିଥାନ୍ତି । ଧାନଖଳାକୁ ମଧ୍ୟ ସେଦିନ ଝୋଟିଚିତାରେ ଚିତ୍ରିତ କରାଯାଇଥାଏ । ଲକ୍ଷ୍ମୀଙ୍କର ସ୍ଥାପନା ପାଇଁ ଠାକୁରଘରର ଏକ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଏ । ପୂଜାସ୍ଥାନରେ ପିଠଉରେ କୋଠି କରି ଷୋହଳ ପାଖୁଡା ପଦ୍ମଫୁଲ ଅଙ୍କାଯାଏ । ପୂଜା ପାଇଁ ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥାଏ ଅମଳ ହୋଇଥିବା ଶୁକ୍ଲଧାନ , ମାଣ, ଗୁଆ, କଉଡି, ନଡିଆ, ଦୁବ, ବରକୋଳି ପତ୍ର, ସିନ୍ଦୂର, ଧୂପଦୀପ ଓ ନୈବେଦ୍ୟ । ମାଣ ବସାଇବା ପୂର୍ବରୁ ସେହିମାଣକୁ ହଳଦୀ ପାଣିରେ ଧୋଇ ଖରାରେ ଶୁଖିଯିବା ପରେ ସିନ୍ଦୂର ବୋଳାଯାଏ । ପ୍ରଥମେ ଏକ ଖଟୁଲିରେ କିଛି ନୂଆଧାନ ରଖାଯାଏ । ସିନ୍ଦୂର ବୋଳାଯାଇଥିବା ମାଣ ବା ଗଉଣୀକୁ ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ସ୍ୱରୂପ ନୂଆ ଧଳାଧାନରେ ପୂର୍ଣ୍ଣକରି ତା' ଉପରେ ଗୁଆ ରଖାଯାଏ । ସେହି ମାଣକୁ ଖଟୁଲି ଉପରେ ବସାଇ ତା'ଉପରେ ଧାନବେଣୀ ରଖି ନୂତନ ପାଟଲୁଗାର ଓଢ଼ଣୀ ଢଙ୍କାଯାଏ । ଲକ୍ଷ୍ମୀଙ୍କୁ ଏକ ନବବଧୂ ବେଶରେ ସଜାଯାଇ ଚନ୍ଦନ ସିନ୍ଦୂର ଆଦି ଦେଇ ସ୍ଥାପନା କରାଯାଏ। ବିଧି ଅନୁଯାୟୀ ଖଟୁଲି ଉପରେ ଲକ୍ଷ୍ମୀଙ୍କର କାଠରେ ନିର୍ମିତ ପ୍ରତିମା, ପାନିଆଁ, ଆଇନା, କଜ୍ଜଳ ଏବଂ ଖଟୁଲି ପାଖରେ ଆଖୁ, ମୂଳା ନିକଟରେ ରଖାଯାଇଥାଏ । ପୂଜା କାଳରେ ଧୂପ, ଦୀପ ଓ ନୈବେଦ୍ୟ ଆଦି ଅର୍ପଣ କରାଯାଏ ଲକ୍ଷ୍ମୀଙ୍କ ପାଖରେ । ପିଠାପଣା ଓ ଫଳମୂଳ ଭୋଗ (କଦଳୀ, ଛେନା, ନଡ଼ିଆ, ଗୁଡ଼, ଗୋଲମରିଚ ଓ ଅନ୍ୟାନ୍ୟ ଫଳ ) ଲକ୍ଷ୍ମୀଙ୍କ ପାଖରେ ଲଗାଯାଏ ।ଏଥି ସହିତ ମଣ୍ଡା ପିଠା ତିଆରି କରାଯାଇ ଭୋଗ ଦିଆଯାଇଥାଏ । ବିଭିନ୍ନ ପାଳିରେ ଭିନ୍ନ ଭିନ୍ନ ପିଠାପଣା ପ୍ରସ୍ତୁତ କରି ଲକ୍ଷ୍ମୀଙ୍କୁ ପାଖରେ ଲାଗି କରାଯାଇଥାଏ । ଲକ୍ଷ୍ମୀଙ୍କୁ ଧୂପ, ଦୀପ, ନେବେଦ୍ୟ ସହ ବାଳଭୋଗରେ ଛେନା, ଗୁଡ଼, ନଡ଼ିଆ, କଦଳୀକୁ ଚକଟି ଭୋଗ ଲଗାଯାଏ । ୩ ଧୂପ ମଧ୍ୟରୁ ଏହାକୁ ବାଳଧୂପ କୁହାଯାଏ । ଏହାପରେ ମଧ୍ୟାହ୍ନ ଧୂପପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ମଧ୍ୟାହ୍ନରେ ଶଙ୍କୁଡ଼ି ଧୂପରେ ଲାଗିହେବା ପାଇଁ ଖିରି ବା ତରଣ, ଚକୁଳି ପିଠା, ତରକାରି ଇତ୍ୟାଦି ପ୍ରସ୍ତୁତ

ISSN NO.
2582-208X

କରାଯାଇ ଶ୍ରଦ୍ଧାର ସହ ଭୋଗ ଲଗାଯାଏ । ମଧ୍ୟାହ୍ନ ଭୋଗପରେ ମା'ଙ୍କ ସମ୍ମୁଖରେ ଲକ୍ଷ୍ମୀ ପୁରାଣ ବୋଲାଯାଏ । ଏହି ଭୋଗ ଘରର ପ୍ରତ୍ୟେକ ସଦସ୍ୟ ଖାଇଥାନ୍ତି । ଏହିଭୋଗକୁ ପରିବାର ଛଡ଼ା ଅନ୍ୟ କାହାକୁ ନଦେବାର ନିୟମ ଅଛି । ଗୋଧୂଳି ସମୟରେ ସନ୍ଧ୍ୟା ଧୂପରେ ଆଉଥରେ ବାଳଧୂପପରି ଭୋଗ ଲଗାଯାଇ ସଧ୍ୟା ପୂଜା କରାଯାଏ । ୨ୟ ଗୁରୁବାରରେ ଚିତଉପିଠା, ଦହିକାଲୁଆ, ୩ୟରେ ଖେଚୁଡ଼ି-ଡାଲମା ଏବଂ ୪ର୍ଥରେ ମଣ୍ଡା ପିଠା ଭୋଗ ଲାଗି ହୋଇଥାଏ । ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବ୍ରତ ସାରି ଉଜୁଆ ଯାଏ । ଏହି ଦିନ ପୂର୍ବଭଳି ସମସ୍ତ ନୀତିରେ ମାଣ ବସାଇ ମଣ୍ଡା ପିଠା ଓ ଖିରି ଭୋଗ କରାଯାଏ । ସଞ୍ଜ ଭୋଗ ପରେ ସେହି ମାଣରେ ଥିବା ଧାନକୁ ଆଉ ଏକ ଜାଗାରେ ଅଜାଡ଼ି ରଖାଯାଏ । ପୂଜାର ଅନ୍ୟ ସମସ୍ତ ସଜକୁ ସହକାରେ ନେଇ ପୋଖରୀ ଆଦି ଜଳାଶୟରେ ବିସର୍ଜନ କରାଯାଏ । ପୂଜାରେ ବ୍ୟବହୃତ ଧାନକୁ କୁଟି ସେହି ଚାଉଳରେ ଖିରି ବା ଜାଉ ରାନ୍ଧି କେବଳ ଘର ଲୋକଙ୍କ ମଧ୍ୟରେ ଖିଆଯାଏ । ଏହିପରି ଲକ୍ଷ୍ମୀଙ୍କୁ ଆବାହନ କରିବାଠାରୁ ବିସର୍ଜନ କରାଯିବା ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନକୁ ପାଳନ କରି ଘରର ବିବିଧ ଉନ୍ନତି କାମନା କରାଯାଏ ।

ଶିକ୍ଷା ଅଧାପିକା
କନ୍ଧମାଳ

ISSN NO.
2582-208X

# ଭ୍ରମ



ପ୍ରତିଭା ଦାସ

ଭୟ ଆଉ ସଂକୁଚିତ ଭାବରେ
ଅଚିହ୍ନା ଯାଗାରେ ଯେବେ ପାଦ
ଥୋଇଥିଲି,
କୌତୁହଳ ଦୃଷ୍ଟିରେ ଚାରିଆଡେ
ଦେଖୁଥିଲି,
ମୋ ଅଜାଣତରେ
ତୁମେ ନୀରବରେ ଆସି
ମୋ ପାଖରେ ଠିଆ ହୋଇ
ସାହସ ଦେଇ କହୁଥିଲ
ମୁଁ ଅଛି, ଡର ନାହିଁ।

ଅଦେଖା ଅଚିହ୍ନା ଜାଗାରେ
କାହିଁକି କେଜାଣି ମୋତେ ଲାଗୁଥିଲା,
ଆପଣାର ବୋଲି କେହି ଜଣେ ଅଛି
ଯିଏ ମୋତେ ହାତଠାରି ବାଟ ଦେଖାଉଛି ।

ISSN NO.
2582-208X

କିଛି କ୍ଷଣ ପରେ ପୁଣି ସ୍ୱଭାବିକ
ଅବସ୍ଥାକୁ ଫେରି ଆସିଥିଲି
ଭ୍ରମ ବୋଲି,
ଛଳଛଳ ଆଖିରେ ମୁହଁ ଲୁଚେଇ ହସିଥିଲି।

ମନରେ ଭାବିଲି,
ଭ୍ରମ ବି ମଲା ମଣିଷକୁ
କିଛି କ୍ଷଣ ପାଇଁ ଜୀବନ ଦାନ ଦେଇ ପାରେ
ନିରାଶାର ମେଘ ହଟେଇ
ଆଶାର କିରଣ ହୋଇପାରେ

ଏତେ ଗହଳ ମଝିରେ ବି ଏକୁଟିଆ ଥିଲା ପରି ଲାଗୁଥିଲା
ଅଭିନନ୍ଦନ, ଅଭିବାଦନ ସବୁ ଫିକା ଲାଗୁଥିଲା
ବନ୍ଧୁ, ବାନ୍ଧବୀଙ୍କ ଗହଳ ବି ଶୁନ୍ୟ ଲାଗୁଥିଲା!

ବୁଝି ପାରିଥିଲି
କଥାରେ ଆପଣାପଣ ଥିଲେ ବି
ହୃଦୟ ବୋଲି କିଛି ନଥିଲା ।।

ବିଶ୍ୱନାଥ ଗୁରିଆଲି
ଆସାମ

ISSN NO.
2582-208X

# ଯାହା କଥାଥିଲା



ନରଞ୍ଜନ ସାହୁ

କଥାଥିଲା ଯାହା ହୋଇଲାନି ତାହା
ଆଗକୁ ବି କିଛି ହେବାକୁ ନାହିଁ
ମିଛଟାରେ କାନ୍ଦି କୁମ୍ଭୀର କାନ୍ଦଣା
ଏତେ ଅଭିନୟ କରୁଛ କାହିଁ ?

ଦିନଥିଲା ଦିନେ ଆପଣାର ଥିଲ
କେହି ନ ଜାଣିଲେ ତୁମେ ତ ଜାଣ
ସେଥିପାଇଁ ବୋଧେ ପଶ୍ଚାତାପ କରି
ଅନୁତାପ କଥା ମନକୁ ଆଣ
ମନ ଭୁଲଣିଆ କଥା କହୁଅଛ
ଆର ଜନମକୁ ରହିବି ଚାହିଁ ।

ବିପରୀତମୁଖୀ ଦୁଇ ଗୋଟି ରଶ୍ମୀ
କଦାପି ମିଳିତ ହେବାର ନୁହେଁ
ଦୁହିଁଙ୍କର ରାସ୍ତା ଯେହେତୁ ଅଲଗା
ଦୁଇଟି ରାସ୍ତାରେ ଚାଲିବା ଦୁହେଁ
ଯା ' ବାଟ ସରିବ ସିଏ ଅଟକିବ
ପାଦେ ବି ଆଗକୁ ଯିବନି ତହିଁ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ସେପ୍ଟେମ୍ବର-୨୦୨୪
www.vedantimagazine.com

ISSN NO.
2582-208X

# ଗାନ୍ଧି



ଦେବେନ୍ଦ୍ର ମିଶ୍ର

ଦେଶର ସପନ ସଦା ଜାଗରଣ
 ମୋ ଦେଶ ମାଟି ମହାନ
ବିଦେଶୀ ଶାସନ କରିଲ ଦମନ
 ସଦା ତୁମରି ସପନ
ଅକ୍ଟୋବର ଦୁଇ କାଥିଆୱାଡ଼ର୍
 ପବିତ୍ର ପାଣି ପବନ
ପିତା, ମାତାଙ୍କର ସୁଯୋଗ୍ୟ ସନ୍ତାନ
 ପବିତ୍ର ଦିବସେ ଜନ୍ମ
ନାରୀ ଜାଗରଣ ସ୍ୱଦେଶୀ ଜୀବନ
 ଥିଲା ତୁମରି ସପନ
ପବିତ୍ର ଭାରତ ସଦା ପୁଲକିତ
 ତୁମେ ଏ ଦେଶର ଦାନ
ନିର୍ବିକାର ଭାବେ ସେବା ତୁମ ଦାନ
 ଦେଶର ଶାନ୍ତି ଭବନ
ତୁମରି ପ୍ରଚେଷ୍ଟା ମେଣ୍ଟାଇବା ତୃଷ୍ଣା
 ତୁମରି ଶେଷ ସୋପାନ
 ଧନ୍ୟହେ ବୀର ସନ୍ତାନ
 ମଣୁ ଆମେ ଭାଗ୍ୟବାନ

ବୌଦ୍ଧ(ବୁଟୁ ପାଲି)

ISSN NO.
2582-208X

# ଅମା-ଆଲୁଅ ର ଲୁଚକାଳି



ବିରଞ୍ଚି ନାରାୟଣ ମିଶ୍ର

ଦୀପ କି ବୁଝଇ ଆଲୋକ ଅନ୍ଧାର
ଜଳିବାଟା ତାର କର୍ମ,
ଜଳିଲେ ପାଉଁଶ ହେବ କି ନାହିଁ ସେ
ନିଃସ୍ୱ ହେବା ତା ଧର୍ମ।
କାଠି ଖଣ୍ଡକରେ ଟିକେ ଦେଲେଠେଲି
କି ଆନନ୍ଦ ତାର ଆହା,
ଉଜ୍ଜ୍ୱଳ ହୋଇ ଆହୁରି ଜଳଇ
ଥିରି ବାଆ ତା'ର ସାହା ।
ସରି ସରି ଆସେ ତେଲ ଓ ସଳିତା
ସେ ପାଇଁ ସେ ଭାବେ ନାହିଁ,
ମାଣକ ପୂରିବ ସେରକ ପୂରିବ
ଜଳୁଥିବ ଆନ ପାଇଁ ।
ପ୍ରଶଂସା ସବୁକୁ ଦୀପ ନେଉ ପଛେ
ସଳିତାର ନାହିଁ ଦୁଃଖ,
ସଭିଙ୍କୁ ଆଲୋକ ଦେବାରେ ଅଧିକ
ମିଳିଥାଏ ପରା ସୁଖ !

ISSN NO.
2582-208X

ଦେବାରେ ଆନନ୍ଦ ନଥାଏ ନେବାରେ,
ଯିଏ ବୁଝେ ଏହି କଥା;
ଶୁନ୍ୟସଂହିତା ଭାଗଫଳ ଶୂନ
ଦିଏ ନାହିଁ ମନେ ବ୍ୟଥା ।
ଚଉସ୍ତରି ହେଲା ଜୀବନ ଯୁଦ୍ଧେ, ହାରି ଜିତି ଅଛି ଜୀଇଁ;
ତୁମ ପାଇଁ ଖାଲି ବଞ୍ଚିଛି ସିନା,
ଜୀଇଁବାର ଲୋଭ ନାଇଁ ।
ଜଗଦୀଶ ତୁମ ଶ୍ରୀ ଚରଣ ତଳେ ଜଣାଏ ପ୍ରଣତି ମୋର,
ସକଳ ଦୋଷକୁ ଯେଉଁ ଦଣ୍ଡ ଲୋଡା ଦିଅ ମୋତେ ନିରାକାର ।

ଭୁବନେଶ୍ୱର
9439011063

ISSN NO.
2582-208X

# ମାନୁଛି ମହାପ୍ରୁ

ସୁଧାଂଶୁ ଶେଖର ପାତ୍ର

ମାନୁଛି ମହାପ୍ରୁ
ଦୋଷ କରିଛି ...
ଦଣ୍ଡ ପାଇବି ମୁଁ
ମୁଣ୍ଡ ପାତି ଦେଉଛି....
ଯାହା ଗ୍ରହୁଁଛ କର ।

ନବଶ୍ରୟ ଲୋକ
ଖଟି ଖଟି ପେଟ ପୋଷୁଛି...
ବୟସ ତିନ କୋଡ଼ି ପାଖାପାଖି ହେଲା...
ଏଇ ଗାଆଁରେ ରହୁଛି....
ଯିବି କୁଆଡ଼େ ?
ଗ୍ରଞ୍ଜ ବିହୀନ ଲତା ମୁଁ
ମୋତି ମହଲର ସ୍ୱପ୍ନ ନାହିଁ।

ପାହାନ୍ତଆରୁ ବିଲରେ ପହରା ଦେବା କଥା....
ପହଞ୍ଚିବାରେ ଟିକେ ଡେରି ହେଇଯିବାରୁ
ଗୋଟେ ଉଦଣ୍ଡି ଗାଇ ହୁଡ଼ାରେ ଯାଉ ଯାଉ
କଛି ଧାନକେଣ୍ଡା ଖୁଣ୍ଟି ଖାଇ ଖାଇ ପଳାଇଲା....
ଏଇ ହେଉଛି ଘଟଣା।

ଖସିଗୁଡ଼ା, ଚଲିଗୁଡା, ଜୁନାଗଡ଼, କଳାହାଣ୍ଡି
ପିନ୍ ୭୬୬୦୧୪

ISSN NO.
2582-208X

# ପାପୀ ମଣିଷର ମୁକତି ନାହିଁ



ନରେନ୍ଦ୍ର ପ୍ରସାଦ ବେହେରା

ମଣିଷ ଏକ ସାମାଜିକ ପ୍ରାଣୀ । ସାମାଜିକ ରୀତିନୀତି, ପରମ୍ପରା, ଚାଲିଚଳଣୀ ଇତ୍ୟାଦିକୁ ସମ୍ମାନ ଜଣାଇ ନିଜର ଦୈନନ୍ଦିନ କର୍ମ ପଥରେ ଆଗେଇ ଚାଲିଥାଏ । ନିଜର ପ୍ରତିପତ୍ତି, ଆଧିପତ୍ୟ, ଖ୍ୟାତି ଓ ସହନଶୀଳତା ପାଇଁ ଅନ୍ୟ ମାନଙ୍କ ନିକଟରେ ପରିଚୟ ସୃଷ୍ଟି କରି ପାରିଥାଏ । ସୁତରାଂ ମଣିଷ ଜଣେ ଖୁବ୍ ଚତୁର ଓ ବିଜ୍ଞ ପ୍ରାଣୀ ଅଟେ । ବହୁ ପରିଶ୍ରମ କରି ନିଜକୁ ଗଢେ ଏବଂ ବଢେ । ହେଲେ ବେଳେ ବେଳେ ଏ ଚତୁର ଓ ବିଜ୍ଞ ମଣିଷଟି ଭଲ ବାଟରୁ ଅବାଟକୁ ଯିବାକୁ ପଛାଇ ନଥାଏ । ଚୋରି, ଡକାୟତି, ହତ୍ୟା, ଲୁଣ୍ଠନ, ରାହାଜାନି, ଗୁଣ୍ଡାଗିରି ମାଧ୍ୟମରେ ପାପ କର୍ମକୁ ଆଦରି ନେଇଥାଏ । ଯୁବା ବୟସରେ ବିଭିନ୍ନ ଅପକର୍ମରେ ଲିପ୍ତ ହୋଇ ନିଜକୁ ଭୁଲିଯାଇ ଦିନରାତି ମଦ୍ୟପାନ କରି ପରିବାର ତଥା ନିଜର ମାନସମ୍ମାନ ଭୁଲିଯାଏ । ସୁନ୍ଦରୀ ନାରୀ ପ୍ରତି ଆସକ୍ତ ହୋଇ ନାରୀ ଧର୍ଷଣ ପରି ଜଘନ୍ୟ ଅପରାଧ ବା ପାପ କରିବା ପାଇଁ ତିଳେହେଲେ ଚିନ୍ତା କରେନି । ଭଗବାନଙ୍କ ସୃଷ୍ଟି ବଡ଼ ବିଚିତ୍ର । ମହତ ଉଦ୍ଦେଶ୍ୟ ନେଇ ସୃଷ୍ଟିକର୍ତ୍ତା ବ୍ରହ୍ମା ଜୀବ ଜଗତ ସୃଷ୍ଟି କରିଛନ୍ତି । ତା' ମଧ୍ୟରେ ମଣିଷ ଜଣେ ଚତୁର ଓ ବିଜ୍ଞ ପ୍ରାଣୀ । କିନ୍ତୁ ଏ ପାପୀ ମଣିଷ କେବେ ହେଲେ ଚିନ୍ତା କରେନି ନିଜର ପାପ କର୍ମ କଥା । ସେ ଭାବେ ସବୁବେଳେ ଜହ୍ନ ରାତି ଥିବ, ଅନ୍ଧାର ରାତି କେବେ ଆସିବନି । ସବୁ ସେହି ବୟସର ଦୋଷ । ଜଣେ ଜଣେ ପାପୀ ମଣିଷ । ପାପରୁ ଧ୍ୱଂସ । ପାପ ପାଇଁ ମରିଥିଲା ଦୁଷ୍ଟ ରାବଣ । କିଏ କେତେ ପ୍ରକାର ପାପ କରୁଛି ତା'ର ହିସାବ ନାହିଁ । ପାପ ମଧ୍ୟରେ ମିଥ୍ୟା କହିବା, ହତ୍ୟା କରିବା, ନାରୀ ଧର୍ଷଣ କରିବା, ଚରିତ୍ର ଲୁଣ୍ଠନ କରିବା, କୁସଙ୍ଗରେ ପଡି ଜଘନ୍ୟ ପାପ କାର୍ଯ୍ୟରେ ଲିପ୍ତ

ISSN NO.
2582-208X

ରହିବା, ପରସ୍ତ୍ରୀ ହରଣ, ଅଯଥାରେ କାହା ମନରେ ଆଘାତ ଦେବା, ନିଜ ସ୍ତ୍ରୀ ପ୍ରତି ଅତ୍ୟାଚର କରିବା, ପରଘର ଭାଙ୍ଗି, ବୃକ୍ଷଛେଦନ, ଜନ୍ଦା ପିମ୍ପୁଡି ଇତ୍ୟାଦି ଜୀବକୁ ପାଦରେ ଦଳି ମାରିବା ମଧ୍ୟ ପାପ ଅଟେ । ପ୍ରତ୍ୟେକ ଦିନ ମଣିଷ ନିହାତି ଏଭଳି ପାପକର୍ମରେ ନିୟୋଜିତ ଥାଏ । ଯେତେବେଳେ ଯୁବା ବୟସ ଯାଇ ବାର୍ଦ୍ଧକ୍ୟ ଆସେ ଏବଂ ଅସହାୟ ହୋଇପଡେ ସେତେବେଳେ ନିଜ କଲା କର୍ମକୁ ନିନ୍ଦା କରିବାକୁ ଆରମ୍ଭ କରେ । ଭଗବାନଙ୍କ ନାମ ସ୍ମରଣ ଓ ଦର୍ଶନରେ ମନ ବଳାଏ । କିନ୍ତୁ ଯୁବା ବୟସରେ ପାପ କାର୍ଯ୍ୟ ଛଡା ଭଗବାନଙ୍କ ନାମ ଦିନେ ହେଲେ ଚିନ୍ତା କରିନଥିଲା । କଥାରେ ଅଛି- ଡାହାଣ ହାତ ପାପ ବାମହାତ ନିଏନି, ନିଜ କଲା କର୍ମ ନିଜକୁ ହିଁ ଭୋଗିବାକୁ ପଡିବ । ପରିବାର ବା ଅନ୍ୟ କେହି ଏଥିରେ ଭାଗିଦାରୀ ହେବେନି । ଏଠାରେ ଦସ୍ୟୁ ରତ୍ନାକର କଥା ମନେ ପକାଯାଇ ପାରେ । ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣ କରି ପ୍ରାୟଶ୍ଚିତ ହେବାକୁ ଚାହେଁ ।

ଏହି ପରିପ୍ରେକ୍ଷୀରେ ଦିନେ ମଣିଷକୁ ପଚରାଗଲା - ହେ ପାପୀ ମଣିଷ ! ଏତେ ପାପ କାହିଁକି କରୁଛୁ ଏବଂ ଏତେ ପାପ କରି ମଧ୍ୟ ଏ ସଂସାରରେ କେମିତି ବଞ୍ଚିଛୁ ।

ମଣିଷ ଉତ୍ତର ଦେଲା- ବୟସ ବେଳେ ପାପ କରିଥିଲି, ବୟସ ହେଲାଣି ପାପ କରିବାକୁ ମନ ବଳୁ ନାହିଁ, ଜୀବନରେ କରିଥିବା ପାପକୁ ଗଙ୍ଗାରେ ବୁଡ଼ ପକେଇ ଧୋଇଦେଇ ଆସିଛି ।

ଗଙ୍ଗାକୁ ପଚରାଗଲା - ଗଙ୍ଗା ମାତା ! ଆପଣ ଏତେ ପାପ ନେଇ କ'ଣ କରୁଛନ୍ତି । ଗଙ୍ଗାମାତା ଉତ୍ତର ଦେଲେ - ମୁଁ ହିମାଳୟରୁ ବାହାରି ସାଗର ଅଭିମୁଖେ ଯାଉଛି, ବାଟରେ ଯେତେ ସବୁ ପାପ ପାଉଛି ମୁଁ ମୋ ବକ୍ଷରେ ଧରି ରଖୁଛି ଏବଂ ତାକୁ ନେଇ ସାଗର ଅର୍ଥାତ୍ ସମୁଦ୍ରରେ ମିଶେଇ ଦେଉଛି ।

ସମୁଦ୍ରକୁ ପଚରାଗଲା - ରେ ସମୁଦ୍ର ! ତୁ ଏତେ ସବୁ ପାପକୁ ନେଇ କ'ଣ କରୁଛୁ । ସମୁଦ୍ର ଉତ୍ତର ଦେଲା - ମୋର ଧାରଣ ଶକ୍ତି ଅନେକ, ମୁଁ ପାପପୂଣ୍ୟ ସବୁକିଛି ଧାରଣ କରିପାରେ, କିନ୍ତୁ ମୁଁ କାହାରି କିଛି ରଖେ ନାହିଁ, ମୁଁ ଯେଉଁ ପାପ ନେଉଛି ସେ ସବୁକୁ ବାୟୁ ଆଉ ବାଷ୍ପକୁ ଦେଇଦେଉଛି ।

ISSN NO.
2582-208X

ବାୟୁ ଆଉ ବାଷ୍ପକୁ ପଚରାଗଲା - ହେ ବାୟୁ ଓ ବାଷ୍ପ ଦେବତା ! ତୁମେ ଏ ପାପ ନେଇ କ'ଣ କରୁଛ । ବାୟୁ ଆଉ ବାଷ୍ପ ଉଭୟ ଉତ୍ତର ଦେଲେ - ଦେଖନ୍ତୁ, କାହାରି ଠାରୁ କିଛି ପ୍ରାପ୍ତକୁ ନିଜ ବୋଲି ଦାବିକରି ଅନେକ ଦିନ ଧରି ରଖିବାକୁ ଆମେ ଚାହୁଁନାହୁଁ କାରଣ ଦିନେ ନା ଦିନେ ପ୍ରାପ୍ତ ପଦାର୍ଥକୁ ଆମକୁ ଫେଇବାକୁ ପଡିବ, ନଚେତ୍ ତା' ଫଳ ଭୋଗିବାକୁ ହେବ । ତେଣୁ ସଙ୍ଗେ ସଙ୍ଗେ ଆମେ ଏ ପାପକୁ ବର୍ଷା ସହିତ ମଣିଷ ପାଖକୁ ଫେରାଇ ଦେଇଥାଉଁ ।

ଏହାର ମର୍ମ ଏଇଆ ଯେ ଆମେ ଯେଉଁ ପାପ କରିବା ତାହା ସମୟ ଅନୁସାରେ ହିଁ ଭୋଗିବା। ସେଥିପାଇଁ ପାପକର୍ମ କରିବା ପୂର୍ବରୁ ଗଭୀର ଭାବରେ ଚିନ୍ତା କରିବା ଆବଶ୍ୟକ। କାରଣ ପରେ ଯେମିତି ମୁକ୍ତି ପାଇପାରିବା । ମଣିଷର ପାପ ଗଙ୍ଗାରେ ଧୋଇ ହେଲା ନାହିଁ, ସେହି ପାପ ବର୍ଷା ମାଧ୍ୟମରେ ପୁଣି ସେଇ ମଣିଷ ପାଖକୁ ଫେରି ଆସିଲା । ବନ୍ୟା ଓ ଝଡବାତ୍ୟା ରୂପରେ ପାପୀ ମଣିଷକୁ ଦଣ୍ଡଦେଲା, ମଣିଷ ସମାଜକୁ ନଷ୍ଟ କଲା, ଧ୍ୱଂସ କଲା । ସେଥିପାଇଁ ଓଡ଼ିଆ ଭାଗବତ କହେ - କର୍ମ କରିଣ ଫଳ ପାଇ, ପ୍ରାଣୀ ତା ଅବଶ୍ୟ ଭୋଗଇ । ସାତଥର ଗଙ୍ଗା ଓ ତିନିଥର ଚନ୍ଦ୍ରଭାଗରେ ବୁଡ ପକାଇଲେ ବି ପାପ ମୋଚନ ହେବନି । ଟଙ୍କା ଖର୍ଚ୍ଚକରି ଗଙ୍ଗାରେ ବୁଡ଼ ପକେଇ ମନକୁ ପବିତ୍ର କରିଥିବା ପାପୀ ମଣିଷ ପାପରୁ ନିସ୍ତାର ପାଇଲା କି ? ହେ ବନ୍ଧୁ ! ପାପ କର୍ମରୁ ନିବୃତ୍ତ ରୁହନ୍ତୁ, ନିଜେ ଠିକ୍ ରାସ୍ତାରେ ଚାଲନ୍ତୁ ଏବଂ ଅନ୍ୟ ମାନଙ୍କୁ ଠିକ୍ ରାସ୍ତାରେ ଚାଲିବା ପାଇଁ ପରାମର୍ଶ ଦିଅନ୍ତୁ । ତେବେ ଯାଇ ଏ ଦୁନିଆ ହସି ଉଠିବ ।।

ଆଳଦା, ଖଇରା, ବାଲେଶ୍ୱର

ISSN NO.
2582-208X

# ଭିନ୍ନ ଏକ ଆର୍ତ୍ତନାଦ-
# ଅରୁଣଙ୍କ ପ୍ରିୟାର



ସନ୍ଧ୍ୟାରାଣୀ ମଲ୍ଲିକ

ପାହାନ୍ତିଆ ତୁମ ରକ୍ତିମ ଓଢଣୀରେ ଘୋଡେଇ ହୋଇ
ଚାହିଁ ରହିଛି ତୁମର ସେଇ ଫେରିବା ବାଟକୁ
କଥା ଦେଇଥିଲ ତୁମ ସ୍ୱର୍ଣ୍ଣିମ ଚକ୍ ରେ ମତେ ଭିଜେଇଦେବାକୁ
ଧେତ୍, ମୁଁ ବୁଝିପାରିଲିନି ତୁମ ମିଠା ଛଳନାକୁ
ନଚେତ୍ କାହିଁକି ବା ବିଦାୟ ଦେଇଥାନ୍ତି ମୋ ନିକଟରୁ ।
ପାହାନ୍ତାରେ ଆସି ଗୋଧୂଳିରେ ଚାଲିଯାଉଛ ମତେ ଏକା କରି
ସତେ ଅବା ପ୍ରୀତି ତୁମକୁ ମୋର ତୁଚ୍ଛ ଲାଗିଲାଣି
ଦେବୀଦେବତା ମତେ ଗଳାରେ ଯେତେ ବାନ୍ଧିରଖିଲେ ମଧ୍ୟ
ମୁଁ ଯେ ପ୍ରେମ ଅଟେ ତୁମ୍ଭରି ।
ପଙ୍କରେ ଘର ବୋଲି କିବା ଘୃଣା ମୋତେ ଏତେ କର
ତୁମେ କିବା ଜାଣ ନାହିଁ ସୁନିର୍ମଳ ପୁଷ୍କରିଣୀ ଜଳେ ବି ମୋର ଘର
ବାଆ ବତାସ କୁ ନ ଡରି ଅନବରତ ହସୁଥାଏ ଏ ମୁଖଟି ମୋର ।
ସତୀତ୍ୱକୁ ମୋର ତୁଚ୍ଛ ମଣ ନାହିଁ ପ୍ରିୟ
ଏ ଆତ୍ମା ଅନ୍ୟ କାହାକୁ ଲୋଡିନାହିଁ ମନେ ରଖିଥାଅ
ଦୂରରେ ଥାଇବି ମନର ରାଇଜରେ ମୋର ସଦା ବିଚରଣ କର
କିପରି ବୁଝାଇବି ମୋର ଅବୁଝା ପ୍ରେମିକପ୍ରବର ।

ISSN NO.
2582-208X

ଥରେ ଫେରି ଚାଂହ ପ୍ରିୟାକୁ ପ୍ରଭାକର
ସୁଶୀତଳ ପ୍ରେମଭରା ମୋ ପଣତରେ କ୍ଳାନ୍ତି ହଜିଯିବ ତୁମର
ପ୍ରୀତିର ପୀୟୂଷରେ ତେଜ ଦୂର କରିଦେବି ଏଥର ।
ଅବାକ୍ ହୋଇ ଛାହିଁ ରହିଥିବେ ଚାକୋରଚାକୋରି
ଈର୍ଷାରେ ଜଳିଯାଉଥିବେ ସ୍ୱର୍ଗର ଅପସରା ଅପସରି
ଚିରନ୍ତନ ପ୍ରେମକୁ ଆମ ସଦା ମନେ ପକାଉଥିବେ
ଆଉ ମନେ ମନେ କାମନା କରୁଥିବେ,
ମିଳନ୍ତାକି ପ୍ରେମ ଆମକୁ ଠିକ୍ ଏ ଦୁହିଁଙ୍କ ପରି ।
ହେଲେ ସତେ କଣ ତୁମକୁ ପାଇପାରିବି ଏକାନ୍ତରେ
ମନ ମୋର ଥରହର ହୁଏ ପାପ ଆଶଙ୍କାରେ
ଦେଖିଣ ମୋର ବିଷାଦ ବଦନ
ପଚାରନ୍ତି ପ୍ରଶ୍ନ ଏ ଜଗତ ଏ ପ୍ରାଣୀଗଣ
ପଦ୍ମିନୀ କୋଳକୁ କଣ ଚିରଦିନ ପାଇଁ ଫେରିବେ ଅରୁଣ ?

ପି.ଜି.ଓଡ଼ିଆ, ପ୍ରଥମ ବର୍ଷ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

ISSN NO.
2582-208X

# ମୃତ୍ୟୁର ସମୀକ୍ଷା



ପୂଜା ସାହୁ

ମୃତ୍ୟୁ ପ୍ରତ୍ୟେକ ଜୀବନର ଏକ ପରୀକ୍ଷା
ସେ ପରୀକ୍ଷା ହୋଇଥାଏ ଜୀବନର ଆଖ୍ୟା
ପ୍ରତି ମୁହୂର୍ତ୍ତରେ କେବଳ ଅପେକ୍ଷାହିଁ ଅପେକ୍ଷା
ଅପେକ୍ଷାରେ କେବଳ ଥାଏ ମୃତ୍ୟୁର ବାଖ୍ୟା
ମୃତ୍ୟୁକୁ ନେଇ ହୁଏ କେତେଯେ ସମୀକ୍ଷା.....

କ'ଣ ଜୀବନରୂପି ପରିକ୍ଷାପତ୍ରରେ
କପି ଏକମାତ୍ର ସୁରକ୍ଷା ?
ବୋଧହୁଏ ନା !
ତେବେ କିପରି ହେବ ମୃତ୍ୟୁର ଉପେକ୍ଷା.....
ମୃତ୍ୟୁତ ଅଭିସାରିକା ନାୟିକା
ଟାଣିଦିଏ ମିଛ, ମାୟାର ସ୍ୱପ୍ନ ଯବନିକା
ମୃତ୍ୟୁ କେବେ କୁହୁକିନୀ କନ୍ୟା, ତ ପୁଣି ମିଠା ବନ୍ୟା
ପୁଣି କେବେ କୋକିଳ କୁହୁତାନର କ୍ରାନ୍ତିମୟୀ ମୂର୍ଚ୍ଛନା......
ମୃତ୍ୟୁର ସାଗରରେ ହଜେଇ
ସ୍ତ୍ରୀ କ୍ରନ୍ଦନ କରେ ନିଜ ସିନ୍ଦୂର ବିନା

ISSN NO.
2582-208X

ମା ଠାରୁ ପୁତ୍ର କୁ ଛଡେଇ
ମୃତ୍ୟୁ କେବଳ ଅପବାଦ ପାଏ ସିନା...

ମାତ୍ର, ମୃତ୍ୟୁତ ଅସହ୍ୟ ନିରାଟ ସତ୍ୟ
ଦିନେନାଦିନେ ସମସ୍ତେ ଭେଟିବାକୁ ବାଧ୍ୟ
କିନ୍ତୁ କେବଳ ଏତିକି ପାର୍ଥକ୍ୟ
କିଏ ବୟସ୍କ, କିଏ ବୃଦ୍ଧ ପୁଣି କିଏ ବାଲ୍ୟ......

ବେଦ, ଇତିହାସ, କିମ୍ବଦନ୍ତୀ, ସାହିତ୍ୟ, ପୁରାଣ
ସବୁଥିରେ ରହିଛି ମୃତ୍ୟୁର ଉଦାହରଣ
ପୁରାଣର ମହାପ୍ରତାପୀ ଶ୍ରୀକୃଷ୍ଣ, ଅର୍ଜୁନ
ପୁଣିଭୀଷ୍ମ, ଦ୍ରୋଣ, ଦୁର୍ଯୋଧନ, କର୍ଣ୍ଣ
ସଭିଏଁ ଶେଷରେ କଲେ ମୃତ୍ୟୁକୁ ବରଣ....

ଛାର ମନୁଷ୍ୟ କିକରିପାରେ ମୃତ୍ୟୁଠାରୁ ଜୟ
ମୃତ୍ୟୁତ ଅପ୍ରିୟ ସତ୍ୟ ନିଶ୍ଚୟ
ପାପ, ଲୋଭ, ମୋହ, ମାୟା ଘଟାନ୍ତି ମଣିଷର ବିଲୟ
ସତ୍ୟ, ପୂଣ୍ୟପଥ ହିଁ ମୃତ୍ୟୁକୁ ବିଜୟର ଉପାୟ....

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଓଡ଼ିଆ ବିଭାଗ (ପ୍ରଥମବର୍ଷ), ଭୁବନେଶ୍ୱର

ISSN NO.
2582-208X

# ଫୁଲେଇ କଇଁର ପ୍ରେମ



ଗାୟତ୍ରୀ ବେହେରା

କ୍ଷଣଦା ଅଙ୍କେଶୂନ୍ୟେ ଅବିଳମ୍ବେ
ଉଇଁଉଇଁଆ ସେ ପୂର୍ଣ୍ଣମୀ ଇନ୍ଦୁ
କାସାର ବାସରେ ଲାଜେ ହସିଦିଏ
ତନ୍ୱୀ କୁମୁଦିନୀ ଦେଖି ଚନ୍ଦ୍ରକୁ ।।

ଜହ୍ନ ଯୋଛନାରେ ହେବାକୁ ସ୍ନାତା
ପ୍ରକାଶଇ କୁମୁଦ ହୋଇ ଅଧିର
ଅପେକ୍ଷାରେ ଏବେ କ୍ଷୀଣ ଏତନୁ
ଆଉ ଲୁଚକାଳି ଖେଳନାହିଁ ଶଶଧର ।।

ଅଭିଯୋଗେ ପୁଣି କୁହେ କେତେକଥା
ମିଛେମିଛେ ରାଗି ଶଶୀ ଉପରେ
କଳାକାର ପୁଣି ପ୍ରିୟାକୁ ମନାଏ
ରାଗରୁଷା ସବୁ ଯାଆନ୍ତୁ ଦୂରେ ।।

ଧିରେଧିରେ ବଢେ ଯାମିନୀ କାଳ
ସୋମ ଆଭାରେ ସୁମ ହୁଏ ଅଥୟ
ତନୁ ଜରଜର ଅଧର ଅସ୍ଥିର
ଆବେଗେ କମ୍ପଇ ତାର ହୃଦୟ ।।

ISSN NO.
2582-208X

ବିଧୁ ଗୃହିଁ ଅଭିମାନ ନଏ ମେଲ୍‌ଣି
ଅବଗୁଣ୍ଠନ ଛାଡେ ରୂପସୀ ଗୁଣି
ସାଇତା ଶୃଙ୍ଗାର ଢାଳ କଲ୍ଲୋଳତେ
ସମୀରେ ନାଚଇ ଫୁଲେଇଗ୍ରଣୀ ।।

ମିଳନର ଏଇ ଅଭୁଲ୍ ବେଳାରେ
ଦୁହେଁ ହୋଇ ପୁଣି କେତେ ଚପଳ
କରନ୍ତୁ ଯେ କେତେ ପୀରତି ଆଳାପ
ମୃଦୁମୃଦୁ ହସି ପ୍ରେମି ଯୁଗଳ ।।

ଚୁପିଚୁପି କାନେ ପୁଣି କୁହେ ମଧୁରେ
ଝାଉଁଳେ ଉତ୍ତାପେ ପାଇ ରବିକର
ଯାଅନାହିଁ ଆଜି ପ୍ରିୟହେ ମୋର
ଆଉ ଘଡ଼ିଏ ଅଟକଯାଅ ସୁଧାକର ।।

ଢଳେ ନଶିସରେ ଆୟୁଷ ତାର
ଦ୍ୱିଗୁଣ ହୁଅଇ ଦୂରତା ଦୁଇ ମନର
ବୀରହି ହୃଦୟ କାତରେ କୁହେ
ଗ୍ରହ କଇଁ ପ୍ରେମ ଚର ଅମର ।।

ସ୍ନାତକୋତ୍ତର ପ୍ରଥମବର୍ଷର ଛାତ୍ରୀ
ଓଡ଼ିଆ ଭାଷା-ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ସ୍ୱାଧିନତା ଦିବସ



ବିଷ୍ଣୁପ୍ରିୟା ଦାସ

ଜୟ ହିନ୍ଦୁସ୍ତାନ ଜୟ ହିନ୍ଦୁସ୍ତାନ
ଧ୍ୱନରେ କମ୍ପଇ ଦେଶ,
ତିନରଙ୍ଗେ ରଙ୍ଗା ଉଡୁଛି ନିରଙ୍ଗା
ଜାଗ୍ରତ ପ୍ରେମରେ ଦେଶ !!

ଶାନ୍ତ, ମୈତ୍ରୀ, ପ୍ରୀତି ବାଣ୍ଟୁ ତୁ ଏମିତି
ଇତିହାସ ତୋ ଅକ୍ଷୁର୍ଣ୍ଣ,
ଦେବ ମୁନଋଷି ବୀର ମହାବୀର
ଏଠି ନେଇଛନ୍ତ ଜନ୍ମ !!

ଯାହାର ଜବାନ ଉତ୍ସର୍ଗ ଜୀବନ
କରେ ମାଟି ମା' ପାଇଁ,
ଯୁଗେ ଯୁଗେ ପାଇଁ ଅମର ହୋଇଲେ
ସୁଯୋଗ୍ୟ ସନ୍ତାନ ପାଇଁ !!

ଆଜାଦିନର ନଶା ସଭିଙ୍କ ହୃଦୟେ
ଜାଗ୍ରତ ଦେଶର ପ୍ରେମ,
ଜନନୀ ଆଖି ଲୁତକ ପୋଛି
ରଖିଲେ ତାର ନାମ !!

ହୀରାପୁର, ଭୁବନେଶ୍ୱର, ଖୋର୍ଦ୍ଧା

ISSN NO.
2582-208X

# ଅବଶୋଷର ତୃଷ୍ଣା



ଶୁଭଲକ୍ଷ୍ମୀ ସାହୁ

ମଣିଷର ଅବଶୋଷ ଅତୃପ୍ତ ତୃଷ୍ଣାପରି
ପାଖରେ ସବୁ ଥାଇବି ଲାଗେ ନଥିଲା ପରି,

ଗରିବ ଲୋକର ଅବଶୋଷ ଧନୀ ହେବ କିପରି
ଧନୀର ଇଚ୍ଛା ଅଧିକ ଧନ ମିଳିବ କିପରି,

ପିଲାଟିର ଇଚ୍ଛା ଅଧିକ ମାର୍କ ଆଣିବ କିପରି
ଅଧିକ ମାର୍କ ଆଣିଲେ ଇଚ୍ଛା ପ୍ରଥମ ହେବ କିପରି,

ଛାତ୍ରଟିର ସ୍ୱପ୍ନ ଭଲ ଚାକିରିଟେ ପାଇଁ
ଚାକିରି ପାଇଲେ ଇଚ୍ଛା ଅଧିକ ଦରମା ପାଇଁ,

ଅନ୍ୟର ଜିନିଷକୁ ଦେଖି ଏମିତି ବଢ଼ିଯାଏ ଅବଶୋଷ ମଣିଷର
ମେଣ୍ଟାଇବାକୁ ଅବଶୋଷର ତୃଷ୍ଣା ଭୁଲିଯାଏ ଖୁସି ନିଜର,

ନିଜର ସାମର୍ଥ୍ୟକୁ ନେଇ ମିଳୁଥିବା ଜିନିଷରେ କଲେ ଆଦର
ମେଣ୍ଟିପାରିବ ଅବଶୋଷର ତୃଷ୍ଣା ଆମର ।

କଟକ/ମୋ:- ୯୩୩୭୫୨୧୬୮୩

ISSN NO.
2582-208X

# ଅନ୍ଧ ପ୍ରେମିକ



ସିଦ୍ଧେଶ୍ୱର ତ୍ରିପାଠୀ

ଏମିତି କ'ଣ ପ୍ରେମ କରାଯାଏ । ଯିଏ ଶୁଣିବ ମଥା ଘୁରିଯିବ । ଚାରି ଚାରିଟା ପିଲା ସମସ୍ତେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପୁଣି ଗୋଟିଏ ପ୍ରେମିକା ପାଇଁ । ସେ ପ୍ରେମିକାବି ଧନ୍ୟ ଯିଏ ଗୋଟିଏ ନୁହଁ ଦିଇଟା ନୁହଁ ଚାରିଜଣଙ୍କୁ ଭଲପାଇଛି। ସତ କି ମିଛ କେଜାଣି ଆଜି ଗାଁ ଛକରେ ଚା ଖଟିରେ ସମସ୍ତଙ୍କ ମୁହଁରେ ଏଇ ହାଇବ୍ରିଡ଼ ପ୍ରେମର ଚର୍ଚ୍ଚା।

ବୁଝୁ ବୁଝୁ କଥାଟା ସତ ଏଇ ଓଡ଼ିଶାର ଘଟଣା ପରା । ଆଜିର ସବୁ ଖବର କାଗଜରେ ବାହାରିଛି । ଚାରି ଚାରିଟା ଭେଣ୍ଡିଆ ପିଲା ମରିଗଲେ । ସମସ୍ତଙ୍କ ମନଦୁଃଖ ଯେ, ହେଲେ ଯୋଉଥି ପାଇଁ ମଲେ ସେ ଘଟଣା ଗୋଟେ ଅଯାଚିତ ହାଶ୍ୟ ରୋଳ ସୃଷ୍ଟି କରୁଛି ।

ଝିଅଟି କୁଆଡେ ଭାରି ସୁନ୍ଦରି ଆଉ ଗୀତ ନାଚ ଆଉ ଭଲ କଥା କୁହା ଗୁଣ କୁଆଡେ ତା ପାଖରେ ଖୁନ୍ଦି ହୋଇ ରହିଛି । ନାଁଟି ତା'ର ଜିନା । କଲେଜର ଝିଅ ମାନଙ୍କ ଗହଳି ଭିତରେ ବହୁ ଦୂରରୁ ବି ସେ କୁଆଡେ ବାରି ହୋଇପଡେ । ଏଇ ବାରି ହୋଇ ପଡିବା ଗୁଣ ଯୋଗୁଁ କଲେଜର ଅନେକ ପୁଅଙ୍କ ନଜର ଜିନା ଉପରେ । କେତେ ପ୍ରେମ ନିବେଦନ ଅନୁରୋଧ ଆଖିର ଇଶାରା ଆଉ ଉପହାର ଏସବୁ ଘଟଣା ଜିନାର ନିତି ଦିନିଆ କଥା । ଏମିତି କେତେ ଜଣଙ୍କୁ ସେ ବିରୋଧ କରି ଆସୁଥିଲା । ହେଲେ ଧିରେ ଧିରେ ଜଣେ ଆଉ ଜଣେରୁ ଚାରିଜଣ ଙ୍କୁ ନିଜର ପ୍ରେମ ଜାଲରେ ଫସେଇ ସେମାନଙ୍କଠୁ ଅନେକ ଅର୍ଥ ଆଉ ଉପହାର ହାତେଇ ସାରିଛି ଜିନା ।

ରାତି ରାତି ଘଣ୍ଟା ଘଣ୍ଟା ଫୋନ ରେ କଥା ହେବା ଆଉ ଆଜି କାଲିକା ଫେସବୁକ ହ୍ୱାଟ୍ସଆପ ଚାଟିଙ୍ଗ ଆଉ ଭିଡିଓ କଲରେ ଆଜି ୟାକୁ ତ କାଲି ତାକୁ ଟିକିଏ ଜାମା କାଢି ଦେହରୁ

ISSN NO.
2582-208X

ଫାଳେ ଦେଖେଇ ଦେଲେ ସେ ପ୍ରେମିକ ମାନେ ଭାରି ଖୁସି । ସତ କେବେ ଲୁଚି ରହେନା । ଚୋର ଘର ସବୁବେଳେ ଅନ୍ଧାର ନଥାଏ । କଥାଟା ସମସ୍ତଙ୍କ ପାଖରେ ଧରା ପଡିଗଲା । ଚାରିଜଣ ପ୍ରେମିକଙ୍କ ଭିତରେ କଥା କଟାକଟି ଯୁକ୍ତିତର୍କ ଲାଗିଲା । ସଭିଙ୍କ ମୁହଁରେ ସେଇ ଗୋଟିଏ କଥା ସିଏ କେବଳ ମୋର । ତୁମେ ମାନେ ତାକୁ ଭୁଲିଯାଅ । କେହି କିଛି ବୁଝିବାକୁ ନାରାଜ ଶେଷକୁ ଏଇ ନିଷ୍ପତି ସମସ୍ତଙ୍କର ସମୂହ ବିଷପାନ । ଯିଏ ବଞ୍ଚିବ ଜିନା ତାର ହବ କଥା ଶେଷ ।

କଥା ତ ଯାହା ଶେଷ ହେଲା ହେଲା ଅକାରଣରେ ବିଚାରା ଚାରି ଚାରିଟା ଜୀବନ ଚାଲିଗଲା। ଗୋଟିଏ ହାତ ଲେଖା କାଗଜରୁ ଏସବୁ ଘଟଣା ଧରା ପଡିଲା ଯୋଉଥିରେ ସେ ଝିଅର ନାଁ ଠିକଣା ଫୋନ ନମ୍ବର ବି ଲେଖା ଅଛି । ଏବେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଚାରୋଟି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ନିଜଆଡୁ ଏକ ମାମଲା ରୁଜୁ କରି ଖାନ ତଲାସ ଚଳାଇଛି । ଦୋଷୀକୁ କଠୋର ରୁ ଅତିକଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି । ଏଣେ ଚାରି ଚାରିଟା ପରିବାର ନିଜ ପୁଅ ମାନଙ୍କୁ ହରାଇ କିଭଳି ଅବସ୍ଥାରେ ଥିବେ ଆହା । ଏଇ ଗଣ ମାଧ୍ୟମରୁ ଖବର ପାଇ ସେଇ ପିଲାମାନଙ୍କ ଘର ଲୋକ ମଧ୍ୟ ସେଇ ଗୋଟିଏ ଝିଅ ନାଁ ରେ ଭିନ୍ନ ଭିନ୍ନ ଥାନାରେ ଅଭିଯୋଗ କରିଛନ୍ତି ।

ଇଏ କି ଯୁଗ ହେଲା ଏ ଭଳି ଘଟଣାରୁ ପିଲା କ'ଣ ଶିଖିବେ । ହ ଗୋଟେ ହାତରେ କୋଉ ଅବା ତାଳି ବାଜେ । ଯୁବ ପିଢ଼ି ଏଇ ପ୍ରେମ ନିଶାରେ ନିଜର ପରିବାର ଭବିଷ୍ୟତ ଏମିତିକି ନିଜ ଜୀବନକୁ ବି ନଷ୍ଟ କରିଦିଅନ୍ତି। ଆଉ ସେ ଜିନା ର ଅବସ୍ଥା କ'ଣ ହବ କେଜାଣି । କାଲି ଆଡ଼କୁ ସବୁ ଗଣ ମାଧ୍ୟମରୁ ଜଣା ପଡିବ ଯେ ।, ହଉ ମୁଁ ଯାଉଛି ପରିବା ପତ୍ର କିଣିବି ଆପଣମାନେବି ନିଜ ନିଜ କାମରେ ବ୍ୟସ୍ତ ରୁହନ୍ତୁ ।

ଆଉ ହଁ ଏଇ ଅନ୍ଧ ପ୍ରେମିକର ମନକଥା କୁ ସମସ୍ତେ ବୁଝି ପାରନ୍ତିନି ସତରେ, ଏମିତି ଅନ୍ଧ ପ୍ରେମିକ ହବାଟା କ'ଣ ଭଲ କଥା କି ?

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
7008315040

ISSN NO.
2582-208X

# ଋତୁରାଜ ବସନ୍ତ



ଡ. ଅର୍ଜୁନ ଚରଣ ବାରିକ୍

ଗ୍ରୀଷମ ପୁରୋଭାଗେ ଯାର ।
ଷଟପଦ ମୋଦେ ବିଭୋର ।।
ମର ଜଗତେ ଋତୁ ସାର ।
ବନ ଉପବନ ସୁନ୍ଦର ।।
ରମାରମଣ ବିମାନର ।
ଷାଠିଏ ପୌଟି ଯା ଆହାର ।
ଶରଣ ସୋଦର ଶ୍ରୀଧର ।।
ରମନ୍ତି ରାଧା ସହିତର ।
ତରକକୁ ମାଧବ ଦୂର ।।
ହେନା ମାଳତୀ କରବୀର ।।
ମଙ୍ଗଳେ ସକଳେ ବିଭୋର ।
ତନୁ ମନର ମୋଦକର ।।
ଶୀତ ଅନ୍ତେ କୁସୁମା କର ।
ତପନ ତାପ ନାହିଁ ଖର ।।
ଋତୁ ସମ୍ରାଟ ର ବେଭାର ।
ତୁଷ୍ଟ କୁସୁମେ ମଧୁକର ।।
ରାଧାରାଣୀ ମୂରଲୀଧର ।
ଜନ ମନ ପାବନ କର ।।୯।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# କାଳିଆ



ବିଜୟଲକ୍ଷ୍ମୀ ସାମଲ

ତୁ ଅଛୁ ବୋଲି ମୁଁ ଅଛି,
ପ୍ରତିଟି ମୁହୂର୍ତ୍ତରେ ତତେ ଅନୁଭବ କରୁଛି।
ମାୟାଧର ଏମିତି ମାୟା ସେ କରିଛି
ନା କିଏ ସେ ମାୟାକୁ ବୁଝିପାରିଛି,
ନା ତାକୁ ଛାଡ଼ି କିଏ ରହିପାରିଛି।

ଧର୍ମର ନିକିତି ଧରି ଜଗତ ପାଳନ କରୁଛୁ,
ଅଧର୍ମ ସଂହାର କରି ଧର୍ମର ପ୍ରତିଷ୍ଠା କରୁଛୁ ।
ଭୋଗ ଫୁଲ ଦେଇ କେହି ତତେ ପାଇ ପାରିନାହିଁ,
ନିର୍ମଳ ଭକ୍ତି ନୈବେଦ୍ୟ ଯିଏ ତତେ ଦେଇ ପାରିନାହିଁ ।

ଭକ୍ତ ମଧ୍ୟେ ଉଚ୍ଚ-ନୀଚ ଦେଖି ନଥାଏ ସେ,
ଅସୀମ ଭକ୍ତି ଭାବନାକୁ ମାପି ଥାଏ ସେ ।
ଚକା ଚକା ଆଖିରେ ସେ ଜଗତ ଦେଖୁଛି,
ବିଚାରକ ହୋଇ ସବୁ ବିଚାର କରୁଛି ।

ISSN NO.
2582-208X

ତାପାଇଁ ସବୁ ଅସମ୍ଭବ ସମ୍ଭବ ହୋଇଛି,
ଅପଲକ ନୟନରେ ସବୁ ସେ ଦେଖୁଛି ।
ନଟବର ନାଗର ସେ,
କପଟିଆ ଦିଅଁ ସେ ।

ସବୁ ଜାଣିଶୁଣି ସେ ବୋଲାଏ ଅଜଣା,
ଜରା ଶବର ତା ପାଦେ ଶରବିଦ୍ଧ କଲା ଏହା ନଥିଲା କି ତାକୁ ଜଣା ?
ଯବନ ଭକତ ଡାକରେ ରଥେ ଅଧା ବାଟେ ଅଟକିଛି,
ତା ଭକ୍ତର ଜାତିଭେଦ ସେ କେବେ ନଦେଖିଛି ।

ଶବରୀ ହାତରୁ ଅଇଁଠା କୋଳି ସେ ଖାଇଛି,
ବନ୍ଧୁ ସୁଦାମାଙ୍କ ଖୁଦଭଜାକୁ ଚାତକ ପରି ସେ ଚାହିଁଛି ।
ଏ କାଳିଆ,
କିଏ ମାପି ପାରିବ ତୋ ପାରିବା ପଣିଆ ।

ସ୍ନାତକୋତ୍ତର ପ୍ରଥମ ବର୍ଷର ଛାତ୍ରୀ
ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଏଇତ ଶ୍ରାବଣ ଅଧାହେଲା



ବିଶ୍ୱନାଥ କର

ଏଇତ ଶ୍ରାବଣ ଅଧାହେଲା
ଧାର୍ ବର୍ଷାରେ ତଥାପି ଭିଜିନ ତମ କବରୀ
ଟପ୍ ଟପ୍ ଝରୁନ କେତକୀ ପାଖୁଡାରୁ ପାଣି
ଭେଲଭେଟ୍ ଗୃଦର ଘୋଡି ହୋଇ
ଘାସ ପଡିଆରେ ଖେଳୁଥିବା ସାଧବ ବୋହୂ
ଏବେବି ଆଶା ଆଶଙ୍କାରେ ।

ଏଇତ ଶ୍ରାବଣ ଅଧାହେଲା
ତମ ଓଦା ହସରେ ଶୁଖିଲା ବାଦଲର ଲହଡି
ତମ ଅଦୃଶ୍ୟ ଲୁହରେ ବୋଝେ ନୈରାଶ୍ୟର ଭଗ୍ନସ୍ତୁପ
ଗୃରି ଚଇତା ହୋଇ ପଡିଛି ଡାହୁକର ଉଷୁମ ସ୍ୱପ୍ନ
ବର୍ଷିବ ବର୍ଷିବ ହୁଏ ଯେତେ ପୂର୍ବ ନଭ
ଫିକା ଫିକା ଲାଗେ ସବୁ ତାର ସଜବାଜ ।

ଏଇତ ଶ୍ରାବଣ ଅଧାହେଲା
କେବେ ପାଖେଇ ଆସେତ କେବେ ପୁଣି ଦୂରେଇ ଯାଏ
ପହିଲି ବର୍ଷାର ମାଟିର ବାସ୍ନା
ତମ ଓଦା ପାଦର ଛାପରେ ନେସି ହୋଇ ଯିବବୋଲି
ଆକାଙ୍କ୍ଷିତ ସୂର୍ଯ୍ୟମୁଖୀ କୋହଲ ପବନେ

ISSN NO.
2582-208X

ଶୋଷ ରେ ଆକାଶକୁ ଗୁହିଁଛି ଗୃତକ
ହେଲେ ଶ୍ରାବଣର ବର୍ଷା ନାହିଁ
ମେଘୁଆ ବାଦଲ ନାହିଁ ।

ଶୁଖିଯାଇଥିବା ତମ ପାଦ ଛାପରେ ଚହ୍ନିତ ଗ୍ରାମ୍ୟପଥ
ଏକ ଚରନ୍ତନ ନାରୀ ପରି
ତମେ ଗୋଟେଇ ଗୃଲ
ଆଦି ରସାତ୍ମକ ଯମକ ରେ ପ୍ରହର ଗଣିଗୃଲ
ଏଇ ଆସିବ ଶ୍ରାବଣ
ତମେ ପୁଷ୍ପବତୀ ହେବ ବର୍ଷାରେ ଭିଜିବ
ଅଳସୀ ନଦୀଟେ ହୋଇ ବହିଯିବ
ସାଗର ଖୋଜିବ ।

ଏଇତ ଶ୍ରାବଣ ଅଧାହେଲା
ତଥାପି ବର୍ଷୁନ ଆକାଶ
ଭିଜୁନ ମାଟି
ଶୁଭୁନ ରିମ୍ ଝିମ୍ ବର୍ଷାର ସ୍ୱର
ତମ ଗଢୁଥିବା ସ୍ୱପ୍ନ ସବୁ
ପାଂଡୁର ନୀରବ
ତମେ ଏବେ ନର୍ବାକ ପକ୍ଷୀଟିଏ
ମଝି ଶ୍ରାବଣରେ ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ହଁ ଝିଅଟିଏ ମୁଁ



ସିମ୍ରନ୍ ସାହୁ

ଦଶ ମାସ ଦଶ ଦିନ ମାତୃ ଗର୍ଭରେ ରହି ଭୂମିଷ୍ଠ ହେଇଥିବା
ଝିଅଟିଏ ମୁଁ
ମା କୁ ପ୍ରଥମ ଥର ମାତୃତ୍ୱର ସୁଖ ଦେଇଥିବା
ଝିଅଟିଏ ମୁଁ
ବାପାଙ୍କ ଜୀବନରେ ତୃତୀୟ ଦେବୀ ହୋଇ ପାଦ ରଖିଥିବା
ଝିଅଟିଏ ମୁଁ
ପରିବାର ଲୋକଙ୍କ ସ୍ନେହ ଆଦର ପାଇ ବଢିଥିବା
ଝିଅଟିଏ ମୁଁ
ବାପାଙ୍କ ଆଗରେ ଅଳି କରୁଥିବା
ଝିଅଟିଏ ମୁଁ
ବୟସର ଅପରାହ୍ନରେ ନିଜକୁ ବୁଝିପାରିଥିବା
ଝିଅଟିଏ ମୁଁ
ବାପା ମାଙ୍କ ସ୍ୱପ୍ନ ପୁରଣ ପାଇଁ ଘରଠାରୁ ଦୂରରେ ରହି ଶିକ୍ଷିତା ହୋଇଥିବା
ଝିଅଟିଏ ମୁଁ
ଘରଠାରୁ ଦୂରରେ ରହି ଅନେକ ଲୋକଙ୍କ ସହ ଖାପଖୁଆଇ ଚଳି ପାରୁଥିବା
ଝିଅଟିଏ ମୁଁ

ISSN NO.
2582-208X

ସମୟର ଗତି ସହିତ ନିଜର ପରିଚୟ ସୃଷ୍ଟି କରିପାରିଥିବା
ଝିଅଟିଏ ମୁଁ
ପରିବାର ପ୍ରତି ଥିବା ମୋ କର୍ତ୍ତବ୍ୟ ପାଳନ କରିପାରିଥିବା
ଝିଅଟିଏ ମୁଁ
ଜନ୍ମଠାରୁ ଆଜି ପର୍ଯ୍ୟନ୍ତ ଅତି ସ୍ନେହ ଆଦରରେ ପରିବାରରେ  ବଢିଥିବା
ଝିଅଟିଏ ମୁଁ
କିନ୍ତୁ, ଆଜି ସେହି ସ୍ନେହ ଆଦରରୁ ମୁକ୍ତି ପାଇ ଆଉ କାହାଘରର
ବୋହୂଟିଏ ହେଇଛି ମୁଁ ।

ସ୍ନାତକ ତୃତୀୟ ବର୍ଷ ଛାତ୍ରୀ
ଓଡିଆ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ଆମ ଗାଁର ଦେବୀପୀଠ



ଦୀନବନ୍ଧୁ ବେଜ

## ମା ବୁଢୀ ମଙ୍ଗଳାଙ୍କ ଝାମୁ ଯାତ୍ରାର ମହିମା

ବାସୁଦେବ ପୌରପାଳିକା ଅନ୍ତର୍ଗତ ୧୮ନଂ ୱାଡ଼ ଗୁଆଗାଁ ରେ ମା'ଙ୍କ ପୀଠସ୍ଥଳୀ। ମାତ୍ର ୧୯ନଂ ବାଷଠୀ, ରାଧାବଲ୍ଲଭ ପୁର, ବଂଶୀ ପାଟଣା, ଭୈରବପୁର, ବାଖରପୁର, ଜାଫରପୁର, କାଳିଦାସପୁର, ନରସିଂହପୁର ଓ ସମିଆଁ ପରି ଗାଁର ପ୍ରତ୍ୟେକ ବାସିନ୍ଦା ମାନଙ୍କ ପ୍ରାଇଁ ନିଜର ଗ୍ରାମ ଦେବତୀ ତୁଲ୍ୟ ଅଟନ୍ତି ମା'। ଏଠାରେ ମା ମଙ୍ଗଳାଙ୍କ ବିନା ପତ୍ରଟିଏ ବି ହଲେନି । ମହା ବିଷୁବ ସଂକ୍ରାନ୍ତ ବା ପଣା ସଂକ୍ରାନ୍ତିରେ ମା' ଙ୍କର ଉଭା ଯାତ୍ରା, ଘରେ ଘରେ ବନ୍ଧୁବାନ୍ଧବ ସାଇ ପଡ଼ିଶା ପିଠା ପଣାରେ ମହକି ଉଠେ ଏହି ଅଂଚ଼ଳରେ ଏହି ସମୟରେ ।

ରାଧାବଲ୍ଲଭ ପୁର ଗ୍ରାମ ମଧ୍ୟସ୍ଥ ବିରାଜମାନ ଶିଦ୍ଧେଶ୍ୱର ମହାଦେବ ମନ୍ଦିରରୁ ପ୍ରାୟ ପନ୍ଦର ଦିନ ପୂର୍ବରୁ ସେବାୟତ, ବ୍ରାହ୍ମଣ ମାନଙ୍କ ଆବାହନରେ ମା'ଙ୍କ ଘଟ ଉଠେ, ତାପରେ ମୁଖ୍ୟ ଘଣ୍ଟପାଟୁଆ ପାଳି ସେବାୟତଙ୍କ ଦ୍ୱାରା ନିକଟସ୍ଥ ଗାଁକୁ ଗାଁ ମା ବିରାଜ ମାନ କରନ୍ତି, ଘଣ୍ଟ ଘଣ୍ଟା ବାଜା ସାଙ୍ଗରେ ମାଙ୍କ ଭ୍ରମଣ ଭକ୍ତଙ୍କ ମନରେ ଉନ୍ମାଦନା ଭରିଦେଇ ଥାଏ । ତାପରେ ମାନସିକ ପାଟୁଆ ମାନେ ଅରୁଆ ଅନ୍ନ ସେବନ କରି ମାଙ୍କ ପାଟୁଆ ହେବାର ସୌଭାଗ୍ୟ ଲାଭ କରିଥାଆନ୍ତି । ମହାବିଷ୍ଣୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ଦିନ ମା'ଙ୍କ ପୀଠ ସକାଳ ଠାରୁ ସମାଗମ ଆରମ୍ଭ ହୋଇଯାଏ ।

ISSN NO.
2582-208X

ଏଣୁ ରାତ୍ର ତିନିଘଡି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ସିନ୍ଦୁର ଲାଗି ପରେ ପ୍ରାରମ୍ଭିକ ସମୟରେ ସକାଳ ଧୂପ କରାଯାଏ ଏବଂ ବନ୍ଦାପନା ଆଳତୀ ପରେ ସର୍ବସାଧାରଣ ଦର୍ଶନ ପାଇଁ ଦ୍ୱାର ଫିଟାଇ ଦିଆଯାଏ। ଏବଂ ମା ଙ୍କର ଅପୂର୍ବ ବେଶ ଦର୍ଶନ କରିବା ସହ ମନ୍ଦିର ବେଢାରେ ପରିକ୍ରମା ସହ ଶ୍ରଦ୍ଧାଳୁ ହୃଦୟର ସହ ମା ଙ୍କର ପୂଜା କରିଥାନ୍ତି, ସିଂହାଡ ବେଶ ବା ସୁନା ବେଶରେ ମା ଭକ୍ତଙ୍କ ମନ ମୋହି ନେଇ ଥାଆନ୍ତି । ତୁହାକୁ ତୁହା ତୁରୀ ଭେରୀ ଘଣ୍ଟ ଘଣ୍ଟା।

ପ୍ରାୟତଃ ମଧ୍ୟାହ୍ନ ସମୟରେ ସେବକ ମାନେ ମା' ଙ୍କର ଆଜ୍ଞାମାଳ ପାଇବା ପରେ ଘଣ୍ଟ, ଘଣ୍ଟା, ଢୋଲ ଓ କାହାଳୀ ତୁରୀ ମଧ୍ୟରେ ମନ୍ଦିର ପ୍ରାଙ୍ଗଣ ନିନାଦିତ ହୋଇଥାଏ। ଘଣ୍ଟ ପାଟୁଆ ସେବକ ମାନେ ନିଜକୁ ପାଟୁଆ ବେଶରେ ସଜାଇ ହୋଇଥାନ୍ତି । ମନ୍ଦିର ଫେରିବା ପରେ ଘଣ୍ଟ ପାଟୁଆ ନୃତ୍ୟ କରିଥାନ୍ତି। ପାଟୁଆ ନୃତ୍ୟ ସମାପନ ହେଲା ପରେ। ମାଙ୍କର ସାତ ଭଉଣୀ ଙ୍କର ସାତ କାଳିସୀ(ଦାସୀ) ଲାଗିଥାନ୍ତି, ସାନ ଭଉଣୀ ଙ୍କ ଠାରୁ ଆରମ୍ଭ କରି କ୍ରମାନ୍ନୟରେ କାଳିସୀ(ଦାସୀ) ଲାଗିଥାନ୍ତି । ମା ବୁଢୀ ମଙ୍ଗଳାଙ୍କ ଦାସୀ ଲାଗିବା ପୂର୍ବରୁ ଖେଢ଼େଇଶୁଣୀ ମା'ଙ୍କ ଦାସୀଙ୍କ ଆଗମନ ବେଶୀ ମନୋଜ୍ଞ ହୋଇଥାଏ । ଜନମାନୀ ମାନଙ୍କର ମନରେ ଏକ ଭୟ ବାତାବରଣ ସୃଷ୍ଟି ହୋଇଥାଏ, ଚିତ୍କାର ପରେ ଚିତ୍କାର ଛାଡ଼ି ବେତ ବାଡି ଓ ନିଆଁ ଛେଲୁଆ ଧରି ଯେଉଁ ରୂପ ମା ପ୍ରଦର୍ଶନ କରନ୍ତି ଲୋକମାନେ ଭୟ ପାଇ ଯାଇଥାନ୍ତି । ସେବାୟତ ମାନଙ୍କର ଝୁଣା, ଫୁଲ ପାଣି ଓ ମାଳି ପ୍ରଦାନ ବେଶ ଚିତାକର୍ଷକ ହୋଇ ଥାଏ । ଦାସୀ ମାନେ ମଝିରେ ମଝିରେ ଦାସୀ ଛାଡ଼ିଯିବା ସମୟରେ ଫୁଲ ପାଣି ଦେଇ ଷାଷ୍ଟାଙ୍ଗ କରିବା ଦୃଶ୍ୟ ଅତ୍ୟନ୍ତ ରୋମାଞ୍ଚକର ହୋଇଥାଏ ।

ତାପରେ ସମସ୍ତ ଅପେକ୍ଷିତ ମା' ବୁଢୀ ମଙ୍ଗଳାଙ୍କ କାଳିସୀ ଧରେ, ହରିବୋଲ ହୁଳହୋଳିରେ ପୀଠ ପ୍ରକମ୍ପିତ ହୋଇଉଠେ । ବାଜାବାଲାଙ୍କର ବାଜାର ଶବ୍ଦ ବଢିଯାଏ । ମାଙ୍କର ବିଜେ ଶ୍ରଦ୍ଧାଳୁଙ୍କ ମନରେ ଆନନ୍ଦ ଭରି ଦେଇଥାଏ । ପୀଠରେ ଗାୟକ ମାନଙ୍କ ଗୀତର ତାଳେ ତାଳେ ପାଟୁଆ ଓ ଦାସୀମାନେ ଦଣ୍ଡନୃତ୍ୟ କରିଥାନ୍ତି ।

ISSN NO.
2582-208X

ମଧ୍ୟରାତ୍ରି ସମୟରେ ମହାଦେବଙ୍କ ନିକଟକୁ ଗମନ କରନ୍ତି ସେଠାରେ ପାଟୁଆ ମାନଙ୍କୁ ମନ୍ଥୁରା ଲୁହା କଣ୍ଟାରେ ଫୁଡ଼ା ପର୍ବ ଅନୁଷ୍ଠିତ ହୋଇଥାଏ।

ତାପରେ ମା'ଙ୍କ ପୀଠକୁ ଫେରିପୁଣ୍ଡେ ଦଣ୍ଡନାଚ ଚାଲିଥାଏ । ଫୁଡ଼ା ପାଟୁଆଙ୍କ ଲୁହା କଣ୍ଟାରେ ଦୀପ ଜଳିବା ବେଶି ଚିତାକର୍ଷକ ହୋଇ ଥାଏ । ଭୋର ସମୟରେ ମା ନାନା ବାଦ୍ୟ ମଧ୍ୟରେ ପାଟୁଆ ଓ ଦର୍ଶକ ମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ଉଡ଼ା ପଡ଼ିଆକୁ ଗମନ କରିଥାନ୍ତି । ସେଠାରେ ଆଗରୁ ପ୍ରସ୍ତୁତ ଥିବା ଉଡ଼ା ପାଇଁ ଉର୍ଦ୍ଧଷ୍ଟ କାଠର ଖମ୍ବରେ କାଠପୁଲି ଖଞ୍ଜା ଯାଇଥାଏ ଏବଂ ବାଉଁଶ ଦଣ୍ଡଟିଏ ଲଗା ଯାଇଥାଏ । ଗୋଟେ ପାଖରେ ଲମ୍ବା ଦଉଡି ଥାଏ ଅପର ପାର୍ଶ୍ୱରେ ପାଟୁଆ ଧରି ଝୁଲି ରହିବା ପାଇଁ ଧରିବା ପାଇଁ ବ୍ୟବସ୍ଥା କରା ଯାଇଥାଏ । ମାନସିକ ଫୁଡ଼ା ପାଟୁଆ ଏବଂ ପରେ ଦସୀମାନେ ଭଦ୍ରା ପର୍ବ ଶେଷ କରି ମା'ଙ୍କ ପୀଠକୁ ଆସିଲା ପରେ  ଯାତ୍ରା ସମାପନ ହୋଇଥାଏ ।

ଏହିପରି ଭାବରେ ମା ଙ୍କର ପଣାସଂକ୍ରାନ୍ତି ପାଟୁଆ ଯାତ୍ରା ସମାପନ ହୋଇଥାଏ । ମନ୍ଦିର ନିକଟବର୍ତ୍ତୀ ଦଶଖଣ୍ଡ ଗାଁର ବନ୍ଧୁବାନ୍ଧବ ଝିଅ ଝିଆଣୀ ଆସି ଏହି ଦିନଟିକୁ ଅଧିକ ଆକର୍ଷଣୀୟ କରିଥାନ୍ତି । ନାନା ରକମର ଦୋକାନ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କମିଟି ହାତକୁ ନେଇ ଅଧିକ କ୍ରିୟାଶିଳ କରିଥାନ୍ତି ।

ଜୟ ମା ବୁଢୀ ମଙ୍ଗଳା।

ବାଷଠୀ, ବାସୁଦେବପୁର
ଭଦ୍ରକ, ଓଡ଼ିଶା :-୭୫୬୧୨୫
ସଂପର୍କ :- ୭୬୮୩୯୨୦୨୨୨

ISSN NO.
2582-208X

# ଶୂନ୍ୟସ୍ଥାନ



ଯସ୍ମିତା ପ୍ରଧାନ

ଶୁଣ ସତ କହୁଚି ମୁଁ
ଭଲପାଇନି କେବେ କାହାକୁ
ହଁ ମିଛ କହିବିନି
ଭଲପାଏ ମୋ ମା ଓ ବାପା
ଭାଇ ଭଉଣୀ ଓ ପରିବାରର ସମସ୍ତଙ୍କୁ
ହୃଦୟରେ ଗୋଟିଏ ଶୂନ୍ୟସ୍ଥାନ
ଯାହା ପୂରଣ ହେଇନି ଏବେ
ସେ ସ୍ଥାନର ନାୟକ କିଏ
ମୁଁ ବି ଜାଣିନି ନିଜେ
ଜାଣିବାକୁ ଚେଷ୍ଟା ବି କରିନି
ଆଉ ଖୋଜିନିବି କେବେ
କାହିଁକି ଜାଣିଛ
ଯାର ଯେଉଁଠି ସ୍ଥାନ
ସେ ବିଳମ୍ବ ହେଲେବି ଆସିବ
ହଁ ନିଶ୍ଚେ ଆସିବ
ସେପର୍ଯ୍ୟନ୍ତ କରିବି ଅପେକ୍ଷା
କିନ୍ତୁ ବିଶ୍ୱାସ କର ତା ପୂର୍ବରୁ

ISSN NO.
2582-208X

ସେ ସ୍ଥାନ ଶୂନ୍ୟ ଥିବ
ସେଠି ନଥିବେ କେହି
ସତ କହୁଚି ଆଉ କେହିବି ନୁହଁ
ତା ପୂର୍ବରୁ ବି କେହି ନଥିଲେ
ପ୍ରଥମଥର ଯିଏ ଆସିବ
ସିଏହିଁ ହେବ ଅନ୍ତିମ
କୁହତ କିଏ ସେ ହେବ
ଆରମ୍ଭ ଓ ଅନ୍ତିମର ନାୟକ
ଆଉ ପୂରଣ କରିବ ଏ ଶୂନ୍ୟସ୍ଥାନ ॥

ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ
ଓଡ଼ିଆ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ଫୋନ୍ ନମ୍ବର୍ – 7326837101

ISSN NO.
2582-208X

# ପ୍ରକୃତ ବନ୍ଧୁ

( ରାଗ - ରସକୁଲ୍ୟା )



ନନ୍ଦିଘୋଷ ଭୋଇ

ବିପଦ ସମୟେ ଥାଏ ସେ ପାଖେ
କଟୁ କଥା କେବେ ନ କହେ ମୁଖେ ,
ଭଗାରି ଠୁ ସଦା ରଖଇ ଦୂରେ
ବାନ୍ଧି ରଖିଥାଏ ପ୍ରଣୟ ଡୋରେ ,
ତିଳେ ବିଚ୍ଛେଦ ନ ସହେ ,
ଏହିପରି ବନ୍ଧୁ ଅଟେ କୃପାସିନ୍ଧୁ
ମନେ ରଖିଥିବ ଆହେ ।

ବନ୍ଧୁ ଗୁଣଗାନେ ହୁଏ ସେ ଖୁସି
ଛାଇ ପରି ଥାଏ ସେ ଦିବା ନିଶି ,
ଛଳନା ର ଯହିଁ ନ ଥାଏ ସ୍ଥାନ
ସଦା ରଖିଥାଏ ବନ୍ଧୁର ମାନ ,
ନିଜ ସୁଖ କୁ ସେ ଛାଡ଼ି ,
ଦୁର୍ଦ୍ଦିନ ସମୟେ ବନ୍ଧୁତା ରଥ କୁ
ଆଗେ ନେଇଯାଏ ଭିଡ଼ି ।

ISSN NO.
2582-208X

ମନ ଉପବନେ ସାଜି ଗୋଲାପ
କରିଥାଏ ସଦା ମଧୁ ଆଳାପ,
ବନ୍ଧୁ ପାଇଁ ଲଂଘେ ସେ ବନ ଗିରି
ସଖା ସୁଦାମା କୁ ଯେସନ ହରି,
ମୁଦ୍ରା ର ଦୁଇଟି ପାଶ,
ରାମାୟଣେ ଯେହ୍ନେ  ରାମଙ୍କର ବନ୍ଧୁ
ସୁଗ୍ରୀବ ରଖିଲେ ଯଶ  ।

ଚକ୍ ମକ୍ ଯୋରୀ, ବରଗଡ଼
ମୋ - ୮୧୪୪୦୪୪୮୪୫

ISSN NO.
2582-208X

# ତୁ ଓ ମୁଁ ....



ନନ୍ଦିତା ବଢ଼ାଇ

ତୁ ଶବ୍ଦ ହେଲେ
ମୁଁ ତୋ ନିରବତା
ତୁ ସ୍ରୋତ ହେଲେ
ମୁଁ ତୋ ସ୍ଥିରତା
ତୁ ଅବୁଝା ହେଲେ
ମୁଁ ତୋ ବୁଝିବାର ଠିକଣା
ତୁ ତୃଷ୍ଣା ହେଲେ
ମୁଁ ହେଉଛି ମରୁଭୂମିର ଜଳ
ତୁ ଅମାବାସ୍ୟାର ଅର୍ଦ୍ଧଚନ୍ଦ୍ର ହେଲେ
ମୁଁ ହେଉଛି ପୂର୍ଣ୍ଣମୀର ପୂର୍ଣ୍ଣଚନ୍ଦ୍ର
ତୁ ତିକ୍ତ ହେଲେ
ମୁଁ ହେଉଛି ତୋ ଓଠର ମଧୁରତା
ହେଲେ ତୁ ବହୁତ ବ୍ୟସ୍ତ
ଆଉ ମୁଁ ତୋ ଅପେକ୍ଷାରେ......

କଦଳୀମୁଣ୍ଡା,
ପଡ଼ିଆବହାଲ, ସମ୍ବଲପୁର

ISSN NO.
2582-208X

# ରାଜା ଝିଅ



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

ରାଜା ଝିଅ ଅତି
ସୁନ୍ଦରୀଟା ବୋଲି
ପିଲାଙ୍କୁ ମୁଁ କହିଥିଲି
କାହିଁକି ସୁନ୍ଦରୀ
ଜଣକ ଠାରୁ ମୁଁ
ପ୍ରଶ୍ନଟିଏ ପାଇଥିଲି।

କହିଥିଲି ତାକୁ
ରାଜା ତ ରାଜ୍ୟର
ସବୁଠାରୁ ଶକ୍ତିଶାଳୀ
ତାଙ୍କୁ ଦେଖି ଦେଲେ
ରାଜ୍ୟର ତରୁଣୀ
ଦୀପ ଦେଉଥିଲେ ଜାଳି।

ରାଜକୁମାରଟା
ରୂପରେ କାର୍ତ୍ତିକ

ISSN NO.
2582-208X

ଗୁଣରେ ଗଣେଶ ଥାଏ
ସୁନ୍ଦରୀ ମାନଙ୍କ
ମନରେ କେମିତି
ଶିହରଣ ଟିକେ ହୁଏ।

ରାଜକୁମାରଟା
ଯାହାକୁ ଚାହିଁବ
ତାକୁ ସିଏ ବିଭା ହେବ
ରୂପସୀ ବିଦୁଷୀ
ହୋଇଥିବ ଯିଏ
ତାକୁ ସିଏ ବାଛି ନେବ।

ସବୁଠାରୁ ଯୋଦ୍ଧା
ଗୁଣି ଜ୍ଞାନୀ ଆଉ
ସୁନ୍ଦର ସେ ରାଜାପୁଅ
ତାହା ଠାରୁ ଯେଉଁ
ପୁତ୍ର କନ୍ୟା ହେବେ
କେମିତି ସେ ହେବେ କୁହ ???

ଆମ୍ବଡା ଗଛରୁ
ଆମ୍ବ ହୁଏ ନାହିଁ
ଆମ୍ବ ଗଛୁ ହୁଏ ଆମ୍ବ
ପିତା ଫଳ ସିନା

ISSN NO.
2582-208X

ରୁଚିକର ନୁହେଁ
କାଳିଆ ଶରୀର ଲିମ୍ବା।

ସୂର୍ଯ୍ୟ କିରଣଟା
କାଳେ ବାଜି ଯିବ
କଳା ପଡିଯିବ ଜେମା
ତା ପାଇଁ ଉଆସେ
ସବୁ ଖଞ୍ଜା ଯାଏ
ବାହାରକୁ ଯିବା ମନା।।

ସେଇଥିପାଇଁ ତ
ରାଜକୁମାରୀଟା
ସୁନାଗୋରୀ ସୁକୁମାରୀ
ଲବଣୀ ପିତୁଳା
ଶରୀରଟା ତାର
କେହି ନୁହେଁ ତାହା ସରି।

ମୋ:9937462507

ISSN NO.
2582-208X

# ଭାବ ବିନଦିଆ ଠାକୁର



ରେଖାରାଣୀ ବାରିକ୍

ଜଗା ଜଗା ବୋଲି ତୋତେ ଡାକନ୍ତି ସବୁ
ଦୁଇ ହାତକୁ ଟେକ ଦେଇ,
ଦୁଃଖୀର ଦୁଃଖକୁ ନାଶ କରିବୁ ବୋଲି
ମର୍ତ୍ତ୍ୟକୁ ଆସୁ ତୁ ଓହ୍ଲାଇ ।

କାହିଁ ସେ ଦାସିଆ କାହିଁ ସାଲବେଗ
ଡାକଥିଲେ ତୋତେ ଭକତିରେ,
ଏଡ଼େ ଦୟାମୟ ଠାକୁର ତୁ ସତେ
ଶୁଣିଲୁ ତୁ ତାଙ୍କ ଡାକରେ ।

ଏଡ଼େ ନିରିଦୟ ହେଉ ମୋ ପାଇଁ
ଶୁଭୁନାହିଁ ମୋ ଡାକ ତୋତେ,
ଯେତେ ଡାକଲେ ବିକଳ ହେଇ
ଉତ୍ତର ନ ଦେଉ ମୋତେ ।

ISSN NO.
2582-208X

କେମିତି ଭାଗ୍ୟ ତୁ ଦେଇଛୁ ମୋତେରେ
ଦୁଃଖର ପାହାଡ଼ ଲଦି,
ଥକ ପଡ଼ିଲିଣି ପଥ ଚାଲି ଚାଲି
କେମିତି ଯିବ ଏ ଜୀବନ ବିତି।

ଚକା ଆଖିରେ ତୁ ସବୁ ତ ଦେଖୁଛୁ
ମୋ ଦୁଃଖକ ପାରୁନୁ ଦେଖି,
ଜୀବନକୁ ମୋର ଆଉ ଭରସା ନାହିଁରେ
ତୁ ତୋ ରହିଛୁ ସାକ୍ଷୀ।

ନିଜକୁ ସମର୍ପି ଦେଲି ଆଜି ତୋ ନିକଟେ
ଯାହା ତୁ କରିବୁ ବିଚାର,
ରଖିଲେ ରଖିବୁ ମାରିଲେ ମାରିବୁ
ଏ ସଂସାରରୁ କରିବୁ ପାର।

ମୋ - ୮୪୫୭୮୮୦୯୩୯
ଭୋଗପୁର, ଖଇରା, ବାଲେଶ୍ୱର

ISSN NO.
2582-208X

# ବୃଦ୍ଧାଶ୍ରମରେ ଏକା ଏକା

ଶଙ୍କର୍ଷଣ କର

କାହିଁ କେଉଁ ଦିନରୁ ଉଭେଇ ଯାଇଛି
ମନ ଭିତରେ ଥିବା ପ୍ରେମର ଭାବଟା
ଯେଉଁ ଦିନ ଦେଖିଲି ଜରାଶ୍ରମରେ
ବୃଦ୍ଧ ପିତାମାତାଙ୍କ ଅବସ୍ଥା....!

ପିତା ହୋଇ ଜାଣି ପାରୁଛି
ସନ୍ତାନକୁ ମଣିଷ କରିବାର ବ୍ୟଥା,
ମୁଣ୍ଡର ଝାଳକୁ ତୁଣ୍ଡରେ ମାରିବାର କଳା
ଶିଖି ଯାଇଛି ମୁଁ, ଛାତିକ ପଥର କରିବା ...!!

ନଖାଇ ନପିଇ ପିଲା ମୁହଁକୁ ଦାନା
କିଏ ପାରିବ ଦେଇ ?
ପିତା ମାତା ବିନା କରିପାରିବ କି ତ୍ୟାଗ ??
ଥରେ ପଚାର ତୁମ ଆତ୍ମାକୁ !

ଆଜି ଜରାଜୀର୍ଣ୍ଣ ଅବସ୍ଥାରେ
ଶେଷ ଠିକଣା ହୁଏ ବୃଦ୍ଧାଶ୍ରମ...!!
କେତେଦିନ ଚାଲିବ ଏ ଘଣୀତ ପ୍ରଥା
କେବେ ଶେଷ ହେବଏ ବ୍ୟବସ୍ଥା ।

ISSN NO.
2582-208X

ସଭିଙ୍କ ଆସିବ ଏ ଚତୁର୍ଥ ଅବସ୍ଥା
ସେତେବେଳେ ଭଲ ଲାଗିବକି
ନଜେ ଯେବେ ଅତିଥି ହୋଇବ
ବୃଦ୍ଧାଶ୍ରମରେ ଏକା ଏକା.....!

କମାରପାଳ,କୁଳଅଣା,ମୟୂରଭଞ୍ଜ
9861435467

ISSN NO.
2582-208X

# ସମ୍ପର୍କରେ ପ୍ରେମ ଏକ ପ୍ରଦୂଷଣ ଅଧ୍ୟାୟ



ସୁଶିଲ କୁମାର ଭୋଇ

ବାସ୍ତବ ସମୟରେ ପ୍ରେମ ଏବେ କଳୁଷିତ ବିଷୟ ହୋଇ ଗଲାଣି। ପ୍ରେମ ରୂପକ ସମ୍ପର୍କରେ ଅଧିକାଂଶ ବ୍ୟକ୍ତିଙ୍କ ବିଶ୍ୱାସ ରହୁନି। ଯାହା ଏକ ସମାୟାନୁକ୍ରମ ମଧ୍ୟରେ ଆବଦ୍ଧ ହୋଇ ରହୁଛି। ପୂର୍ବପରି ପ୍ରେମରେ ଆଉ ବିଶ୍ୱାସ, ଭରଷା, ଏବଂ ପବିତ୍ରତା ନାହିଁ। ଯାହା ଫଳରେ ପ୍ରେମ ସମ୍ପର୍କକୁ ହେୟମନେ କରାଯାଉଛି। ସାଧାରଣତଃ ପ୍ରାୟ ଅନେକ ଲୋକ ପ୍ରେମର ପ୍ରକୃତ ଅର୍ଥକୁ ନବୁଝି କଦର୍ଥ କରୁଛନ୍ତି। ପ୍ରେମର ଅର୍ଥ ବ୍ୟାପକ ଏହାକୁ ଅତି ସରଳତାରେ ବୁଝାଇବା ସମ୍ଭବ ପର ନୁହେଁ, ତଥାବି ସଂକ୍ଷିପ୍ତ ଭାବେ ଯଦି ପ୍ରେମକୁ ଆଲୋଚନା କରିବା ତ' ପ୍ରତ୍ୟେକ ଜିନିଷ ପଛରେ ନିଦିଷ୍ଟ ଉଦ୍ଦେଷ ଥାଏ ଓ ପ୍ରତ୍ୟେକ ଉଦ୍ଦେଷର ପ୍ରଣାଳୀ ପ୍ରେମ ସୃଷ୍ଟି କରାଇ ଥାଏ। ଆମେ ସାମାଜିକ ବ୍ୟବସ୍ଥା ମଧ୍ୟରେ ଆବଦ୍ଧ ହୋଇ ରହିଛୁ। ଆବାହମାନ କାଳରୁ ପରସ୍ପର ସହିତ ଜଡ଼ିତ ହୋଇ ରହିଛୁ। ସମାଜରୁ ପରିବାର ଏବଂ ପରିବାରକୁ ବ୍ୟକ୍ତି, ଓ ତହିଁରୁ ଉର୍ଦ୍ଧରୁ ଉଠି ଅନ୍ୟ କୌଣସି ଅଜଣା, ଅଚିହ୍ନା ଜିନିଷ ସାଙ୍ଗରେ ଜଡ଼ିତ ହୋଇ ରହିଥାଉ।

ବାସ୍ତବରେ ପ୍ରେମ ଆମେ କାହାକୁ କହିବା? କୌଣସି ବ୍ୟକ୍ତି, ବସ୍ତୁ, ପଦାର୍ଥ, ବା ଅନ୍ୟ କୌଣସି ଜିନିଷ ପ୍ରତି ଆମ ହୃଦୟରୁ ଉତ୍ପନ ହୋଇଥିବା ଅବେଗକୁ ପ୍ରେମ କହିବା। ପ୍ରେମ ଏକ ଏପରି ଭାବନା ଏହା ମନ ମଧ୍ୟରେ କୌଣସି ସମୟରେ ସୃଷ୍ଟି ହୋଇପାରେ। ମଣିଷ

ISSN NO.
2582-208X

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ନିଦିଷ୍ଟ ସମୟ ଓ ସ୍ତର ଦେଇ ଗତି କରିଥାଏ ସେ ଅନେକ ସମୟରେ ଅନେକ ପ୍ରେମରେ ପଡ଼ିଥାଏ। ଛୋଟ ଥିଲା ବେଳେ ପରିବାରରେ ବାଢ଼ିବା ସମୟରୁ ଆରମ୍ଭ କରି ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ମଣିଷ ପ୍ରେମ କରିଥାଏ। ପ୍ରେମ ମଧ୍ୟ ବହୁତ ଜରୁରୀ ପ୍ରେମ ବିନା ଜୀବନର ମାନେ କିଛି ନାହିଁ । ଜାଣତରେ ହେଉ କିମ୍ବା ଅଜାଣତରେ ହେଉ ସମସ୍ତେ କୋଉଠି ନାଆଁ କେଉଁଠି ପ୍ରେମରେ ପଡ଼ିଥାନ୍ତି। ଗୋଟେ ଛାତ୍ରକୁ ପାଠ ପଢ଼ିବାକୁ ଭଲ ଲାଗେ ଆଉ ସେ ପାଠ ପଢ଼େ ଏଇଟା ତାର ପଢ଼ାପ୍ରତି ପ୍ରେମ। ଜଣେ ଖେଳାଳିକୁ ଖେଳିବାକୁ ଭଲ ଲାଗେ ସେ ଖେଳେ ଏଇଟା ତା' ଖେଳ ପ୍ରତି ପ୍ରେମ। ତୁମେ ଯେଉଁ କାମ କର ସେଇ କାମ ମନଦେଇ କର ତାବି ତୁମର ଗୋଟେ ପ୍ରକାରର ପ୍ରେମ।

ଏଥିରେ ବିସ୍ମିତ ହେବାର କୌଣସି କାରଣ ନାହିଁ ଯେ' ଆମେ କୌଣସି ବ୍ୟକ୍ତିଙ୍କ ସମ୍ପର୍ଶରେ ନଆସି କିପରି ପ୍ରେମ କରୁଛେ ? ହଁ, ଆମେ ପ୍ରେମ କରୁ କିନ୍ତୁ ତାର ଅର୍ଥ ଭିନ୍ନ ହୋଇଥାଏ। କେବଳ ଏକ ନିଦିଷ୍ଟ ବୟସରେ ଆମେ ପଦାର୍ପଣ କରିଲେ, ଶାରୀରିକ ସ୍ଥରରେ ଆମ ଶରୀରରେ ପ୍ରାକୃତିକ ପରିବର୍ତ୍ତନ ଘଟି ଏକ ନିଦିଷ୍ଟ ଅବସ୍ଥାରେ ଅବତୀର୍ଣ୍ଣ ହୋଇ ବିପରୀତ ଲିଙ୍ଗପ୍ରତି ଆକୃଷ୍ଟ ହୋଇ ଯେଉଁ ମନ ପସନ୍ଦର ମଣିଷ ଖୋଜିଥାଉ ଶେଷରେ ମିଳିଗଲେ ତାକୁ ନିଜ ମନ ମଧ୍ୟରେ ସ୍ଥାନଦେଉ ଏବଂ ତାଙ୍କୁ ମନର ମଣିଷ ବୋଲି ଭାବି ସେ ସମ୍ପର୍କକୁ ପ୍ରେମର ଆଖ୍ୟା ଦେଉ। ବାସ୍ତବରେ ଏହା ଭୁଲ୍ ଧାରଣା ଏହାକୁ କଦାପି ପ୍ରେମ କୁହାଯାଇ ପାରିବ ନାହିଁ। ଏହାକୁ ଏକ ଆକର୍ଷଣ ବା ଆବଶ୍ୟକତା ବୋଲି କୁହାଯିବ। ନିଜ ଶରୀର ବିପରୀତ ଲିଙ୍ଗ ଆବଶ୍ୟକ ମନେ କରିଲା ଏବଂ ତୁମେ ତା ପୂରଣ କରିବା ପାଇଁ ଅନ୍ୟ ଏକ ଲିଙ୍ଗ ଖୋଜିଲ ତା ସମୟ ଉପଯୋଗୀତା ଏକ ଆବଶ୍ୟକତା ପରବର୍ତ୍ତୀ ସମୟରେ ଦେହର ଆବଶ୍ୟକତା ପୂରଣ ହୋଇଗଲେ ମନ ଭରିଯାଏ ଏବଂ ସେଇଠି ସମ୍ପର୍କ ସମାପ୍ତ ହୋଇଯାଏ। ଏହାହିଁ ଆଜିର ଦିନରେ ପ୍ରେମ ରୂପକ ପବିତ୍ରତା ପାଇଁ ଏକ କଳଙ୍କିତ

ISSN NO.
2582-208X

ଅଧ୍ୟାୟ। ଆକର୍ଷଣ, ପ୍ରେମ, ଶାରୀରିକ ସମ୍ପର୍କ ପରେ ବିଚ୍ଛେଦତା ଏହା ସମାଜ ପାଇଁ ଗୋଟେ ବଡ ସମସ୍ୟା ପାଲଟି ଯାଇଛି।

କୌଣସି ଯୁବକ ହୁଅନ୍ତୁ କିମ୍ବା ଯୁବତୀ କେବେବି ଶାରୀରିକ ସମ୍ପର୍କ ସ୍ଥପାନାକୁ ହେୟ ମନେ କରି ଅବୈଧ ସମ୍ପର୍କ ରଖିବା ଉଚିତ୍ ନୁହେଁ। ସାମାଜିକ ସ୍ତରରେ ଆମେ ଯେଉଁ ବ୍ୟବସ୍ଥା ଆଧାରରେ ଚଳୁଛେ ଯଦି କିଛି ନିୟମ, ବ୍ୟବସ୍ଥାକୁ ଅମାନ୍ତ କରି ଖରାପ କାର୍ଯ୍ୟରେ ଲିପ୍ତ ହେବା ତ' ଏହାର କୁପରିଣାମ ଆମେ ନିଜେହିଁ ଭୋଗିବା ଆମ ପାଇଁ ଅନ୍ୟ କେହି ଭୋଗିବେ ନାହିଁ। ତ' ନିଜ ଶରୀର ଓ ମନକୁ ପବିତ୍ର ରଖ।ଦୁନିଆ ଆଗରେ ନିଜକୁ ସ୍ୱଚ୍ଛତାର ପରିଚୟ ଦେଇ ବଞ୍ଚ ଏବଂ ବ୍ୟବିଚାରିତା ଠାରୁ ଦୂରେଇ ରୁହ। ଯେମିତି ତୁମକୁ ପଦେ କେହି ଆଙ୍ଗୁଳି ଉଠେଇ କହିବାକୁ ନଥିବେ କିମ୍ବା ତୁମ ଚରିତ୍ର ଉପରେ ପ୍ରଶ୍ନ ଉଠାଇଲା ଭଳିଆ ସୁଯୋଗ କେହି ପାଉ ନଥିବେ। ପ୍ରେମର ମାନେ କେବଳ ଶାରୀରିକ ଆବଶ୍ୟକତା ହୋଇ ନଥାଏ ପ୍ରେମ ଏକ ହୃଦୟର ଗଭୀର ଆବେଗ ହୋଇଥାଏ।

ଯଦି ତୁମେ ଯାହାକୁ (କାମ, ବ୍ୟକ୍ତି, ସମ୍ପର୍କ, ପ୍ରୟାସ, ଅନ୍ୟ କିଛି) ପ୍ରେମ କରିବା ପାଇଁ ଚାହୁଁଛ ତ' ହୃଦୟରୁ ପ୍ରେମ କର ଦେଖିବ ସେଇ ପ୍ରେମ ସାରାଜୀବନ ତୁମ ମଧ୍ୟରେ ଅତୁଟ ହୋଇ ରହିଥିବ। ସେଇ ଅତୁଟ ପ୍ରେମ ସୃଷ୍ଟି କରିବ ଏକ ଇତିହାସ ଏବଂ ଉଦାହରଣ ହୋଇ ରହିଥିବ ସମାଜ ଆଗରେ। ଯେପରି କାଲାମ ବିଜ୍ଞାନକୁ ପ୍ରେମ କରୁଥିଲେ ବୈଜ୍ଞାନିକ ହୋଇ ପାରିଲେ, ରବୀନ୍ଦ୍ର ନାଥ ଠାକୁର କବିତାକୁ ପ୍ରେମ କରୁଥିଲେ ଗୋଟେ କବି ହୋଇ ପାରିଲେ, ମଣ୍ଡେଲା କ୍ରାନ୍ତିକୁ ପ୍ରେମ କରୁଥିଲେ ଜଣେ କ୍ରାନ୍ତିକାରୀ ପୁରୁଷ ହୋଇ ପାରିଲେ ଏମିତି ଅନେକ ପ୍ରେମର ସୁନ୍ଦର ଉଦାହରଣ ଅଛି। ଯେଉଁ ପ୍ରେମ ହୃଦୟରୁ ସୃଷ୍ଟି ହୋଇଥାଏ ତାହାହିଁ ବାସ୍ତବ ପ୍ରେମ।

ଏବେ ଅଧିକାଂଶ ଲୋକଙ୍କୁ ଯଦି ପ୍ରେମ ବିଷୟରେ ପଚରା ଯାଏ ତ' ସେମାନେ ସର୍ବ ପ୍ରଥମେ ନିଜ ବିପରୀତ ଲିଙ୍ଗ(ପ୍ରେମିକ/ପ୍ରେମିକା) ପ୍ରତି ଥିବା ପ୍ରେମକୁ କେବଳ ପ୍ରେମ

ISSN NO.
2582-208X

ବୋଲି ଭାବି ନିଅନ୍ତି। ହେଲେ ଶତ ଏଇଟା ପ୍ରେମ ବିଭିନ୍ନ ପ୍ରକାରର ଯାହାର ରୂପ ରଙ୍ଗ ଭିନ୍ନ। ପ୍ରେମରେ ସଫଳତା, ବିଫଳତା, ପାଇବା, ହରେଇବା, ବିବାହ ଆତ୍ମହତ୍ୟା, ଏସବୁ ନଥାଏ। ଯେଉଁଠି ପ୍ରେମରେ ସ୍ୱାର୍ଥ ଭରି ରହିଥାଏ ସେଠାରେ ପ୍ରେମର ବୟସ କ୍ଷୀଣ ହୋଇଥାଏ।ଯଦି ତୁମେ କାହାକୁ ନିଃସ୍ୱାର୍ଥର ଭାବେ ପ୍ରେମ କରୁଥିବ ତ' ସେ ପ୍ରେମକୁ ପାଇବାର କୌଣସି ଆଶା ନଥିବ କିମ୍ବା ହରେଇବାର ଜମା ଭୟ ନଥିବ। ଯଦି ପ୍ରେମରେ କିଛି ଥିବ ତ' କେବଳ ତ୍ୟାଗ, ସମର୍ପଣ, ବିରହ ବେଦନା, ଓ ଅନ୍ୟର ନିଷ୍ପତ୍ତିକୁ ଗ୍ରହଣ କରିବାର କ୍ଷମତା। ଆଜିକାଲି ତ' ଆଉ ପୂର୍ବପରି ସମ୍ପର୍କରେ ପବିତ୍ରତା ରହୁନି ଏଥିପାଇଁ ପ୍ରେମ ଏବେ କଳୁଷିତ ହୋଇ ଯାଇଛି।ପ୍ରେମ ଏକ ପ୍ରଦୂଷଣ ଅଧ୍ୟାୟ ହୋଇ ଗଲାଣି।

ଭୁବନେଶ୍ୱର-୨

ISSN NO.
2582-208X

# ଶେଷ କବିତା



ଚୈତନ୍ୟ ବାଗ

ତୋ ପାଖେ ଆରମ୍ଭ ତୋ ପାଖରେ ଶେଷ
ଥିଲା ଏହି ପ୍ରେମ ମୋର,
ପ୍ରେମ କୁ ମୋର ଅଢେଇ ଦିନ ଭାବି
କରି ଦେଲ ସାତ ପର !

ସେମିତି ନ ଥିଲୁ କେମିତି ତୁ ହେଲୁ
ତାହା ପାରୁ ନାହିଁ ଜାଣି,
ଗଙ୍ଗା ନୀର ପରି ପବିତ୍ର ବାଭିଲି
ଶେଷେ ହେଲୁ କାଦୁଅ ପାଣି !

ପ୍ରେମ ମୋର ଥିଲା ଶାଶ୍ୱତ ପବିତ୍ର
ନ ଥିଲା କେବେ ଛଳନା,
ପ୍ରେମ କୁ ମୋର ବୁଝି ଅବୁଜା ହେଲୁ
ଭାବି ନେଲୁ କ ଖେଳଣା !

ତୁମେ ଗଲାପରେ କେତେ ମୁଁ କାନ୍ଦିଛି,
ଆଖିରେ ଭିଜିଛି ସପନ,

ISSN NO.
2582-208X

ଆଖି ର ଲୁହ ଓଠ ପିଇ ପିଇ
ବିରହେ କରିଛି ରୋଦନ. !

ଗୋଟିଏ ନିଡରେ ଦୁହେଁ ଶୁଆ ଶାରୀ
ହେଉ ଥିଲେ ମିଠା କଥା,
ବ୍ୟାଧ ର ନଜର ଶାରୀ କି ଲାଗିଲା
ଶୁଆ ରହିଗଲା ଏକା !

ମୋ ଅନୁପସ୍ଥିତି ରେ ତୁମେ ବି କାନ୍ଦିଛ
କାହିଁ ଏମିତି ମତେ ଲାଗୁଛି,
ଲାଗିଲେ ଆଉ କଣ ହେବ ଧନ
ପ୍ରିୟା ମୋ ବଦଲି ଯାଇଛି !

ତମ କଥା ଭାରି ମନେ ପଡ଼ିଯାଏ
ବସି ଥିଲେ ନିରୋଳାରେ,
ପିଲା ବେଳ ପ୍ରେମ ପିଲାବେଳେ ସରିଲା
ଆଖିରୁ ଯେ ନୀର ଝରେ !

ତୁମରି ସ୍ମୃତି ରେ ଦି ପଦ ଲେଖିଲି
ଭୁଲ ବୁଝିବନି.(..........)
ଯଦି ଦୋଷ ଥାଏ କ୍ଷମା କରି ଦେବ
ଏହି ମୋର ଶେଷ କବିତା ।।

ଚଚଆ, କଳାହାଣ୍ଡି

ISSN NO.
2582-208X

# ତୋର ଏ ପହିଲି ସ୍ପର୍ଶ



ପ୍ରଶାନ୍ତ କୁମାର ନାଥ

ଅନେକ ଦିନର ପ୍ରତିକ୍ଷାର ପରେ
ମାଟିକୁ ମିଳିଲା ପ୍ରୀତି
ସେ ମିଠା ଛୁଆଁ ରେ ଲାଘବ ହୋଇଲା
ପ୍ରଚଣ୍ଡ ରୌଦ୍ରର ତାତି ।

ସେ ପ୍ରୀତି ଛୁଆରେ ମହକିଣ ଗଲା
ଭିଜା ଭିଜା ଏହି ମାଟି
କିଶଳୟେ ଆଜି ପାଦପ ପଲ୍ଲବ
ଖୁସିରେ ଯାଆନ୍ତି ଲୁଟି ।

କାହୁଁ ଥିଲା ଏହି ବାରିଦର ଧାର
ଆକାଶରୁ ଗଲା ଝରି
ବୈଶାଖ ମାସର ପହିଲି ବର୍ଷାରେ
ସୂର୍ଯ୍ୟ ତାପ ଗଲା ହାରି ।

ISSN NO.
2582-208X

ହସିଲା ଧରଣୀ ହସିଲା ବନାନୀ
ହସିଲେଣି ସର୍ବ ଜୀବ
ସୂର୍ଯ୍ୟର ଉତ୍ତାପ ନାମକୁ ଲିଭାଇ
ଆପେ ଆପେ ଚାଲି ଯିବ ।

ଯେଉଁ ଆକାଶରେ ନଥିଲା ବଉଦ
ଢାଳି ଦେଲା ଆଜି ମୋତି
ସେ ମୋତି ପରଶେ ପ୍ରକୃତି ହରଷେ
ଗାଉ ଅଛି ମିଠା ଗୀତି ।

ଅଳପ ଦିନରେ ଥିଲୁ ତୁହି ଦୂରେ
ଲାଗୁଛି ଅନେକ ବର୍ଷ
ସତରେ ବରଷା ଲାଗଛି ମଧୁର
ତୋର ଏ ପହିଲି ସ୍ପର୍ଶ ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ପାହାଡ଼ କୁ ନେଇ କବିତାଟିଏ

ହରିଶ୍ଚନ୍ଦ୍ର ବେହେରା

ଅନେକ ଦିନୁ ଭାବୁଛି ପାହାଡ଼କୁ ନେଇ
କବିତାଟିଏ ଲେଖିବି ବୋଲି
କବିତା ର ପ୍ଲଟ  ଭାବିଭୂମି ଶବ୍ଦକୁ ନେଇ ଭାବୁ ଭାବୁ
ଅନେକ ଉଜାଗରୀ ରାତି ବିତି ଯାଇଛି

ଆମେ ଆଣିପାରିବୁ ନାହିଁ ମନ୍ଦର କୁ
ସମୁଦ୍ର ମନ୍ଥନ ପାଇଁ
ଜନ୍ମିବେ ନାହିଁ ଜଣେ ବି ଶିଶୁ
କାନି ଆଙ୍ଗୁଠିରେ ଟେକି ଧରିବା ଲାଗି
ଗିରି ଗୋବର୍ଦ୍ଧନ

ଆଉଥରେ କେଉଁ ହନୁମାନ ମୁଣ୍ଡରେ ଥୋଇ ଆଣି ପାରିବ
ଗନ୍ଧମାର୍ଦ୍ଦନକୁ ଛାର କେଇଟା ବିଶଲ୍ୟକରଣୀ ଲାଗି
ଆମେ କ' ଣ ଖଞ୍ଜି ପାରିବୁ ପଥର ଦେହରେ ଆତ୍ମା
ତାକୁ ବାଂମୟ କରିବାକୁ
ଯିଏ କହିପାରିବ " ଠିକ ଅଛି ଡମ୍ବରୁ
ମୁଁ କିଛି ସମୟ ତୁଳାପରି ହାଲ୍କା ହୋଇ ଉଠି ଯିବି ଉପରକୁ
ତୁ ନେଇଯା' ତା ' ତଳୁ ମାଟି

ISSN NO.
2582-208X

ଆରୋଗ୍ୟ ଲାଭ କରୁ ଏକମାତ୍ର ରାଜକନ୍ୟା
ପାଇଯା' ତୋର ଅଭିଳଷିତ ଯା' କିଛି
ବଦଳି ଯାଉ  କୁତ୍ସିତ ଜୀବନ ଧାରା
ଯା' ଯା' -  -  -"

ଆମେ ତ ଏବେ ଡିନାମାଇଟି ରେ ଭାଙ୍ଗି ଚାଲିଛୁ
ପାହାଡ଼ ପରେ ପାହାଡ଼
ସଜେଇ ଚାଲିଛୁ ଗୋଟେ କଂକ୍ରିଟ ଜଙ୍ଗଲ
ଯେଉଁଠି ହୃଦୟ ହୀନ ଜାନୁଆର ଙ୍କ ଭିଡ଼

ଆମେ ଉଜାଡ଼ି ଚାଲିଛୁ ପଶୁପକ୍ଷୀଙ୍କ ନିରାପଦ ନୀଡ଼
ବାଘ ହାତୀ ଏବେ ଜନପଦ ମୁହାଁ

ଆମ ଆଖିକୁ ଆଉ ଦିଶିବ ନାହିଁ
ଫେରିବା ବାଟରେ ଟିକେ ଥକ୍କା ମାରିବାକୁ
ପାହାଡ଼ ଉପରେ ମୁଣ୍ଡ ଦେଇ ଶୋଇ ପଡ଼ିଥିବା ଜହ୍ନ
ତା 'ର  ଲଳିତ କୋମଳ  ପାଦଚିହ୍ନ

ଛୋଟ ଛୁଆଟେ ପରି କୋଳେଇ ନେଇ ନାନାବାୟା ଗାଇବ ନାହିଁ ଆକାଶ
ତା' ମହୁଡ଼ ବନ୍ଧା  ମୁଣ୍ଡକୁ ପଣତରେ ଢାକିଂବ ନାହିଁ ନୀଳ ମେଘ

କବିଟିଏ ଅଟକି ଯାଇ ପଚାରିବ
" ଆରେ ଭାଇ, ଏଠି ଯେଉଁ ଦେବତାତ୍ମା ପାହାଡ଼ ଟେ ଥିଲା
କୁଆଡ଼େ ଗଲା କହି ପାରିବ !"

ISSN NO.
2582-208X

ଆମ ପିଲାଏ ପୃଥିବୀର ମାନଚିତ୍ରରେ ଦେଖିବେ
ଅମୁକ ଅମୁକ ପାହାଡ଼ ର ଉଚ୍ଚତା କେତେ
କେଉଁ ମୁଲକ ରେ ଥିଲା

ଦିନେ ଆର୍ଟ ଗ୍ୟାଲାରୀ ରେ ଶୋଭାପାଇବ
ଡାୟନସର ର କଙ୍କାଳ ପରି ପାହାଡ଼ ର  କଙ୍କାଳ
କେବଳ  ।।

*^*   ^*^   *^*

କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

ISSN NO.
2582-208X

# ଆନନ୍ଦ



ଗୁପ୍ତେଶ୍ୱର ଗୂନ୍ଦ୍

କେ ଲଭେ କେଉଁଠି ଆନନ୍ଦ ଏକଥା
ନିର୍ଭର ଆପଣା ରୁଚିରେ ।
ଯେଣୁ କି ସଭିଙ୍କ ଭାବ ଭିନ୍ନ ଭିନ୍ନ
ସ୍ୱଭାବ ସ୍ୱତନ୍ତ୍ର ମହୀରେ ।।୧
ମଣିଷ ଜୀବନ ଗତିଶୀଳ ପୁଣି
ବିଭିନ୍ନ ଅବସ୍ଥା ଦେଇକି ।
ପରିବେଶ ପରିସ୍ଥିତି ପରିସର
ପରିବର୍ତ୍ତନ କୁ ନେଇ କି ।।୨
ଶୈଶବ କାଳରେ ଧୂଳି ଖେଳିବାରେ
ଶିଶୁ ଟି ଲଭଇ ଆନନ୍ଦ ।
କିଶୋର ଅବସ୍ଥା ହେଲେ ଉପଗତ
ଏ ସୁଖେ ଆସଇ ଉଚ୍ଛେଦ ।।୩
ସାଙ୍ଗ ସାଥି ମେଳେ ମାଛଧରା ପାଇଁ
ମନର ରୁଚି ଟି ବଦଳେ ।
ପିଜୁଳି କାକୁଡ଼ି ଆମ୍ବ ଚୋରି କରି
ଖାଇବାକୁ ଏ ମନବଳେ ।।୪
ମନ ଉପବନେ ବିରାଜଇ ଯେବେ
ନବ ଯୌବନର ବସନ୍ତ ।

ISSN NO.
2582-208X

ଯୁବତୀ ଦେଖିଲେ ପ୍ରେମ ପାରାବାରେ
ପହଁରି ପ୍ରୀତ ହୁଏ ଚିତ୍ତ ।।୫
ଏ ଚୋରା ପୀରତି ମାନେ ନାହିଁ ଜମା
ଜାତି-ବର୍ଣ୍ଣ ର ବନ୍ଧ-ବାଡ ।
କେତେ ଯେ ରଜନୀ ଅନିଦ୍ରାରେ କଟେ
ଜୀବନେ ଆସୁ ଯେତେ ଝଡ଼ ।।୬
ଶିଶୁଟି ପ୍ରସବି ଜନନୀ ତା'ମନେ
ମନେ ହୁଏ କେତେ ଆନନ୍ଦ ।
କବି ଟିଏ ରଚି କବିତା ଯେସନେ
ପାଇଛି ସରଗ ର ଚାନ୍ଦ ।।୭
କୃଷକ ଫଳାଇ ସୁନାର ଫସଲ
ଚିତ୍ର ଶିଳ୍ପୀ ଆଙ୍କି ପ୍ରତିମା।
ହାଟରେ ବଣିକ ହୋଇଲେ ବିକ୍ରୟ
ହରଷ ହୁଅଇ ତା' ଆତ୍ମା ।।୮
ଆରୋଗ୍ୟ ହୋଇଲେ ରୋଗୀ ଟିକୁ ଚାହିଁ
ଆନନ୍ଦ ଆତ୍ମୀୟ ସ୍ୱଜନ ।
ପାଠ ପଢ଼ି ପୁତ୍ର ଯେବେ କୃତକାର୍ଯ୍ୟ
ପିତାଙ୍କ ପ୍ରଫୁଲ୍ଲିତ ମନ ।।୯
ସମରେ ବିଜୟ ଲାଭକଲେ ରାଜା
ପାଟ-ମହିଷୀ ସୁପ୍ରସନ୍ନ ।
ଭକତ ସର୍ବାଙ୍ଗ ହୁଏ ପୁଲକିତ
ପ୍ରଭୁଙ୍କୁ କରି ଦରଶନ ।।୧୦

ସମାସିଂହା; ଝାରସୁଗୁଡ଼ା
ଦୂର ଭାଷ :୭୬୮୩୮୪୧୦୬୪

ISSN NO.
2582-208X

# ଶ୍ରୀ ରାମେଷ୍ଟ ଚାଳିଶା



ନିରଞ୍ଜନ ମହାରଣା

ଶ୍ରୀରାମ ପ୍ରିୟ ଗୋସ୍ୱାମୀ ତୁଳସୀ ଦାସ ପ୍ରାରମ୍ଭେ କରି ଗୁରୁ ବନ୍ଦନା,
ଗୁରୁ କୃପାରୁ ମନ ସୁଧାରି କରିଲେ ରଘୁବୀରଙ୍କ ଯଶ ବର୍ଣ୍ଣନା,
ଯହିଁରେ ମିଳଥାଏ ଚତୁର୍ବର୍ଗ ଫଳ,
ପାର୍ଥିବ ଶରୀର ଶୂନ୍ୟ ଜ୍ଞାନକରି ପବନସୁତଙ୍କୁ ସ୍ମରଣ କରି,
ହେ ମାରୁତି ନନ୍ଦନ ଶ୍ରୀ ହନୁମାନ ବଳ ବୁଦ୍ଧି ବିଦ୍ୟା ପ୍ରଦାନ କର,
କ୍ଲେଶ ବିକାର ଭାବକୁ ଦମନ କର ।।

-ଚୌପାଇ-

ଜୟ ହନୁମାନ ! ଜ୍ଞାନ ଗୁଣର ସାଗର ସମ କପିଶ୍ରେଷ୍ଠ,
ତ୍ରିଲୋକ ବାସୀ କ୍ଲେଶ ବିନାଶକ ଜାଗ୍ରତ ମୂରତି ଅଟ ।୧।

ଅନନ୍ତ ପରାକ୍ରମ ମୂର୍ତ୍ତିମନ୍ତ ପ୍ରତୀକ ହେ ରାମଦୂତ,
ମାତା ସତୀ ଅଞ୍ଜନା ପୁତ୍ର, ପିତା ପବନ ସନ୍ତାନ ଅଟ ।୨।

ବଜର ସମାନ ଅଙ୍ଗ ଆହେ ମହାବୀର ବିକ୍ରମ ଶାଳୀ,
କୁବୁଦ୍ଧି ବିନାଶୀ ସୁବୁଦ୍ଧି ପ୍ରଦାୟୀନ ଆପଣାର ସଙ୍ଗୀ ।୩।

ତେଜମୟ ସୁବର୍ଣ୍ଣ ସଦୃଶ ଶରୀରର ସୌନ୍ଦର୍ଯ୍ୟ ପ୍ରଭା,
କୁଣ୍ଡଳ ସାଥେ କୁଞ୍ଚିତ କେଶ ଦ୍ୱିଗୁଣ କରେ ମୁଖ ଶୋଭା ।୪।

ISSN NO.
2582-208X

ଏକ ହସ୍ତେ ବଜ୍ର ଅନ୍ୟ ହସ୍ତେ ଧ୍ୱଜା ବିରାଜମାନ ହୁଏ,
କାନ୍ଧରେ ତୁମର କୃଶ ନିର୍ମିତ ଉପନୀତ ଶୋଭା ପାଏ ।୫।

ତୁମେ ଶଙ୍କର ଅବତାର କପିରାଜ କେଶରୀ ନନ୍ଦନ,
ପ୍ରତାପ ତେଜପୁଞ୍ଜ ସମଗ୍ରେ ସଂସାରର ପୂଜ୍ୟ ବନ୍ଦନ ।୬।

ବିଦ୍ୟାବାନ ଗୁଣବାନ ଅତି ଚତୁର ଆହେ ବୀରବର,
ଭକ୍ତପଣେ ପ୍ରଭୁ ଶ୍ରୀରାମ କାର୍ଯ୍ୟ କରିବା ହୁଅ ଆତୁର ।୭।

ପ୍ରଭୁ ଚରିତ ଶ୍ରବଣେ ଆନନ୍ଦେ ରାମରସେ ରସାଣିଆ,
ହୃଦୟେ ପ୍ରଭୁ ରାମ ସହିତ ଜାନକୀ ଲକ୍ଷ୍ମଣ ବସିୟା ।୮।

ସୂକ୍ଷ୍ମ ରୂପେ ପ୍ରବେଶି ଅଶୋକାନେ ସୀତାଙ୍କୁ କରି ଦର୍ଶନ,
ବିକଟ ରୂପେ ମହିମା ପ୍ରକାଶି ଲଙ୍କାକୁ କଲ ନଚ୍ଛନ୍ନ ।୯।

ଭୟଙ୍କର ରୂପେ ଲଙ୍କାପୁରୀରେ କରି ଅସୁର ସଂହାର,
ତୁମେ ହନୁବୀର ପ୍ରଭୁ ରାମଙ୍କ କାର୍ଯ୍ୟ ସମ୍ପାଦନ କର ।୧୦।

ସଂଜୀବନୀ ଆଣି ଲକ୍ଷ୍ମଣଙ୍କୁ ମୃତ୍ୟୁରୁ କରିଲ ଉଦ୍ଧାର,
ପ୍ରଭୁ ରାମ ଆଲିଙ୍ଗନେ ଆନନ୍ଦରେ ହେଲେ ଭାବବିହ୍ୱଳ ।୧୧।

ସେହି ସମୟେ ରଘୁପତି ବହୁ ଉଚ୍ଚ ପ୍ରଂଶସା ଯେ କଲେ,
ତୁମେ ମୋର ଅତିପ୍ରିୟ ଭାଇ ଭରତ ସମାନ ବୋଇଲେ ।୧୨।

ISSN NO.
2582-208X

ତୁମ କୀର୍ତ୍ତି ଯଶ ସମୂହ ସହସ୍ର ମୁଖେ କରନ୍ତୁ ଗାନ,
ଏକଥା କହି ଶ୍ରୀପତି କଣ୍ଠ ଦେଶରେ କଲେ ଆଲିଙ୍ଗନ ।୧୩।

ତୁମ ସୁମହତ ଯଶଶ୍ରୀ ବ୍ରହ୍ମା ସନକାଦି ମୁନିଗଣ,
ନାରଦ ସାରଦ ଆଦି ସମସ୍ତେ କରିଥାଆନ୍ତି ଗାୟନ ।୧୪।

ଯମ କୁବେର ଦିଗପାଳ ସ୍ତୁତି ପ୍ରକାରେ କରନ୍ତୁ ଗାନ,
ଏ ଛାର କବିର ଶକ୍ତ ଅବା କଅଣ କରିବ ଉଦ୍ୟମ ।୧୫।

ତୁମ ମହତ କର୍ମ ଯେ ସୁଗ୍ରୀବଙ୍କ ପାଇଁ ହେଲା ଅଭୁଲା,
ଶ୍ରୀରାମ ସହ ସୁଗ୍ରୀବ ଭେଟ କରି ସିଂହାସନ ପାଇଲା ।୧୬।

ତୁମ କଥାକୁ ବିଭୀଷଣ ମନ୍ତ୍ର ପରି ଗ୍ରହଣ କରିଣ,
ପୃଥିବୀ ବିଖ୍ୟାତ ସାଜିଲେ ଲଙ୍କାର ସିଂହାସନ ଲଭିଣ ।୧୭।

ବାଲ୍ୟକାଳେ ସୂର୍ଯ୍ୟ ଦେଖି ଧାଇଁଲ ଦୁଇ ସହସ୍ର ଯୋଜନ,
ଲାଲଫଳ ମନେକରି ସୂର୍ଯ୍ୟଙ୍କୁ ଯେ କରିଥିଲ ଭୋଜନ ।୧୮।

ପ୍ରଭୁ ଶ୍ରୀରାମ ମୁଦ୍ରିକା ମୁଖେ ଘେନିଲ ହେ ପବନ ସୁତ,
ଆଶ୍ଚର୍ଯ୍ୟକରି ସାତ ସମୁଦ୍ର ଲଙ୍ଘିଲ ହେ ଅଞ୍ଜନ ପୁତ୍ର ।୧୯।

ଦୁର୍ଗମ କାର୍ଯ୍ୟ ଏହି ବିଶ୍ୱ ଚରାଚରେ ରହିଅଛି ଯେତେ,
ତୁମର ଅନୁଗ୍ରହ ହୋଇଲେ ସୁଗମ ହୋଇଥାଏ ସତେ ।୨୦।

ପ୍ରଭୁ ରାମଙ୍କ ଦରବାରେ ଏକମାତ୍ର ବୀର ଦ୍ୱାରପାଳ,
ତୁମ ବିନା ଯେ ଶ୍ରୀରାମଙ୍କ କୃପା ଲାଭ ହୁଏନି ସଫଳ ।୨୧।

ISSN NO.
2582-208X

ଶରଣାପନ୍ନର ସକଳ ଅଭିଳାଷ କରିଥାଅ ପୂର୍ଣ୍ଣ,
ତୁମେ ଯାହାର ରକ୍ଷାକର୍ତ୍ତା ତାର ଭୟ ହୋଇବ ଯେ ଶୂନ୍ୟ ।୨୨।

ତୁମ ତେଜ ହୁଏ ଅସହ୍ୟ ତୁମେ କରିଥାଅ ନଜେ ସହ୍ୟ,
ତୁମ ହୁଙ୍କାରରେ ତ୍ରିପୁର ପ୍ରକମ୍ପିତ ହୁଅଇ ଅସହ୍ୟ ।୨୩।

ଭୂତ ପିଶାଚ ଆଦି କେହି ଆସିନ୍ତୁ ନାହିଁ ତୁମର ପାଶ,
ମହାବୀର ତୁମ ନାମ ବାରମ୍ବାର କରୁଥିବ ଯେ ଜପ ।୨୪।

ପ୍ରଭୁ ମହାବୀର ନାମ ଯିଏ ଭଜନ କରେ ନିରନ୍ତର,
ସବୁ ରୋଗ ବିନାଶ ହୋଇ କଷ୍ଟ ଯନ୍ତ୍ରଣା ହୁଅଇ ଦୂର ।୨୫।

କାୟ ମନୋ ବାକ୍ୟରେ ଶ୍ରୀ ହନୁମାନଙ୍କୁ ଯିଏ ଧ୍ୟାନ କରେ,
ଶ୍ରୀ ହନୁମାନ କୃପାରୁ ସକଳ ସଙ୍କଟରୁ ମୁକ୍ତ ମିଳେ ।୨୬।

ଯେଉଁଭଳି ପ୍ରଭୁ ରାମ ଶ୍ରେଷ୍ଠ ତପସ୍ୱୀ ପ୍ରଜାବତ୍ସଳ ରାଜା,
ପ୍ରଭୁଙ୍କ ସର୍ବ କାର୍ଯ୍ୟ ଅତି ସହଜେ କରଇ ସମ୍ପାଦନା ।୨୭।

କୌଣସି କାମନା ରଖି ଭକ୍ତ ହେଲେ ଯଦି ଶରଣାପନ୍ନ,
ନିଶ୍ଚୟ ଲଭେ ଅମୃତ ସମ ସୁଫଳ ଲାଭ ଚିରନ୍ତନ ।୨୮।

ଧର୍ମ ଅର୍ଥ ସୁଖ କାମନାର୍ଥୀ ଶରଣଙ୍କୁ ଦିଅ ଆଶିଷ,
ତୁମ ପରାକ୍ରମେ ଚାରି ଯୁଗରେ ହୁଅଇ ପ୍ରସିଦ୍ଧ ।୨୯।

ISSN NO.
2582-208X

ତୁମେ ହିଁ ଅସୁରଙ୍କ ବିନାଶକ ଶ୍ରୀରାମଙ୍କ ପ୍ରିୟ ଭକ୍ତ
ସାଧୁସନ୍ଥ ସଜ୍ଜନଙ୍କ ରକ୍ଷକ ତୁମେ ହିଁ ସର୍ବଦା ଶକ୍ତ ।୩୦।

ତୁମେହିଁ ଅଷ୍ଟସିଦ୍ଧି, ନବନଧି ପ୍ରଦାୟକ ମହାବୀର,
ଯାହା ସମ୍ଭବ ହୋଇଥାଏ ଆଶୀର୍ବାଦେ ମାତା ସୀତାଙ୍କର ।୩୧।

ପ୍ରଭୁ ଶ୍ରୀରାମ ନାମ ତୁମ ପାଖେ ରସାୟନ ପରି ସଦା,
ତୁମେ ଶ୍ରୀରାମଙ୍କ ଅତି ଆଦରଣୀୟ ସେବକ ସର୍ବଦା ।୩୨।

ତୁମର ଭଜନେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ କୃପା ମିଳଇ,
ଜନ୍ମ ଜନ୍ମାନ୍ତରର ସକଳ ଦୁଃଖର ବିନାଶ ହୁଅଇ ।୩୩।

ତୁମ ପରମ ଭକ୍ତ ଅନ୍ତ କାଳେ ରଘୁପତି ପୁର ଯାଏ,
ଅବା ମର୍ତ୍ତ୍ୟ ଜନ୍ମଲଭେ ହରିଭକ୍ତ ବିଳାସ ସୁଖ ପାଏ ।୩୪।

ଧ୍ୟାନରତ ଜନ ଅନ୍ୟଥା ନଦିଏ ମନ ତୁମଠି ଧ୍ୟାନ,
ତୁମେ ହିଁ ଭକ୍ତର ସର୍ବ ସୁଖ ସମ୍ପତି ପ୍ରଦାନେ ସକ୍ଷମ ।୩୫।

ଯିଏ ସର୍ବଦା କରଇ ସ୍ମରଣ ମହାବୀର ହନୁମାନ,
ଜୟ ହନୁମାନ ତୁମେ ସକଳ ଶଙ୍କଟୁ କର ମୋଚନ ।୩୬।

ଗୁରୁଜ୍ଞାନପୂର୍ବକ ତୁଳସୀ ଦାସ କରିଥିଲେ ବନ୍ଦନା,
କୃପା କରନ୍ତୁ ଗୁରୁଦେବଙ୍କ ପରି କରୁଛି ମୁଁହି ବନ୍ଦନା ।୩୭।

ଯିଏ ଶହେବାର ପାଠ କରେ ପୁତ ହନୁମାନ ଚାଳିଶା,
ବନ୍ଦୀଶାଳା ସମ ଦୁଃଖରୁ ମୁକ୍ତ ପାଇ ସୁଖ ଲଭେ ସଦା ।୩୮।

ISSN NO.
2582-208X

ସର୍ବଦା ଯିଏ ପାଠକରୁଥାଆନ୍ତୁ ଶ୍ରୀ ରାମେଷ୍ଟ ଗ୍ରନ୍ଥଳଶା,
ସିଦ୍ଧି ଲଭଇ ସେହି ସାକ୍ଷୀ ସ୍ୱୟଂ ଗୌରୀପତି ସଦାଶିବା ।୩୯।

ଗୋସ୍ୱାମୀ ତୁଳସୀ ଦାସ କହନ୍ତୁ ହେ ନାଥ ପବନ ସୁତ,
ସର୍ବଦା ମୋ ହୃଦୟେ ହୁଅ ବସତି ଆହେ ଅଞ୍ଜନା ସୁତ ।୪୦।

-ଦୋହା-

ପବନ ନନ୍ଦନ ହେ ସଙ୍କଟ ହରଣ
ସକଳ ମଙ୍ଗଳର ମୂର୍ତ୍ତିମାନ ରୂପ,
ଶ୍ରୀରାମ ଲକ୍ଷ୍ମଣ ମାତା ସୀତା ସହିତ
ହୃଦୟେ କର ନିବାସ ହେ ସୁର ଭୂପ ।।

****

ଅଧ୍ୟାପକ
ଅଳଯୋଡ଼ା, ମାହାଙ୍ଗା, କଟକ

ISSN NO.
2582-208X

# ଘରର ମୁଖ୍ୟ ଦ୍ୱାର ସହ ରହିଛି ଆପଣଙ୍କ ଭାଗ୍ୟ ଓ ଭବିଷ୍ୟତର ସମ୍ପର୍କ



ଜୟନ୍ତୀ ଦେବୀ

ବାସ୍ତୁ ଶାସ୍ତ୍ର ଅନୁସାରେ ଘରର ମୁଖ୍ୟ ଦ୍ୱାର ସହିତ ପରିବାରର ସୁଖ ଓ ଶାନ୍ତି ନିର୍ଭର କରିଥାଏ। ମୁଖ୍ୟ ଦ୍ୱାର ସହ ବ୍ୟକ୍ତିଙ୍କ ଭାଗ୍ୟର ମଧ୍ୟ ସମ୍ପର୍କ ରହିଛି ବୋଲି କୁହାଯାଏ। ସେଥିପାଇଁ ଘରେ ମୁଖ୍ୟ ଦ୍ୱାରର ଦଶା ଓ ସ୍ଥାନ ଠିକ୍ ରଖିବା ପାଇଁ ବାସ୍ତୁବିତ୍ ପରାମର୍ଶ ଦେଇଥା'ନ୍ତି।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ମଧ୍ୟ ଆପଣଙ୍କ ଭାଗ୍ୟ ଆପଣଙ୍କ ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ଲେଖା ହୋଇଥାଏ। ଏଥିପାଇଁ ମୁଖ୍ୟ ଦ୍ୱାର ତିଆରି କରିବା ବେଳେ କିଛି ନିର୍ଦ୍ଦିଷ୍ଟ କଥା ଉପରେ ଧ୍ୟାନ ଦେବା ଜରୁରୀ। ଆସନ୍ତୁ ଜାଣିବା ଘରର ମୁଖ୍ୟ ଦ୍ୱାରରେ କ'ଣ ସବୁ ରଖିଲେ, ଏହା ଆପଣଙ୍କ ଭାଗ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

* ୧.ସ୍ୱସ୍ତିକ *

ଏହି ଚିହ୍ନ ଚାରି ଭୁଜରେ ତିଆରି ଏକ ଆକୃତି। କୁହାଯାଏ, ଏହି ଚିହ୍ନ ଘରର ମୁଖ୍ୟ ଦ୍ୱାରରେ ରହିଲେ, ପରିବାର ଓ ବ୍ୟକ୍ତିଙ୍କ ଭାଗ୍ୟ ରେଖା ବୃଦ୍ଧି ପାଇଥାଏ। ଏହା ସହ ସ୍ୱସ୍ତିକ ଚିହ୍ନ ନକାରାତ୍ମକ ଶକ୍ତିକୁ ଘରେ ପ୍ରବେଶ କରିବାକୁ ଦେଇ ନ ଥାଏ। ବାସ୍ତୁ ଶାସ୍ତ୍ର ଅନୁସାରେ, ଘରର ମୁଖ୍ୟ ଦ୍ୱାରରେ ଲାଲ୍ କିମ୍ବା ନୀଳ ରଙ୍ଗର ସ୍ୱସ୍ତିକ ଚିହ୍ନ ଲଗାଇଲେ,

ISSN NO.
2582-208X

ଏହା ବିଶେଷ ପ୍ରଭାବଶାଳୀ ହୋଇଥାଏ। ମୁଖ୍ୟ ଦ୍ୱାରର ଦୁଇ ପାଖରେ ଲାଲ୍ ରଙ୍ଗର ସ୍ୱସ୍ତିକ ଚିହ୍ନ ଲଗାଇଲେ ବାସ୍ତୁ ଦୋଷ ଦୂର ହୋଇଥାଏ ଏବଂ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଥାଏ।

*୨. ଘୋଡ଼ା ନାଲ *

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଘୋଡ଼ା ନାଲର ସମ୍ବନ୍ଧ ଶନି ଗ୍ରହଙ୍କ ସହ ରହିଛି। ଶନି ଦଶା ଦୂର କରିବା ପାଇଁ ଏହାର ବ୍ୟବହାର କରାଯାଏ। ଏଣୁ ଘୋଡ଼ା ପାଦରେ ପୂର୍ବରୁ ବନ୍ଧା ହୋଇ ରହିଥିବା ନାଲର ବ୍ୟବହାର କରନ୍ତୁ। ଘରର ମୁଖ୍ୟ ଦ୍ୱାରରେ ଘୋଡ଼ା ନାଲ ଲଗାଇବା ଦ୍ୱାରା କଳହ ଦୂର ହୋଇଥାଏ। ଏହା ସହି ଗୃହ ମୁଖିଆଙ୍କର ଭାଗ୍ୟ ରେଖା ମଧ୍ୟ ବୃଦ୍ଧି ପାଇଥାଏ।

*୩. ଶ୍ରୀଗଣେଶଙ୍କ ଚିତ୍ର*

କିଛି ଲୋକ ଘରର ମୁଖ୍ୟ ଦ୍ୱାରରେ ଶ୍ରୀଗଣେଶଙ୍କ ଫଟୋ ଲଗାଇଥା'ନ୍ତି। ବାସ୍ତୁ ଶାସ୍ତ୍ର ଅନୁସାରେ, ଗଣେଶଙ୍କ ଚିତ୍ର ଲଗାଇଲେ ଘରେ ରିଦ୍ଧି-ସିଦ୍ଧି ବାସ କରିଥା'ନ୍ତି। ଏହା ବ୍ୟତୀତ ଘରେ ଖୁସିର ପରିବେଶ ସୃଷ୍ଟି ହୋଇଥାଏ। ବାସ୍ତୁବିତ୍‌ଙ୍କ ମତରେ ଘରର ମୁଖ୍ୟ ଦ୍ୱାରରେ ଗଣେଶଙ୍କ ଚିତ୍ର ଲଗାଇଲେ, ଘରର ସଦସ୍ୟଙ୍କର ଭାଗ୍ୟ ପରିବର୍ତ୍ତନ ହୋଇ ସଫଳତା ମିଳିଥାଏ।

ସଂଗ୍ରାହିକା: ଜୟନ୍ତୀ ଦେବୀ
ମହୁ, ଆଳ, କେନ୍ଦ୍ରାପଡ଼ା। ପିନ୍ ୭୫୪୨୩୧

ISSN NO.
2582-208X

# ମୋବାଇଲ ଠାକୁରାଣୀ



ଅନିରୁଦ୍ଧ ରଣା

ଜୟ ଜୟ ଜୟ ମା' ଗୋ
ମୋବାଇଲ ରାଣୀ
ଏ ଧରା ଧାମରେ ନେଲ
ଅବତାର ପୁଣି ।

ମଣିଷ ଜାତିର ବୁଦ୍ଧି
ବଢ଼ି ବଢ଼ି ଗଲା
ବିଶ୍ୱକର୍ମା ରୂପେ ଆଜି
ତୁମ୍ଭେ ଜାତ କଲା ।

ମଣିଷ ଜାତିର ଠାରୁ
ହେଲ ମହାଜ୍ଞାନୀ
ତ୍ରିକାଳ ଦର୍ଶୀ ହେଲ ଗୋ
ମାଆ ଠାକୁରାଣୀ ।

ISSN NO.
2582-208X

ପିଲା ଠାରୁ ବୁଢ଼ା ଯାକ
ସର୍ବେ ତୁମ ଭକ୍ତ
ହାତେ ଥିଲେ ତୁମେ ମାଆ
ସିଏ ପୁରା ଶକ୍ତ ।

ଭୋକ ଶୋଷ ଯାଏ ଭୁଲି
ଥିଲେ ହାତେ ତୁମେ
ଫେସବୁକ ହ୍ୱାଟ୍ସ ଅପେ
ଥାଏ କେତେ କାମେ ।

ବିଦ୍ୟାଳୟେ ପାଠପଢ଼ା
ଦରକାର ନାହିଁ
ପରୀକ୍ଷା କୁ ଆଉ କାହା
ଡର ଭୟ ନାହିଁ ।

ୟୁଟୁବ ପାଖେ ସର୍ବ ଜ୍ଞାନ
ରହି ଅଛି ଭରି
ଶହେରୁ ଶହେ ଆସିବ
ମାର୍କା ଯିବ ପୁରି ।

ଡାକଘର ଟିଭି ବାଲା
ବ୍ୟାଙ୍କ କାର୍ଯ୍ୟ କଲୁ

ISSN NO.
2582-208X

ସର୍ବ ଜ୍ଞାନ ଏକା ରଖି
ଆପଣାର ହେଲୁ ।

ଯେତେ ଦୂରେ ଥିଲେ ବନ୍ଧୁ
ବାର୍ତ୍ତା ଳାପ ହୁଏ
ମୁହଁ ଦେଖା ହସ ମଜା
ସବୁ ହୋଇ ଯାଏ ।

ଧନ୍ୟ ଧନ୍ୟ ଧନ୍ୟ ମା'ଗୋ
ମୋବାଇଲ ରାଣୀ
ତୋର କାରୁକାର୍ଯ୍ୟ ଦେଖି
ପାଖେ ତୋର ଋଣୀ ।

ସର୍ଗୁଲ, ସୁବର୍ଣ୍ଣପୁର
ମୋ: ୯୭୭୮୧୯୫୯୯୮

ISSN NO.
2582-208X

# ଓଡିଶୀ...କୃଷ୍ଣ ପ୍ରେମ ରସ

(ସଂଗୀନୀରେ ସ୍ୱର ରଙ୍ଗିନୀରେ...ବୃତ୍ତେ)



ସୁହଂସ ଭୋଇ

ଗୋପପୁରେ କାହ୍ନୁ ନାଚ ଧୀରେ ସାଜି ଶୀରେ ଶିଖୀଚୂଳ ଧରି ବଂଶୀକରେ
ଗୋପପୁରେ........

ଅଧର ରୁଚିର ଝରେ ପ୍ରୀତି ଝର ଚାହାଣି ନାଚୁଛି ବେନି ନୟନରେ
କଲାଣି ବେହୋସ ତାର ମୃଦୁ ହସ ଘନ କୁଞ୍ଜ କେଶ ପଡିଛି କଟୀରେ
ଗୋପପୁରେ........

ଘୁଙ୍ଗୁର ଯୋଡିକ ବାନ୍ଧିଛି ପାଦରେ ହେମ ମଣି ମାଳା ଲମ୍ବିଛି ଗଳାରେ
ଖଣ୍ଡୁଆ ପାଟ ପିନ୍ଧି ପାଦରେ ପାଦ ଛନ୍ଦି ନାଚେ ନଚାଏ ସେତେ ଭଙ୍ଗୀରେ.....
ଗୋପପୁରେ........

ସର୍ବ ବ୍ରଜବାଳି ରାଧା ସଙ୍ଗ ମେଳି ସର୍ବେ ପାଗଳିନୀ ଶ୍ରୀକୃଷ୍ଣ ପ୍ରେମରେ
କୃଷ୍ଣ ନାମ ରସେ ଭରିଛି ପିୟୁଷ ସଦା ହରଷେ ମୁଖେ ପାନ କରରେ.....
ଗୋପପୁରେ........

ଶ୍ୟାମଳ ସୁଢଳତନୁ ମନୋହର କେଳି କୁଞ୍ଜ କର କୁଞ୍ଜ କାନନରେ
ଭାଷଇ ସୁହଂସ ମନ କୃଷ୍ଣ ପାଶ କରିବ ଦୋଷ କ୍ଷମା ପ୍ରଭୁ ଅଚିରେ.....
ଗୋପପୁରେ........

ପହଣ୍ଡି, ବରଗଡ଼

ISSN NO.
2582-208X

# ରଜମଉଜ



ଅଭିଳାଷ ବାରିକ୍

ଆମ ଓଡ଼ିଶାର ଗଣପରବ
ଅଟଇ ତାନାମ ରଜମଉଜ ।
ଗତକାଲି ଥିଲା ତ ସଜବାଜ
ପିଠା ପୋଡ଼ାପୋଡ଼ି ପାଇଁକି ସଜ ।
ଆଜିର ଦିନଟି ପହିଲି ରଜ
ଝିଅବୋହୂମାନେ ହୁଅନ୍ତି ସଜ ।
ନୂତନ ପୋଷାକ ଭଳିକିଭଳି
ପିନ୍ଧିଣ ଦିଶନ୍ତି କି ଝିଲିମିଲି ।
ପାଦରେ ଲଗାଇ ନାଲିଅଳତା
କଦଳୀପାଟୁକା ତିଆରି ଜୋତା ।
ନାନା ସୁଆଦିଆ ଖାଇବା ଦ୍ରବ୍ୟ
ପିଠାମିଠା ସାଥେ ଲବଙ୍ଗ ପାନ ।
ଖୁଆ ଖୋଇହୋଇ ଦାଣ୍ଡେ ବୁଲନ୍ତି
ରଜ ଗୀତଗାଇ ଦୋଳି ଖେଳନ୍ତି ।
ରଜପର୍ବ ପାଇଁ ସର୍ବେ ଏକାଠି
ପିଲାଛୁଆ ବୃଦ୍ଧ ଖୁସି ମନାନ୍ତି ।
ମାତିଥାନ୍ତି କେହିବା ଗୁଡ଼ି ଖେଳେ
ତାସ୍, ଲୁଡୁ, ପଶା ଖେଳ ବି ଚାଲେ ।

ISSN NO.
2582-208X

ମା ବସୁମତୀ ପାଳଇ ରଜ
ମାଟିଖୋଳା ଚାଷ ହୁଅଇ ବନ୍ଦ ।
ତିନିଦିନ ରଜ ହୁଏ ପାଳନ
କେତେକାମ ପାଇଁ ଥାଏ ବାରଣ ।
ପରିବାକଟା ଓ ବେସରବଟା
ବନ୍ଦହୁଏ ବିରି ଚାଉଳ ବଟା ।
କୁଆଁରୀମାନେ ରାତିରେ ଭାତ
ଖାଇବାରୁ ହୋଇଥାନ୍ତି ବଞ୍ଚିତ ।
କେଉଁଠାରେ ଘୋଡ଼ା ନାଚ ହୁଅଇ
ଆଉ କେଉଁଠି ମେଳଣ ହୁଅଇ ।
କହିବାକୁ ଗଲେ ଏ ତିନିଦିନ
ଭାରି ମଉଜରେ କଟଇ ଜାଣ ।
ଆଷାଢ଼ ହେବାରୁ ଆସଇ ମେଘ
ଅନ୍ତ ହୋଇଥାଏ କାଳ ନିଦାଘ ।
ଝରଝର ହୋଇ ବରଷେ ବାରି
ସଭିଙ୍କ ମୁଖେ ଖେଳେ ହସଲହରୀ ।
ରଜପରବର ଚତୁର୍ଥ ଦିନ
ମା ବସୁନ୍ଧରା କରଇ ସ୍ନାନ ।
ଚାଷ ସରଞ୍ଜାମ ପୂଜା ହୁଅଇ
ଚାଷୀଚାଷ କାମ ଆରମ୍ଭଇ ।
ମା  ଲକ୍ଷ୍ମୀଙ୍କୁ  ହୃଦେକରି ଭକତି
ଭଲ ଶସ୍ୟପାଇଁ କରେ ମିନତି ।
ଏହିପରି ଭାବେ ରଜ ପାଳନ
କରି ରଖୁଆମେ ମାଟିମା ମାନ ।

ସଂଗ୍ରାହକ: ଅଭିଳାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍, କେନ୍ଦ୍ରାପଡ଼ା

ISSN NO.
2582-208X

# ପ୍ରଥମ କବିତା



ଯାଦବ ରଞ୍ଜନ ପାଣିଗ୍ରାହୀ

ନ୍ୟାୟର ପଥିକ ଭାବୁଅଛି ମୁହିଁ
ଅନ୍ୟାୟେ ପଥିକ ସାଜି,
ମିଛ ଅହଙ୍କାର ମିଥ୍ୟା ଗରବ
କେବେ ମୋ'ଠୁ ଯିବ ଭାଜି ।
ମୋର ପିଲାଦିନ ମନେପଡ଼େ ଆଜି
ଯାହା ଯାଇଅଛି ବିତି,
ଜଣେଥିଲେ ପାଖେ କହୁଥିଲେ ମୋତେ
ନ୍ୟାୟ ଅନ୍ୟାୟ ସ୍ଥିତି।
ତାଙ୍କୁ କେଉଁନାମେ ସମ୍ବୋଧିବି ମୁହିଁ
ଜାଣି ମୁଁତ ପାରେନାହିଁ,
ଦସୋର, ସଙ୍ଗାତ, ମିତ୍ର ଅବା ସଖା
କହିଦିଅ ମୋତେ ଭାଇ ।
ଯେଉଁରୂପେ ଦେଖେ ସେ ରୂପେ ପାଇଛି
ଦୋଷ ଅବା ମୋର କାହିଁ,
ଆଜି ମୁଁ ଯେଉଁଠି ଅଛି ଅବା ଯିବି
ସବୁତ ତାଙ୍କରି ପାଇଁ ।

ISSN NO.
2582-208X

ଅଭିଧାନେ ମୁହିଁ ଅନଭିଜ୍ଞ ହୋଇ
ଶବଦ ଖୋଜଇ ବୁଲି,
ଶବଦ କୋଉଠି ମିଳୁଛି ସେମିତି
ହତାସ ମୋ ମନ ଖାଲି ।
ଭାବିଥିଲି ଆରମ୍ଭିବି ମୁଁ କବିତା
ତୁମ ନାଁରେ ଲେଖି କଛି,
ଏମୋର ପ୍ରଥମ କବିତା ଗୁରୁହେ
ତମ ପଦ୍ୟେ ସମର୍ପୁଛି ।

ଖାସବାହାଲ
ଜିଲ୍ଲା - ବଲାଙ୍ଗୀର, ଓଡ଼ିଶା
ଦୂରଭାସ - ୭୭୪୯୯୦୨୭୯୭

ISSN NO.
2582-208X

# ଯଦି ମନୁଷ୍ୟ "ଜୀବନ ଦେବତା" ରସ୍ୱ ରୂପକୁ ବୁଝିପାରନ୍ତା



ଅଧ୍ୟାପିକା ରୋଜାଲିନ୍ ବାରିକ୍

ମନୁଷ୍ୟ ଜୀବନ ଈଶ୍ୱରୀୟ ସତ୍ତାଦ୍ୱାରା ପ୍ରଦତ୍ତ ଏକ ବହୁମୂଲ୍ୟ ସମ୍ପଦ। ଏହା ମନୁଷ୍ୟକୁ ତା' ରସପ୍ରାତ୍ରତା ଉପରେ ବିଶ୍ୱସ ରଖି ଦିଆଯାଇଛି। ଏହା ଅନ୍ୟ ଜୀବଧାରୀଙ୍କୁ ନଦେଇ ମନୁଷ୍ୟକୁ ଦେବା କୌଣସି ପକ୍ଷପାତ ନୁହେଁ, ବରଂ ଉଚ୍ଚସ୍ତରୀୟ ଅନୁଦାନ ପ୍ରଦାନ କରିବାପାଇଁ ଏହାଏକ ପ୍ରବେଶିକା ପରୀକ୍ଷା ମାତ୍ର।

ଅନ୍ୟ ଜୀବଧାରୀ କେବଳ ଶରୀରକଥା ଚିନ୍ତା କରନ୍ତି ଏବଂ ତଦନୁରୂପ କ୍ରିୟା ସମ୍ପାଦନ କରନ୍ତି। କିନ୍ତୁ ମନୁଷ୍ୟ ସ୍ରଷ୍ଟାଙ୍କର ଉତ୍ତରାଧିକାରୀ ଯୁବରାଜ ହୋଇଥିବା ହେତୁ ତାକୁ ଅନେକ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ। ସେଥିରେହିଁ ତାର ଗୌରବ ଓ ସାର୍ଥକତା ରହିଛି। ଯଦି ଉଦର ପୂର୍ତ୍ତି ଓ ସନ୍ତାନୋତ୍ପାଦନ ମଧ୍ୟରେ, ଲୋଭ ଓ ମୋହ ମଧ୍ୟରେ ତା'ର ସମସ୍ତ କ୍ରିୟାକଳାପ ସୀମିତରହେ ତେବେ ତାକୁ ନରପଶୁ ବ୍ୟତିତ ଆଉକ'ଣ କୁହାଯିବ ?

ଲୋଭମୋହ ସହିତ ଯଦି ଅହଂକାର ଯୋଡ଼ି ହୋଇଯାଏ ତେବେ ଅବସ୍ଥା ଆହୁରି ଦୟନୀୟ ହୋଇଯାଏ। ମାନ ଓ ପ୍ରତିଷ୍ଠା ପଛରେ ଦୌଡ଼ୁଦୌଡ଼ୁ ମନୁଷ୍ୟ ଅହଂ ମାନ୍ୟତାର ଶିକାରହୁଏ ଏବଂ ବିଭିନ୍ନ ପ୍ରକାର କୁଚକ୍ର ରଚନା କରୁକରୁ ପତନର ମହାଗର୍ତ୍ତରେ ନିପତିତ ହୁଏ। ଅହନ୍ତା ଦ୍ୱାରା ପରିଚାଳିତ ବ୍ୟକ୍ତି ଅନାଚାରୀ ଏବଂ ଦୁର୍ଦ୍ଧର୍ଷ ହୋଇଥାଏ। ଏଭଳି ଅବସ୍ଥାରେ

ISSN NO.
2582-208X

ତା'ର ସ୍ୱରୂପ ଆହୁରି ଭୟଙ୍କର ହୋଇଯାଏ। ସେ ଦୁଷ୍ଟ, ଦୁରାତ୍ମା ଓ ନରପିଶାଚ ସ୍ତରର ଆସୁରିକ କ୍ରିୟାକଳାପ ଅବଲମ୍ବନ କରେ। ମନୁଷ୍ୟ ଜୀବନ ଶ୍ରେଷ୍ଠ ସୌଭାଗ୍ୟର ପ୍ରତୀକ ହୋଇଥିଲେ ହେଁ ଏଭଳି ସ୍ଥଳରେ ତାହା ଦୁର୍ଭାଗ୍ୟ ଓ ଦୁର୍ଗତିର କାରଣରେ ପର୍ଯ୍ୟବେସିତ ହୁଏ। ଏହାକୁ କୁହାଯାଏ ଆଶୀର୍ବାଦକୁ ଅଭିଶାପର ରୂପ ଦେବା। ଉଭୟ ପଥ ପ୍ରତ୍ୟେକଙ୍କ ପାଇଁ ଉନ୍ମୁକ୍ତ। ଯିଏ ଯେଉଁଟିକୁ ପସନ୍ଦକରେ, ବାଛିନିଏ। ତେଣୁ ମନୁଷ୍ୟ ନିଜ ଭାଗ୍ୟର ନିର୍ମାତା ନିଜେହିଁ ଅଟେ।

ମନୁଷ୍ୟ ନିଜର ଇଷ୍ଟ ଓ ଉପାସ୍ୟ ମଧ୍ୟ ଅନେକ ବାଛି ରଖୁଛି। କିନ୍ତୁ ଯଦି ସେ ଏକମାତ୍ର ଦେବତା, ଇଷ୍ଟ-ଉପାସ୍ୟ-ଜୀବନ ଦେବତାର ଅଭ୍ୟର୍ଥନା ପ୍ରକୃତ ଅର୍ଥରେ କରେ ତେବେ ଏହି' ବିଶାଳ କଳ୍ପବୃକ୍ଷର ଶୀତଳଛାୟା ତଳେ ତାକୁ ସେସବୁ ମିଳିପାରିବ ଯାହାକି ସେ ଅନ୍ୟତ୍ର ପାଇବାର ଆଶାପୋଷଣ କରିଥାଏ। ଜୀବନ ଦେବତାକୁ ପରିଷ୍କୃତ ଆତ୍ମା ବା ପରମାତ୍ମାର ପ୍ରତିକୃତି ମଧ୍ୟ କୁହାଯାଇପାରେ। ପରଂବ୍ରହ୍ମଙ୍କର ସମସ୍ତ କ୍ଷମତା ଓ ଋଦ୍ଧିସିଦ୍ଧି ଏହି କାୟ-କଳେବର ମଧ୍ୟରେ ସମାହିତ ରହିଛି। ଯଦି ସେସବୁକୁ ଜାଗ୍ରତ କରାଯାଇପାରେ ତେବେ ମନୁଷ୍ୟ ଯୋଗୀ, ଋଷି ମନୀଷୀ, ମହାପୁରୁଷ ଓ ସିଦ୍ଧପୁରୁଷ ସଦୃଶ ବିଭୁତିବାନ୍ ହୋଇପାରିବ। ଜୀବନ ଦେବତାର ସାଧନାଦ୍ୱାରା ମନୁଷ୍ୟକୁ ମମସ୍ତ ମହାସିଦ୍ଧି ମିଳିପାରିବ। କସ୍ତୁରୀମୃଗ ଭଳି ମନୁଷ୍ୟ ନିଜକୁ ନିଜର ମହାନତାର ମୂଳକେନ୍ଦ୍ରକୁ ବାହ୍ୟଜଗତରେ ଖୋଜିବାରେ ଲାଗିଛି। ସେ ଯଦି ଥରେମାତ୍ର ଆତ୍ମାନିରୀକ୍ଷଣ କରି ନିଜର ଅନ୍ତଃକରଣକୁ ଦେଖିପାରିବ ତେବେ ତାକୁ ସେହି ଇଷ୍ଟସତ୍ତାର ଦିବ୍ୟଦର୍ଶନ ମିଳିଯିବ, ଯାହାକି ତାକୁ ଉନ୍ନତିର ଚରମ ସୋପାନରେ ଉପନୀତ କରାଇବାରେ ସମର୍ଥ। ଯେଉଁଦିନ ଏହା ସମ୍ଭବହୁଏ ସେହିଦିନ ମନୁଷ୍ୟର ସୌଭାଗ୍ୟର ଦ୍ୱାର ଉନ୍ମୁକ୍ତ ହୋଇଯାଏ। ଭଗବାନ୍ ମଧ୍ୟ ସର୍ବଦା ଏହି ସୁଦିନକୁ ପ୍ରତୀକ୍ଷା କରିଛନ୍ତି।

*ଯୁଗଶକ୍ତି ଗାୟତ୍ରୀ ମାର୍ଚ୍ଚ 1996*

ମହୁ, ଆଳି, କେନ୍ଦ୍ରାପଡା/ମୋ୮୮୯୫୪୫୦୧୧୦

ISSN NO.
2582-208X

# ଡିବିରୀ ବତୀ



ଅଭୟ କୁଣ୍ଡ

ଡ଼ିବିରୀ ବତୀ
ଘନ ଅନ୍ଧାରରେ ଥିଲ ମୋ ସାଥୀ
ତୁମ ପାଖେ ବସି ନିରିଖି ନିରିଖି
ପଢ଼ିଥିଲି କେତେ ପୋଥି ।

ଅତୀତରେ ଥିଲା ତୁମ ଆଦର
ଜଳୁଥିଲ ତୁମେ ଘର , ବାହାର
ଆଲୋକର ଥିଲ ଉତ୍ସ
କିଏ କହେ ତୁମେ ତୁଚ୍ଛ ?

ହୋଇପାର ତୁମେ ସୂତ ପୁତ୍ର କର୍ଣ୍ଣ
ସମସ୍ତଙ୍କ ଜନ୍ମ ଦୈବର ଅଧୀନ
ପରିଚୟ କିନ୍ତୁ କର୍ମ
କ୍ଷୁଦ୍ର ଶିଖାଟିଏ ନିଜେ ଜଳି ଜଳି
ଆଲୋକ କରିଛ ଦାନ ।

ISSN NO.
2582-208X

କୁଟୀର ହେଉ କି ରାଜଉଆସ
ସବୁଠାରେ ଥିଲା ତୁମ ପ୍ରକାଶ
ଡିବିରି ଜଳିଲେ ହଟେ ଅନ୍ଧାର
ସେଥିପାଇଁ ଥିଲା ତୁମ ଆଦର ।

ଭଙ୍ଗା କୁଡିଆର ଜହ୍ନ
ସଂଜ ନ ହେଉଣୁ ତୁମେ ଖୋଜା ପଡ଼
ତୁମ ସ୍ନେହେ ବନ୍ଧା ମନ ।

ବିଜୁଳି ଆଲୋକ ଚମକ ବେଶି
ସତେକି ଉଇଁଛି ପୁନେଇଁ ଶଶି
ତଥାପି ହେଉନି ଅନ୍ଧାର ଦୂର
ଆମେ ସବୁ ହେଲୁ
ବିଜ୍ଞାନ ଯୁଗର ଅଜ୍ଞାନ ନର ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ମୋ: ୯୫୫୬୯୮୯୭୨୩

ISSN NO.
2582-208X

# ଲୁହ



ସୁଧୀର ମେହେର

ବେଳେବେଳେ
ଦପ୍ ଦପ୍ ହସୁଥିବା ଆଖି ଦୁଇଟିରେ
କାହିଁକିଯେ ଜକେଇଆସେ ବୁନ୍ଦାବୁନ୍ଦା ଲୁହ,
ବୁଝି ହୁଏନି ।।

ନିଃଶବ୍ଦରେ
ମଡ୍ ମଡ୍ ହୋଇ ଭାଙ୍ଗିପଡେ
ଛାତିକୁ ଘୋଡେଇ ରଖିଥିବା ପଞ୍ଜରାହାଡ,
କିଏଜଣେ ଛିଣ୍ଡେଇ ପକାଏ
ସାତତାଳ ଗଭୀରରେ ଫୁଟିଥିବା
ପଦ୍ମକୋରକ ।।

ସାଙ୍ଗେସାଙ୍ଗେ
ବଦଳିଯାଏ ଓଠର ରଙ୍ଗ,
ଉଦାସୀନତା ଓ ଛାତି ଜଳିଯିବାର
ଯନ୍ତ୍ରଣାରେ

ISSN NO.
2582-208X

ବିଷର୍ଣ୍ଣ ଦିଶେ ମୁଖମଣ୍ଡଳ,
ଏ ଯନ୍ତ୍ରଣା
ସମ୍ଭବତଃ ହାରିଯିବାର,
କାହାକୁ ଅଧିକ ଭଲପାଇବାର ।

ଯିଏ ଯାହାକୁ ଯେତେ ଭଲପାଏ
ତା'ଠାରୁ ସେତିକି ଆଶା କରିବା କ'ଣ ପାପ ?

ଚର୍ଚ୍ଚେଇଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ଜଳାଶୟ



ମନୋରଞ୍ଜନ ସୁରୁଜାଲ

ନିଦାଘ ନିଷ୍ଠୁର ପ୍ରଚଣ୍ଡ ପ୍ରଖର
ଶୁଷ୍କକରେ ଜଳବିନ୍ଦୁ,
ଶତ ଚେଷ୍ଟାପରେ ରୌଦ୍ରର କୋପରେ
ଶୁଖେଇକି ପାରେ ସିନ୍ଧୁ ?

ସେହି ପରକାରେ ହୃଦ ପରଦାରେ
ଘନୀଭୂତ ବାଷ୍ପ ପରି
ଆଖି ଜଳାଶୟ ଶାନ୍ତିର ଅମୀୟ
ସ୍ତୁପୀକୃତ ମେଘସରି ।

ଅଦୃଶ୍ୟସେ ଜଳ ସ୍ୱଚ୍ଛ ଢଳ-ଢଳ
ବିଶୁଦ୍ଧ ପବିତ୍ର ସିନା,
ଝଲସି ଉଠଇ କାହିଁ ନଦିଶଇ
ଆଖିକୋଣରେ ଠିକଣା ।

ISSN NO.
2582-208X

ମହମ ସମାନେ ନିଆଁ ସନ୍ନିଧାନେ
ଟୋପାଟୋପା ପଡ଼େ ଝରି,
ବରଫ ଯେମିତି ଦିବାକର ତାତି
କାନ୍ଦଇ ସହି ନପାରି ।

ଝର-ଝର-ଝର ଝର ସମସର
କେଉଁଠାରେ ଥାଏ ସତେ,
ଅଜଣା ପୀଡ଼ାରେ ହୃଦୟର ଦ୍ୱାରେ
କୋହହୋଇ ଝରେ କେତେ ।

ଶୂଳପରି ବାଜେ ଆଖି ପାଣିଭିଜେ
ଇନ୍ଦ୍ରର ବଜ୍ର ପରିକା,
ଅଦୃଶ୍ୟ କରୁଣ ଦଇବ ଦାରୁଣ
କଷଣଟି ସିନାଏକା ।

ମେଘ ଘୋଟିଆସେ କିନିମିଷେ ମିଶେ
ଯନ୍ତ୍ରଣାର ପ୍ରତିଧ୍ୱନୀ,
ବିକଳ ଚାହାଣି କରୁଣ କାହାଣୀ
ହୃଦୟେ ତୋଳି ରାଗିଣୀ।

ବେଳେବେଳେ ଖୁସି ହୋଇ ଦିବା-ନିଶି
ଦୁଃଖ-ସୁଖର ଯୁଆଳି,
ରଙ୍ଗର ପସରା ହୁଏ ଆତ୍ମହରା
ଅଶ୍ରୁରୂପେ ପଡ଼େଗଳି ।

ISSN NO.
2582-208X

ସାଜି କଣ୍ଟାଫୁଲ          ଚରଣ ମୃଦୁଳ
କ୍ଷତାକ୍ତ ରୁଧିରଜ ଳେ,
ପୀଡ଼ା ଉପଶମ          ସପନ ଭରମ
ଉପସ୍ଥିତ ସେହିବେଳେ ।

ଶୂନ୍ୟ-ଶୂନ୍ୟ ଲବେ          ଦୁଃଖ-ଶୋକ ଯେବେ
ଆଖିକୋଣ ଭିଜିଯାଇ,
ସୁଖ ପରିସୀମା          ଅନନ୍ତ ମହିମା
ଉଲ୍ଲସିତେ ଗୀତଗାଇ ।

ଗୋଧୂଳି ଲଗନେ          ମୁରଲୀର ସ୍ୱନେ
ପଶଇ ମନମନ୍ଦିରେ,
ନବ ବଧୂଟିଏ          ପ୍ରେମିକାକି ସିଏ
ଚାକିଥାଏ ସେହି ଦ୍ୱାରେ !

ଆଇଁଲାପାଲି, ଧମା, ସମ୍ବଲପୁର

ISSN NO.
2582-208X

# ତୁମ ବିନା ମୋର



ରାମ ଚନ୍ଦ୍ର ପ୍ରଧାନ

ତୁମ ବିନା ମୋର ବିଶାଳ ହୃଦୟ
ଲାଗେ ମୋତେ ମହାଶୂନ୍ୟ
ଅସ୍ତିତ୍ୱ ହରେଇ ସବୁ ଭୁଲିଯାଏ
ପାପ ହେଉ କି' ସେ ପୁଣ୍ୟ ।
ତୁମ ବିନା ମୋର ପ୍ରେମ ସରୋବର
ଲାଗେ ମରୁଭୂମି ସମ
ବାଟବଣା ହୋଇ ପାଗଳେ ପ୍ରାୟକେ
କରେନି ମୋ ମୂଣ୍ଡକାମ ।
ତୁମ ବିନା ମୋର ଶୟନ କକ୍ଷଟା
ଲାଗେ ଭାରି ନିଛାଟିଆ
ବିରହ ଯନ୍ତ୍ରଣା ସହି ନ ପାରି କି'
ମନ ହୁଏ ଅମାନିଆ ।
ତୁମ ବିନା ମୋର ନୟନ ଯୁଗଳ
ଲାଗେ ପୁରା ଫିକା ଫିକା
ସ୍ୱପ୍ନ ହଜି ଯାଇ ବୃଥା ଆସ୍ଫାଳନେ
ମନେ ଭରେ ଅହମିକା ।

ISSN NO.
2582-208X

ତୁମ ବିନା ମୋର ମନ ବେଳାଭୂମି
ଲାଗେ ତଟଶୂନ୍ୟ ଭଳି
ବେସାହାରା ହୋଇ ସାହାରା ଖୋଜେ ମୁଁ
ଆଶାର ପ୍ରଦୀପ ଜାଳି ।

ଶିକ୍ଷକ
ଟେକ୍କାଲ୍ ହାଇସ୍କୁଲ୍, ଆସିକା, ଗଞ୍ଜାମ
ମୋ:9861638736

ISSN NO.
2582-208X

# ସେଇ ସମୟ



ସୀତାକାନ୍ତ ତୁମୁକଆ

ଆରେ ଏଇ କ'ଣ,
ସତରେ ବଦଳଗଲ ?
ଥରେ ତ ମନେପକାଅ,
ସେହି ଝରଣା ତଳେ,
ପଥର ଉପରେ,
କ'ଣ କହିଥିଲ ?

ସେଇ କୁଳୁ କୁଳୁ ଶବ୍ଦ,
କୁହୁ କୁହୁ କୋଇଲି ସ୍ୱର,
ଶୀତେଇ ଦେଉଥିବା ହୁରୁହୁରି,
ମଳୟ ପବନ,
ନୂଆଁ ନୂଆଁ ମୁଣ୍ଡ ଟେକୁଥିବା,
ନବାଗତ ତରୁଣ ତରୁଲତା,
କହ ଏମାନେ କ'ଣ ?
ସାକ୍ଷୀ ନଥିଲେ ସେ ଦିନ ।

ISSN NO.
2582-208X

କହ ମୋର ଚର ସାକ୍ଷୀ,
ଆଜି ମତେ,
ଭୟ କରନ ସ୍ୱଷ୍ଟ ସ୍ୱରରେ ମୁକ୍ତ ଭବେ,
ପ୍ରମାଣ ଦିଅ ,
କାଲି ଯିଏ ଘଣ୍ଟା ଘଣ୍ଟା ଧରି ଆସିବା,
ବାଟ ଗୁହିଁରହୁଥିଲ୍,
ସେ କ'ଣ ସତରେ ଆଜି,
ଏତେ ବଦଳ ଯିବ?

ସେ ବଦଳଗଲେ ନା ମୁଁ?
ମତେ କ'ଣ ଦେଖୁଥିଲେ କ,
ଏତେ ଦିନଧରି,
ମୁଁ ଜଣେ ଧନହୀନ,
ଗରିବ, ନା ଅଛି ହାଏ ରେଟ୍ ଗାଡି,
ନା ଅଛି ଭଲ ଡ୍ରେସ୍,
ନା ଅଛି ଦାମିକା ଘଡି, ନା ପାଦ ସୁ,
ଅଛି କେବଳ ପୁରୁଣା କଲିଆ ଖଣ୍ଡେ,
ସାଇକେଲ, ହଳେ ପ୍ଲାଷ୍ଟିକ ଯୋତା,
ମଇଲ୍ ଲ୍ଗିଥିବା ଖଣ୍ଡେ କୁରୁତା,
ଏସବୁ ଦେଖି ଆଗେ ତ,
ପସନ୍ଦ କରୁଥିଲ,
ହେଲେ ଆଜି କାଇଁ ଏସବୁ,
ଅରୁଚକର ହେଲ୍ ଯେ ।

ISSN NO.
2582-208X

ହେବ ନାହିଁ କାହିଁକ ?

ତୁମକୁ ମୁଁ ପ୍ରଥମରୁ କହି ଆସିଛି,

ଆମେ ଗରିବ,

ତୁମେ ଧନୀ,

କେବେ ତୁମେ ବଦଳ ଯାଇ ପାର,

ହେଲେ କଣ କହୁଥିଲ,

ଥରେ ମନେ ପକାଅ ?

ଅନ୍ତର୍ଲା, ଦେଓଗାଁ, ବଲାଙ୍ଗୀର

ISSN NO.
2582-208X

# ଆଜି ଆସନ୍ତୁ ଜାଣିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜ୍ୱର ହେବା କଥା ସମ୍ବନ୍ଧରେ



ସମ୍ପଦା ଦେବୀ

ଜଣେ ମହାନ ଭକ୍ତ ଥିଲେ ତାଙ୍କ ନାମ ମାଧବ ଦାସ । ସେ ପ୍ରତେକ ଦିନ ଜଗନ୍ନାଥ ଙ୍କୁ ଦର୍ଶନ କରନ୍ତି । ଭକ୍ତ ମାଧବ ଦାସ ଭକ୍ତି ଭାବାପନ୍ନ ହୋଇଥିଲେ ମଧ୍ୟ ବୈରାଗ୍ୟ ରସର ରସିକ ଥିଲେ । ବାଲ୍ୟ କାଳରୁ ଗୀତା, ଭାଗବତ ଶାସ୍ତ୍ରର ମର୍ମ ବୁଝି ଥିବାରୁ ତାଙ୍କ ମନରେ ସ୍ୱାଭାବିକ ଭାବେ ସଂସାର ପ୍ରତି ଅରୁଚି ଆସି ଯାଇଥିଲା ।

ସେ ସବୁକିଛି ତ୍ୟାଗ କରି ପ୍ରଭୁଙ୍କୁ ଅନୁମତି ମାଗି ସ୍ୱର୍ଗଦ୍ୱାର ନିକଟରେ ସମୁଦ୍ର କୂଳରେ ଗୋଟିଏ ପତ୍ର କୁଡ଼ିଆ କରି ରହିଲେ, ସେ ସବୁଦିନ ଚାଲି ଚାଲି ଆସି ପ୍ରଭୁଙ୍କ ଦର୍ଶନ କରୁଥିଲେ ।

ହଠାତ ଦିନେ ତାଙ୍କର ଦେହ ଖରାପ ହୋଇଗଲା । ସେ ଜଗନ୍ନାଥଙ୍କ ଅନ୍ୟ ଭକ୍ତ ମାନଙ୍କୁ କଷ୍ଟ ନ ଦେବା ଲାଗି ସେଇ ପତ୍ର କୁଡ଼ିଆ ରେ ସେମିତି ପଡି ରହିଲେ । ଦିନକୁ ଦିନ ଜର ବଢିବାକୁ ଲାଗିଲା । ପାଖରେ କେହି ନାହାନ୍ତି ଟିକେ ସେବା କରିବାକୁ । ବହୁତ କଷ୍ଟ ପାଇ କେବଳ ପ୍ରଭୁଙ୍କ ଉପରେ ଭରସା କରି ସେମିତି ପଡି ରହିଲେ । ସେପଟେ ପ୍ରଭୁଙ୍କୁ ବା କଣ ଅଛପା । ଭକ୍ତ ର କଷ୍ଟ କେମିତି ସହିବେ ପ୍ରଭୁ । ଭକ୍ତର କଷ୍ଟରେ ପ୍ରଭୁ କଷ୍ଟ ଅନୁଭବ କଲେ ।

ISSN NO.
2582-208X

ମନ୍ଦିର ଭିତରେ ଦୁଇ ଭାଇ କଥା ହେଲେ......ଆମକୁ ଯିବାକୁ ପଡିବ ନ ହେଲେ ଆମର ଭକ୍ତ ମାଧବ ଦାସ ମରିଯିବ । ଆସି ପହଞ୍ଚି ଗଲେ ଜଗନ୍ନାଥ ଓ ବଳଭଦ୍ର ଦୁଇଟି ବାଳକ ରୂପରେ  ଭକ୍ତ ମାଧବ ଦାସଙ୍କର ପତ୍ର କୁଡ଼ିଆ ରେ । ଭକ୍ତର ମନ ଜାଣି ସବୁ ପ୍ରକାରର ସେବା କରୁଥାନ୍ତି ପ୍ରଭୁ । ନାନା ପ୍ରକାରର ପଥ୍ୟ ଦେଇ ରୋଗ ଦୂର କରିବାକୁ ଚେଷ୍ଟା କରୁଥାନ୍ତି ପ୍ରଭୁ । ପ୍ରଭୁ ଦର୍ଶନ ଓ ଅଙ୍ଗ ସ୍ପର୍ଶରେ ମାଧବ ଦାସଙ୍କ ଶରୀରରେ ଶିହରଣ ଖେଳି ଯାଉଥାଏ । ସେ ଜାଣି ପାରିଲେ ଯେ ମହାପ୍ରଭୁ ରତ୍ନ ସିଂହାସନ ଛାଡି ତାଙ୍କ ସେବାରେ ଉପସ୍ଥିତ । ପ୍ରଭୁଙ୍କର ଯୋଗିମନମୋହିନୀ ରୂପ କୁ ଦେଖି ସେ ଆତ୍ମ ହରା ହୋଇଗଲେ । କହିଲେ ହେ ଦୟାମୟ ମୋ ଭଳି ଅଧମ ପାଇଁ ଏଭଳି ତୁଛ ସେବା କରିବାକୁ ମଧ୍ୟ ପଶ୍ଚାତପଦ ହେଲେ ନାହିଁ ଆପଣ  ! ନିଜର ଈଶତ୍ୱ ଭୁଲି ଏତେ ନୀଚ ସେବା କରିବାକୁ ଆଗଭର ହୋଇ ଆସିଲେ  !

ପ୍ରଭୁ କହିଲେ --- ମାଧବ,

ମୁଁ ଭକତ ଜନର ଅଧୀନ, ମୋ ତହୁଁ ଭକ୍ତ ନୁହେଁ ଭିନ୍ନ  ।
ଭକତ ଦେହ ପ୍ରାଣ ମୁହିଁ, ସେବକ ପ୍ରାୟ ପଛେ ଥାଇ ।

ଭଗବାନ କହିଲେ ମାଧବ ମୋ ଭକ୍ତ କଷ୍ଟ ପାଇବ ମୁଁ କେମିତି ବଡ଼ଦେଉଳରେ ଖୁସି କରିବି ।।

ଭକ୍ତ ମାଧବ ଦାସ ଜଗନ୍ନାଥ ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ ହେ ପ୍ରଭୁ ! ମୋତେ ଆରୋଗ୍ୟ କରି ଦିଅନ୍ତୁ କିମ୍ବା ମୃତ୍ୟୁ ପ୍ରଦାନ କରନ୍ତୁ ।

ମହାପ୍ରଭୁ କହିଲେ,,,,

ISSN NO.
2582-208X

ମୁଁ ସୃଷ୍ଟିର ନିୟନ୍ତା । ଏଣୁ ଅସମୟରେ କାହାର ମୃତ୍ୟୁ ଘଟାଇ ପାରିବି ନାହିଁ । ପ୍ରତ୍ୟେକ ଯିବ ତାଙ୍କର ଆୟୁ ଓ କର୍ମଫଳ ଭୋଗିବାକୁ ବାଧ୍ୟ । ହେଲେ ମାଧବ ତୁମେ ଆମର ପରମ ଭକ୍ତ l ତୁମେ ଏତେ ମନସ୍ତାପ କରୁଛ କାହିଁକି ?? ଭକ୍ତର ସେବା କରିବାରେ ଆମକୁ ଭାରି ଆନନ୍ଦ ଲାଗେ । ମୋ ଭକ୍ତ ଏମିତି ଅସହାୟ ହୋଇ ପଡ଼ିଥିବ, ଆଉ ମୁଁ ମନ୍ଦିରରେ ସୁଖେ ଦିନ କାଟୁଥିବି ?? ଲୋକେ କହିବେ ଯେ ଦେଖ, ବିଚରା ସାଧୁ ହୋଇ ଜୀବନ ସାରା ପ୍ରଭୁଙ୍କୁ ଭଜିଲେ, ଅଥଚ ଦୁଃଖ ବେଳେ ପାଣି ମୁନ୍ଦାଏ ଦେବାକୁ କେହି ନାହିଁ । ଏ କଥା କଣ ମୋତେ ବାଧିବ ନାହିଁ ?? ମୋ ପ୍ରତିଜ୍ଞା ଯେ ଭକ୍ତ ମୋତେ ଯେତିକି ଭଲ ପାଏ, ମୁଁ ମଧ୍ୟ ତାକୁ ସେତିକି ଭଲ ପାଏ । ଆଜି ଆମେ ନିଷ୍ପତି କରିଛୁ ଆମେ ଦୁଇଜଣ ତୁମେ ଭୋଗୁଥିବା କଷ୍ଟ କୁ ନିଜ ଶରୀର କୁ ନେଇ ଯାଉଛୁ । ଏହା କହି ବାଳକ ଦୁଇଟି ଅନ୍ତର୍ଧ୍ୟାନ ହୋଇଗଲେ l

ଆସ୍ତେ ଆସ୍ତେ ମାଧବ ଦାସଙ୍କ ଶରୀରରୁ ଅସୁସ୍ଥତା ଦୁରେଇ ଯାଇ କ୍ରମେ ସେ ଆରୋଗ୍ୟ ଲାଭ କଲେ । ସେ ଆଷାଢ଼ ମାସ କୃଷ୍ଣ ପ୍ରତିପଦା ଦିନ ସମୁଦ୍ର ସ୍ନାନ କରି ଶୁଦ୍ଧପୂତ ଭାବେ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ସ୍ୱର୍ଗଦ୍ୱାରରୁ ଶ୍ରୀମନ୍ଦିରକୁ ଆସିଲେ ।

କିନ୍ତୁ ଏ କଣ ! ରତ୍ନ ସିଂହାସନ ରେ ପ୍ରଭୁମାନେ ନାହାନ୍ତି । ସେ ବିସ୍ମିତ ହୋଇ ବଡ଼ପଣ୍ଡା ଙ୍କୁ ପଚାରିଲେ, ଦିଅଁ ମାନେ ରତ୍ନ ସିଂହାସନ ରେ ନ ଥିବାର କାରଣ କଣ ??

ବଡ଼ପଣ୍ଡା ଉତ୍ତର ଦେଲେ,,, ଠାକୁର ମାନଙ୍କର ଜର ହୋଇଛି । ତେଣୁ ସେ ଅଣସର ଘରେ ଅଛନ୍ତି । ପନ୍ଦର ଦିନ ଅଣସରେ ରୁହନ୍ତି ଗୁମୁଟ ସରଘରେ ॥

ଏହା ଶୁଣି ମାଧବ ଦାସ ମୁର୍ଚ୍ଛା ହୋଇ ପଡିଗଲେ । ସେ କ୍ଷୁର୍ଣସ୍ୱରରେ ପ୍ରାଥନା କଲେ ପ୍ରଭୁ, ହେ ମହାବାହୁ ଆପଣ ଏ ଛାର ଅଧୀନ ପାଇଁ ଏତେ କଷ୍ଟ ପାଇଲେ । ମୋ ଦେହରୁ ଜର ଚୋରି କରି ନେଇ ନିଜେ ଜରରେ ପଡିଲେ, ମୋ ଦେହର କଷ୍ଟ ଆପଣ ପାଇଲେ । ମୋ

ISSN NO.
2582-208X

ଠାରୁ ପାପୀ ଆଉ କେହି ନାହାନ୍ତି । କ୍ରମେ ତାଙ୍କର ସଂଜ୍ଞା ହୀନ ହୋଇଗଲା । ଏହିପରି ସେ ପନ୍ଦର ଦିନ ମୂର୍ଚ୍ଛିତ ଅବସ୍ଥାରେ ପଡିରହିଲେ ।

ପନ୍ଦର ଦିନ ପରେ ଦିଅଁ ମାନେ ଆରୋଗ୍ୟ ଲାଭ କଲେ । ପ୍ରଭୁ ନବ ଯୌବନ ଦର୍ଶନ ଦେଲେ । ପ୍ରଭୁଙ୍କୁ ଦର୍ଶନ କରି କାନ୍ଦି କାନ୍ଦି ତଳେ ଲୋଟିଗଲେ । କହିଲେ ପ୍ରଭୁ ମୋ ପାଇଁ ଏତେ କଷ୍ଟ ପାଇଲେ । ଶତଧିକ ମୋ ଜୀବନକୁ ।

ପ୍ରଭୁ ନିଜେ ଦର୍ଶନ ଦେଲେ ଭକ୍ତ ମାଧବ ଦାସଙ୍କୁ ଆଉ କହିଲେ ଭକ୍ତ ମୋର ସବୁଠୁ ପ୍ରିୟ । ମୁଁ ସବୁ ସହିଯିବି ମୋ ଭକ୍ତର କଷ୍ଟ ସହି ପାରିବିନି । ତୁମେ ବ୍ୟସ୍ତ ହୁଅ ନାହିଁ । ମୁଁ ଦୁନିଆରେ ଜଣେଇବା କୁ ଚାହେଁ ମୁଁ ବି ମାନବୀୟ ଲୀଳା କରୁଛି । ମଣିଷ ଦେହରେ ଯେମିତି ରୋଗ ଅଛି ମୋ ଦେହରେ ମଧ୍ୟ ରହିଛି । ମୁଁ ଏହି ଲୀଳା ଜଗତ ପାଇଁ କରିଛି ।

ଏହା ଦର୍ଶନ କରି ଭକ୍ତ ମାଧବ ଦାସଙ୍କ ପ୍ରାଣ ବାୟୁ ଜଗନ୍ନାଥଙ୍କ ଶରୀର ରେ ମିଶିଗଲା ।

ହେ ମହାପ୍ରଭୁ ଆପଣଙ୍କ ଲୀଳା ଆପଣ ଜାଣନ୍ତି ।

ଜୟ ତୁହି ଜଗନ୍ନାଥ ଅନାଦି ଅଚ୍ୟୁତ
ଜୟ ତୁହି ଜଗନ୍ନାଥ ଜଗଜନହିତ
ଜୟ ତୁହି ଜଗନ୍ନାଥ ମୋକ୍ଷ ର କାରଣ
ତୋହର ନାମ ଧରିଣ କରୁଥାନ୍ତି ଧ୍ୟାନ ॥

ସଂଗ୍ରାହିକା: ସମ୍ପଦା ଦେବୀ
ଆଳ, କେନ୍ଦ୍ରାପଡା

ISSN NO.
2582-208X

# କରିବିନ କଛି ଅଳି



ଜନ୍ମଜୟ ନାୟକ

ଅନ୍ତରେ ମୋହର ଶରଧା ଭରିଣ
ଭକତି ସୁମନ ଭେଟି,
କିଛି ମାଗିବିନି ହାତଦେବିଟେକି
ଚରଣାବିନ୍ଦରେ ଲୋଟି।

ତୁମେ ଅନ୍ତର୍ଯ୍ୟାମୀ ଜଗତର ସାଇଁ
ତୁମେ କରୁଣା ଭଣ୍ଡାର,
ସବୁରି ଅଭାବ କରିପାର ଦୂର
ତୁମେ ଭାବର ଠାକୁର।

ଆକୁଳ ପ୍ରାର୍ଥନା ହୃଦୟ ବେଦନା
ତୁମ ମନ ପାରେଜିଣି,
ଲୋଡାନାହିଁ ଫଳ ନାନାବିଧ ପୁଷ୍ପ
ଶୁଣ ଦୁଃଖୀର କାହାଣୀ।

ISSN NO.
2582-208X

ମୁକତି ମଣ୍ଡପେ ମୁଣ୍ଡିଆ ମାରିଣ
ସକଳ ପାତକ ନାଶି,
ଆନନ୍ଦ ବଜାରେ ଅଭଡା ହାଟରେ
ଶାନ୍ତିରେ ଖାଇବି ବସି।

ରତନ ବେଦୀରେ ତୁମକୁ ଦେଖିଣ
ଲୋତକେ ପ୍ରଦୀପ ଜାଳି,
ଫେରିବନି ଆଖି ରହିଥିବ ଲାଖି
କରିବିନି କିଛି ଅଳି।

ଗଣିତ ଶିକ୍ଷକ
ଗୋପିନାଥଜୀୟୁ ସରକାରୀ
ଉଚ୍ଚ ବିଦ୍ୟାଳୟ
୯୩୩୭୮୦୦୫୬୫

ISSN NO.
2582-208X

# ଶ୍ରୀଜଗନ୍ନାଥ ଅଷ୍ଟକମ୍



ଦେବଯାନୀ ବାରିକ୍

(୧)

କଦାଚିତ୍କାଳିନ୍ଦୀ-ତଟ-ବିପିନ-ସଙ୍ଗୀତକ-ରବୋ
ମୁଦାଭୀରୀ-ନାରୀ-ବଦନ-କମଳାସ୍ୱାଦ-ମଧୁପଃ
ରମା-ଶମ୍ଭୁ-ବ୍ରହ୍ମାମର ପତି-ଗଣେଶାର୍ଚ୍ଚିତ-ପଦୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

(୨)

ଭୁଜେସବ୍ୟେବେଣୁଂ ଶିରସିଶିଖି-ପିଚ୍ଛଂକଟି-ତଟେ
ଦୁକୂଳଂନେତ୍ରାନ୍ତେ ସହଚର-କଟାକ୍ଷଂ ବିଦଧତେ
ସଦାଶ୍ରୀମଦ୍-ବୃନ୍ଦାବନ-ବସତି-ଲୀଳା-ପରିଚୟୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀଭବତୁମେ

(୩)

ମହାମ୍ଭୋଧେସ୍ତୀରେ କନକ-ରୁଚିରେ ନୀଳ-ଶିଖରେ
ବସନ୍ପ୍ରାସାଦାନ୍ତଃସହଜ-ବଳଭଦ୍ରେଣବଳିନା
ସୁଭଦ୍ରା-ମଧ୍ୟସ୍ଥଃ ସକଳ-ସୁର-ସେବାବସର-ଦୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

ISSN NO.
2582-208X

(୪)

କୃପା-ପାରାବାରଃ ସଜଳ-ଜଳଦ-ଶ୍ରେଣୀ-ରୁଚିରୋ
ରମା-ବାଣୀ-ରାମଃସ୍ଫୁରଦ୍-ଅମଳ-ପଙ୍କେରୁହ-ମୁଖଃ
ସୁରେନ୍ଦ୍ରୈର୍ଆରାଧ୍ୟଃଶ୍ରୁତି-ଗଣ-ଶିଖା-ଗୀତ-ଚରିତୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

(୫)

ରଥାରୂଢୋ ଗଚ୍ଛନ୍ପଥି ମିଳିତ-ଭୂଦେବ-ପଟଳୈଃ
ସ୍ତୁତି-ପ୍ରାଦୁର୍ଭାବଂ ପ୍ରତି-ପଦଂଉପାକର୍ଣ୍ୟସଦୟଃ
ଦୟା-ସିନ୍ଧୁର୍ବନ୍ଧୁଃ ସକଳଜଗତାଂସିନ୍ଧୁ-ସୁତୟା
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

(୬)

ପରଂ-ବ୍ରହ୍ମାପୀଡଃକୁବଳୟ-ଦଳୋତ୍ଫୁଲ୍ଲ-ନୟନୋ
ନିବାସୀନୀଳାଦ୍ରୌନିହିତ-ଚରଣୋଽନନ୍ତ-ଶିରସି
ରସାନନ୍ଦୋରାଧା-ସରସ-ବପୁର-ଆଲିଙ୍ଗନ-ସୁଖୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

(୭)

ନବୈୟାଚେରାଜ୍ୟଂନଚକନକ-ମାଣିକ୍ୟ-ବିଭବଂ
ନୟାଚେଽହଂରମ୍ୟାଂସକଳଜନ-କାମ୍ୟାଂବର-ବଧୂମ୍
ସଦାକାଳେକାଳେପ୍ରମଥ-ପତିନାଗୀତ-ଚରିତୋ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

ISSN NO.
2582-208X

(୮)

ହରତ୍ୱଂସଂସାରଂଦୃତ -ତରମ୍ଅସାରଂସୁର -ପତେ
ହରତ୍ୱଂପାପାନାଂବିତତିଂଅପରାଂୟାଦବ -ପତେ
ଅହୋଦୀନେଃନାଥେନିହିତ-ଚରଣୋନିଶ୍ଚିତଂଇଦଂ
ଜଗନ୍ନାଥଃସ୍ୱାମୀ ନୟନ-ପଥ-ଗାମୀ ଭବତୁମେ

(୯)

ଜଗନ୍ନାଥାଷ୍ଟକଂପୁଣ୍ୟଂୟଃପଠେପ୍ରୟତଃଶୁଚିଃ
ସର୍ବ-ପାପ -ବିଶୁଦ୍ଧାତ୍ମାବିଷ୍ଣୁ-ଲୋକଂସଗଚ୍ଛତି

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି,କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଅଜଣା ପଥ



ଦୁଷ୍ମନ୍ତ ବେହେରା

ପଥ ପାନ୍ତରରେ ଅବସାଦ ମନ
ଚଞ୍ଚଳ ହୃଦୟେ ପ୍ରେମ
ବାଟୋଇ ଦେଖାରେ ଭୁଲେ ଅବାନ୍ତର
ଚଲା ସାଥି ଗୋଟେ ଫୁଲ !!

କିଏ କହେ ମୁଁ ଲିଭି ଜଳୁଛି ଶିଖା
ଜଳଙ୍ଗ ତରଙ୍ଗ ସୂତେ
ଦୁନିଆ ପବନ ହାଉଲେ ଉଡାଏ
ସଂସାର ଇଲାକା ମୂଳେ !!

ପଥ ସରେ ନାହିଁ ମନ ସରେ ନାହିଁ
ମୁ ସରେ ରାଇଜ ରେ
କଡ ଉହାଡରେ ଗୁମୁରି ଉଡେ
କାକର ସ୍ୱର୍ଶ ର ତଳେ !!

ISSN NO.
2582-208X

ମୁଁ ଆସିଛି ମନ ଫୁଲ ନେଇ ସାଥି
ଧରୁ ଧରୁ ମୁଁ ନରମି ଯାଏ
ତୁମ ପୟର ଛୁଆଁ ପାଇଁ ଦେହ
ମୋ ଲାଜରେ ଶିତେଇ ଉଠେ !!

ଶେଷ ବାଟୋଇ ମୁଁ ସମୟ ଦୁଆରେ
ଚାଲି ଥକି ଗଲି ଶେଷେ
ଠିକଣା ପଚାରେ କଣ ପାଇଲୁ ଧଳା
ଦୁନିଆ ର ଲୋଭ ପାଶେ !!

ଲୋଭ ରେ ଚାଲିଲି ସରିଲା ନାହିଁ
କର୍ତ୍ତବ୍ୟ ତୁଠ ପଥରରେ
ଭାଗ୍ୟ ଘସେ ମୁଁ କରମ ଝୁରି ଝୁରି
ମଳି ନ ଛାଡେ ଅଜଣା ପଥ !!

ଶେଷ ପଥ ମୁଁ ଅଜଣା ବାଟୋଇ
ଧୂଳି ସାଙ୍ଗେ ମୁଁ ସାଥି
ଏଣେ ତେଣେ ଉଡାଏ ପବନ
ନାଚି ଖେଳି ହସି ହସି !!

ଘସୋଳ (ମୁଣ୍ଡିଆପଷି)
ଢେଙ୍କାନାଳ

ISSN NO.
2582-208X


# ଅଭିବ୍ୟକ୍ତିର ସ୍ୱାଧୀନତା



ମମତା ନାୟକ

ଅଭିବ୍ୟକ୍ତିର ସ୍ୱାଧୀନତା ଆମର ଗଣତାନ୍ତ୍ରିକ ଅଧିକାରରେ ଆସେ, କିନ୍ତୁ ଏହା ଉପରେ କିଛି ସୀମା ନିର୍ଦ୍ଧାରଣ କରାଯାଇଛି । ଭାଷା ଓ ବକ୍ତବ୍ୟ ଉପରେ ନିଷେଧାଜ୍ଞା ବି ରହିଛି । ତଥାପି ହେଟ୍ ସ୍ପିଚ ବା ଘୃଣ୍ୟ ମନ୍ତବ୍ୟ ପ୍ରକଟ କରିବା ଆଜି କାଲି ରାଜନେତା ଏବଂ  ର୍ମପ୍ରଚାରକଙ୍କ ପାଇଁ ଅତି ସାଧାରଣ ଓ ପ୍ରିୟ ବକ୍ତବ୍ୟ ହୋଇ ଯାଇଛି । ଏହି ଘୃଣା ଉଦ୍ରେକକାରୀ ଭାଷା ଓ ଶବ୍ଦ କେବଳ ଭୋଟ୍ ବ୍ୟାଙ୍କ ପୂରଣ ପାଇଁ ପ୍ରଚାର କରାଯାଉଛି । ଅନ୍ୟ ଧର୍ମ ବିରୁଦ୍ଧରେ ଲୋକଙ୍କୁ ଉତ୍ତେଜିତ କରି, କୁହନ୍ତି ଯେ - ଆମ ହିନ୍ଦୁଧର୍ମ ଆଜି ବିପଦର ସମ୍ମୁଖୀନ ହୋଇଛି, ନିଜ ଧର୍ମକୁ ରକ୍ଷା କରିବାପାଇଁ ଯଦି ଆମେ ଜାଗ୍ରତ ନହେବା, ଅନ୍ୟ ଧର୍ମ ଆମ ଉପରେ ପ୍ରାଧାନ୍ୟ ବିସ୍ତାର କରିନେବେ, ମୋଗଲରାଜ ପୁଣି ଫେରିଆସିବ । ସତରେ ଏହା କଣ ସମ୍ଭବ ହେବ ? ଐତିହାସିକ ତଥ୍ୟ ଅନୁସାରେ ଆମେ ଜାଣୁ ଯେ ମୋଗଲମାନେ ପ୍ରାୟ ୩୦୦ ବର୍ଷ ଧରି ଭାରତରେ ଶାସନ କରିଥିଲେ । ସେମାନଙ୍କର ବାହୁବଳ ଓ ଅସ୍ତ୍ର-ଶସ୍ତ୍ର ଆଦି ବହୁତ ଅଧିକ ଥିଲା । ସେମାନେ ଚାହିଁଥିଲେ ସେତେବେଳେ ସାରା ଦେଶର ଲୋକମାନଙ୍କୁ ଜବରଦସ୍ତି ମୁସଲମାନ ବନେଇ ପାରିଥା'ନ୍ତେ । ସମସ୍ତ ମନ୍ଦିରକୁ ଭାଙ୍ଗି ମସଜିଦ ବନେଇ ଦେଇଥାନ୍ତେ । ଭାରତର ବିଭିନ୍ନ ରାଜ୍ୟରେ ଏତେ ବଡ ବଡ ପ୍ରାଚୀନ କାଳର ଦେବୀ-ଦେବତାଙ୍କ ମନ୍ଦିର ଦେଖିବାକୁ ମିଳୁ ନଥାନ୍ତା । ସେଥିପାଇଁ ଆଜି ପର୍ଯ୍ୟନ୍ତ ଦେଶ ହିନ୍ଦୁସ୍ତାନ ହୋଇକି ହିଁ ଅଛି, ତେବେ ବର୍ତ୍ତମାନ ନିଜ ପ୍ରତି ଏତେ ଅସୁରକ୍ଷା ମନୋଭାବ ଓ ଅନ୍ୟମାନଙ୍କ ପ୍ରତି ଘୃଣା ସୃଷ୍ଟି କରାଯାଉଛି କାହିଁକି ? ଅପବାଦ ସ୍ୱରୂପ କିଛି

ISSN NO.
2582-208X

ସଂଖ୍ୟାରେ ହିନ୍ଦୁମାନେ ମୁସଲମାନ କିମ୍ବା ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଛନ୍ତି କିନ୍ତୁ ସେଥିପାଇଁ ଅନ୍ୟ ଧର୍ମର ଲୋକମାନେ ଜବରଦସ୍ତି କରିଥିବାର ଉଦାହରଣ ବହୁତ କମ ଅଛି ଏବଂ ଅଧିକାଂଶ ଲୋକ ନିଜ ଧର୍ମରେ ଜାତିପ୍ରଥା ଓ ଛୁଆଁ-ଅଛୁଆଁ ଭେଦଭାବ ଯୋଗୁଁ ନିର୍ଯ୍ୟାତିତ ଓ ଶୋଷିତ ହୋଇ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରିଥିବାର ଉଦାହରଣ ବେଶୀ ଅଛି ।

ବିଚାରଣିୟ ତଥ୍ୟ ହେଉଛି ଯେ ମୋଗଲଙ୍କ ପରେ ଇଂରେଜମାନେ ମଧ୍ୟ ପ୍ରାୟ ୨00 ବର୍ଷ ଶାସନ କଲେ । ଖ୍ରୀଷ୍ଟିୟାନମାନେ ଚାହିଁଥିଲେ ଜୋର ଜବରଦସ୍ତି ଅଧିକାଂଶ ହିନ୍ଦୁଙ୍କୁ ତାଙ୍କ ଧର୍ମରେ ଦୀକ୍ଷିତ କରିଦେଇ ପାରିଥାନ୍ତେ । ସେତେବେଳେ କୌଣସି ହିନ୍ଦୁ ଧର୍ମଗୁରୁ ଓ ରାଜନେତା କହୁ ନଥିଲେ ଯେ ଆମର ଧର୍ମ ବିପଦରେ ପଡିଛି । ଖ୍ରୀଷ୍ଟିୟାନ ଧର୍ମରେ ଛୁଆଁ-ଅଛୁଁଆ ଜାତି-ପ୍ରଥା ନାହିଁ । ଗରିବ ଲୋକମାନଙ୍କୁ ମାଗଣାରେ ଶିକ୍ଷା, ଚିକିତ୍ସା ଓ ସମାନତାର ଅଧିକାର ଦିଆ ଯାଉଥିବାରୁ ଲୋକମାନେ ଖୁସିରେ ସେହି ଧର୍ମ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଯେଉଁମାନେ ହିନ୍ଦୁ ସମ୍ପ୍ରଦାୟର ସରଳ ବିଶ୍ୱାସୀ ଲୋକମାନଙ୍କୁ ଭୁଲ ତଥ୍ୟ ଦେଇ ଅଶ୍ଳୀଳ ଭାଷାରେ ଅନ୍ୟ ଧର୍ମକୁ ଗାଳିଗୁଲଜ କରି ଉତ୍ତେଜିତ କରୁଛନ୍ତି, ସେମାନେ କେବଳ ନିଜର ରାଜନୈତିକ ଫାଇଦା ହାସଲ କରିବାକୁ କାମ କରୁଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ ଧର୍ମକୁ ନେଇ ଘୃଣା ଓ ବିଦ୍ୱେଷ ସୃଷ୍ଟି କରିବା ଦ୍ୱାରା ତୁମ ଧର୍ମ କଣ ଉଚ୍ଚକୁ ଉଠିଯିବ ଏବଂ ଅନ୍ୟ ଧର୍ମ କଣ ନୀଚ ହୋଇଯିବ ? ଗୋଟିଏ ବୃହତ ଗଣତାନ୍ତ୍ରିକ ଓ ଧର୍ମ ନିରପେକ୍ଷ ରାଷ୍ଟ୍ରକୁ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନପାଇଁ ପୁରା ବିଶ୍ୱରେ ବଦନାମ କରୁଛନ୍ତି କାହିଁକି ?

ରାମାୟଣ ଓ ମହାଭାରତ ଭଳି ଦୁଇଟି ମହାକାବ୍ୟ ଧର୍ମଗ୍ରନ୍ଥର କାହାଣୀରେ ଭାଇ ଭାଇଙ୍କ ଭିତରେ ଘଟିଥିବା ବିବାଦକୁ ନେଇ ମହାଯୁଦ୍ଧ ଓ ହିଂସା ସଙ୍ଗଠିତ ହୋଇଛି । ସେହି ଦୁଇଟି କାହାଣୀର ନାୟକ, ନାୟିକା ଓ ଅନ୍ୟ ଚରିତ୍ରମାନଙ୍କ ମୁହଁର ଅସଙ୍ଗତ କଟୁ ଭାଷାର ପ୍ରୟୋଗ ହିଁ ପରସ୍ପରଙ୍କ ଭିତରେ ଯୁଦ୍ଧର ସୂତ୍ରପାତ କରିଥିଲା । କାରଣ ସେତେବେଳେ ମଧ୍ୟ ଜନସାଧାରଣଙ୍କ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା ନଥିଲା । ପ୍ରତ୍ୟେକ ଥର ଯୁଦ୍ଧ ପୂର୍ବରୁ ଓ

ISSN NO.
2582-208X

ପରେ ପ୍ରଜାମାନଙ୍କ ପ୍ରତି ଅମାନବୀୟ ବ୍ୟବହାର କରିବା, ନାରୀମାନଙ୍କ ଆତ୍ମସମ୍ମାନକୁ କୁଠାର ଘାତ କରିବା ଭଳି ଶହ ଶହ ଘଟଣା ଲେଖା ଯାଇଛି । ଠିକ ସେହି ପୁରୁଣା ସାମାଜିକ ବ୍ୟବସ୍ଥା ଅନୁସାରେ ଆଜି ବି ସମାଜରେ ଅନେକ ପ୍ରକାର ରୂଢ଼ିବାଦୀ ପରମ୍ପରା ଓ ପ୍ରଥା ପାଳନ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ କରାଯାଉଛି । ଆଜି ମଧ୍ୟ ଆମ ଦେଶର ମହିଳାମାନେ ଷଡଯନ୍ତ୍ରର ଶିକାର ହୋଇ ପୁରାଣ ଯୁଗର ସୀତା, ଦ୍ରୌପଦୀ, କୁନ୍ତୀ, ହୋଲିକା ପରି ମରି ମରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି । ପୌରାଣିକ ଗ୍ରନ୍ଥଗୁଡ଼ିକର ଧାର୍ମିକ କାହାଣୀଗୁଡ଼ିକର ଚିନ୍ତାଧାରା ଏବଂ ନୀତି ନିୟମ କେବଳ ପ୍ରତ୍ୟେକ ପରିବାରରେ ଦୃଶ୍ୟମାନ ହେଉନାହିଁ ବରଂ ରାଜନୀତିରେ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହେଉଛି ।

ପୌରାଣିକ ଶାସ୍ତ୍ରଗୁଡ଼ିକରେ ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁତା ବା ଘୃଣ୍ୟ ମନ୍ତବ୍ୟ ଲେଖାନାହିଁ ବରଂ ନିଜ ଧର୍ମର ହିଁ ସମସ୍ତ ମହିଳା ଏବଂ ଶୂଦ୍ର ଗୋଷ୍ଠୀର ପୁରୁଷମାନଙ୍କପାଇଁ ଘୃଣ୍ୟ ମନ୍ତବ୍ୟର ଉଲ୍ଲେଖ ଅଛି । ଆଜି ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ସୋସିଆଲ ମିଡିଆରେ ପ୍ରଚାର ହେଉଥିବା କୌଣସି ହେଟ୍ ସ୍ପିଚକୁ ଅତି କମ ସମୟରେ ଲକ୍ଷ ଲକ୍ଷ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହଜ ହୋଇ ଯାଇଛି । ଯାହା ଦ୍ୱାରା ଦେଶର ପୂର୍ବ କୋଣରେ ଥିବା କୌଣସି ସ୍ଥାନରେ କୁହାଯାଇଥିବା ଘୃଣ୍ୟ ମନ୍ତବ୍ୟଟି ତୁରନ୍ତ ଅନ୍ୟ ତିନି କୋଣରେ ରହୁଥିବା ଲୋକମାନଙ୍କ ପାଖରେ ଖୁବ ଶୀଘ୍ର ପହଞ୍ଚି ଯାଉଛି । ସେଠାରେ ଦଙ୍ଗା ଫସାଦ ଆରମ୍ଭ ହୋଇ ଯାଉଛି । ଦେଶରେ ଆଇନ କାନୁନ ବ୍ୟବସ୍ଥା ଭୁଶୁଡି ପଡୁଛି ।

ଆମ ଦେଶର କାନୂନ ବ୍ୟବସ୍ଥା ବର୍ତ୍ତମାନ ଏତେ ଢିଲା ହୋଇ ପଡିଛି ଯେ ଯେଉଁ ବୁଦ୍ଧିଜୀବୀ ଓ ସମାଜ ସୁଧାରକମାନେ ହିନ୍ଦୁ ଧର୍ମର ସୁଧାର ଓ ସଂସ୍କାର ବିଷୟରେ ଆଲୋଚନା କରନ୍ତି, ସେମାନଙ୍କୁ ତୀବ୍ର ନିନ୍ଦା କରିବା ସହିତ ଧର୍ମଦ୍ରୋହୀ ଓ ଦେଶଦ୍ରୋହୀ ବୋଲି କହୁଛନ୍ତି କିନ୍ତୁ ଯେଉଁ ରାଜନେତା ଓ ଧର୍ମଗୁରୁମାନେ ସିଧା ଅନ୍ୟ ଧର୍ମର ନେତା ତଥା ଧର୍ମପ୍ରଚାରକମାନଙ୍କ ପାଇଁ ଅତ୍ୟନ୍ତ କଟୁ ଓ ଅସଭ୍ୟ ଭାଷା ବ୍ୟବହାର କରୁଛନ୍ତି, ସେମାନଙ୍କ ଉପରେ କୌଣସି କାର୍ଯ୍ୟବାହୀ ହେଉନାହିଁ । ହିନ୍ଦୁ ଧର୍ମର ପ୍ରଚାରକ ତଥା ରାଜନେତାମାନେ ଦେଶର ଅନେକ

ISSN NO.
2582-208X

ସ୍ଥାନରେ ହିନ୍ଦୁ-ମୁସଲମାନ ପ୍ରସଙ୍ଗରେ କହିଥିବା (ହେଟ୍ ସ୍ପିଚ) ଘୃଣ୍ୟ ଭାଷଣ ଉପରେ ମାନନୀୟ ସୁପ୍ରିମ କୋର୍ଟ ସଂଜ୍ଞାନ ନେଇ ଶୁଣାଣି ଆରମ୍ଭ କରିଛନ୍ତି । ଧର୍ମ ଉପରେ ଆପତ୍ତିଜନକ ଘୃଣ୍ୟ ମନ୍ତବ୍ୟ ଦେଇ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ଲୋକମାନଙ୍କ ଉପରେ କଡା କାର୍ଯ୍ୟବାହୀ କରାଯିବ । ଆଜିର ସମୟରେ ଏହା ଅତ୍ୟନ୍ତ ଜରୁରୀ ହୋଇ ପଡିଛି ।

ମୋ : ୮୧୪୭୨୦୮୭୪୬

ISSN NO.
2582-208X

# ପ୍ରାକୃତିକ ଶୋଭା



ସନ୍ତୋଷ କୁମାର ବେହେରା

ଧିରେଧିରେ ନିଶୀ, ଯାଏ ଅପସରି
ଦିବା ହୁଏ ଆଗମନ
ପୂରୁବ ଦିଗରୁ, ସୂରୁଜ ଆସନ୍ତି
ଦିଶନ୍ତି ଲୋହିତ ବର୍ଣ୍ଣ ।।
ତପନ କିରଣେ, ହୋଇ ଆଲୋକିତ
ସୁନ୍ଦର ଦିଶେ ଧରଣୀ
ସବୁଜ ବସ୍ତ୍ରରେ, ହୋଇ ଆଚ୍ଛାଦିତ
କି ଶୋଭା ପ୍ରକୃତି ରାଣୀ ।।
ନାଚୁଛି ତରଣୀ, ନାଚୁଛି ତରଙ୍ଗ
ଉଡ଼ନ୍ତି କେତେ ବିହଙ୍ଗ
ସୁନ୍ଦର ଆକାଶ, କି ଶୋଭା ଜଗତ
ଇନ୍ଦ୍ରଧନୁ ସପ୍ତରଙ୍ଗ।।
ଅସ୍ତଗାମୀ ସୂର୍ଯ୍ୟ, ଲୋହିତ କିରଣ
ଦିଶେ ପ୍ରବାଳର ବର୍ଣ୍ଣ
ପ୍ରକୃତି ରାଣୀର, ପ୍ରାକୃତିକ ଦୃଶ୍ୟ
ଦୁଃଖକୁ କରେ ହରଣ ।।

କପସିଲ୍, ତୁଷୁରା, ବଲାଙ୍ଗିର

ISSN NO.
2582-208X

# ସବୁ ମାୟାରେ ବାୟା



ହରେରାମ ପଣ୍ଡା

ସଂସାରକୁ ଯାହା ଭାବିଛୁ ମନୁଆ
ସେମିତି ନୁହେଁ ରେ ତାହା,
ଧନ ଜନ ପଦ ଯାହା ତୁ ପାଇଛୁ
ସବୁ ତ ମାୟାରେ ବାୟା ।୦।
ଗୋଲାପର ସେଜ ନୁହେଁ ଏ ଜୀବନ
କେବେ ସୁଖ କେବେ ଦୁଃଖ,
ଆଜି ଯେ ବସିଛି ରାଜେନ୍ଦ୍ର ଆସନେ
କାଲି ବୁଲେ ମାଗି ଭିକ,
କୁହୁଡି ଯେସନେ କ୍ଷଣିକେ ମିଳାଏ
କ୍ଷଣିକେ ରଚଇ ମାୟା ।୧।
କିଏ କେତେ ଚାଲି ଗଲେଣି ସଂସାରୁ
ସାଥେ ନେଲେ କେତେ ଧନ,
ଅଭିନୟ ସାରି ଗଲେ ଏ ମଞ୍ଚରୁ
ଚାଲିଯିବ ଏ ଜୀବନ,
ଯେଉଁ ଖାଲିହାତେ ଆସିଥିଲୁ ଦିନେ
ଖାଲି ହାତେ ଯିବୁ ଫେରି ।୨।

ISSN NO.
2582-208X

ଧର୍ମ ଏକା ସିନା ମହତ ପଣିଆ
କର୍ମ ହିଁ ସାଥି ତୋହର,
ଗଲାବେଳେ କେହି ସାଥିରେ ନ ଯିବେ
ବନ୍ଧୁ କି ସାଥି ସୋଦର,
ବେଳ ଥାଉଁ ଥାଉଁ ଭଜ ହରିନାମ
ସେହି ଏକା ତୋର ସାହା ।୩।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ, ଯାଜପୁର
ସମ୍ପର୍କ - ୯୪୩୮୦୬୫୧୯୫

ISSN NO.
2582-208X

# ଶ୍ରୀମହାଲକ୍ଷ୍ମୀ ଅଷ୍ଟକମ୍



ଅଳକା ବାରିକ୍

. * ଇନ୍ଦ୍ରଉବାଚ *

ନମସ୍ତେଽସ୍ତୁମହାମାୟେଶ୍ରୀପୀଠେ ସୁରପୂଜିତେ।
ଶଙ୍ଖଚକ୍ରଗଦାହସ୍ତେ ମହାଲକ୍ଷ୍ମି ନମୋଽସ୍ତୁତେ॥୧॥

ନମସ୍ତେ ଗରୁଡାରୂଢେ କୋଳାସୁର ଭୟଙ୍କରି।
ସର୍ବପାପହରେଦେବି ମହାଲକ୍ଷ୍ମି ନମୋଽସ୍ତୁତେ॥୨॥

ସର୍ବଜ୍ଞେ ସର୍ବବରଦେ ସର୍ବଦୁଷ୍ଟ ଭୟଙ୍କରି।
ସର୍ବଦୁଃଖ ହରେଦେବି ମହାଲକ୍ଷ୍ମି ନମୋଽସ୍ତୁତେ॥୩॥

ସିଦ୍ଧିବୁଦ୍ଧି ପ୍ରଦେଦେବି ଭୁକ୍ତିମୁକ୍ତି ପ୍ରଦାୟିନି।
ମନ୍ତ୍ରମୂର୍ତ୍ତେ ସଦାଦେବି ମହାଲକ୍ଷ୍ମି ନମୋଽସ୍ତୁତେ॥୪॥

ଆଦ୍ୟନ୍ତର ହିତେଦେବି ଆଦ୍ୟଶକ୍ତି ମହେଶ୍ୱଶ୍ୱରି।
ଯୋଗଜେଯୋଗ ସମ୍ଭୂତେ ମହାଲକ୍ଷ୍ମିନ ମୋଽସ୍ତୁତେ॥୫॥

ISSN NO.
2582-208X

ସ୍ଥୂଳସୂକ୍ଷ୍ମ ମହାରୌଦ୍ରେ ମହାଶକ୍ତି ମହୋଦରେ।
ମହାପାପ ହରେଦେବି ମହାଲକ୍ଷ୍ମି ନମୋଽସ୍ତୁତେ॥୬॥

ପଦ୍ମାସନ ସ୍ଥିତେଦେବି ପରବ୍ରହ୍ମ ସ୍ୱରୂପିଣି।
ପରମେଶି ଜଗନ୍ନାଥ ମହାଲକ୍ଷ୍ମିନ ମୋଽସ୍ତୁତେ॥୭॥

ଶ୍ୱେତାମ୍ବର ଧରେଦେବି ନାନାଳଙ୍କାର ଭୂଷିତେ।
ଜଗସ୍ଥିତେ ଜଗନ୍ନାଥ ମହାଲକ୍ଷ୍ମି ନମୋଽସ୍ତୁତେ॥୮॥

ମହାଲକ୍ଷ୍ମ୍ୟଷ୍ଟକଂସ୍ତୋତ୍ରଂ ଯଃପଠେଦ୍ଭକ୍ତିମାନ୍ନରଃ।
ସର୍ବସିଦ୍ଧିମବାପ୍ନୋତି ରାଜ୍ୟଂପ୍ରାପ୍ନୋତି ସର୍ବଦା॥୯॥

ଏକକାଳେ ପଠେନ୍ନିତ୍ୟଂ ମହାପାପ ବିନାଶନମ୍।
ଦ୍ୱିକାଳଂଯଃ ପଠେନ୍ନିତ୍ୟଂ ଧନଧାନ୍ୟ ସମନ୍ୱିତଃ॥୧୦॥

ତ୍ରିକାଳଂଯଃପଠେନ୍ନିତ୍ୟଂ ମହାଶତ୍ରୁ ବିନାଶନମ୍।
ମହାଲକ୍ଷ୍ମୀର୍ଭବେନ୍ନିତ୍ୟଂ ପ୍ରସନ୍ନା ବରଦା ଶୁଭା॥୧୧॥

ଇତୀନ୍ଦ୍ରକୃତଂଶ୍ରୀମହାଲକ୍ଷ୍ମୀସ୍ତବମ୍

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ନଖିନାନୀ ପୁଅ ଭଗିଆ



ତାର୍‌ପ୍ରସାଦ ଜେନା

ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି
ଯୋଉଠି ପାଇଲା ସେଇଠି
ମନକୁ କବିତା ଗାଉଚି !
ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଯିଏ ତ ଶୁଣିଲା ତାବଦା
ଛେପକୁ ପକାଇ ଆଉଚି
ଚଉଦ ପୁରୁଷ ଭିତରେ
ସତେକି କବିଟେ ଭେଇଚି !
ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଲେଖାରେ ଭାବକୁ ଆସୁନି
ଶବଦ ପୋଡ଼ିକି ଖାଇଚି
ତଥାପି କବିରେ ଗଣାକୁ
ଖରଚ କେତେ ସେ ଦେଇଚି !

ISSN NO.
2582-208X

ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ସରମ ନାହିଁଟି ମୁହଁକୁ
ପ୍ରଶଂସାପତର ଧଇଚି
କିଣିକି ଫୁଟାଣି ବାହାରେ
ଛବିକୁ ଦେଖାଇ ବଇଚି !
ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ମୂରୁଖ ଦୋଷଟା କଟିନି
ପଣ୍ଡିତ ନିଜକୁ ଥୋଇଚି
କାନ୍ଧରେ ଝୁଲାକୁ ଗଳେଇ
ସଭାକୁ ହାଉଲେ ଯାଉଚି !
ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ଲୁଙ୍ଗୁଡ଼ା ପେରମ ଧକେଇ
ଉତ୍ତମ ମଧ୍ୟମ ପାଇଚି
କବିର ବାସନା ଛାଡ଼ିନି
ମନକୁ ଉପାଧି ନେଇଚି !
ନଖିନାନୀ ପୁଅ ଭଗିଆ
ନୂଆକୁ କବିଟେ ହେଇଚି........

ରାଜ ରଣପୁର, ଜିଲ୍ଲା -ନୟାଗଡ଼,
ପିନ୍-୭୫୨୦୨୬/ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଭୋଟ ସଚେତନତା



ଅଧ୍ୟାପକ ଅବିନାଶ ବାରିକ୍

ହେ ଭୋଟର ଭାଇ ସଚେତନ ହୋଇ
ଆଗାଅ ନିର୍ବାଚନରେ ।
ନିର୍ବାଚନର ବିଗୁଲୁ ବାଜିଲାଣି ହୁଅ
ସଚେତନ ଥରେ ।।
ଏହି ନିର୍ବାଚନ ପାଞ୍ଚ ବର୍ଷ ପାଇଁ ଚୟନ ନିର୍ଭୁଲ ରଖ ।
ବାଛ ସେମାନଙ୍କୁ ସ୍ୱମତ ପ୍ରଦାନି
ଯେଉଁମାନେ ଛନ୍ତି ଦକ୍ଷ ।।
ବେଳହୁଁ ସାଧବେ ହୁଅ ସାବଧାନ
ଲୋଭ ସ୍ୱାର୍ଥ କରି ତ୍ୟାଗ ।
ଅର୍ଥ ମୋହେ ପଡ଼ି ନର ଜୀବନରେ
ଲଗାନି କଦାପି ଦାଗ ।।
ମନ୍ଥର ଗତିରେ କର ଅଗ୍ରସର ବୁଦ୍ଧିକୁ
କରି ପ୍ରଖର ।
ନିର୍ବୋଧ ସରଳ ଜନଙ୍କୁ ଜିଣିବା ପାଇଁ
କରନ୍ତି ପ୍ରଚାର ।।
ପ୍ରଚାର ପ୍ରସାର ମାନ ଦେଖିକରି କଦାପି ଭାସି ନ ଯାଅ ।

ISSN NO.
2582-208X

ଉପଯୁକ୍ତ ଦକ୍ଷ ପ୍ରାର୍ଥୀ ନିର୍ବାଚନ ପାଇଁ
ସଚେତନ ହୁଅ ।।
ସମୟ ଓ କାଳ ପାତ୍ର ଦେଖି କରି
ମତ ପ୍ରଦାନ ସତ୍ୱର ।
ସ୍ୱାର୍ଥ ମୋହ ଲୋଭ ବରଜନ କରି
ସୁପ୍ରାର୍ଥି ଚୟନ କର ।।

ମହୁ, ଆଳି,କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ଆମେ କେତେ ସ୍ୱାଧୀନ ?



ବାଲ୍ମୀକ ନାୟକ

ଏହି ପ୍ରଶ୍ନ କେବଳ ଆଜିର ନୁହେଁ ବରଂ ଦେଶ ସ୍ୱାଧୀନ ହେବା ପରଠାରୁ ଗତ ୭୭ ବର୍ଷରୁ ଭାରତୀୟମାନେ ପରସ୍ପରକୁ ପଚାରୁଛନ୍ତି । ଅନେକ ବୁଦ୍ଧିଜୀବୀ ସ୍ୱାଧୀନତାର ପରିଭାଷା ନିଜ ନିଜର ଦାର୍ଶନିକ ମତ ଅନୁସାରେ ବୁଝାଇବାକୁ ପ୍ରୟାସ କରୁଛନ୍ତି । ଧର୍ମ ଗୁରୁମାନେ ନିଜର ଧାର୍ମିକ ମତ ଅନୁସାରେ ଅତ୍ୟନ୍ତ କ୍ଲିଷ୍ଟ ଭାଷାରେ ବୁଝାଉଛନ୍ତି । ରାଜନୈତିକ ଶାସକମାନେ ଅତି ସରଳ ଭାଷାରେ ବୁଝାଇ କହୁଛନ୍ତି – ଆମେ ଗତ ଅଢେଇ ହଜାର ବର୍ଷର ଗୋଲାମୀରୁ ମୁକ୍ତ ହୋଇଗଲୁ । ଅର୍ଥାତ ଆମେ ସ୍ୱାଧୀନ ହୋଇଗଲୁ ।

ତଥାପି ଉପରୋକ୍ତ ପ୍ରଶ୍ନର ଯଥୋଚିତ ଉତ୍ତର କେହି ବୁଝି ପାରୁନାହାନ୍ତି । ବିଦେଶୀ ଶାସକ ସିନା ଦେଶ ଛାଡି ଚାଲି ଗଲେ କିନ୍ତୁ ଦେଶୀ ଶାସକଗଣ କଣ ଭାରତବାସୀଙ୍କୁ ସ୍ୱଓ୍ୱଧିନତାର ସ୍ୱାଦ ଚଖେଇ ପାରିଛନ୍ତି ? ପୃଥିବୀର ସର୍ବ ବୃହତ ଭାରତୀୟ ସମ୍ୱିଧାନରେ ଅନେକ ଧାରା ଓ ଉପଧାରା ବିସ୍ତାର ଭାବେ ଲେଖାଗଲା । ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ବୋଲି ଘୋଷଣା କରାଗଲା । ଏକ ଗଣତନ୍ତ୍ର ରାଷ୍ଟ୍ରରେ ସମସ୍ତଙ୍କର ସମାନ ଅଧିକାର ରହିବ, ସମସ୍ତଙ୍କୁ ସମାନ ନ୍ୟାୟ ମିଳିବ । ବିଶେଷ କରି ଜାତି ଓ ଲିଙ୍ଗ ଭିତ୍ତିକ ଭେଦଭାବ ରହିବନାହିଁ । ଏମିତି ଆହୁରି ଅନେକ କିଛି ନ୍ୟାୟ ବ୍ୟବସ୍ଥା ପ୍ରଣୟନ କରାଗଲା । ଏହା ଦ୍ୱାରା ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ଭିତରେ ଗୋଟିଏ ଅଶାର ଦୀପ ପ୍ରଜ୍ୱଳିତ ହେଲା ।

ISSN NO.
2582-208X

ଇଂରେଜମାନଙ୍କ ଶାସନ କାଳରେ ଭୋଗ କରିଥିବା ଅମାନବୀୟ ଦୁଃଖ ଓ ଯନ୍ତ୍ରଣାକୁ ଭୁଲିବାକୁ ଲୋକମାନେ ଚେଷ୍ଟା କଲେ । ଗତସ୍ୟ ଶୋଚନା ନାସ୍ତି ଭାବି ଭବିଷ୍ୟତରେ ସୁନାର ଭାରତ ତିଆରି କରିବାପାଇଁ ଅନେକ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ନିର୍ଭୀକ ଓ ନିସ୍ୱାର୍ଥୀ ଜନନାୟକମାନେ ଅଣ୍ଟା ଭିଡି ଆଗେଇ ଆସିଲେ । ଇଂରେଜଙ୍କ ଶାସନ କାଳରେ ହିଁ ୨୬ ନଭେମ୍ବର ୧୯୪୫ ମସିହାରେ ଭାରତୀୟ ସମ୍ବିଧାନର ରୂପ ରେଖା ତିଆରି ହୋଇଥିଲା । ଡ଼ଃ ବାବାସାହେବ ଆମ୍ବେଦକର ସମ୍ବିଧାନ ସଭାର ଅଧ୍ୟକ୍ଷ ଥିଲେ । ଦେଶ ୧୯୪୭ ମସିହାରେ ସ୍ୱାଧୀନ ହେବା ପରେ ଲୋକସଭାପାଇଁ ନେତା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲା । ନିଷ୍ପକ୍ଷ ଭାବେ ନିର୍ବାଚନ ପରିଚାଳନା କରିବାପାଇଁ ଗୋଟିଏ ନିର୍ବାଚନ କମିଶନ୍ ଗଠନ ହେଲା । ପ୍ରଥମ ନିର୍ବାଚନ କମିଶନର ହେଲେ ସୁକୁମାର ସେନ । କିନ୍ତୁ ନିର୍ବାଚନ କିପରି ହେବ ? ସେଇଟାଥିଲା ଗୋଟିଏ ମୂଳ ସମସ୍ୟା । କାରଣ ସେତେବେଳେ ଭାରତର ପ୍ରାୟ ୮୦ ପ୍ରତିଶତ ଜନତା ଲେଖାପଢ଼ା ଜାଣି ନଥିଲେ । ସେଥିପାଇଁ ଭୋଟରମାନଙ୍କୁ ଭୋଟ ଦେବା ସହଜ ଉପାୟ ଚିନ୍ତା କରାଗଲା । ପ୍ରତ୍ୟେକ ପ୍ରାର୍ଥୀଙ୍କପାଇଁ ଭିନ୍ନ ଭିନ୍ନ ରଙ୍ଗର ଭୋଟ ବାକ୍ସ ରହିଲା, ସେଥିରେ ପ୍ରାର୍ଥୀଙ୍କ ନାମ ଓ ନିର୍ବାଚନ ଚିହ୍ନ ରହିଲା । ନିର୍ବାଚନ ୨୫ ଅକ୍ଟୋବର ୧୯୫୧ ଠାରୁ ୨୧ ଫେବୃଆରୀ ୧୯୫୨ ପର୍ଯ୍ୟନ୍ତ ଚାଲିଥିଲା ।

ଆଜିର ଯୁଗରେ ଇ.ଭି.ଏମ ମେସିନ ଆସିବା ଦ୍ୱାରାନିର୍ବାଚନ ପ୍ରକ୍ରିୟା ସହଜ ହୋଇଯାଇଛି । ଯଦିଓ ଇ.ଭି.ଏମ ମେସିନକୁ ନେଇ ଅନେକ ଭ୍ରଷ୍ଟାଚାର ହେଉଛି ବୋଲି ସନ୍ଦେହ ହେଉଛି । ସେତେବେଳେ ଇଣ୍ଡିଆନ ନେସନାଲ କଂଗ୍ରେସ ନାମକ ପାର୍ଟିର ପ୍ରାର୍ଥୀମାନେ ଅନ୍ୟ କେତେକ ଛୋଟ ଛୋଟ ପାର୍ଟିର ପ୍ରାର୍ଥୀମାନଙ୍କ ଠାରୁ ଅଧିକ ଭୋଟ ପାଇଥିଲେ । ମୋଟ ୪୮୯ ଗୋଟି ରାଜ୍ୟସଭା ଆସନରୁ କଂଗ୍ରେସ ୩୬୪ ଗୋଟି ଆସନରେ ବିଜୟୀ ହାସଲ କରିଥିଲେ । କଂଗ୍ରେସ ପାର୍ଟିର ସମର୍ଥନ କ୍ରମେ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଭାବେ ପଣ୍ଡିତ ଜବାହାରଲାଲ ନେହେରୁ ଶପଥ ପାଠ କରିଥିଲେ ।

ISSN NO.
2582-208X

୧୯୪୭ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ପାର୍ଟିର ପ୍ରଧାନ ମନ୍ତ୍ରୀ ଓ ମନ୍ତ୍ରୀମାନେ ବିଭିନ୍ନ ସମୟରେ ଭୋଟ ଜିତି ଦେଶର ଶାସକ ହୋଇଛନ୍ତି । ପରିତାପର ବିଷୟ ଯେ କଂଗ୍ରେସ, ବିଜେପି ଓ ଜନତା ଦଳର କୌଣସି ଶାସକ ଦେଶର ମୌଳିକ ଆବଶ୍ୟକତା ଯଥା : ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର ବ୍ୟବସ୍ଥାକୁ ସୁଧାରିବାପାଇଁ ଉଲ୍ଲେଖନୀୟ କାମ କରିନାହାନ୍ତି । ଯେଉଁ ସରକାର ଯାହା ବି କରିଛନ୍ତି ତାହା ସମୁଦ୍ରକୁ ଶଙ୍ଖେ । ଭୋଟ ନପାଇ ଏମ.ଏଲ.ଏ. ବା ମନ୍ତ୍ରୀ ହେବାପାଇଁ ସଚ୍ଚୋଟ, ନିସ୍ୱାର୍ଥ ସ୍ୱାଧୀନତା ସେନାନୀ ସବୁ ପଛରେ ରହିଗଲେ । ଆଗକୁ ଆସିଲେ ଅନେକ ଅସାମାଜିକ, ଭ୍ରଷ୍ଟାଚାରୀ, ସ୍ୱାର୍ଥପର, ଜାତିବାଦୀ ଧାର୍ମିକ ରାଜାନେତା । ସେମାନେ କଳେ, ବଳେ, କୌଶଳେ ନିଜର ବାହୁବଳ ଓ ଧନବଳ ବ୍ୟବହାର କରି ଭୋଟ ଜିତିବାରେ ସଫଳ ହୋଇଗଲେ । ସ୍ୱାଧୀନତା ପୂର୍ବରୁ ଭାରତର ଜନତା ଯେଉଁ ସ୍ୱପ୍ନ ଦେଖୁଥିଲେ ଯେ ଆମେ ଏଥର ସବୁକିଛି ସହଜରେ ପାଇ ପାରିବୁ, ସେହି ସ୍ୱପ୍ନ ଆଜି ପର୍ଯ୍ୟନ୍ତ ପୂରଣ ହେଲା ନାହିଁ । ଦେଶରୁ ଗୋରାଶାସକ ସିନା ଚାଲିଗଲେ କିନ୍ତୁ ଦେଶର ପୁଞ୍ଜିପତି, ରାଜନେତା ଓ ଧର୍ମଗୁରୁମାନଙ୍କ ବ୍ୟତୀତ ସାଧାରଣ ଜନତା କଳାଶାସକମାନଙ୍କ ଗୋଲାମ ହୋଇ ରହିଗଲେ । ଦେଶରୁ ଜାତିଭେଦ ଗଲା ନାହିଁ । ଧାର୍ମିକ ଅସହିଷ୍ଣୁତା କମ୍ ହେଲା ନାହିଁ । ଶିକ୍ଷା କ୍ଷେତ୍ରରେ ସରକାରୀ ସ୍କୁଲ ଓ କଲେଜର ଗୁଣାତ୍ମକ ମାନ ଆଶାନୁରୂପ ବୃଦ୍ଧି ପାଇଲା ନାହିଁ । ସ୍ୱାସ୍ଥ୍ୟ ବ୍ୟବସ୍ଥା ବି ଭୁଶୁଡି ପଡିଛି । ବେରୋଜଗାରୀ ଗ୍ରାଫ ଏତେ ତଳକୁ କେବେ ଖସିଯାଇ ନଥିଲା ।

ଗତ କିଛି ବର୍ଷ ଭିତରେ ସରକାରୀ ନେତା ଓ ମନ୍ତ୍ରୀମାନେ ଦେଇଥିବା ବିଭିନ୍ନ ମନଲୋଭା ସ୍ଲୋଗାନ ଯଥା : ଅଚ୍ଛେଦିନ ଆଏଗା, ମେକ-ଇନ-ଇଣ୍ଡିଆ, ସ୍ୱଚ୍ଛ ଭାରତ, ସବକା ସାଥ-ସବକା ବିକାଶ, ସ୍ମାର୍ଟ ସିଟି, ଉଜ୍ଜ୍ୱଳା ଯୋଜନା ଇତ୍ୟାଦି ଶୁଣି ଶୁଣି ଜନତାଙ୍କ କାନ ବଧିର ହୋଇଗଲାଣି । କିନ୍ତୁ କାହାରିକୁ କିଛି ଦେଖା ଯାଉନି ଯେ, କେଉଁ ଯୋଜନାଟି କେତେ ସଫଳ ହୋଇଛି ? ଭୋଟ ଜିତିବାପାଇଁ ଆଉ ଗୋଟିଏ ଖରାପ ଯୋଜନା ହେଉଛି ମାଗଣାରେ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷ ଲୋକମାନଙ୍କୁ ବାଣ୍ଟିବା । ଏହା ଦ୍ୱାରା ଲୋକମାନଙ୍କୁ ସ୍ୱରୋଜଗାର କରିବାପାଇଁ ନିରୁତ୍ସାହିତ କରାଯାଉଛି । ଲୋକମାନେ ଧୀରେ ଧୀରେ ଅଳସୁଆ

ISSN NO.
2582-208X

ହୋଇ ସରକାରଙ୍କ ଉପରେ ଆଶ୍ରିତ ହୋଇ ଯାଉଛନ୍ତି । ଅର୍ଥାତ ସ୍ୱାଧୀନ ନରହି ଗୋଲାମ ହୋଇ ଯାଉଛନ୍ତି ।

ଆଜି ଭାରତର ରାଜନୈତିକ ପରିସ୍ଥିତିରେ ସ୍ୱାଧୀନ ଶବ୍ଦ ଶୁଣିଲେ ଲୋକମାନେ ଚମକି ପଡୁଛନ୍ତି । ପରସ୍ପରକୁ ପଚାରନ୍ତି- ମୁଁ ତ ସ୍ୱାଧୀନ ନୁହେଁ ଆପଣ କଣ ସ୍ୱାଧୀନ? ଆପଣ ଯଦି ସ୍ୱାଧୀନ ତେବେ କୁହନ୍ତୁ- କେଉଁ ଆଧାରରେ ଆପଣ ନିଜକୁ ସ୍ୱାଧୀନ କହୁଛନ୍ତି? ଆପଣଙ୍କର ବାକ୍ ସ୍ୱାଧୀନତା ଅଛି? ଆପଣ ନିଜ ପସନ୍ଦର ନେତା ନିର୍ବାଚନ କରିବା ଅଧିକାର ଅଛି? ପ୍ରଶାସନ ଆଗରେ କଣ ନିଜର ପ୍ରାପ୍ୟ ପାଇବାର ଦାବି କରିବା ଅଧିକାର ଅଛି? ସରକାରୀ ଅଫିସ ଗୁଡିକରେ ବାବୁମାନଙ୍କୁ ବିନା ଲାଞ୍ଚ ଦେଇ କୌଣସି କାର୍ଯ୍ୟ କରାଇବା ଅଧିକାର ଅଛି? ଉତ୍ତର ମିଳିବ ନାହିଁ, ନାହିଁ, ନାହିଁ । ଗୋଟିଏ ପଟେ ବ୍ୟଭିଚାରୀ ଧର୍ମଗୁରୁଙ୍କ ପ୍ରଭାବରେ ମାନସିକ ଗୋଲାମ ହୋଇ ଜନତା ବସ ଉଠ ହେଉଛନ୍ତି, ଅନ୍ୟ ପଟେ ଭ୍ରଷ୍ଟାଚାରୀ ରାଜନୈତିକ ନେତାମାନେ ଜନତାଙ୍କୁ ଉଠ ବସ କରୁଛନ୍ତି । ଦେଶରେ ରୋଜଗାର ନାହିଁ କି ଚାକିରି ନାହିଁ । ଦରଦାମ ହୁ ହୁ ହୋଇ ବଢି ଚାଲିଛି । ଦେଶର ଋଣ ଭାର ବଢି ଚାଲିଛି କିନ୍ତୁ ଯୋଜନା ସବୁ ଫେଲ ମାରୁଛି । ଅଳ୍ପ ସଂଖ୍ୟକ ଧନୀ ଲୋକଙ୍କ ବ୍ୟତୀତ ମଧ୍ୟବିତ୍ତ ଏବଂ ନିମ୍ନ ଶ୍ରେଣୀର ଗରିବ ଲୋକମାନେ ସ୍ୱାଧୀନତାର ସ୍ୱାଦ କଣ ଜାଣି ପାରୁନାହାନ୍ତି ।

ଏହି ବର୍ଷ ୭୭ ବର୍ଷ ପୂରଣ ଅବସରରେ ପୁଣି ଥରେ ସ୍ୱାଧୀନତା ଦିବସକୁ ଦେଶରେ ଜନତା ନୈରାଶ୍ୟ ମନରେ ପାଳନ କରିଛନ୍ତି । ସ୍କୁଲ, କଲେଜ ସହିତ ବିଭିନ୍ନ ସଂସ୍ଥାନରେ ମାତ୍ର କିଛି ଲୋକ ଏକତ୍ରିତ ହୋଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରି, ଜାତୀୟ ସଂଗୀତ ଗାଇ, ଭାରତମାତା କି ଜୟ କହି ଦେଶଭକ୍ତିର ପ୍ରମାଣ ଦେଉଛନ୍ତି । ଅଧିକାଂଶ ଚାକିରିଆ ଲୋକ ସେଦିନର ସରକାରୀ ଛୁଟିକୁ ଉପଭୋଗ କରିବା ପାଇଁ ଘରେ ଶୋଇ ରହନ୍ତି କିମ୍ବା କୌଣସି ପର୍ଯ୍ୟଟନସ୍ଥଳକୁ ଚାଲିଯାନ୍ତି । ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ପାଳନ କରିବା ସେମାନଙ୍କ ପାଇଁ କୌଣସି ମାନେ ରଖେନାହିଁ । ସେମାନେ ହୁଏତ ଭାବୁଛନ୍ତି ଆମେ

ISSN NO.
2582-208X

ସ୍ୱାଧୀନ ଅଛୁ । ଦେଶପ୍ରେମ ଜାଗ୍ରତ କରିବାପାଇଁ ପ୍ରତିବର୍ଷ କୋଟି କୋଟି ଜାତୀୟ ପତାକା ଉତ୍ପାଦନ କରା ଯାଉଛି । ତାପର ଦିନ କୁହ୍ନ କୁହ୍ନ ଛୋଟ ବଡ଼ ଜାତୀୟ ପତାକା ଅଳିଆ ଗଦାରେ ଫିଙ୍ଗି ଦିଆଯାଉଛି । ଆମଦେଶରେ ଜାତୀୟ ପତାକାର କୌଣସି ମୂଲ୍ୟ ନାହିଁ । ପେଟରେ ଭୋକଥାଇ ମନରେ ଦେଶପ୍ରେମ ଜାଗ୍ରତ ହେବ କିପରି ? ଦେଶର ଦୂରାବସ୍ଥା ଦେଖିଲେ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ଯେ, ଆମ ଦେଶରେ ସତରେ କିଏ ସ୍ୱାଧୀନ ଓ କେତେ ସ୍ୱାଧୀନ ?

ମୋ : ୯୪୮୨୦୧୬୨୨୬୦

ISSN NO.
2582-208X

# ସୁନେଲି ସ୍ୱପ୍ନ



ଖଗେଶ୍ୱର ବାଗ

ଆସି ନାହଁ ତୁମେ ନିଶାର୍ଦ୍ଧରେ କେବେ ବଧୂବେଶେ ସଜ ହୋଇ
ସମୀପରେ ବସି ଦେଇନାହଁ ପୁଣି ମଦିରା ପିଇବା ପାଇଁ
ମିଠା ମିଠା କଥା କହି ନାହଁ ସାରା ରାତି ପାଖେ ପାଖେ ରହି
ସେହି ଦିନୁ ଆଉ ତୁମର ଦର୍ଶନ ସତେ କେବେ ହୋଇନାହିଁ
କାହିଁକି ଗୋ ପଦେ କହ
ସୁନେଲି ସପନ ଭାବିନିଅ ଆଉ ତମେ ମତେ ଭୁଲିଯାଅ ।।
ପ୍ରଥମ ଦେଖାରେ ଚକିତ ଯେତିକି ଲାଗିଥିଲା ଖୁସି ସେତେ
ପ୍ରଣୟ କାବ୍ୟର ନାୟିକା ଗୋ ତମେ ବର୍ଣ୍ଣିଥିଲି ଯାହା ସତେ
ସେହି ରୂପଗୁଣ ଚନ୍ଦର ବଦନ ଗଜିନ୍ଦ୍ର ଗମନ ତୁମ
ଏତେ ଦିନ କି ଗୋ ତପସ୍ୱୀ ଆଶ୍ରମେ ଗଢୁଥିଲେ ପରୀ ସମ
ବାଳା ଶ୍ରେଷ୍ଠ ମର୍ତ୍ତ୍ୟପୁରେ
ସୁନେଲି ସପନ ଭାବି ଗୋ କେମିତି ଭୁଲିଯିବି କହ ଥରେ ।।
କରିଥିଲା ମନ ନୟନ ହରଣ ତୁମ ଗୁଣ ଆଚରଣ
ଖୁସି ଲାଗିଥିଲା ଦେଖି ତୁମଠାରେ ମାନବୀୟ ଆଭୂଷଣ
ଦେଖି ପୁଲକିତ ହୁଏ ଏ ପରାଣ ଦେଖୁଥିଲେ ତତେ ନିତି
କେଜାଣି କେବେ ଗୋ ଚିତ୍ତ ଚୋରିହେଲା ହଜିଗଲା ମୋର ଇତି

ISSN NO.
2582-208X

ଖୋଜିବାକୁ ବେଳ କାହିଁ
ସୁନେଲି ସପନ ଭାବି ଭୁଲିଯାଅ ବୋଲି ସିନା ଦିଅ କହି।।
ତୁମ ନାମେ ଦିନ ଆରମ୍ଭ ମୋହର ରଜନୀ ବି ହୁଏ ଶେଷ
ତୁମେ ଗୋ ହୃଦୟ ସ୍ପନ୍ଦନ ମୋହର ଲକ୍ଷ୍ୟ ସ୍ୱପ୍ନ ଅଭିଳାଷ
ହସିଦେଲେ ତୁମେ ଭୁଲିଯାଏ ମୁହିଁ ଜୀବନର ଅବଶୋଷ
ତୁମେ ପାଖେ ଥିଲେ ଏ ସାରା ଦୁନିଆ ଲାଗେ ସୁନ୍ଦର ସରସ
ତୁମ ବିନା ଅନ୍ଧକାର
ସୁନେଲ ସପନ ଭାବି ଭୁଲିଯାଇ କରି ପାରିବି କି ଦୂର।।
ତୁମ ସମର୍ପଣ ରହିଛି ମୋ ପ୍ରତି ନାହିଁ ତ୍ୟାଗ ପଟାନ୍ତର
ଖୁସି କରିବାକୁ ଢାଳିଅଛ ତୁମ ଅମୂଲ୍ୟ ଲୋତକ ଧାର
ଯେବେ ଯାହା ଇଚ୍ଛା ମାଗିଛି ତୁମକୁ ଟେକି ଦେଇଅଛ ସେବେ
ଆଶା ଅଭିଳାଷ କରିଅଛ ପୂର୍ଣ୍ଣ ନିରାଶ କରିନ କେବେ
ଚିର ଋଣି ତୁମଠାରେ
ସୁନେଲି ସପନ ଭାବି ଗୋ କେମିତି ଭୁଲିଯିବି କହ ଥରେ।।
ତୁମେ ମୋ ପ୍ରଥମ ଅନ୍ତିମ ଅତିଥି ମୋ କାୟାର ଛାୟା ତୁମେ
ତୁମ ବିନା ମୋର ଜୀବନ ଅଧୁରା ଅସ୍ତିତ୍ୱ ମୋ ତୁମ ନାମେ
କହ କେବେ କାୟା ଛାୟାକୁ ଗୋ ଛାଡି ରହି ପାରିବ କି କ୍ଷଣେ
ହୃଦୟ ମୋହର ତୁମଠାରେ ତୁମ ହୃଦୟ ମୋ ଅନ୍ତଃକୋଣେ
କହିବନି କେବେ ଆଉ
ମୋ ସ୍ମୃତି ସାଇତି ରଖିଥିବ ପ୍ରିୟା ତୋ ସ୍ମୃତି ମୋ ପାଖେ ଥାଉ।।

ବୁଢ଼ିକୋମନା, ନୂଆପଡା

ISSN NO.
2582-208X

# ମନ ମୋର ପ୍ରଜାପତି



ବାଙ୍କାବିହାରୀ ମହାକୁର

ମନ ମୋର ପ୍ରଜାପତି
ଉଡି ବୁଲୁଥାଏ ନିତି
ସଂସାର ବଗିଚାରେ
ଖୋଜୁଛି ଜୀବନ ସାଥୀ।

ଭୁଲିଯାଇ ମୋ ଅତିତ
ଲୋଡାନାହିଁ ଭବିଷ୍ୟତ
ବର୍ତ୍ତମାନକୁ ସଂଚରି
ଲକ୍ଷ୍ୟ କାଳେ ହେବ ପ୍ରାପ୍ତ।

ଲୋଡାନାହିଁ ସ୍ୱର୍ଗସୁଖ
ରାଜ ଉଆସର ସୁଖ
ହୃଦୟଟିଏ ଖୋଜୁଛି
ବାଣ୍ଟିବାକୁ ସୁଖଦୁଃଖ ।

ରହିବ ମୋ ସାଥୀ ହୋଇ
ଖରାରେ ସେ ଦେବ ଛାଇ
ବାଟ ଚାଲୁଥିବ ସାଥେ
ହାତେ ହାତ ଛନ୍ଦି ଦେଇ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ଫେରୁଛି ଶ୍ରାବଣୀ

ଅଜିତ କୁମାର ପାଢ଼ୀ

ଆଶାର କିରଣେ ଆଶା ଜାଗରଣେ
. ଇନ୍ଦ୍ରଧନୁ ଭାଷେସପ୍ତରଙ୍ଗଧରି
ତୁମେଗୋ ଶ୍ରାବଣୀ ଶ୍ରାବଣ ହୃଦୟେ
. ତୁମେଆସୁଅଛଫେରି ।
ପ୍ରକୃତିକୁ ଜାମା ଦେବ ସବୁଜିମା
. ଏ ମାଟିକୁ ତୁମେ ନେବଟି ଆଦରି।
ଇନ୍ଦ୍ରଧନୁ ଭାଷେ ସପ୍ତରଙ୍ଗ ଧରି,
ତୁମେଗୋ ଶ୍ରାବଣୀ.!
. ଆସୁଅଛ ତୁମେ ଫେରି ॥

---------------------------------------

ତବ ଧାରାବିନ୍ଦୁ ଇନ୍ଦୁରେ ଉଦିତ
ସାତରଙ୍ଗ ମିଶି ଗାଇବ ସଂଗୀତ
. କଳାମେଘ ଭାସି ବଜାଇବ ତୂରୀ।
ଆଶାରକିରଣ ଚତୁଃର୍ଦିଗ ଘେରି
. ଆସୁଅଛ ତୁମେ ଫେରି।
ତୁମେଗୋ ଶ୍ରାବଣୀ !
. ତୁମେ ଆସୁଅଛ ଫେରି।

------------------------------------

ISSN NO.
2582-208X

ତୁମଚ ଲାପଥେ   ସବୁଜ  ସଂକେତ
ଜନମନ  ତନେ   ଜୀବନରଗୀତ
· ଶ୍ରାବଣ  ହୃଦୟେ ନେଇଛ  ଆଦରି
· ସବୁନଦ, ନଦୀ, ଘେରିଯିବେ ଭରି
ଇନ୍ଦ୍ରଧନୁ  ଭାଷେ ସପ୍ତରଙ୍ଗ ଧରି,
ତୁମେଗୋ ଶ୍ରାବଣୀ!
·                ଆସୁଅଛ ତୁମେ ଫେରି!

----****----------------------------****

ଆଶାର କିରଣେ  ଆଶା  ଜାଗରଣେ
· ଇନ୍ଦ୍ରଧନୁ ଭାଷେ ସପ୍ତରଙ୍ଗେ ଧରି
ତୁମେଗୋ ଶ୍ରାବଣୀ !
·             ଆସୁଅଛ ତୁମେ ଫେରି ।

କୋମନା, ନୂଆପଡ଼ା

ISSN NO.
2582-208X

# ଜୟ ବାବା
# ଚମ୍ପେଶ୍ୱର



ଦେବାର୍ଚ୍ଚନ ମେହେର

ଜୟ ଜୟ ବାବା ଚମ୍ପେଶ୍ୱର
ଚମ୍ପା ପୁରରେ ବାସ ତୁମର,
ତୁମେ ଭକ୍ତର ସ୍ନେହର ଠାକୁର
ସମସ୍ତ ଭକ୍ତକୁ କର ଆଦର।।

ତୁମରି ଦର୍ଶନ ପାଇବା ପାଇଁ
ଦୂର ଦୂରାନ୍ତରୁ ଭକ୍ତ ଆସନ୍ତି,
ଦର୍ଶନ କରି ଭକ୍ତି ଭାବରେ
କର ଯୋଡ଼ି ପୂଜାର୍ଚ୍ଚନା କରନ୍ତି।।

ତୁମରି ଦିବ୍ୟ ଦର୍ଶନ ପାଇ
ମନ, ହୃଦୟ ଆନନ୍ଦିତ ହୁଏ,
ତୁମ ପ୍ରସାଦ ସେବନ କଲେ
ଏ ଆତ୍ମାକୁ ତୃପ୍ତି ମିଳିଯାଏ।।

ISSN NO.
2582-208X

ହେ ପ୍ରଭୁ ତୁମରି ଦର୍ଶନ ପାଇଁ
କେତେ ଭକ୍ତଙ୍କ ଭିଡ଼ ଲମ୍ବିଥାଏ,
ଯେତେ ରାଗ ରୋଷରେ ଥିଲେ ବି
ଦର୍ଶନ ମାତ୍ରେ ମନ ଶାନ୍ତ ହୁଏ।।

ତୁମେ ତ ଭକ୍ତର ପରୀକ୍ଷା ନିଅ
ମନ ଜାଣି ବର ପ୍ରଦାନ କର,
ତୁମ ଆଶିର୍ବାଦେ ମନସ୍କାମନା
ପୂର୍ଣ୍ଣ ହୁଏ ପିତା ପରମେଶ୍ୱର।।

ବାପୁଜୀନଗର
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# କାଳୀୟ ଦଳନ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା.........୧୪

ଯମୁନା ନଦୀର ଅନତି ଦୂରରେ କାଳିନ୍ଦୀ ନାମରେ ଏକ ହ୍ରଦ ଥିଲା । ସେହି ହ୍ରଦ ମଧ୍ୟରେ ରହୁଥିଲେ କାଳକୂଟ ସର୍ପ କାଳୟୟୀ । ତାର ବିଷ ପ୍ରଭାବରେ ହ୍ରଦର ଜଳ ସର୍ବଦା ଟକମକ ହୋଇ ଫୁଟୁଥିଲା ଏବଂ ଏହାର କୂଳରେ ଥିବା ସବୁ ଗଛ ଝାଉଁଳି ଯାଇଥିଲା । କେବଳ ଗୋଟିଏ ମାତ୍ର କଦମ୍ବ ଗଛ ସେଠାରେ ରହିଥିଲା, କାରଣ ଅମୃତ ସଂଗ୍ରହ କରି ଗରୁଡ ଏହି ଗଛ ଉପରେ ବସିଥିବା ସମୟରେ, ଅମୃତର ଛିଟା ହ୍ରଦ ଭିତରକୁ ଲମ୍ଫ ଦେଇ ପହଁରିବାକୁ ଲାଗିଲେ । ହ୍ରଦରେ ଥିବା କାଳୀୟ ସର୍ପ ବାହାରି ଆସି କୃଷ୍ଣଙ୍କୁ ଦଂଶନ କରିବା ସଙ୍ଗେ ସଙ୍ଗେ ଦେହରେ ଗୁଡେଇ ହୋଇଗଲା । ତାଙ୍କ ସାଥୀମାନଙ୍କ ନିକଟରୁ ଏ ଖବର ପାଇ ନନ୍ଦରାଜା ଓ ଯଶୋଦା ବ୍ୟାକୁଳ ହୋଇ ଗୋପପୁରର ନରନାରୀ ମାନଙ୍କ ସହିତ ହ୍ରଦ କୂଳରେ ପହଞ୍ଚି ହାୟ ହାୟ କରିବାକୁ ଲାଗିଲେ । କିନ୍ତୁ କୃଷ୍ଣଙ୍କ ବଡଭାଇ ବଳରାମ ଜାଣିଥିଲେ କୃଷ୍ଣଙ୍କର ପ୍ରଭାବ କେତେ । ତେଣୁ ସେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କହିଲେ ।

ତାପରେ ଚାଲିଲା କାଳୀୟ ସର୍ପ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ସଂଘର୍ଷ । ସର୍ପ ଶ୍ରୀକୃଷ୍ଣଙ୍କ ସମଗ୍ର ଶରୀରକୁ ଗୁଡେଇ ହେବାରେ ଲାଗିଥାଏ ଏବଂ ଶ୍ରୀକୃଷ୍ଣଙ୍କ ଶରୀର ବିରାଟ ଆକାର ଧାରଣ

ISSN NO.
2582-208X

କରିବାରେ ଲାଗିଥାଏ । ସାପ ଗୁଡେଇ ଗୁଡେଇ କ୍ଳାନ୍ତ ହୋଇ ପଡିଲା । ଆଉ ପାରିଲା ନାହିଁ। କୃଷ୍ଣ ସାପର ଲାଞ୍ଜକୁ ଧରି ନିଜକୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ଫଣା ଉପରକୁ ଚଢିଯାଇ ନିଜ ରୂପରେ ନାଚିବାକୁ ଲାଗିଲେ । ତାଙ୍କର ପଦାଘାତରେ ସାପର ଫଣାରୁ ଝର ଝର ହୋଇ ରକ୍ତ ବାହାରିବାକୁ ଲାଗିଲା । ଏହି ସମୟରେ ଦେବତାଗଣ କାଳୀୟ ସର୍ପର ଫଣା ଉପରେ ଶ୍ରୀକୃଷ୍ଣଙ୍କର ନୃତ୍ୟ ଦେଖି ପୁଷ୍ପବୃଷ୍ଟି କରିବାରେ ଲାଗିଲେ ।

କାଳୀୟ ସର୍ପର ମୃତପ୍ରାୟ ଅବସ୍ଥା ଦେଖି ନାଗପତ୍ନୀମାନେ ଧାଇଁ ଆସି ବିକଳ ହୋଇ ପତିର ପ୍ରାଣ ଭିକ୍ଷା କଲେ । ଭଗବାନ କାଳୀୟ ଦଳନରୁ କ୍ଷାନ୍ତ ହେଲେ । ସର୍ପ ଚୈତନ୍ୟ ଲାଭ କରି ଶ୍ରୀକୃଷ୍ଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା । ସେ କହିଲା, ପ୍ରଭୁ ମୁଁ ଆପଣଙ୍କର ପ୍ରଭାବ ଜାଣି ନ ଥିଲି । ସର୍ପଜାତିର ସ୍ୱଭାବ ହିଁ ହେଉଛି ଖଳ । ଆମେ ଯାହାକୁ ଦେଖୁ ତାଙ୍କୁ ଦଂଶନ କରୁ । କୃଷ୍ଣ ସର୍ପକୁ ଛାଡିଦେଇ କହିଲେ, ତୁ କାଳ ବିଳମ୍ବ ନ କରି ଏହି ହ୍ରଦ ପରିତ୍ୟାଗ କରି ତୋର ପରିବାର ସହିତ ସାଗରକୁ ଚାଲିଯାଆ ।

ଶ୍ରୀକୃଷ୍ଣ କୂଳକୁ ଆସିବା କ୍ଷଣି ସେଠାରେ ରୁଣ୍ଡ ହୋଇଥିବା ଗୋପପୁରର ଆବାଳ ବୃଦ୍ଧବନିତା ଆନନ୍ଦରେ ବିଭୋର ହୋଇ ଯାଇଥିଲେ । ମା' ଯଶୋଦା ଓ ନନ୍ଦ ରାଜାଙ୍କର ଆନନ୍ଦ କହିଲେ ନ ସରେ । ମା' ଯଶୋଦା କୃଷ୍ଣଙ୍କୁ କୋଳକୁ ଟାଣି ନେଇ ପୁତ୍ର ଜ୍ଞାନରେ ଆଉଁସି ଦେଇ ଏସବୁ ଅଲୌକିକ ଘଟଣା କ୍ଷଣକରେ ଭୁଲି ଯାଇଥିଲେ ।

ଆଳଦା, ଖଇରା ,ବାଲେଶ୍ୱର

ISSN NO.
2582-208X

# ଭାଦ୍ର ଆଶ୍ୱିନ ଶରତରେ

ଧ୍ରୁବ ଚରଣ ଘିବେଲ୍

ଭାଦ୍ର ଆଶ୍ୱିନ ଶରତରେ
ଶରତ ଆସେ ବର୍ଷାପରେ ।
ନଥାଏ ଆଦୌ ବର୍ଷାଭୟ
ଚାଷରେ ରଖେ ଚାଷୀଲୟ ।
ଚାଷକାମରେ ଥାଏ ଚାଷୀ
ଖଟେ ଅଧିକ ହସିହସି ।
ମୁଣ୍ଡର ଝାଳ ତୁଣ୍ଡେମାରି
ସମୟ ମୂଲ୍ୟ ଅନୁସରି ।
ଆକାଶେ ଭାସି ଧଳାମେଘ
ନଅର ତୋଳି ଦିଶେବାଗ(ସୁନ୍ଦର) ।
ଆକାଶ ଶୋଭାଦିଏ ବାଢ଼ି
ମେଘ ସୁନ୍ଦର ଘରଗଢ଼ି ।
ଧରଣୀ ପରେ ଶୋହେକାଶ
ଧବଳ ବେଶେ ପରକାଶ ।
ବାଟଘାଟରେ ସବୁଠାରେ
କାଶ ଯେ ଥାଇ ଆଖିଠାରେ ।

ISSN NO.
2582-208X

ଚାମର ପ୍ରାୟେ କାମକରେ
ପବନ ବହିଗଲେ ଧିରେ ।
ନଈନାଳରେ ସ୍ୱଚ୍ଛ ଜଳ
ଯୁଆଡ଼େ ଦେଖ ନିରିମଳ ।
ନିର୍ମଳ ପାଇଁକି ବିଦିତ
ନିର୍ମଳ ଶରତ ସମ୍ପଦ ।
ଅସିଣେ ପୂଜା ମଣ୍ଡପରେ
ମାଆଙ୍କ ପୂଜା ଆଡମ୍ବରେ ।
ଆସନ୍ତି ମାଆ ମରତକୁ
ମରତେ ପୂଜା ପାଇବାକୁ ।
କାହାଳି ଭେରୀ ବାଦ୍ୟବାଜା
ପୂଜାମଣ୍ଡପ ବୁଲିମଜା ।
ଦଶଭୁଜା ମା' ବିରାଜିତ
ମାଆଙ୍କୁ ଦେଖି ଭକ୍ତତୃପ୍ତ ।
ବିଦାୟ ବେଳା ଆସେପୁଣି
ହସି ନିଅନ୍ତି ମା' ମେଲାଣି ।

ବଉଦରାଜ, ଜି. ବୌଦ୍ଧ
ମୋ.9437478466

ISSN NO.
2582-208X

# ବୋଉ



ଅଜୟ କୁମାର ରାଉତ

ବୋଉ ବୋଲି ଡାକିଦେଲେ
ପ୍ରତିଧ୍ୱନୀ ଖେଳିଯାଏ ମାଟିରୁ ଆକାଶ ଯାଏ ।
ସେ ମୋ ସମଗ୍ର ସତ୍ତାକୁ ଆଲୋଇତ କରି
ପୃଷ୍ଠଭାଗରେ ଠିଆ ହୋଇଥିବା ଦେବୀଟିଏ
ପୃଥିବୀ ପୃଷ୍ଠରେ ପ୍ରଥମ ଆଲୋକ
ଦେଖିଅଛି ଯାହା ପାଇଁ ।
ତା ବିନା ଜୀବନେ କିଛି ଆଉ ଜାଣେ ନାହିଁ ।
ତା ଛୁଆଁ ପାଇବା ପରେ ହିଁ ଭାବୁଛି
ସେ ଅନୁଭବ ସବୁ ହିଁ କିଛି
ତା କାନି ଧରିବା ପରେ ହିଁ ଜାଣିଛି
କେତେ ମହତ ସେ ପଣତର
ତା ପାଦ ଛୁଇଁବା ପରେ ହିଁ ଜାଣିଛି
ଚଳନ୍ତି ଠାକୁର ସେ ତ ମୋର ॥
ତା ବିନା ଜିଇଁବା ମରିବା ସବୁ ସମାନ
ମାନେ ନାହିଁ କିଛି ଜୀବନର

ISSN NO.
2582-208X

ତା କଥା ଲେଖିବା ପରେ ହିଁ ଭାବୁଛି
ଶବ୍ଦ ସରିଗଲା ଏ ଦୁନିଆର
ସେ ନଥିଲେ ପାଖେ ସବୁ ତ ଅସାର
ଅନ୍ଧାର ଦିଶଇ ଏ ସାରା ସଂସାର
ମତେ ସେ ଗଢିଛି ହାତରେ ତାହାରି
ସାହା ଭରଷା ସେ ତ ମୋହରି ॥

ଆଇନଜୀବି, ଓଡିଶା ଉଚ୍ଚନ୍ୟାୟାଳୟ
ମୋ: ୮୨୪୯୪୪୩୦୩୩

ISSN NO.
2582-208X

# ମକର ସଂକ୍ରାନ୍ତି



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ବାରମାସେ ତେର ପରବ ଏକ ପରେକ ଆନ।
ମକର ସଂକ୍ରାନ୍ତି ତନ୍ମଧ୍ୟୁ ଅଟଇ ଅନ୍ୟତମ।
ଦ୍ୱାଦଶ ସଂକ୍ରାନ୍ତି ମଧ୍ୟରୁ ଏହା ଅଟଇ ସାର।
ଧନୁମାସ ପରେ ପାଳିତ ହୋଇଥାଇ ମକର।
ଶୀତ ଛାଡିଛାଡି ଯାଇନି ଆସେ ମକର ପର୍ବ।
ଦିନମଣି ଗମେ ଉତ୍ତର ପଥକୁ କରି ଧ୍ରୁବ।
ରଜନୀ ଛିଡଇ କ୍ରମଶଃ ଦିବସର ବର୍ଦ୍ଧନ।
ସଂକ୍ରାନ୍ତିରେ ଗୁଡ଼ି ଉଡ଼ଇ ଦେଖ ନୀଳ ଗଗନ।
ମକର ଚାଉଳେ ମକର ମୀତ ବଉଳ ସାଙ୍ଗ।
ବସନ୍ତି ବାଳିକାଙ୍କ ମଧ୍ୟେ ଦେଖାଇ ନାନା ରଙ୍ଗ।
ଚାଷିଏ ଧାନ୍ୟ ଅମଳରେ ହୋଇ ଥାଆନ୍ତି ବ୍ରତୀ।
ପିଠାପଣା ଅନ୍ନ ବ୍ୟଞ୍ଜନେ ସୁଖୀ ହୋଇ ସମ୍ପ୍ରତି।
ନରଗନେ ମହାପ୍ରୟା ନେଲଭନ୍ତି ଦିବ୍ୟଗତି।
ନଦେଖିଣ ଶମନ ପୁର ସ୍ୱର୍ଗାଳୟେ ଗମନ୍ତି।।

ମହୁ, ଆଲ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଆପଦୁଦ୍ଧାରକ ହନୁମସ୍ତୋତ୍ରମ୍

ପାର୍ବତୀ ଦେବୀ

ଓଂ ଅସ୍ୟ ଶ୍ରୀ ଆପଦୁଦ୍ଧାରକ ହନୁମତ୍ ସ୍ତୋତ୍ର ମହାମଂତ୍ର କବଚସ୍ୟ, ବିଭୀଷଣ ଋଷିଃ, ହନୁମାନ୍ ଦେବତା, ସର୍ବାପଦୁଦ୍ଧାରକ ଶ୍ରୀହନୁମତ୍ପ୍ରସାଦେନ ମମ ସର୍ବାପନ୍ନିବୃତ୍ତ୍ୟର୍ଥେ, ସର୍ବକାର୍ୟାନୁକୂଲ୍ୟ ସିଦ୍ଧ୍ୟର୍ଥେ ଜପେ ବିନିୟୋଗଃ ।

ଧ୍ୟାନମ୍ ।

ବାମେ କରେ ବୈରିଭିଦଂ ବହଂତଂ
ଶୈଲଂ ପରେ ଶୃଂଖଲହାରିଟଂକମ୍ ।
ଦଧାନମଚ୍ଛଚ୍ଛବିୟଜ୍ଞସୂତ୍ରଂ
ଭଜେ ଜ୍ୱଲକ୍କୁଂଡଲମାଂଜନେୟମ୍ ॥ 1 ॥

ସଂବୀତକୌପୀନ ମୁଦଂଚିତାଂଗୁଳିଂ
ସମୁଜ୍ଜ୍ୱଲନ୍ମୌଂଜିମଥୋପବୀତିନମ୍ ।
ସକୁଂଡଲଂ ଲଂବିଶିଖାସମାବୃତଂ
ତମାଂଜନେୟଂ ଶରଣଂ ପ୍ରପଦ୍ୟେ ॥ 2 ॥

ଆପନ୍ନାଖିଲଲୋକାର୍ତିହାରିଣେ ଶ୍ରୀହନୂମତେ ।
ଅକସ୍ମାଦାଗତୋତ୍ପାତ ନାଶନାୟ ନମୋ ନମଃ ॥ 3 ॥

ISSN NO.
2582-208X

ସୀତାବିୟୁକ୍ତଶ୍ରୀରାମଶୋକଦୁଃଖଭୟାପହ ।
ତାପତ୍ରିତୟସଂହାରିନ୍ ଆଂଜନେୟ ନମୋଽସ୍ତୁ ତେ ॥ 4 ॥

ଆଧିବ୍ୟାଧି ମହାମାରୀ ଗ୍ରହପୀଡାପହାରିଣେ ।
ପ୍ରାଣାପହର୍ତ୍ରେଦୈତ୍ୟାନାଂ ରାମପ୍ରାଣାତ୍ମନେ ନମଃ ॥ 5 ॥

ସଂସାରସାଗରାବର୍ତ କର୍ତବ୍ୟଭ୍ରାଂତଚେତସାମ୍ ।
ଶରଣାଗତମର୍ତ୍ୟାନାଂ ଶରଣ୍ୟାୟ ନମୋଽସ୍ତୁ ତେ ॥ 6 ॥

ବଜ୍ରଦେହାୟ କାଲାଗ୍ନିରୁଦ୍ରାୟାଽମିତତେଜସେ ।
ବ୍ରହ୍ମାସ୍ତ୍ରସ୍ତଂଭନାୟାସ୍ମୈ ନମଃ ଶ୍ରୀରୁଦ୍ରମୂର୍ତୟେ ॥ 7 ॥

ରାମେଷ୍ଟଂ କରୁଣାପୂର୍ଣଂ ହନୂମଂତଂ ଭୟାପହମ୍ ।
ଶତ୍ରୁନାଶକରଂ ଭୀମଂ ସର୍ବାଭୀଷ୍ଟପ୍ରଦାୟକମ୍ ॥ 8 ॥

କାରାଗୃହେ ପ୍ରୟାଣେ ବା ସଂଗ୍ରାମେ ଶତ୍ରୁସଂକଟେ ।
ଜଲେ ସ୍ଥଲେ ତଥାଽଽକାଶେ ବାହନେଷୁ ଚତୁଷ୍ପଥେ ॥ 9 ॥

ଗଜସିଂହ ମହାବ୍ୟାଘ୍ର ଚୋର ଭୀଷଣ କାନନେ ।
ୟେ ସ୍ମରଂତି ହନୂମଂତଂ ତେଷାଂ ନାସ୍ତି ବିପତ୍ କ୍ୱଚିତ୍ ॥ 10 ॥

ISSN NO.
2582-208X

ସର୍ବବାନରମୁଖ୍ୟାନାଂ ପ୍ରାଣଭୂତାତ୍ମନେ ନମଃ ।
ଶରଣ୍ୟାୟ ବରେଣ୍ୟାୟ ବାୟୁପୁତ୍ରାୟ ତେ ନମଃ ॥ 11 ॥

ପ୍ରଦୋଷେ ବା ପ୍ରଭାତେ ବା ଯେ ସ୍ମରଂତ୍ୟଂଜନାସୁତମ୍ ।
ଅର୍ଥସିଦ୍ଧିଂ ଜୟଂ କୀର୍ତିଂ ପ୍ରାପ୍ନୁବଂତି ନ ସଂଶୟଃ ॥ 12 ॥

ଜପ୍ତ୍ୱା ସ୍ତୋତ୍ରମିଦଂ ମଂତ୍ରଂ ପ୍ରତିବାରଂ ପଠେନ୍ନରଃ ।
ରାଜସ୍ଥାନେ ସଭାସ୍ଥାନେ ପ୍ରାପ୍ତେ ବାଦେ ଲଭେଜ୍ଜୟମ୍ ॥ 13 ॥

ବିଭୀଷଣକୃତଂ ସ୍ତୋତ୍ରଂ ୟଃ ପଠେତ୍ ପ୍ରୟତୋ ନରଃ ।
ସର୍ବାପଦ୍ଭ୍ୟୋ ବିମୁଚ୍ୟେତ ନାଽତ୍ର କାର୍ୟା ବିଚାରଣା ॥ 14 ॥

ମଂତ୍ରଃ ।
ମର୍କଟେଶ ମହୋତ୍ସାହ ସର୍ବଶୋକନିବାରକ ।
ଶତ୍ରୂନ୍ ସଂହର ମାଂ ରକ୍ଷ ଶ୍ରିୟଂ ଦାପୟ ଭୋ ହରେ ॥ 15

ଇତି ବିଭୀଷଣକୃତଂ ସର୍ବାପଦୁଦ୍ଧାରକ ଶ୍ରୀହନୁମତ୍ ସ୍ତୋତ୍ରମ୍

ସଂଗ୍ରାହିକା: ପାର୍ବତୀ ଦେବୀ
ନରେନ୍ଦ୍ରପୁର, ଅଳଭ୍, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

ISSN NO.
2582-208X

# ସ୍ୱାମୀ ବିବେକାନନ୍ଦଙ୍କର ଏହି ୧୦ଟି କଥା ଦୂର କରିଦେବ ଆପଣଙ୍କର ସମସ୍ତ ଚିନ୍ତା



ଦେବଯାନୀ ବାରିକ୍

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ୧୮୬୩ ମସିହା ଜାନୁଆରୀ ୧୨ରେ ହୋଇଥିଲା। ବିବେକାନନ୍ଦଙ୍କୁ ଯୁବକମାନେ ଆଦର୍ଶ ମାନନ୍ତ, ଏଥିପାଇଁ ତାଙ୍କ ଜନ୍ମ ଦିନକୁ ଯୁବ ଦିବସ ଭାବେ ପାଳନ କରାଯାଏ । ଆମେରିକାରେ ସମାନତା ଧର୍ମର ପ୍ରତିନିଧିତ୍ୱ କରିବା ଲୋକ ସ୍ୱାମୀ ବିବେକାନନ୍ଦଙ୍କର କୁହାଯାଇଥିବା ବର୍ଷ ପୁରୁଣା କଥାକୁ କହିଛନ୍ତ ଏହି ଗୁରୁମନ୍ତ୍ରକୁ ନିରାଶ ଥିବା ବ୍ୟକ୍ତ ପଢିଲେ ଜୀବନ ବଂଚବାର ଏକ ନୂଆ ପ୍ରେରଣା ମିଳଥାଏ । ବିବେକାନନ୍ଦଙ୍କର କୁହାଯାଇଥିବା କଥା ଗୁଡିକ ଉପରେ ଯଦି ଆପଣ ୨ମିନଟ ବିଚ୍ଚାର କରିବେ ତେବେ ଜୀବନର ବହୁ ସମସ୍ୟା ର ସମାଧାନ ଆରାମରେ ହୋଇଯିବ ।

୧- ଗୀତା ଅଧ୍ୟୟନ କରିବା ବଦଳରେ ଫୁଟବଲ ଖେଳ ସ୍ୱର୍ଗର ଅଧିକ ନିକଟତର ହୁଅନ୍ତୁ ।

୨- ହୃଦୟ ଓ ମସ୍ତିଷ୍କ ମଧ୍ୟରୁ ସବୁବେଳେ ନିଜ ହୃଦୟର କଥା ଶୁଣନ୍ତୁ ।

୩- ଗୋଟିଏ ସମୟରେ ଗୋଟିଏ କାମ କର, ନିଜ ଆତ୍ମା ସେହି କାମରେ ଲଗେଇଦିଅ ଓ ବାକି ସବୁ ଭୁଲିଯାଅ ।

୪- କୌଣସି ସମସ୍ୟା ଯଦି ତୁମ ସାମ୍ନାରେ ନଆସେ ତେବେ ସୁନିଶ୍ଚିତ ହୋଇଯିବେ କି ତୁମେ ଭୁଲ ରାସ୍ତାରେ ଯାଉଛ ।

ISSN NO.
2582-208X

୫- ଉଠ, ଜାଗ ଓ ଲକ୍ଷ ସମ୍ପୂର୍ଣ୍ଣ ନହେବା ପର୍ଯ୍ୟନ୍ତ କାମ କରିଚାଲ ।

୬- ଗୋଟିଏ ଲକ୍ଷ୍ୟ ରଖନ୍ତୁ । ସେହି ଲକ୍ଷ୍ୟକୁ ନିଜ ଜୀବନ ବନାନ୍ତୁ । ଏହା ବିଷୟରେ ଭାବନ୍ତୁ, ସ୍ଵପ୍ନ ଦେଖନ୍ତୁ, ସେହି ଲକ୍ଷ ସହ ବଞ୍ଚନ୍ତୁ । ଆପଣଙ୍କ ଲକ୍ଷ ନିଶ୍ଚିତ ରୂପରେ ପୂରଣ ହେବ ।

୭- ନିଜକୁ ଦୁର୍ବଳ ଭାବିବା ସବୁଠାରୁ ବଡ ଭୁଲ ।

୮- ସବୁଠୁ ବଡ ଧର୍ମ ହେଲା ନିଜ ସ୍ଵଭାବ ପ୍ରତି ସଚ୍ଚୋଟ ହେବା । ନିଜ ଉପରେ ଭରସା ରଖ ।

୯- ଯେଉଁ ନିଆଁ ଆମକୁ ଗରମ ଦେଇଥାଏ, ତାହା ଅମକୁ ନଷ୍ଟ ମଧ୍ଯ ଦେଇପାରେ । ଏହା ନିଆଁର ଦୋଷ ନୁହେଁ ।

୧୦- ମସ୍ତିଷ୍କର ଶକ୍ତି ସୂର୍ଯ୍ୟର କିରଣ ସହିତ ସମାନ ଅଟେ । ଯେବେ ଏହା କେନ୍ଦ୍ରୀତ ହୁଏ, ଚମକ ଉଠେ ।

ସଂଗ୍ରାହିକା: ଦେବଯାନୀ ବାରିକ୍
ମହୁ, ଆଳି, କେନ୍ଦ୍ରାପଡ଼ା

ISSN NO.
2582-208X

# ମୁଁ ତୁଠ ପଥର କହୁଛି



କମଳ ଲୋଚନ ବାଉଳ

ମୁଁ ତୁଠ ପଥର କହୁଛି।
ସବୁ ଦେଖି, ସବୁ ଶୁଣି, ସବୁ ଅନୁଭବ ଏବଂ
ବିଶ୍ଳେଷଣ କରି ନୀରବ ରହିବା ଶ୍ରେୟସ୍କର ମଣି ନେଇଛି।
କାରଣ ମୋତେ ପଗ୍ଭରନା, ମୁଁ ବର୍ତ୍ତମାନ ତୁମେ ସ୍ନାନ
କରୁଥିବା ତୁଠର ପଥର ପାଲଟି ଯାଇଛି।
ମୁଁ ତୁଠ ପଥର କହୁଛି।

ମୁଁ ଦେଖିଛି ତୁମର ଶୈଶବ,
ଯେତେବେଳେ ତୁମେ ତୁମ ମାଆଙ୍କ ସହ ତୁଠକୁ
ଆସ ଓ ତୁମ ମାଆ ତୁମକୁ ମୋ ମୁଣ୍ଡ ଉପରେ
ବସାଇ ଦେଇ ସ୍ନାନ ସାରି ତୁମକୁ ନେଇ ଗ୍ଭଲିଯାଆନ୍ତି। ଶୁଣ,
ମୁଁ ସେହି ତୁଠ ପଥର କହୁଛି।

ତୁମ ଶୈଶବ କାଳରେ କେତେ ଥର ମୋତେ ଝୁଣ୍ଟିପଡ଼ି
ଲହୁ ଲୁହାଣ ହେଇଚ ତା'ର ହିସାବ ନାହିଁ।
ଲହୁ ଲୁହାଣ ହେଲାପରେ ମାଆ ତୁମକୁ ଉଠେଇ ଧରି
ମିଛରେ ମିଛରେ ମୋତେ ଗୋଇଠା ମାରି ତୁମକୁ ଖୁସି କରନ୍ତି

ISSN NO.
2582-208X

ଆଉ ତୁମ ହସକାନ୍ଦ ମୁହଁ ଦେଖି ମୁଁ ବି ଖୁସି ହେଇଯାଏ ଜାଣେନ କାହିଁକି।
ଶୁଣ, ମୁଁ ସେହି ତୁଠ ପଥର କହୁଛି।

ଭାରି ଭଲ ଲାଗେ ତୁମ ସେ କୁନି କୁନି ପାଦ ଯୋଡ଼ାକ
ଯେତେବେଳେ ମୋତେ ସ୍ପର୍ଶ କରନ୍ତୁ, ସତେ ଯେମିତି
କୁମ୍ଭିପାକ ନର୍କରୁ ମୁଁ ଉଦ୍ଧାର ହେଲିକି!
ତୁମ କୋମଳ ହସ୍ତ ଓ ପାଦର ସ୍ପର୍ଶରେ ମୋ ଦେହରେ
ଖେଳଯାଏ ଅସରନ୍ତୁ ଶିହରଣ ଇଚ୍ଛା ହୁଏ ତୁମକୁ ଟିକେ
ଚୁମା ଦେବାପାଇଁ। କିନ୍ତୁ କ'ଣ ବା କରିପାରିବି
ମୁଁ ତ ସାମାନ୍ୟ ତୁଠ ପଥରଟିଏ।

ଶୈଶବରୁ ତୁମେ ଆସି ପହଂଚ ଯୌବନରେ।
ଯୌବନର ସୁରାପାନ କରି ତୁମେ ବିଭୋର ହେଇଯାଅ
ସତେ ଯେମିତି ସୁରାପାନ ଛାଡ଼ ତୁମର ଆଉ କାର୍ଯ୍ୟ କିଛି ନାହିଁ।
ମୁଁ ଦେଖିଚ, ତୁମ ଦେହର ଭରା ଯୌବନ ଯାହା ପିଲାବେଳେ ତୁମ
ବାପାମାଆ ଦେଖିଥିଲେ ଆଜି ପର୍ଯ୍ୟନ୍ତ ଆଉ କେହି ଦେଖିନାହାନ୍ତୁ।
ମୁଁ ସେଇ ନଈ କୂଳ ତୁଠ ପଥର କହୁଛି।

ମୁଁ ଜାଣିନ, ମୋତେ କିଏ କାହିଁକି ଏଠି ଆଣି ରଖିଥିଲା
କିନ୍ତୁ ଯିଏବି ଆଣି ରଖିଥିଲା ତା'ପାଖରେ ମୁଁ କୃତଜ୍ଞ।
ସିଏ ଯଦି ସେଦିନ ମୋତେ ନ ଆଣି ଥାଆନ୍ତା ତେବେ
ମୁଁ କେମିତି ଦେଖିଥାନ୍ତୁ ତୁମ ଶୈଶବରୁ ଯୌବନ।
ତୁମେ ଯେବେ ସ୍ନାନ ପାଇଁ ଆସି ମୋ ଦେହରେ ତୁମ ଦେହର
ବାସ୍ନା ମାଖିଦେଇ ଯାଅ ସେତେବେଳେ ଏତେ ମିଠା କେଉଁଠୁ ଆସେ!
ମୁଁ ତୁଠ ପଥର କହୁଛି।

ISSN NO.
2582-208X

ମୁଁ ଜାଣିନ କଏ ତୁମକୁ ଦେଇଥିଲା ସେ ରୂପ ଲାବଣ୍ୟ
ଯାହାକୁ ଦେଖିଲେ ଆବାଳ ବୃଦ୍ଧ ବନିତା ଚକିତ ହୁଅନ୍ତି
ଏବଂ ଅଟକି ଯାଆନ୍ତି ମୁହୂର୍ତ୍ତକ ପାଇଁ।
ମୁଁ ତୁମର ସେଇ ତୁଠ ପଥର କହୁଛି।

+ ୩ ତୃତୀୟ ବର୍ଷ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର
ଦୂରଭାଷ - ୯୩୪୮୯୧୭୯୬୫
ମେଲ୍ - kamallochanbaul@gmail.com

ISSN NO.
2582-208X

# ବନ୍ଧୁରୂପୀ ମଧୁମକ୍ଷୀ



ଜୟଦେବ ମାଝୀ

ସଞ୍ଜ ସକାଳର ସୁନେଲ କରଣ,
ଋତୁ ବସନ୍ତର ଆଶା ।
ମହକଭର୍ କଅଁଳ ମହୁମକ୍ଷୀ,
ଭିନ୍ନ ତାର ପରିଭୂଷା ।।

ହୃଦ ସ୍ପନ୍ଦନର ପ୍ରେମ ପ୍ରଣୟିନୀ,
ରାଜହଂସୀ ତାର ଗ୍ଭଲି ।
ମିଠା ହସରେ ଆନନ୍ଦ ଉଲ୍ଲାସ,
ମୋ ସାଥେ କରେ କଳ ।।

ସାଥୀ ହୋଇ ବାଣ୍ଟରେ ଅମୃତ,
ନହୁଏ କେବେ ଶେଷ ।
ଭାବର ବନ୍ଧନେ ବନ୍ଧା ସମ୍ପର୍କ,
ଅତୁଟ ତାର ବିଶ୍ୱାସ ।।

ସରିଯାଏ ସବୁ ବିରହ ଯନ୍ତ୍ରଣା,
ବନ୍ଧୁ ହେଲେ ସାକ୍ଷାତ ।

ISSN NO.
2582-208X

ସରେନ ମୋର ହୃଦେ ମହକ,
ଟଳଇ ଅଚହ୍ନା ବିପଦ ।।

ପ୍ରେମ ପ୍ରଦୀପର କାଳ ବୈଶାଖୀ,
ଜ୍ୱଳନ ଆଖିର ସଖୀ ।
ଫୁଲ ବଗିଚ୍ଛର ଝାଞ୍ଜି ଶବ୍ଦକୋଷ,
ବାନ୍ଧବୀ ରୂପୀ ମଧୁମକ୍ଷୀ ।।

ଉଚ୍ଚ-ନୀଚ ସବୁ ଖେଦ ଭୁଲି,
ରଜ୍ଜୁ ଛିଣ୍ଡୁ ସଂସାରର...
ତ୍ୟାଗ, ବଳଦାନ, ଉତ୍ସର୍ଗ ସହ
ଚରନ୍ତନ ବନ୍ଧୁତା ଆମର ।।

ସାକ୍ଷୀ ରହୁ ଏ ମାୟା ସଂସାର,
ଅକ୍ଷୁର୍ଣ୍ଣ ଆମରି ବନ୍ଧନ ।
ସଦା ଦୁଃଖ କଷ୍ଟ ବାନା ମୁର୍ଝଇ,
ବିଶାଳ ବନ୍ଧୁ ହୃଦ ମନ ।।

ଆଶା ଭରସାର ଅପ୍ରିୟ ପ୍ରୀତି,
ପାପ ଭର୍ତ୍ତି ଜଗତ ।
ସ୍ନେହରୁ ଆରମ୍ଭ ଆମ ସମ୍ପର୍କ,
ବନ୍ଧୁତାର ଚଲ୍‌ପଥ ।।

ISSN NO.
2582-208X

କାଗଜ ଫୁଲର ମଧୁ ସମ୍ଭାର,
ପତ୍ରଯାଏ ତାର ଝଡ଼ି ।
ଦରଦୀ ବାନ୍ଧବୀ ରୁପ-ସୁନ୍ଦରୀ,
ଫୁଟି ଉଠୁ ସବୁ କଢି ।।

ହସର ପାଖୁଡା ଜୁଆର ସାଜେ,
ଦିନଯାଏ ଆମ ବିତି ।
ନିବିଡ଼ ବନ୍ଧୁତ୍ୱର ଜୀବନ ପୁସ୍ତକ,
ଅମର ହେଉ ସ୍ମୃତି ।।

କଲେଜ ଛକ୍, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୧୧୪୩୧୭୬୬୪

ISSN NO.
2582-208X

# ସନିଆ ଭାଇ ମଦ ପିଉଛ କାଇଁ

ଖୁକୁନ ସାହୁ

ସନଆ ଭାଇ... ମଦ ପିଉଛ କାହିଁ
ମୋ କଥା ଟିକେ ଶୁଣିବକ
ମୋ କଥା ଟିକେ ଶୁଣିବ କ
ଯାହା ହାତ ତୁମେ ଧରିଥିଲ
ସେ ହୁଏ ଆଜି କଲବଲ
ତୁମରି ପାଇଁ କ ଆଖି ଲୁହ ତାର ଜମା ସୁଖୁନାହିଁ।।
ସନଆ ଭାଇ ମଦ ପିଉଛ କାଇଁ
ଯଦି ଏମିତି ତୁମେ ହେବ
ପରିବାରଟା ଭାସି ଯିବ
ଯଦି ଏମିତି ତୁମେ ହେବ
ପରିବାରଟା ଭାସି ଯିବ
ତୁମ ପିଲ୍ ଛୁଆ ଭବିଷ୍ୟତ ତୁମ
ହାତରେ ହିଁ ନଷ୍ଟ ହେବ
ନା.. ନାଇଁ ରେ ନାଇଁ ନାଇଁ ରେ ନାଇଁ ମଦ ପିଇନା ଭାଇ
ସନଆ ଭାଇ କଥା ଶୁଣୁନ କାଇଁ
ମୋ କଥା ଟିକେ ଶୁଣିବକ
ମୋ କଥା ଟିକେ ଶୁଣିବକ
ଯେବେ ଯାଉଛ ତୁମେ ବାଟରେ

ISSN NO.
2582-208X

ଲୋକେ ହସନ୍ତୁ ତୁମ ପଛରେ
ମଦୁଆଙ୍କୁ କେହି ସମାଜରେ କେବେ ମଣିଷରେ ଗଣେ ନାହିଁ।।
ସନଆ ଭାଇ ମଦ ପିଉଛ କାଇଁ
ଯଦି ମଦ ତମେ ପିଉଥିବ
ଦିନେ ରୋଗକୁ ଡ଼ାକ ଆଣିବ
ଯଦି ମଦ ତୁମେ ପିଉଥିବ
ଦିନେ ରୋଗକୁ ଡ଼ାକ ଆଣିବ
ଏଇ ମଦ ଲାଗି ତୁମରି ଜୀବନ ଅଯଥାରେ ଗାଲି ଯିବ।।
ସନଆ ଭାଇ... ମଦ ପିଉଛ କାହିଁ
ମୋ କଥା ଟିକେ ଶୁଣିବକ
ମୋ କଥା ଟିକେ ଶୁଣିବ କ
ଯାହା ହାତ ତୁମେ ଧରିଥିଲ
ସେ ହୁଏ ଆଜି କଲବଲ
ତୁମରି ପାଇଁ କ ଆଖି ଲୁହ ତାର ଜମା ସୁଖୁନାହିଁ।।
ସନଆ ଭାଇ ମଦ ପିଉଛ କାଇଁ
ଯଦି ଏମିତି ତୁମେ ହେବ
ପରିବାରଟା ଭାସି ଯିବ
ଯଦି ଏମିତି ତୁମେ ହେବ
ପରିବାରଟା ଭାସି ଯିବ
ତୁମ ପିଲା ଛୁଆ ଭବିଷ୍ୟତ ତୁମ
ହାତରେ ହିଁ ନଷ୍ଟ ହେବ
ନା.. ନାଇଁ ରେ ନାଇଁ ନାଇଁ ରେ ନାଇଁ ମଦ ପିଇନା ଭାଇ
ସନଆ ଭାଇ କଥା ଶୁଣୁନ କାଇଁ
ମୋ କଥା ଟିକେ ଶୁଣିବକ

ISSN NO.
2582-208X

ମୋ କଥା ଟିକେ ଶୁଣିବକି
ଯେବେ ଯାଉଛ ତୁମେ ବାଟରେ
ଲୋକେ ହସନ୍ତୁ ତୁମ ପଛରେ
ମଦୁଆଙ୍କୁ କେହି ସମାଜରେ କେବେ ମଣିଷରେ ଗଣେ ନାହିଁ।।
ସନଆ ଭାଇ ମଦ ପିଉଛ କାଇଁ
ଯଦି ମଦ ତମେ ପିଉଥିବ
ଦିନେ ରୋଗକୁ ଡ଼ାକ ଆଣିବ
ଯଦି ମଦ ତୁମେ ପିଉଥିବ
ଦିନେ ରୋଗକୁ ଡ଼ାକ ଆଣିବ
ଏଇ ମଦ ଲାଗି ତୁମରି ଜୀବନ ଅଯଥାରେ ଚାଲି ଯିବ।।
ସନଆ ଭାଇ ଆଉ ହୁଅନା ବାଇ
ଆମ କଥା ଟିକେ ଶୁଣିବକି
ଆମ କଥା ଟିକେ ଶୁଣିବକି
ମଦ ନୁହେଁ ଦେହ ପାଇଁ ଭଲ
ଖାଲି କରେ ଯାହା କଲବଲ
ଏଇ ମଦ ପାଇଁ କେତେ ପରିବାର ଯାଇଛି ବିଚ୍ଛିନ୍ନ ହେଇ
ମଦ ଅଭ୍ୟାସ କର ନାହିଁ
ଯାଅ ଭଲ ମଣିଷ ହୋଇ
ମଦ ଅଭ୍ୟାସ କର ନାହିଁ
ଯାଅ ଭଲ ମଣିଷ ହୋଇ
ଫେରି ଆସ ସୁସ୍ଥ ସମାଜଟେ ଗଢ଼
ସବୁବେଳେ ଖୁସି ରହି...!
ନା.. ନାଇଁରେ ନାଇଁ ନାଇଁରେ ନାଇଁ ମଦ ପିଇନା ଭାଇ.......
ସନଆ ଭାଇ ଆଉ ହୁଅନା ବାଇ

ISSN NO.
2582-208X

ଆମ କଥା ଟିକେ ଶୁଣିବକ
ଆମ କଥା ଟିକେ ଶୁଣିବକ
ମଦ ନୁହେଁ ଦେହ ପାଇଁ ଭଲ
ଖାଲି କରେ ଯାହା କଲବଲ
ଏଇ ମଦ ପାଇଁ କେତେ ପରିବାର ଯାଇଛି ବିଚ୍ଛିନ୍ନ ହେଇ
ମଦ ଅଭ୍ୟାସ କର ନାହିଁ
ଯାଅ ଭଲ ମଣିଷ ହୋଇ
ମଦ ଅଭ୍ୟାସ କର ନାହିଁ
ଯାଅ ଭଲ ମଣିଷ ହୋଇ
ଫେରି ଆସ ସୁସ୍ଥ ସମାଜଟେ ଗଢ଼
ସବୁବେଳେ ଖୁସି ରହି...!
ନା.. ନାଇଁରେ ନାଇଁ ନାଇଁରେ ନାଇଁ ମଦ ପିଇନା ଭାଇ.......

ନୂଆବନ୍ଧ, ଆଠଗଡ,କଟକ

ISSN NO.
2582-208X

# ଖାଇବା ଥାଳିରେ ଭୂମିକମ୍ପ



ଏମ୍.ବିଜୟ କୁମାର

ଖାଇବା ଥାଳରେ ଭୂମିକମ୍ପ
ପେଟରେ ଲାତ ମହଙ୍ଗା ଦ୍ରବ୍ୟ
ହୁ ହୁତାସନେ ଜଳୁଛି ନିଆଁ
ସଉଦା ସାଗେଂ ପନିପରିବା
ଶୁଭେ ହା-ଅନ୍ନ ଆର୍ତ୍ତ ଚିତ୍କାର
ଭୋକ ଡାକ ନାହି ରଖ୍ୟାକର

ସତେ ଯେମିତି ନିଆଁ ଜଳୁଛି
ଗରିବ ପେଟେ ଲାତ ବାଜୁଛି
ଆହାର ପାଇଁ ଆହାର ଲଢେଇ
ଛଟ ପଟ ବିକଳ ହୋଇ
ଛୁଅ ନାହି ଗରମ ବଜାର
ସବୁ ତ ଆକାଶ ଛୁଆଁ ଦର

ତେଲ ଲୁଣ ଆଳୁ ପିଆଜ
ଗରିବ ମୁଣ୍ଡରେ ଅଧିକା ବୋଝ

ISSN NO.
2582-208X

ପେଟ୍ରୋଲ ଡିଜେଲ ଖାଇବା ତେଲ
ଗ୍ରସନ ସାମାନ ଟମାଟର
ବିପଦ ଘଣ୍ଟି ସତର୍କ ରୁହ
ଅନ୍ଧ ପଟିକୁ ଖୋଲି ପକାଅ
ସତ୍ୟ ହେଲା୍ ସପ୍ନା ଆଛେ ଦିନ
ବିକ ଦେଲ କ ଭୋଟ ଜମିନ
ଖାଇବା ଥାଳରେ ଭୂମିକମ୍ପ
ପେଟରେ ଲାତ ମହଗାଂ ଦ୍ରବ୍ୟ
ଶୁଭେ ହା-ଅନ୍ନ ଆର୍ତ ଚତ୍କାର
ଭୋକ ଡାକ ଣାହି ରଖ୍ୟାକର

ରେମଣ୍ଡା (ମହୁଲପଲ୍ଲୀ)
ବୁଡାବାହାଲ, ସଇଁନ୍ତଲା୍
ବଲା୍ଗିଂର-32
ମୋ-7978784130

ISSN NO.
2582-208X

# ବର୍ଷା

ମାନସ ଦାସ

ଆଜି ବର୍ଷା ଡରେଇ ଦେଲା
ସଦ୍ୟସ୍ନାତ ଫୁଲେଇ ଆକାଶ ବକ୍ଷରେ ।
ଚକ୍ରାର କଲା ଉଦ୍ଧତ ବିଜୁଳି ।
ଲହ ଲହ ଜୀଭ ଦେଖେଇ
ଫୁଲି ଉଠୁଥିବା ସାପଟିଏ ପରି
ସକାଳ ର ପରିଚ୍ଛନ୍ନ ସତେଜତା କୁ
ଚପୁଡି ଚପୁଡି ସନ୍ତୁଳେଇ ଦେଲା.......ବର୍ଷା...

ମୁହୂର୍ତ୍ତକରେ ଭରିଗଲା ରାସ୍ତା,
ମାଧୁରୀ ପୁରୋହିତ ର ଘନକୃଷ୍ଣ
ଲଂବା ଦୀର୍ଘ ବେଣୀ ପରି ।
ଦୁଇ କଡକୁ ନଇଁଗଲା ଆକାଶର ଓଠ...
ଯେମିତି ଲମ୍ପଟ ମେଘ ମାନେ
ସନ୍ତର୍ପଣରେ ନଜକୁ ଆବୋରି ନେଉଥିବା
ସନ୍ତ୍ରସ୍ତ ଧରିତ୍ରୀ କୁ ବିବସ୍ତ୍ର କରିବାର ପ୍ରୟାସ କରୁଥିଲା.....ବର୍ଷା...

ଦିନରେ ବି ସୃଷ୍ଟି କଲା ରାତ୍ରିର ଭ୍ରମ
ମେଘ ସବୁ କଳାକୃଷ୍ଣ ବାଦଲ

ISSN NO.
2582-208X

ଗ୍ଲୁଦର ଭିତରେ ଯେମିତି
ସୂର୍ଯ୍ୟଂକୁ କଡନାପ କରିନେଲେ....
ପବନର ଖିଲିଖିଲି ହସ
ମନେପକାଇଦେଲା ଭବାନୀ ର
ରୋମାଣ୍ଟିକ୍ କବିତା... ପ୍ରେମ ଓ ଇର୍ଷା....

କଲେଜ ବେଳର ବର୍ଷା କନ୍ତ
ଅନନ୍ୟ, ଅସାମାନ୍ୟ ଥିଲା....
ବର୍ଷାତି ପିନ୍ଧି ରିମ୍‌ଝିମ୍ ବର୍ଷା ରେ ଭିଜି
ସାଇକେଲ ଚଲାଇବାରେ
ଏକ ଉଦ୍‌ବାର୍ଯ୍ୟ ଆଭିଜାତ୍ୟ ଥିଲା ।
ମନେ ଅଛି ବେଳେ ବେଳେ ରାସ୍ତାରେ ତମ ସଂଗେ ଦେଖା
ହୋଇଯାଉଥିବାର ବି ହେଉଥିଲା..... ଚର୍ଚ୍ଚା....

ସକାଳୁ କାଟୁଛି ବର୍ଷା,
ଅବଶ ହୋଇ ପଡିଥିବା ଦେହ
ଆଷ୍ଚର୍ଯ୍ୟ ହୋଇ ଅବଲୋକନ କରୁଛି ...
ତଥାପି ଯୌବନର ଐshwaର୍ଯ୍ୟ ରେ
ଲେଲିହାନ ହୋଇ ଆରାମରେ ବସିଥିବା 'ମନ' କୁ
କଂକ୍ରିଟ କାନ୍ଥରୁ ଟୋପେ ଟୋପେ
ଜକାଉଥିବା ପାଣିକୁ ନରୀକ୍ଷଣ  କଲାପରେ ମଧ୍ଧ
ହୋଇଯାଉଛି ଅହଂକାରୀ ମନ... ଆହୁରି ଫର୍ଚ୍ଚା....

ISSN NO.
2582-208X

ଦିନ ଯାଇ ରାତ୍ରୀ ହେଲା....
ଦିନଭଳ ରାତି ବି ବିନଦ୍ର କଟୁଛି,
ବର୍ଷା କନ୍ତୁ ସେମିତି ବର୍ଷୁଛି ।
ନରାଳା ପ୍ରହରେ ଅତୀତ ର ସ୍ମୃତି
ଗୋଟାଉଛି... ବିଚନ୍ଧ ଲାଗୁଛି
କେତେ ମାସ, ବର୍ଷ, ପ୍ରହର ବିତିଛି...
ସଶକ୍ତ ବାହୁ ଏବେ ଦୁର୍ବଳ ହୋଇଛି...

ତଥାପି
ବର୍ଷା ଆଜି
ଅସାମାନ୍ୟ
ଉତ୍ପାତ ପରେ ମଧ୍ୟ
ସେଦିନ ପରି
ଉଷୁମ ଲାଗୁଛି...
ବର୍ଷା...

ISSN NO.
2582-208X

# ଓଳିଆରୁ ଉଭା ହେଲେ ଦାରୁବ୍ରହ୍ମ



ମାଳତୀ ଦେବୀ

ଧାନ, ମାଣ୍ଡିଆ, ମୁଗ, ବିରି, କୋଳଥ ଆଦି ଫସଲ ଅମଳ ହୋଇ ସାରିବା ପରେ ତାକୁ ବର୍ଷକ ପାଇଁ ସାଇତି ରଖାଯାଏ । ବହୁ ପରିମାଣର ଫସଲକୁ ଅମଳ କରି ଆଣି ଜମିଦାରମାନେ ସାଧାରଣତଃ ଅମାର ଘରେ ରଖନ୍ତି । ଅଳ୍ପ ପରିମାଣର ଫସଲ ଅମଳ କରିଥିବା ଚାଷୀମାନେ ଯେଉଁଥିରେ ବିହନକୁ ସାଇତି ରଖନ୍ତି । ତାକୁ ଓଡ଼ିଶାର ଲୋକମାନେ ନାମ ଦେଇଛନ୍ତି ଓଳଆ। ଓଳଆ ବା ପୁଡୁଗ ସାଧାରଣତଃ ପାଳ ଦଉଡିରେ ପ୍ରସ୍ତୁତ ହୋଇଥାଏ । ତା ମଧ୍ୟରେ ଶସ୍ୟକୁ ରଖି ତାକୁ ଭାଡ଼ି ଉପରେ ଥୁଆଯାଏ । ଆଗ କାଳରେ କାଠଭାଡ଼ି ଉପରେ ଓଳଆକୁ ସଜାଇ ରଖାଯାଉଥିଲା । ଯେଉଁମାନଙ୍କ ଘରେ ସିନ୍ଦୁକ ବାକ୍ସ ଆଦି ନ ଥିଲା, ସେମାନେ ମୂଲ୍ୟବାନ ଜିନିଷ ସୁନା, ରୂପା ଆଦିକୁ ଏହି ଓଳିଆ ଭିତରେ ଲୁଚାଇ ରଖୁଥିଲେ । ଆମ ଓଡିଆମାନଙ୍କର ସବୁଠାରୁ ମୂଲ୍ୟବାନ ହେଉଛନ୍ତି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମହାପ୍ରଭୁ । ଭକ୍ତ ପ୍ରେମରେ ବନ୍ଧାହୋଇ ମହାପ୍ରଭୁ ଗଙ୍ଗାଜଳରୁ ଆସି କୁଜଙ୍ଗ ଗଡ଼ରେ ପହଞ୍ଚିଥିଲେ ଏବଂ ଭକ୍ତ ବିଶର ମହାନ୍ତି ତାଙ୍କୁ ଲୁଚାଇ ରଖିଲେ ତାଙ୍କ ଘର ଭାଡ଼ିରେ ଥିବା ବିହନ ଓଳିଆ ଭିତରେ । ମହାପ୍ରଭୁଙ୍କୁ ଅଣନିଶ୍ୱାସି ଲାଗିଲା । କୁଜଙ୍ଗ ଗଡ଼ର ଷଣ୍ଢ ରାଜାଙ୍କୁ ସ୍ୱପ୍ନାଦେଶରେ ମହାପ୍ରଭୁ କହିଲେ ଆମ୍ଭଙ୍କୁ ବିଶର ମହାନ୍ତିଙ୍କ ଓଳିଆ ମଧ୍ୟରୁ ଉଦ୍ଧାର କରି ନେଇ ମନ୍ଦିରରେ ପୂଜା କରିବାର ବ୍ୟବସ୍ଥା କର । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈବବାଣୀ ଶୁଣି ଷଣ୍ଢରାଜା କୃତକୃତ୍ୟ ହେଲେ । ବିଶର ମହାନ୍ତିଙ୍କୁ

ISSN NO.
2582-208X

ସ୍ୱପ୍ନାଦେଶ ଶୁଣାଇ ଦାରୁବ୍ରହ୍ମଙ୍କୁ ନେଇ କୁଜଙ୍ଗ ଗଡରେ ଛୋଟ ମନ୍ଦିରଟିଏ ନିର୍ମାଣ କରି ପୂଜା ଉପାସନା କଲେ। ଏ ସମ୍ବାଦ ଯାଇ ପହଞ୍ଚିଲା ଉତ୍କଳର ଗଜପତି ମହାରାଜା ଶ୍ରୀ ରାମଚନ୍ଦ୍ର ଦେବଙ୍କ ପାଖରେ । ଗଜପତି ଆଦେଶ ଦେଲେ ତୁରନ୍ତ ମହାପ୍ରଭୁଙ୍କୁ ଶ୍ରୀକ୍ଷେତ୍ର ଆଣିବା ପାଇଁ । ମହାପ୍ରଭୁ ସେତେବେଳେ ଅଚଳ ମହାମେରୁ ବଳୟାର ଭୁଜ ରୂପରେ ନ ଥିଲେ । କେବଳ ଥିଲେ କ୍ଷୁଦ୍ର ଅବୟବ ଧାରୀ ଦାରୁବ୍ରହ୍ମ ରୂପରେ । ହିନ୍ଦୁ ଧର୍ମର ବିଦ୍ୱେଷୀ କଳାପାହାଡ଼ ଶ୍ରୀକ୍ଷେତ୍ରକୁ ଆକ୍ରମଣ କରି ବଡଦେଉଳକୁ ବିକଳାଙ୍ଗ କରି ଦେଇଥିଲା । ଦିଅଁମାନଙ୍କୁ ହାତୀ ପିଠିରେ ଲଦି ପୁରୀ ସମୁଦ୍ର କୂଳରୁ କୋଲକାତାର ହୁଗୁଳି ନଦୀ କୂଳକୁ ନେଇ ଯାଇଥିଲା । ସେଠାରେ ନଦୀ ତୀରରେ ଦିଅଁଙ୍କୁ ରଖି ତା ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଲା । ଦାରୁଦିଅଁଙ୍କ ଦେହ ଜଳିବାକୁ ଆରମ୍ଭ କରିବା ମାତ୍ରେ କଳାପାହାଡ଼ର ଶରୀର ଖଣ୍ଡ ଖଣ୍ଡ ହୋଇ ଫାଟିବାକୁ ଲାଗିଲା । ପୀରମାନଙ୍କ ନିର୍ଦ୍ଦେଶରେ ଜଳୁଥିବା ଦାରୁ ଦେବତାଙ୍କୁ ନଦୀ ଜଳକୁ ଫିଙ୍ଗି ଦିଆଗଲା । ଏତିକବେଳେ ଦିଅଁଙ୍କ ପଛେ ସୁଦୂର ପଥ ଅତିକ୍ରମ କରି ଧାଇଁ ଆସିଥିବା ମୃଦଙ୍ଗ ବଜାଳି ବାବାଜୀ ବେଶଧାରୀ ପାଗଳ ବାବାଜୀ ବିଶର ମହାନ୍ତି ନଦୀ ଜଳକୁ ଝାମ୍ପ ଦେଇ ଦାରୁଦିଅଁଙ୍କୁ ଧରି ନଦୀର ସ୍ରୋତରେ ବୁଡା ପହଁରାରେ ଖଣ୍ଡେଦୂର ଚାଲିଗଲା । କଳାପାହାଡ଼ର ଅନୁଚରମାନେ ସେ କଥାକୁ ଗୁରୁତ୍ୱ ନ ଦେଇ ଉଆସକୁ ଫେରିଗଲେ । କଳାପାହାଡ଼କୁ ଖବର ଦେଲେ ଗୋଟାଏ ପାଗଳା ବାବାଜୀ ଦରପୋଡ଼ା ମୂର୍ତ୍ତି ସହିତ ନଦୀ ଗର୍ଭରେ ବୁଡିଯାଇଛି । ଏ ଖବର ପାଇ କଳାପାହାଡ଼ ଆଶ୍ୱସ୍ତ ହେଲା । ପୋଡ଼ି ଦେବାକୁ ଆଦେଶ ଦେଇଥିବା ମୂର୍ତ୍ତି ମଣିଷ ହାତଗଢା ଦାରୁ ଦେବତା ନୁହନ୍ତି । ସେ ସମଗ୍ର ସୃଷ୍ଟିର ହର୍ତ୍ତା କର୍ତ୍ତା ଦଇବ ବିଧାତା ସ୍ୱୟଂ ପରଂବ୍ରହ୍ମ । ତାଙ୍କୁ ଅଗ୍ନି ଜଳାଇ ପାରିବ ନାହିଁ, ପବନ ଉଡ଼ାଇ ନେଇ ପାରିବ ନାହିଁ, ଜଳ ଓଦା କରି ପାରିବ ନାହିଁ, କୌଣସି ଅସ୍ତ୍ରଶସ୍ତ୍ର ହାଣି ଖଣ୍ଡ ଖଣ୍ଡ କରି ପାରିବ ନାହିଁ । ସେ ଇଚ୍ଛାମୟ ପୁରୁଷୋତ୍ତମ । ତାଙ୍କ ଇଚ୍ଛାରେ ସୃଷ୍ଟି, ସ୍ଥିତି ହୁଏ, ପ୍ରଳୟ ମଧ୍ୟ ହୁଏ । ସବୁ ତାଙ୍କରି ଲୀଳାଖେଳା । ସେହି ପ୍ରଭୁ । ପରଂବ୍ରହ୍ମ ଲୀଳା କରି ଆପଣାକୁ ବିଧର୍ମୀ ହାତରେ ଧରା ପକାଇ ଦେଇଥିଲେ । ବିଧର୍ମୀ ଜ୍ଞାନହୀନ । ସେ ତାର ଫଳ ପାଇଲା । ମହାପ୍ରଭୁଙ୍କ ସାଥିରେ ଶତ୍ରୁତା କରିବାକୁ ଇଚ୍ଛାକରି ଆପେ ଶାସ୍ତି ପାଇଲା । ମହାପ୍ରଭୁଙ୍କର ଏହି ଲୀଳା ସାଧାରଣ ଜନତାଙ୍କ ଦୃଷ୍ଟିରୁ

ISSN NO.
2582-208X

ଯାହା ହୋଇଥାଉ ନା କାହିଁକି, ଜଣେ ଅଜ୍ଞାତ ଭକ୍ତଙ୍କୁ ଲୋକଲୋଚନକୁ ଆଣିପାରିଲା । ଭକ୍ତର ଓଳଆ ମଧ୍ୟରେ ଥାଇ ପରିଶେଷରେ ପ୍ରକଟ ହେଲେ । ଗଜପତି ମହାରାଜାଙ୍କ ଦ୍ୱାରା ଏବଂ ଜନସମାଜରେ ଦାରୁବ୍ରହ୍ମଙ୍କର ପରମ ଭକ୍ତ ଭାବେ ପରିଚିତ ହେଲେ ।

ଜୟ ଜଗନ୍ନାଥ ସ୍ୱାମୀ ନୟନ ପଥ ଗାମୀ ଭବ ତୁମେ

ସଂଗ୍ରାହିକା: ମାଳତୀ ଦେବୀ
ପୁରୁଣା ବଜାର,ଲୋକାପଦା,ଆଳ,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡ଼ି

ବାହୁଡ଼ିଲେ ଧନ ନେଇ ଧନ୍ୱନ୍ତରୀ ଗଲା ନୃପପାଷେ ତକ୍ଷକ
ବ୍ରାହ୍ମଣର ଛଦ୍ମବେଶ ଧରି ଅହି ଫଳପୁଷ୍ପ ଘେନି ଅନେକ
ପଶିଲା, କୀଟ ହୋଇ ମିଷ୍ଟ ଫଳରେ
ନରନାଥଙ୍କର ଚରଣକୁ ଦଂଶି ଅନ୍ତର୍ଦ୍ଧାନ ହେଲା ଶୂନ୍ୟରେ ।୫୧ ।

ତକ୍ଷକ ଦଂଶନେ ଭସ୍ମ ସ୍ତୁପ ହେଲା ରାଜାଙ୍କ ପାର୍ଥିବ ଶରୀର
ବ୍ରହ୍ମରେ ବିଲୀନ ରାଜାଙ୍କୁ ବିଲୋକି ଅମ୍ବରେ ବିବୁଧ ନିକର
ସାଦରେ, କରନ୍ତି ବରଷା କୁସୁମ
ସଂପୂର୍ଣ୍ଣ କରଇ ଅଲେଖ ମେହେର ଦୁର୍ଲ୍ଲଭ ମାନବ ଜନମ ।୫୨ ।

ପ୍ରଥମ ଶ୍ରବଣ କାରିଣୀ ଅଟନ୍ତି ମୋର ଅର୍ଦ୍ଧାଙ୍ଗିନୀ ରୁକ୍ମିନୀ
ଛନ୍ଦରେ ଶବ୍ଦର ଭୁଲ ସଂଯୋଜନା ଦୃଶ୍ୟ ପଟେ କରି ଜଣାଣି
ପଦରେ, ସ୍ୱର, ତାଳ-ଲୟ ବିଧାନ
ପ୍ରତିଧ୍ୟାନ ତାଙ୍କ ମହାନ ଭାବନା ପାଇବାକୁ ଯୋଗ୍ୟ ସମ୍ମାନ ।୫୩ ।

ISSN NO.
2582-208X

ବନ୍ଦଇ ଭକତ ବତ୍ସଳା ଜନନୀ ସମଲେଇ ପଦ କମଳେ
ଅଠରଗଡକୁ ସ୍ନେହ ତୋୟ ସିଞ୍ଚି ରଖିଛ ସର୍ବଦା ଉଦ୍ଧାଳେ
କଲ୍ୟାଣୀ, ଭବ ଭୟ ଦୁଃଖ ହାରିଣୀ
ତବ କରୁଣା ପ୍ରସାଦରେ ଜନନୀ ରଚିଲି ପରୀକ୍ଷ କାହାଣୀ ।୫୪ ।

-: ଟୀକା :-

ଅନ୍ତର୍ଦ୍ଧାନ – ଅଦୃଶ୍ୟ
ଅମ୍ବର – ଆକାଶ
କରୁଣା - ଦୟା

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଶିବମଂଗଳାଷ୍ଟକମ୍



ସୁହାସିନୀ ବାରିକ୍

ଭବାୟ ଚଂଦ୍ରଚୂଡାୟ ନିର୍ଗୁଣାୟ ଗୁଣାତ୍ମନେ।
ସହକାଲକାଲାୟ ରୁଦ୍ରାୟନୀ ଲଗ୍ରୀବାୟ ମଂଗଳମ୍।।1 ।।

ବୃଷାରୂଢାୟଭୀମାୟ ବ୍ୟାଘ୍ରଚର୍ମାଂ ବରାୟଚ।
ପଶୂନାଂପତୟେତୁଭ୍ୟଂ ଗୌରୀକାଂତାୟ ମଂଗଳମ୍।। 2 ।।

ଭସ୍ମୋଦ୍ଧୂଳିତ ଦେହାୟନାଗୟଜ୍ଞୋପବୀତିନେ।
ରୁଦ୍ରାକ୍ଷମାଲାଭୂଷାୟ ବ୍ୟୋମକେଶାୟମଂ ଗଳମ୍।। 3।।

ସୂର୍ଯ୍ୟଚଂଦ୍ରାଗ୍ନିନେତ୍ରାୟ ନମଃକୈଲାସବାସିନେ।
ସଚ୍ଚିଦାନଂଦରୂପାୟ ପ୍ରମଥେଶାୟମଂଗଳମ୍।।4 ।।

ମୃତ୍ୟୁଂ ଜୟାୟସାଂବାୟ ସୃଷ୍ଟି ସ୍ଥିତ୍ୟଂତକାରିଣେ।
ତ୍ରୟଂବକାୟ ଶାଂତାୟ ତ୍ରିଲୋକେଶାୟ ମଂଗଳମ୍।।5।।

ISSN NO.
2582-208X

ଗଂଗାଧରାୟ ସୋମାୟନମୋହରିହରାତ୍ମନେ।
ଉଗ୍ରାୟତ୍ରିପୁରଘ୍ନାୟ ବାମଦେବାୟ ମଂଗଳମ୍‌।।6 ।।

ସଦ୍ୟୋଜାତାୟ ଶର୍ବାୟ ଭବ୍ୟଜ୍ଞାନ ପ୍ରଦାୟିନେ।
ଈଶାନାୟନମସ୍ତୁଭ୍ୟଂ ପଂଚବକ୍ତ୍ରାୟ ମଂଗଳମ୍‌।।7 ।।

ସଦାଶିବ ସ୍ୱରୂପାୟନ ମସ୍ତପୁରୁଷାୟଚ।
ଅଘୋରାୟଚ ଘୋରାୟ ମହାଦେବାୟ ମଂଗଳମ୍‌।।୪।।

ମହାଦେବସ୍ୟ ଦେବସ୍ୟୟଃ ପଠେନ୍ମଂଗଳାଷ୍ଟକମ୍‌।
ସର୍ବାର୍ଥସିଦ୍ଧିମାପ୍ନୋତି ସସାୟୁଜ୍ୟଂ ତତଃପରମ୍‌।।୨।।

. ଓଂ ନମଃ ଶିବାୟ ଶିବାୟ

ସଂଗ୍ରାହିକା: ସୁହାସିନୀ ବାରିକ୍
ଗ୍ରାମ ମହୁ, ପୋଷ୍ଟ ମହୁ,
ଥାନା ଆଲ୍,କେନ୍ଦ୍ରାପଡ଼ା

ISSN NO.
2582-208X

# ଆମ ଗାଁ



କୁମର ଲାଲ ରଣା

କି ସୁନ୍ଦର ଗାଆଁ ଦିଶେ    ପାଶେ ଲୁକୁପାଲି ମିଶେ
ରାଜରାସ୍ତା ପଡିଅଛି ନିକଟେ ରହି
ଘେରିଅଛି ରାଜପଥ    ସୁନ୍ଦର ଦିଶେ ସୁପଥ
ମହୁଲଭଟା ନାମରେ ନାମଟି ହୋଇ
ପୂର୍ଣ୍ଣ କରେ ଗ୍ରାମ ସମ୍ପତ୍ତି
ବିଭୁପାଦ  ଅରବିନ୍ଦେ   ଜନେ ଆଲତି ॥

ମହୁଲ ପଦାରୁ ଗାଆଁ   ମହୁଲଭଟା ଯେ ନାଆ
ପୁରିଛି ସମ୍ବଳ କେତେ ଧନ ସଂପତି
ପୁର ଦିଶେ କି ରୁଚିର    ଉଦ୍ଭିଦ କରେ ସଂଚାର
ଚାଷକବଳିତ କରେ ଉର୍ବର  ମାଟି ॥
କେତେ କେତେ ଉଦ୍ଭିଦ ଲତା
ଯତନେ ରଖିଛି ହସି       ରୁପା ମୁକୁତା ॥

ସାଲେଭଟା ବିସ୍ତାରଇ    ଉତ୍ତର ଦିଗରେ ରହି
ପୁରୁବ ଦିଗରେ ଘଞ୍ଚ ଜଙ୍ଗଲ ଭୂମି
ପଶ୍ଚିମ ଦିଗରେ ମିଶେ   ଶିରତୁଲ ଗାଆଁ ପାଶେ

ISSN NO.
2582-208X

ନୂଆପଡା ବୋଲି ସ୍ଥାନ ସହର ଜମି ॥
ହସିଲା ଗ୍ରାମର ସଂଭାର
ପୁର କି ଚିର ରୁଚିର   କରେ ସଂଚାର ॥

ଭୂମିରେ ଦୋରସା ମାଟି   ଉର୍ବର ରହିଛି ଘୋଟି
କେତେ କେତେ କଳାମାଟି କରଛି ଠୁଳ
ଦରଲିଆ କି ଖଲିଆ   କହ୍ଲାର ମାଟି ବଢିଆ
ରହିଛି ଭୁମିରେ କିଏ କରିବ ତୁଳ ॥
ବାହାଲ ବେରଣା ମାଲରେ
କମ୍ପାଏ ଫସଲ ସବୁ   ଲାଭ ଆଶାରେ ॥

ଧାନ ମୁଗ ବିରି ଚାଷେ   ଗାଆଁ ଭୂମି ତେଜ ହସେ
ଧନରେ ସଂବଳ ହୁଏ ପୁରେ ସମ୍ପତ୍ତି
ବାହୁବଳେ ପୁର୍ଣ୍ଣ ହୋଇ   ଚାଷର ସୁଗୁଣ ଭୁଇଁ
ହଳ କରଷଣ ଗୁଣ   ତହିଁ ଭରତି ॥
ଚାଷର ମଂଗଳ ଦୁନିଆ
ମହୁଲ ଭଟା ପୁରାଏ   ଯଶରେ ନାଆ ॥

ପୁରା ମଙ୍ଗଳେ ଭରିଲା   କୁମ୍ଭାର ସଂସାର ଲୀଲା
ସହଦେବ କୁମ୍ଭକାର ଯହିଁ ରହିଲା
ସେ ସ୍ଥାନ ପୁଣ୍ୟ ମିହିର   ସାଜିଲା ସଜେ ସଂସାର
କୁମ୍ଭାର ଭାଣ୍ଡ କଳସେ ଭାବ ରହିଲା
କେତେ କୁଳ ଜାତି ସଂଚାର
ପୁଣ୍ୟରେ ଭରେ ଦୁନିଆ   ଗ୍ରାମ ସଂସାର ॥

ISSN NO.
2582-208X

ସହଦେବ କୃପା ବଳେ ଗ୍ରାମ ରହିଅଛି ମୁଳେ
ଦେବୀ ଲଂକେଶିରି ପାଦ ପଦ୍ମକୁ ଧ୍ୟାୟି ॥
ଜେନାଙ୍କ ପାଦରେ ପଡି କୁଳ ବଂଶାନୀ ସଜାଡି
ଗ୍ରାମ ଦେବାଦେବୀଙ୍କର ମଙ୍ଗଳ ହୋଇ ॥
ଦୁଇ ଠାକୁର ଠାକୁରାଣୀ
ସଂପଦରେ କମ୍ପାଇଲେ ଗ୍ରାମ କାହାଣୀ ॥

ଗାଆଁର କୁଳ ଦେବତା ଭୀମା ହୁଏ ଇଷ୍ଟ ପିତା
ରକ୍ଷା କାରିଣୀ ଡୁଙ୍ଗର ମାଉଲି ଦେବୀ ॥
ଇଷ୍ଟ ଲଂକେଶ୍ୱରୀମାତା କରାଏ ଗ୍ରାମ ଏକତା
ପୁଣ୍ୟ ମଙ୍ଗଳ ହୁଅଇ ଶୁଭେ ପୃଥିବୀ ॥
କାଳି କଂକାଳୀ ଯେ ମାତା
ରକ୍ଷା କରନ୍ତି ସକଳେ ଭାବ ଏକତା ॥

ମହୁଆ ଭଟା

ISSN NO.
2582-208X

# ଆତ୍ମହତ୍ୟା ନୁହେଁ ଶେଷ ବାଟ



ଅନନ୍ତ କୁମାର

ସଂସାର ଭିତରେ
ଆମ୍ ହତ୍ୟା ନୁହଁ ଶେଷ ବାଟ
ଟିକଏ ଆଘାତେ
ଲିଭେଇବା  ଜୀବନର ଦୀପ।

ଘର କରିଥିଲେ ସଂସାର ଭିତରେ
ଝଡ ଝଞ୍ଜାକୁ  ପଡିବ ସହି
ବିପଦେ ଆପଦେ ଡରି ଯାଇ ସଦା
ଆମ୍ ହତ୍ୟା କରି ମୂଲ୍ୟ ନାହିଁ,

ସଂଘର୍ଷ ମୟ ମଣିଷ ଜୀବନ
ଜିତିବା ହାରିବା ଚାଲିଛି ଚାଲିବ
କଣ୍ଟକତ ଏ ସଂସାରର ପଥ
ଚାଲିବାକୁ ହେବ ସହି ସହି କଷ୍ଟ,

ISSN NO.
2582-208X

ମଣିଷ ଜନମ ସହଜ ମିଳେ ନାହିଁ
ଏ ସଂସାର ଭିତରେ
ଅକାଳେ ଜୀବନ ହାରିଦେବା ଆମେ
ଛୋଟ ଛୋଟ କଥାରେ,

ମନର କୋହକୁ ମନରେ ମାରି
ବଞ୍ଚିବାକୁ ହେବ ସଭିଙ୍କୁ କରି ସାଥି
ଆଖିର ଲୁହକୁ ଆଖିରେ ଘୃପି
ସହିବାକୁ ହେବ ଦୁଃଖକୁ ମଥା ପାତି,

ହାରିବାର ଭୟ ଦେଖି ପଛଘୁଞ୍ଚା ଦେବା
ମଣିଷର ଶେଷ ବାଟ ନୁହଁଇ,
ବିପଦକୁ ଦେଖି ଆତ୍ମହତ୍ୟା କରିଦେବା
ମଣିଷ ଜନମର ମୂଲ୍ୟ ନାହିଁ,

ସଂସାରର ଖାଲ ଢିପ ବାଟରେ
ଝୁଣ୍ଟି ପଡି ଗ୍ଭଲିବାକୁ ହେବ
ଝଡ ଝଞ୍ଜାର ପୋଖରୀ ଭିତରେ
ଲୁହ ପୋଛି ବଞ୍ଚିବାକୁ ହେବ,

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ସ୍ୱାସ୍ଥ୍ୟ ବିଭାଗ

ISSN NO.
2582-208X

# ଖାଇବା ପୂର୍ବରୁ ଦୁଇ ପାଖୁଡା ରସୁଣର ଫାଇଦା



ଡକ୍ଟର ଅଭିମନ୍ୟୁ କାନୁନଗୋ

ରକ୍ତଚାପ ଏବଂ କୋଏଷ୍ଟ୍ରଲ ନିୟନ୍ତ୍ରଣ – ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ । ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କିଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ । ଏହାଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ହ୍ରାସ ହୋଇପାରେ ।

ସଂକ୍ରମଣରୁ ରକ୍ଷା କରେ – ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ । ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ – ଯେଉଁମାନେ ଆର୍ଥ୍ରାଇଟିସ୍ ରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ ।

ହଜମ ପ୍ରକ୍ରିୟାକୁ ମଜବୁତ କରେ – ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ । ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ ।

ପ୍ରସାର ଭାରତୀ,ପୁରୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ନୂଆ ସଂଜ୍ଞା



ଗଜାନନ ମିଶ୍ର

ନାଇଁ କହିହେବାର କିଛି ଅର୍ଥ
ଦେଖା ଚାଲିଛି, ଚାଲିଛି ।
ଆଉ ଦେଖିଲାବେଳକୁ ଘରଖାଲି ।
କିଏଥିଲା ଘରେ କେବେ ନାଇଁ ଜଣା,
ଘରଘର ବୁଲୁବୁଲୁ ସେଆଡର ଏଆଡେ
ଆଉ ଏଆଡର ସେଆଡେ ଅନ୍ଧାରଅନ୍ଧାର।
ଅନ୍ଧାର ଭିତରର ଆଲୁଅ ମୁଁଇ।
ମତେଇ କରିବାକୁ ହେବ ସବୁ
ଆଉ ମୋ ବିନୁ ଯିଏ ଯୋଉଠି ମସ୍ତି ।
ସ୍ବରକୁ ସ୍ବର ବଦଳୁଛି ଶବ୍ଦ, ଆଉ
ଶବ୍ଦର ରଙ୍ଗରୂପ ଝଟକୁଛି ଅଲଗା ପ୍ରକାରର।
ଏତେ ସତ୍ତ୍ୱେ କାହାକୁ କିଏ ଭଲପାଏ,
ପାଏକି  ନପାଏ ପାଖରେ ଥାଏ ।
ଥାଏ, ଥାଏ ନୂଆ ସଂଜ୍ଞା ଦରାଣ୍ଡୁ ଥାଏ ।

ତପୋବନ, ଟିଟିଲାଗଡ,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ଉତ୍ସବର ସଭାନେ...

ପ୍ରଭାସିନୀ ଘୋଷୀ

ଉତ୍ସବର ସଭା ନେକେହି
ନାଇଥାଇ ମୋରଛଡ଼ା
ମୁଇଁ ଖାଲି ମୁଇଁ
ମୋର ଚାରିଆଡ଼େ ଖାଲି
ଶୁନଶାନ୍ ଖରାରମ ଏ ଧାନ
କନକନା ଶୀତର ରାଏତ
ମୁଇଁ ତମର ଆସିବାର ବାଟ
ଦେଖୁଥିଲି .....

ଅନିଶାର ବେଲାନାଇଁ
କଟେ ସତେ ସହଜେ
ସତର ସହର
ମିଛର ଧୁଇଲ ଖେଲ
ମୋର ଲାଗି ସବୁ ସମାନ
ତମେ ଆସବ
ତମେ ଆସଲେ
ଫୁଲ ଫୁଟବା
ମୋର ସହରେ
ଶୀତ ଦିନେ ଗରମ
ଖରାଦିନେ କନକନି
ଆସବା

ISSN NO.
2582-208X

ମୁଇଁ ଅଛେ ଉତ୍ସବର
ଶୁନଶାନ୍ ସହରେ

ଆକାଶ ବାଟକେ
ମୁହୁଁକରି
କେତେବେଲେ ଧରତି
ବାଟକେ ମୁହୁଁକରି
ଉପରତଲ ହଉଛେଁ
ବେଲଆସଲେ ମେଘ ଆସବା
ଧାଇଁଧାଇଁ ପାଏନ କଚାଡି
ଧରତି କେ ସରଗ ବନାବା
ଲପଲପେଇ ଯିବା ଧରନି ମାଁ

ମୁଇଁ ଜାନୁଛେଁ ....
ସେତେବେଲେ ତମେ ଆସବ
ଆଶାର ଅକୁହାଜ ଲତା
ଜଲତା ଦୀପ ଧରି କରି
ପାହାଚ ପରେ ପାହାଚ
ଉତରି ଆସବ
ଦେବଦୂତ ରୁପେ
ଆବିର୍ଭୁତ ହେବ !!!
ସତେ ! ଉତ୍ସବର ସଭାନେ
କେହି ନେଇଁ ଥାଇ
ମୋର ଛଡା

ଖରିଆର, ଲକ୍ଷ୍ମୀନଗର
you tube- Lok Kathani Anchalik

ISSN NO.
2582-208X

# ଆମର ଭାସି, ଆମର ଲେଖା




ବ୍ରଜମୋହନ ମେହେର

ପଂଡିତ ପ୍ରୟାଗଦତ୍ତ ଜୋଷୀଙ୍କର ବାଟେ ଆସିକରି ହେଇକରି ହେ' ସଂଗେ ଗୁରୁଜୀ ଡ. ଦୋଲଗୋବିଂଦ ବିଶି ସବୁ ବରନକେ ବେଭାର କରସନ; ଏନତି କି 'କୋଶଲ' ଆରୁ 'କୋଶଲୀ'କେ 'କୋସଲ' ଆରୁ 'କୋସଲି' ଭାବେ ଲେଖବାରଟାକେ ଅଶୁଦ୍ଧ ଆର ଅର୍ଥ ବିହୀନ ବଲସନା(ଦେଖି ପାରମା: 'ସୃଜନ ସଳିତା ନବନୀତା' ପୂଜା ସଂଖ୍ୟା-୨୦୨୦ନେ ବାହାରି ଥିବାର ତାହାଁକର ସାକ୍ଷାତକାର- ୧୭ ପୃଷ୍ଠା'ନୁ୨୩ ତକ୍ । ) ହେ' ସଂଗେ ପଂଡିତ ଜୋଷୀ କଁର ଚେଲା ହେଇକରି ସୁରଜିତ ସିଂହ ମହାରଥା ଗୁଟେ-ଇ, ଗୁଟେ-ଜ.... ସୂତ୍ରେ ଲେଖସନ, ଯୁକ୍ତାକ୍ଷରକେ ବେଭାର ନେଇଁ କରନ । ହେ' ଯୁକ୍ତିନେ 'କୋସଲି ବର୍ନ ବିନ୍ୟାସ' ବଲି ଗୁଟେ ବହି ଲେଖିଛନ, ଯେନ୍‌ଟା ଏଭେ ଏଭେ ପ୍ରକାଶିତ ହେଇଛେ । ଆମର ଭାଷା ସାହିତ୍ୟକେ ଯେତେବେଲେ ଦେଖମା, ଉହାଟି ପାରମା ଗୁଟେ-ଇ, ଗୁଟେ-ସ... ସୂତ୍ରୀବାଲେ ଭିତରେ ହୁର୍ଦମଣି ପ୍ରଧାନ, ଡ. ସୁବାସ ମେହେର, ନିମାଇଁ ପାଣିଗ୍ରାହୀ, ଡ. ସଂତୋଷ କୁମାର ରଥ, ବିନୟ କୁମର ଦାଶ, ପଂଚାନନ ପଟ୍ଟନାୟକ, କେଶ ରଂଜନ ପ୍ରଧାନ, ଉତ୍ପନ୍ନ କୁମାର ଭୋଇ, ସାକେତ ଶ୍ରୀଭୂଷଣ ସାହୁ ଭଲିଆ ସାହିତ୍ୟସାଧକ ରହିଥିଲା ବେଲକେ ଡ. ଦୋଲଗୋବିଂଦ ବିଶି, ମନୋରଂଜନ ସାହୁ, ଡ. ଗୋବର୍ଧନ ସାହୁ, ଆମୃତଲାଲ ସାହୁ ଭଲିଆ ସାହିତ୍ୟରଥୀ ସବୁ ବରନର ବେଭାର କରି ଆସୁଛନ । ଦୁଇ ପରକାର ଲେଖାନେ ଭରୁଛେ କୋସଲି ଭାଷାର ସାହିତିଅ ଭଁଡ଼ାର ।

ISSN NO.
2582-208X

ଲିପି ସୁଧରା ଭିତରେ ଆସୁଁ, ପୁହୁଁଚି ଯଉଁ ପ୍ରଫେସର ଜୟଦେବ ଦଂଡସେନା କଁର ପାଖକେ। ତାହାଁକର ବହି 'ଘୁଟା କୁହୁଁ କୁହୁଁ ପ୍ରକାଶ ପାଏସି 'ତଡ଼ିତ୍ ମନ୍ତ୍ର ଶ୍ୱାସ ଅଭିଯାନ', ସମଲପୁରୁ ତରଫୁନ୍ ୨୦୦୦ ମସିହା ଅକ୍ଟୋବର ମାସେ । ଇ ବହିନେ କୋସଲି ଭାଷା ଉପରେ ଚର୍ଚା କରିକରି ଲିପି ଉପରେ ସୁଧାର ଆନବାର ଚେଷ୍ଟା କରସନ 'ଅ'ନେ ମାତ୍ରାସବୁ ଖଂଜିକରି ସବୁ ସ୍ୱରବର୍ଣକେ ଲେଖବାକେ । ଉଡ଼ିଆ ଲିପିନେ ସୁଧାର ଆନିକରି ଯେନ୍ ରୂପ ଦେଇଛନ ହେଟାକେ 'କୋଶଲୀ ଲିପି' ବଲି କହେଲା ବେଲକେ ଦେବନାଗରୀକେ ଯେନ୍ ରୂପେ ଦେଖେଇଛନ, ହେ'ଟାକେ 'ରାଷ୍ଟ୍ରଲିପି' ବଲି କହିଛନ । କୋସଲି ଭାଷାର ସ୍ୱରବର୍ଣଥି ଥି ଥିବାର 'ଏ' ଭଲିଆ ଆରୁଗୁଟେ ଧ୍ୱନିକେ ପ୍ରସ୍ତାବିତ 'ଏ' (େଅ) ତଲେ ହଲଂତ ଦେଇକରି ନୁଆଁଗୁଟେ ବରନର ଚିନ୍ହା ଭାବେ ଠାଟିଛନ । ତାହାଁକର ପ୍ରସ୍ତାବିତ କୋଶଲୀ ଲିପିକେ ଇଠାନେ ଆନିପାରମା:-




- ମୁଖବନ୍ଧ -

ପ୍ରସ୍ତାବିତ କୋଶଲୀ ଲିପି ଓ ରାଷ୍ଟ୍ରଲିପି
(କୋଶଲୀ ଲିପି)

ଅ ଆ ଅି ଅୀ ଅୁ ଅୂ ଅୃ
େ୍ଅ େଅ ୈଅ େଅା େଅୗ
ଅଂ ଅଃ ଅଁ କ୍
କ ଖ ଗ ଘ ଙ
ଚ ଛ ଜ ଝ ଞ
ଟ ଠ ଡ ଢ ଣ
ତ ଥ ଦ ଧ ନ
ପ ଫ ବ ଭ ମ
ଯ ର ଲ ୱ
ଶ ଷ ସ ହ କ୍ଷ
ୟ ଳ ଡ଼ ଢ଼

ISSN NO.
2582-208X



(ପ୍ରସ୍ତାବିତ ରାଷ୍ଟ୍ରଲିପି)

अ आ अि अी अु अू अृ

अॆ अे अै ओ औ

अं अः अँ (क्)

क ख ग घ ङ

च छ ज झ ञ

ट ठ ड ढ ण

त थ द ध न

प फ ब भ म

य र ल व

श ष स ह क्ष

य़ ळ ड़ ढ़

ଏନତିଭାବେ ଆରୁ ଗୁଟେ 'ଏ' ଥିବାର ଧ୍ୱନିକେ ପ୍ରଫେସର ହୁର୍ଦମଣି ପ୍ରଧାନ ଆଲୋଚନା କରିଥିବାରଟା ଜନାଯାଏସି । ହେନତି ମଝି ସାକେତ ଶ୍ରୀଭୂଷଣ ସାହୁ ବେନି ପତ୍ରିକାଥି 'ଏ' ମଝି ଡେବରି ନୁ ଭୁଜନି ଗୁଟେ ଗାର ଟାନିକରି ଆଂତର୍ଜାତିକ ଧ୍ୱନି ମାଲା(IPA) ର କେ ଦେଖେଇ ଦେଇଛନ । ଇ ଲେଖାର ଲେଖକ(ବ୍ରଜମୋହନ ମେହେର) ବହୁତ ଦିନୁ 'ଏ' ତଲେ ଗାର ଟାନିକରି ତାର କାବ୍ୟ କବିତା କି ପ୍ରବଂଧମନଥି ଲେଖିଛେ । ହେତିରଲାଗି ଫେସବୁକ୍‌ଥି ବି ଯାହା ଲେଖାଲେଖି କରିଛେ, 'ଏ' ଛୁମେ ଗୁଟେ ଚିନ୍‌ହା ଦେଇକରିହ '_ଏ' ଭାବେ ସଜେଇଛେ । ଇ' ଧ୍ୱନି ଲାଗି ନୁଆଁ କୋସଲି ଲିପିଥି ଅଲଗା ଗୁଟେ ନୁଆଁ ବରନ ଖଂଜା ହେଇଛେ ।

ISSN NO.
2582-208X

'କୋଶଲି-ଓଡ଼ିଆ ଅଭିଧାନ'(୨୦୧୬)ର ଶବଦ-ଅର୍ଥ-ଠୁଲଉ ନରସିଂହ ଗୁରୁଙ୍କର ବରନ ବେଭାର ଆରଗୁଟେ ଭିନ ପରକାର । ସେ ସ୍ୱରବର୍ଣ ଭିତରେ ନେସନ ଆଠଟା ଅକ୍ଷରକେ– ଅ, ଆ, ଇ, ଈ, ଉ, ଊ, ଓ । ବ୍ୟଂଜନ ବର୍ଣ ଭିତରେ ଧରସନ– କ, ଖ, ଗ, ଘ, ଚ, ଛ, ଜ, ଝ, ଟ, ଠ, ଡ, ଢ, ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ର, ଲ, ଶ, ଷ, ସ, ହ— ଇ' ସବୁ ଆର ଅତିରିକ୍ତ ବର୍ଣ ଭାବେ ବେଭାର ହେଇଛେ –କ୍ଷ, ୟ, ଣ । ମାତ୍ରାଫଲାଦି କ୍ରମଥି ହେ' ଭାବେ ମାତ୍ରା ବେଭାର କରବାର ସଂଗେ ସଂଗେ ହଲଂତ, ଅନୁସ୍ୱାର(ଂ), ଚଂଦ୍ରବିଂଦୁ(ଁ) ଆର ବିସର୍ଗ(ଃ)କେ ବି ଅପନେଇ ନେଇଛନ ଗୁରୁ ମହାଶଏ ।

କୋସଲି ଭାଷାନେ ନାଟ ଲେଖିକରି ନାଁ' କମେଇଥିବାର ଭାଷାବିଦ୍ ପରମେଶ୍ୱର ମୁଂଡଙ୍କର ଦୁଆରା ସଂକଲିତ ହେଇଛେ କଲାହାଁଡ଼ିଆ ଶବ୍ଦକୋଷ (କଳାହାଣ୍ଡିଆ ଶବ୍ଦକୋଷ) ୨୦୨୦ ମସିହାନେ । ଇଥିନେ ସେ ସ୍ୱରବର୍ଣ ଭିତରେ ଆରୁଗୁଟେ 'ଏ' ଥିବାରଟା ସ୍ୱୀକାର କରିଛନ । ଇ ଶବ୍ଦକୋଷନେ ଦେଇଥିବାର ସ୍ୱରବର୍ଣ ହଉଛେ –୭ ଟା:— ଅ, ଆ, ଇ, ଉ, ଏ, ଏ', ଓ । ବ୍ୟଂଜନ ବର୍ଣ ଭିତରେ 'ଙ' ଆରୁ 'ଞ'କେ ନେଇଁ ଧରିଥିଲେ ବି ଯୁକ୍ତବ୍ୟଂଜନ ଭାବେ 'ଙ୍କ ଙ୍ଖ ଙ୍ଗ, ଙ୍ଘ, ଞ୍ଚ, ଞ୍ଛ, ଞ୍ଜ, ଞ୍ଝ' ଆରୁ ପଂଚମବର୍ଣ ସଂଗେ ଥିବାର ସବୁ ଯୁକ୍ତାକ୍ଷରକେ ଅପନେଇଛନ । ଏନତି ଠାନେ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କର ସରଲୀକରନ ଅନୁସ୍ୱାର ସୂତ୍ର ଲାଗି ନେଇଁପାରି । ମାତ୍ରାଫଲାଦି କ୍ରମଥି ହେ' ଭାବେ ମାତ୍ରା ନେଇଥିବାର ସଂଗେ ସଂଗେ ନରସିଂହ ଗୁରୁଙ୍କର ବାଗି ହଲଂତ, ଅନୁସ୍ୱାର(ଂ), ଚଂଦ୍ରବିଂଦୁ(ଁ), ବିସର୍ଗ(ଃ)କେ ବି ବେଭାର କରିନେଇଛନ । ଇ' ଭଲିଆ କୋସଲି ଭାଷାର ଲାଗି ଉଡ଼ିଆ ଅକ୍ଷରର ହେଇଛେ ଭିନେଭିନେ ବେଭାର ।

ଇଛନ ଫିଗୁଁ ସେ ଦେବନାଗରୀ ଲିପି ଫାଲକେ । ଉପରେ ଯେନ୍ ପଂଡିତ ପ୍ରୟାଗଦତ୍ତ ଜୋଷୀ କୋସଲି ଭାଷାର ଲାଗି ଦେବନାଗରୀ ଲିପିକେ ନଜର ଦେଇଛନ, ହେ'

ISSN NO.
2582-208X

ଦେବନାଗରୀ ଲିପିନେ ଲେଖବାର ଧାରାକେ ବରକସ କରବାକେ ଯେଇକରି କେତେ ସାହିତିକ ଲାଗିଛନ, ମାତର ଇ' ଲିପିନେ ଅଧିକା ବହି ନେଇଁ ବାହାରବାର ତାଲି । 'ସାହିତିଅ ସିର୍ଜନା ଆରୁ ଅନୁବାଦନେ ନାଁ କମେଇଥିବାର ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ନାଁ'କରା ନାଟୁଆ ଅଟଲ ବିହାରୀ ପଂଡାକଁର ନାଟକ ବହି 'ଉଆଁସି ଜନ୍' 'କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ'ନୁ ବାହାରବାର ବେଲେ ଇ'ଥିର ଅଧ୍ୟକ୍ଷ ଭାବେ 'ଉସତ ଉସନାକ ସମିଆଁ...' ନେ ଲେଖସନ .."ଇ ବୁଲି କୋସଲି ଭେଲିର- ଅବଧି, ମାଗଧି, ମୈଥିଲି, ବ୍ରଜ, ଭୋଜ, ଛତିଶଗଡ଼ି ଆର ଆମର ପଛିମ ଇଲାକାର ଭାସା । ଇତାର ହରଫ 'ଦେବନାଗରୀ' । ସଁସକୁରୁତ, ହିନ୍ଦୀ, ମରାଠୀ ଆର କୋସଲି ଭେଲିର ସମକର ହରଫ । ତାର ଲାଗି 'ମାନସ' କନ୍ୟାକୁମାରୀ ନୁ ହିମାଲୟ ତକ ସଭେ ପଢ଼ସନ । 'ହଲଁତ' ବାରବାର ଲଗେଇକରି ଲେଖବାର ନାଇନ ।" (ଉଆଁସି ଜନ-୨୦୧୨) ଏନତି କି ସେ ଅପନାର ବହି 'ଭାବସମାଧି'କେ ଦେବନାଗରୀ ଲିପିଥି ଛାପିଛନ ।

'ସମଲପୁରି-ଓଡ଼ିଆ ଶବ୍ଦକୋଷ' ନୁ ଜନାପଡ଼ସି ଯେ ଆରମ୍ଭନେ ଲେଖକ ଶ୍ରୀ ଦେବାନଂଦ ହୋତା ତାହାଁକର 'ବୋଲି ନୁହେଁ ଭାଷା' ବହିକେ ଦେବନାଗରୀ ଲିପିଥି ଛପେଇଛନ (ଶବ୍ଦକୋଶ-୨ୟ ସଂସ୍କରଣ-୨୦୦୧, ପୃଷ୍ଠା-୪୦) ହେନତି କେତେଖଁଡ଼ ତେଲଗୁ ସାହିତିଅର ବହିକେ କୋସଲିନେ ଅନୁବାଦ କରିକରି ଓଡ଼ିଆ ଲିପି ସଂଗେ ସଂଗେ ଦେବନାଗରୀ ଲିପିନେ ବାହାର କରବାକେ ପସନ କରିଛନ ବଲାଂଗିରର ସାହିତିକ ମଧୁସୂଦନ ଦାଶ । ଇଥିନୁ ଦେବନାଗରୀ ଲିପି ଉପରେ ତାହାଁକର ଆଗ୍ରହ ବାରି ହେଇପଡୁଛେ । ସୋନପୁର ଜିଲ୍ଲାର ସାହିତିକ ସିଦ୍ଧେଶ୍ୱର ପାଣିଗ୍ରାହୀ ତାହାଁକର 'କୋସଲେସର' କାବ୍ୟ ହଉ କି 'ଦହଦହ' କବିତା ବହି, ଭିତରେ ଦେବନାଗରୀ ଲିପିକେ ବେଭାର ନେଇଁକରି, ମାତର ବହିର ଉପରେ ନାଁ ଗାଁ ସବୁ ଓଡ଼ିଆ ସଂଗେ ଦେବନାଗରୀଥି ଦେଇକରି ଇ' ଲିପି ଯେ କୋସଲି ଭାଷାର ଲାଗି ଦରକାର ବଲି ଯେନତା କହି ଦଉଛନ, ନେଇଁ ଲେଖିକରି ଲେଖଲା ବାଗି, ନେଇଁ କହିକରି କହେଲା ବାଗିର । ହେନତି ଆର

ISSN NO.
2582-208X

କେତେ ଲେଖକର ଲେଖାନେ ଦେବନାଗରୀ ଲିପି ଲାଗି ଆଗ୍ରହ ଫଟିକ ଜନା ପଡ଼ିଯାଏସି । କୋସଲି ଭାଷା ଆଂଦୋଲନର ଆରଝନେ ରଥୀ ହଉଛନ ବଲାଂଗିରର ରାମଭକ୍ତ ଫରିକାର । ସେ ସବୁବେଲେ ଏକା ଜୋର ଦେଇଛନ ଉଡ଼ିଆ ଲିପି ଛାଡ଼ିକରି କୋସଲି ଭାଷାନେ ଲେଖବାକେ । ଇ' ସବୁ ବାହାରେ କେତେ ମଝିମଝି ଦେଖାଯାଏସି ଇ' ଲିପି ଉପରେ ଆଗ୍ରହ ଆମର କୋସଲି ଭାଷାପ୍ରେମୀକଁର ସାହିତିଅ ସୃସ୍ଟି କରବାକେ । 'ନୁଆଁ କୋସଲି ଲିପି' ଖବର ଫଏଲଲା ନୁ ବନେ କେତେଝନ ଲେଖକ, ଭାଷାପ୍ରେମୀ ମତ ଦେଇଛନ ଇ' 'ଦେବନାଗରୀ'ନେ ଆମର ଭାଷାକେ ଫଏଲାବାକେ ।

ରୋମାନ ଲିପିର ଦୁସରା ନାଁ ଲାଟିନ ଲିପି । ଯେନ୍‌ଟାକେ ଆମେ ଇଂଲିଶ୍ ଲାଗି ବେଭାର କରୁଛୁଁ । ଇଂଲିଶ୍ ସଂଗେ ସଂଗେ ସ୍ପେନିଶ୍, ପର୍ତୁଗିଜ୍ ଆର କେତେଭାଷା ଇ' ଲିପିନେ ଲେଖାଯଉଥିବାରଟା ଦେଖାଯାଏସି । ଇ ଲିପି ସଂଗେ ସବୁ ଇଲାକାର ଲୋକ ପରିଚିତ ; ଏନତି କି ସାଧାରଣ ଲୋକ ଖୋବ୍ ଲୋକ କୋସଲି ଭାଷାର ଲାଗି ବି ବେଭାର କରୁଛନ– ଯେନତା କି ଗୁଟେ ମାଧ୍ୟମ ହେଲା ହ୍ୱାଟସ୍‌ଅପ୍ । ଭାରତନେ ଇଂଲିଶିଆମନେ ଶାସନ କରୁଥିଲାବେଲକେ ହିଂଦୀକେ ରୋମାନ ଲିପିନେ ଲେଖାଯଉଥିବାରଟା ଜନାଯାଏସି । ସବୁଲୋକର ପରିଚିତ ଆରୁ ସହଜଭାବେ କଂପ୍ୟୁଟର ହଉ କି ବହିଛପା କାଜେ ସୁବିଧା ହେବା ବଲି କୋସଲି ଭାଷାକେ ରୋମାନ ଲିପିନେ ଲେଖାଯଉ ବଲି ଗୁଟେ ପ୍ରସ୍ତାବ ଉଠିଥିଲା । ନୁଆଁପଡ଼ା'ନୁ ବାହାରୁଥିବାର 'ଢୋଲ୍' ପତ୍ରିକାନେ ଇଥିର ସଂପାଦକ ସୁରଜିତ ସିଂହ ମହାରଥୀ ଉଡ଼ିଆ ଲିପିର ଲେଖା ବାହାର କରବାର ସଂଗେ ନିଜେ ରୋମାନ ଲିପିନେ ସଂପାଦକି ଲେଖିକରି ଲୋକକେ ଇ ଲିପିନେ ଲେଖବାର ଡାକରା ଦଉଥିଲେ । ସେ ଚଂଦ୍ରବିଂଦୁ ଠାନେ ବଂଧନିର ଫାଲେକ୍ ଆରୁ ରୋମାନର ପୂର୍ଣଚ୍ଛେଦ ଦଉଥିଲେ ;

ଯେନତାଃ- (· ; ଉଦାହରନ- 'ଖଁଡ଼ା' ଲେଖବାକେ ହେଲେ- Kha(·da ଲେଖୁଥିଲେ । ଏନତି ଥରେ ଇ' ଲେଖକ ରୋମାନ ଲିପିଥି 'ରସ' ବଲି ଗୁଟେ ଲେଖା ଇ' ପତ୍ରିକାନେ

ISSN NO.
2582-208X

ବାହାର କରେଇଥିଲା । ମାତର ଇଥି ପାଠକ ପଢ଼ବାର ଲାଗି ଲଡ଼ବଡ଼ବାରଟା ବହୁତ ଦେଖାଯଉଥିଲା। ସଂସ୍କୃତ ଭାଷାକେ ଲିପି-ଅଂତର(Transliteration) କଲା ଭଲିଆ ସଠିକ ଉଦ୍ୟମ କରା ନେଇଁହେଇଥେଇ ବଲି ।

କ୍ରମଶଃ......

ଓଡିଆ ଅଧ୍ୟାପକ
ପି.ଏସ୍.କଲେଜ, ବେଲପଡା
ବଲାଙ୍ଗୀର-୭୬୭୦୨୬

ISSN NO.
2582-208X

# ଭାବର୍ ବନ୍ଧନ୍ 'ରାକ୍ଷୀ ପୁନୀ'



ସୁନୀଲ କୁମାର ଅଗସ୍ତି

ସଂସାର୍ ଗୁଲା ଯେତେ ଜୀବ ଅଛନ୍ ମୁନୁଷ ସମକିରର୍ ନୁ ଭିନେ କିସମର୍ ଆଏ।ଉନିହାଁ ଜୀବ୍ ମାନକଁର୍ ନୁ ମୁନୁଷ୍ ବଢେ ହୁସିଆର୍ ଆଏ।ମୁନୁଷ୍ କେ କେନ୍ ଇ' ହୁସିଆର୍ ପନ୍ ଦେଲା ଇଟା ଅଲଗ୍ କଥା ଆଏ,ହେଲେ ମୁନୁଷ୍ ନିଜର୍ ଜୀବନର୍ ନିଦାନ୍ ସଙ୍ଗେ ନିଜର୍ ସୁରକ୍ଷା କେ ହରମିସା ମୋଲ୍ ଦେଇ ଆସିଛେ।ଆର୍ ଇ' ସୁରକ୍ଷା ପାଏବାର୍ ଆର୍ ଦେବାର ମହା ଦୁଆର୍ ହେଉଛେ 'ମଧୁର୍ ଭାବର୍ ବନ୍ଧନ୍'।ଇ' ଭାବର୍ ଆଶରା ନେ' ମୁନୁଷ୍ କେତନିକେତେ ଉସତ୍ ଆନନ୍ଦ୍ ହି'କରି ନିଜର୍ ଜୀବନ୍ ବଁଚୁଥିସି।ବଛର୍ ଗୁଲା ଖେପେକ୍ ମୁନୁଷ୍ ମାନୁ ଥିବାର୍ ପରବ୍ ଉଛବ୍ ଯେତେ ମୁନୁଷ୍ ପନର୍ ବାର୍ତା ପେସ୍ କରବାର୍ ସଙ୍ଗେ ସଙ୍ଗେ 'ଭାବ୍' ମାନକୁଁ ସୁରକ୍ଷା ଗଲେ ଦଉଥିସି।

ଆମର୍ ଦେଶର୍ ବଲି ନି' ଗୁଲା ପୁରଥିର୍ ହର୍ ଏକ୍ ଲୋକର୍ ମନର୍ ଭାବ୍ ପରକୃତି ସଙ୍ଗେ କେନ୍ ଅନଜନେନ୍ ଭାବର୍ ଡୁରେ ବାନ୍ଧି ହି'କରି ଅଛେ ଆର୍ ପରକୃତି ସଙ୍ଗେ ଆମର୍ ଯେନ୍ ଭାବ୍ ବରଲି ଯାଉଥିସି ସେଟା ଅବଗି ଅମୃତ୍ ଆଏ। ଆମର୍ ଦେଶ୍ ମନ୍ ମନସା ଉଛବ୍ ଆର୍ ପରବର୍ ଦେଶ୍ ଆଏ।ଅଲଗ୍ ଅଲଗ୍ ଧରମ୍ ଅଲଗ୍ ଅଲଗ୍ ଭାଷା ଅଲଗ୍ ଅଲଗ୍ ଜାଏତ୍ ସିନେ ଆମର୍ ଦେଶର୍ ହର୍ ଏକ୍ ପରବର୍ ମୂଲ୍ ନିଦାନ୍ ଗୁଟେ ଆଏ ଭାଇଚାରା ଆର୍ ମାନବତାର୍ ବାର୍ତା ପେସ୍ କାରବାର୍ ଟା।ରାକ୍ଷୀ ବାନ୍ଧବାର୍ ଉତରେନ୍ କେଭର୍ ଠାନୁନ୍ ଆରମ୍ ହେଲା ଇଟା ଅଲଗ୍ କଥା ଆଏ, ହେଲେ ଇ' ଉତରେନର୍ ଚେତନା ଆମକେ

ISSN NO.
2582-208X

ଆମର୍ ନିଜର୍ ଲୋକବାକ୍ ସଙ୍ଗେ ଭାବରେ ଡୁରେ ବାନ୍ଧି କରି ରଖିଥିସି ଇଟା ଅବଗି ସତ୍ ଆଏ।ସୁରକ୍ଷାର୍ ବାହାନା କହୁନ୍ କି ଉଧେ କହୁନ୍ ରାକ୍ଷୀ ବାନ୍ଧବାର୍ ଉତରେନ୍ ମୁନୁଷର୍ ମୁନୁଷ୍ ସଙ୍ଗେ ସୁରକ୍ଷାର୍ ଉଁଚା ଦରଜାର୍ ଭାବ୍ ଅଛେ।ସେ ଉସାର୍ ପିସାର୍ ଭାବର୍ ଡାହି ପଖରା ଆଏଜ୍ ଗଲେ ଆର୍ ବଢେ ଘାଏ ଲମ୍ ଉସାର୍ ହେ'ତେଲ୍ ଯାଉଛେ।ନିଜର୍ ନିଜର୍ ଭିତରେ କିରିଆ ଖାଇକରି ଯେନ୍ ଠାନେ ବହେନ୍ ଭାଏ କେ ରାକ୍ଷୀ ପଠେଇ କରି କି' ବାନ୍ଧି କରି ନିଜର୍ ଭାଏ ଭାବ୍ କେ ଉବାଗର୍ କରୁଥିସି ସେଠାନେ ସେ ବହେନ୍ ଗଲେ ନିଜର୍ ଭାଏ ଠାନୁନ୍ ନିଜର୍ ସୁରକ୍ଷାର୍ ଆଶ୍ କରୁଥିସି।

ଶରାବନର୍ ଶାଗୁଆ ପନେ ପୁରଥି ରାନୀ ଖିଲ୍ ଖିଲେଇ ଯାଉଥିବା ବେଲେ ଆମର୍ ଗୁଲା ଦେଶର୍ ବହେନ୍ ମାନେ ତାଁକର୍ ମାଁ' ଘର୍ ଆର୍ ଭାଏ ଦଦା ମାନକୁଁ ସୋର୍ କରି କରି ଖିଲଖିଲେଇ ଯାଉଥିସନ୍,'ଆର୍ କେତେ ଦିନ୍ ରହେଲା ଯେ ରାକ୍ଷୀ ପୁନୀ'।ମାଁ' ଘରେ ଛୁଆ ବେଲର୍ ସବୁ ଭାଏ ମାନକଁର୍ ସଙ୍ଗେ ଖେଲାବୁଲା କଲକଲ୍ ରୁଷାଫୁଲା ସବୁ,ବଛର୍ ଗୁଲା ଖେପେକ୍ ସୋର୍ ପଡି ଯାଏସି ଆର୍ ବହେନ୍ ମାନକଁର୍ ଆଁଏଖ୍ ନୁ ଭାବର୍ ଝରନ୍ ଝରି ଆଉଥିସି।ମାହାପୁରୁ କେ ବହେନ୍ ଡାକୁଥିସି 'ମୋର୍ ଭାଏ ବନେ ହି' କରି ଥାଉ,ମତେ ରାକ୍ଷୀ ପୁନୀ କେ ଆନି ଆଏବା ନାହେ'ତ ମତେ ଡକାବା ସଙ୍ଗେ ମିଶି କରି ରାକ୍ଷୀ ପୁନୀ ମନାମୁଁ।

ଭାବର୍ ଯବର୍ ଉତରେନ୍ ମୁନୁଷପନର୍ ବାର୍ତା ପେସ୍ କରୁକରୁ ଶରାବନ୍ ପୁନୀର୍ ମଧୁର୍ ଘଡ଼ି ଥିଁ ଆମକେ ଶିକ୍ଷା ଆର୍ ଜ୍ଞାନର୍ ବାଟ୍ ଦୁଆର୍ କେ ତାରସୁକେ ଢେଗଲି ନେଉଥିସି।ଇହାଛିନିର୍ ସମିଆଁ ଥିଁ ଉତରେନର୍ ପରବ୍ ମାନକୁଁ ମନାବାର୍ ଟା ବସ୍ତୁବାଦୀ ହେଲେଗଲେ ସେ ଉଛବ୍ ମାନକଁର୍ ସରଲପନ୍ ଆଏଜର୍ ଆଧୁନିକ୍ ବିଚାର ଧାରା କେ ଗଲେ ନିହାତି ଜନମ୍ ଦେଇଛେ। ମାଁ'ବହେନ୍ ମାନେ ପରକୁତିର୍ ରୂପ୍ ଆ'ନ୍,ହେତିର୍ ଲାଗତି ହର୍ ଏକ୍ ପରବ୍ ଉଛବର୍ ମୂଲ୍ ନିଦାନ୍ କେ ବଁଚେଇ କରି ରଖବାର୍ କବାର୍ ଯହକରି ମାଁ'ବହେନ୍ ମାନକଁର୍ ହାତେ ଅଛେ।ଆଏଜର୍ ମାଁ'ବହେନ୍ ବେଡୀ ନି'ସେ କେଡି ନି'ସେ,ସେ ହର୍ ଏକ୍ କବାରେ ସକ୍ଷମ୍ ଆଏ।ହେତିର୍ ଲାଗତି ଆଏଜ୍ ଆର୍ ବଢେ ଘାଏ

ISSN NO.
2582-208X

ଭାବ୍ ମାନକୁଁ ସଁକଲି ବଟଲି କରି ଉଁଚା ଦରଜାର୍ ସଜାବଟ୍ ଲାଗତି ମାଁ'ବହେନ୍ ମାନକଁର୍ ବୁଦ୍ଧି ବିବେକ୍ ଆର୍ ତାଁକର୍ ଆତ୍ମା ଉପରେ ଯହକରି ନିର୍ଭର୍ କରୁଛେ।କାଁ'ଯେ ବଏଲେ ଆଏଜର୍ ମାଁ' ବହେନ୍ ନିଜର୍ ଭାଏ କେ ଗଲେ ଆଶରା ଦେବାର୍ ଥିଁ ଆଘେ ଆଏ।

ସୁରକ୍ଷାର୍ ବାର୍ତା ଆମକେ ହରଘଡି ଗୁଟେ ଜିନିଷ୍ କେ ସୋର୍ କରଉ ଥିସି ଯେ ପରକୁତିର୍ ନିତିନିଏ କେ ଆମେ କେଭେଁ ଗଲେ କେରେଇ ସାରି ନି' ହେଉଁ।ଇହାଛିନିର୍ ସମିଆଁ ନେ ହର୍ ଏକ୍ ଲୋକ୍ ନିଜକେ ପଢା ଲିଖା  ଆର୍ ଜ୍ଞାନୀ ଠାବ୍ କରୁଛେ।ହେଲେ ମୁନୁଷପନର୍ ହରଘଡି ମରନ୍ ହେଉଛେ।ଶିକ୍ଷାର୍ ପ୍ରଚାର ପ୍ରସାର୍ ବଢେ ସହଜ୍ ହି' ଗଲା ନ'।ଇତାର୍ ସଙ୍ଗେ ଲୋକ୍  ମାନକଁର୍ ବାଚାରଧାରା ଗଲେ ବନେ ଉଁଚା ଦରଜାର୍ ହି'ଗଲା ନ'।ତବଭି ମୁନୁଷପନର୍ ହରଘଡି ମରନ୍ ହେଉଛେ।ସହରୀ ଜୀବନ ବଁଚବାର୍ ଢଙ୍ଗ୍ କେ ବିଟାଲ୍ ଆର୍ କେଚକେଚା କରୁଥିବାର୍ ବେଲେ ବଛରଗୁଲାର୍ ହର୍ ଏକ୍ ପରବ୍ ଆମକେ ଜୀଁ'ବାର୍ ଅସଲ୍ ନିଦାନ୍ କେ ପରଘେଇ ନେଉଥିସନ୍।କାଏଁ ଜାଏତ୍ କାଏଁ ଧରମ୍ କାଏଁ  ଭାଷା ଆମେ ସଭେଁ ଗୁଟେ ମାଁ'ର୍ ପୁତେ ଆଉଁ।କାଁ'ଯେ ବଏଲେ ମାନବତା ଆର୍ ମାନବବାଦ୍ ମୁନୁଷର୍ ଜନମ୍ ଜାତ୍ ଗୁନ୍ ଆଏ ଆର୍ ଇ' ମହାନ୍ ଭାବର୍ ଗୁନ୍ ମାନକୁଁ ଆମକେ ଆମର୍ ଉତରେନ ପରସି ଦେଇଥିବାର୍ ବଛର୍ ଗୁଲାର୍ ପରବ୍ ମାନକଁର୍ ନୁ' ବତରେ ସଁକଲିବାର୍ ଅଛେ।

ଭାବ୍ ମାନକୁଁ ତାର୍ ବତରେ ଆଗକେ ଢେଗଲି ନେବାର୍ ନିଦାନେ ଖେଟାବାର୍ ପରବ୍ ହେଉଛେ ରାକ୍ଷୀ ପୁନୀ।ସମିଆଁ ଗୁଟେ ଥିଲା ହର୍ ମୁନୁଷ୍ ହର୍ ଏକ୍ ମୁନୁଷ୍ କେ ରାକ୍ଷୀ ବାନ୍ଧୁ ଥିଲା।ହେଲେ ଇହାଛିନ୍ ଇ' ରାକ୍ଷୀ ସୂତା ଗୁଟେ ହି'କରି ଭାଏ ବହେନ୍ ଭିତରେ ଖାଲି ସେରପେଟି ଦି'ଛେ।ତବ୍'ଭି ଭାଏ ବହେନର୍ ଭାବ୍ କେଡେ ସରଲ୍ କେଡେ ନିରମଲ୍ ସ୍ୱାର୍ଥ ରଁଚେ ଗଲେ ନି'ଯେ ଆମେ ହେ ରଁଚେ ସୂତାନୁ ଗମି ପାରସୁଁ।ଇହାଛିନିର୍ ସମିଆଁନେ ହର୍ ଏକ୍ ମୁନୁଷ୍ ଟଁକା ପଏସାର୍ ମାଲିକ୍ ଆଏ।ଟଁକାର୍ ଉଧେ ସମିଆଁ ଜାନି ନିଜର୍ ସୁରକ୍ଷା ଘିନି ପାରୁଛେ।ହେଲେ ଟଁକାର୍ ବଲେ ମୁନୁଷ୍ ଇହାଛିନ୍ ରଁଚେ ଭାବ୍ ଗଲେ ପାଇ ନି' ପାରବାର୍।ଇହାଛିନିର୍ ମୁନୁଷ୍ ଭାବର୍ ପରମ୍ ଭିକାରୀ ଆଏ।ହେତିର୍ ଲାଗତି ସମାଜର୍ ଭିତରର୍ ଲୋକ୍ ହିସାବ୍ ନେ ଆମକେ "ରାକ୍ଷୀ ପୁନୀ' ବାଗିର୍ ପରବ୍ ମାନକଁର୍ ନୁ" ଜ୍ଞାନର୍

ISSN NO.
2582-208X

ଉକିଆ ସଁକଲିକରି ଭାବର୍ ବୁଏଡେ ଉଧଲି ଉଧଲି ଜାଁ'ବାର୍ ଶିଖବାର୍ ଅଛେ।ହର୍ ବଛର୍ ରାକ୍ଷୀ ପୁନୀ ଭାବର୍ ପସରା ମେଲେଇ କରି ଆଏସି।ହର୍ ଏକ୍ ମୁନୁଷ୍ ଇ'ପସରା ନେ ବୁଡ୍ ପକାଲେ ରାକ୍ଷୀ ପୁନୀ ପରବର୍ ପେହେଚାନ୍ ଆର୍ ବଢେ ଘାଏ ଉବାଗର୍ ହେତା ଆର୍ ଇଥିନେ କେହେନସି କିସମର୍ ଭାଲ୍ ବିଚାର୍ ହେବା କେ ନି' ପଡେ ନ' ବାଗିର୍ ଲାଗସି।

ଟିଟିଲାଗଡ, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ମୋ ଗାଆଁ ପାଳୁଛି ସ୍ୱାଧୀନ ଦିବସ



ଦୀନବନ୍ଧୁ ପୋଇ

ମୋ ଗାଆଁ ପାଳୁଛି ସ୍ୱାଧୀନ ଦିବସ
ସବୁରି ମୁହଁରେ ଫୁଟାଇ ସେ ହସ ।
ଘରେ ଘରେ ଆଜି ଉଡାଇ ସେ ଧ୍ୱଜା
ମାତୃଭୂମିକୁ ସେ କରୁଅଛି ପୂଜା ।
ଯୁବକ ଯୁବତୀ ପିଲା ବୁଢା ଯେତେ
କେତେ ଖୁସି ଆଜି ସ୍ୱାଧୀନ ଭାରତେ ।
ହାତ ପାଆନ୍ତାରେ ସବୁ ତା ପାଖରେ
ଚାହିଁଲେ ଉଡିବ ଆକାଶ ମାର୍ଗରେ ।
ସ୍ୱାଧୀନତା ପାଇଁ ଜିତିଛି ଆକାଶ
ଗାଆଁ ଦାଣ୍ଡ ରାସ୍ତା ହୋଇଛି ବିକାଶ ।
ଚାଷ ବଦଳିଛି ଚାଷୀ ବଦଳିଛି
ବଦଳିଛି ବାସ ନୂଆ ଦିଶୁଅଛି ।
ଶିକ୍ଷାର କ୍ଷେତ୍ରରେ କିଛି ଆଗେଇଛି
ଆଗକୁ ଯିବାକୁ ପ୍ରୟାସ କରିଛି ।
କୁଶଳୀ ଶ୍ରମିକ ପାଇଛି ଅନେକ
କାମ ତା ଦିଶୁଛି ସତେକି କୁହୁକ ।

ISSN NO.
2582-208X

ଶିକ୍ଷକ ସୈନିକ ସୁତ ଜନ୍ମ ଦେଇ
ମୋ ଗାଆଁ ସମ୍ମାନ ଯାଇଛି ଆଗେଇ ।
କରନ୍ତି କମାଲ ଯନ୍ତ୍ରୀ କାରିଗର
ବିଦେଶରେ ମିଳେ ମୋ ଗାଆଁ ଖବର ।
ଅତୀତରେ ଯେତେ ମୋ ଗାଆଁ ନାବିକ
ନାଆ ବାହିବାରେ ଥିଲେ ସେ ଦାମ୍ଭିକ ।
ଏବେ ବି ଅଛନ୍ତି ଦାୟାଦ କେତେକ
ସିଏ ନୌବାହିନୀରେ ଅଛନ୍ତି ସେବକ ।
ସ୍ୱାସ୍ଥ୍ୟ ଚିକିତ୍ସାଳୟେ ପାଇକି ପଦବୀ
ଧନ୍ୟ ସେ ମଣନ୍ତି ଗାଆଁ ନାମ ଭାବି ।
କୃଷି କର୍ମଚାରୀ ଅଛି ଚାଷୀ ପାଇଁ
ଧନ୍ୟ ହୋଇଅଛି ସେବାକୁ ଯୋଗାଇ ।
ଶତ୍ରୁର ଛାତିରେ ଭରିଛି ଛନକା
ହସୁଛି ମୋ ଗାଆଁ ହସୁଛି ପତାକା ।
ସବୁବେଳେ ଆମେ ରହିଲେ ଏକତା
ହସିବ ମୋ ଦେଶ ହସିବ ଜନତା ।

ଚରଣରେଣୁ ନବାସ
ଗୋରଡ଼ା ପାଳ କରମୂଳ
ଢେଙ୍କାନାଳ, ଦୂରଭାଷ- ୯୯୩୮୦୨୪୧୨

ISSN NO.
2582-208X

# ତୁମେ ସର୍ବମୟ ପିତା



ନଳନୀ ଦାଶ

ନିମ ଦାରୁ ଦେଖି     ମନ ବଳିଲାକି
        ବ୍ରହ୍ମ ହେଲା ସଂସ୍ଥାପନ
ଦାରୁବ୍ରହ୍ମ ତୁମେ     ଦାରୁ ଦେବତା ହେ
        ସବୁଠାରେ ବିଦ୍ୟମାନ    ।

ହେ ବିଶ୍ୱବିଧାତା     ତୁମେ ହର୍ତ୍ତା କର୍ତ୍ତା
        ସବୁତ ତୁମର ଦାନ
କିଛି ଦେଇନାହଁ     କେମିତି କହିବି
        କରିବିନି ଅଭିମାନ    ।

ଦାରୁରେ ନିର୍ମିତ     ତୁମର ଶରୀର
        ନିମଦାରୁ ସେତ ପିତା
ଚେର ମୂଳ ଡାଳ     ପତ୍ର ଫୁଲ ଫଳ
        ମଞ୍ଜି ଲାଗିଥାଏ ପିତା    ।

ISSN NO.
2582-208X

ତୁମର ନିର୍ଦ୍ଦେଶେ ଚାଲେ ଏ ସଂସାର
ହୋଇଥାଏ ଦିନ ରାତି
ତୁମ ବିନା ଲାଗେ ଜୀବନ ଅସାର
ତୁମେ ଅଗତିର ଗତି ।

ତୁମ ରୂପ ଗୁଣ ମୋହିନିଏ ମନ
ତୁମ ବିନା ନାହିଁ ସତ୍ତା
ହେ ଦାରୁ ଦେବତା ଜଗତ କରତା
ତୁମେ ସର୍ବମୟ ପିତା ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# ପ୍ରେମିକାକୁ ଶେଷଚିଠି



ଅରୁଣ କୁମାର ତ୍ରିପାଠୀ

ଆଦରଣୀୟ ପ୍ରିୟତମା

ମୋର ପ୍ରେମ ନେବ !

ତମେ ଆଜି ମୋର ବୋଲି କହିପାରୁଛି । ତୁମ ବାପା ମା' ଙ୍କ ଇଚ୍ଛାରେ ହଉ ଅବା ତୁମ ଇଚ୍ଛାରେ ବି ହଉ, ବିବାହିତ କରିବାକୁ ଯାଉଛ । ସେଥିରେ ମୋର ତିଳେ ହେଲେ ଆପତ୍ତି ନାହିଁ । ବରଂ ଶୁଭେଚ୍ଛା ଜଣେଇବି । ପ୍ରେମର ମାନେ ପ୍ରାପ୍ତି ନୁହଁ । ତୁମକୁ ଭଲ ପାଉଥିଲି ଆଉ ସବୁବେଳେ ଭଲ ପାଇବି । ପ୍ରେମିକାଙ୍କୁ ବିବାହ କରିଦେଲେ ପ୍ରେମର ଆୟୁଷ କମିଯାଏ । କେବଳ ଏହି ଜନ୍ମନୁହଁ ସବୁ ଜନ୍ମରେ ତୁମକୁ ପ୍ରେମ କରିବା ମୋ ହୃଦୟର ଅଭିଳାସା ।

ଭୂଲ ମୋ'ରି ହିଁ ଥିଲା । ତୁମକୁ ଆକାଶଭର୍ତ୍ତି ଶୁଭେଚ୍ଛା ଆଉ ଶୁଭକାମନା ଯେଉଁ ନିତି ବାଢୁଥିଲି, ସେଥିପାଇଁ ବୋଧେ ତୁମକୁ ଅରୁଚି ଲାଗିଲା ମୋ ପ୍ରେମ । ସ୍ୱାଭାବିକ ମନୁଷ୍ୟ ମନସ୍ତତ୍ୱ ସେୟା । ଘରେ ମାତା ମାନଙ୍କୁ କେହି ମାନନ୍ତି ନାହିଁ କେବଳ ଏହି ଅଧିକ ଯତ୍ନଶୀଳ ଗୁଣ ନିମିତ୍ତ । ଗାଡ଼ି ମାନଙ୍କରେ ସହାୟକ ଚକଟିଏ ରଖାଯାଇଥାଏ, କାଳେ କେବେ ପଂକଚର ହେଲେ ଚାଳକ ବଦଳେଇ ପାରିବେ ଯାହାକୁ କହନ୍ତି ଷ୍ଟେପିନ୍ । ଆଉ ଏହି ଶବ୍ଦକୁ ଆତ୍ମ ମନୋରଞ୍ଜନାର୍ଥେ ପ୍ରୟୋଗ କରି ଅନେକେ ଅନେକ ଝିଅଙ୍କ ଜୀବନ ସହ ଖେଳନ୍ତି, ମଜା ନିଅନ୍ତି । ଶେଷ ଜୀବନ ସେମାନଙ୍କର କିଭଳି ହୁଏ ସେୟା କହିଲେ

ISSN NO.
2582-208X

ଉପନ୍ୟାସଟେ ହେଇଯିବ । କିନ୍ତୁ ଏହାକୁ ପବିତ୍ର ପ୍ରେମରେ ନିବେଶ କରି ତାହାର ପବିତ୍ରତାକୁ ନଷ୍ଟ କରିବାର ଆଦୌ ଅଭିଳାସ ନାହିଁ ମୋର ।

ଧନ, ମନେ ଅଛି । ତମକୁ ବହୁତ ବୁଝେଇଥିଲି । ତମେ ଯାହା କହୁଚ କୁହ, କିନ୍ତୁ ପ୍ରେମକୁ ବଦନାମ କରନି । ଦୁଇ ବର୍ଷର ସମ୍ପର୍କରେ ତୁମେ ମୋ ପ୍ରତି କେତେ ସମର୍ପିତ ନଥିଲ ଆଉ ତୁମର କାଳିମା ମୁଁ କଣ ନଧୋଇଛି ! ସେବେ ତମେ ଭାଉ ଖାଉଥିଲେ ବି କହୁଥିଲ ତମେ ଜଣେ ରିନାଉଣ୍ଡ ପର୍ସନ କି ବୋଲି । ହେଲେ ଆଜି ତ ନୁହଁ ଅନେକ ଦିନରୁ କହିଗଲଣି ଯେ ମୋ କଥାବାର୍ତ୍ତା ଭଲ ଲାଗୁନି । ମୋର ତୁମର କୌଣସି ମେଚିଂ ନାହିଁ । ପ୍ରାରମ୍ଭରୁ ହିଁ ତୁମେ ମୋତେ କେବେ ବି ଭଲପାଇ ନଥିଲ । ସ୍ୱାର୍ଥପର ଦୁନିଆରେ ଶୁଖିଲା ପ୍ରେମବୋଳା କଥାରେ ପଡ଼ି ମୋତେ ଏୟା ପଚାରିବ ଯେ, ଭାତରେ ଡାଲି ଗୋଳେଇ ଖାଇଲକି ନାହିଁ ସେୟା କ'ଣ କଥା ।

ବେବି ମନେ ଅଛି ! ରାତି ପାହିଲେ ଖୁସିରେ ସ୍ଲୋଗାନ୍ କହୁଥିଲ, ଆଇ ଲଭ୍ ୟୁ ଅରୁନ୍ ଜୀ, ଆଇ ଲଭ୍ ୟୁ ଅରୁନ୍ ଜୀ, ଆଇ ଲଭ୍ ୟୁ ଅରୁନ୍ ଜୀ, ହେଲାତ ! ଏଥିରୁ ଗୋଟିଏ ଶବ୍ଦ ବି ଊଣା ହେଲେ ମୋତେ ଅଖାଡୁଆ ଲାଗୁଥିଲା । ଆଉ କେବେ ଗୁରୁସଙ୍କା ନିମନ୍ତେ ଚାପ ନଆସିଲେ ତୁମ ସହ କଥାହେଇ ସେହି କ୍ରିୟା ନିମନ୍ତେ ପ୍ରେରଣା ପାଉଥିଲି । ତୁମ ସ୍ୱର ସତେକି ମୋ ପାଇଁ ବିଶଲ୍ୟାକରଣୀ । ହଉ ଆଉ କାହା ଜୀବନରେ ଖୁସିର ଫୁଆରା ସୃଜନ କର ।

ଆଉ କାହାର ହେବା ପୂର୍ବରୁ ମୋର ବର୍ତ୍ତମାନର ଅଧିକାରରେ ଗୋଟିଏ କଥା କହିବାକୁ ଚାହେଁ, ଆଜି ତୁମେ ମୋର ଅଛ । କାଲିକି ଏହି ସମୟ ନଥାଇପାରେ । ପରିସ୍ଥିତି ଏମିତି ହେଇପାରେ, ତୁମେ ତୁମେ ହେଇନଥିବ ଆଉ ମୁଁ ଭୁଲିଯାଇଥିବି ନିଜର ଇୟତ୍ତା ।ଏହି ଚଲାପଥ ବଦଳିଯାଇଥିବ, ଯେଉଁଠି ଲକ୍ଷ୍ୟ ନିର୍ଦ୍ଧାରଣ କରି ଆମେ ହଜିଯାଇଥିବା । କିନ୍ତୁ ମନେରଖ । ମୁଁ ଆଜିବି ତୁମକୁ ଭଲ ପାଉଛି ଆଉ ସବୁଦିନେ ତୁମକୁ ଭଲ ପାଇବି । ଯେବେ ତୁମେ କୌଣସି ଅସୁବିଧାରେ ଡାକଦେବ, ମୁଁ ନିଶ୍ଚୟ ଓ' କରିବି ।

ISSN NO.
2582-208X

ବାହାଘର ସବୁ ଝିଅଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣେ । ଆଉ ଆଜିକାଲି ଅନେକ କ୍ଷେତ୍ରରେ ବୋହୂମାନେ ପରିସ୍ଥିତି ସହ ଖାପଖୁଏଇ ଚଳିପାରୁନାହାନ୍ତି । ମୁଁ ତମର ସବୁ ଅଳି ଅଝଟ ସହି ତମ ସହ ଝଗଡ଼ା କରିସାରି ମୁଁ କଥା ଯେମିତି ମିଶଉଥିଲି, ସେମିତି ସବୁ କରିବେ ତାହାର କୌଣସି ନିଶ୍ଚିତତା ନାହିଁ । କିନ୍ତୁ ମନେ ରଖିବ ଧନ, ନିଜକୁ କୌଣସି ପରିସ୍ଥିତିରେ ବି ତଳେ ପକେଇବ ନାହିଁ । ସବୁବେଳେ ସୁନ୍ଦରୀ ପ୍ରେମିକା ଭଳି ଭାଉ ଖାଇବ। ଛାତିରେ ଦୀର୍ଘଶ୍ୱାସ ଭରି ଆଖି ଜକେଇ ଆସୁଛି ଭାବିଲା ବେଳକୁ । ନିଜର ଇୟତ୍ତାକୁ କେତେବି ସ୍ନେହ ଆଉ ପ୍ରେମ ବୋଲା କଥାରେ ଭସେଇ ଦେବନାହିଁ । ଝିଅମାନେ ଯେବେ ଗୋଟିଏ ପୁଅ ପାଖରେ ଏହିଭଳି ପରିସ୍ଥିତିରେ ନିଜକୁ ହଜେଇ ଦିଅନ୍ତି, ସେମାନେ ତାପରେ ଗୁରୁତ୍ୱ କମେଇ ଦିଅନ୍ତି । ସେୟା ପରେ ସହଧର୍ମିଣୀ ପାଲଟିଥିବା ଝିଅଟି କର୍ତ୍ତବ୍ୟ ହେଇଯାଏ । ବୋହୂର କର୍ତ୍ତବ୍ୟରେ ଉଣାକର ସେୟା ମୁଁ ଚାହୁଁନି କିନ୍ତୁ ନିଜର ଏକ ଗୁରୁତ୍ୱ ରଖିବ ସବୁବେଳେ ।

ପ୍ରିୟତମା, ତୁମେ ସେହି ସମୟରେ ମୋ ଜୀବନରେ ଆସିଥିଲ, ଯେଉଁ ସମୟରେ ମୁଁ ଅନେକ ଜିନିଷ ହରେଇ ଦେଇଥିଲି । ତୁମର ପ୍ରତି ଶବ୍ଦରେ ମୋ ଦେହରେ ଏହି ନୂତନ ଶୀହରଣ ଖେଳେଇ ଦୁଃଖ ସବୁ ନାଶ କରିଥିଲା । ଆଜ୍ଞା ଜୟ ଜଗନ୍ନାଥ ପ୍ରଣାମରୁ ପ୍ରାରମ୍ଭ କରିଥିବା ଶବ୍ଦ ଅଜି ତମେ ହେଇଗଲାଣି । ଲୁହ ଗଡ଼ିଗଲା ଏହି କଥା ମନ ପକେଇକି । ତୁମେ ମୋତେ ଅନେକ ଗୁଢ ତତ୍ୱ ସହ ପରିଚୟ କରେଇଥିଲ, ଯାହା ଜାଣିବା ନିମିତ୍ତ ମୋତେ ଅନେକ ବର୍ଷ ଲାଗିଯାଇଥା'ନ୍ତା । ତୁମ କଥା ଭାବିବା ଛଡ଼ା ସେହି ସମୟରେ ଆଉ କିଛି କରୁନଥିଲି । ସେହି ସମୟର ସହଯୋଗ ନିମିତ୍ତ ମୁଁ ଚିରରୁଣି ରହିବି ଧନ ।

ଆମେ କବି ଲୋକ । ଆମର ଭାବନାରେ ପୂର୍ଣ୍ଣତା ହେଇଗଲେ କିଛି ବି ଉଣା ଲାଗେ ନାହିଁ। ଆଉ ସେହି କ୍ରମରେ ତୁମେ ଅନେକ ପରିସ୍ଥିତିରେ ମୋର ହେଇପାରିଛ । ତୁମ ପରିବାର ସହ ପରିଚୟ କରେଇପାରିଛ ।ଅନେକ କ୍ଷେତ୍ରରେ ମୁଁ ନିଷ୍ପତ୍ତି ନେଇଛି । ଏକ ଅପେକ୍ଷାକୃତ ବରପାତ୍ର ମୁଁ ହିଁ ଖଞ୍ଜିଦେଇଛି କହିଲେ ସତ୍ୟର ଅପଳାପ ହେବ ନାହିଁ ।

ISSN NO.
2582-208X

ଶେଷ କଥା କହୁଛି, ତମେ ଆଉ ଚାରି ଛଅ ଦିନ ଗଡ଼ିଗଲେ ବି ମନେ ପଡୁନ । ମୁଁ ମୋ ଜୀବନରେ ଖୁସିରେ ଅଛି । ତୁମେ ତମ ଜୀବନରେ ଖୁସିରେ ରୁହ । ମୋ କଥା ମନେ ପକେଇବାର କୌଣସି ଆବଶ୍ୟକତା ନାହିଁ । ତୁମ ଜୀବନରେ କୌଣସି ଅଭାବ ଅସୁବିଧା ପଡ଼ିଲେ କହିବ । ମୁଁ ଯଥା ସମ୍ଭବ ପ୍ରୟାସ କରିବି ତୁମ ଚଲାପଥରେ କୁସୁମାଞ୍ଜଳି ବିଛେଇ ତୁମକୁ ପୁଲକିତ କରିବା ନିମିତ୍ତ । ସବୁବେଳେ ଆଧ୍ୟାତ୍ମିକତା ଏବଂ ଇଷ୍ଟ ତଥା ଗ୍ରାମଦେବୀଙ୍କ ଭକ୍ତି ଜୀବନରେ ଖୁସିର ଫୁଆରା ଆଣେ । ତୁମେ ଅନେକ ସମୟରେ ତାଙ୍କ ନାମ ନିଅ ଶୁଣି ଖୁସି ଲାଗେ । ତୁମ ଜୀବନର ସେହି ବିଶେଷ କାର୍ଯ୍ୟ ନିମିତ୍ତ ତୁମ ଗ୍ରାମଦେବତୀଙ୍କ ନିକଟରେ ସହଣିକ ଦ୍ରବ୍ୟଟି ପୂଜାର୍ଚ୍ଚନା କରିବାକୁ ଯେମିତି ନଭୁଲ । ଆଇ ଲଭ୍ ୟୁ ଧନ । ହମେଶା କ୍ୟୁଟ ରହେନା ।

ଅପନା ଖୟାଲ ରଖନା, କୋଇ ଜୀ ରହା ହୈ ତୁମ୍ହେ ଦେଖ୍ କେ ।

ଜୟପୁର, ୯୦୭୮୮୩୮୬୨୭

ISSN NO.
2582-208X

# ମଣ୍ଡା ପିଠା ଗୋଲ୍ ଗୋଲ୍



ନୀଳମଣି ଗୁନ୍ଦ

ମଣ୍ଡା ପିଠା ଗୋଲ୍ ଗୋଲ୍ ଭାରି ସୁଆଦିଆ
ପୂର ଭରା ସିଝା ପିଠା ଜାଣୁ ହେଲେ ଖିଆ ।

କେବେ ବି ହୁଅଇ ଛଣା ଆରିଷାଟି ପରି
ଓଡ଼ିଆ ଅସ୍ମିତା ଅଛି କହେ ଗର୍ବ କରି।

ଚାଉଳ ଚୂନାରେ ଆଇ ପାଗଟି ତ ଧରେ
ଭଳି ଭଳି ସିଝା ମଣ୍ଡା ପିଠା ସିଏ କରେ।

ଆଉ ଏବେ କାଁ ଭାଁ ଶୁଭେ ମଣ୍ଡା ନାଆଁ
ଅକାଳେ ସକାଳେ ହୁଏ ଯେଉଁଠାରେ ଗାଆଁ।

ଏବେ ମଇଦା ତିଆରି ମୋମୋ ମିଳେ ସିନା
ସହରୀ ପିଲାଙ୍କ ପ୍ରିୟ ସହରରେ ଚିହ୍ନା।

ମଣ୍ଡା କାକରା ଗଇଣ୍ଠା ନାଆଁ ଶୁଭୁନାହିଁ
ରହିଯିବ ଶବ୍ଦ ହୋଇ  ଅଭିଧାନ ପାଇଁ।

ଦେହକୁ ଅହିତ ଏହି ମୋମୋକୁ ନ ଖାଅ
ମଣ୍ଡାପିଠା ଭାରି ଭଲ ଖାଇ ମଜା ପାଅ ।

ISSN NO.
2582-208X

ଆମେରେ ଓଡ଼ିଆ ଆମ ଭାଷାଟି ଓଡ଼ିଆ
ଆମ ଖାଦ୍ୟ ବେଶଭୂଷା ସେପରି ବଢ଼ିଆ ।

ମଣ୍ଡା ପିଠା ଗୋଲ୍ ଗୋଲ୍ ଯିବା ଚଣ୍ଡିଖୋଲ
ମଣ୍ଡା ବି ବଢ଼ିଆ କୁହ ଯାଇ ରେଢ଼ାଖୋଲ ।

୨୭,ମନ୍ତ୍ର ମାନୋର,ଗୋଠପାଟଣା
ଭୁବନେଶ୍ୱର-୨୯,ମୋ:୯୫୮୩୨୦୨୩୫

ISSN NO.
2582-208X

# ପରୀକ୍ଷା ଫଳ



ଅନାଦି ଚରଣ ବେହେରା

ପରୀକ୍ଷା ସରିଛି ଫଳ ବାହାରିଛି
ପଚ୍ଚରୁଛି ଅଜା ନାତିକୁ ।
କେମିତି ହେଇଛି ପରୀକ୍ଷା ଫଳ ତୋ
କହୁନୁ ରେ କଆଁ ଆମକୁ ।
ନାତି କହୁଛି ଅଜା ଏଥର
ମୋ ମନ ପାଉନ ମୋ ପରିକ୍ଷା ଫଳ
ମୋଟା ମୋଟି ଭଲ ହେଇଛି
କହିବାକୁ ଲାଜ ଲାଗୁଛି ।
ଏମିତି କଣ ? କେତେ ନମ୍ବର ଆଣିଛୁ?
ଭବିଷ୍ୟତ କଥା ଜାଣିଛୁ?
ଏମିତି ଅଳପ ନମ୍ବର ଆଣିଲେ,
କେମିତି ଚଳବ ଭାବୁଛୁ?
ଅଜା କହିଲା, ଶୁଣ ରେ ନାତି
ନମ୍ବର ଖେଳରେ ନ ଭାବି ଅତି
ଭାବି ବିଚାରି ହୁଅ ତିଆରି
ଆଜି ହେଇ ନାହିଁ କାଲିକ ହେବ
ଦୃଢ ଇଚ୍ଛାଶକ୍ତ ଯଦି ତୋ ଥିବ
ଦିନେ ନା ଦିନେ ସଫଳ ହେବ ।
ଆରେ କହୁନୁ କଆଁ?

ISSN NO.
2582-208X

କେତେ ପ୍ରତିଶତ କହ ମନୁଆ
ଲ୍ଜ ଲ୍ଜ ମୁହଁ ନାତି କହୁଛି
ମାତ୍ର ୭୦ ଏଥର ଅଜା ମୁଁ ଯାଇଛି ହାରି
ସବୁ କଥା ଶୁଣି ଅଜା କହିଲ୍
ମୋ ନାତି ନୁହେଁ କ ପାରିବା ବାଲ୍
ମୋ ନାତି ଉପରେ ମୋର ଭରଷା
ଆଜି ନ ହେଲେ ନାହିଁ, ମୁଁ ରଖୁଛି ଆଶା
ଆର ବରଷ ନାତି ମୋ ରଖିବ ବଡ ନମ୍ବର
ଖୁସି ହେବି ଶୁଣି ନାତି ଖବର ॥

ପ୍ରଧାନ ଶିକ୍ଷକ,
ଜୁର୍‌ମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ – ୯୯୩୭୦୬୮୮୦୪

ISSN NO.
2582-208X

# ନିଜ ଯାଗାରେ ନିଜେ ଠିକ୍



କାଳପ୍ରସାଦ ମହାପାତ୍ର

ଦିନେ କାଉଟିଏ ଆକାଶରେ ଉଡିଉଡି ଯାଉ ଯାଉ ଗୋଟିଏ ସ୍ଥିର ଜଳକୁଣ୍ଡ ରେ ତାର ଛବି ଦେଖି ମନରେ ବଡ ଘୃଣା ଆସିଲା କାରଣ ତାର ରଂଗ ପିଚୁପରି କଳା ଥିଲା। ସେ ମନ ଦୁଃଖରେ ଗୋଟିଏ ଗଛ ଉପରେ ବସିପଡି ଆଖିରୁ ଲୁହ ଗଡାଇ କାନ୍ଦିବାରେ ଲାଗିଲା। ସେ ସମୟରେ ଜଣେ ସାଧୁ ସେ ବାଟଦେଇ ଯାଉଥିଲେ ଗଛ ତଳ ଦେଇ ଗଲାବେଳେ ତାଙ୍କ ଉପରେ ଦୁଇ ବୁନ୍ଦା ଲୁହ ଆସି ପଡିଲା। ସେ ଚମକି ଆଶ୍ଚର୍ଯ୍ୟର ସହ ଗଛ ଉପରକୁ ଅନାଇ ଦେଖିଲେ କାଉଟିଏ କାନ୍ଦୁଥିବାରୁ ତାର ଲୁହ ତାଙ୍କ ଉପରେ ପଡୁଛି।

ସାଧୁ ଉପରକୁ ଅନାଇ କାଉଟିକୁ ପଚାରିଲେ, "ହେ! କାଉ ତୁମେ ମନଦୁଃଖରେ କାହିଁକି କାନ୍ଦୁଛ।

କାଉ:-ସାଧୁଙ୍କ ମହାରାଜ, ମୋର ଏ କଳା ରଙ୍ଗ ଓ କର୍କଶ ସ୍ୱର ଯୋଗୁଁ ମୋର ମନଦୁଃଖ। ତେଣୁ ମୁଁ ସେଥିପାଇଁ କାନ୍ଦୁଥିଲି।

ସାଧୁ:- ତାହେଲେ, ତୁ କେଉଁ ପକ୍ଷୀ ହେବାକୁ ଚାହୁଁଛୁ।

କାଉ:-ମୁଁ, ହସଂଟିଏ ହେବାକୁ ଚାହୁଁଛି। କାରଣ ହଂସ ଧଳା ରଙ୍ଗର । ପାଣିରେ ଖୁସିରେ ରହେ ସମସ୍ତେ ଆଦର କରନ୍ତି।

ISSN NO.
2582-208X

ସାଧୁ:-ତାହେଲେ ଠିକ ଅଛି।ମୁଁ ତୋତେ ହଂସ କରିଦେବି। ତା ପୂର୍ବରୁ ଟିକେ ହଂସ ବିଷୟରେ ଥରେ ଯାଇ ବୁଝି ଆସେ।

(ଏହା ସାଧୁଙ୍କ ଠାରୁ ଶୁଣି କାଉ ହଂସ ପାଖରେ ଯାଇ ପହଞ୍ଚିଲା। ସେ ସମୟରେ ହଂସଟି ଗୋଟିଏ ପଦ୍ମ ପୋଖରୀରେ ପହଁରୁଥିଲା। ଥଣ୍ଟରେ ପଦ୍ମ ନାଡଟିଏ ଧରି ଖେଳୁଥିଲା। କାଉକୁ ଦେଖି ହଂସଟି ଆସିବାର କାରଣ ପଚାରିଲା।)

ହଂସ:-କାଉଭାଇ, ତୁମକୁ ସ୍ୱାଗତ। ମୋ ପାଖକୁ ଅବେଳରେ ଆସିବାର କାରଣ କଣ? ତୁମେ ମନ ଦୁଃଖରେ ଥିବାପରି ଜଣା ପଡୁଛ।

କାଉ:-କଣ କହିବି ଭାଇ ମୋର ଏ କଳାଦେହ ଓ କର୍କଶ ସ୍ୱର ଯୋଗୁଁ ମୋର ମନଦୁଃଖ। ତୁମର ରଙ୍ଗ ଧଳା ଓ ସୁନ୍ଦର ତୁମେ ତ ବହୁତ ଖୁସିରେ ଥିବ।

ହଂସ:-ନାଇଁ ଭାଇ ନାଇଁ ମୁଁ କି ଖୁସିରେ ଅଛି। ଦିନଯାକ ପାଣିରେ ଆହୁଲା ମାରିବା ପରି ଗୋଡ ଦୁଇଟାକୁ ଆହୁଲା ମାରିବା ପରି ହଲାଉଥିବି। ପାଣିରୁ କୂଳକୁ ଗଲେ ଡର। ଚାଲ ସାଧୁଙ୍କ ପାଖକୁ ଯିବା।

(ଦୁଇଜଣ ସାଇ ସାଧୁଙ୍କ ପାଖରେ ପହଞ୍ଚିଲେ।)

ସାଧୁ:-ତୁମମାନେ କଣ  ନିଷ୍ପତ୍ତି ନେଲ?

କାଉ ଓ ହଂସ;-ଆମ୍ଭମାନଙ୍କୁ ଶୁଆ କରିଦିଅନ୍ତୁ। ଶୁଆର ନାଲିଥଣ୍ଟ, ମଣିଷ ପରି କଥା କହେ ଓ ସବୁଜ ରଂଗ ଦେଖିବାକୁ ସୁନ୍ଦର ଲାଗେ।

ସାଧୁ:-ତାହେଲେ, ଥରେ ଶୁଆ ପାଖକୁ ଯାଇ ତା' ବିଷୟରେ ତା'ଠାରୁ ବୁଝିଆସ।

ତାପରେ ହଂସ ଓ କାଉ ଦୁହେଁ ଶୁଆ ପାଖରେ ପହଞ୍ଚି ସବୁ କଥା ଜଣାଇଲେ। ଶୁଆ କହଲା ଯେ ତାର ରଂଗ ପତ୍ର ସହ ମିଶିଯାଉଛି ଓ ମଣିଷ ତାକୁ ନେଇ ପଞ୍ଜୁରୀ ଭିତରେ ବନ୍ଦି

ISSN NO.
2582-208X

ଭାବରେ ରଖୁଛି। ମୟୁର ସବୁଠାରୁ ସୁନ୍ଦର ତାର ପୁଚ୍ଛ ସୁନ୍ଦର। ବର୍ଷା ଆସିଲେ ଖୁସିରେ ନାଚେ। ତେଣୁ ସେମାନଙ୍କୁ ମୟୁର କରିଦେବାକୁ ସେମାନେ ସାଧୁଙ୍କୁ କହିଲେ। ସାଧୁ ସେମାନଙ୍କୁ ମୟୁରକୁ ଥରେ ପଚାରି ଆସିବାକୁ କହିଲେ।

ତିନିଜଣ ମୟୁର ପାଖକୁ ଯାଇ ସବୁ କହିଲେ, "ତୁମେ ବହୁତ ସୁନ୍ଦର ଜଙ୍ଗଲରେ ଆରାମରେ ବୁଲୁଛ ଡରଭୟ ନାହିଁ। ବର୍ଷା ଆସିଲେ ନାଚୁଛ। ତେଣୁ ମୟୁର ଜନ୍ମ ସବୁଠାରୁ ଭଲ"। ଏ ସମୟରେ ଢୋ ! ଢା ! ଶବ୍ଦ ହେଲା। ଦେଖାଗଲା ମୟୁରଟି ରକ୍ତ ଜୁଡୁବୁଡୁ ହୋଇ ପଡିଛି। ପରେ ହଂସ ଓ ଶୁଆର ମଧ୍ୟ ଏକା ଦଶା ହେଲା।

ଶେଷରେ କାଉ ଭାବିଲା ମୋତେ ସମସ୍ତେ ଘୃଣା କଲେ କଣ ହେଲା ମୋ ଜୀବନ ନିରାପଦ ଓ ମୋତେ କେହି ମାରି ଖାଆନ୍ତି ନାହିଁ। ସବୁଠାରୁ ମୋ ଜୀବନ ଭଲ। ସେ ନିଜର ଭୁଲ ବୁଝିପାରି ସାଧୁଙ୍କ ପାଖକୁ ଯାଇ ତାଙ୍କୁ ପ୍ରଣାମ କରି ସେଠାରୁ ଉଡି ଚାଲିଗଲା।

ତେଣୁ ନିଜ ଯାଗାରେ ନିଜେ ଠିକ୍।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଗୀତରେ ଗଣିତ



ଅମରନାଥ ବାରିକ୍

ଗଛେ ରହୁଥିଲେ ପକ୍ଷୀ ଯେତିକ
ଅଧା ଉଡ଼ିଗଲେ ଖାଦ୍ୟ ପାଇଁକି ।
ବାକି ବସିଛନ୍ତି ଅଧା ଛ ଗୋଟି
ତେବେ କୁହ ପକ୍ଷୀ ଥିଲେ କେତୋଟି ?
(ଉ -:୧୨/ବାର)

ଜଙ୍ଗଲରେ ହାତୀ ଦଶଟି ଥିଲେ
ପ୍ରାଣୀ ଉଦ୍ୟାନକୁ ଦୁଇଟି ଗଲେ ।
ଗାଆଁ ବୁଲିବାକୁ ଗୋଟିଏ ଗଲା
ଜଙ୍ଗଲରେ ଆଉ କେତେ ରହିଲା ?
(ଉ -:୭/ସାତ)

ଆଇ ରଖିଥିଲେ ତେରଟି ଗାଈ
ଅଜା ନଅନ୍ତି ଚରାଇବା ପାଇଁ ।
ନ ଯାଇ ଗୁହାଳେ ତିନି ରହିଲେ
ଚରିବାକୁ ତେବେ କେତେଟି ଗଲେ ?
(ଉ -:୧୦/ଦଶ)

ISSN NO.
2582-208X

ଗାତରେ ଢମଣା ଗୋଟିଏ ଥିଲା
କେଳା ଆସି ତାକୁ ଧରିଣ ନେଲା ।
କୁହ ପିଲେ ଏବେ ସେହି ଗାତରେ
ରହିଛି ଢମଣା କେତେ ଗୋଟିରେ ?
(ଉ -:୦/ଜମା ନାହିଁ)

କୁନା ଯାଇଥିଲା ମାମୁଁ ଘରକୁ
ମାଇଁ ପାଞ୍ଚ ଟଙ୍କା ଦେଲେ କୁନାକୁ ।
ଟଙ୍କାକରେ କୁନା ଚୁଚୁମା ନେଲା
କୁନା ପାଖେ ଆଉ କେତେ ରହିଲା ?
(ଉ -:୪/ଚ୍ଚରି)

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର, ଜି-ଯାଜପୁର
ଓଡ଼ିଶା, ପିନ୍ ନମ୍ବର - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

ISSN NO.
2582-208X

# ଚିତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ,ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମୀକ୍ଷା

## ବେଦାନ୍ତୀ –
## ଅଗଷ୍ଟ – ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାକୁ ଦେଖି ମୁଁ ପୁଣି ଭ୍ରମରେ ପଡିଗଲି। ରେଶମ୍ ଭଳି ଚିକ୍କଣ, ଗାଢ ହଳଦି ରଙ୍ଗର ପାଖୁଡା ସହିତ କଳା କେଶର ଯୁକ୍ତ ସୁନ୍ଦର ଫୁଲଟିକୁ ଦେଖିବା ମାତ୍ରେ ସୂର୍ଯ୍ୟମୁଖି ଫୁଲର ନାମ ମୋ ମନକୁ ଆସିଗଲା। କିନ୍ତୁ କିଛି ସମୟ ଭଲକି ନିରୀକ୍ଷଣ କଲା ପରେ ମୋତେ ଲାଗିଲା ଏଇଟା ତ ସୂର୍ଯ୍ୟମୁଖି ନୁହେଁ। ତାହାଲେ ପୁଣି ଏଇଟା କି ଫୁଲ! ଗୁଗଲ୍ ବାବାଙ୍କୁ ପଚାରିବାରୁ ଉତ୍ତର ଆସିଲା– ଏହା ଏକ ଏଷ୍ଟରାସି ପ୍ରଜାତିର ଫୁଲ ଏବଂ ଡେଜି ନାମରେ ପରିଚିତ।

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ସୁନ୍ଦର ଉପସ୍ଥାପନା କରି କହିଛନ୍ତି– ମନୁଷ୍ୟକୁ ଯେତେବେଳେ ତାର ବୁଦ୍ଧି ପାଇଁ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ ରୂପେ ସମ୍ମାନ ମିଳିଛି, ଏହି ବୁଦ୍ଧିର ବିଶାଳତାକୁ, କ୍ଷମତାକୁ ଆମେ କେବଳ ସ୍ୱାର୍ଥପରତା ଆଉ ସ୍ୱହାନିଲାଭରେ ବିନିଯୋଗ ନ କରି ସମାଜ ଏବଂ ସଂସାରର ଉନ୍ନତି ତଥା ପ୍ରଗତି ଦିଗରେ ମଧ୍ୟ ପ୍ରୟୋଗ କରିବା ଉଚିତ।

ଭିତର ପୃଷ୍ଠାରେ ସବୁଥର ପରି ବିଭିନ୍ନ ବିଭାଗ ସହିତ ବିଭିନ୍ନ ବିଷୟବସ୍ତୁକୁ ନେଇ ରହିଛି ଅସଂଖ୍ୟ ଗଳ୍ପ ଓ କବିତା।

ISSN NO.
2582-208X

ପ୍ରଥମ ଗଳ୍ପ ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ ଡି. ଏଫ୍. ଓ. ଅସୀମଙ୍କର, ସହକର୍ମୀ ମାନଙ୍କ ସହିତ ସୁର ସଂଗୀତ ଭରା ସାଂସ୍କୃତିକ ସଂନ୍ଧ୍ୟା ଏବଂ ସମୁଦ୍ରରୁ ମାଛ ଧରିବା ଭଳି କିଛି ଅବିସ୍ମରଣୀୟ ଅନୁଭୂତି। "ଶୀର୍ଷର ମଣିଷ" ସିଏ ନୁହେଁ ଯିଏ ସବୁ ପ୍ରତିଯୋଗିତାରେ ଆଗରେ ଥାଏ ମାତ୍ର ଯିଏ ସବୁ ପ୍ରତିଦ୍ୱନ୍ଦିତାକୁ ଭୁଲି ବନ୍ଧୁତାର ହାତ ବଢାଇଥାଏ। ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଜ୍ଞାନର ସନ୍ଧାନରେ, ଜୀବନର ସନ୍ଧାନରେ, ଅଭି ଯାତ୍ରା କରୁଛି କଟକ ଅଭିମୁଖେ ରେଭେନ୍ସା କଲେଜ୍ ରେ ପାଠ ପଢିବାକୁ। "ମିଡିଲ କ୍ଲାସ" ହୋଇ ଜନ୍ମ ହେବା କୌଣସି ବରଦାନ ଠାରୁ କମ୍ ନୁହେଁ। ଶିକ୍ଷଣୀୟ ବିଷୟ, "ଲଳିତ ନିବନ୍ଧ- ଅତିଥି ସତ୍କାର" ଏବଂ "ଶ୍ରେଷ୍ଠ ଉଦ୍ଭାବନ: କଲମ"। ତଥ୍ୟ ସମ୍ବଳିତ, "ନୂତନ ଆଇନ - ଏକ ଅବଲୋକନ" ଏବଂ "ଚନ୍ଦ୍ରରୁ ଆସିଲା ମାଟି ନମୁନା ! ଚାଙ୍ଗ, ଇ-୬ର ସଫଳତା"। "ଆସ୍ଥା ଏବଂ ଧର୍ମାନ୍ଧତା" - ଏକ ସ୍ପୃହଣୀୟ ତଥା ଗୁରୁତ୍ୱଥିବା ବିଷୟ। ଏମିତି ରହିଛି ଆହୁରି ଅନେକ ଗଳ୍ପ ଓ ବିଭିନ୍ନ ବିଷୟ ଉପରେ ଆଲେଖ୍ୟ।

କବିତା ଶୀର୍ଷରେ "ଜୀବନ ଝୁଲୁଛି ପେଣ୍ଡୁଲମ୍ ପରି"। ବେଳ ଥାଉ ଥାଉ "କରିବା ବୃକ୍ଷ ରୋପଣ", ନହେଲେ ଚାରିଆଡେ ଖାଲି ମିଳିବ "କଙ୍କାଳ" ଆଉ କଙ୍କାଳ। ଯୁଗେ ଯୁଗେ ନାରୀ ଖୋଜେ ଏଠି "ନ୍ୟାୟ ଶୃଙ୍ଖଳ.."! "ମୁଁ ଚାହେଁ.." ଆଜି ଶାନ୍ତି ମୈତ୍ରୀ ଆଉ ସଂହତିର ବାର୍ତ୍ତା। "ଏଇଠି ଅମୃତ ଏଇଠି ବିଷ", "କର୍ମ" ଅଟେ ତୋର "ଜୀବନ ଦର୍ଶନ" ନହେଲେ ହଜାଇବୁ ତୋର ନିଜ "ପରିଚୟ"।

"ନୂତନ ଆଶା" ରେ ମାନବ ବଞ୍ଚଇ, "ହଟୁଛି ଅନ୍ଧାର"- ପ୍ରଦୀପ ଜଳାଇ ଶିକ୍ଷା ଓ ସଚେତନର। "ମୋ' ଓଡିଆରେ ପ୍ରଭାତ ବର୍ଣ୍ଣନା" ଅତି ମନୋରମ। "ବନ୍ଧୁ ହେବ ତ ଏମିତି"- ପାଖେ ରହିଥିବ ଛାଇ ହୋଇ, ନିଜ ଭବିଷ୍ୟତ ନ ଭାବି।

"ଆସିବନି କେବେ" ତୁମେ ଅଦିନିଆ ମେଘଟିଏ ହୋଇ। "ନଇ ଚାହେଁ..." ସାଗର କୋଳରେ ନିଶ୍ଚିନ୍ତ ନିଦ୍ରା ଯିବା ପାଇଁ।

"ଆହେ ଦୟାମୟ", "ଅନ୍ତର୍ଯ୍ୟାମୀ ନାଥ" ବିଶ୍ୱ ବ୍ରହ୍ମାଣ୍ଡର ରଚୟିତା ତୁମେ, "ସବୁ ତୁମ ବଳୟରେ"। ଏକରେ ଅନେକ "ଅନେକରେ ଏକ" କଳା କହ୍ନେଇ ମୋ "କଳା ବାମନ"ଲୋ "ଏମିତି ଠାକୁର ଜଗତେ ନାହିଁ"। "ସମ୍ବୋଧନର ସମ୍ମୋହନ"- ରାଧେ!!

ISSN NO.
2582-208X

"ଆଜି ବିବାହ ବାର୍ଷିକୀ ଆମର"- ଲେଖିକା ଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଶେଷରେ ଏଇ ଆମ "ମହାନ୍ ଭାରତ ବର୍ଷ" ର ସଙ୍ଗୀତ ଗାଇବା, "ଅଗଷ୍ଟ ପନ୍ଦର" ଉତ୍ସବ ପାଳିବା।

ସ୍ୱାସ୍ଥ୍ୟ ବିଭାଗରେ ରହିଛି ବର୍ଷା ଦିନରେ ବ୍ୟାପୁଥିବା "ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆର ପ୍ରତିକାର ଓ ପ୍ରତିରୋଧ ଉପାୟ" ଏବଂ "ଆଜି ଆସନ୍ତୁ ଜାଣିବା ସ୍ୱାସ୍ଥ୍ୟବର୍ଦ୍ଧକ ଲେମ୍ବୁ ସମ୍ବନ୍ଧରେ"।

ଶିଶୁବିଭାଗରେ ଅତ୍ୟନ୍ତ ପୁଷ୍ଟିସାର ଯୁକ୍ତ ସୋୟାବିନ୍ କୁ "ମାଉଁସକୁ ଯାଏ ବଳି, ମାଉଁସ ଭଳିଆ ବଡି" ଭାବେ କହି ପିଲାମାନଙ୍କୁ ଖାଇବା ପାଇଁ ଉତ୍ସାହିତ କରିଛନ୍ତି ପ୍ରଧାନ ଶିକ୍ଷକ। କେତୋଟି ମଜାଦାର୍ କବିତା ସହିତ "କାନ୍ଦୁଛି ଜଙ୍ଗଲ" ବୋଲି ଏକ ସୁନ୍ଦର ଗପ କହି ଲେଖିକା ପିଲାମାନଙ୍କୁ ଗଛ ଲଗାଇବା ପାଇଁ ଉତ୍ସାହିତ କରିଛନ୍ତି। କୁନି ଆଦବିକା ଆଙ୍କି ଦେଇଛନ୍ତି ପ୍ରାତଃ କାଳର ସତେଜତା ଆଉ ସକାଳର ସୁନେଲି ରଙ୍ଗରେ ରଙ୍ଗେଇ ହେଉଥିବା ହଂସ ଯୁଗୋଳ ସହିତ ସୂର୍ଯ୍ୟଦେବଙ୍କ କୋମଳ ସ୍ପର୍ଶରେ ହସି ଉଠୁଥିବା ଧରଣୀ।

ଏ ମାସରେ ପର୍ବପର୍ବାଣୀର ତାଲିକା ଖୁବ୍ ଲମ୍ବା। ଆରମ୍ଭରେ ମୋ ପ୍ରିୟ ଚିତଉ ପିଠାର ପର୍ବ 'ଚିତଉ ଅମାବାସ୍ୟା', ଭାଇ ଭଉଣୀଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେମର ପବିତ୍ର ବନ୍ଧନର ପ୍ରତୀକ ଭାବେ ପାଳିତ ରକ୍ଷା ବନ୍ଧନ, ପୁଣି ନଟଖଟ ନନ୍ଦଲାଲଙ୍କ ଜନ୍ମୋତ୍ସବ 'ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ' ଏବଂ ଆମ ଦେଶର ଗର୍ବ ଓ ଗୌରବର ଦିନ 'ସ୍ୱାଧୀନତା ଦିବସ'। ଆସନ୍ତୁ ସମସ୍ତେ ମିଶି ୭୮ ତମ ସ୍ୱାଧୀନତା ଦିବସକୁ ପ୍ରାଣ ଭରି ଉପଭୋଗ କରିବା ଆଉ ପୂର୍ଣ୍ଣ ଉତ୍ସାହରେ ଏକ ସ୍ୱରରେ, ଏକା ସାଙ୍ଗରେ ଗାଇବା - ଭାରତ ମାତା କି, ଜୟ !!

**ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।**

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ସେପ୍ଟେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୨/୦୯/୨୦୨୪ | ସପ୍ତପୁରୀ ଅମାବାସ୍ୟା |
| ୦୪/୦୯/୨୦୨୪ | ଚନ୍ଦ୍ରଦର୍ଶନ ଓ ପୂଜା |
| ୦୫/୦୯/୨୦୨୪ | ଗୁରୁ ଦିବସ ଓ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସ |
| ୦୬/୦୯/୨୦୨୪ | ବାଲି ତୃତୀୟା, ଗୌରୀ ବ୍ରତ |
| ୦୭/୦୯/୨୦୨୪ | ଶ୍ରୀ ଗଣେଶ ଚତୁର୍ଥୀ ବ୍ରତ |
| ୦୮/୦୯/୨୦୨୪ | ନୂଆଖାଇ |
| ୦୯/୦୯/୨୦୨୪ | ଷାଷ୍ଠୀ ଓଷା ଓ ସୋମନାଥ ବ୍ରତ ଆରମ୍ଭ |
| ୧୦/୦୯/୨୦୨୪ | ଲଳିତା ସପ୍ତମୀ |
| ୧୧/୦୯/୨୦୨୪ | ଶ୍ରୀ ରାଧାଷ୍ଟମୀ |
| ୧୨/୦୯/୨୦୨୪ | ତାଳ ନବମୀ ଓ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ |
| ୧୫/୦୯/୨୦୨୪ | ସୁନିଆଁ, ବାମନ ଜନ୍ମ ଓ ୧୪୩୨ ସାଲ ପ୍ରବେଶ |
| ୧୬/୦୯/୨୦୨୪ | କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା, ମହାପୁରୁଷ ମହମ୍ମଦଙ୍କ ଜନ୍ମ ଦିବସ |
| ୧୭/୦୯/୨୦୨୪ | ଅନନ୍ତ ବ୍ରତ |
| ୧୮/୦୯/୨୦୨୪ | ପୂର୍ଣ୍ଣିମା, ଭାଗବତ ଜନ୍ମ, ଇନ୍ଦ୍ରୋତ୍ସବ |
| ୨୨/୦୯/୨୦୨୪ | ଅଶ୍ୱ ପଞ୍ଚମୀ |
| ୨୩/୦୯/୨୦୨୪ | ଗଜଷଷ୍ଠୀ |
| ୨୪/୦୯/୨୦୨୪ | ଦେବ୍ୟୁତଥାପନ, ମୂଳାଷ୍ଟମୀ, ସହସ୍ର କୁମ୍ଭାଭିଷେକ, ଦ୍ୱିତୀବାହନ ଓଷା |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ଅଗଷ୍ଟ ମାସର ବିଜେତାଙ୍କ ନାମ



ISSN NO.
2582-208X

ପଣସ ଉପରେ ପଣସ
କେମିତି ହୋଇଛି ଦେଖ
ପଣସ କଠାକୁ ନେବ କଏ
ଜଲଦି ଜଲଦି ଆସ
ଘରେ ନେଇ ଯଦି ଗୃଉଳ ବାଟିକ
ପଣସ କଠାକୁ ଭଜିବ
ଖାଇବାକୁ ଆଉ ଡକା ପଡିବନ
ଛୁଆ ଆସି ଚୁପ୍ ଗୃପ୍ ବସିବ

ବିଜେତା: ସାଗରୀକା ଆଗ୍ଭର୍ଯ୍ୟ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚନ୍ଦ କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନଜସ୍ୱ। ପ୍ରଚ୍ଛଦପଟ୍ଟ ଚନ୍ଦ ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚନ୍ଦକୁ ମଧ ବ୍ୟବହାର କରାଯାଇଥାଏ। ଯଦି କୌଣସି ପାଠକ/ପାଠିକା ନଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଗ୍ଭହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ। ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

# ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଭର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ:vedantimagazine@gmail.com।ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**